# ଧରିତ୍ରୀ
DHARITRI

ସମ୍ବଲପୁର, ମଙ୍ଗଳବାର, ସେପ୍ଟେମ୍ବର ୧୭/୨୦୧୯ (୧୬ ପୃଷ୍ଠା) Sambalpur, Tuesday, September 17 / 2019 ★★

୧୫ଶ ଭାଗ ୨୭୧ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୪/-






**ଶୁଭ୍ରାଂଶୁ ଅଧିନାୟକ**

ବିଜୟ ହଜାରେ ଟ୍ରଫି ଏକଦିବସୀୟ ଘରୋଇ କ୍ରିକେଟ ଟୁର୍ଣ୍ଣାମେଣ୍ଟ ପାଇଁ ଶୁଭ୍ରାଂଶୁ ସେନାପତି ଓଡ଼ିଶା ଦଳର ଅଧିନାୟକ ମନୋନୀତ ହୋଇଛନ୍ତି।

**୧୫ ୦୯**

**କିସିଂ ସିନ୍ ଅଭ୍ୟାସ କରିବାକୁ କହିଥିଲେ**

ବଲିଉଡ୍ ଜଗତରେ ନୂଆ ନୂଆ ପାଦ ଥାପିଥିବା ବେଳେ ଦୁଇ ଥର କାଷ୍ଟିଂ କାଉଚ୍‌ର ଶିକାର ହୋଇଥିଲେ ବୋଲି 'ହେଟ୍‌ଷ୍ଟୋରୀ-୨' ଷ୍ଟାର ଜରିନ୍ ଖାନ୍ କହିଛନ୍ତି।



# ଏନ୍‌ଏଫ୍‌ଏସ୍‌ଏରୁ ବାଦ ପଡ଼ିପାରନ୍ତି ୧୯ ଲକ୍ଷ

## ଆଧାର ଛଡ଼ାଇନେବ ରାଶନ, ଚିନ୍ତାରେ ହିତାଧିକାରୀ

ଭୁବନେଶ୍ୱର,୧୬।୯(ବ୍ୟୁରୋ)

ଭୋକ ଉପାସରେ କେହି ରହିବେ ନାହିଁ। ଦେଶର ସମସ୍ତ ଗରିବ ଲୋକଙ୍କୁ ଦିନକୁ ଦୁଇମୁଠା ପେଟ ଭରି ଖାଇବାକୁ ମିଳିବ। ଏହି ଲକ୍ଷ୍ୟରେ କେନ୍ଦ୍ର ସରକାର ଆରମ୍ଭ କରିଛନ୍ତି ଜାତୀୟ ଖାଦ୍ୟ ନିରାପତ୍ତା ଆଇନ (ଏନ୍‌ଏଫ୍‌ଏସ୍‌ଏ)। ରାଜ୍ୟ ସରକାର ମଧ୍ୟ ରାଜ୍ୟ ଖାଦ୍ୟ ସୁରକ୍ଷା ସ୍କିମ୍(ଏସ୍‌ଏଫ୍‌ଏସ୍‌ଏସ୍)ରେ କାର୍ଯ୍ୟକାରୀ କରିଛନ୍ତି। ଏହି ଦୁଇଟି ଯୋଜନା କେବଳ ଗରିବ ଲୋକଙ୍କ ପେଟରେ ଦାନା ଦେବାକୁ କରାଯାଇଛି। ମାତ୍ର ବିଡମ୍ବନାର ବିଷୟ ଯେ, ଆଧାର କାର୍ଡକୁ ସର୍ବୋଚ୍ଚ ମାପଦଣ୍ଡ ଭାବେ ସରକାର ଧରି ନେଇଥିବାରୁ ୧ ଲକ୍ଷ ୮୪ ହଜାର ୯୫୦ ପରିବାରର ୧୮ଲକ୍ଷ ୬୭ ହଜାର ୮୦୩ ହିତାଧିକାରୀ ରାଶନ ପାଇବାରୁ ବଞ୍ଚିତ ହେବାକୁ ଯାଉଛନ୍ତି। କାରଣ ସେମାନେ ରାଶନ କାର୍ଡ ସହ ଆଧାର ସଂଯୋଗ କରିନାହାନ୍ତି। ଅଦ୍ୟାବଧି ଅନେକ ଲୋକଙ୍କ ଆଧାର କାର୍ଡ ହୋଇପାରିନାହିଁ। ଯାନ୍ତ୍ରିକ କିମ୍ବା ବ୍ୟବସ୍ଥାରେ ତ୍ରୁଟି ହେଉ କି ଅଙ୍ଗୁଳି ଚିହ୍ନ ହୋଇ ନ ପାରିବା ଭଳି ସମସ୍ୟା ହେଉ, ଲୋକେ ନିଜର ଆଧାର କାର୍ଡ କରିପାରୁନାହାନ୍ତି। ଏଭଳିସ୍ଥଳେ ରାଶନ ପାଇଁ ଆଧାରକୁ ବାଧ୍ୟତାମୂଳକ କରାଯିବା ଯୋଗୁ ୧୮ଲକ୍ଷ ୬୭ ହଜାର ୮୦୩ ଲୋକ ଏନ୍‌ଏଫ୍‌ଏସ୍‌ଏ ବାଦ୍ ପଡ଼ିପାରନ୍ତି।

**■ ୯୭.୯ % ପରିବାରଙ୍କର ଏନ୍‌ଏଫ୍‌ଏସ୍‌ଏରେ ଆଧାର ସଂଯୋଗ ହେଲା**



ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ ରାଜ୍ୟରେ ୮୮ ଲକ୍ଷ ୨୮ ହଜାର ୪୧୯ ପରିବାରର ୩ କୋଟି ୭ ଲକ୍ଷ ୩୦ ହଜାର ୧୯୭ ଜଣ ବ୍ୟକ୍ତିଙ୍କୁ ଆଧାର ସହ ଯୋଡ଼ାଯାଇଛି। ଅର୍ଥାତ୍ ସେପ୍ଟେମ୍ବର ୧୬ ତାରିଖ ସୁଦ୍ଧା ୯୭.୯ ପ୍ରତିଶତ ପରିବାର ଏବଂ ୯୪.୩ ପ୍ରତିଶତ ବ୍ୟକ୍ତିଙ୍କର ଏନ୍‌ଏଫ୍‌ଏସ୍‌ଏ ସହ ଆଧାର ଲିଙ୍କ ହୋଇଛି। ଆଧାର ସଂଯୋଗ ହେବା ପରେ ଅଦ୍ୟାବଧି ୮ ଲକ୍ଷ ୮୦ ହଜାର ୬୪୯ ହିତାଧିକାରୀ ଏସ୍‌ଏଫ୍‌ଏସ୍‌ଏସ୍‌ରୁ ଏନ୍‌ଏଫ୍‌ଏସ୍‌ଏକୁ ଯୋଡ଼ାଯାଇଛି। ସେଥିରୁ ଗଞ୍ଜାମ ଜିଲାର ସର୍ବାଧିକ ୧ ଲକ୍ଷ ୩ ହଜାର ୨୯୮, ବାଲେଶ୍ୱରରେ ୪୫, ୬୬୨, ବରଗଡ ୨୫,୮୯୦, ଭଦ୍ରକ ୩୨, ୭୧୭, ବଲାଙ୍ଗୀର ୫୨,୭୬୯, କଟକ ୪୦,୬୭୮, ଢେଙ୍କାନାଳ ୨୬,୯୪୬, ଜଗତ୍‌ସିଂହପୁର ୪୨,୯୫୮, କଳାହାଣ୍ଡି ୩୬,୩୦୭, କେନ୍ଦ୍ରାପଡା ୩୯,୨୧୫, କେନ୍ଦୁଝର ୩୩,୮୫୨, ଖୋର୍ଦ୍ଧା ୩୩ ,୧୭୧, କୋରାପୁଟ ୨୬,୮୫୪, ମୟୂରଭଞ୍ଜ ୩୬,୬୪୩, ପୁରୀ ୫୦,୮୯୧ ଏବଂ ସୁନ୍ଦରଗଡ ଜିଲାର ସର୍ବାଧିକ ୩୦,୯୮୭ ଜଣଙ୍କୁ ଏନ୍‌ଏଫ୍‌ଏସ୍‌ଏରେ ଯୋଡ଼ାଯାଇଛି।

ଗାଇଡ୍ ଲାଇନ୍ ଅନୁଯାୟୀ ୬ଟି ମାନଦଣ୍ଡ ଆଧାରରେ ଗରିବ ଲୋକଙ୍କୁ କେନ୍ଦ୍ର ସରକାରଙ୍କ ଏନ୍‌ଏଫ୍‌ଏସ୍‌ଏରେ ସାମିଲ କରାଯାଉଥିବା ବେଳେ ୯ଟି ମାନଦଣ୍ଡ ଆଧାରରେ ସ୍ୱଚ୍ଛଳ ବର୍ଗଙ୍କୁ ଏଥିରୁ ବାଦ୍ ଦିଆଯିବାର ବ୍ୟବସ୍ଥା ରହିଛି। ତେବେ ତଥ୍ୟ ଗୋପନ ରଖି ଲକ୍ଷ ଲକ୍ଷ ଅସାଧୁ ବ୍ୟକ୍ତି ଏହି ଯୋଜନାରେ ସାମିଲ ହୋଇ ଭରପୂର ଫାଇଦା ଉଠାଉଥିଲେ। ଏ ନେଇ ବିଭିନ୍ନ ମହଲରୁ ଅଭିଯୋଗ ଆସିବା ପରେ ଅଯୋଗ୍ୟ ହିତାଧିକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ଧରପଗଡ଼ ମଧ୍ୟ ଜୋରଦାର ହୋଇଥିଲା। ଅଯୋଗ୍ୟ ବ୍ୟକ୍ତିଙ୍କ ନାମରେ ଫୌଜଦାରି ମାମଲା ରୁଜୁ ହୋଇଥିଲା। ବେଆଇନ ଭାବେ ନେଇଥିବା ଖାଦ୍ୟ ଶସ୍ୟ ବାବଦରେ ବଜାର ଦର ଅର୍ଥ ପଇଠ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ତନାଘନା ଯୋଗୁ ଲକ୍ଷଲକ୍ଷ ସଂଖ୍ୟାରେ ବେଆଇନ ରାଶନ କାର୍ଡଧାରୀ ଭୟରେ ଫେରାଇ ଦେଇଥିଲେ। ଖାଦ୍ୟ ଶସ୍ୟ ବାବଦରେ ବେଆଇନ ରାଶନ କାର୍ଡଧାରୀଙ୍କ ଠାରୁ ୪୨ କୋଟି ୧୩ ଲକ୍ଷ ୯୦ ହଜାର ଟଙ୍କା ଜରିମାନା ଆକାରରେ ଆଦାୟ କରାଯାଇଥିଲା। କିନ୍ତୁ ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ବେଆଇନ ରାଶନ କାର୍ଡଧାରୀଙ୍କଠାରୁ ଆଦାୟ କରିଥିବା ଜରିମାନା ବାବଦ ୩୬ କୋଟି ୨୭ ଲକ୍ଷ ୫୫ ହଜାର ୬୮୫ ଟଙ୍କା ଫେରାଇବା ସହ ମକଦ୍ଦମା ଉଠାଇ ଦେଇଥିଲେ। ଏହାର ସୁଯୋଗ ନେଇ ପୁଣି ବେଆଇନ ଏବଂ ଅସାଧୁ ଲୋକମାନେ ଏନ୍‌ଏଫ୍‌ଏସ୍‌ଏ କାର୍ଡ ହାତେଇବାରେ ସଫଳ ହୋଇଥିବା ଅଭିଯୋଗ ଉଠିଲା। ତେଣୁ ବେଆଇନ କାର୍ଯ୍ୟକୁ ରୋକିବା ପାଇଁ କେନ୍ଦ୍ର ସରକାର ଆଧାରକୁ ରାଶନ କାର୍ଡ ସହ ଶତପ୍ରତିଶତ ସଂଯୋଗ କରିବାକୁ ରାଜ୍ୟକୁ ନିର୍ଦ୍ଦେଶ ଦେଲେ। ଆଧାର ସଂଯୋଗ ନ ହେଲେ ରାଶନ ଯୋଗାଇ ଦିଆଯିବ ନାହିଁ ବୋଲି ସରକାରଙ୍କ ପକ୍ଷରୁ କୁହାଯାଉଛି। ହେଲେ ବିଭିନ୍ନ ସମସ୍ୟାରୁ ଆଧାର କାର୍ଡ ପାଇପାରି ନ ଥିବା ଲକ୍ଷ ଲକ୍ଷ ହିତାଧିକାରୀ ଯେ ବେଆଇନ ଭାବେ ଏନ୍‌ଏଫ୍‌ଏସ୍‌ଏ କାର୍ଡ ପାଇଛନ୍ତି ତାହା ସରକାର କିଭଳି କହିପାରିବେ ବୋଲି ପ୍ରଶ୍ନ ଉଠୁଛି। ଏଭଳି ସ୍ଥଳେ ସେମାନଙ୍କୁ ରାଶନ ପାଇବାରୁ ବଞ୍ଚିତ କରିବା କେତେଦୂର ଯୁକ୍ତିଯୁକ୍ତ ବୋଲି ଆଲୋଚନା ହେଉଛି।

ଯୋଗାଣ ବିଭାଗର ଜଣେ ଅଧିକାରୀ କହିଛନ୍ତି ଯେ, ଆଧାର ସଂଯୋଗ ପାଇଁ ୩ ମାସିଆ ଡେଡ୍‌ଲାଇନ ☞ ପୃଷ୍ଠା-୪

■ ୩୭୦ ଉଚ୍ଛେଦ ବିରୋଧରେ ଆବେଦନର ଶୁଣାଣି

# କଶ୍ମୀରରେ ସ୍ୱାଭାବିକ ଅବସ୍ଥା ଫେରାଇଆଣିବାକୁ ପରାମର୍ଶ



ନୂଆଦିଲ୍ଲୀ,୧୬।୯(ପି.ଟି.)

କଶ୍ମୀର ଉପତ୍ୟକାରେ ଯଥାଶୀଘ୍ର ସମ୍ଭବ ସ୍ୱାଭାବିକ ଅବସ୍ଥା ଫେରାଇ ଆଣିବା ପାଇଁ ସମସ୍ତ ଉଦ୍ୟମ କରାଯାଉ ବୋଲି ସୁପ୍ରିମକୋର୍ଟ ସୋମବାର କେନ୍ଦ୍ର ସରକାର ଓ ଜମ୍ମୁ-କଶ୍ମୀର ପ୍ରଶାସନକୁ ପରାମର୍ଶ ଦେଇଛନ୍ତି। ତେବେ ଜାତୀୟ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏହି ପ୍ରକ୍ରିୟା ଚୟନାତ୍ମକ ଆଧାରରେ ହେବା ଆବଶ୍ୟକ ବୋଲି ମଧ୍ୟ ସର୍ବୋଚ୍ଚ ଅଦାଲତ ସ୍ପଷ୍ଟ କରିଦେଇଛନ୍ତି। ରାଜ୍ୟରେ ସ୍ୱାଭାବିକ ଅବସ୍ଥା ଫେରାଇ ଆଣିବା ପାଇଁ ପ୍ରଶାସନ ପକ୍ଷରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଟର୍ନି ଜେନେରାଲ କେ.କେ. ☞ ପୃଷ୍ଠା-୪

## ଆଜାଦଙ୍କୁ କଶ୍ମୀର ଯିବାକୁ ଅନୁମତି

ନୂଆଦିଲ୍ଲୀ,୧୬।୯(ପି.ଟି.)

ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଗୁଲାମ ନବୀ ଆଜାଦଙ୍କୁ ଜମ୍ମୁ-କଶ୍ମୀର ଯିବା ଲାଗି ସୁପ୍ରିମକୋର୍ଟ ସୋମବାର ଅନୁମତି ପ୍ରଦାନ କରିଛନ୍ତି। ତେବେ ସେ କୌଣସି ରାଜନୈତିକ ସଭା କରିପାରିବେ ନାହିଁ ବୋଲି ଅଦାଲତ ସର୍ତ୍ତ ରଖିଛନ୍ତି। ଆଜାଦଙ୍କୁ ଶ୍ରୀନଗର, ଜମ୍ମୁ, ବାରମୁଲ୍ଲା ଓ ଅନନ୍ତନାଗ ଜିଲା ଯାଇ ଲୋକଙ୍କୁ ଭେଟିବା ପାଇଁ ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଖଣ୍ଡପୀଠ ଅନୁମତି ଦେଇଛନ୍ତି। ୩୭୦ ଉଚ୍ଛେଦ ପରେ ଆଜାଦ ତିନି ଥର କଶ୍ମୀର ଯିବାକୁ ଉଦ୍ୟମ କରିଥିଲେ ମଧ୍ୟ ତାଙ୍କୁ ବିମାନ ବନ୍ଦରରୁ ଫେରାଇ ଦିଆଯାଇଥିଲା ବୋଲି ବରିଷ୍ଠ ଓକିଲ ଏ.ଏମ୍. ସିଂଘ୍‌ଭି କହିଥିଲେ। ଆଜାଦ ତାଙ୍କ ପରିବାର ଓ ସମ୍ପର୍କୀୟଙ୍କୁ ଭେଟିବା ସମେତ କଟକଣା ଜାରି ପରେ ରାଜ୍ୟର ସାମାଜିକ ସ୍ଥିତି ସମ୍ପର୍କରେ ଜାଣିବା ପାଇଁ କୋର୍ଟଙ୍କ ଅନୁମତି ଲୋଡିଥିଲେ।

**ତୁରନ୍ତ କ୍ୱାର୍ଟର୍ସ ଛାଡ଼, ନଚେତ ବିଦ୍ୟୁତ୍, ପାଣି ବନ୍ଦ**

**ଆଧାର ଲିଙ୍କ୍ ସତ୍ତ୍ୱେ ମିଳୁନି ଗ୍ୟାସ୍ ସବ୍‌ସିଡି**

........୩........

■ ଗୁଣିଗାରେଡି ସନ୍ଦେହ

# ଦମ୍ପତିଙ୍କୁ ହତ୍ୟା

ଖପ୍ରାଖୋଲ, ୧୬।୯ (ଡି.ଏନ.ଏ.)

■ ଗାଁ ପାଖ ପାହାଡରୁ ମିଳିଲା ମୃତଦେହ
■ ସାଇଣ୍ଟିଫିକ୍ ଟିମ୍ ସହ ପୋଲିସ୍ ତଦନ୍ତ ଜାରି
■ ହତ୍ୟାକାଣ୍ଡସ୍ଥଳରେ ଏସ୍‌ପି
■ ୪ ସନ୍ଦିଗ୍ଧଙ୍କୁ ଥାନାରେ ଅଟକ ରଖି ପଚରାଉଚରା

ମଧ୍ୟଯୁଗୀୟ ଅନ୍ଧବିଶ୍ୱାସ, ଗୁଣିଗାରେଡି ସନ୍ଦେହ କିଭଳି ଭୟାନକ ରୂପ ନେଇପାରେ ସେଭଳି ଏକ ବୀଭତ୍ସ ଘଟଣା ଘଟିଛି ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ତଥା ଲରମ୍ବା ଥାନା ଅନ୍ତର୍ଗତ ଚିଟିକାମାଲ ଗାଁରେ । ସୋମବାର ସକାଳୁ ଏହି ଗାଁ ନିକଟ ପାହାଡରେ ସେହି ଗାଁର ଏକ ଦମ୍ପତିଙ୍କୁ ଗୁଣିଗାରେଡି ସନ୍ଦେହରେ ହତ୍ୟା କରି ଫିଙ୍ଗି ଦେଇଥିବା ଜଣାପଡିବା ପରେ ଜିଲାବ୍ୟାପୀ ଚାଞ୍ଚଲ୍ୟ ଖେଳିଯାଇଛି । ମୃତ ଦମ୍ପତି ହେଲେ ଚିଟିକାମାଲ ଗାଁର ଚିନ୍ତାମଣି ବରିହା (୫୫) ଓ ତାଙ୍କ ସ୍ତ୍ରୀ ରୁକ୍ମିଣୀ (୫୦)। ହତ୍ୟାକାଣ୍ଡ ସମ୍ପର୍କରେ ସୂଚନା ପାଇବା ପରେ ଏସ୍‌ପି ମାଡକର ସନ୍ଦୀପ ସମ୍ପତ୍, ପାଟଣାଗଡ଼ ଏସ୍‌ଡିପିଓ ସୁରେଶ ନାଏକ ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ସରଜମିନ୍ ତଦନ୍ତ ଆରମ୍ଭ କରିଛନ୍ତି । ୪ଜଣ ସନ୍ଦିଗ୍ଧଙ୍କୁ ଲରମ୍ବା ଥାନାରେ ଅଟକ ରଖି ପଚରାଉଚରା କରାଯାଇଛି। ପୋଲିସ ଘଟଣାସ୍ଥଳରୁ ଦୁଇ ମୃତଦେହକୁ ଉଦ୍ଧାର କରି ପଞ୍ଚନାମା କରିଛି। ଚିଟିକାମାଲ ଗାଁରେ ପ୍ରାୟ ଦେଢ଼ମାସ ତଳେ ଜଣେ ବ୍ୟକ୍ତିଙ୍କ ଦେଢ଼ବର୍ଷର ଏକ ଶିଶୁପତ୍ରଙ୍କ ମୃତ୍ୟୁ ହୋଇଥିଲା । ଗତ ଶୁକ୍ରବାର ସେହି ମୃତ ଶିଶୁପୁତ୍ର ପୋତା ଯାଇଥିବା ସ୍ଥାନରେ କେହି ଫୁଲ, ସିନ୍ଦୂର ପକାଇ ପୂଜାର୍ଚ୍ଚନା କରିଥିବା ଦେଖାଯାଇଥିଲା । ଏହି ଘଟଣା ☞ ପୃଷ୍ଠା-୪

# ରେଳବୋର୍ଡର ମାର୍କ: ସମ୍ବଲପୁର ରେଳ ଡିଭିଜନ ଦେଶରେ ପ୍ରଥମ

ସମ୍ବଲପୁର,୧୬।୯ (ବ୍ୟୁରୋ)

ରେଳ ବୋର୍ଡ ୫୮ଟି ଦିଗକୁ ଆଧାର କରି ବିଭିନ୍ନ ରେଳ ମଣ୍ଡଳକୁ ମାର୍କ ଦେଇଛି। ଏଥିରେ ସମ୍ବଲପୁର ରେଳମଣ୍ଡଳ ଦେଶରେ ପ୍ରଥମ ସ୍ଥାନ ଅଧିକାର କରିଛି। ବିଭିନ୍ନ ଦିଗରେ କାର୍ଯ୍ୟ ଦକ୍ଷତାକୁ ନେଇ ରେଳ ବୋର୍ଡ ଏହି ଚୟନ କରିଛି। ଅଗଷ୍ଟ ମାସର ରିପୋର୍ଟ ଅନୁସାରେ ୮୦ ମାର୍କରୁ ୭୩.୦୨ ମାର୍କ ରଖି ସମ୍ବଲପୁର ରେଳ ମଣ୍ଡଳ ପ୍ରଥମ ସ୍ଥାନରେ ରହିବାକୁ ଯୋଗ୍ୟ ବିବେଚିତ ହୋଇଛି। ୭୩.୦୧ ମାର୍କ ରଖି ରତଲାମ ଡିଭିଜନ ଦ୍ୱିତୀୟ ସ୍ଥାନ ପାଇଥିବାବେଳେ ୭୨.୦୫ ମାର୍କ ରଖି ଗୁଣ୍ଟୁକାଲ ଡିଭିଜନ ତୃତୀୟ ସ୍ଥାନରେ ରହିଛି। ଦେଶରେ ୬୮ଟି ରେଳ ଡିଭିଜନ ରହିଛି। ସେଥିମଧ୍ୟରୁ ଯାତ୍ରୀସେବା ଓ ସୁରକ୍ଷା, ରାଜସ୍ୱ ଆୟ, କର୍ମଚାରୀ ଓ ଅଧିକାରୀଙ୍କ ଶୃଙ୍ଖଳାଗତ କାର୍ଯ୍ୟ, ସମୟାନୁବର୍ତ୍ତିତା, ସଫା ସୁତୁରା ଆଦି ୫୮ଟି ଦିଗକୁ ନେଇ ମାର୍କ ଦିଆଯାଇଛି। ସମ୍ବଲପୁର ରେଳ ଡିଭିଜନ ଏପ୍ରିଲ ମାସରୁ ଜୁନ ମାସ ପର୍ଯ୍ୟନ୍ତ ତୃତୀୟ ସ୍ଥାନରେ ରହିଥିଲା। ଜୁଲାଇ ମାସରେ ତାହା ଖସି ଯାଇ ତୃତୀୟ ସ୍ଥାନକୁ ଚାଲିଯାଇଥିଲା । ହେଲେ ଅଗଷ୍ଟ ମାସରେ ପୁଣି ଉତ୍କୃଷ୍ଟ ସେବା ଓ ଅନ୍ୟ ଦିଗରେ ଭଲ ପ୍ରଦର୍ଶନ କରି ପ୍ରଥମ ସ୍ଥାନ ନେଇଛି। ସୋମବାର ଅପରାହ୍ନରେ ଏହି ଖବର ଜାଣିବା ପରେ ସମ୍ବଲପୁର ଡିଭିଜନରେ ଖୁସିର ଲହରି ଖେଳିଯାଇଥିଲା । ମଣ୍ଡଳ ପ୍ରବନ୍ଧକ ଜୟଦୀପ ଗୁପ୍ତା ଏହାର ଶ୍ରେୟ ଅଧିକାରୀ ଓ କର୍ମଚାରୀଙ୍କୁ ଦେଇଛନ୍ତି। ସମସ୍ତଙ୍କ ଉଦ୍ୟମରେ ଏହି ରେଳ ଡିଭିଜନ ଏକ ନମ୍ବର ସ୍ଥାନ ଅଧିକାର କରି ପାରିଛି। ଆଗାମୀ ମାସଗୁଡ଼ିକରେ ମଧ୍ୟ ଏହି ସ୍ଥାନ ବଜାର ରଖିବାକୁ ସମସ୍ତେ ନିଷ୍ଠାର ସହ କାମ କରିବାକୁ ସେ ପରାମର୍ଶ ଦେଇଛନ୍ତି।





NECC NATIONAL EGG CO-ORDINATION COMMITTEE 15.09.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 67 | 115 | 125 |
| CTC | 67 | 115 | 125 |
| DKL | 67 | 115 | 125 |
| BDK | 69 | 118 | 128 |
| BLS | 69 | 118 | 128 |
| ANG | 67 | 115 | 125 |
| BHM | 62 | 109 | 119 |

*Conditions Apply

Eggs Retail Price- 46/-Dozen

Issued in the Interest of Consumers






SPECIAL OFFERS | LOW DOWN PAYMENT OF ₹2999/-* | SAVINGS UP TO ₹6330/-** | 0 PROCESSING FEE # | 0%^ INTEREST RATE | ₹4000/-# EXCHANGE BONUS | Paytm CASHBACK up to ₹7,000*

**SAMBALPUR: Authorised Main Dealers:** SAMBALPUR: Kishore TVS, Ph.: 9778371171. BOLANGIR: Rajlaxmi TVS, Ph.: 918260437538. BARGARH: Subhamm TVS, Ph.: 8860625628. BHAWANIPATNA: Barun TVS, Ph: 8260430746; ROURKELA: Gurugobind TVS, Ph: 8260566699; Unique TVS: 8114372182, 8114372181, JHARSUGUDA: Gunnu TVS, Ph: 8586977624; SONEPUR: Minerva TVS, Ph : 6370700730, 6370700734.

**Authorised Dealers:** Rengali, Kalinga Automobiles, Ph.: 9437052831; Deogarh, Saswati Motors, Ph : 9437392892; Charbahal, RB Motors, Ph.: 9853406294; Junagarh, Indian Automobiles, Ph.: 9437092284, 9437939586; Nuapara, G K Motors, Ph.: 9937653638; Raj Khariar, Classic Auto, 9439144433; Muniguda, Bhagabati Motors, Ph : 9583860028; Dharmagarh, Gayatri Enterprises, Ph : 9938883405; Kutra, Jagannath Motors, Ph : 6370312667; Belpahar, Sova Automobiles, Ph.: 9238581791; Binka, Chandralata Motors, Ph : 7894255589; Attabira, Swati Auto, Ph : 9853157276; Barpali, Shree Krishna Motors, Ph.: 9777703149; Patnagarh, Samleshwari Motors, Ph.: 9938621078; Dungripally, Pabnee Motors, Ph.: 9937926986; Sundergarh, S. B. Automobiles, Ph.: 06622-274361, 9437139011; Rajgangpur, Bramha Motors, Ph : 9861265188 ; San Balichuan, Gayatri Motors, Ph : 8658502167; Khariar Road, Nanesh Auto, Ph.: 9938098888; Sohela, Khamari Auto, Ph.: 9938739550; Thuvapali, Goyal Auto, Ph : 9937452169 ; Bhatli, Saraswati Motors, Ph : 9090140103; Titlagarh, Maruti, 9438096285; Boudh, M.D. Motors, Ph.: 9439238768; Kantabanji, Nowrit Auto Agency, Ph : 9437210599; Gaisilat, Akankshya Motors, Ph : 9937408645; Jaipatna, Kaveri Motors, Ph : 9178280401;Padampur, Alisha Motors, Ph : 9938110070; Sambalpur, Shakti Motors, Ph : 9337016000; Bamra, Regent Motors, Ph : 9437535172; Kuchinda, Jay Maa Automobiles, Ph : 9437058129; Tarbha : Deosar Motors, Ph : 9439135679 ; Redhakhol : Palak Trading Company, Ph : 7978349822; Saintala : Balaji Motors, Ph : 9853781372; Gaisilat, Akankshya Motors, Ph: 7683848645, A Kantapali, Hariom Automobiles, Ph: 8342939695; Paikmal, Mangal Motors, Ph : 9938119999; Laikera, Ritesh Automobiles, Ph : 9938465363 Narla Road, Niladri Motors, Ph : 7326933067; Bheden, Mohit Automobiles, Ph : 7008024042; Godbhaga, Sri Krishna Automotive, Ph : 6372444931; Bangamunda, Binod Auto Work, Ph : 9937526500; Tusura, Shree Laxmi Ganesh Motors, Ph : 9437890955, 9439581200; Bandhabahal, Maa Tarini Automobiles, Ph : 6371909005 ; Bagdehi, Utkal Automobiles, Ph : 7008977491; Udanbandh, Vinit Automobiles, Ph : 7326042333, 7326042335; Lathor, Bishwakarma Motors, Ph : 7008086417.







**ଆଜିର ସମ୍ପାଦକୀୟ**

**ଯୋଜନାର ପୁନଃ ସମୀକ୍ଷା**

**ଆଜିର ମନ୍ତବ୍ୟ**

“ଏନ୍‌ଡିଏ ସରକାରରେ ଦେଶବ୍ୟାପୀ ହିଂସା, ଭୟ ଓ ଚିନ୍ତାର ବାତାବରଣ ଲାଗିରହିଛି।

-ଅଶୋକ ଗେହଲଟ୍, ରାଜସ୍ଥାନ ମୁଖ୍ୟମନ୍ତ୍ରୀ

**କିଛି ତଥ୍ୟ**

ଚଳିତ ବର୍ଷ ଅଗଷ୍ଟରେ ସିଷ୍ଟମେଟିକ୍ ଇନଭେଷ୍ଟମେଣ୍ଟ ପ୍ଲାନ ଦ୍ୱାରା ମ୍ୟୁଚୁଆଲ୍ ଫଣ୍ଡ ସଂଗ୍ରହ ୭.୫% ବଢି ୮,୨୩୧ କୋଟି ଛୁଇଁଛି।

- ଷ୍ଟକ ବଜାର ଡିପୋଜିଟୋରୀ ଡାଟା



“ନିଜ ଆତଙ୍କବାଦରୂପୀ ରାକ୍ଷସ କବଳରେ ପଡ଼ି ପାକିସ୍ତାନ ଧ୍ୱଂସ ପାଇଯିବ।
- ମୁକ୍ତାର ଆବାସ୍ ନକ୍‌ଭି, କେନ୍ଦ୍ର ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ

# ଭାରତ ମହାସାଗରରେ ଚାଇନାର ୭ ଯୁଦ୍ଧଜାହାଜ

ନୂଆଦିଲ୍ଲୀ, ୧୬।୯

ଭାରତ ମହାସାଗର ଅଞ୍ଚଳ ମଧ୍ୟରେ ଚାଇନାର ୭ଟି ଯୁଦ୍ଧଜାହାଜ ମୁତୟନ ହୋଇଥିବା ଜଣାପଡ଼ିଛି। ଉଭୟ ସ୍ଥଳ ଓ ନୌସେନାକୁ ସହାୟତା କରିବା ପାଇଁ ଉଦ୍ଦିଷ୍ଟ ୨୭୦୦୦ ଟନ୍‌ରୁ ଅଧିକ ଓଜନ ବିଶିଷ୍ଟ ଜାହାଜ ମଧ୍ୟ ସେଥିରେ ସାମିଲ ଥିବା ଭାରତୀୟ ନୌସେନା ଜାଣିବାକୁ ପାଇଛି। ଆମେରିକା ନିର୍ମିତ ପି-୮ଆଇ ଆଣ୍ଟିସବ୍‌ମେରିନ୍ ୱାରଫେୟାର ସ୍ୱାଏ ବିମାନ ଓ ଅନ୍ୟାନ୍ୟ ଗୋଇନ୍ଦା ଉପକରଣ ବ୍ୟବହାର କରି ନୌସେନା ଏହି ସୂଚନା ପାଇଛି। ଭାରତ ମହାସାଗର ଅଞ୍ଚଳରେ ଶକ୍ତି ପ୍ରଦର୍ଶନ କରିବା ଚାଇନା ପିପୁଲ୍ସ ଲିବରେଶନ ଆର୍ମି ନୌସେନାର ମୁଖ୍ୟ ଲକ୍ଷ୍ୟ। ଚାଇନାର ଅଧିକାଂଶ ବାଣିଜ୍ୟ କାରବାର ଭାରତ ମହାସାଗର ଅଞ୍ଚଳ ଦେଇ ହେଉଥିବାରୁ ସେମାନେ ଉକ୍ତ ଅଞ୍ଚଳରେ ପ୍ରଭାବ ବିସ୍ତାର କରିବାକୁ ଚାହାନ୍ତି ବୋଲି ଏକ ସୂତ୍ରରୁ ଜଣାପଡ଼ିଛି।



ଚଳିତ ମାସ ଆରମ୍ଭରେ ଚାଇନାର ଲ୍ୟାଣ୍ଡିଂ ପ୍ଲାଟଫର୍ମ ଡକ୍ (ଏଲ୍‌ପିଡି) ଜିଆନ୍-୩୨ ଶ୍ରୀଲଙ୍କା ଜଳରାଶିରେ ପ୍ରବେଶ କରିବା ପୂର୍ବରୁ ଭାରତ ମହାସାଗରର ଦକ୍ଷିଣ ଅଞ୍ଚଳ ଦେଇ ଅତିକ୍ରମ କରୁଥିବା ଦେଖାଯାଇଥିଲା। ପି-୮ଆଇ ଓ ଅନ୍ୟ ଗୋଇନ୍ଦା ବିମାନ ତାହାର ଫଟୋ ଉଠାଇଛନ୍ତି। ଚାଇନା ଜାହାଜଗୁଡ଼ିକର ଗତିବିଧି ଉପରେ କ୍ରମାଗତ ନଜର ରଖାଯାଇଛି। କେବଳ ଏଲ୍‌ପିଡି ନୁହେଁ ଜଳଦସ୍ୟୁ କବଳରୁ ଅନ୍ୟ ଜାହାଜକୁ ସୁରକ୍ଷା ଦେଉଥିବା ଏସ୍କର୍ଟ ଟାସ୍କଫୋର୍ସ ୩୨ ଓ ୩୩ର ତିନୋଟି ଲେଖାଏଁ ଜାହାଜ ମଧ୍ୟ ଭାରତ ମହାସାଗର ଅଞ୍ଚଳରେ ରହିଥିଲା।

- ପ୍ରଭାବ ବିସ୍ତାର ପିପୁଲ୍ସ ଲିବରେଶନ ଆର୍ମିର ମୁଖ୍ୟ ଲକ୍ଷ୍ୟ
- ଜିବୌଟିରେ ନୌସେନା ବେସ୍ ନିର୍ମାଣ କରୁଛି ଚାଇନା

ସେଗୁଡ଼ିକ ଆଡେନ ଉପସାଗରରେ ମୁତୟନ ହେବାକୁ ଯାଉଛନ୍ତି। ଭାରତ ମହାସାଗରରେ ସେମାନେ ଭାରତୀୟ ଆର୍ଥିକ ଜୋନ୍ ଓ ଜଳରାଶି ମଧ୍ୟରେ ପ୍ରବେଶ କରିଥିବା ଦେଖାଯାଇଥିଲା। ଆଡେନ ଉପସାଗରରେ ଜଳଦସ୍ୟୁ ବିରୋଧୀ ସମରାଭ୍ୟାସ ପାଇଁ ଚାଇନା ନୌସେନା ୬ରୁ ୭ଟି ଯୁଦ୍ଧଜାହାଜ ମୁତୟନ କରିଥିବା କୁହାଯାଉଛି।

ଚାଇନା ନିଜର ଉପସ୍ଥିତିକୁ ଅଧିକ ସୁଦୃଢ଼ କରିବା ପାଇଁ ତୃତୀୟ ବିମାନବାହୀ ଯୁଦ୍ଧଜାହାଜ ନିର୍ମାଣ କରୁଛି। ଏହାକୁ ଖୁବ୍‌ଶୀଘ୍ର ଭାରତୀୟ ମହାସାଗର ଅଞ୍ଚଳରେ ମୁତୟନ କରିବାକୁ ଚାଇନା ନୌସେନା ଲକ୍ଷ୍ୟ ରଖିଛି। ଉକ୍ତ ଅଞ୍ଚଳକୁ କବ୍‌ଜାରେ ରଖିବାକୁ ବେଜିଂ ସବୁପ୍ରକାର ଉଦ୍ୟମ ଚଳାଇଛି। ଖାଲି ସେତିକି ନୁହେଁ ଏହାର ସାମରିକ ଅଭିଯାନକୁ ସହାୟତା କରିବା ଲାଗି ଜିବୌଟିରେ ନୌସେନା ବେସ୍ ନିର୍ମାଣ କରିଛି ଚାଇନା। ଜଳଦସ୍ୟୁ କବଳରୁ ଅନ୍ୟ ଜାହାଜମାନଙ୍କୁ ସୁରକ୍ଷା ଦେବା ନାଁରେ ୨୦୦୮ରୁ ଚାଇନା ନୌସେନା ଭାରତ ମହାସାଗର ଅଞ୍ଚଳରେ ସ୍ଥାୟୀ ଭାବେ ନିଜର ଅବସ୍ଥିତି ଜାହିର କରିଆସୁଛି।

ଭାରତୀୟ ନୌସେନା ଏବେ ଭାରତ ମହାସାଗରରେ ଏହାର ଯୁଦ୍ଧଜାହାଜ ଆଇଏନ୍‌ଏସ୍ ବିକ୍ରମାଦିତ୍ୟ ମୁତୟନ କରିଥିବାବେଳେ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଦ୍ୱିତୀୟ ବିମାନବାହୀ ଯୁଦ୍ଧଜାହାଜ କୋଚି ସିପ୍‌ୟାର୍ଡରେ ନିର୍ମାଣାଧୀନ ଅଛି। ଏହାବ୍ୟତୀତ ଅନ୍ୟ ଏକ ୬୦ ହଜାର ଟନ୍ ଓଜନର ରଣତରୀ ନିର୍ମାଣ ପାଇଁ ନୌସେନା ଚାହୁଁଛି।

# ମୋଦିଙ୍କ ହ୍ୟୁଷ୍ଟନ ସମାବେଶରେ ଯୋଗଦେବେ ଆମେରିକା ରାଷ୍ଟ୍ରପତି

ୱାଶିଂଟନ/ନୂଆଦିଲ୍ଲୀ, ୧୬।୯

ଭାରତ-ଆମେରିକା ସମ୍ପର୍କ ବୃଦ୍ଧି ଲାଗି ଆସନ୍ତା ରବିବାର ହ୍ୟୁଷ୍ଟନ୍ ସହରରେ ଅନୁଷ୍ଠିତ ହେବାକୁଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଭିନନ୍ଦନ ସମାବେଶରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଯୋଗଦେବେ ବୋଲି ଜଣାପଡ଼ିଛି। ହ୍ୱାଇଟ ହାଉସ୍ ପକ୍ଷରୁ ଏହା ଘୋଷଣା କରାଯାଇଛି। ଭାରତୀୟ ଆମେରିକୀୟମାନଙ୍କ ପକ୍ଷରୁ ସେପ୍ଟେମ୍ବର ୨୨ରେ ଆୟୋଜିତ ଏହି ସମିଟ୍ ଅବସରରେ ମୋଦି ଓ ଟ୍ରମ୍ପ୍ ଏକାଠି ହେବେ। ଏହା ବ୍ୟତୀତ ଆମେରିକା କଂଗ୍ରେସର ବହୁ ସଦସ୍ୟ, ବିଶିଷ୍ଟ ଶିଳ୍ପପତି, ବ୍ୟବସାୟୀ ଓ ଅନ୍ୟ ପ୍ରମୁଖ ବ୍ୟକ୍ତିମାନେ ସମିଟ୍‌ରେ ଯୋଗଦେବେ। ଏହି ଅବସରରେ ଭାରତ-ଆମେରିକା ବାଣିଜ୍ୟ ଚୁକ୍ତିନାମା ସମ୍ପର୍କରେ ମଧ୍ୟ ଘୋଷଣା ହେବା କାର୍ଯ୍ୟକ୍ରମ ରହିଛି। ଏକ ମିଳିତ ରାଲିରେ ଦୁଇ ବୃହତ୍ତ ଗଣତନ୍ତ୍ରର ପ୍ରମୁଖ ନେତା ଉଦ୍‌ବୋଧନ ଦେବା ପ୍ରଥମ ଘଟଣା ବୋଲି ଟ୍ରମ୍ପ୍ ପ୍ରଶାସନ ପକ୍ଷରୁ କୁହାଯାଇଛି। ଏହି ମେଗା ଅଭିନନ୍ଦନ ର୍‍ୟାଲିରେ ଆମେରିକାରେ ରହୁଥିବା ୫୦ ହଜାରରୁ ଊର୍ଦ୍ଧ୍ୱ ଭାରତୀୟ ସାମିଲ ହେବେ। ଦୁଇ ଦେଶର ଜନସାଧାରଣଙ୍କ ମଧ୍ୟରେ ସମ୍ପର୍କକୁ ମଜଭୂତ କରିବାରେ ଏହା ବଡ଼ ସୁଯୋଗ ବୋଲି ହ୍ୱାଇଟ୍ ହାଉସ ପ୍ରେସ୍ ସଚିବ ଷ୍ଟିଫେନି ଗ୍ରିଶାମ କହିଛନ୍ତି। ପ୍ରବାସୀ ଭାରତୀୟଙ୍କ ଗହଣରେ ସେ ରାଷ୍ଟ୍ରପତି ଟ୍ରମ୍ପ୍‌ଙ୍କୁ ସ୍ୱାଗତ କରିବେ ବୋଲି ମୋଦି ଟୁଇଟ୍ କରିଛନ୍ତି।



■ ଫାରୁକ୍ ଅବଦୁଲ୍ଲା ଅଟକ ଘଟଣା

# କେନ୍ଦ୍ର ଓ ଜମ୍ମୁ-କଶ୍ମୀରକୁ ସୁପ୍ରିମକୋର୍ଟ ନୋଟିସ

ନୂଆଦିଲ୍ଲୀ/ଶ୍ରୀନଗର, ୧୬।୯ (ପି.ଟି.)

ଜମ୍ମୁ-କଶ୍ମୀରରୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନକାରୀ ଅନୁଚ୍ଛେଦ ୩୭୦ ଉଚ୍ଛେଦ ପରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଫାରୁକ୍ ଅବଦୁଲ୍ଲାଙ୍କୁ ଅଟକ ରଖାଯିବା ନେଇ ସୁପ୍ରିମକୋର୍ଟ ସୋମବାର କେନ୍ଦ୍ର ସରକାର ଓ ରାଜ୍ୟ ପ୍ରଶାସନକୁ ଜବାବ ମାଗିଛନ୍ତି। ରାଜ୍ୟ ସଭା ସଦସ୍ୟ ତଥା ଏମ୍‌ଡିଏମ୍‌କେ ନେତା ଭାଇକୋଙ୍କ ଏ ସମ୍ପର୍କିତ ପିଟିଶନ୍‌ର ପରବର୍ତ୍ତୀ ଶୁଣାଣି ସେପ୍ଟେମ୍ବର ୩୦କୁ ଧାର୍ଯ୍ୟ କରାଯାଇଛି। ନ୍ୟାଶନାଲ୍ କନ୍‌ଫରେନ୍ସ (ଏନ୍‌ସି) ନେତା ଫାରୁକଙ୍କୁ ବେଆଇନ ଭାବେ ଅଟକ ରଖାଯାଇଥିବା ଭାଇକୋ ତାଙ୍କ ପିଟିଶନ୍‌ରେ ଅଭିଯୋଗ କରିଥିଲେ। କେନ୍ଦ୍ର ଓ ରାଜ୍ୟ ପ୍ରଶାସନର କାର୍ଯ୍ୟ ସମ୍ପୂର୍ଣ୍ଣ ବେଆଇନ, ମନମାନି ଓ ଜୀବନ ସୁରକ୍ଷା ତଥା ବ୍ୟକ୍ତି ସ୍ୱାଧୀନତା ଅଧିକାରର ଉଲ୍ଲଂଘନ ବୋଲି ଭାଇକୋ କହିଛନ୍ତି।



## ଅଟକକୁ ପିଏସ୍‌ଏରେ ଚ୍ୟାଲେଞ୍ଜ କରିବ ଏନ୍‌ସି

ଅନ୍ୟପକ୍ଷରେ ଫାରୁକ୍‌ଙ୍କ ଅଟକକୁ ତାଙ୍କ ଦଳ ଜମ୍ମୁ-କଶ୍ମୀରର ଜନସୁରକ୍ଷା ଆଇନ (ପିଏସ୍‌ଏ)ରେ ଚ୍ୟାଲେଞ୍ଜ କରିବ ବୋଲି କହିଛି। ଏନ୍‌ସି ଅଧ୍ୟକ୍ଷଙ୍କୁ ଅଟକ ରଖିବାର କୌଣସି ଯଥାର୍ଥତା ନାହିଁ। ଯଦି ସେମାନେ ତାଙ୍କୁ ପିଏସ୍‌ଏରେ ଅଟକ ରଖିଥାନ୍ତି ତେବେ ଏହା ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ କୋର୍ଟକୁ ଯିବେ ବୋଲି ବରିଷ୍ଠ ନେତା ମହମ୍ମଦ ଆକବର ଲୋନ୍ ଖବରଦାତାଙ୍କୁ କହିଛନ୍ତି।

# ନଭେମ୍ବର ୯ରୁ ଭାରତୀୟ ଶିଖ୍‌ଙ୍କ ପାଇଁ ଖୋଲିବ କର୍‌ତାରପୁର କରିଡର

ଲାହୋର, ୧୬।୯ (ପି.ଟି.)

ଜମ୍ମୁ-କଶ୍ମୀରରୁ ଅନୁଚ୍ଛେଦ ୩୭୦ ଉଚ୍ଛେଦ ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା ଲାଗି ରହିଥିବାବେଳେ ନଭେମ୍ବର ମାସରେ କର୍‌ତାରପୁର କରିଡର ଭାରତୀୟ ଶିଖ୍ ତୀର୍ଥଯାତ୍ରୀମାନଙ୍କ ଲାଗି ଖୋଲିବାକୁ ଯାଉଛି। ଏହି ବହୁପ୍ରତୀକ୍ଷିତ ପ୍ରକଳ୍ପ ନଭେମ୍ବର ୯ରୁ ଖୋଲିବ ବୋଲି ପାକିସ୍ତାନ ସୋମବାର ଘୋଷଣା କରିଥିବାରୁ ଭାରତୀୟ ଶିଖ୍‌ମାନେ କର୍‌ତାରପୁର ସାହିବ୍‌ଙ୍କୁ ଦର୍ଶନ କରିବା ସୁଯୋଗ ପାଇବେ। ନରୋୱାଲସ୍ଥିତ ଏହି ପ୍ରସ୍ତାବିତ କରିଡର ଅଞ୍ଚଳକୁ ପାକିସ୍ତାନୀ ଓ ବିଦେଶୀ ଖବରଦାତାମାନଙ୍କ ଗସ୍ତ ବେଳେ ପ୍ରକଳ୍ପ ନିର୍ଦ୍ଦେଶକ ଅତିଫ୍ ମଜିଦ୍ ଏହି ଘୋଷଣା କରିଛନ୍ତି। ବର୍ତ୍ତମାନ ସୁଦ୍ଧା କରିଡରର ୮୬ ପ୍ରତିଶତ କାର୍ଯ୍ୟ ଶେଷ ହୋଇଛି। ଏହା କର୍‌ତାରପୁରର ଦରବାର ସାହିବ ସହ ପଞ୍ଜାବର ଗୁର୍‌ଦାସପୁର ଜିଲାରେ ଥିବା ଡେରା ବାବା ନାନକ ପୀଠକୁ ସଂଯୋଗ କରିବ। ଭାରତୀୟ ତୀର୍ଥଯାତ୍ରୀ ବିନା ଭିସାରେ ସେଠାକୁ ଯାଇପାରିବେ।



ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ସୋମବାର ରାଜସ୍ଥାନର କୋଟା ବନ୍ୟାଞ୍ଚଳ ବୁଲି ଦେଖୁଛନ୍ତି।

# ମହାରାଷ୍ଟ୍ରରେ କଂଗ୍ରେସ, ଏନ୍‌ସିପି ଆସନ ବୁଝାମଣା

ମୁମ୍ବାଇ, ୧୬।୯ (ପି.ଟି.)

ଆସନ୍ତା ମାସରେ ହେବାକୁ ଥିବା ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ଲାଗି କଂଗ୍ରେସ ଓ ଏନ୍‌ସିପି ମଧ୍ୟରେ ଆସନ ବୁଝାମଣା ଚୂଡ଼ାନ୍ତ ହୋଇଛି। ଉଭୟ ଦଳ ୧୨୫ ଆସନରେ ନିଜ ନିଜର ପ୍ରାର୍ଥୀ ଦେବାକୁ ନିଷ୍ପତ୍ତି ହୋଇଥିବା ଏନ୍‌ସିପି ମୁଖ୍ୟ ଶରଦ ପାୱାର ପ୍ରକାଶ କରିଛନ୍ତି। ମୋଟ ୨୮୮ ଆସନ ମଧ୍ୟରୁ ସହଯୋଗୀଙ୍କ ଲାଗି ୩୮ ଆସନ ଛଡ଼ାଯାଇଥିବା ସେ କହିଛନ୍ତି। ଏନ୍‌ସିପି ନୂଆ ଯୁବ ପ୍ରାର୍ଥୀଙ୍କୁ ଏଥର ଅଗ୍ରାଧିକାର ଦେବ ଓ କଂଗ୍ରେସ ସହ କେତେକ ଆସନ ଅଦଳବଦଳ ହେବାର ସମ୍ଭାବନା ରହିଛି ବୋଲି ସେ ମତ ଦେଇଛନ୍ତି।

# ‘ଆବଶ୍ୟକ ହେଲେ କଶ୍ମୀର ଯିବି’

ନୂଆଦିଲ୍ଲୀ, ୧୬।୯ (ଆଇଏଏନ୍‌ଏସ୍)

ଯଦି ଆବଶ୍ୟକ ପଡେ ସେ ନିଜେ ଜମ୍ମୁ-କଶ୍ମୀର ଯାଇ ସ୍ଥିତି ଅନୁଧ୍ୟାନ କରିବେ ବୋଲି ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି (ସିଜେଆଇ) ରଞ୍ଜନ ଗୋଗୋଇ ସୋମବାର କହିଛନ୍ତି। ୩୭୦ ଉଚ୍ଛେଦ ପରବର୍ତ୍ତୀ କଟକଣା ଯୋଗୁ ଲୋକେ ସେମାନଙ୍କ ଅଭିଯୋଗର ସମାଧାନ ଲାଗି କୋର୍ଟ କଚେରି ଯାଇପାରୁନାହାନ୍ତି ବୋଲି ଜଣେ ଆବେଦନକାରୀ କହିବା ପରେ ସିଜେଆଇ ଉପରୋକ୍ତ ମତ ଦେଇଥିଲେ। ରାଜ୍ୟର ନ୍ୟାୟିକ ସ୍ଥିତି ସମ୍ପର୍କରେ ଏକ ରିପୋର୍ଟ ଦାଖଲ କରିବାକୁ ସର୍ବୋଚ୍ଚ ଅଦାଲତ ଜମ୍ମୁ-କଶ୍ମୀର ହାଇକୋର୍ଟଙ୍କୁ କହିଛନ୍ତି। ଉଚ୍ଚ ଅଦାଲତରେ ପହଞ୍ଚିବା ଅତ୍ୟନ୍ତ କଷ୍ଟକର ହେଉଛି ବୋଲି ବରିଷ୍ଠ ଆଇନଜୀବୀ ହୁଜେଫା ଅହମଦି କହିବା ପରେ ଆବଶ୍ୟକ ପଡିଲେ ନିଜେ ସେଠାକୁ ଯିବେ ବୋଲି ଜଷ୍ଟିସ୍ ଗୋଗୋଇ କହିଥିଲେ।



ଜଷ୍ଟିସ୍ ରଞ୍ଜନ ଗୋଗୋଇ

■ ଯୁପିରେ ଅନର କିଲିଂ

# ଦଳିତ ଯୁବକଙ୍କୁ ଜିଅନ୍ତା ଜାଳିଦେଲେ

ହର୍ଦୋଇ, ୧୬।୯ (ପି.ଟି.)

ଅନ୍ୟ ଜାତିର ଜଣେ ଯୁବତୀଙ୍କ ସହ ସମ୍ପର୍କ ରଖିଥିବା ଅଭିଯୋଗରେ ଜଣେ ଦଳିତ ଯୁବକଙ୍କୁ ଜିଅନ୍ତା ଜାଳି ଦିଆଯାଇଛି। ଉତ୍ତରପ୍ରଦେଶ (ଯୁପି)ର ହର୍ଦୋଇ ଜିଲା ଅନ୍ତର୍ଗତ ଭଦେଶାରେ ଏଭଳି ଘଟଣା ଘଟିଥିବା ପୋଲିସ କହିଛି। ଅଭିଷେକ ଓରଫ୍ ମୋନୁ (୨୦)ଙ୍କୁ ଏକ ଘରେ ବାନ୍ଧିଦିଆଯାଇ ଶେଷରେ ଜିଅନ୍ତା ଜାଳିଦିଆଯାଇଥିବା ଏସ୍‌ପି ଆଲୋକ ପ୍ରିୟଦର୍ଶୀ ପ୍ରକାଶ କରିଛନ୍ତି। ଏହି ଖବର ଶୁଣି ମୃତ ଯୁବକଙ୍କ ମା’ ହୃଦ୍‌ଘାତରେ ଆଖି ବୁଜିଦେଇଥିବା ଜଣାପଡ଼ିଛି। ମା’ଙ୍କ ଚିକିତ୍ସା ଲାଗି ମୋନୁ ୨୫ ହଜାର ଟଙ୍କା ଯୋଗାଡ଼ କରି ଫେରୁଥିବାବେଳେ ତାଙ୍କୁ ହତ୍ୟା କରାଯାଇଥିବା ତାଙ୍କ ମାମୁ ରାଜୁ ପୋଲିସକୁ କହିଛନ୍ତି। ଏନେଇ ପୋଲିସ ମାମଲା ରୁଜୁ କରିଥିବାବେଳେ ତଦନ୍ତ ଜାରିରହିଥିବା ପ୍ରକାଶ।

# ଭାରତ, ସିଙ୍ଗାପୁର, ଥାଇଲାଣ୍ଡ ମିଳିତ ନୌସମରାଭ୍ୟାସ

ନୂଆଦିଲ୍ଲୀ, ୧୬।୯ (ପି.ଟି.)

ପୋର୍ଟ ବ୍ଲେୟାରରେ ସୋମବାରଠାରୁ ଭାରତ, ସିଙ୍ଗାପୁର ଓ ଥାଇଲାଣ୍ଡ ନୌସେନା ପକ୍ଷରୁ ତ୍ରିପାକ୍ଷିକ ସମରାଭ୍ୟାସ ଆରମ୍ଭ ହୋଇଛି। ଏହାବ୍ୟତୀତ ମୈତ୍ରୀ ନାମରେ ଭାରତ ଓ ଥାଇଲାଣ୍ଡ ସେନା ମଧ୍ୟରେ ଦ୍ୱିପାକ୍ଷିକ ସମରାଭ୍ୟାସ ମେଘାଳୟର ଉମ୍ରୋଇସ୍ଥିତ ଫରେନ୍ ଟ୍ରେନିଂ ନୋଡ୍ (ଏଫ୍‌ଟିଏନ୍)ରେ ଆରମ୍ଭ ହୋଇଥିବା ପ୍ରତିରକ୍ଷା ବାହିନୀ ପକ୍ଷରୁ କୁହାଯାଇଛି। ୫ ଦିନିଆ ତ୍ରିପାକ୍ଷିକ ନୌସମରାଭ୍ୟାସରେ ଭାରତୀୟ ଯୁଦ୍ଧଜାହାଜ ରଣବୀର ସହିତ ସିଙ୍ଗାପୁରର ଆର୍‌ଏସ୍‌ଏନ୍ ଟେନାସିଅସ୍ ଏବଂ ଥାଇଲାଣ୍ଡର କ୍ରବୁରୀ ସାମିଲ ହୋଇଛି। ଏହାବ୍ୟତୀତ ଅନ୍ୟାନ୍ୟ ଯୁଦ୍ଧ ସରଞ୍ଜାମ ମଧ୍ୟ ଏଥିରେ ସ୍ଥାନ ପାଇଛି। ଏବେ ପୋର୍ଟ ବ୍ଲେୟାର ବନ୍ଦର ଅଞ୍ଚଳରେ ସମରାଭ୍ୟାସ ଆରମ୍ଭ ହୋଇଥିବାବେଳେ ୧୮ରୁ ୨୦ ପର୍ଯ୍ୟନ୍ତ ସମୁଦ୍ର ପର୍ଯ୍ୟାୟ ସମରାଭ୍ୟାସ ଚାଲିବ। ତିନି ଦେଶ ମଧ୍ୟରେ ସାମୁଦ୍ରିକ ସମ୍ପର୍କ ବୃଦ୍ଧି କରିବା ଏହି ସମରାଭ୍ୟାସର ମୁଖ୍ୟ ଉଦ୍ଦେଶ୍ୟ।

# ସେଲ୍‌ଟର ହୋମ୍ ଅନ୍ତେବାସୀଙ୍କୁ ଗଣବଳାତ୍କାର

ପାଟନା, ୧୬।୯ (ପି.ଟି.)

ମୁଜାଫରପୁର ସେଲ୍‌ଟର ହୋମରେ ବଳାତ୍କାରର ଶିକାର ହୋଇ କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ପରିବାର ସହ ଏକାଠି ହୋଇଥିବା ଯୁବତୀଙ୍କୁ ଚଳନ୍ତା କାର୍‌ରେ ପୁଣି ଗଣବଳାତ୍କାର କରାଯାଇଛି। ପଶ୍ଚିମ ଚମ୍ପାରନ୍ ଜିଲାର ବେଟିଆ-ପଖ୍‌ନାହା ରାସ୍ତାରେ ୪ ଯୁବକ ତାଙ୍କୁ ଉଠାଇନେଇ ବଳାତ୍କାର କରିଥିବା ଜଣାପଡ଼ିଛି। ଅପରାଧୀଙ୍କୁ ଧରିବା ଲାଗି ପୋଲିସ ଛାନ୍‌ଭିନ୍ ଆରମ୍ଭ କରିଛି। ଯୁବତୀ ଜଣକ ଭଉଣୀ ଘରକୁ ଯାଉଥିଲାବେଳେ ଏଭଳି ଅଘଟଣର ସମ୍ମୁଖୀନ ହୋଇଥିଲେ। ବଳାତ୍କାର ପରେ ଯୁବତୀଙ୍କୁ ରାସ୍ତା ମଝିରେ ଫିଙ୍ଗିଦେଇ ସେମାନେ ଚାଲିଯାଇଥିଲେ।

# ଥାଇ ମନ୍ଦିରରୁ ନିଆଯାଇଥିବା ୮୦ ବାଘ ମୃତ

ବ୍ୟାଙ୍କକ୍, ୧୬।୯ (ଏଏଫପି)

ଥାଇଲାଣ୍ଡର ଏକ ବିବାଦୀୟ ମନ୍ଦିରରୁ ଉଦ୍ଧାର କରାଯାଇ ଅନ୍ୟତ୍ର ନିଆଯାଇଥିବା ୧୪୭ ବାଘ ମଧ୍ୟରୁ ପାଖାପାଖି ୮୦ଟିର ମୃତ୍ୟୁ ଘଟିଛି। ଜିନ୍‌ଗତ ସମସ୍ୟା ଯୋଗୁ ସେମାନଙ୍କ ମୃତ୍ୟୁ ହୋଇଥିବା ଅଭୟାରଣ୍ୟ କର୍ତ୍ତୃପକ୍ଷ କହିଛନ୍ତି। ଥାଇଲାଣ୍ଡର କାଞ୍ଚନବୁରୀ ପ୍ରଦେଶର ୱାଟ ଫା ଲୁଆଙ୍ଗ ଟା ବୁଆ ମନ୍ଦିରରେ ଶତାଧିକ ବାଘ ରହିଥିଲେ। ପର୍ଯ୍ୟଟକମାନେ ସେଠାକୁ ଯାଇ ଟଙ୍କା ଦେଇ ବାଘ ସହ ଫଟୋ ଉଠାଉଥିଲେ। ଉପଯୁକ୍ତ ପରିଚାଳନା ଓ ରକ୍ଷଣାବେକ୍ଷଣ ଅଭାବ ଅଭିଯୋଗ ହୋଇଥିଲା। ବାଘ କଙ୍କାଳ ବହୁମୂଲ୍ୟରେ ମନ୍ଦିର କର୍ତ୍ତୃପକ୍ଷ ବିକ୍ରି କରୁଥିବା ମଧ୍ୟ ଗୁଜବ ପ୍ରଚାର ହୋଇଥିଲା। ଫଳରେ ୨୦୧୬ରେ ଅଭୟାରଣ୍ୟ କର୍ତ୍ତୃପକ୍ଷ ବାଘଗୁଡ଼ିକୁ ଉଦ୍ଧାର କରି ଅନ୍ୟତ୍ର ନେବା ଆରମ୍ଭ କଲେ। ସେମାନଙ୍କୁ ରାତଚାବୁରି ପ୍ରଦେଶ ନିକଟବର୍ତ୍ତୀ ଦୁଇଟି ପ୍ରଜନନ କେନ୍ଦ୍ରରେ ରଖାଯାଇଥିଲେ ହେଁ ୧୪୭ ବାଘରୁ ବର୍ତ୍ତମାନ ମାତ୍ର ୬୧ଟି ବଞ୍ଚି ରହିଛନ୍ତି।



# ଆନ୍ଧ୍ରପ୍ରଦେଶର ପୂର୍ବତନ ବାଚସ୍ପତିଙ୍କ ଆତ୍ମହତ୍ୟା

ହାଇଦ୍ରାବାଦ, ୧୬।୯ (ପି.ଟି.)

ଆନ୍ଧ୍ରପ୍ରଦେଶର ପୂର୍ବତନ ବାଚସ୍ପତି ତଥା ଟିଡିପି ନେତା କୋଡେଲା ଶିବପ୍ରସାଦ ରାଓ (୭୨) ସୋମବାର ଆତ୍ମହତ୍ୟା କରିଛନ୍ତି। ତାଙ୍କୁ ଡାକ୍ତରଖାନା ନିଆଯାଇଥିଲାବେଳେ ସେଠାରେ ତାଙ୍କୁ ମୃତ ଘୋଷଣା କରାଯାଇଛି। ଆତ୍ମହତ୍ୟାର ପ୍ରକୃତ କାରଣ କ’ଣ, ତାହା ଅଦ୍ୟାବଧି ଜଣାପଡ଼ିନାହିଁ। ଏନେଇ ତଦନ୍ତ କରାଯାଉଥିବା ପୋଲିସ ଅଧିକାରୀ ପ୍ରକାଶ କରିଛନ୍ତି। ଟିଡିପି ପଲିଟ୍‌ବ୍ୟୁରୋ ସଦସ୍ୟ ଆର୍. ଚନ୍ଦ୍ରଶେଖର ରେଡ୍ଡୀ କହିଛନ୍ତି, ରାଓଙ୍କ ଝିଅ ମଧ୍ୟ ତାଙ୍କ ମୃତ୍ୟୁର କାରଣ ଜାଣି ନ ଥିବା କହିଛନ୍ତି। ଚଳିତବର୍ଷ ମେ’ରେ ହୋଇଥିବା ବିଧାନସଭା ନିର୍ବାଚନରେ ରାଓ ପରାଜୟବରଣ କରିଥିଲେ। ୨୦୧୪-୧୯ରେ ସେ ଗୁଣ୍ଟୁର ଆସନରୁ ଜିଣି ବିଧାନସଭା ବାଚସ୍ପତି ଭାବେ କାର୍ଯ୍ୟ କରିଥିଲେ। ୬ ଥର ସେ ଏହି ଆସନରୁ ବିଜୟୀ ହୋଇଥିଲେ। ପୂର୍ବରୁ ସେ ରାଜ୍ୟର ଏକାଧିକ ମନ୍ତ୍ରଣାଳୟ ଦାୟିତ୍ୱ ତୁଲାଇଥିଲେ। ତାଙ୍କ ପରଲୋକରେ ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ, ଭାଜପା ମୁଖ୍ୟ କେ. ଲକ୍ଷ୍ମଣ ଓ ଅନ୍ୟମାନେ ଶୋକବ୍ୟକ୍ତ କରିଛନ୍ତି।



କୋଡେଲା ଶିବପ୍ରସାଦ ରାଓ

# ହଂକଂରେ ବିକ୍ଷୋଭ ବେଳେ ପୁଣି ହିଂସା

ହଂକଂ, ୧୬।୯ (ଏଏଫ୍‌ପି)

ଦୀର୍ଘଦିନ ଧରି ହଂକଂରେ ଚାଲିଥିବା ସରକାର ବିରୋଧୀ ବିକ୍ଷୋଭ ରବିବାର ପୁଣିଥରେ ହିଂସାତ୍ମକ ରୂପ ନେଇଛି। ଗଣତନ୍ତ୍ର ସପକ୍ଷବାଦୀ ବିକ୍ଷୋଭକାରୀଙ୍କୁ ତଡ଼ିବା ପାଇଁ ହଂକଂର ଦଙ୍ଗା ନିୟନ୍ତ୍ରଣ ପୋଲିସ ଲୁହବୁହା ଗ୍ୟାସ ପ୍ରୟୋଗ କରିବା ସହ ପାଣିମାଡ଼ କରିଛି। ଅନ୍ୟପକ୍ଷରେ ବିକ୍ଷୋଭକାରୀମାନେ ମଧ୍ୟ ପୋଲିସ ଉପରକୁ ଟେକାମାଡ଼ କରିବା ସହ ପେଟ୍ରୋଲ ବୋମା ଫିଙ୍ଗିଥିଲେ। ପ୍ରଶାସନର ବିରୋଧ ସତ୍ତ୍ୱେ ହଜାର ହଜାର ବିକ୍ଷୋଭକାରୀ ଶୋଭାଯାତ୍ରାରେ ବାହାରିଥିଲେ। ତେବେ ଆନ୍ଦୋଳନକାରୀଙ୍କ ମଧ୍ୟରେ ଥିବା ଚରମପନ୍ଥୀ ଗୋଷ୍ଠୀର ସଦସ୍ୟମାନେ ସହରର କେତେକ ସରକାରୀ ପ୍ରତିଷ୍ଠାନ ଉପରେ ଆକ୍ରମଣ କରିବାରୁ ବିକ୍ଷୋଭ ହିଂସାତ୍ମକ ହୋଇଥିଲା। ବିକ୍ଷୋଭକାରୀମାନେ କମ୍ୟୁନିଷ୍ଟ ଚାଇନା ପ୍ରତିଷ୍ଠାର ୭୦ତମ ବାର୍ଷିକୀ ପାଳନ ପାଇଁ ଲଗାଯାଇଥିବା ବ୍ୟାନର ପୋଡିବା ସହ ଚାଇନା ପତାକା ଜାଳୁଥିବା ସ୍ଥାନୀୟ ଟେଲିଭିଜନରେ ପ୍ରସାରିତ ହୋଇଛି। କେତେକ ସ୍ଥାନରେ ବିକ୍ଷୋଭକାରୀ ଭଙ୍ଗାରୁଜା କରିଥିଲେ। ହଂକଂ କର୍ତ୍ତୃପକ୍ଷ ପ୍ରତ୍ୟର୍ପଣ ବିଲ୍ ପ୍ରତ୍ୟାହାର କରିନେଇଥିଲେ ହେଁ ଅଧିକ ଗଣତାନ୍ତ୍ରିକ ସ୍ୱାଧୀନତା ଦାବିରେ ବିକ୍ଷୋଭ ଜାରି ରହିଛି।

■ ଶ୍ରୀନଗରରେ ୨ ଡଜନ ଆତଙ୍କବାଦୀ

# ଦୋକାନୀଙ୍କୁ ଦେଉଛନ୍ତି ଖୋଲା ଧମକ

ଶ୍ରୀନଗର, ୧୬।୯ (ପି.ଟି.)

ଶ୍ରୀନଗରରେ ଏବେ ଦୁଇ ଡଜନ ଆତଙ୍କବାଦୀ ସକ୍ରିୟ ରହିଛନ୍ତି। ସେମାନେ ସହର ଓ ଏହାର ଆଖପାଖରେ ଅବାଧରେ ବୁଲୁଛନ୍ତି ଏବଂ ବ୍ୟବସାୟୀମାନଙ୍କୁ ଦୋକାନ ନ ଖୋଲିବା ପାଇଁ ଖୋଲା ଧମକ ଦେଉଛନ୍ତି। ଏହା ସୁରକ୍ଷା ବଳ ପାଇଁ ଚିନ୍ତାର କାରଣ ସାଜିଛି। ପୂର୍ବରୁ ଆତଙ୍କବାଦ ନିରୋଧୀ ଅପରେଶନଗୁଡ଼ିକରେ ଟେକାମାଡ଼ ପାଇଁ ଆତଙ୍କବାଦୀମାନେ ଉସୁକାଇ ସ୍ଥିତିକୁ ଅଧିକ ସଙ୍ଗିନ କରିଦେଇଥିଲେ। ତେଣୁ ଯେପରି ଏହାର ପୁନରାବୃତ୍ତି ନ ଘଟିବ, ତାହା ସୁନିଶ୍ଚିତ କରିବା ଲାଗି ଯବାନମାନେ ସବୁ ପ୍ରକାର ପ୍ରତିଷେଧମୂଳକ କାର୍ଯ୍ୟାନୁଷ୍ଠାନ ନେଉଛନ୍ତି।

ଶ୍ରୀନଗରରେ ଆତଙ୍କବାଦୀମାନେ ମୁକୁଳା ବୁଲୁଛନ୍ତି। ଆତଙ୍କବାଦୀମାନେ ଲୋକଙ୍କୁ ସେମାନଙ୍କ ଅନୁସାରେ ଚଳିବା ପାଇଁ କହୁଛନ୍ତି। ଆନ୍‌ଚର ଲେକ୍ ଓ ସୌରା ଅଞ୍ଚଳକୁ ସେମାନେ ବନ୍ଦକରି ରଖିଛନ୍ତି। ଦୋକାନ ବଜାର ନ ଖୋଲିବା ପାଇଁ ବ୍ୟବସାୟୀଙ୍କୁ ଧମକ ଦେଉଛନ୍ତି। ଏହି ବିଷୟକୁ ଜମ୍ମୁ-କଶ୍ମୀର ପୋଲିସ ମହାନିର୍ଦ୍ଦେଶକ ଦିଲବାଗ୍ ସିଂ ମଧ୍ୟ ସ୍ୱୀକାର କରିଛନ୍ତି।





ଶବକୁ ଯେପରି ଚିତା ଖାଇଯାଏ, ଲୋକଙ୍କୁ ସେହିପରି ଈର୍ଷା ଖାଇଯାଏ।
- ସେଣ୍ଟ୍ ଜନ୍ କ୍ରିଷୋଷ୍ଟୋମ୍



## ସଂକ୍ଷେପରେ

### ଡ୍ରଗ୍ସ ଡିଲର ଏସ୍.କେ. ରାଜା ଗିରଫ

୧୩୦ ଗ୍ରାମର ବ୍ରାଉନ୍‌ସୁଗାର, ୧ ଲକ୍ଷ ଟଙ୍କା, ବନ୍ଧୁକ ଜବତ

**ଭୁବନେଶ୍ୱର,୧୬।୯(ବ୍ୟୁରୋ):** ବ୍ରାଉନ୍‌ସୁଗାର ବ୍ୟବସାୟର କିଙ୍ଗପିନ୍ ତଥା ଓଡ଼ିଶା ପୋଲିସ୍‌ର ମୋଷ୍ଟ ୱାଣ୍ଟେଡ୍ ଡ୍ରଗ୍ସ ଡିଲର ଏସ୍.କେ ରାଜା(୨୯)ଙ୍କୁ ଏସ୍‌ଟିଏଫ୍ ଖୋର୍ଦ୍ଧାରୁ ଗିରଫ କରିଛି। ତାଙ୍କ ନିକଟରୁ ୧୩୦ ଗ୍ରାମର ବ୍ରାଉନସୁଗାର, ଗୋଟିଏ ବନ୍ଧୁକ, ଗୁଳି, ୧ ଲକ୍ଷ ଟଙ୍କା, ଗୋଟିଏ କାର ଓ ୬ ମୋବାଇଲ୍ ଫୋନ୍‌କୁ ଜବତ କରିଛି। ତାଙ୍କ ନାମରେ ଏସ୍‌ଟିଏଫ୍ ଦଫା ୨୫/୨୭ ଆର୍ମସ ଆକ୍ଟ ସହ ଏନ୍‌ଡିପିଏସ୍‌ରେ ମାମଲା (ନଂ.୧୨/୧୯) ରୁଜୁ କରି କୋର୍ଟ ଚାଲାଣ କରିଛି। ତେବେ ତାଙ୍କୁ ପଚରାଉଚରା ସମୟରେ ବହୁ ତଥ୍ୟ ମିଳିଛି। ସେ ବାଂଲାଦେଶରୁ ଜଳପଥରେ ବ୍ରାଉନସୁଗାର ଓ ଅନ୍ୟ ନିଶାଦ୍ରବ୍ୟ ଓଡ଼ିଶା ଏବଂ ଅନ୍ୟ ରାଜ୍ୟକୁ ଚୋରା ଚାଲାଣ କରୁଥିବା ଜଣାପଡିଛି। ତାଙ୍କ ନିଶା ସାମ୍ରାଜ୍ୟର ଖୋଳତାଡ଼ ପାଇଁ ରାଜାଙ୍କୁ ୭ଦିନ ରିମାଣ୍ଡରେ ଆଣିବାକୁ ଏସ୍‌ଟିଏଫ୍ ଆବେଦନ କରିଛି। ସୂଚନାଯୋଗ୍ୟ, ମାସକ ତଳେ ରାଜାଙ୍କ ସହଯୋଗୀ ଏସ୍.କେ. ଆଜବାହର, ଏସ୍.କେ. ଆଜାଦ ଓ ରମାକାନ୍ତ ସାହୁ ଗିରଫ ହୋଇଥିଲେ। ସେହିଭଳି ଜେଲ୍‌ରେ ଥିବା ଖୋର୍ଦ୍ଧାର ବ୍ରାଉନ୍‌ସୁଗାର ବେପାରି ଛୋଟା ଓ ସହଯୋଗୀଙ୍କଠାରୁ ରାଜାଙ୍କ ସମ୍ପର୍କରେ ଏସ୍‌ଟିଏଫ୍ ସୂଚନା ପାଇବା ପରେ ଧରିବାକୁ ଯୋଜନା ହୋଇଥିଲା। ଗତ କିଛିଦିନ ତଳେ ମାଛ ପେଟରେ ବ୍ରାଉନସୁଗାର ଭର୍ତ୍ତି କରାଯାଇ ବାଂଲାଦେଶରୁ ବୋଟରେ ଓଡ଼ିଶା ଆସୁଥିବାବେଳେ ବାଲେଶ୍ୱର ପୋଲିସ ଜବତ କରିଥିଲା। ଏହି ଘଟଣାରେ ରାଜା ମୁଖ୍ୟ କାର୍ପଟଦାର ଥିବା ଜଣାପଡିଥିଲା।

### ପଥର ବ୍ଲାଷ୍ଟିଂରେ ଶ୍ରମିକଙ୍କ ମୃତ୍ୟୁ

**କୋଟପାଡ଼/ଜୟପୁର, ୧୬।୯(ଡି.ଏନ.ଏ/ନି.ପ୍ର):** କୋରାପୁଟ ଜିଲା କୋଟପାଡ ଥାନା କୁସୁମି ଗ୍ରାମ ନିକଟ ଏକ ପଥର କୁଆଁରିର ବ୍ଲାଷ୍ଟିଂରେ ଜଣେ ଶ୍ରମିକଙ୍କ ସୋମବାର ମୃତ୍ୟୁ ଘଟିଛି। ସେ ହେଲେ କୋଟପାଡ ବ୍ଲକ ଚିତ୍ରା ପଞ୍ଚାୟତ ଖଟୁଗୁଡା ଗ୍ରାମର ନରିସଂହ ନାୟକଙ୍କ ପୁଅ ନିରଞ୍ଜନ ନାୟକ (୧୮)। ଉକ୍ତ ପଥର କୁଆଁରିରେ ପୂର୍ବାହ୍ନ ସାଢେ ୧୦ଟାରେ ବେଆଇନ ଭାବେ ବ୍ଲାଷ୍ଟିଂ କରାଯାଇଥିଲା। ଏଥିରେ ନିରଞ୍ଜନଙ୍କ ଶରୀର ଖଣ୍ଡବିଖଣ୍ଡିତ ହୋଇଯାଇଥିଲା। ପଥର କୁଆଁରିଠାରୁ ୧୦୦ ମିଟର ଦୂରରେ ତାଙ୍କର କ୍ଷତାକ୍ତ ଶରୀର ପଡିଥିବା ଗ୍ରାମବାସୀ ଦେଖି ତାଙ୍କ ପରିବାରଙ୍କୁ ସୂଚନା ଦେଇଥିଲେ। ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ପ୍ରଥମେ କୁସୁମି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ଜୟପୁରସ୍ଥିତ ଜିଲା ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଉକ୍ତ କୁଆଁରିର ପଥର ବ୍ଲାଷ୍ଟିଂ ନିମନ୍ତେ ଅନୁମତି ନ ଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସନ୍ଧ୍ୟା ସୁଦ୍ଧା କୋଟପାଡ ପୋଲିସ ଜୟପୁର ଚିକିତ୍ସାଳୟରେ ପହଞ୍ଚି ନ ଥିବା ଯୋଗୁଁ ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ଜଣାଯାଇଛି। ନିରଞ୍ଜନ ଦୈନିକ ୨ଶହ ଟଙ୍କା ପାରିଶ୍ରମିକରେ ତାଙ୍କ ପରିବାର ଭରଣପୋଷଣ କରୁଥିଲେ।

### ମିଳୁନି ଆବଶ୍ୟକ କୋଇଲା
### ଟିଟିପିଏସ୍‌ର ୩ ୟୁନିଟ୍ ବନ୍ଦ

ତାଳଚେର,୧୬।୯(ନି.ପ୍ର.): ଆବଶ୍ୟକ କୋଇଲା ଅଭାବରୁ ଏନ୍‌ଟିପିସି ପରିଚାଳନାଧୀନ ତାଳଚେର ଥର୍ମାଲ (ଟିଟିପିଏସ୍)ର ୩ ଗୋଟି ୟୁନିଟ୍ ରବିବାର ସନ୍ଧ୍ୟାଠାରୁ ବନ୍ଦ ରହିଛି। ଫଳରେ ଉକ୍ତ ପ୍ରକଳ୍ପରୁ ବିଦ୍ୟୁତ୍ ଉତ୍ପାଦନ ହ୍ରାସ ପାଇଛି। ଆବଶ୍ୟକ ପରିମାଣର କୋଇଲା ନ ମିଳିଲେ ଆଗାମୀ ଦିନରେ ଆହୁରି ଅଧିକ ୟୁନିଟ୍ ବନ୍ଦ ହେବାର ଆଶଙ୍କା ଥିବାରୁ ଏହା ବିଭାଗୀୟ କର୍ତ୍ତୃପକ୍ଷଙ୍କ ମୁଣ୍ଡବ୍ୟଥା ବଢ଼ାଇ ଦେଇଛି। ଏମ୍‌ସିଏଲ୍‌ର ତାଳଚେରସ୍ଥିତ ଜଗନ୍ନାଥ ଖୋଲା ମୁହଁ କୋଇଲା ଖଣି (ଓସିପି)ରୁ ଉତ୍ପାଦନ ହ୍ରାସ ଯୋଗୁ ଟିଟିପିଏସ୍‌ରେ କୋଇଲା ଅଭାବ ଦେଖାଦେଇଥିବା କୁହାଯାଉଛି। ୪୬୦ ମେଗାୱାଟ ବିଦ୍ୟୁତ୍ ଉତ୍ପାଦନ ବିଶିଷ୍ଟ ଟିଟିପିଏସ୍‌ରେ ୬ ଗୋଟି ୟୁନିଟ୍ ରହିଛି। ଏହା ଚାଲିବା ପାଇଁ ଦୈନିକ ୯ ହଜାର ମେଟ୍ରିକ ଟନ୍ କୋଇଲା ଆବଶ୍ୟକ। କିନ୍ତୁ ଏହି ପରିମାଣର କୋଇଲା ଯୋଗାଣ ହେଉ ନ ଥିବାରୁ ରବିବାରଠାରୁ ପ୍ଲାଣ୍ଟର ୧, ୩ ଓ ୫ ନମ୍ବର ୟୁନିଟ୍‌କୁ ବନ୍ଦ ରଖାଯାଇଛି। ଏଠାରୁ ଉତ୍ପାଦିତ ବିଦ୍ୟୁତ୍‌ର ସିଂହଭାଗ ଓଡ଼ିଶାକୁ ମିଳିଥାଏ। ଏମ୍‌ସିଏଲ୍ ଜଗନ୍ନାଥ କୋଇଲା ଖଣିରୁ ଦୈନିକ ୬ ହଜାର ମେଟ୍ରିକ ଟନ୍ କୋଇଲା ଟିଟିପିଏସ୍‌କୁ ଯୋଗାଣ ହୋଇଥାଏ। କିନ୍ତୁ ବର୍ତ୍ତମାନ ଜଗନ୍ନାଥ ଓସିପିରେ କୋଇଲା ଖନନ ନିମନ୍ତେ ଆବଶ୍ୟକୀୟ ଜାଗା ଉପଲବ୍ଧ ନ ଥିବାରୁ ଦୈନିକ ୩ ହଜାରରୁ ସାଢେ ୩ ହଜାର ମେଟ୍ରିକ ଟନ୍ କୋଇଲା ଉତ୍ପାଦନ ହେଉଛି।

ଡିଏଲ ଆବେଦନକାରୀଙ୍କୁ ଲୁଟୁଛନ୍ତି ଦଲାଲ




■ ଋଣବୋଝ ଅସହ୍ୟ ହେଲା

# ରଶି ଲଗାଇ ଯୁବକଙ୍କ ଆତ୍ମହତ୍ୟା

■ ମୃତ ଘାସିରାମ ଜଣେ ଚାଷୀ
■ ଜମି କିଣିବା ପାଇଁ ସେ ଋଣ କରିଥିଲେ

**ଟିଟିଲାଗଡ଼, ୧୬।୯ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଟିଟିଲାଗଡ଼ ବ୍ଲକ ଅନ୍ତର୍ଗତ ଦର୍ଲୋ ଗ୍ରାମର ଜଣେ ଯୁବକ ସୋମବାର ରଶି ବାନ୍ଧି ଆତ୍ମହତ୍ୟା କରିଛନ୍ତି। ମୃତକ ଜଣକ ହେଲେ ଘାସିରାମ ମାଝୀ(୪୮)। ଅତ୍ୟଧିକ ଋଣଭାର ଯୋଗୁ ମାନସିକ ଭାରସାମ୍ୟ ହରାଇ ସେ ଆତ୍ମହତ୍ୟା କରିଥିବା ମୃତକଙ୍କ ପରିବାର ଲୋକେ କହିଛନ୍ତି। ମୃତକଙ୍କ ସ୍ତ୍ରୀ କୈକେୟୀ ମାଝୀଙ୍କ କହିବା ଅନୁସାରେ ଘାସୀରାମ ୬ଟି ମାଇକ୍ରୋ ଫାଇନାନ୍ସ ଏବଂ ଅନ୍ୟାନ୍ୟ ଘରୋଇ ସୂତ୍ରରୁ ଲକ୍ଷାଧିକ ଟଙ୍କା ଋଣ ଉଠାଇଥିଲେ। ହେଲେ ଉଠାଣ କରିଥିବା ଟଙ୍କାର ସୁଧ ଦେବା ପାଇଁ ସକ୍ଷମ ହୋଇପାରୁ ନ ଥିଲେ। ନିଜ ପରିବାର ନାମରେ ଥିବା ଜମିବାଡି ବିକ୍ରି କରି ଋଣ ଶୁଝିଦେବା ପାଇଁ ଚେଷ୍ଟା କରି ବିଫଳ ହୋଇଥିଲେ। ଋଣ ବୋଝ ବଢ଼ି ଚାଲିଥିବା ଯୋଗୁ ଚାପରେ ସେ ଆତ୍ମହତ୍ୟା କରିଥିବା କୈକେୟୀ ସନ୍ଦେହ କରୁଛନ୍ତି। ଟିଟିଲାଗଡ଼ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛି। ଏ ସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲା (ନଂ. ୨୨/୧୯) ରୁଜୁ ହୋଇଛି। ପ୍ରକାଶ ଯେ, ଦେଢ ଏକର ଜମି ଚାଷ କରୁଥିବା ଘାସିରାମ ଗତବର୍ଷ ଲକ୍ଷାଧିକ ଟଙ୍କା ଋଣ କରି ଏକ ଜମି କ୍ରୟ କରିଥିଲେ।

# ଆଧାର ଲିଙ୍କ୍ ସତ୍ତ୍ୱେ ଗ୍ୟାସ୍ ସବ୍‌ସିଡି ନାହିଁ

**ଭୁବନେଶ୍ୱର,୧୬।୯(ବ୍ୟୁରୋ)**

୨୦୧୪ରେ କେନ୍ଦ୍ରରେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର ଆସିବା ପରେ ପ୍ରତ୍ୟେକ ଘରେ ଗ୍ୟାସ୍ ସଂଯୋଗ କରାଇବା ଉପରେ ବିଶେଷ ଗୁରୁତ୍ୱ ଦେଇଥିଲା। ସବୁଘରେ ସ୍ୱଚ୍ଛ ଇନ୍ଧନ ପହଞ୍ଚାଇବା ଲକ୍ଷ୍ୟ ରଖି କେନ୍ଦ୍ର ସରକାର ୨୦୧୬ ମେ ୧ରେ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା(ପିଏମ୍‌ୟୁୱାଇ)ଆରମ୍ଭ କରିଥିଲେ। ଏହା ପରଠାରୁ ୨୦୧୯ ସେପ୍ଟେମ୍ବର ୭ ସୁଦ୍ଧା କେନ୍ଦ୍ର ସରକାର ୮କୋଟି ଉଜ୍ଜ୍ୱଳା ସଂଯୋଗ କରିବାକୁ ରଖିଥିବା ଲକ୍ଷ୍ୟ ପୂରଣ କରିପାରିଥିବା ସୂଚନା ଦିଆଯାଇଛି। ଓଡ଼ିଶାରେ ୮୭ଲକ୍ଷ ୫୭ ହଜାର ଲୋକ ଗ୍ୟାସ୍ ସଂଯୋଗ ନେଇଛନ୍ତି। ସେଥିମଧ୍ୟରୁ ଉଜ୍ଜ୍ୱଳା ଯୋଜନାରେ ଓଡ଼ିଶାରେ ବର୍ତ୍ତମାନ ପର୍ଯ୍ୟନ୍ତ ୪୭ଲକ୍ଷ ୪୦ ହଜାର ଲୋକ ଗ୍ୟାସ ସଂଯୋଗ ନେଇଥିବା ଜଣାପଡିଛି। ଉପଭୋକ୍ତାମାନଙ୍କ ପାଇଁ କେନ୍ଦ୍ର ସରକାର ସବ୍‌ସିଡି ବ୍ୟବସ୍ଥା କରିଛନ୍ତି। ଏନେଇ ପ୍ରଚଳିତ ବ୍ୟବସ୍ଥା ଅନୁଯାୟୀ ସମ୍ପୂର୍ଣ୍ଣ ଗ୍ୟାସ୍ ମୂଲ୍ୟ ଉପଭୋକ୍ତାଙ୍କ ପାଖରୁ ନିଆଯାଇ ପରବର୍ତ୍ତୀ ସମୟରେ ସେମାନଙ୍କ ଆକାଉଣ୍ଟକୁ ସବ୍‌ସିଡି ବାବଦ ଅର୍ଥ ଫେରସ୍ତ ଦିଆଯାଏ। ହେଲେ ଏହି ବ୍ୟବସ୍ଥା ଆରମ୍ଭ ଦିନଠାରୁ ଅନେକ ଲୋକ ଗୋଟିଏ ଅଭିଯୋଗ କରି ଆସୁଛନ୍ତି ଯେ, ସେମାନଙ୍କ ଆକାଉଣ୍ଟକୁ ସବ୍‌ସିଡି ଅର୍ଥ ଆସୁନାହିଁ। କେବଳ ସେତିକି ନୁହେଁ, ଅନେକ ଗ୍ରାହକଙ୍କୁ ସବ୍‌ସିଡି ଅର୍ଥ ନିର୍ଦ୍ଦିଷ୍ଟ କୌଣସି ସମୟରେ ଫେରାଯାଉନାହିଁ ବୋଲି ଅଭିଯୋଗ ହେଉଛି।

ଜଣେ ଗ୍ୟାସ୍ ଡିଲରଙ୍କ ସୂଚନା ମୁତାବକ, ବର୍ତ୍ତମାନ ଲୋକେ ୬୧୭ଟଙ୍କା ୪୯ ପଇସାରେ ଗ୍ୟାସ୍ କିଣୁଛନ୍ତି। ସେଥିରୁ ସବ୍‌ସିଡି ବାବଦକୁ ୭୪ଟଙ୍କା ୮୦ପଇସା ହିତାଧିକାରୀଙ୍କ ଆକାଉଣ୍ଟକୁ ଆସୁଛି। ସୂଚନାଥାଉକି ଗ୍ୟାସ୍ ମୂଲ୍ୟ ବିଭିନ୍ନ ସମୟରେ ପରିବର୍ତ୍ତନ ହୋଇଥାଏ।



କୋଣାର୍କ ଅଞ୍ଚଳର ରୋଜାଲିନ ସାହୁଙ୍କ କହିବାନୁଯାୟୀ, ୨ ବର୍ଷ ହୋଇଗଲା ସବ୍‌ସିଡି ଅର୍ଥ ପାଇବା ପାଇଁ ବ୍ୟାଙ୍କ ଏବଂ ଗ୍ୟାସ୍ ଡିଲରଙ୍କ ପାଖକୁ ଦୌଡ଼ିବା ପରେ ମଧ୍ୟ କିଛି ଲାଭ ହେଉନାହିଁ। ୨ ବର୍ଷ ମଧ୍ୟରେ ବହୁ ଟଙ୍କା ତାଙ୍କର ସବ୍‌ସିଡି ବାବଦକୁ ରହିଲାଣି। ନିୟମାନୁଯାୟୀ ବ୍ୟାଙ୍କ ଖାତା ସହ ଆଧାର କାର୍ଡ ମଧ୍ୟ ଲିଙ୍କ୍ କରାଯାଇଛି। ତା'ପରେ ମଧ୍ୟ ଆମ ଟଙ୍କାକୁ କମ୍ପାନୀ ଚୋରାଇ ନେଇଛି ବୋଲି ରୋଜାଲିନ କହିଛନ୍ତି। ଯାଜପୁର ଜିଲା କୋରେଇ ବ୍ଲକର କବିତା ବାରିକଙ୍କ ମଧ୍ୟ ସମଦଶା। ୨ ବର୍ଷ ହୋଇଗଲା ଗ୍ୟାସ୍ ସଂଯୋଗ ନେଇଛନ୍ତି। କିନ୍ତୁ ସବ୍‌ସିଡି ଅର୍ଥ ପାଉନାହାନ୍ତି। ଏଥିପାଇଁ ବାରମ୍ବାର ବ୍ୟାଙ୍କ ଏବଂ ଡିଲର ପାଖକୁ ଦୌଡ଼ିବା ପରେ ସୁଦ୍ଧା ଫଳ ଶୂନ। ଏତେଦିନର ଯେଉଁ ସବ୍‌ସିଡି ଅର୍ଥ ରଖାଯାଇଛି ତା'ର ସୁଧ କିଏ ଦେବ ବୋଲି କବିତା ପ୍ରଶ୍ନ ଉଠାଇଛନ୍ତି। ସେହିପରି ଉତ୍ତରା ଶାସନର ତ୍ରିଲୋଚନ ବାରିକଙ୍କ କହିବା କଥା ହେଉଛି, ଆଧାର କାର୍ଡ ଦେଇ ନ ଥିବାରୁ ଏ ପର୍ଯ୍ୟନ୍ତ ସବ୍‌ସିଡି ଅର୍ଥ ମିଳିନାହିଁ। ଆମକୁ ସବ୍‌ସିଡି ଅର୍ଥ ନ ମିଳିବା ପଛରେ ସମସ୍ତଙ୍କ ଭୁଲ୍ ରହିଛି। ଯଦି ବ୍ୟାଙ୍କ ସହିତ ଆଧାର କାର୍ଡ ଲିଙ୍କ୍ ହେବା ନିତାନ୍ତ ଆବଶ୍ୟକ, ଏକଥା ଜଣେ ଗ୍ରାହକଙ୍କୁ କିଏ ଜଣାଇବ। ଦୀର୍ଘଦିନ ଧରି ବ୍ୟାଙ୍କରେ ଖାତା ଆମର ରହିଛି, ଆଧାର ସଂଯୋଗ ସମ୍ପର୍କରେ ବ୍ୟାଙ୍କ ଜାଣିଥିଲେ ମଧ୍ୟ ଜଣାଉନାହିଁ। ଏପରି କି ବ୍ୟାଙ୍କରେ ଆମର ଫୋନ ନମ୍ବର ଥିବା ସତ୍ତ୍ୱେ ଏସ୍‌ଏମ୍‌ଏସ ମିଳୁନାହିଁ। ଯଦି ବ୍ୟାଙ୍କ ନ ଦେଲା ତେବେ ଆମେ ଯେଉଁ ଗ୍ୟାସ୍ କମ୍ପାନୀର ଗ୍ରାହକ ହୋଇଛୁ, ସେମାନେ କାହିଁକି ଏସ୍‌ଏମ୍‌ଏସ୍ ଦେଉନାହାନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। ସେ ଆହୁରି କହିଛନ୍ତି, ନିୟମାନୁଯାୟୀ ଆଧାର ଲିଙ୍କ୍ କରା ନ ଗଲେ ବ୍ୟାଙ୍କରେ ଆକାଉଣ୍ଟ ଚାଲିବା କଥାନୁହେଁ, ତେବେ ଏହାକୁ କାହିଁକି ଠିକ୍ ଭାବେ କାର୍ଯ୍ୟକାରୀ କରାଯାଉନାହିଁ।

ସବ୍‌ସିଡି ଅର୍ଥ ପାଇବା ପାଇଁ କେନ୍ଦ୍ର ସରକାର ଆଧାର କାର୍ଡକୁ ବାଧ୍ୟତାମୂଳକ କରିଛନ୍ତି। ରିହାତି ଅର୍ଥ ପାଇବାକୁ ହେଲେ ଗ୍ରାହକଙ୍କୁ ନିଜ ବ୍ୟାଙ୍କ ଆକାଉଣ୍ଟ ସହ ଆଧାର କାର୍ଡ ସଂଯୋଗ କରିବାକୁ ପଡୁଛି। ମାତ୍ର କେନ୍ଦ୍ର ସରକାରଙ୍କ ଏହି ବାଧ୍ୟତାମୂଳକ ବ୍ୟବସ୍ଥାକୁ ସାଧାରଣ ଲୋକମାନେ ଗ୍ରହଣ କରିବାପରେ ମଧ୍ୟ ନିଜ ଅର୍ଥ ପାଇବାରେ ବହୁ ଗ୍ରାହକ ସକ୍ଷମ ହୋଇପାରୁ ନ ଥିବା ଜଣାପଡିଛି। କେବଳ ସେତିକି ନୁହେଁ ବରଂ ଗ୍ୟାସ୍ ଚୋରି ରୋକିବା ଲାଗି ଆଧାର କାର୍ଡ ବ୍ୟବସ୍ଥାକୁ କେନ୍ଦ୍ର ବିଶେଷ ଗୁରୁତ୍ୱ ଦେଇଥିବା କହିଛି। ତେବେ ଉଜ୍ଜ୍ୱଳା ଯୋଜନାରେ କେନ୍ଦ୍ର ସରକାର ସାମାଜିକ, ଅର୍ଥନୈତିକ ଜାତିଭିତ୍ତିକ ଜନଗଣନା (ଏସଇସିସି) ତାଲିକାରେ ଥିବା ଲୋକଙ୍କୁ ପ୍ରଥମେ ସାମିଲ କରାଯାଇଥିଲା। ଏହାପରେ ଏସ୍‌ସି,ଏସ୍‌ଟି ଲୋକଙ୍କୁ ଏହା ମଧ୍ୟକୁ ଅଣାଗଲା। ଏହି ବର୍ଗର ସମସ୍ତ ଲୋକଙ୍କୁ ସରକାରଙ୍କ ପକ୍ଷରୁ ୧୪ଶହ ଟଙ୍କାରେ ଚୁଲା ସହିତ ଗ୍ୟାସ ଟାଙ୍କି ଯୋଗାଇ ଦିଆଯାଉଛି। ଅର୍ଥାତ୍ ଉଜ୍ଜ୍ୱଳା ଯୋଜନାରେ ଗ୍ୟାସ ସଂଯୋଗ ନେଉଥିବା ଲୋକମାନେ କେଉଁ ବର୍ଗର ତାହା ସ୍ପଷ୍ଟ। ଯଦି ଏମାନଙ୍କୁ ନିଜ ଆକାଉଣ୍ଟ ସହ ଆଧାର ଲିଙ୍କ୍ କରିବାକୁ ବାଧ୍ୟ କରାଯାଏ ଏବଂ ନିୟମକାନୁନ ମାନିବା ପରେ ମଧ୍ୟ ସବ୍‌ସିଡି ଅର୍ଥ ନ ଆସେ, ସେମାନେ କ'ଣ କରିବେ ସେନେଇ ପ୍ରଶ୍ନ ଉଠିଲାଣି।

ଏଲ୍‌ପିଜି ଡିଜିଏମ୍ ଧର୍ମେନ୍ଦ୍ର ବେହୁରା କହିଛନ୍ତି ଯେ, ଆଧାର ଲିଙ୍କ୍ କରୁ ନ ଥିବା କ୍ଷେତ୍ରରେ ସବ୍‌ସିଡି ଆସିପାରୁନାହିଁ। କିଛିଟା ସ୍ଥାନରେ କୌଣସି କାରଣ ଯୋଗୁ ସବ୍‌ସିଡି ଆସିପାରୁ ନାହିଁ। ବହୁ ଲୋକଙ୍କ କ୍ଷେତ୍ରରେ ବ୍ୟାଙ୍କ ଆକାଉଣ୍ଟ ବନ୍ଦ ହେଇଯାଉଛି ମାତ୍ର ସେମାନେ ଜାଣିପାରୁ ନାହାନ୍ତି। କେବଳ ସବ୍‌ସିଡି ଆସୁନାହିଁ ବୋଲି ଅଭିଯୋଗ କରୁଛନ୍ତି। ଏହାପରେ ଆମେମାନେ ଘଟଣାର ଠିକ୍‌ଅନୁଧ୍ୟାନ କରିବାପରେ କାରଣ ଜଣାପଡୁଛି। ଅଳ୍ପକିଛି ଜାଗାରେ ଆଧାର ଲିଙ୍କ୍ କରାଇବା ସତ୍ତ୍ୱେ ଲୋକଙ୍କ ଟଙ୍କା ଆସିପାରୁ ନାହିଁ ବୋଲି ବେହୁରା କହିଛନ୍ତି।

### ନାବାଳିକା ବଳାତ୍କାରୀଙ୍କୁ ୧୦ବର୍ଷ ସଶ୍ରମ କାରାଦଣ୍ଡ

**ଫୁଲବାଣୀ ଅଫିସ, ୧୬।୯**

ଜଣେ ନାବାଳିକାଙ୍କୁ ବଳାତ୍କାର ମାମଲାର ରାୟ ସୋମବାର ପ୍ରକାଶ ପାଇଛି। ରେଡ ଫ୍ଲାଗ ତାଲିକାଭୁକ୍ତ ଏହି ମାମଲାର ବିଚାର କରି ଫୁଲବାଣୀ ଅତିରିକ୍ତ ଦୌରାଜଜ୍ ତଥା ପୋକ୍‌ସୋ କୋର୍ଟ ବିଚାରପତି ସମର ବିଳାସ ବେହେରା ଅଭିଯୁକ୍ତଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡାଦେଶ ସହ ୧୫ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ କ୍ଷେତ୍ରରେ ଅଧିକ ୬ ମାସ ଜେଲ ଭୋଗିବା ପାଇଁ ରାୟରେ ଉଲ୍ଲେଖ କରଛନ୍ତି। ଅଭିଯୁକ୍ତ ଜଣକ ହେଲେ ରାଇକିଆ ଥାନା ଅଞ୍ଚଳର ମନେନ୍ଦ୍ର ଦିଗାଲ। ୨୦୧୬ ନଭେମ୍ବର ୧୬ ତାରିଖରେ ରାଇକିଆ ଥାନା ଅଞ୍ଚଳର ନାବାଳିକା (୭ ବର୍ଷ) ଜଣକ ସ୍କୁଲରୁ ଫେରି ପାଖ ଘରକୁ ଟିଭି ଦେଖିବାକୁ ଯାଇଥିଲେ। ସନ୍ଧ୍ୟା ସୁଦ୍ଧା ଝିଅ ନ ଫେରିବାରୁ ମା' ସେଠାକୁ ଯାଇଥିଲେ। ଝିଅକୁ ନ ପାଇ ସେଠାରୁ ନଦୀ ଆଡ଼େ ଖୋଜିବାକୁ ଯାଇଥିଲେ। ବାଟରେ ମନେନ୍ଦ୍ରକୁ ଦେଖି ଝିଅ ସମ୍ପର୍କରେ ପଚାରିବାରୁ ଆମେ କାଠ ଗୋଟାଇବାକୁ ଯାଇଥିଲୁ ବୋଲି ସେ କହିଥିଲେ। ମା'ଙ୍କ ପାଟି ଶୁଣି ନାବାଳିକା ଜଣକ କାନ୍ଦି କାନ୍ଦି ସେଠାରେ ପହଞ୍ଚିଥିଲେ ଓ ଘଟଣା ସମ୍ପର୍କରେ ମା'ଙ୍କୁ କହିଥିଲେ। ଘଟଣା ପରଦିନ ଏ ନେଇ ନାବାଳିକାଙ୍କ ମା' ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୧୧୧/୧୬ରେ ଏକ ମାମଲା ରୁଜୁ କରି ମନେନ୍ଦ୍ରଙ୍କୁ କୋର୍ଟଚାଲାଣ କରିଥିଲା।

# ଭିଜିଲାନ୍ସ ଜାଲରେ କୋଟିପତି ଯନ୍ତ୍ରୀ

**ପୁରୀ ଅଫିସ/ନିମାପଡ଼ା, (ଡି.ଏନ.ଏ)୧୬।୯**

ନିମାପଡ଼ା ଜଳସମ୍ପଦ ବିଭାଗର କୋଟିପତି ସହକାରୀ ନିର୍ବାହୀ ଯନ୍ତ୍ରୀ ଲକ୍ଷ୍ମୀଧର ବିଶ୍ୱାଳ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ବିଭାଗ ପକ୍ଷରୁ ସୋମବାର ତାଙ୍କ ସରକାରୀ କାର୍ଯ୍ୟାଳୟ, ବାସଭବନ ସମେତ ଏକକାଳୀନ ୭ଟି ସ୍ଥାନରେ ଚଢାଉ କରାଯାଇଛି। ଏହି ସମୟରେ ୧୦ଟି ପ୍ଲଟ, ୨ଟି ଚାରି ମହଲା କୋଠା, ଏକ ଆଜବେଷ୍ଟସ ଘର, ୩୪ ଲକ୍ଷ ଟଙ୍କାର ଦୁଇଟି କାର୍, ୩ଟି ବାଇକ୍, ୧୪ ଲକ୍ଷ ଟଙ୍କାର ସୁନାଗହଣା, ଏଲ୍‌ଆଇସି ଏବଂ ଅନ୍ୟାନ୍ୟ କମ୍ପାନୀରେ ରହିଥିବା ୭ ଲକ୍ଷ ଟଙ୍କାର ବୀମା, ବିଭିନ୍ନ ବ୍ୟାଙ୍କରେ ଥିବା ଏକାଧିକ ଜମାଖାତା ଜବତ କରାଯାଇଛି। ଜବତ ହୋଇଥିବା ଯନ୍ତ୍ରୀ ବିଶ୍ୱାଳଙ୍କ ସ୍ଥାବର ଓ ଅସ୍ଥାବର ସମ୍ପତ୍ତିର ମୂଲ୍ୟ ଦେଢ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଚଢାଉ ଜାରି ରହିଥିବା ପୁରୀ ଭିଜିଲାନ୍ସ ଡିଏସ୍‌ପି ହର ନାରାୟଣ ପତି କହିଛନ୍ତି।

ସୂଚନା ଅନୁଯାୟୀ, ଭୋର ସମୟରେ ପୁରୀ ଓ ଭୁବନେଶ୍ୱର ଭିଜିଲାନ୍ସ ବିଭାଗ ପକ୍ଷରୁ ମିଳିତ ଭାବେ ଚଢାଉ ହୋଇଥିଲା।



ସହକାରୀ ନିର୍ବାହୀ ଯନ୍ତ୍ରୀ ଲକ୍ଷ୍ମୀଧର ବିଶ୍ୱାଳଙ୍କ ନିମାପଡ଼ାସ୍ଥିତ ସରକାରୀ କ୍ୱାର୍ଟର୍ସରେ ଚଢାଉ ବେଳେ ଭିଜିଲାନ୍ସ ଅଧିକାରୀମାନେ କାଗଜପତ୍ର ଯାଞ୍ଚ କରୁଛନ୍ତି।

ନିମାପଡ଼ାସ୍ଥିତ ଯନ୍ତ୍ରୀ ବିଶ୍ୱାଳଙ୍କ କାର୍ଯ୍ୟାଳୟ ଓ କ୍ୱାର୍ଟର୍ସ, ନିମାପଡ଼ା ଏନ୍‌ଏସି ଅଧୀନ ଭୁବନପୁରସ୍ଥିତ ଘର, ପୁରୀ ସହରର ମଧୁବନ ୫ମ ଲେନ୍ ଏବଂ ସେନାପତି ବଗିଚାରେ ଥିବା କୋଠା, ବଳଙ୍ଗା ଥାନା ଅନ୍ତର୍ଗତ ବ୍ରାହ୍ମଣଖଣ୍ଡିସ୍ଥିତ ପୈତୃକ ଘର ଏବଂ ଦୀପ୍ତିଦେଉଳିସ୍ଥିତ ଶ୍ୱଶୁର ଘରେ ଏକସଙ୍ଗେ ଚଢାଉ କରାଯାଇଥିଲା। ଭୁବନେଶ୍ୱର ଭିଜିଲାନ୍ସ ଡିଏସ୍‌ପି ସୁଶାନ୍ତ ପାଣିଗ୍ରାହୀ, ଆଇଆଇସି ସରିତା ତ୍ରିପାଠୀ, ଏ.କେ. ବିରୁଆଙ୍କ ସମେତ ପୁରୀ ଡିଏସ୍‌ପି ପତି, ଆଇଆଇସି ମଦନ ମୋହନ ପ୍ରଧାନ, ଖୋର୍ଦ୍ଧା ଭିଜିଲାନ୍ସର ଆଇଆଇସି ଚନ୍ଦ୍ରକଳା ଜେନା ଏବଂ ମନୋରଞ୍ଜନ ପାଇକରାୟ ପ୍ରମୁଖ ଚଢାଉରେ ସାମିଲ ଥିଲେ।

# ୨୦ ଯାଏ ହାଲକା ବର୍ଷା

**ଭୁବନେଶ୍ୱର,୧୬।୯(ବ୍ୟୁରୋ)**

ରାଜ୍ୟରେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଦୁର୍ବଳ ରହିଛି। ଏଥିଯୋଗୁ ଆସନ୍ତା ୨୦ ତାରିଖ ଯାଏ ରାଜ୍ୟରେ ହାଲକା ବର୍ଷା ରହିବ। କେତେକ ସ୍ଥାନରେ ଘଡଘଡି ସହ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ଆଞ୍ଚଳିକ ପାଣିପାଗ ବିଭାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଆଭ୍ୟନ୍ତରୀଣ ଓଡ଼ିଶାର ଅନେକ ସ୍ଥାନରେ ଏବଂ ଉପକୂଳବର୍ତ୍ତୀ ଜିଲାରେ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସମୟ ମଧ୍ୟରେ ବଲାଙ୍ଗୀର, ସୋନପୁର, ବରଗଡ, ସମ୍ବଲପୁର, ଝାରସୁଗୁଡା, ସୁନ୍ଦରଗଡ, ଦେବଗଡ, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, କନ୍ଧମାଳ, ନୟାଗଡ, ଖୋର୍ଦ୍ଧା, କଳାହାଣ୍ଡି, ଗଞ୍ଜାମ ଜିଲାର ଗୋଟିଏ ଦୁଇଟି ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲା ପାଇଁ ପାଣିପାଗ ବିଭାଗ ପକ୍ଷରୁ ଏଲୋ ୱାର୍ନିଂ ଜାରି କରାଯାଇଛି। ରାଜ୍ୟରେ ବର୍ଷା ସ୍ୱାଭାବିକ ରହିଛି। ଗତ ୨୪ ଘଣ୍ଟା ମଧ୍ୟରେ କେନ୍ଦୁଝରରେ ସର୍ବାଧିକ ୮୪ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ବାରିପଦା ୪୦, ତାଳଚେର ୭, ଭବାନୀପାଟଣା ୪.୪, ଟିଟିଲାଗଡ ୧୭.୭ ଏବଂ ଦାରିଙ୍ଗବାଡିରେ ସର୍ବାଧିକ ୯ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

# ବିପର୍ଯ୍ୟୟ ବେଳେ ଭରସା 'ଆଞ୍ଚଳିକ ପ୍ରଶମନ କେନ୍ଦ୍ର'

**ବାଲେଶ୍ୱର ଅଫିସ,୧୬।୯**

ପ୍ରାକୃତିକ ବିପର୍ଯ୍ୟୟର ତତ୍କାଳ ମୁକାବିଲା ଲାଗି ବାଲେଶ୍ୱରଠାରୁ ୧୨କି.ମି. ଦୂର ଚାନ୍ଦିପୁର ନିକଟବର୍ତ୍ତୀ ହିଡିଙ୍ଗା ଅଞ୍ଚଳରେ ସୋମବାର ରିଜିଓନାଲ ରେସପନ୍ସ ସେଣ୍ଟର (ଆର୍‌ଆର୍‌ସି) ବା ଆଞ୍ଚଳିକ ପ୍ରଶମନ କେନ୍ଦ୍ର ନିର୍ମାଣ ଲାଗି ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହି କେନ୍ଦ୍ର ଜରିଆରେ ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ ଜିଲାରେ ପ୍ରାକୃତିକ ବିପର୍ଯ୍ୟୟ ବେଳେ ଅବିଳମ୍ବେ ସହାୟତା ପହଞ୍ଚାଇଦିଆଯିବ। କଟକ ମୁଣ୍ଡୁଳି ପରେ ଦ୍ୱିତୀୟ ସ୍ଥାନ ଭାବେ ବାଲେଶ୍ୱରରେ ଆର୍‌ଆର୍‌ସି ପ୍ରତିଷ୍ଠା ହେଉଛି। ଏହାକୁ ମିଶାଇ ଦକ୍ଷିଣ ଓ ପଶ୍ଚିମ ଓଡ଼ିଶାର ୪ଟି ସ୍ଥାନରେ ଏଭଳି କେନ୍ଦ୍ର ପ୍ରତିଷ୍ଠା କରାଯିବ। ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ (ଏନଡିଆର୍‌ଏଫ୍) ପକ୍ଷରୁ ହିଡିଙ୍ଗାଠାରେ ନିର୍ମାଣ ହେବାକୁ ଥିବା ଏହି କେନ୍ଦ୍ର ସକାଶେ ୬କୋଟି ୩୧ଲକ୍ଷ ଟଙ୍କା ବ୍ୟୟ ହେବ। ଭିତ୍ତିପ୍ରସ୍ତର ସ୍ଥାପନ ଅବସରରେ ଏନ୍‌ଡ଼ିଆର୍‌ଏଫ୍ ଡିଜି ସତ୍ୟନାରାୟଣ ପ୍ରଧାନ ଏହି ସୂଚନା ପ୍ରଦାନ କରିଛନ୍ତି। ଉତ୍ସବରେ ବାଲେଶ୍ୱର ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ଜିଲା ଆରକ୍ଷୀ ଅଧୀକ୍ଷକ ବି. ଯୁଗଳ କିଶୋର କୁମାରଙ୍କ ସମେତ ଏନ୍‌ଡିଆର୍‌ଏଫ୍‌ର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।




ଏନ୍‌ଡିଆର୍‌ଏଫ୍ ଡିଜି ସତ୍ୟନାରାୟଣ ପ୍ରଧାନ ଆର୍‌ଆର୍‌ସି ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି।

■ ବାଲେଶ୍ୱରରେ ଭିତ୍ତିପ୍ରସ୍ତର ସ୍ଥାପନ
■ ବ୍ୟୟ ହେବ ୬କୋଟି ୩୧ଲକ୍ଷ
■ ୭ ଦେଶର ପ୍ରତିନିଧିଙ୍କୁ ନେଇ ହେବ ମିଳିତ ଅଭ୍ୟାସ

ପ୍ରାକୃତିକ ବିପର୍ଯ୍ୟୟ ଉପକୂଳବର୍ତ୍ତୀ ଅଞ୍ଚଳ ସମେତ ଓଡ଼ିଶାବାସୀଙ୍କ ଚିର ସହଚର ପାଲଟିଛି। ଯେକୌଣସି ବିପର୍ଯ୍ୟୟର ମୁକାବିଲା ଲାଗି ଉକ୍ତ କେନ୍ଦ୍ରରେ ୪ଟି ଟିମ୍ ସର୍ବଦା ଜଣେ କମାଣ୍ଡରଙ୍କ ନେତୃତ୍ୱରେ ପ୍ରସ୍ତୁତ ରହିବେ। ହିଡ଼ିଙ୍ଗାରେ ୩.୫୮ଏକର ଜମିରେ ଆର୍‌ଆର୍‌ସି ନିର୍ମାଣ କରାଯିବ। ଏହି କେନ୍ଦ୍ର ଉତ୍ତରଓଡ଼ିଶାର ବିଭିନ୍ନ ଜିଲା ପାଇଁ ସହାୟକ ହେବ। ରାଜ୍ୟସରକାର ଆବଶ୍ୟକ ଜମି ଯୋଗାଇଦେଲେ ରାଜ୍ୟର ଅନ୍ୟ ସ୍ଥାନରେ ଏଭଳି କେନ୍ଦ୍ର ଶୀଘ୍ର ନିର୍ମାଣ କରାଯିବ। ଏହାଛଡା ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ଲାଗି ଓଡ଼ିଶାରେ ମିଳିତ ଅଭ୍ୟାସ କାର୍ଯ୍ୟକ୍ରମ ହାତକୁ ନିଆଯିବ। ଏଥିରେ ୭ଟି ପଡୋଶୀ ଦେଶୀ ଯୋଗ ଦେବେ ବୋଲି ଡିଜି ପ୍ରଧାନ କହିଛନ୍ତି। ଭାରତ ପାଖରେ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ୩୧୦ଟି ଯନ୍ତ୍ରାଂଶ ରହିଛି। ଏହା ସବୁପ୍ରକାର ବିପର୍ଯ୍ୟୟର ମୁକାବିଲା କରିବାକୁ ସକ୍ଷମ। ବିପର୍ଯ୍ୟୟ ସମୟରେ ଯୋଗାଯୋଗ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡୁଥିବାରୁ ଏହି ବାଧାକୁ ଅତିକ୍ରମ କରିବାକୁ ଲକ୍ଷ୍ୟ ରଖାଯାଇଛି। ବିପର୍ଯ୍ୟୟ ପରେ ଯେଉଁ ପରିସ୍ଥିତି ସୃଷ୍ଟି ହୁଏ ତାକୁ ମୁକାବିଲା କରିବାରେ ଯୋଗାଯୋଗ ବ୍ୟବସ୍ଥା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଏଣୁ ଗ୍ରୀଡ୍ ସିଷ୍ଟମ୍‌ରେ କଣ୍ଟ୍ରୋଲ ରୁମ୍‌ଗୁଡ଼ିକ ରାଜ୍ୟ, ଜିଲା ଏବଂ ବ୍ଲକ ପାଇଁ ଯେଭଳି ଏକତ୍ର କାର୍ଯ୍ୟ କରିବେ ସେଥିଲାଗି ଚେଷ୍ଟା କରାଯାଉଛି। ନଭେମ୍ବରରେ ପ୍ରଥମ ଏବଂ ୨୦୨୦ ଫେବୃୟାରୀରେ ଶେଷ ଆଡକୁ ପ୍ରଶିକ୍ଷଣ ଶିବିର ଆୟୋଜନ କରାଯିବ। ୪ଶହରୁ ଅଧିକ ପ୍ରଶିକ୍ଷକ ଯୋଗଦେବେ। ଏଭଳି କାର୍ଯ୍ୟକ୍ରମ ଓଡ଼ିଶା ପାଇଁ ଗର୍ବର ବିଷୟ ବୋଲି ପ୍ରଧାନ କହିଛନ୍ତି।

ଓଡ଼ିଶାରେ ବନ୍ୟା, ବାତ୍ୟା ପ୍ରଭାବିତ ଅଞ୍ଚଳ ସମେତ ଓ ପ୍ରତ୍ନତାତ୍ତ୍ୱିକ ଇଲାକା ଉପରେ ସର୍ଭେ କରାଯାଇ ଏକ ମଡେଲ ପ୍ରସ୍ତୁତ କରାଯାଇଛି। ଏହା ଉପରେ ପ୍ରଶମନ ବଳଙ୍କୁ ପ୍ରଶିକ୍ଷଣ ଦିଆଯିବ। ବାଲେଶ୍ୱର ସଦର ବ୍ଲକ ଅଧୀନ ହିଡିଙ୍ଗାଠାରେ ହେବାକୁ ଥିବା କେନ୍ଦ୍ର ଲୋକମାନଙ୍କ ଭରସାର ଆଧାର ହେବ ବୋଲି ଶିଳାନ୍ୟାସ କାର୍ଯ୍ୟକ୍ରମ ଅବସରରେ ଧରିତ୍ରୀକୁ ଏକ ସ୍ୱତନ୍ତ୍ର ସାକ୍ଷାତ୍‌କାର ଦେଇ ଏନ୍‌ଡିଆର୍‌ଏଫ୍ ଡିଜି ପ୍ରଧାନ କହିଥିଲେ।

■ ୨୬ ପୂର୍ବତନ ବିଧାୟକଙ୍କୁ ବାଚସ୍ପତିଙ୍କ ନୋଟିସ

# ତୁରନ୍ତ କ୍ୱାର୍ଟର୍ସ ଛାଡ଼, ନଚେତ ବିଦ୍ୟୁତ୍, ପାଣି ବନ୍ଦ

**ଭୁବନେଶ୍ୱର,୧୬।୯(ବ୍ୟୁରୋ)**

ସରକାରୀ କ୍ୱାର୍ଟର୍ସଗୁଡିକୁ ତୁରନ୍ତ ଛାଡିବା ପାଇଁ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ସୋମବାର ୨୬ ଜଣ ପୂର୍ବତନ ବିଧାୟକଙ୍କୁ ନୋଟିସ ଜାରି କରିଛନ୍ତି। ଏଥିସହିତ ପାଣି ଓ ବିଦ୍ୟୁତ୍ ଯୋଗାଉଥିବା ବିଭାଗଗୁଡିକୁ ମଧ୍ୟ ନୋଟିସ ଜାରି କରାଯାଇଛି। ଯେଉଁ ପୂର୍ବତନ ବିଧାୟକମାନେ ଗତ ନିର୍ବାଚନରେ ପରାଜିତ ହୋଇ କ୍ୱାର୍ଟର୍ସ ଛାଡୁ ନାହାନ୍ତି ସେମାନେ ତୁରନ୍ତ ହସ୍ତାନ୍ତର କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ନଚେତ ସେହି କ୍ୱାର୍ଟର୍ସକୁ ପାଣି ଓ ବିଦ୍ୟୁତ୍ ଯୋଗାଣ ବନ୍ଦ କରିବାକୁ ସମ୍ପୃକ୍ତ ବିଭାଗଗୁଡିକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ବାଚସ୍ପତି ଗଣମାଧ୍ୟମକୁ କହିଛନ୍ତି। ସେହି କ୍ୱାର୍ଟର୍ସଗୁଡିକୁ ନୂତନ ବିଧାୟକମାନଙ୍କୁ ଆଲଟ୍ କରାଯାଇଛି। କ୍ୱାର୍ଟର୍ସ ଛାଡି ନ ଥିବାରୁ ନୂତନ ବିଧାୟକଙ୍କୁ ଯୋଗାଇ ଦିଆଯାଇ ପାରୁ ନାହିଁ। କ୍ୱାର୍ଟର୍ସ ଛାଡିବାକୁ ଯେଉଁମାନଙ୍କୁ ନୋଟିସ କରାଯାଇଛି ସେମାନେ ହେଲେ ପୂର୍ବତନ ବିଧାୟକ ବସନ୍ତ କୁମାର ପଣ୍ଡା, ବେଦ ପ୍ରକାଶ ଅଗ୍ରୱାଲ, ଭୁଜବଳ ମାଝି, ବିଭୂତି ଭୂଷଣ ହରିଚନ୍ଦନ, ବିଜୟଶ୍ରୀ ରାଉତରାୟ, ଦାମୋଦର ରାଉତ, ଦେବାଶିଷ ନାୟକ, ଧନେଶ୍ୱର ମାଝି, ଗୋଲକ ବିହାରୀ ନାଏକ, ଯୁଗଳ କିଶୋର ପଟ୍ଟନାୟକ, କିଶୋର ଚନ୍ଦ୍ର ତରାଇ, ମହେଶ ସାହୁ, ନନ୍ଦିନୀ ଦେବୀ, ନୀତେଶ ଗଙ୍ଗଦେବ, ପ୍ରଭାତ କୁମାର ତ୍ରିପାଠୀ, ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ପୁଷ୍ପେନ୍ଦ୍ର ସିଂଦେଓ, ରବି ନାରାୟଣ ନାଏକ, ରମେଶ ଚନ୍ଦ୍ର ମାଝି, ସାନନ୍ଦ ମାରାଣ୍ଡି, ସଞ୍ଜୟ କୁମାର ଦାସବର୍ମା, ସଞ୍ଜୀବ କୁମାର ସାହୁ, ସରୋଜ କୁମାର ସାମଲ, ସୁବଳ ସାହୁ, ସରୋଜିନୀ ହେମ୍ବ୍ରମ ଏବଂ ଝିନ୍ନ ହିକ୍‌କା। ଏଠାରେ ସୂଚନା ଯୋଗ୍ୟ ଯେ ଭୁଜବଳ ମାଝି ଏବଂ ରବି ନାରାୟଣ ନାୟକ ଦୁଇଟି ଲେଖାଏ ସରକାରୀ କ୍ୱାର୍ଟର୍ସକୁ ନିଜ ଅକ୍ତିଆରରେ ରଖିଛନ୍ତି। ଗତ ମାସ ମଧ୍ୟରେ ୨ଥର କ୍ୱାର୍ଟର୍ସ ଛାଡିବାକୁ ବିଧାନସଭା ସଚିବାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ସେମାନଙ୍କ ମଧ୍ୟରୁ ୫ଜଣ ଏମ୍‌ପି ହୋଇଥିଲେ ମଧ୍ୟ କ୍ୱାର୍ଟର୍ସକୁ ମାଡି ବସି ରଖିଛନ୍ତି। ତେବେ ଦାମୋଦର ରାଉତ, ବିଜୟଶ୍ରୀ ରାଉତରାୟ, ପ୍ରଭାତ ତ୍ରିପାଠୀଙ୍କ ପୁତ୍ର ବିଧାୟକ ଥିବାରୁ ବାପାଙ୍କ କ୍ୱାର୍ଟର୍ସକୁ ନିଜ ନାମରେ କରିବାକୁ ଉଦ୍ୟମ କରୁଛନ୍ତି। ସେହିପରି ସ୍ୱର୍ଗତ ପୂର୍ବତନ ବିଧାୟକ ବେଦ ପ୍ରକାଶ ଅଗ୍ରୱାଲଙ୍କ ସ୍ତ୍ରୀ ସାବିତ୍ରୀ ଅଗ୍ରୱାଲ ବିଧାୟକ ଥିବାରୁ ନିଜ ନାମରେ ତାଙ୍କ ସ୍ୱାମୀଙ୍କ କ୍ୱାର୍ଟର୍ସକୁ ରଖିବାକୁ ଚାହୁଁଛନ୍ତି। ସେହିପରି ବିଜେପୁର ବିଧାୟକ ସ୍ୱର୍ଗତ ସୁବଳ ସାହୁଙ୍କ ନାମରେ ଥିବା କ୍ୱାର୍ଟର୍ସକୁ ତାଙ୍କ ସ୍ତ୍ରୀ ତଥା ପୂର୍ବତନ ବିଧାୟିକ ରୀତା ସାହୁଙ୍କ ଦଖଲରେ ରହିଛି। ବିଜେଡି ତାଙ୍କୁ ଆଗାମୀ ବିଜେପୁର ବିଧାନସଭା ଆସନ ପାଇଁ ପ୍ରାର୍ଥୀ କରିବା ସମ୍ଭାବନା ଥିବାରୁ ସେ କ୍ୱାର୍ଟର୍ସ ଛାଡି ନ ପାରନ୍ତି ବୋଲି କୁହାଯାଉଛି।

ଥରେ ବିଧାନସଭାକୁ ନିର୍ବାଚିତ ହେଲେ ସରକାରଙ୍କ ତରଫରୁ ମିଳିଥିବା କ୍ୱାର୍ଟର୍ସକୁ ଆଉ ବିଧାୟକମାନେ ଛାଡିବାକୁ ନାରାଜ। ଭୁବନେଶ୍ୱରରେ ଏତେ ଶସ୍ତାରେ ଘର ମିଳିବା କଷ୍ଟ। ନିଜର ବିଭିନ୍ନ କାର୍ଯ୍ୟ ପାଇଁ ରାଜଧାନୀରେ ପୂର୍ବତନ ବିଧାୟକ, ମନ୍ତ୍ରୀଙ୍କ ନାମରେ ଥିବା କ୍ୱାର୍ଟର୍ସ ବର୍ଷ ବର୍ଷ ଧରି ନିଜ ଅକ୍ତିଆରରେ ରଖାଯାଇଛି। ନବ ନିର୍ବାଚିତ ବିଧାୟକମାନେ କ୍ୱାର୍ଟର୍ସ ନ ପାଇ ଏଣେ ତେଣେ ରହୁଛନ୍ତି। ଗତ ବିଧାନସଭା ଚାଲିଥିବା ବେଳେ ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝି ଏ ନେଇ ବିଧାନସଭାରେ ବାଚସ୍ପତିଙ୍କ ଦୃଷ୍ଟିଆକର୍ଷଣ କରିଥିଲେ। ଏପରି କି ତାଙ୍କୁ ରାଜ୍ୟ ସରକାରଙ୍କ ଅତିଥି ଭବନ ବାରଣ୍ଡାରେ ରାତି କାଟିବାକୁ ପଡୁଛି ବୋଲି କହିଥିଲେ। ଜୀବନ ପ୍ରତି ବିପଦ ଅଛି ତୁରନ୍ତ କ୍ୱାର୍ଟର୍ସ ଯୋଗାଇ ଦେବାକୁ ଅନୁରୋଧ କରିଥିଲେ।

ଧରିତ୍ରୀ
DHARITRI
ସମ୍ବଲପୁର, ମଙ୍ଗଳବାର, ୧୭ ସେପ୍ଟେମ୍ବର, ୨୦୧୯

## ବିଦ୍ୟୁତ୍ ସଂଯୋଗ ବେଳେ ଠିକା କର୍ମଚାରୀଙ୍କ ମୃତ୍ୟୁ

ଭବାନୀପାଟଣା, ୧୬।୯ (ଡି.ଏନ.ଏ)– କଳାହାଣ୍ଡି ଜିଲା ଭବାନୀପାଟଣା ସଦର ଥାନା ଅନ୍ତର୍ଗତ ସଂଗଝରଣ ଗାଁରେ ସୋମବାର ବିଦ୍ୟୁତ୍ ସଂଯୋଗ ବେଳେ ଏକ ଦୁଃଖଦ ଘଟଣା ଘଟିଛି। ସୌଭାଗ୍ୟ ଯୋଜନାରେ ହିତାଧିକାରୀଙ୍କ ଘରକୁ ସଂଯୋଗ ବେଳେ ନିୟୋଜିତ ଠିକା କର୍ମଚାରୀ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଯାଇଥିଲେ। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ମୃତ ଶ୍ରମିକ କେସିଙ୍ଗା ଥାନା ଅଞ୍ଚଳର। ଏହି ଘଟଣା ଘଟିବା ପରେ ଅନ୍ୟ ଠିକା କର୍ମଚାରୀମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି।



### ଜନ୍ମଦିନର ଶୁଭେଚ୍ଛା

ନାମ: ...................................
ବୟସ:...................................
ଜନ୍ମ ତାରିଖ: ............................


ଦେବାଶିଷ
ପରିବାରବର୍ଗ


ଧ୍ରୁବ୍
ପରିବାରବର୍ଗ


ଜିଜ୍ଞାଶା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି–୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ନିଖୋଜଙ୍କୁ ଖୋଜୁଛି ବାୟୁସେନା, ନୌସେନା

ମାଲକାନଗିରି, ୧୬।୯ (ଡି.ଏନ୍.ଏ.)

ମାଲକାନଗିରି ଜିଲା ସୀମାନ୍ତବର୍ତ୍ତୀ ଆନ୍ଧ୍ର ପ୍ରଦେଶରେ ପୂର୍ବ ଗୋଦାବରୀ ନଦୀରେ ରବିବାର ଲଞ୍ଚ ବୁଡି ୫୦ ଜଣ ନିଖୋଜ ହୋଇଯାଇଥିଲେ। ସେମାନଙ୍କ ମଧ୍ୟରୁ ୧୨ ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ସୋମବାର ଅନ୍ୟ ନିଖୋଜମାନଙ୍କୁ ଖୋଜିବା ଲାଗି ବାୟୁସେନା ଓ ନୌସେନାର ହେଲିକେପ୍ଟର ଓ ଓଡ୍ରାଫ୍ ଟିମ୍ ନିୟୋଜିତ ହୋଇଛନ୍ତି। ତଲାସି ଅଭିଯାନ ଜାରି ରହିଛି। ଗୋଦାବରୀ ନଦୀରେ ଉକ୍ତ ଲଞ୍ଚ ପ୍ରାୟ ୩ଶହ ଫୁଟ ପାଣି ତଳେ ବୁଡି ଯାଇଥିଲା। ଏହାକୁ ନୌସେନା ପକ୍ଷରୁ ସୋମବାର ସକାଳେ ଠାବ କରାଯାଇଛି। ଦେବୀପଟଣା ପୋଲାଭରମ୍–୩ଠାରେ ତିନୋଟି ହେଲିକେପ୍ଟର ନିୟୋଜିତ ହୋଇଛି। ୬ଟି ଅଗ୍ନିଶମ ବିଭାଗ ଉଦ୍ଧାର କାର୍ଯ୍ୟରେ ଲାଗିଛନ୍ତି। ୮ଟି ଏୟାର ବୋଟ୍, ୧୨ଟି ଆସ୍କା ଲାଇଟ୍, ଦୁଇ କମ୍ପାନୀ ଏନ୍‌ଡିଆର୍‌ଏଫ୍, ୩ କମ୍ପାନୀ ଏସ୍‌ଡିଆର୍‌ଏଫ୍, ଭାରତୀୟ ନୌସେନାର ଗଭୀର ବୁଡାଳି ଦଳ, ଦୁଇଟି ନୌସେନା ହେଲିକେପ୍ଟର, ଗୋଟିଏ ଓଏନ୍‌ଜିସିର ହେଲିକେପ୍ଟର ଏବଂ ଉତ୍ତରାଖଣ୍ଡରୁ ୬ଜଣ ସ୍ୱତନ୍ତ୍ର ଏସ୍‌ଡିଆର୍‌ଏଫ୍ ଦଳମଧ୍ୟ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ତେବେ ଲଞ୍ଚ ମଧ୍ୟରେ ମୃତଦେହ ଥିବା ଆଶଙ୍କା କରାଯାଉଛି। ସୋମବାର ଆନ୍ଧ୍ର ମୁଖ୍ୟମନ୍ତ୍ରୀ ୱାଇ.ଏସ୍. ଜଗନମୋହନ ରେଡ୍ଡି ହେଲିକେପ୍ଟର ଯୋଗେ ଘଟଣା ସ୍ଥଳକୁ ପହଞ୍ଚି ଉଦ୍ଧାର କାର୍ଯ୍ୟ ତଦାରଖ କରିଛନ୍ତି। ତେଲେଙ୍ଗାନା ମନ୍ତ୍ରୀ ଟି. ଦୟାକର ରାଓ ମଧ ଘଟଣା ସ୍ଥଳରେ ପହଞ୍ଚିଛନ୍ତି।


ଡଙ୍ଗାବୁଡ଼ିର ଦ୍ୱିତୀୟ ଦିନରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି।

**ଗୋଦାବରୀ ନଦୀରେ ଲଞ୍ଚ ବୁଡି ଘଟଣା**

- ବୋଟ୍ ମାଲିକଙ୍କ ନାମରେ ରୁଜୁ ହେଲା ମାମଲା
- ଆନ୍ଧ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଧାରକାର୍ଯ୍ୟ ତଦାରଖ

ଆନ୍ଧ୍ର ଡିଜି ଘଟଣାର ତଦନ୍ତ କରୁଛନ୍ତି। ବୋଟ ମାଲିକଙ୍କ ନାମରେ ମକଦ୍ଦମା ରୁଜୁ କରାଯାଇଛି। ନିଖୋଜମାନଙ୍କ ମଧ୍ୟରୁ ଅଧିକାଂଶ ଆନ୍ଧ୍ର ପ୍ରଦେଶ ଓ ତେଲେଙ୍ଗାନା ରାଜ୍ୟର ବୋଲି ଜଣାପଡିଛି। ତେବେ ବର୍ତ୍ତମାନ ସୁଦ୍ଧା ପର୍ଯ୍ୟଟକମାନଙ୍କ ସଠିକ୍ ଠିକଣା ମିଳିନାହିଁ। ସୂଚନାଯୋଗ୍ୟ ଯେ, ରବିବାର ଏକ ଲଞ୍ଚ ଦେବିପଟ୍ଟମଠାରୁ ୬୦ଜଣ ପର୍ଯ୍ୟଟକଙ୍କୁ ନେଇ ଗୋଦାବରୀ ନଦୀରେ ଥିବା ପାପିକୋଣ୍ଡାଲୁ ପର୍ଯ୍ୟଟନ ସ୍ଥଳକୁ ଯାଉଥିଲା। କାଚୁଲୁରୁ ନିକଟରେ ଘୂର୍ଣ୍ଣିଝଡ ଯୋଗୁ ଲଞ୍ଚ ଭାରସାମ୍ୟ ହରାଇ ବୁଡି ଯାଇଥିଲା। ତେବେ ବର୍ତ୍ତମାନ ସୁଦ୍ଧା ୧୧ଟି ମୃତଦେହ ଉଦ୍ଧାର କରାଯାଇଛି। ତେବେ ସରକାରୀ ଭାବେ ୨୪ ଜଣ ନିଖୋଜ ଥିବା କୁହାଯାଉଛି। ଏ ସମ୍ପର୍କରେ ଆନ୍ଧ୍ରପ୍ରଦେଶ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ନିର୍ବାହୀ ନିର୍ଦ୍ଦେଶକ ଶାନ୍ତିସ୍ୱରୂପ କହିଛନ୍ତି ଯେ, କେନ୍ଦ୍ରରୁ ଉଦ୍ଧାରକାରୀ ଦଳ ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ସମସ୍ତ ପର୍ଯ୍ୟଟକ ଆନ୍ଧ୍ର ପ୍ରଦେଶ ରାଜଧାନୀ ଅମରାବତୀ ଅଞ୍ଚଳର ବୋଲି ଜଣାପଡିଛି।

# ଓଡ଼ିଶା ବିଧାନସଭାର ହେବ ନବକଳେବର

ଭୁବନେଶ୍ୱର, ୧୬।୯ (ବ୍ୟୁରୋ)

- ଦେଶର ଆଦର୍ଶ ବିଧାନସଭା କରିବାକୁ ଗଢା ହେଲା ବିଲ୍ଡିଂ କମିଟି
- କାଗଜ ମୁକ୍ତ, ୱାଇଫାଇ ହେବ
- ବିଧାୟକ ଧରିବେ ଟାବ୍‌ଲେଟ

ଓଡ଼ିଶା ବିଧାନସଭା ହେବ ଦେଶର ମଡେଲ ବିଧାନ ସଭା। ଏହାକୁ ଅଧିକ ଆକର୍ଷଣୀୟ କରିବାକୁ ସୋମବାର ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଏକ ବିଲ୍ଡିଂ କମିଟି ଗଠନ କରିଛନ୍ତି। ପୂର୍ତ୍ତ ବିଭାଗର ସଚିବ ଏହି କମିଟିର ଅଧକ୍ଷ ରହିବେ। ଏହି କମିଟି ଦେଶର ବିଭିନ୍ନ ରାଜ୍ୟରେ ଥିବା ବିଧାନସଭା ବୁଲି ଦେଖିବେ। ସେଠାକାର ବିଧାନସଭା କେଉଁ ଢାଞ୍ଚାରେ ନିର୍ମାଣ ହୋଇଛି, କି କି ସୁବିଧା ରହିଛି, ସେ ସବୁ ବୁଲି ଦେଖିବା ପରେ କମିଟି ମଡେଲ ବିଧାନସଭା ପାଇଁ ଏକ ଚୂଡାନ୍ତ ରିପୋର୍ଟ ପ୍ରସ୍ତୁତ କରିବ। ଅର୍ଥ ବିଭାଗର ଅନୁମତି ପାଇବା ପରେ ଏହି କମିଟି ବିଭିନ୍ନ ରାଜ୍ୟର ବିଧାନସଭା ଅନୁଧ୍ୟାନ କରିବାକୁ ଯିବ। ଗଣ ମାଧ୍ୟମକୁ ସୂଚନା ଦେଇ ବାଚସ୍ପତି ପାତ୍ର କହିଛନ୍ତି ଯେ, ପୂର୍ତ୍ତ ବିଭାଗ, ଅର୍ଥ, ସୂଚନା ଓ ପ୍ରଯୁକ୍ତି ବିଦ୍ୟା ଏବଂ ଅନ୍ୟାନ୍ୟ ବିଭାଗ ସଚିବମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ପୂର୍ତ୍ତ ବିଭାଗ ସଚିବଙ୍କ ଅଧକ୍ଷତାରେ ଏକ ବିଲ୍ଡିଂ କମିଟି ଗଠନ କରାଯାଇଛି। କମିଟି ବିଭିନ୍ନ ରାଜ୍ୟ ବୁଲିବା ପରେ ବିଧାନସଭାର ନବୀକରଣ ପାଇଁ କିଭଳି ଡିଜାଇନ ପ୍ରସ୍ତୁତ କରାଯିବ ସେ ସେ ନେଇ କମିଟି ରିପୋର୍ଟ ଦେବ। କମିଟିର ରିପୋର୍ଟକୁ ସରକାରଙ୍କ ଅନୁମୋଦନ ପରେ ଏହି କାର୍ଯ୍ୟ ଆରମ୍ଭ ହେବ । ମଡେଲ ବିଧାନସଭାକୁ କାଗଜପତ୍ର ମୁକ୍ତ କରାଯିବ। ବିଧାନସଭା ପରିସରକୁ ସମ୍ପୂର୍ଣ୍ଣ ୱାଇଫାଇ କରାଯିବ। ବିଧାୟକମାନେ ଟାବଲେଟରେ ସମସ୍ତ କାର୍ଯ୍ୟ କରିବେ। ପ୍ରତ୍ୟେକ ବିଧାୟକଙ୍କୁ କମ୍ପ୍ୟୁଟର ଟାବଲେଟ କ୍ରୟ କରିବାକୁ ସର୍ବାଧିକ ୧ ଲକ୍ଷ ଟଙ୍କା ଯୋଗାଇ ଦିଆଯିବ। ଅର୍ଥ ବିଭାଗର ଅନୁମୋଦନ ପରେ ଟାବଲେଟ କିଣିବା ପାଇଁ ବିଧାୟକମାନଙ୍କୁ ଜଣାଇ ଦିଆଯିବ ବୋଲି ବାଚସ୍ପତି କହିଛନ୍ତି।

# ବିନା ପଞ୍ଜୀକରଣରେ ସ୍କୁଟି ବିକ୍ରି ଡିଲରଙ୍କ ଉପରେ ୧ ଲକ୍ଷ ଜରିମାନା

କଟକ ଅଫିସ, ୧୬।୯

**ଆର୍‌ଟିଓଙ୍କ ନାଁରେ ଥାନାରେ ଅଭିଯୋଗ**

କଟକ ଜିଲା ବାରଙ୍ଗ ଥାନା ସମ୍ମୁଖରେ ଗତ ୧୨ରେ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ଗାଡି ଚେକିଂ ଚାଲିଥିବାବେଳେ ଜବତ ହୋଇଥିବା ସ୍କୁଟିକୁ ନେଇ କଟକ ଆର୍‌ଟିଓ ଭୁବନେଶ୍ୱରର ଏକ ଗାଡ଼ି ଡିଲରଙ୍କୁ ୧ ଲକ୍ଷ ଟଙ୍କା ଜରିମାନା କରିଛନ୍ତି। ଉକ୍ତ ଡିଲର ବିନା ପଞ୍ଜୀକରଣରେ ଖୋର୍ଦ୍ଧା ଜିଲା ଶିଖରଚଣ୍ଡୀ ଅଞ୍ଚଳର ଅରୁଣ କୁମାର ପଣ୍ଡାଙ୍କୁ ଅଗଷ୍ଟ ଶେଷ ସପ୍ତାହରେ ଗାଡ଼ିଟି ବିକ୍ରି କରିଥିଲେ। ଗତ ୧୨ରେ ବାରଙ୍ଗ ଥାନା ସମ୍ମୁଖରେ ଗାଡି ଯାଞ୍ଚ କରାଯାଉଥିଲା। ଅରୁଣଙ୍କ ଜଣେ ସମ୍ପର୍କୀୟ ମହିଳା ଉକ୍ତ ସ୍କୁଟି ନେଇ ଆସୁଥିବାବେଳେ ଯାଞ୍ଚ ସମୟରେ ଧରାପଡିଥିଲେ। ସମ୍ପୃକ୍ତ ମହିଳାଙ୍କୁ ପଚରାଉଚରା କରାଯିବାରୁ ଗାଡିଟି ପଞ୍ଜୀକରଣ ହୋଇ ନ ଥିବା ଜଣାପଡିଥିଲା। ବିନା ପଞ୍ଜୀକରଣରେ ଗାଡ଼ି ବିକ୍ରି ଅବୈଧ। ଡିଲର ପକ୍ଷରୁ ବେନିୟମ ଭାବେ ଗାଡ଼ି ବିକ୍ରି କରାଯାଇଛି ବୋଲି କଟକ ଆଞ୍ଚଳିକ ପରିବହନ ଅଧିକାରୀ (ଆର୍‌ଟିଓ) ଦୀପ୍ତିରଞ୍ଜନ ପାତ୍ର କହିଛନ୍ତି। ଅନ୍ୟପକ୍ଷରେ ସାଧାରଣରେ ଏହି ଜରିମାନା ଗାଡ଼ି ଚାଳକଙ୍କ ଉପରେ କରାଯାଇଛି ବୋଲି ଗୁଜବ ସୃଷ୍ଟି ହେଉଛି। ଜରିମାନା ଗାଡ଼ି ବିକ୍ରି କରିଥିବା ସମ୍ପୃକ୍ତ ଡିଲର ଦେବେ ବୋଲି ଆର୍‌ଟିଓ ପାତ୍ର କହିଛନ୍ତି। ଏ ଦିଗରେ ଗାଡ଼ି କ୍ରେତାମାନେ ସତର୍କ ହେବାକୁ ମଧ ସେ କହିଛନ୍ତି। ଅନ୍ୟପକ୍ଷରେ ସମ୍ପୃକ୍ତ ମହିଳା ଇନ୍‌ଫୋସିଟି ଥାନାରେ ଆର୍‌ଟିଓଙ୍କ ନାଁରେ ଅଭିଯୋଗ କରିଛନ୍ତି। ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ମୋ ଗାଡିକୁ ଜବତ କରାଯାଇଛି। ତୁରନ୍ତ ଗାଡିକୁ ଫେରାଇ ଦିଆଯାଉ ବୋଲି ସେ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ଏ ନେଇ ଥାନାଧିକାରୀ ବିଶ୍ୱଜିତ୍ ମହାନ୍ତି କହିଛନ୍ତି, ଉକ୍ତ ଅଭିଯୋଗର କୌଣସି ସତ୍ୟତା ନାହିଁ। ଏ ସମ୍ପର୍କରେ ଆମେ ଆର୍‌ଟିଓଙ୍କ ସହିତ କଥା ହୋଇଥିଲୁ। ସେ କହିଥିଲେ ନିୟମ ଅନୁଯାୟୀ ସମ୍ପୃକ୍ତ ଡିଲରଙ୍କ ଉପରେ ଜରିମାନା କରାଯାଇଛି। ସେ ଟଙ୍କା ପଇଠ କରିବା ପରେ ଗାଡି ନେଇ ସମ୍ପୃକ୍ତ ମହିଳାଙ୍କୁ ଦିଆଯିବ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ନୂତନ କର୍ମାରମ୍ଭ ସକାଶେ ସାହାଯ୍ୟ, ସହଯୋଗ ସହ କାର୍ଯ୍ୟ ହାସଲ ପାଇଁ ଅନୁକୂଳ ବାତାବରଣ ସୃଷ୍ଟି ହେବ। ଆନୁଷ୍ଠାନିକ, ସଭାସମିତି, ବନ୍ଧୁମିଳନ ପାଇଁ ଭଲ ଦିନଟିଏ କହିଲେ ଅତ୍ୟୁକ୍ତି ହେବନାହିଁ। କିନ୍ତୁ ଛୋଟ ଛୋଟ କଥାକୁ କେନ୍ଦ୍ରକରି ମତାନ୍ତର କିମ୍ବା ମନାନ୍ତର ଜନିତ ମାନସିକ ଅଶାନ୍ତିର ଆଶଙ୍କା ମଧ ରହିଛି।

**ବୃଷ** କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବାରେ ପ୍ରତିବନ୍ଧକ ରହିବ ନାହିଁ । ଆଜିର ଯାତ୍ରା, ପ୍ରଶାସନ, ଆଇନ, କଳା, ସାହିତ୍ୟ କ୍ଷେତ୍ର ମନ୍ଦ ହେବନି। କିନ୍ତୁ ଆର୍ଥିକ ଅନଟନ ମଧ୍ୟରେ ହାତକୁ ନେଇଥିବା କାମଟି ଅଧାରେ ଅଟକିଯିବ। ନୂତନ ଯାନବାହନ, ଜମିଜମା, କ୍ରୟ ବିକ୍ରୟ ନେଇ ଆଲୋଚନାରେ ଅଗ୍ରଗତି ଘଟିବ।

**ମିଥୁନ** ବିଭିନ୍ନ ପ୍ରକାର ସମସ୍ୟାକୁ କେନ୍ଦ୍ରକରି ମାନସିକ ସ୍ଥିରତା ରହି ନ ପାରେ। କର୍ମକ୍ଷେତ୍ରରେ ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ। ସତ୍‌ସଙ୍ଗ ଓ ଭ୍ରମଣ ସୁଯୋଗ ପାଇଲେ ମଧ ପରିସ୍ଥିତିବିଶତଃ ତାହାକୁ ଅସ୍ୱୀକାର କରିଦେଇପାରନ୍ତି। ସଭାସମିତି, ଜମିଜମା ଏବଂ ଚୁକ୍ତିପତ୍ର, ଆଇନ, ଅଦାଲତ କ୍ଷେତ୍ରରେ ସୁଫଳ ପାଇବେ।

**କର୍କଟ** କର୍ମଜଞ୍ଜାଳର ଗୁରୁତ୍ୱ ଦୃଷ୍ଟିକୋଣରୁ ଆଜି ଆପଣ କୌଣସି ଗୋଟିଏ ସ୍ଥାନରେ ସ୍ଥିର ଭାବରେ ରହିପାରିବେ ନାହିଁ। ଆଲୋଚନା ପରିସରରେ ବିପକ୍ଷ ବ୍ୟକ୍ତିମାନଙ୍କ ଅକାଟ୍ୟ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ଦକ୍ଷତା ଓ ସଚ୍ଚୋଟତା କାରଣରୁ କର୍ମକ୍ଷେତ୍ରରେ ସମ୍ମାନ ପାଇ ଖୁସି ହେବେ। ଶିଳ୍ପ, ବାଣିଜ୍ୟ ଓ ପରିବହନ କ୍ଷେତ୍ରରୁ ସମସ୍ୟା ଦୂର ହୋଇଯିବ।

**ସିଂହ** କର୍ମକ୍ଷେତ୍ରରେ ପରୋକ୍ଷ ଶତ୍ରୁତା କାରଣରୁ ବିଭିନ୍ନ ପ୍ରକାର ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ। ପଡୋଶୀ କିମ୍ବା ସହକର୍ମୀଙ୍କ ସହ ସମ୍ପର୍କ ଯୋଡ଼ିବାରେ ଆପଣଙ୍କ କୌଶଳ କିଛି ମାତ୍ରାରେ ସାହାଯ୍ୟ କରିବ। ଯେଉଁଥିପାଇଁ ଚିନ୍ତା କରୁଥିଲେ ଆଜି ତାହା ଟିକିଏ ବିଳମ୍ବରେ ପାଇପାରିବେ। ପରିବାରର ଖର୍ଚ୍ଚ ପରିମାଣ ବୃଦ୍ଧି ପାଇପାରେ।

**କନ୍ୟା** ଆଜିଦିନରେ ସବୁ ସୁବିଧା ଥିଲେ ମଧ କୌଣସି କାମ ସହଜରେ ସମ୍ପନ୍ନ ହୋଇପାରିବ ନାହିଁ। ଗଠନମୂଳକ କିମ୍ବା ସାମୂହିକ କାମରେ ଅଥବା ରାଜନୈତିକ କ୍ଷେତ୍ରରେ ଲୋକ ସମ୍ପର୍କ ବୃଦ୍ଧି ପାଇବ। ସାମାଜିକ ସ୍ତରରେ ଉନ୍ନତ ଚିନ୍ତା ତଥା ସେବା ଓ ପରୋପକାର ମନୋଭାବରୁ ପ୍ରଶଂସିତ ହେବେ। ଆଲୋଚନା କ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିବେ।

**ତୁଳା** ନିକଟ ସମ୍ପର୍କୀୟମାନେ ଈର୍ଷାପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଇ ଅନର୍ଥ ସୃଷ୍ଟି କରିପାରନ୍ତି। ପରିବାରର ଆବଶ୍ୟକତା ପୂରଣ ସକାଶେ ଅର୍ଥ ଯୋଗାଡ଼ କରିବା ଦିଗରେ ମନୋନିବେଶ କରିପାରନ୍ତି। ନୂତନ କର୍ମାରମ୍ଭ, ବାଣିଜ୍ୟ, ବ୍ୟବସାୟ, ପ୍ରକାଶନ, ପ୍ରଶାସନ, ନିର୍ମାଣ ଓ ପରିବହନ ପାଇଁ ଦିନଟି ଭଲ।

**ବିଛା** ପରିବାରରେ ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ନୂତନ ପଦକ୍ଷେପ ଗ୍ରହଣ କରିବାକୁ ମନସ୍ଥ କରିପାରନ୍ତି। ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ ଓ ସାହାଯ୍ୟ ମଧ କରିବେ। ଶାରୀରିକ କ୍ଳାନ୍ତି ଅନୁଭବ କରିପାରନ୍ତି । ମାଲି ମକଦ୍ଦମା ଫଇସଲା ହେବାର ସମ୍ଭାବନା ରହିଛି।

**ଧନୁ** ଆଜିର କର୍ମକ୍ଷେତ୍ରରେ ସମସ୍ୟା ଯଦିଓ ଆସିବ ତଥାପି ବେଶି ସମୟ ତିଷ୍ଠି ରହିବ ନାହିଁ ଓ ପରକ୍ଷଣରେ ସବୁକିଛି ଠିକ୍ ହୋଇଯିବ। ସାମାଜିକ ସ୍ତରରେ ସରଳ ଭାବେ ଅନ୍ୟମାନଙ୍କୁ ବିଶ୍ୱାସ କରି ହଇରାଣରେ ପଡିପାରନ୍ତି। ଶାରୀରିକ ସୁସ୍ଥତା ଫେରି ଆସିପାରେ। ଅଫିସରେ କୌଣସି ସମସ୍ୟା ମନକୁ ବାରମ୍ବାର ଆନ୍ଦୋଳିତ କରିବ।

**ମକର** ଯେତେ ଭଲ କାମ କଲେ ମଧ କର୍ମକ୍ଷେତ୍ରରେ ପ୍ରତିବନ୍ଧକର ସାମ୍ନା କରିବାକୁ ପଡ଼ିବ। ପରିବାର ଭିତରେ ସ୍ତ୍ରୀଙ୍କ ସହ ଭୁଲ୍ ବୁଝାମଣା ସୃଷ୍ଟି ଜନିତ ଅଶାନ୍ତ ବାତାବରଣ ହୋଇପାରେ। ଶିଳ୍ପ, ବାଣିଜ୍ୟରେ ପ୍ରତିବନ୍ଧକ ସୃଷ୍ଟି ହେଲେ ମଧ ଅଳ୍ପ ସମୟ ମଧ୍ୟରେ ଦୂରେଇଯିବ। ପରିବାର ସକାଶେ ଯେତେ ଭଲ କାମ କଲେ ମଧ ପ୍ରଶଂସା ପାଇବେନି।

**କୁମ୍ଭ** ପାରିବାରିକ ଅଭାବବୋଧ ଲାଗି ରହିବା କାରଣରୁ ବ୍ୟସ୍ତତା ବଢ଼ି ବଢ଼ି ଯିବ। ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। ରାଜନୀତି, ପ୍ରକାଶନ, ପ୍ରଶାସନ ଓ ପରିବହନରେ ସମସ୍ୟାର ସମାଧାନର ରାସ୍ତା ଖୋଲିଯିବ। ଆର୍ଥିକ ଅନଟନ ଲାଗି ରହିବା ସହ ବାକି ପଡ଼ିଥିବା ଟଙ୍କା ଫେରି ନ ପାଇବାରୁ ଚିନ୍ତିତ ରହିପାରନ୍ତି।

**ମୀନ** ସାଧାରଣ କଥାକୁ କେନ୍ଦ୍ରକରି ପରିବାରରେ ଝଡ଼ ଉଠିପାରେ। ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଲେ ପ୍ରତିଷ୍ଠା ସାଙ୍ଗକୁ ପ୍ରଶଂସିତ ମଧ ହୋଇପାରିବେ। ଆର୍ଥିକ ସ୍ୱଚ୍ଛଳତା ବଢ଼ିଯିବା କିମ୍ବା ପ୍ରିୟ ବନ୍ଧୁଙ୍କ ସାନ୍ନିଧ୍ୟ ଲାଭରୁ ଖୁସି ହୋଇପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସମସ୍ୟା ସମାଧାନ କରିବାରେ ସଫଳ ହେବେ।

ଆଜି କନ୍ୟା ସଂକ୍ରାନ୍ତି ଓ ବିଶ୍ୱକର୍ମା ପୂଜା, ଆଶ୍ୱିନ କୃଷ୍ଣ ତୃତୀୟା ମଙ୍ଗଳବାର, ସେପ୍ଟେମ୍ବର ୧୭ ତାରିଖ, ରାଶି ନକ୍ଷତ୍ର–ଅଶ୍ୱିନୀ/ମେଷ, ମେଷ ରାଶିର ଘାତଚନ୍ଦ୍ର, ଦିବା ଘ୧୦।୧୦ମି. ମଧ୍ୟେ ଘ୧୧।୪୦ମି. ଗତେ, ଘ୧।୧୦ମି. ମଧ୍ୟେ ଅମୃତ ବେଳା । ଦିବା ଘ୧୦।୧୦ମି. ଗତେ ଘ୧୧।୪୦ମି. ମଧ୍ୟେ, ଘ୨।୪୦ମି. ଗତେ ଘ୪।୧୦ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୨।୪୩ମି. ଗତେ ଘ୪।୧୪ମି. ମଧ୍ୟେ ରାହୁକାଳ ।

## ପ୍ରଥମ ପୃଷ୍ଠାରୁ...

### କଶ୍ମୀରରେ...

ବେଣୁଗୋପାଳ ଅଦାଲତଙ୍କୁ ଅବଗତ କରାଇଥିଲେ। ତେବେ ଏହା ଉପରେ ଏକ ସତ୍ୟପାଠ ଦାଖଲ କରିବାକୁ ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧକ୍ଷତାରେ ଜଷ୍ଟିସ୍ ଏସ୍.ଏ. ବୋବ୍‌ଡେ ଏବଂ ଏସ୍.ଏ. ନାଜିରଙ୍କୁ ନେଇ ଗଠିତ ଖଣ୍ଡପୀଠ ବେଣୁଗୋପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜମ୍ମୁ-କଶ୍ମୀରରୁ ଅନୁଚ୍ଛେଦ ୩୭୦ ଉଚ୍ଛେଦ ଓ ତତ୍‌ପରବର୍ତ୍ତୀ କଟକଣା ବିରୋଧରେ ସୁପ୍ରିମକୋର୍ଟରେ ଦାଏର ଏକାଧିକ ଆବେଦନର ଶୁଣାଣି ସୋମବାର ଅନୁଷ୍ଠିତ ହୋଇଥିଲା। ଉପତ୍ୟକାରେ ମୋବାଇଲ ଫୋନ ଓ ଇଣ୍ଟରନେଟ ସେବା ବନ୍ଦ ରହିଥିବା ସମ୍ପର୍କରେ ଖଣ୍ଡପୀଠ କହିଥିଲେ, ଏହି ମାମଲା ଜମ୍ମୁ-କଶ୍ମୀର ହାଇକୋର୍ଟରେ ବିଚାର କରାଯାଇପାରିବ। ସ୍ଥାନୀୟ ସମସ୍ୟାକୁ ସୁପ୍ରିମକୋର୍ଟଙ୍କ ଅପେକ୍ଷା ହାଇକୋର୍ଟ ଭଲ ଭାବେ ଜାଣନ୍ତି ବୋଲି ଖଣ୍ଡପୀଠ କହିଥିଲେ। ରାଜ୍ୟରେ ମୋବାଇଲ, ଇଣ୍ଟରନେଟ ସେବା ଓ ସାଧାରଣ ପରିବହନ ବ୍ୟବସ୍ଥା କାମ କରୁ ନ ଥିବାରୁ ହାଇକୋର୍ଟରେ ପହଞ୍ଚିବା କଷ୍ଟ ହୋଇପଡୁଛି ବୋଲି ଆବେଦନକାରୀ 'କଶ୍ମୀର ଟାଇମ୍ସ'ର କାର୍ଯ୍ୟନିର୍ବାହୀ ସମ୍ପାଦକ ଅନୁରାଧା ଭାସିନ୍‌ଙ୍କ ଓକିଲ ବ୍ରିନ୍ଦା ଗ୍ରୋଭର ଅଦାଲତଙ୍କୁ କହିଥିଲେ।

ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ସୁବିଧା ପ୍ରଦାନ କରୁଥିବା ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ସହିତ ଖବରଦାତାମାନଙ୍କ ଉପରେ ଲଗାଯାଇଥିବା କଟକଣା ଉଠାଇଦେବାକୁ ଭାସିନ୍ କୋର୍ଟଙ୍କୁ ଅନୁରୋଧ କରିଥିଲେ। ପରିବହନ ସେବା ବନ୍ଦ ଯୋଗୁ ଲୋକେ ଚିକିତ୍ସା ସୁବିଧା ପାଇବାରୁ ବଞ୍ଚିତ ହୋଇଛନ୍ତି ବୋଲି ଅନ୍ୟ କେତେଜଣ ପିଟିଶନରେ ଅଭିଯୋଗ କରିଥିଲେ। ତେବେ ଅଭିଯୋଗ ସତ୍ୟ ନୁହେଁ ବୋଲି ବେଣୁଗୋପାଳ ଖଣ୍ଡପୀଠଙ୍କୁ ଜଣାଇଥିଲେ। ରାଜ୍ୟରେ ଖବରକାଗଜ ପ୍ରକାଶ ପାଉଛି ଓ ସରକାର ସମସ୍ତ ପ୍ରକାର ସୁବିଧା ଯୋଗାଇ ଦେଉଛନ୍ତି ବୋଲି ସେ କହିଥିଲେ। ଶ୍ରୀନଗରରେ ମିଡିଆ ସେଣ୍ଟର ସ୍ଥାପନ ହୋଇଛି ଯେଉଁଠି ସକାଳ ୮ରୁ ରାତି ୧୧ ପର୍ଯ୍ୟନ୍ତ ଇଣ୍ଟରନେଟ ଓ ଟେଲିଫୋନ ସେବା ଉପଲବ୍ଧ ହେଉଛି। ଖବରଦାତାମାନଙ୍କୁ କାର୍ଯ୍ୟ କରିବା ପାଇଁ ଯାତାୟାତ ଓ ଯାନ ପାସ୍ ଯୋଗାଇ ଦିଆଯାଇଛି। ଅଗଷ୍ଟ ୫ ତାରିଖ ପରେ ରାଜ୍ୟରେ ଗୋଟିଏ ହେଲେ ଗୁଳି ଫୁଟିନାହିଁ ବୋଲି ରାଜ୍ୟ ସରକାରଙ୍କ ତରଫରୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କୋର୍ଟଙ୍କୁ ଜଣାଇଥିଲେ। ପୂର୍ବରୁ ଜମ୍ମୁ-କଶ୍ମୀର ପ୍ରଶାସନ ତିନିଆଡୁ ଆକ୍ରମଣର ସମ୍ମୁଖୀନ ହେଉଥିଲେ। ତାହା ହେଲା ବିଚ୍ଛିନ୍ନତାବାଦୀ, ସୀମାପାର ଆତଙ୍କବାଦୀ ଏବଂ ବିଦେଶରୁ ଆର୍ଥିକ ସହାୟତା ପାଉଥିବା ସ୍ଥାନୀୟ ଆତଙ୍କବାଦୀ। ୧୯୯୦ରୁ ୨୦୧୯ ଅଗଷ୍ଟ ୫ ପର୍ଯ୍ୟନ୍ତ ଜମ୍ମୁ-କଶ୍ମୀରରେ ୭୧,୦୩୮ ଆତଙ୍କବାଦୀ ହିଂସାରେ ୪୧,୮୬୬ ବ୍ୟକ୍ତି ପ୍ରାଣ ହରାଇଥିଲେ। ୫୨୯୨ ଜଣ ଯବାନ ମଧ ଶହୀଦ ହୋଇଥିଲେ ବୋଲି ବେଣୁଗୋପାଳ ସୂଚନା ଦେଇଥିଲେ। ଚିକିତ୍ସା ସୁବିଧା ମିଳୁ ନ ଥିବା ଅଭିଯୋଗ ସମ୍ପର୍କରେ ବେଣୁଗୋପାଳ କହିଥିଲେ, ଅଗଷ୍ଟ ୫ରୁ ସେପ୍ଟେମ୍ବର ୧୫ ମଧ୍ୟରେ ରାଜ୍ୟରେ ୧୦ ଲକ୍ଷ ୫୨ ହଜାର ରୋଗୀ ଆଉଟଡୋର ଚିକିତ୍ସା ପାଇଛନ୍ତି। କଶ୍ମୀର ଡିଭିଜନର ୧୦୫ଟି ଥାନା ଅଞ୍ଚଳ ମଧ୍ୟରୁ ୯୩ଟିରୁ କଟକଣା ହଟାଇଦିଆଗଲାଣି। ଜମ୍ମୁ ଓ ଲଦାଖରୁ ଶତ ପ୍ରତିଶତ କଟକଣା ହଟିଥିବା ମେହେଟ୍ଟା କୋର୍ଟଙ୍କୁ ଜଣାଇଥିଲେ। ଉଭୟ ପକ୍ଷଙ୍କୁ ଶୁଣିବା ପରେ ଖଣ୍ଡପୀଠ କୌଣସି ନିର୍ଦ୍ଦେଶ ନ ଦେଇ ଜାତୀୟ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଚୟନାତ୍ମକ ଆଧାରରେ ସ୍ୱାଭାବିକ ଅବସ୍ଥା ଫେରାଇ ଆଣିବାକୁ ପରାମର୍ଶ ଦେଇଥିଲେ।

### ଏନ୍‌ଏଫ୍‌ଏସ୍‌ଏରୁ...

ଦିଆଯାଇଥିଲା। ସେପ୍ଟେମ୍ବର ୧୫ରେ ଏହି ଅବଧି ଶେଷ ହୋଇଛି। ଶତ ପ୍ରତିଶତ ଆଧାର ଲିଙ୍କ ହେବା ପରେ ଆହୁରି ଅଯୋଗ୍ୟ ହିତାଧିକାରୀ ଖାଦ୍ୟ ସୁରକ୍ଷା ଯୋଜନାରୁ ବାଦ୍ ପଡିବେ ବୋଲି ସେ କହିଛନ୍ତି। ଭାଜପା ବରିଷ୍ଠ ନେତା ପ୍ରଦୀପ ପୁରୋହିତ କହିଛନ୍ତି ଯେ, ରାଜ୍ୟ ସରକାର ଜାଣି ଶୁଣି ବେଆଇନ ହିତାଧିକାରୀଙ୍କ ଜରିଆରେ କେନ୍ଦ୍ର ସରକାର ଦେଉଥିବା ରାଶନକୁ ଲୁଟ୍ କରୁଥିଲେ।

### ଦମ୍ପତିଙ୍କୁ...

ପରେ ଗାଁରେ ଗୁଣିଗାରେଡି, ଡାହାଣୀ ଚର୍ଚ୍ଚା ଆରମ୍ଭ ହୋଇଥିଲା । ଏଭଳି ଚର୍ଚ୍ଚା ପରେ ସେହିଦିନ ଚିନ୍ତାମଣି ବରିହା ଲରମ୍ବା ଥାନାକୁ ଯାଇ ତାଙ୍କୁ ଗାଁରେ ଅଯଥା ଗୁଣିଗାରେଡି, ଡାହାଣୀ ସନ୍ଦେହ କରୁଥିବା ଅଭିଯୋଗ କରି ସୁରକ୍ଷା ଲୋଡିଥିଲେ । ଏହି ଘଟଣା ପରେ ଲରମ୍ବା ପୋଲିସ ଗାଁର କେତେଜଣ ଲୋକ ଓ ଚିନ୍ତାମଣିଙ୍କୁ ଡାକି ମିଳାମିଶା ଉଦ୍ୟମ ମଧ କରିଥିଲେ । ତେବେ ସୋମବାର ସକାଳୁ ଚିନ୍ତାମଣି ଓ ତାଙ୍କ ସ୍ତ୍ରୀ ରୁକ୍ମିଣୀଙ୍କ ହତ୍ୟା ଘଟଣା ଜଣାପଡିବା ପରେ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଥିଲା । ଘଟଣାସ୍ଥଳର ପାରିପାର୍ଶ୍ୱିକ ସ୍ଥିତିରୁ ଗାଁରେ ଉଭୟ ସ୍ୱାମୀ-ସ୍ତ୍ରୀଙ୍କୁ ହତ୍ୟା କରିବା ପରେ ଅଖାବସ୍ତାରେ ବାନ୍ଧି ନିକଟସ୍ଥ ପାହାଡରେ ପିଙ୍ଗାଯାଇଥିବା ପୋଲିସ ଅନୁମାନ କରିଛି । ଘଟଣାସ୍ଥଳରେ ସନ୍ଧାନୀ କୁକୁର ସହ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ରକ୍ତଛିଟା ସଂଗ୍ରହ, ପାରିପାର୍ଶ୍ୱିକ ସ୍ଥିତି ଆକଳନ କରିଛି। ଦମ୍ପତିଙ୍କ ମୃତଦେହ ଉଦ୍ଧାର କରାଯାଇ ବ୍ୟବଚ୍ଛେଦ ପାଇଁ ପାଟଣାଗଡ଼ ଉପଖଣ୍ଡୀୟ ହସ୍‌ପିଟାଲକୁ ପଠାଯାଇଛି । ଘଟଣାସ୍ଥଳରେ ମାଜିଷ୍ଟ୍ରେଟ ଦାୟିତ୍ୱରେ ଖପ୍ରାଖୋଲ ଅତିରିକ୍ତ ତହସିଲଦାର ଜୟନ୍ତ ସାହୁ, ପାଟଣାଗଡ଼ ଆଇଆଇସି କେ. ପ୍ରିୟଙ୍କା ରାଉତରାୟ, ଲରମ୍ବା ଆଇଆଇସି ବିନୋଦ ବିହାରୀ ନାଏକ ସମେତ ବହୁ ପୋଲିସ ଉପସ୍ଥିତ ଥିଲେ । ଏସ୍‌ପି ସମ୍ପଦଙ୍କୁ ପଚାରିବାରୁ ଏହି ହତ୍ୟାକାଣ୍ଡ ପଛରେ ଗୁଣିଗାରେଡି ସନ୍ଦେହ କରାଯାଉଛି । ତେବେ ସମସ୍ତ ଦିଗରୁ ତଦନ୍ତ ଆରମ୍ଭ ହୋଇଛି । ଏନେଇ ୪ଜଣଙ୍କୁ ଅଟକ ରଖି ପଚରାଉଚୁରା ଚାଲିଛି ଓ ପାଟଣାଗଡ଼ ଏସଡିପିଓଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ସ୍କ୍ୱାଡ ଗଠନ କରାଯାଇଥିବା ସୂଚନା ଦେଇଥିଲେ । ଖୁବ୍‌ଶୀଘ୍ର ଏହି ହତ୍ୟାକାଣ୍ଡର ରହସ୍ୟ ଉନ୍ମୋଚନ କରାଯାଇ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ସେ କହିଛନ୍ତି ।


ଘଟଣାସ୍ଥଳରେ ପୋଲିସ ଅଧିକାରୀମାନେ ତଦନ୍ତ କରୁଛନ୍ତି।


# classifieds Everyday
0674-2580101, 2549302

**real estate**

**SALE**

ଭୁବନେଶ୍ୱର IIT ଅରଗୁଳ ରେଲୱେଷ୍ଟେସନ ଠାରେ 1200 କୁ 2,00,000/- registry free, Puja offer. Outright / Installment. 9348817649. D-66783

ଭୁବନେଶ୍ୱର ଜଟଣୀଗେଟ୍ NH-5 ରୁ ଅଳ୍ପ ଦୂରତାରେ 1200 କୁ 2,16,000/- outrightରେ plot ମିଳୁଅଛି। 7894433357, 8144706560. D-66782

**Residential plot sale at Patrapada 600mtr from NH, Sqft-2200/- (Size-2024) near Kalinganagar DAV School (Nuagaon) Sqft. 1950/- (Gharabari). 9853606253, 7978332619.** D-66781

2BHK flat near Kedargouri Temple, Lewis Road, Bhubaneswar. Mobile: 8328890345. D-65691

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**to-let**

One Bedroom Flat with garage for rent at Reetavally near Krupajal Engineering. Contact: 9439084778. D-61062

**BUSINESS**

ମାସକୁ ୧୦,୦୦୦/– ରୁ ୨୫,୦୦୦/– ରୋଜଗାର ନିଜଘରେ ରହି ସ୍ୱଳ୍ପ ବିନିଯୋଗ କରି ପାଆନ୍ତୁ। Mob: 9937426857, 9861820550. D-68003

**healthcare**

Fully refreshed / relaxed body massage by expert therapist, Shastri Nagar. 7377984773. D-67368

Rejuvenate and ayurvedic full body massage by smart therapist. 9114402304. D-67367

Ayurvedic herbal body massage trend therapist. Mob: 8018246332. D-66961

Refresh your mind and soul with best therapy at Orchid Salon/ Spa. 9937287222. D-66963

Herbal full body massage by smart / expert therapist. Contact: 8338067247. D-67386

Summer special mesmerizing offer expert therapeutic refreshing massage appointment. 9668374480. D-67387

Experience full body massage with us (expert). Call: 7377048581, 06742597822. D-67389

Full body herbal massage with refreshment expert therapist. 7381239385, 06742540855. D-67388

**AFFIDAVIT**

Affidavit before Executive Magistrate, Dhenkanal, 21.08.2019, my name has changed from Diptikrishna Maharana to Krishna Maharana. Henceforth I shall be known as Krishna Maharana, S/o. Gunanidhi Maharana, At-Godidihi, PO-Balaramprasad, PS-Motanga, Dist-Dhenkanal for all legal purposes. D-66820

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/–ରେ। ରଙ୍ଗୀନ ଟ୪୨୦/–ରେ (ଫଟୋ ସହ) । ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

ଅନ୍ନ, ଜଳ ଓ ସୁଭାଷଣ ହେଉଛି ପୃଥିବୀର ତିନୋଟି ରତ୍ନ। ହେଲେ ମୂର୍ଖମାନେ ତୁଚ୍ଛ ପଥର ଖଣ୍ଡମାନଙ୍କୁ ରତ୍ନର ନାମ ଦେଇଛନ୍ତି।

- ଚାଣକ୍ୟ

## ଜିଲା ଟିଠି ଦେବଗଡ଼



# ସହରମୁହାଁ ମାଙ୍କଡ଼

ଦେବଗଡ଼ ସହରରେ ମାଙ୍କଡ଼ ଉପଦ୍ରବ ଦିନକୁ ଦିନ ବଢ଼ି ଚାଲିଛି। ସହରବାସୀ ଭୟ ଓ ଆତଙ୍କିତ ଅବସ୍ଥାରେ ଦିନ କାଟୁଛନ୍ତି। ସହରଠାରୁ ମାତ୍ର ଦେଢ କିଲୋମିଟର ଦୂର ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ପ୍ରଧାନପାଟ ସଂରକ୍ଷିତ ଜଙ୍ଗଲରେ ରହୁଥିବା ମାଙ୍କଡ଼ମାନେ ଖାଦ୍ୟାଭାବ ଯୋଗୁ ସହରମୁହାଁ ହେଉଛନ୍ତି। ସେମାନେ ସଂଘବଦ୍ଧ ଭାବେ ସହର ଭିତରେ ପଶି ଖାଦ୍ୟ ସଂଗ୍ରହ ସହ, ଜନସାଧାରଣଙ୍କୁ ଅତର୍କିତ ଆକ୍ରମଣ କରୁଛନ୍ତି। ଯାହା ଏବେ ନିତିଦିନିଆ କଥାରେ ପରିଣତ ହୋଇଛି। ମାଙ୍କଡ ଆକ୍ରମଣ ଭୟରେ ପ୍ରାତଃ ଏବଂ ସାନ୍ଧ୍ୟ ଭ୍ରମଣ ପାଇଁ ଲୋକେ ଆଉ ପ୍ରଧାନପାଟର ମୁକ୍ତ ପରିବେଶକୁ ଯିବାକୁ ସୁରକ୍ଷିତ ମଣୁନାହାନ୍ତି। ଘରଦ୍ୱାର, ଦୋକାନ ବଜାରରେ ପଶି ମାଙ୍କଡମାନେ ବିଭିନ୍ନ ସାମଗ୍ରୀ ନଷ୍ଟ କରିଦେଉଛନ୍ତି। ଦଳଦଳ ହୋଇ ଛପର ଘର, ଟିଣ, ଆଜ୍‌ବେଷ୍ଟସ ଛାତ ଉପରେ ଧାଁଦୌଡ କରି ନଷ୍ଟଭ୍ରଷ୍ଟ କରୁଥିବା ଲୋକେ ଅଭିଯୋଗ କରୁଛନ୍ତି। ଏପରି କି ଗାଡି ମୋଟରଗୁଡିକରେ ଲାଗିଥିବା ହେଡ୍‌ଲାଇଟ, ଭାଇଜର, ମିରର୍ ଭାଙ୍ଗି ପକାଉଛନ୍ତି। ସେମାନେ ରାତିରେ ପ୍ରଧାନପାଟ ଜଙ୍ଗଲକୁ ନ ଫେରି ଜିଲାପାଳଙ୍କ କାର୍ଯ୍ୟାଳୟ ଛାତରେ ରହି ଯାଉଛନ୍ତି। ସକାଳୁ ସକାଳୁ ଲୋକଙ୍କ ବାଡିରେ ପଶି ବିଭିନ୍ନ ଫଳ ଓ ପନିପରିବା ଖାଉଛନ୍ତି। ଇତିମଧ୍ୟରେ ମାଙ୍କଡ ଆକ୍ରମଣରେ ସହର ଓ ଏହାର ଆଖପାଖ ଅଞ୍ଚଳରେ ୩ଶହରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇ ସାରିଲେଣି। ବିଶେଷ କରି ସହରର ଖପରସାହି, ବାବୁସାହି, ଗୁରୁସାହି, ବଣିଆସାହି, ମଠସାହି, ତଅାଁଳାସାହି, ଲାଲୁସାହି, ଭୁୟାଁସାହି, ଶାସନସାହି, ମ୍ୟୁନିସିପାଲିଟି ସାହି, ପ୍ରାଇଭେଟ ବସଷ୍ଟାଣ୍ଡ, ଗୋପବନ୍ଧୁ ଛକ, ଭିତିରିଆସାହି, ଡେଲି ମାର୍କେଟ ଅଞ୍ଚଳ ସେମାନଙ୍କ ଚରାଭୂଇଁ ପାଲଟିଛି। ମାଙ୍କଡ଼ ଦମନ ପାଇଁ ପ୍ରଶାସନ ତରଫରୁ ଯେତେ ବ୍ୟବସ୍ଥା ହେଲେ ମଧ୍ୟ ଫେଲ ମାରୁଛି। ୫ବର୍ଷ ତଳେ ପ୍ରଶାସନ ତରଫରୁ ରାଉରକେଲାର 'ଆର୍ମୀ' ନାମକ ଏକ ସାମାଜିକ ସଂସ୍ଥାକୁ ମାଙ୍କଡ଼ ଧରିବା ପାଇଁ ନିୟୋଜିତ କରାଯାଇଥିଲା। ମାତ୍ର ସେମାନେ ଏ ଦିଗରେ ନିରାଶ ହୋଇଥିଲେ। ପରେ ବନବିଭାଗ ତରଫରୁ ମାଙ୍କଡ଼ପଲଙ୍କୁ ନିୟନ୍ତ୍ରଣ କରିବା ପାଇଁ ବନ୍ଧୁକଧାରୀ ଗାର୍ଡ ନିୟୋଜିତ କରାଯାଇଛି। ତଥାପି ମାଙ୍କଡ଼ ଉପଦ୍ରବରୁ ଲୋକେ ତ୍ରାହି ପାଇ ପାରୁ ନାହାନ୍ତି। ଏହି ସମସ୍ୟାରୁ ମୁକୁଳିବା ପାଇଁ ଜିଲାର ବିଭିନ୍ନ ସାମାଜିକ ଅନୁଷ୍ଠାନ, ବୁଦ୍ଧିଜୀବୀ ଜିଲାପାଳଙ୍କଠାରୁ ଆରମ୍ଭ କରି ସିସିଏଫ୍, ପିସିସିଏଫ୍‌ଙ୍କ ଦ୍ୱାରସ୍ଥ ହୋଇଛନ୍ତି। ହେଲେ କୌଣସି ଉଦ୍ୟମ ଫଳପ୍ରଦ ହେଉନାହିଁ। ଜିଲା ପ୍ରଶାସନ ଏବଂ ବନ ବିଭାଗ ଯୋଜନା ମୁତାବକ ଏ ଦିଗରେ ଠୋସ୍ ପଦକ୍ଷେପ ନେବା ଜରୁରୀ ହୋଇପଡିଛି।

– ଶଶାଙ୍କ ଶେଖର ଝାଙ୍କର



କନ୍ଧମାଳ ଏମ୍‌ପି ଅଚ୍ୟୁତ ସାମନ୍ତ ସୋମବାର 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ' ସମ୍ପାଦକ ତଥାଗତ ସତପଥୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ୍ କରିଛନ୍ତି।

## ଆଜି କ'ଣ କେଉଁଠି

**ଦେବଗଡ**
- ବୃକ୍ଷରୋପଣ କାର୍ଯ୍ୟକ୍ରମ, କିର୍ତ୍ତନପାଲି ରିଆମାଳ, ପୂର୍ବାହ୍ନ ୧୦ଟା।
- ବିଶ୍ୱକର୍ମା ପୂଜା, ଜିଲା ଘରୋଇ ବସ୍ ମାଲିକ ସଂଘ, ଅପରାହ୍ନ ୧ଟା।

**ଲୋଇସିଂହା**
- ବିଶ୍ୱକର୍ମା ପୂଜା, ବୈଠକୀ କୀର୍ତ୍ତନ, ରୁଗୁଡିଖାଲ, ଅପରାହ୍ନ ୩ଟା।

**ମୁରିବାହାଲ**
- ବିଶ୍ୱକର୍ମା ପୂଜା, ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ, ଅପରାହ୍ନ ୪ଟା।

**ସମ୍ବଲପୁର**
- ଜିଲାସ୍ତରୀୟ ଖେଳକୁଦ ପ୍ରତିଯୋଗୀତା ଉଦଯାପନୀ ଉତ୍ସବ, ଷଣ୍ଢପଥର ସରକାରୀ ହାଇସ୍କୁଲ, ପୂର୍ବାହ୍ନ ସାଢ଼େ ୧୦ଟା।
- ସ୍ୱଚ୍ଛତା ଶୀର୍ଷକ ଆଲୋଚନା ଚକ୍ର, ସମ୍ବଲପୁର ରେଳ ଷ୍ଟେଶନ, ପୂର୍ବାହ୍ନ ସାଢ଼େ ୧୦ଟା।

# କଲରାପତରିଆ ବାଘୁଣୀର ମୃତଦେହ ଉଦ୍ଧାର

**ଟିଗିରିଆ, ୧୬।୯(ଡି.ଏନ୍.ଏ.)**

ଆଠଗଡ଼ ବନାଖଣ୍ଡ ଅନ୍ତର୍ଗତ ଟିଗିରିଆ ବନାଞ୍ଚଳ ଅଧୀନ ନିଜିଗଡ଼ ସଂରକ୍ଷିତ ଜଙ୍ଗଲରୁ ବନ ବିଭାଗ ଦ୍ୱାରା ଏକ କଲରାପତରିଆ ବାଘୁଣୀର ମୃତଦେହ ଉଦ୍ଧାର ହୋଇଛି। ମୃତ ବାଘୁଣୀର ବୟସ ୧୦ବର୍ଷରୁ ଊର୍ଦ୍ଧ୍ୱ ହୋଇଥିବା ବେଳେ ଓଜନ ୫୦ କିଲୋ ଓ ୨ଫୁଟ ଉଚ୍ଚ ହେବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି।

ସୂଚନାଯୋଗ୍ୟ, ଏହି ସଂରକ୍ଷିତ ଜଙ୍ଗଲର ହରିଡ଼ାପଶି ନିକଟବର୍ତ୍ତୀ ଅଞ୍ଚଳର ଏକ ପାହାଡ଼ିଆ ସ୍ଥାନରୁ ରବିବାର ବାଘୁଣୀର ମୃତଦେହ ଠାବ କରାଯାଇ ଟିଗିରିଆ ବନ ବିଭାଗ କାର୍ଯ୍ୟାଳୟକୁ ଅଣାଯାଇଥିଲା। ସୋମବାର ସକାଳେ ବନ୍ୟପ୍ରାଣୀ ଓ ବନ ବିଭାଗର ଉଚ୍ଚପଦସ୍ଥ ଅଧିକାରୀଙ୍କ ଉପସ୍ଥିତିରେ ଟିଗିରିଆ ପ୍ରାଣୀ ଚିକିତ୍ସାଧିକାରୀ ଡାକ୍ତର ଧର୍ମାନନ୍ଦ ମହାନ୍ତି ବାଘୁଣୀର ମୃତଦେହ ବ୍ୟବଚ୍ଛେଦ କରାଇଥିଲେ।



ମୃତ କଲରାପତରିଆ ବାଘୁଣୀ।

ମୃତ ବାଘୁଣୀ ଦେହରେ କୌଣସି କ୍ଷତଚିହ୍ନ ନ ଥିବା ବେଳେ ରିପୋର୍ଟ ମିଳିବା ପରେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ଆଠଗଡ଼ ବନଖଣ୍ଡ ଅଧିକାରୀ ସସ୍ମିତା ଲେଙ୍କା କହିଛନ୍ତି। ବ୍ୟବଚ୍ଛେଦ ପରେ ବିଭାଗୀୟ ନୀତି ଅନୁଯାୟୀ ବାଘୁଣୀର ମୃତଦେହକୁ କାର୍ଯ୍ୟାଳୟ ପରିସରରେ ଦାହ କରିଦିଆଯାଇଛି।

ଅପରପକ୍ଷେ ଟିଗିରିଆ ବନାଞ୍ଚଳରେ କୌଣସି ବାଘଙ୍କ ଚଳାଚଳ ସ୍ଥାନୀୟ ଲୋକେ ଦେଖି ନ ଥିବା ବେଳେ ହଠାତ୍ ଏକ ବାଘୁଣୀର ଅସ୍ୱାଭାବିକ ମୃତ୍ୟୁକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ନେଇ ତଦନ୍ତ ଜାରି ରହିଛି ବୋଲି ଡିଏଫ୍‌ଓ କହିଛନ୍ତି। ଖବରପାଇ ସାତକୋଶିଆ ବନ୍ୟଜନ୍ତୁ ବିଶେଷଜ୍ଞ ଡ. କିଶୋର ଚନ୍ଦ୍ର ସାହୁ, ପ୍ରାକୃତିକ ପରିବେଶ ଓ ବନ୍ୟପ୍ରାଣୀ ସମାଜର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ.ପ୍ରସନ୍ନ କୁମାର ବେହେରା, ସହକାରୀ ବନ୍ୟ ସଂରକ୍ଷକ ରାଜେନ୍ଦ୍ର କୁମାର ଦାସ, କଟକ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ତଥା ଆଇନଜୀବୀ ଅଶୋକ କୁମାର ପଟ୍ଟନାୟକ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚିଥିଲେ। ଆଠଗଡ଼ ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର କେଶବ ଚନ୍ଦ୍ର ସାମନ୍ତରାୟ, ଆଠଗଡ଼ ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ସୁଶାନ୍ତ କୁମାର ବେହେରା ବାଘୁଣୀର ମୃତଦେହ ବ୍ୟବଚ୍ଛେଦ ସମୟରେ ଉପସ୍ଥିତ ଥିଲେ।

# ପିଏଲ୍‌ଏଫ୍‌ଆଇ କମାଣ୍ଡର ଗିରଫ



ଖବରଦାତା ସମ୍ମିଳନୀରେ ପିଏଲ୍‌ଏଫ୍‌ଆଇ ସଦସ୍ୟ ମହେନ୍ଦ୍ର ଚମ୍ପିଆ। ଜବତ ମାଉଜର ଓ ଗୁଳି।

**ରାଉରକେଲା ଅଫିସ, ୧୬।୯**

ସୁନ୍ଦରଗଡ଼ ଓ ଝାଡ଼ଖଣ୍ଡ ସୀମାନ୍ତ ଅଞ୍ଚଳରେ ହଇଚଇ ସୃଷ୍ଟି କରିଥିବା ପିଏଲ୍‌ଏଫ୍‌ଆଇ ସଦସ୍ୟ ତଥା ଏରିଆ କମାଣ୍ଡର ହାତିବାରି ଥାନା କୋଲମୁଣ୍ଡା ଗ୍ରାମର ମହେନ୍ଦ୍ର ଚମ୍ପିଆ(୩୦)ଙ୍କୁ ରାଉରକେଲା ପୋଲିସ ଗିରଫ କରିଛି। ମହେନ୍ଦ୍ରଙ୍କ ବିରୋଧରେ ବିଭିନ୍ନ ଥାନାରେ ୭ରୁ ଊର୍ଦ୍ଧ୍ୱ ମାମଲା ରହିଛି। ତାଙ୍କ ପାଖରୁ ଗୋଟିଏ ମାଉଜର ଓ ୨ଟି ଗୁଳି ଜବତ କରାଯାଇଛି। ସୋମବାର ସନ୍ଧ୍ୟାରେ ଏସ୍‌ପିଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଡିଆଇଜି କବିତା ଜଲାନ ଓ ଏସ୍‌ପି କେ.ଶିବା ସୁବ୍ରାମଣୀ କହିଲେ, ପିଏଲ୍‌ଏଫ୍‌ଆଇ ସଦସ୍ୟ ମହେନ୍ଦ୍ରଙ୍କ ନାମରେ ୭ରୁ ଅଧିକ ମାମଲା ରହିଛି। ସୋମବାର ଭୋର ୫ଟାରେ ପୋଲିସ ବିଶ୍ରା ଥାନା ଅନ୍ତର୍ଗତ ଦରାଇକେଲା ଅଞ୍ଚଳରୁ ତାଙ୍କୁ ଗିରଫ କରିଥିଲା। ମହେନ୍ଦ୍ର ପିଏଲ୍‌ଏଫ୍‌ଆଇ ନେତା ଦିନେଶ ଗୋପେଙ୍କ ନେତୃତ୍ୱରେ ଏରିଆ କମାଣ୍ଡର ଭାବେ ୨୦୧୨ରୁ କାମ କରୁଥିଲେ। ସେ ବିଶ୍ରା, ହାତିବାରି, ନୂଆଗାଁ, ରାଏବଗା, ତଲସରା ଇତ୍ୟାଦି ଝାଡ଼ଖଣ୍ଡ ସୀମାନ୍ତ ଗ୍ରାମରେ ନିଜର ଉପସ୍ଥିତି ଜାହିର କରୁଥିଲେ। ସୁନ୍ଦରଗଡ଼-ଝାଡ଼ଖଣ୍ଡ ସୀମାନ୍ତ ଅଞ୍ଚଳର ବ୍ୟବସାୟୀ ଓ ଠିକାଦାରମାନଙ୍କୁ ପିସ୍ତଲ ମୁନରେ ଧମକ ଦେଇ ପିଏଲ୍‌ଏଫ୍‌ଆଇ ନାମରେ ଚାନ୍ଦା ଆଦାୟ କରୁଥିବା ନେଇ ଅଭିଯୋଗ ହୋଇଥିଲା। ଭୟରେ ଲୋକେ ତାଙ୍କ ବିରୋଧରେ ଥାନାକୁ ନ ଆସି ଚୁପ୍ ରହୁଥିବା ଏସପି ସୂଚନା ଦେଇଛନ୍ତି। ବିଶ୍ରା ଥାନାରେ ମହେନ୍ଦ୍ରଙ୍କ ବିରୋଧରେ ମାମଲା ନଂ-୭/୨୦୧୨, ୯୩/୨୦୧୭, ୨୬/୨୦୧୮, ୨୯/୨୦୧୮, ୬୬/୨୦୧୮, ୧୦୬/୨୦୧୮ ଏବଂ ତଲସରା ଥାନାରେ ଏକ ମାମଲା ନଂ୪୯/୨୦୧୭ ରହିଥିବା ଏସ୍‌ପି କହିଛନ୍ତି।

# ୭୫ ମିଟର ଉଚ୍ଛେଦ ପାଇଁ ମାପଚୁପ ଆରମ୍ଭ



୭୫ ମିଟର ଉଚ୍ଛେଦ ପାଇଁ ଶ୍ରୀମନ୍ଦିର ପୂର୍ବପାର୍ଶ୍ୱରେ ମାପଚୁପ କରାଯାଉଛି।

**ପୁରୀ ଅଫିସ, ୧୬।୯**

ଶ୍ରୀମନ୍ଦିରର ସୁରକ୍ଷା ଓ ସୌନ୍ଦର୍ଯ୍ୟକରଣ ପାଇଁ ମେଘନାଦ ପାଚେରିଠାରୁ ୭୫ ମିଟର ପର୍ଯ୍ୟନ୍ତ ଅଞ୍ଚଳକୁ ଖାଲି କରାଯିବ। ଏହି ପରିସୀମା ଭିତରେ ଥିବା ମଠ, ଧର୍ମଶାଳା, ବାସଗୃହ, ଦୋକାନ, ହୋଟେଲ, ଲଜିଂ ସବୁ ଭଙ୍ଗାଯିବ। ଏଥିପାଇଁ ପ୍ରଥମେ ସିଂହଦ୍ୱାରକୁ ଲାଗିରହିଥିବା ସରକାରୀ ଏବଂ ବେସରକାରୀ ନିର୍ମାଣକୁ ପ୍ରଶାସନ ଉଚ୍ଛେଦ କରିଦେଇଛି। ଲଙ୍ଗୁଳି, ଏମାର ଏବଂ ବଡ଼ ଆଖଡା ମଠକୁ ମଧ୍ୟ ଭାଙ୍ଗିସାରିଛି। ଏବେ ୭୫ ମିଟରକୁ ଟାର୍ଗେଟ କରି ଆଗକୁ ବଢିଛି ପ୍ରଶାସନ। ଏଥିଲାଗି ମାପଚୁପ ଆରମ୍ଭ ହୋଇଛି।

ପୁରୀକୁ ବିଶ୍ୱ ଐତିହ୍ୟ ସହର କରିବାକୁ ଅଣ୍ଟା ଭିଡ଼ିଛନ୍ତି ରାଜ୍ୟ ସରକାର। ଏଥିପାଇଁ ଏକାଧିକ ପ୍ରକଳ୍ପ ପରିକଳ୍ପନା କରାଯାଇଛି। ପ୍ରାଥମିକ ପର୍ଯ୍ୟାୟରେ ମେଘନାଦ ପାଚେରି ପାର୍ଶ୍ୱସ୍ଥ ସରକାରୀ ଓ ବେସରକାରୀ ନିର୍ମାଣ ଉଚ୍ଛେଦ ପରେ ବିପଦସଙ୍କୁଳ କୋଠା ଭଙ୍ଗାଯାଇଛି। ଲଙ୍ଗୁଳି ମଠ, ଏମାର ଏବଂ ବଡ଼ ଆଖଡା ମଠ ମାଟିରେ ମିଶିଛି। ରାସ୍ତା ନ ଥିବାରୁ ଉଚ୍ଛେଦ ମଠରେ ଉପାସିତ ଠାକୁରଙ୍କ ଦର୍ଶନ ପାଇଁ ଭକ୍ତମାନେ ଯାଇପାରୁ ନ ଥିଲେ। ତେଣୁ ଉଚ୍ଛେଦ ସ୍ଥଳକୁ ସମତୁଲ କରି ଟାଇଲ ବିଛାଇଛି ପ୍ରଶାସନ। ଏହାପରେ ୭୫ ମିଟର ଉଚ୍ଛେଦ ପାଇଁ ସୋମବାର ପୁରୀ ଉପଜିଲାପାଳ ଭବତାରଣ ସାହୁଙ୍କ ଉପସ୍ଥିତିରେ ଆର୍‌ଆଇ, ତହସିଲ ଅଫିସ କର୍ମଚାରୀମାନେ ଶ୍ରୀମନ୍ଦିର ପୂର୍ବ ପାର୍ଶ୍ୱ ଅର୍ଥାତ୍ ବଡ଼ ଆଖଡା ମଠ ପଛପଟୁ ବଡ଼ଦାଣ୍ଡ ଆଡ଼କୁ ମାପଚୁପ କରିଛନ୍ତି। ଏହି ସମୟରେ ରାଜ୍ୟ ସରକାରଙ୍କ ଦ୍ୱାରା ନିଯୁକ୍ତ ୫ଜଣ ଶିକ୍ଷାନବିସ ଆଇଏଏସ୍ ଅଫିସର ଉପସ୍ଥିତ ରହି କାର୍ଯ୍ୟ ଅନୁଧ୍ୟାନ କରିଥିଲେ। ଏ ନେଇ ଉପଜିଲାପାଳ ସାହୁ କହିଛନ୍ତି, ପୂର୍ବରୁ ଉଚ୍ଛେଦ ସ୍ଥଳର ସୌନ୍ଦର୍ଯ୍ୟକରଣ ଉପରେ ପ୍ରାଥମିକତା ଦିଆଯାଇ କାମ ସରିଛି। ଏହାଦ୍ୱାରା ଭକ୍ତମାନେ ସୁରୁଖୁରୁରେ ବୁଲି ଦର୍ଶନ କରିପାରିବେ। ୭୫ ମିଟର ଉଚ୍ଛେଦ ପାଇଁ ଶ୍ରୀମନ୍ଦିର ପୂର୍ବପାର୍ଶ୍ୱ ମାପ କରାଯାଇଛି। ପର୍ଯ୍ୟାୟକ୍ରମେ ଚତୁଃପାର୍ଶ୍ୱ ମାପଚୁପ କରାଯିବ।

## ରାଜ୍ୟର ବିଭିନ୍ନ ସ୍ଥାନରେ ଯାଞ୍ଚ

# ଗୋଟିଏ ଦିନରେ ୧୪୧ ମଦ୍ୟପ ଗାଡ଼ିଚାଳକ ଗିରଫ

**କଟକ ଅଫିସ, ୧୬।୯**

ରାଜ୍ୟରେ ମଦ୍ୟପ ଗାଡି ଚାଳକଙ୍କୁ ନିସ୍ତାର ନାହିଁ। ସେମାନଙ୍କ ପ୍ରତି କଠୋର ଆଭିମୁଖ୍ୟ ଆପଣାଇଛି ପୋଲିସ। ମଦ୍ୟପାନ କରି ଗାଡି ଚଳାଉଥିବା ଚାଳକଙ୍କୁ ଗିରଫ କରିବାକୁ ଡିଜିପି ବିଜୟ କୁମାର ଶର୍ମା କଡା ନିର୍ଦ୍ଦେଶ ଦେଇଛନ୍ତି। ତଦନୁଯାୟୀ ରବିବାର ରାତିରେ ବିଭିନ୍ନ ଜିଲାର ଜାତୀୟ ଓ ରାଜ୍ୟ ରାଜପଥରେ ପାଖାପାଖି ୫୫୦୦ ଗାଡି ଚାଳକଙ୍କୁ ପୋଲିସ ଯାଞ୍ଚ କରିଥିଲା। ସେଥିମଧ୍ୟରୁ ୧୪୧ଜଣ ମଦ୍ୟପ ଗାଡି ଚାଳକଙ୍କୁ ଗିରଫ କରାଯାଇଥିଲା। ସେମାନଙ୍କ ମଧ୍ୟରେ ଗଞ୍ଜାମରେ ୨୬, ଯାଜପୁରରେ ୨୦, ସମ୍ବଲପୁରରେ ୧୮, ରାଉରକେଲାରେ ୧୬, ବ୍ରହ୍ମପୁରରେ ୧୨, ଜଗତ୍‌ସିଂହପୁରରେ ୧୨, ଗଜପତିରେ ୯, ଅନୁଗୋଳରେ ୬, ନବରଙ୍ଗପୁରରେ ୬, କୋରାପୁଟରେ ୫, ମୟୂରଭଞ୍ଜରେ ୪, କେନ୍ଦ୍ରାପଡାରେ ୨, ବାଲେଶ୍ୱର, ଖୋର୍ଦ୍ଧା, କନ୍ଧମାଳ, ସୁନ୍ଦରଗଡ, ସୋନପୁରର ଜଣେ ଲେଖାଏଁ ବ୍ୟକ୍ତି ରହିଛନ୍ତି। ସୂଚନାଯୋଗ୍ୟ, ଗତ ୬ରୁ ଏପର୍ଯ୍ୟନ୍ତ ପ୍ରାୟ ୪୨୬ ଜଣ ମଦ୍ୟପ ଗାଡିଚାଳକଙ୍କୁ ଗିରଫ କରାଯାଇଛି।

# ୨ ବିଶ୍ୱବିଦ୍ୟାଳୟ ହେବ ଅନୁବନ୍ଧିତ ବିଶ୍ୱବିଦ୍ୟାଳୟ

- ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଅଧୀନକୁ ଆସିବ ୬୫ଟି ମହାବିଦ୍ୟାଳୟ
- ଭବାନୀପାଟଣା ବିଶ୍ୱବିଦ୍ୟାଳୟ ଅଧୀନରେ ରହିବ ୫୦ଟି ମହାବିଦ୍ୟାଳୟ

**ଭୁବନେଶ୍ୱର, ୧୬।୯(ବ୍ୟୁରୋ)**

ବଲାଙ୍ଗୀରର ରାଜେନ୍ଦ୍ର ଏକକ ବିଶ୍ୱବିଦ୍ୟାଳୟ ଏବଂ ଭବାନୀପାଟଣା ଏକକ ବିଶ୍ୱବିଦ୍ୟାଳୟ ଅନୁବନ୍ଧିତ(ଆଫିଲିଏଟେଡ୍) ବିଶ୍ୱବିଦ୍ୟାଳୟ ହେବ। ରାଜ୍ୟରେ ଉଚ୍ଚଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି ଓ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ଲକ୍ଷ୍ୟରେ ଏହି ଦୁଇଟି ବିଶ୍ୱବିଦ୍ୟାଳୟକୁ ଏକକ ବିଶ୍ୱବିଦ୍ୟାଳୟ କରିବା ପାଇଁ ଉଚ୍ଚଶିକ୍ଷା ବିଭାଗର ପ୍ରସ୍ତାବକୁ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନୁମୋଦନ କରିଛନ୍ତି। ପୂର୍ବରୁ ଭବାନୀପାଟଣା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ଗତ ମାର୍ଚ୍ଚ ୬ରେ ଓ ବଲାଙ୍ଗୀର ରାଜେନ୍ଦ୍ର ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ଗତ ମାର୍ଚ୍ଚ ୨ରେ ଏକକ ବିଶ୍ୱବିଦ୍ୟାଳୟର ମାନ୍ୟତା ପ୍ରଦାନ କରାଯାଇଥିଲା। କିନ୍ତୁ ଏହାକୁ ପରିବର୍ତ୍ତନ କରାଯାଇ ଉଭୟ ବିଶ୍ୱବିଦ୍ୟାଳୟକୁ ଅନୁବନ୍ଧିତ ବିଶ୍ୱବିଦ୍ୟାଳୟ କରାଯିବ। ଏଣିକି ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ବଲାଙ୍ଗୀର ଓ ସୁବର୍ଣ୍ଣପୁର ଜିଲାର ପ୍ରାୟ ୬୫ଟି ମହାବିଦ୍ୟାଳୟ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଅଧୀନକୁ ଆସିବା ସହ ଅନୁବନ୍ଧିତ ହୋଇଯିବ। ସେହିପରି କଳାହାଣ୍ଡି ଏବଂ ନୂଆପଡ଼ା ଜିଲାର ପ୍ରାୟ ୫୦ଟି ମହାବିଦ୍ୟାଳୟ ଭବାନୀପାଟଣା ଏକକ ବିଶ୍ୱବିଦ୍ୟାଳୟ ସହ ଅନୁବନ୍ଧିତ ହେବ। ଏହି ମହାବିଦ୍ୟାଳୟଗୁଡ଼ିକ ବର୍ତ୍ତମାନ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅଧୀନରେ ଅଛି। ତେବେ ଏହି ଦୁଇଟି ଏକକ ବିଶ୍ୱବିଦ୍ୟାଳୟ ଅନୁବନ୍ଧିତ ହେଲେ ଛାତ୍ରୀଛାତ୍ର ଓ ଅଧ୍ୟାପିକା ଅଧ୍ୟାପକମାନଙ୍କୁ ବିଶ୍ୱବିଦ୍ୟାଳୟ ସହ ଯୋଗାଯୋଗ ନିମନ୍ତେ ଦୂର ସ୍ଥାନକୁ ଯିବାକୁ ପଡ଼ିବ ନାହିଁ ଏବଂ ପ୍ରଶାସନିକ ପ୍ରକ୍ରିୟାରେ ପାରଦର୍ଶିତା ଆସିପାରିବ ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ, ଉପରୋକ୍ତ ଚାରି ଜିଲାର ୧୧୫ଟି ମହାବିଦ୍ୟାଳୟ ବାଦ୍ ପଡ଼ିଲେ ସମ୍ବଲପୁର ବିଶ୍ୱବିଦ୍ୟାଳୟର କାର୍ଯ୍ୟଭାର ଅନେକ ମାତ୍ରାରେ ଲାଘବ ହେବାସହ ଏହାର କାର୍ଯ୍ୟଦକ୍ଷତା ମଧ୍ୟ ବୃଦ୍ଧି ପାଇବ। ଏହାସହ ପରୀକ୍ଷା ପରିଚାଳନା, ପରୀକ୍ଷା ଫଳ ପ୍ରକାଶନ, ଆଡ୍‌ମିଶନ୍ ପ୍ରକ୍ରିୟା ଆଦି ତ୍ୱରାନ୍ୱିତ ହୋଇପାରିବା ସହ ଅନ୍ୟାନ୍ୟ ପ୍ରଶାସନିକ କାର୍ଯ୍ୟ ମଧ୍ୟ ସହଜରେ ହୋଇପାରିବ। ବର୍ତ୍ତମାନ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅଧୀନରେ ପ୍ରାୟ ୨୪୦ଟି ମହାବିଦ୍ୟାଳୟ ରହିଛି। ସୂଚନାଯୋଗ୍ୟ, ବଲାଙ୍ଗୀରର ରାଜେନ୍ଦ୍ର ମହାବିଦ୍ୟାଳୟ ୧୯୪୪ରେ ଓ ଭବାନୀପାଟଣା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ୧୯୬୦ରେ ପ୍ରତିଷ୍ଠା କରାଯାଇଥିଲା।

# ମାଈ ହାତୀର ମୃତଦେହ ଠାବ: ବିଦ୍ୟୁତ୍ ଆଘାତରେ ମୃତ୍ୟୁ ସନ୍ଦେହ

**ଭାପୁର, ୧୬।୯(ଡି.ଏନ.ଏ.):** ଢେଙ୍କାନାଳ ସଦର ରେଞ୍ଜ ଭାପୁର ବନାଞ୍ଚଳ ଅନ୍ତର୍ଗତ ମାଟିଆମୁଣ୍ଡିଆ ନିକଟରେ ଜଣେ ବ୍ୟକ୍ତିଙ୍କ କାଜୁ ବଗିଚାରୁ ସୋମବାର ବନ ବିଭାଗ ଏକ ମାଈହାତୀର ମୃତଦେହ ଠାବ କରିଛି। ପାଖାପାଖି ଦୁଇଦିନ ତଳେ ହାତୀଟିର ମୃତ୍ୟୁ ଘଟିଛି ଏବଂ ପାରିପାର୍ଶ୍ୱିକସ୍ଥିତିରୁ ଏହା ବିଦ୍ୟୁତ୍ ଆଘାତଜନିତ ବୋଲି ଅନୁମାନ କରାଯାଉଛି। ସୂଚନା ପାଇ ଡିଏଫ୍‌ଓ ବିମଳକୃଷ୍ଣ ଆଚାର୍ଯ୍ୟ, ରେଞ୍ଜର ମୁନାଓ୍ୱର ଖାଁ, ବନପାଳ ପ୍ରଭାକର ରଣ, ଯୁଗଳ କିଶୋର ମହାନ୍ତି ସଦଳବଳ ଘଟଣସ୍ଥଳକୁ ଯାଇ ସରଜମିନ ତଦନ୍ତ କରିଛନ୍ତି। ବିଭିଓ ଲକ୍ଷ୍ମୀନାରାୟଣ ଜେନା, ଭାପୁର ପ୍ରାଣୀଧନ ଚିକିତ୍ସାଧିକାରୀ ପ୍ରଭାତ କୁମାର ଜେନାଙ୍କ ଉପସ୍ଥିତିରେ ବ୍ୟବଚ୍ଛେଦ କରାଯାଇଥିଲା। ଏହାପରେ ନିକଟରେ ଗାତଖୋଳି ହାତୀ ମୃତଦେହକୁ ପୋତି ଦିଆଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଏହାର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ଡିଏଫ୍‌ଓ କହିଛନ୍ତି।

ଆଲ୍ଲାହାବାଦ ବ୍ୟାଙ୍କ ALLAHABAD BANK
ବିଶ୍ୱାସର ଏକ ପରମ୍ପରା A tradition of trust
ମୁଖ୍ୟ କାର୍ଯ୍ୟାଳୟ: 2, ନେତାଜୀ ସୁଭାଷ ରୋଡ୍, କୋଲକାତା - 700001
**ବିଜ୍ଞପ୍ତି**
**ଆଲ୍ଲାହାବାଦ ବ୍ୟାଙ୍କ ₹୪୦.୦୦ ଲକ୍ଷରୁ ଊର୍ଦ୍ଧ୍ୱ ସଞ୍ଚୟ ବ୍ୟାଙ୍କ ଜମା ଉପରେ ସୁଧକୁ ଆର୍‌ବିଆଇ ରେପୋ ରେଟ୍ ସହ ସଂଯୋଗ କରାଯାଉଅଛି**
ଆଲ୍ଲାହାବାଦ ବ୍ୟାଙ୍କର ସମସ୍ତ ସଞ୍ଚୟ ବ୍ୟାଙ୍କ ଜମା ଖାତାଧାରୀଙ୍କୁ ଏତଦ୍ୱାରା ସୂଚିତ କରାଯାଉଛି ଯେ ₹୪୦ ଲକ୍ଷରୁ ଊର୍ଦ୍ଧ୍ୱ ଥିବା ସଞ୍ଚୟ ବ୍ୟାଙ୍କ ଜମା ଖାତାଗୁଡ଼ିକ ଉପରେ ସୁଧ ହାରକୁ ୧ ଅକ୍ଟୋବର, ୨୦୧୯ଠାରୁ ଆର୍‌ବିଆଇ ରେପୋ ରେଟ୍ ସହ ସଂଯୋଗ କରାଯାଉଅଛି ଏବଂ ସେହି ଅନୁଯାୟୀ ପ୍ରଭାବୀ ସୁଧ ହାର ପ୍ରଚଳିତ ରେପୋ ରେଟ୍ ସହ ସମତୁଲ୍ୟ ହେବ ଅର୍ଥାତ୍ ବାର୍ଷିକ ୩.୬୫%।
ସଞ୍ଚୟ ବ୍ୟାଙ୍କ ଜମା ଖାତା ପାଇଁ ଅନ୍ୟାନ୍ୟ ନିୟମାବଳୀ ଅପରିବର୍ତ୍ତିତ ରହିବ।
ମୁଖ୍ୟ କାର୍ଯ୍ୟାଳୟ, କୋଲକାତା — ସାଧାରଣ ପରିଚାଳକ
ତାରିଖ: ୧୩ ସେପ୍ଟେମ୍ବର, ୨୦୧୯ — ଯୋଜନା ବିଭାଗ

CLASSIFIED DISPLAY















# ଯୋଜନାର ପୁନଃ ସମୀକ୍ଷା

ଓଡ଼ିଶାରେ ପିଲାବିକ୍ରି କଥା ଉଠିଲେ ଗତ ଶତାବ୍ଦୀର ୮୦ ଦଶକ କଥା ମନେପଡ଼େ। ଦାରିଦ୍ର୍ୟ ଯୋଗୁ କଳାହାଣ୍ଡି ଜିଲାରେ ଲୋକେ ପିଲାଙ୍କୁ ବିକ୍ରି କରିଦେଉଥିଲେ। ସେଥିପାଇଁ ସେତେବେଳେ ବାହାରେ ଓଡ଼ିଶା ଏକ ଗରିବ ରାଜ୍ୟ ଭାବେ କୁଖ୍ୟାତି ଅର୍ଜନ କରିଥିଲା। ଏବେ ସରକାରଙ୍କ ପକ୍ଷରୁ ପର୍ଯ୍ୟାପ୍ତ ଯୋଜନା କରାଯାଇଛି। ଶିଶୁଟିଏ ଜନ୍ମହେବାଠାରୁ ବୟସ୍କଙ୍କ ମୃତ୍ୟୁ ଯାଏ ଅନେକ କାର୍ଯ୍ୟକ୍ରମ ମେଲାଇ ଦିଆଯାଇଛି। ବିଭିନ୍ନ ଯୋଜନା ମାଧ୍ୟମରେ ସରକାରୀ ସାହାଯ୍ୟ ପହଞ୍ଚୁଥିବାରୁ ବିଗତ ଦଶନ୍ଧିଠାରୁ ଊର୍ଦ୍ଧ୍ୱ ସମୟ ମଧ୍ୟରେ ଏଭଳି ପିଲାବିକ୍ରି ଖବର ଶୁଣାଯାଉ ନ ଥିଲା। ବିଶେଷକରି ଟଙ୍କିକିଆ ଚାଉଳ ଏହାର ମୁଖ୍ୟ ଭୂମିକା ଗ୍ରହଣ କରିଥିଲା ବୋଲି କୁହାଯାଇପାରେ। ଅବଶ୍ୟ ସେହି ଯୋଜନାର ଅନେକ ସମାଲୋଚକ ସୃଷ୍ଟି ହୋଇଛନ୍ତି। ସେମାନଙ୍କର ମୁଖ୍ୟ ବିରୋଧୀ ଯୁକ୍ତି ହେଉଛି ଯେ, ଟଙ୍କିକିଆ ଚାଉଳ ଯୋଗୁ କର୍ମକୋଢ଼ ସୃଷ୍ଟି ହୋଇଯାଉଛନ୍ତି। ଅପରପକ୍ଷରେ ଏକ ଜନମଙ୍ଗଳକାରୀ ଗଣତାନ୍ତ୍ରିକ ବ୍ୟବସ୍ଥାରେ ସର୍ବନିମ୍ନ ସ୍ତରର ସ୍ୱାର୍ଥକୁ ଜଗିବା ସରକାରଙ୍କ ମୁଖ୍ୟ ଦାୟିତ୍ୱ ହୋଇଥାଏ। ବିବାଦ ମଧ୍ୟରେ ଥିବା ସତ୍ତ୍ୱେ ଏହି ଯୋଜନାକୁ କେହି ବି ସକ୍ରିୟ ଭାବେ ବିରୋଧ କରିନାହାନ୍ତି। ଏବେ ହଠାତ୍ ଏକ ଭିନ୍ନ ଚିତ୍ର ସାମ୍ନାକୁ ଆସୁଛି। ଗତ ୧୫ ଦିନ ମଧ୍ୟରେ ବାଲେଶ୍ୱର ପରି ଉପକୂଳ ଜିଲାରେ ଦୁଇଟି ଘଟଣା ଘଟିଯାଇଛି। ଅଗଷ୍ଟ ୨୭ରେ ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ପିଠାହତା ଅଞ୍ଚଳରେ ଦାରିଦ୍ର୍ୟର ତାଡ଼ନା ସହି ନ ପାରି ଜଣେ ମହିଳା ତାଙ୍କର ୫ ଦିନର ଶିଶୁକନ୍ୟାଙ୍କୁ ଲାଳନପାଳନ କରିବାରେ ଅସମର୍ଥ ହୋଇ ଶେଷରେ ତାହାକୁ ଦାନ କରିଦେଇଥିଲେ। ସେହିପରି ୧୩ ସେପ୍ଟେମ୍ବରରେ ବାଲେଶ୍ୱର ଟାଉନ ଥାନା ଅନ୍ତର୍ଗତ ଦରଘାପଡ଼ିଆ ଅଞ୍ଚଳରେ ଦମ୍ପତି ସେମାନଙ୍କ ୭ ଦିନର ପୁଅକୁ ମାତ୍ର ୨୦ ହଜାର ଟଙ୍କାରେ ବିକ୍ରି କରି ଦେଇଥିଲେ। ଦୁଇ ମାସ ତଳେ ସୋନପୁର ଜିଲା ବିନିକା ଥାନା ଅନ୍ତର୍ଗତ ବିଶାଳପାଲରେ ଆଈ ତାଙ୍କ ନାତିକୁ ବିକ୍ରି କରିଦେବା ଘଟଣା ରାଜ୍ୟରେ ଚହଳ ପକାଇଥିଲା।

ଏହିଭଳି ରାଜ୍ୟର ବିଭିନ୍ନ ସ୍ଥାନରେ ପିଲାବିକ୍ରି ହେଉଥିବା ଗଣମାଧ୍ୟମରୁ ଶୁଣିବାକୁ ମିଳୁଛି। ପ୍ରଶାସନ ଏହିସବୁ ଘଟଣାକୁ କେତେ ଗୁରୁତ୍ୱ ଦେଉଛି, ତାହା ପଦାରେ ଜଣାପଡୁନାହିଁ। କିନ୍ତୁ ଏହିଭଳି ଖବର ମିଳିବା ଏକ ସତର୍କଘଣ୍ଟି ବୋଲି ପ୍ରଶାସନ ବୁଝିବା ଦରକାର। ମନେହେଉଛି ଯେପରି ସବୁ ଉତ୍ତମ ଉଦ୍ଦେଶ୍ୟ ଥିବା ସତ୍ତ୍ୱେ ଆଭ୍ୟନ୍ତରୀଣ କାର୍ଯ୍ୟରେ ଉଇ ଲାଗିଗଲାଣି। ଗରିବ ଓ ଅସହାୟ ଜନସାଧାରଣଙ୍କ ପାଖରେ ପହଞ୍ଚୁଥିବା ସରକାରୀ ଯୋଜନା ପାଇଁ ଓଡ଼ିଶା ଅନେକ ଥର ପ୍ରଶଂସିତ ହୋଇଥିଲା। ଏବେକାର ଏହିଭଳି ଘଟଣାର ଖବର ଧାରଣା ସୃଷ୍ଟି କରିପାରେ ଯେ ପାଇବାକୁ ଯୋଗ୍ୟ ବ୍ୟକ୍ତିଙ୍କ ପାଖରେ ପହଞ୍ଚିବା ପରିବର୍ତ୍ତେ ସେହିସବୁ ଯୋଜନାର ସାମଗ୍ରୀ ଓ ଅର୍ଥ ଅଯୋଗ୍ୟଙ୍କ ପାଖକୁ ପଳାଇଯାଉଛି। ଦୁର୍ନୀତି ହୋଇଛି ବୋଲି କହିବା କଷ୍ଟକର, କାରଣ ତା'ର ପ୍ରମାଣ ଯୋଗାଡ଼ କରିବା ଅସମ୍ଭବ।

ଯଦି ଗୋଟିଏ ପଟେ ଅତ୍ୟନ୍ତ ଯୋଗ୍ୟ ହିତାଧିକାରୀଙ୍କ ପାଖରେ ଅତ୍ୟାବଶ୍ୟକ ଯୋଜନା ଠିକ୍‌ରେ ପହଞ୍ଚି ପାରୁନାହିଁ, ସରକାରଙ୍କ ଦ୍ୱାରା ଘୋଷିତ ହେଉଥିବା ଭିନ୍ନ ଧରଣର ଯୋଜନାଗୁଡ଼ିକ କାର୍ଯ୍ୟକାରୀ ହେବା ନେଇ ସନ୍ଦେହ ସୃଷ୍ଟି ହେଉଛି। ନିକଟରେ ରାଜ୍ୟ ଭିନ୍ନକ୍ଷମ ଓ ସାମାଜିକ ସଶକ୍ତୀକରଣ ବିଭାଗ ପକ୍ଷରୁ କୁହାଯାଇଛି ଯେ, ବିବାହ ବିଚ୍ଛେଦ ପାଇଁ ସ୍ତ୍ରୀ ଓ ସ୍ୱାମୀ କୋର୍ଟରେ ଆବେଦନ କରୁଛନ୍ତି। କିନ୍ତୁ ଏହି ଆବେଦନର ଫଇସଲା ହେବାକୁ ଦୀର୍ଘ ବର୍ଷ ଲାଗିଯାଇଥାଏ। ଏହି ସମୟରେ ଖର୍ଚ୍ଚ ତୁଲାଇବା ସକାଶେ ସମ୍ପୃକ୍ତ ମହିଳାଙ୍କ ନିକଟରେ କୌଣସି ସମ୍ବଳ ନ ଥାଏ ବୋଲି କୁହାଯାଉଛି। ତେଣୁ ସେଭଳି ସ୍ଥଳେ ସ୍ୱାମୀ ପରିତ୍ୟକ୍ତା ମହିଳାଙ୍କୁ ପେନ୍‌ସନ ଯୋଗାଇ ଦେବାକୁ ସରକାର ବିଚାର କରୁଛନ୍ତି। ଏମିତି ଦେଖିଲେ ମଧୁବାବୁ ପେନ୍‌ସନ ଯୋଜନାରେ ପରିତ୍ୟକ୍ତ ବୟସ୍କ ଓ ପରିତ୍ୟକ୍ତ ତଥା ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ଆର୍ଥିକ ସହାୟତା ଦିଆଯିବାର ବ୍ୟବସ୍ଥା ରହିଛି। ହେଲେ ଅନେକ ସମୟରେ ଅଭିଯୋଗ ଆସିଥାଏ ଯେ, ବୟସ୍କ ବ୍ୟକ୍ତିମାନେ ଯୋଜନାର ସୁଫଳ ପାଇପାରୁନାହାନ୍ତି। ତେଣୁ ସବୁବେଳେ ଯେ ଆର୍ଥିକ ସ୍ୱଚ୍ଛଳ ଅବସ୍ଥାରେ ସ୍ୱାମୀ ରହିଥାଏ ଏବଂ ସ୍ତ୍ରୀ ଅନଟନର ଶିକାର ହେଉଥାଏ, ଭାବିବା ମଧ୍ୟ ବାସ୍ତବ ହୋଇ ନ ପାରେ। ଅନେକ ଘଟଣାରେ ବିଭିନ୍ନ କାରଣରୁ ଛାଡ଼ପତ୍ର ପରିସ୍ଥିତି ଉପୁଜେ, ଯେଉଁଥିରେ କେବଳ ସ୍ୱାମୀ କିମ୍ବା ସ୍ତ୍ରୀ ଦାୟୀ ବୋଲି ସ୍ପଷ୍ଟ ଜଣାପଡ଼େନାହିଁ। ଏଭଳି ପରିସ୍ଥିତିରେ ସରକାରଙ୍କ ଅଭିନବ ଯୋଜନା ମହିଳାଙ୍କ ପାଇଁ ସ୍ୱାଗତଯୋଗ୍ୟ ହୋଇଥିଲେ ମଧ୍ୟ ବାଟମାରଣା ହେବାର ସୁଯୋଗ ସୃଷ୍ଟି କରୁଛି। ତେବେ ୧୬ ସେପ୍ଟେମ୍ବରରେ ମିଳିଥିବା ତଥ୍ୟ ଅନୁଯାୟୀ ଓଡ଼ିଶାରେ ଏବେ ଆଧାର ସଂଯୋଗ ନ ଥିବା ଯୋଗୁ ୧ ଲକ୍ଷ ୮୪ ହଜାର ୯୫୦ ପରିବାରର ୧୮ ଲକ୍ଷ ୬୭ ହଜାର ୮୦୩ ବ୍ୟକ୍ତି ଜାତୀୟ ଖାଦ୍ୟ ସୁରକ୍ଷା ଆଇନ (ଏନ୍‌ଏଫ୍‌ଏସ୍‌ଏ)ରୁ ବାଦ୍ ପଡ଼ିପାରନ୍ତି। ଫଳରେ ସେମାନେ ଯୋଗ୍ୟ ହିତାଧିକାରୀ ହୋଇ ମଧ୍ୟ ଅଯୋଗ୍ୟ ସାବ୍ୟସ୍ତ ହେବେ। ଫଳରେ ଆଗକୁ ସ୍ଥିତି ଅସମ୍ଭାଳ ହୋଇପଡ଼ିବ। ସେଥିପାଇଁ ନୂଆ ଯୋଜନା କରିବା ପରିବର୍ତ୍ତେ କ୍ରମଶଃ ବିଫଳ ହେବାର ସଙ୍କେତ ମିଳୁଥିବା ଯୋଜନା ବା କାର୍ଯ୍ୟକ୍ରମଗୁଡ଼ିକର ପୁନଃ ମୂଲ୍ୟାୟନ ଏବଂ ସମୀକ୍ଷା କରାଯାଇ ସେଗୁଡ଼ିକର ନୂତନ ଭାବେ କାର୍ଯ୍ୟକାରିତା ଦିଗକୁ ଦୃଷ୍ଟି ଦିଆଯିବା ଉଚିତ।

## su|do|ku | ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 6 | 8 | | | | | | D | | | | | | |
| | | | A | 3 | | 0 | 5 | | D | | | | | |
| 4 | 0 | | | | 9 | | 7 | | 1 | 2 | | | | |
| C | | | E | | | | | | 6 | | | | B | 8 |
| 1 | | D | | | 4 | 2 | C | | 3 | | 5 | | | |
| | 4 | 1 | | 7 | B | | | A | | | 6 | | | |
| | | 5 | | 1 | | 6 | | | 2 | 3 | | | | |
| | | | 3 | | | | 8 | B | | A | | | | E |
| | | | 6 | | 8 | 5 | E | | | C | | B | | |
| | B | | | | | 3 | D | | 8 | | | | | 2 |
| B | | | 4 | E | | | 3 | 2 | C | | | | D | 0 |
| | 2 | | | | | | | | | 7 | | | 9 | |
| | C | | 1 | 2 | 5 | 8 | B | | | | A | | | |
| 7 | D | 0 | | | | | | | | E | 8 | | C | |
| | | | D | B | | | | E | | | | | 7 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 1 | 2 | D | 9 | 5 | 4 | 3 | 0 | 7 | B | C | 6 | E | 8 | A |
| E | A | C | B | 7 | 8 | 1 | 6 | 4 | 2 | D | 9 | 0 | 5 | 3 |
| 0 | 7 | 4 | 3 | 1 | A | C | 2 | 9 | E | 5 | 8 | D | B | 6 |
| 8 | 6 | 9 | 2 | 0 | E | D | 5 | B | A | 3 | 1 | 7 | 4 | C |
| B | 5 | 3 | 6 | D | C | 8 | E | A | 0 | 7 | 4 | 1 | 2 | 9 |
| 6 | B | 7 | C | 8 | 1 | 9 | 3 | 2 | D | A | 5 | 4 | 0 | E |
| C | E | 5 | 4 | 3 | 0 | A | D | 6 | 9 | 8 | B | 2 | 1 | 7 |
| D | 0 | 8 | A | 6 | 9 | B | 1 | E | 4 | 2 | 7 | 3 | C | 5 |
| 2 | 4 | 1 | 7 | E | B | 5 | C | 8 | 3 | 6 | 0 | 9 | A | D |
| 9 | 3 | A | D | 2 | 5 | 7 | 4 | 0 | C | 1 | E | B | 6 | 8 |
| 5 | 1 | 2 | 0 | 9 | D | 6 | 7 | 3 | 8 | 4 | A | C | E | B |
| 4 | 8 | 0 | 5 | B | 3 | E | A | D | 1 | 9 | C | 6 | 7 | 2 |
| A | D | E | 8 | 4 | 6 | 2 | B | C | 7 | 0 | 3 | 5 | 9 | 1 |
| 7 | C | B | 1 | A | 2 | 4 | 9 | 5 | 6 | E | D | 8 | 3 | 0 |
| 3 | 9 | 6 | E | C | 7 | 0 | 8 | 1 | 5 | B | 2 | A | D | 4 |

ଗତକାଲିର ଉତ୍ତର

# ଅତୁଳନୀୟ ନେତା



ପ୍ରକାଶ ଜାଭଡେକର

ସବୁ ନେତା ସମାନ ସ୍ତରର ନୁହନ୍ତି। ପଞ୍ଚମ ସ୍ତରର ନେତୃତ୍ୱ (ଲିଭେଲ ୫ ଲିଡରଶିପ୍) ଭିତରେ ରହିଛି: ସାଧୁତା ଓ ନୀତିନିଷ୍ଠତା, ପ୍ରତିବଦ୍ଧତା ଓ ଉତ୍ସାହ, ନିଷ୍ପତ୍ତି ନେବାର କ୍ଷମତା ଓ ଉତ୍ତରଦାୟିତ୍ୱ। ସର୍ବୋପରି ସେ ହେବା ଦରକାର ଉତ୍ତମ ଯୋଗାଯୋଗ ରକ୍ଷାକାରୀ (କମ୍ୟୁନିକେଟର), ସର୍ଜନଶୀଳ, ନବୋଭାବନଶୀଳ ଏବଂ ଜଣେ ପ୍ରେରଣାଦାୟୀ ନେତା। ଏହି ସମସ୍ତ ଗୁଣ ଆମ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କଠାରେ ରହିଛି। ତାଙ୍କର ସାଧୁତା ଓ ସଙ୍କୋଚତା ଅତୁଳନୀୟ। ତାଙ୍କ ପାଇଁ ବ୍ୟକ୍ତିଗତ ସ୍ୱାର୍ଥ ବୋଲି କିଛି ନାହିଁ, ଦେଶର ସ୍ୱାର୍ଥ ହିଁ ତାଙ୍କର ସ୍ୱାର୍ଥ। ସେ ୧୨ ବର୍ଷ ଧରି ଗୁଜରାଟର ମୁଖ୍ୟମନ୍ତ୍ରୀ ଥିବା ସମୟରେ ହିଁ ତାଙ୍କର ଏହି ଭାବମୂର୍ତ୍ତିକୁ ଲୋକମାନେ ବ୍ୟାପକଭାବେ ଗ୍ରହଣ କରିନେଇଥିଲେ। ତା'ପରେ ୨୦୦୪ରୁ ୨୦୧୪ ଭିତରେ ଦେଶରେ ଦେଖାଗଲା ବ୍ୟାପକ ଦୁର୍ନୀତି, ଉପଯୁକ୍ତ ନେତୃତ୍ୱର ଅଭାବ ଏବଂ ନୀତିଗତ ସ୍ଥାଣୁତା। ତେଣୁ ସେ ଲୋକମାନଙ୍କ ନଜରକୁ ଆସିଲେ। ଦରିଦ୍ରରୁ ଦରିଦ୍ରତମ ବ୍ୟକ୍ତି ମଧ୍ୟ ତାଙ୍କର ସାଧୁତା ଓ ସଙ୍କୋଚତା ନେଇ ନିଃସଂଶୟ ଥିଲେ। ଏହା ଜଣାଶୁଣା ଯେ, ଦକ୍ଷତାହୀନ ପାଠୁଆଠାରୁ ଦକ୍ଷ ଓ ବୁଦ୍ଧିଆ ନିରକ୍ଷର ହେଉଛି ଢେର ଅଧିକ ପ୍ରଭାବଶାଳୀ। ଗତ ପାଞ୍ଚବର୍ଷ ଭିତରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସରକାର ବିରୋଧରେ ଗୋଟିଏ ବି ଦୁର୍ନୀତି ଅଭିଯୋଗ ଆସିନାହିଁ। ଯେତେବେଳେ ଶେଷ ମୁହୂର୍ତ୍ତରେ ଚନ୍ଦ୍ରୟାନ-୨ର ଲ୍ୟାଣ୍ଡର ବିକ୍ରମ ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଗଲା, ସେତେବେଳେ ଇସ୍ରୋ ବୈଜ୍ଞାନିକମାନଙ୍କୁ ମୋଦି ପ୍ରବୋଧନା ଦେଇଥିଲେ। ସେତେବେଳେ ତାଙ୍କର ଦରଦୀ ବଦନ ସ୍ପଷ୍ଟ ଦେଖାଯାଉଥିଲା। ଶ୍ରୀହରିକୋଟା ଛାଡ଼ିବା ପୂର୍ବରୁ ସେ ଇସ୍ରୋର ବୈଜ୍ଞାନିକ ଓ ଇଞ୍ଜିନିୟରମାନଙ୍କୁ ଅତ୍ୟନ୍ତ ପ୍ରେରଣାପ୍ରଦ ଭାଷଣ ଦେଇଥିଲେ।

୨୦୧୪ରେ ନିର୍ବାଚନରେ ବିଜୟପ୍ରାପ୍ତ ହୋଇ କ୍ଷମତାସୀନ ହେବା ପରେ ପ୍ରଧାନମନ୍ତ୍ରୀ ମୋଦି ପ୍ରଥମେ ଗଣତନ୍ତ୍ରର ମନ୍ଦିର ପାର୍ଲାମେଣ୍ଟ ଭବନର ପାହାଚ ଉପରେ ମୁଣ୍ଡିଆ ମାରିଥିଲେ ଏବଂ ତା'ପରେ ସମ୍ବିଧାନକୁ ପ୍ରଣାମ କରିବା ସହ ଘୋଷଣା କରିଥିଲେ ଯେ ତାଙ୍କ ସରକାର ଗରିବ, ଅନୁସୂଚିତ ଜାତି ଓ ଉପଜାତି, ଦଳିତ, ଉତ୍ପୀଡ଼ିତ ଓ ଅବହେଳିତ ଲୋକମାନଙ୍କ ପାଇଁ ଉତ୍ସର୍ଗୀକୃତ। ସେ ଏକ ସ୍ଲୋଗାନ ଦେଇଥିଲେ: 'ସବ୍‌କା ସାଥ୍, ସବ୍‌କା ବିକାଶ'। ଏ ବର୍ଷ ସେ ଉକ୍ତ ସ୍ଲୋଗାନରେ ଆଉ ଏକ ପଦ ଯୋଡ଼ିଛନ୍ତି 'ସବ୍‌କା ବିଶ୍ୱାସ', ଯେଉଁଥିରୁ ତାଙ୍କର ଉଦ୍ଦେଶ୍ୟ ସହଜରେ ବୁଝିହେଉଛି।

ମୋଦି ଭିନ୍ନ ଭାବରେ ଚିନ୍ତା କରନ୍ତି ଏବଂ ତାଙ୍କର କାର୍ଯ୍ୟଶୈଳୀ ମଧ୍ୟ ଭିନ୍ନ ପ୍ରକାରର। ଅନୁପ୍ରେରିତ କରିବା ଓ ଅମଲାତନ୍ତ୍ରର ପୂର୍ଣ୍ଣ ସହଯୋଗ ପାଇବା ପାଇଁ ସେ ସରକାରଙ୍କ ୧୦ଟି ବିଭିନ୍ନ କ୍ଷେତ୍ର ଲାଗି ରୋଡ୍-ମ୍ୟାପ୍ ପ୍ରସ୍ତୁତ କରିବା ନିମନ୍ତେ ସଚିବମାନଙ୍କ ୧୦ଟି ଗ୍ରୁପ୍‌କୁ ନିଯୁକ୍ତି ଦେଇଥିଲେ। ସମସ୍ତ ଗ୍ରୁପ୍ ନିଜ ନିଜର ପ୍ରସ୍ତୁତ ପ୍ରସ୍ତାବ ଉପସ୍ଥାପନ କରିଥିଲେ ଏବଂ ସେସବୁକୁ ପରୀକ୍ଷା ନିରୀକ୍ଷା କରିବା ପରେ ସେ ସେମାନଙ୍କୁ ଦ୍ରୁତିତ୍ୟର ସହ କାର୍ଯ୍ୟ କରି ଲକ୍ଷ୍ୟ ହାସଲ କରିବା ପାଇଁ ପରାମର୍ଶ ଦେଇଥିଲେ। ତା' ପରବର୍ଷ ସେ ସେମାନଙ୍କୁ ନିଜ ନିଜର ଅଗ୍ରଗତି ବିଷୟରେ ଜଣାଇବା ପାଇଁ କହିଥିଲେ। ସମ୍ଭବତଃ ସେ ହେଉଛନ୍ତି ପ୍ରଥମ ପ୍ରଧାନମନ୍ତ୍ରୀ ଯିଏ ପରୀକ୍ଷାରେ କିପରି ସଫଳତା ଅର୍ଜନ କରିହେବ ଏବଂ ଜୀବନର ବିଭିନ୍ନ ଆହ୍ୱାନକୁ କିପରି ମୁକାବିଲା କରାଯାଇପାରିବ ସେ ସମ୍ବନ୍ଧରେ ଛାତ୍ରଛାତ୍ରୀମାନଙ୍କୁ ମାର୍ଗଦର୍ଶନ କରାଇବା ଓ ସେମାନଙ୍କ ଭିତରେ ଆତ୍ମବିଶ୍ୱାସ ଜାଗ୍ରତ କରାଇବା ପାଇଁ ଏକ ପୁସ୍ତକ ଲେଖିଛନ୍ତି। ସେ ଏହି ପୁସ୍ତକର ନାମ ଦେଇଛନ୍ତି 'ଏକ୍‌ଜାମ ୱାରିୟର୍ସ' (ପରୀକ୍ଷାର ଯୋଦ୍ଧା)। ପ୍ରଥମ ଦୁଇବର୍ଷ ଭିତରେ ସେ ୧୦୦ ନିଯୁତରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ର ଓ ଅଭିଭାବକଙ୍କୁ ଉଦ୍‌ବୋଧନ ଦେଇଛନ୍ତି। ଛାତ୍ରଛାତ୍ରଙ୍କ ସହ ଭାବର ଆଦାନପ୍ରଦାନ ସମୟରେ ସେ ପବ୍-ଜିର ସୂଚନା ଦେଇଛନ୍ତି, ଯେଉଁଥିରୁ ବୁଝାପଡୁଛି ସେ ସବୁକିଛି ବିଷୟରେ ସଚେତନ ଅଛନ୍ତି। ସେ ଛାତ୍ରଛାତ୍ର ଓ ଯୁବବର୍ଗଙ୍କ ସହ ତୁରନ୍ତ ଯୋଗାଯୋଗର ବ୍ୟବସ୍ଥା କରିଛନ୍ତି। ସେ ସମ୍ଭବତଃ ପ୍ରଥମ ଭାରତୀୟ ରାଜନୀତିଜ୍ଞ ଯିଏ ସାମାଜିକ ଗଣମାଧ୍ୟମର ମହତ୍ତ୍ୱ ବୁଝିଛନ୍ତି ଏବଂ ଯୁବବର୍ଗ ସହ ଯୋଗାଯୋଗ କରିବା ପାଇଁ ଏହାକୁ ସଫଳତାର ସହ ବ୍ୟବହାର କରୁଛନ୍ତି। ସେ ଜଣେ ଅତି ଉତ୍ତମ ଯୋଗଯୋଗକାରୀ। ସେ ସିଧାସଳଖ ଲୋକଙ୍କ ସହ କଥାବାର୍ତ୍ତା କରନ୍ତି ଏବଂ ସେମାନଙ୍କ ସହ ଏକ ବନ୍ଧନ ଯୋଡ଼ିବା ସହ ସେମାନଙ୍କ ଭିତରେ ବିଶ୍ୱାସ ସ୍ଥାପନ କରନ୍ତି। ଗ୍ୟାସ୍ ସବ୍‌ସିଡି ବା ଯାତ୍ରାକାଳୀନ ରିହାତି ଛାଡ଼ିବା ଲାଗି ତାଙ୍କର ଆବେଦନକୁ ଲୋକମାନେ ବହୁସଂଖ୍ୟାରେ ଗ୍ରହଣ କରିଛନ୍ତି। ଯୋଗାଯୋଗ ମାଧ୍ୟମରେ ସେ ଲୋକମାନଙ୍କୁ ଅନୁପ୍ରେରିତ କରନ୍ତି। ଜିଏସ୍‌ଟି, ବିମୁଦ୍ରୀକରଣ, ସର୍ଜିକାଲ ଷ୍ଟ୍ରାଇକ୍, ବାଲାକୋଟ ଏୟାର୍ ଷ୍ଟ୍ରାଇକ୍, ଦୁର୍ନୀତି ବିରୋଧୀ କାର୍ଯ୍ୟାନୁଷ୍ଠାନ, ଧାରା ୩୭୦ ଉଚ୍ଛେଦ, ତିନି ତଲାକ ନିଷେଧ ଆଇନ ଇତ୍ୟାଦି ହେଉଛି ତାଙ୍କ ନିର୍ଣ୍ଣାୟକ ନେତୃତ୍ୱର ଗୋଟିଏ ଗୋଟିଏ ଉଦାହରଣ।

୧୦ ପ୍ରତିଶତ ଇବିସି ସଂରକ୍ଷଣ, ଉଜ୍ଜ୍ୱଳା ଗ୍ୟାସ୍ ଯୋଜନା, ପ୍ରଧାନମନ୍ତ୍ରୀ ଆବାସ, ଉଜାଲା ଏଲ୍‌ଇଡି ବଲ୍‌ବ ପ୍ରଦାନ, ମୁଦ୍ରା, ସ୍କିଲ୍ ଇଣ୍ଡିଆ, ଆୟୁଷ୍ମାନ୍ ଭାରତ, କିଷାନ ସମ୍ମାନ, ଅସଂଗଠିତ ଶ୍ରମିକ, କ୍ଷୁଦ୍ର ବ୍ୟବସାୟୀ, କୃଷକଙ୍କୁ ପେନସନ ଯୋଜନା, କୃଷକଙ୍କୁ ତାଙ୍କ ଉତ୍ପାଦନର ଉପଯୁକ୍ତ ମୂଲ୍ୟ ପ୍ରଦାନ, ୯୫ ନିଯୁତ ପାଇଖାନା ନିର୍ମାଣ ପ୍ରଭୃତି ହେଉଛି ଗରିବ ସଶକ୍ତୀକରଣର କେତୋଟି ନମୁନା। ଜିଏସ୍‌ଟି ହେଉଛି ସମବାୟ ସଂଘବାଦ ପ୍ରତି ତାଙ୍କ ବିଶ୍ୱାସର ଏକ ଜୀବନ୍ତ ଉଦାହରଣ। ଭୋଟ ମାଧ୍ୟମରେ ନିଷ୍ପତ୍ତି ନେବାର ବ୍ୟବସ୍ଥା ଥିଲେ ମଧ୍ୟ ଜିଏସ୍‌ଟି ଆଇନର ପ୍ରତ୍ୟେକଟି ଶବ୍ଦ, ନିୟମ ଓ ରେଟ୍ ବିଷୟରେ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଥିଲା। ରାଷ୍ଟ୍ର ସମ୍ପଦରୁ ରାଜ୍ୟଗୁଡ଼ିକୁ ଦିଆଯିବା ଅଂଶକୁ ୩୨ ପ୍ରତିଶତରୁ ୪୧.୫ ପ୍ରତିଶତକୁ ବୃଦ୍ଧି କରିବା ତାଙ୍କର ସଂଘବାଦ ଉପରେ ବିଶ୍ୱାସକୁ ଦୃଢ଼ୀଭୂତ କରେ।

ପ୍ରଧାନମନ୍ତ୍ରୀ ମୋଦି ତାଙ୍କ ଦ୍ୱିତୀୟ ପାଳି ସରକାରରେ କେତେକ ନୂଆ ଲକ୍ଷ୍ୟ ସମ୍ପର୍କରେ ଘୋଷଣା କରିଛନ୍ତି। ସେଗୁଡ଼ିକ ମଧ୍ୟରେ ରହିଛି ୫ ଟ୍ରିଲିୟନ ଡଲାର ଇକୋନୋମି, ପ୍ରତ୍ୟେକ ଗୃହକୁ ଜଳଯୋଗାଣ, ସବୁ ବର୍ଗକୁ ସାମାଜିକ ନିରାପତ୍ତା ପ୍ରଦାନ ଏବଂ ସର୍ବୋପରି ସବ୍‌କା ବିଶ୍ୱାସ। ସେ ହେଉଛନ୍ତି ସର୍ଜନଶୀଳ ଓ ନବୋଭାବନଶୀଳ। ସେ ଜାଣିଛନ୍ତି ଯେ ଭାରତ ନବୋଭାବନରେ ପଛୁଆ ଏବଂ କେବଳ ଗବେଷଣା ଓ ନବୋଭାବନ ମାଧ୍ୟମରେ ଭାରତକୁ ଏକ ବିକଶିତ ଦେଶରେ ପରିଣତ କରାଯାଇପାରିବ। ସେଥିପାଇଁ ସେ ପ୍ରାୟ ୩୦୦୦ ସ୍କୁଲରେ ଅଟଳ ଟେକ୍ନୋଲୋଜି ଲ୍ୟାବ୍ ଆରମ୍ଭ କରିଛନ୍ତି, ଯେଉଁଠି ରୋବୋଟିକ୍ସ, ୩ଡି ପ୍ରିଣ୍ଟିଂ ଓ ଅନ୍ୟାନ୍ୟ ଅତ୍ୟାଧୁନିକ ଉପକରଣ ଉପଲବ୍ଧ ହେବ। ଏହିସବୁ ଅତ୍ୟାଧୁନିକ ଯନ୍ତ୍ରପାତି ସାହାଯ୍ୟରେ ଛାତ୍ରଛାତ୍ରମାନେ ଗବେଷଣା କରିବେ ଏବଂ ଉତ୍ସାହପ୍ରଦ ଚିନ୍ତାଧାରାର ବିକାଶ କରିବେ। ଇଞ୍ଜିନିୟରିଂ ଛାତ୍ରଛାତ୍ରଙ୍କ ନିମନ୍ତେ ସେ 'ସ୍ମାର୍ଟ ଇଣ୍ଡିଆ ହାକାଥନ୍'ର ବିକାଶ କରିଛନ୍ତି, ଯେଉଁଥିରେ ବିଭିନ୍ନ ଛାତ୍ରଦଳ କେତେକ ସମସ୍ୟା ଉପରେ କାର୍ଯ୍ୟ କରିବେ ଓ ତା'ର ଡିଜିଟାଲ/ହାର୍ଡୱାର ସମାଧାନ ବାହାର କରିବେ। ଏହାର ଅନ୍ତିମ ପର୍ଯ୍ୟାୟ ୨୫ଟି କେନ୍ଦ୍ରରେ ଆୟୋଜନ କରାଯାଇଛି, ଯେଉଁଠି ୧୦୦୦୦ ଛାତ୍ର ନିରବଚ୍ଛିନ୍ନ ଭାବେ ୩୬ ଘଣ୍ଟା କାର୍ଯ୍ୟ କରିବେ। ପ୍ରତିବର୍ଷ ସେ ଏହି ଛାତ୍ରମାନଙ୍କ ସହ ମଧ୍ୟରାତ୍ରରେ ଯୋଗାଯୋଗ କରୁଛନ୍ତି ଓ ସେମାନଙ୍କୁ ପ୍ରେରଣା ଦେଉଛନ୍ତି। ବିଭିନ୍ନ ଆଇଆଇଟି/ଏନ୍‌ଆଇଟିରେ ସେ ଅଟଳ ଇନ୍‌କ୍ୟୁବେଶନ ସେଣ୍ଟର ସ୍ଥାପନ କରିଛନ୍ତି। ଚଳିତ ବଜେଟରେ ସେ ଜାତୀୟ ଗବେଷଣା ପାଣ୍ଠିର ବ୍ୟବସ୍ଥା କରିଛନ୍ତି। ବାସ୍ତବରେ ଆଗେଇ ଚାଲିଥିବା ଗବେଷଣାକୁ ଉତ୍ସାହିତ କରିବା ପାଇଁ ସେ ପ୍ରଧାନମନ୍ତ୍ରୀ ସ୍କଲାରଶିପ୍ ମଞ୍ଜୁର କରିଛନ୍ତି। ବିଭିନ୍ନ ଷ୍ଟାର୍ଟ-ଅପ୍ କମ୍ପାନୀ ସହ ସେ ନିୟମିତଭାବେ ଯୋଗାଯୋଗ କରିବା ସହ ନୂତନ ଚିନ୍ତାଧାରା ପୋଷଣ କରୁଥିବା ଯୁବବର୍ଗଙ୍କୁ ସାକ୍ଷାତ୍ କରୁଛନ୍ତି।

(ଲେଖକ କେନ୍ଦ୍ର ସୂଚନା ଓ ପ୍ରସାରଣ ଏବଂ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ)

# କିଙ୍ଗ୍-ମେକରଙ୍କ ଭୂମିକା



ବୈକୁଣ୍ଠନାଥ ମିଶ୍ର

ଅନେକ ସମୟରେ ଦେଖାଯାଏ ଯେ, କୌଣସି ଶାସନର ସର୍ବୋଚ୍ଚ ସ୍ତରରେ ଏପରି ଜଣେ ଜଣେ ବିଦ୍ୱାନ୍ ବ୍ୟକ୍ତିଙ୍କର ଆବିର୍ଭାବ ଘଟିଥାଏ, ଯାହାଙ୍କର ଅନନ୍ୟ ପ୍ରତିଭା ଯୋଗୁ ଶାସନ ମୁଖ୍ୟ ତାଙ୍କ ଉପରେ ବେଶ୍ ନିର୍ଭରଶୀଳ ହୋଇଥାନ୍ତି। ସେମାନେ ନିଜେ କିଙ୍ଗ୍ ନ ହୋଇ କିଙ୍ଗମେକରର ଭୂମିକା ନିର୍ବାହ କରନ୍ତି। ସେହି କିଙ୍ଗ୍‌ମେକରମାନେ ପ୍ରଚ୍ଛଦପଟ ନାୟକ ହିସାବରେ ତାଙ୍କ ବିଚକ୍ଷଣତାର ପ୍ରୟୋଗ କରି ମୁଖ୍ୟଙ୍କୁ ସଦା ବିପଦମୁକ୍ତ କରିବା ସହ ତାଙ୍କ ସଫଳତାର ମାର୍ଗ ଉନ୍ମୁକ୍ତ କରନ୍ତି। ବିରୋଧୀ ଏପରିକି ଆପଣା ଲୋକଙ୍କ ପକ୍ଷରୁ ବାରମ୍ବାର ଆପତ୍ତି ଅଭିଯୋଗ କରାଯାଉଥିଲେ ମଧ୍ୟ ଶାସନମୁଖ୍ୟ ସେଥିପ୍ରତି ଉଦାସୀନ ରହନ୍ତି। ଶାସନ ପରିଚାଳନାରେ ସେମାନଙ୍କ ଦକ୍ଷତା, ନିଷ୍ଠା, ମୂଲ୍ୟବାନ ଉପଦେଶ ତଥା ପରାମର୍ଶ ସେମାନଙ୍କୁ ମୁଖ୍ୟଙ୍କର ଅତି ବିଶ୍ୱସ୍ତ ଓ ନିର୍ଭରଶୀଳ କରିଥାଏ।

ଇତିହାସ ପୃଷ୍ଠା ଏପରି କିଙ୍ଗ୍‌ମେକରଙ୍କ ବିରଳ କୃତିତ୍ୱରେ ଚିର ଭାସ୍ୱର। ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀରେ ଆଚାର୍ଯ୍ୟ ଚାଣକ୍ୟ ତିନିପୁରୁଷ ଧରି ଯେଉଁ ଦିଗ୍‌ଦର୍ଶନ ଦେଇ ଆସୁଥିଲେ ତା'ର ପରିଣାମସ୍ୱରୂପ ମୌର୍ଯ୍ୟ ସମ୍ରାଟମାନେ କେବଳ ଦିଗନ୍ତବିସ୍ତୃତ ସାମ୍ରାଜ୍ୟର ଅଧିପତି ହୋଇ ନ ଥିଲେ ବରଂ ଯଶ ଓ କ୍ଷମତାର ପ୍ରାଚୁର୍ଯ୍ୟ ମଧ୍ୟରେ ସୁଶାସକର ଗୌରବ ଅର୍ଜନ କରିଥିଲେ। ଚନ୍ଦ୍ରଗୁପ୍ତ ପରି ଏକ ଗ୍ରାମୀଣ ଯୁବକଙ୍କୁ ସମ୍ରାଟ ଚନ୍ଦ୍ରଗୁପ୍ତ ମୌର୍ଯ୍ୟରେ ପରିଣତ କରିବା ମୂଳରେ ନିହିତ ଥିଲା ଚାଣକ୍ୟଙ୍କ ବୁଦ୍ଧି। ସମ୍ରାଟ ବିନ୍ଦୁସାର ଓ ଅଶୋକ ମଧ୍ୟ ଆଚାର୍ଯ୍ୟ ଚାଣକ୍ୟଙ୍କର ପ୍ରାଜ୍ଞ ଅନୁଶାସନର ଏକ ଏକ ସଫଳ ରୂପାୟନ। ଗଭୀର ପ୍ରଜ୍ଞା ଓ ପ୍ରଗାଢ଼ କୂଟନୀତି ସହ ପ୍ରତ୍ୟୁତ୍ପନ୍ନମତିତାର ବିରଳ ସମ୍ମିଶ୍ରଣ ଆଚାର୍ଯ୍ୟଙ୍କୁ ଅନନ୍ୟ କରି ଗଢ଼ିତୋଳିଥିଲା। ବିନ୍ଦୁସାରଙ୍କ ସ୍ୱପତ୍ନୀସମ୍ଭୂତ ତିନି ପୁତ୍ର ଥିଲେ ମଧ୍ୟ ଦାସୀପୁତ୍ର ଅଶୋକଙ୍କଠାରେ ସେ ଦେଖିଥିଲେ ତାଙ୍କ ଈପ୍‌ସିତ ଶାସକର ପ୍ରତିଚ୍ଛବି। ମଗଧ ସମ୍ରାଟଙ୍କ ପକ୍ଷେ କ'ଣ ଉଚିତ ବା ଅନୁଚିତ ତା'ର ସମ୍ଭାବ୍ୟ ନକ୍ସା ଆଙ୍କୁଥିଲେ ଏହି ସ୍ଥିତପ୍ରଜ୍ଞ ଆଚାର୍ଯ୍ୟ। ନିଜେ ନିରାଡମ୍ବର ଜୀବନ ବିତାଇ ଶାସକଙ୍କ ହିତ ଚିନ୍ତନ କରିବା ଥିଲା ଚାଣକ୍ୟଙ୍କର ସର୍ବଶ୍ରେଷ୍ଠ ଆଦର୍ଶ। ଶ୍ରେଷ୍ଠ କୂଟନୀତିଜ୍ଞ କୌଟିଲ୍ୟଙ୍କୁ ଶେଷରେ କୂଟନୀତି ଦ୍ୱାରା ଅଗ୍ନିଦଗ୍ଧ କରି ହତ୍ୟା କରାଗଲା। ଶାସ୍ତ୍ର କହେ ବିଦ୍ୱାନ୍ ଧନୀ ନୁହନ୍ତି କି ନୃପତି ଦୀର୍ଘଜୀବୀ ନୁହନ୍ତି। ତେଣୁ ତ ମୌର୍ଯ୍ୟ ସାମ୍ରାଜ୍ୟର ତିନିପୁରୁଷ ଧରି ସେ ଆରାଧ୍ୟ ଗୁରୁଙ୍କର ସ୍ଥାନ ଅଧିକାର କରିଥିଲେ। ଆଚାର୍ଯ୍ୟ ଚାଣକ୍ୟଙ୍କ ମତରେ- "ଗନ୍ଧଂ ସୁବର୍ଣ୍ଣେ ଫଳମିକ୍ଷୁଦଣ୍ଡେ ନାକାରି ପୁଷ୍ପଂ ଖଳୁ ଚନ୍ଦନସ୍ୟ, ବିଦ୍ୱାନ୍ ଧନୀ ଭୂପତି ଦୀର୍ଘଜୀବୀ ଧାତୁଃ ପୁରା କୋଽପି ନ ବୁଦ୍ଧିଦୋଽଭୂତ୍।" ଅର୍ଥାତ୍ ମୂଲ୍ୟବାନ ଧାତୁ ସୁବର୍ଣ୍ଣରେ ଗନ୍ଧ ନାହିଁ, ଆଖୁଗଛ ମିଠା କିନ୍ତୁ ଏହାର ଫଳ ନାହିଁ। ସୁଗନ୍ଧିତ ଚନ୍ଦନ ବୃକ୍ଷରେ ଫୁଲ ନାହିଁ। ବିଦ୍ୱାନ୍, ଗୁଣୀ କିନ୍ତୁ ଧନୀ ନୁହନ୍ତି। କ୍ଷମତା ଓ ପରାକ୍ରମର ଉତ୍କର୍ଷ ଥିଲେ ମଧ୍ୟ ରାଜାମାନେ ଦୀର୍ଘଜୀବୀ ନୁହନ୍ତି। ବୋଧହୁଏ ବିଧାତାଙ୍କର କେହି ପରାମର୍ଶଦାତା ନ ଥିଲେ।

ମୋଗଲ ସମ୍ରାଟ ଆକବରଙ୍କ ସମୟର ଏକ କାହାଣୀ, ଯେଉଁଥିରେ କିଙ୍ଗ୍‌ମେକରଙ୍କ ଭୂମିକା ପ୍ରଦର୍ଶିତ ହୋଇଛି। ସମ୍ରାଟଙ୍କ ରାଜସଭାରେ ଅନେକ ଜ୍ଞାନୀ, ଗୁଣୀ ପଣ୍ଡିତ ଥିଲେ ବି ତାଙ୍କ ପାଇଁ ନିର୍ଭରଯୋଗ୍ୟ ଥିଲେ ପଣ୍ଡିତ ବୀରବଲ, ଯାହାଙ୍କର ଅନନ୍ୟ ପ୍ରତିଭା ସମ୍ରାଟଙ୍କୁ ଯେ କୌଣସି ସମସ୍ୟା ଓ ବିପତ୍ତିରୁ ରକ୍ଷା କରୁଥିଲା। ଦ୍ୱିତୀୟତଃ ସଙ୍ଗୀତଜ୍ଞ ତାନ୍‌ସେନ ଥିଲେ ଅତି ପ୍ରିୟ। କୁହାଯାଏ ତାନ୍‌ସେନଙ୍କ ମେଘମଲ୍ଲାର ମୂର୍ଚ୍ଛନାରେ ମେଘମୁକ୍ତ ଆକାଶ ଜଳପ୍ରସୂ ହୋଇ ଝରିପଡୁଥିଲା ସ୍ନିଗ୍ଧ ବାରିଧାରା। ସମ୍ରାଟଙ୍କ ରାଜସଭାର ଉଭୟ ହିନ୍ଦୁ ଓ ମୁସଲମାନ ପାରିଷଦ ମଣ୍ଡଳୀ ଈର୍ଷାନ୍ୱିତ ହୋଇ ଉଭୟଙ୍କ ବିରୋଧରେ ସମ୍ରାଟଙ୍କ ନିକଟରେ ଗୁପ୍ତ ଅଭିଯୋଗ ବାଢ଼ୁଥିଲେ। ବାରମ୍ବାର ଏପରି ଅଭିଯୋଗରେ ଅତିଷ୍ଠ ସମ୍ରାଟ ଏକ କୌଶଳର ଆଶ୍ରୟ ନେଲେ।

ଦିନେ ଏକାନ୍ତରେ ସମ୍ରାଟ ବୀରବଲ ଓ ତାନ୍‌ସେନଙ୍କୁ ଡକାଇ ଏକ ପତ୍ର ଦେଇ ବର୍ମା ରାଜଦରବାରକୁ ପ୍ରେରଣ କଲେ। ଅଭିଯୋଗ କରୁଥିବା ଜଣେ ବରିଷ୍ଠ ମନ୍ତ୍ରୀଙ୍କୁ ସମ୍ରାଟ ଏ ଗୁପ୍ତ ଚିଠିଟି ପଢ଼ାଇ ନୀରବ ରହିବାକୁ ଆଦେଶ ଦେଲେ। ବୀରବଲ ଓ ତାନ୍‌ସେନ ବର୍ମା ରାଜାଙ୍କୁ ପତ୍ରଟି ହସ୍ତାନ୍ତର କଲେ। ବନ୍ଧୁ ଆକବରଙ୍କ ଦ୍ୱାରା ପ୍ରେରିତ ରାଜଦୂତଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇ ଅତିଥି ଭବନରେ ରଖାଗଲା। କିନ୍ତୁ ଚିଠିଟି ପାଠକଲା ପରେ ରାଜାଙ୍କ ମୁଖମଣ୍ଡଳ ବିଷଣ୍ଣ ହୋଇଗଲା। ଚିଠିରେ ଉଲ୍ଲେଖ ଥିଲା ବନ୍ଧୁ! ପତ୍ରବାହକ ଦୁହେଁ ମୋର ପରମ ହିତୈଷୀ। କିନ୍ତୁ ସେମାନଙ୍କର ଏକ ଗୁରୁତର ଅପରାଧ ପାଇଁ ମୁଁ ସେମାନଙ୍କୁ ମୃତ୍ୟୁଦଣ୍ଡ ଦେଇ ନ ପାରି ତୁମ ପାଖକୁ ପଠାଇଲି। ଆଶାକରେ ମୋର ଅନୁରୋଧ ରକ୍ଷାକରି ସାତଦିନ ମଧ୍ୟରେ ଏମାନଙ୍କୁ ମୃତ୍ୟୁଦଣ୍ଡ ଦେବ। ଅତିଥିଶାଳାରୁ ଆଣି ଏ ଦୁହିଙ୍କୁ କାରାରୁଦ୍ଧ କରାଗଲା। ଘୋଷଣା କରାଗଲା ସପ୍ତମ ଦିନ ସେମାନଙ୍କୁ ଫାଶୀ ଦିଆଯିବ। କାରାଗାରରେ ତାନ୍‌ସେନ ବୀରବଲଙ୍କୁ କହିଲେ ସମ୍ରାଟ ଆକବରଙ୍କର ଏ କି ବିଚାର! ଏହା କ'ଣ ଆମ୍ଭଙ୍କୁ ଭଲପାଇବାର ନମୁନା? ସ୍ଥିତପ୍ରଜ୍ଞ ବୀରବଲ କିନ୍ତୁ ନୀରବ। ନା ତାଙ୍କଠାରେ ଥିଲା ଭୟ ଅବା ବିଚଳିତ ଭାବନା। ଷଷ୍ଠ ରାତ୍ରିରେ ବୀରବଲ ତାନ୍‌ସେନଙ୍କୁ କିଛି ପରାମର୍ଶ ଦେଇ ନିଶ୍ଚିନ୍ତ ନିଦ୍ରା ଯିବାକୁ କହିଲେ। ରାତି ପାହିଲା। ଫାଶୀ ସମୟ ନିକଟତର ହେଲା। ଦୁଇଜଣ ପରସ୍ପର ମଧ୍ୟରେ ଝଗଡ଼ା ଆରମ୍ଭ କରିଦେଲେ। ଉଭୟ ପ୍ରଥମେ ଫାଶୀଖୁଣ୍ଟରେ ଝୁଲିବା ପାଇଁ ଘାତକଙ୍କୁ ନିବେଦନ କଲେ। ଫାଶୀ ପାଇବାର ଏ ବ୍ୟାକୁଳତାକୁ ଦେଖି ରାଜା, ଘାତକ ଓ ଉପସ୍ଥିତ ଦର୍ଶକଙ୍କ ମଧ୍ୟରେ ଏକ ଅସ୍ୱାଭାବିକ ଉତ୍କଣ୍ଠା ଜାତ ହେଲା। ରାଜା ଆଶ୍ଚର୍ଯ୍ୟ ହୋଇ ଏହାର କାରଣ ଜାଣିବାକୁ ଚାହିଁବାରୁ ବୀରବଲ କହିଲେ, ମଣିମା! ଆପଣ କାହୁଁ ବୁଝିବେ ସମ୍ରାଟ ଆକବରଙ୍କ କ୍ରୂର ଷଡ଼ଯନ୍ତ୍ର। ସେ ନିଜେ ଆମ ଫାଶୀଦଣ୍ଡର ବ୍ୟବସ୍ଥା ନ କରି ଆପଣଙ୍କ ନିକଟକୁ କାହିଁକି ପଠାଇଲେ? କଥା ହେଲା- ସମ୍ରାଟଙ୍କୁ ତାଙ୍କ ରାଜଜ୍ୟୋତିଷ ସ୍ପଷ୍ଟ ଭାବେ ଜଣାଇଛନ୍ତି ଯେ ବର୍ମା ରାଜାଙ୍କର ଖୁବ୍‌ଶୀଘ୍ର ମୃତ୍ୟୁ ହେବ। ଆମ ଦୁହିଁଙ୍କ ମଧ୍ୟରୁ ଯେ ପ୍ରଥମେ ମୃତ୍ୟୁବରଣ କରିବ, ସେ ତତ୍‌କ୍ଷଣାତ୍ ପୁନର୍ଜନ୍ମ ପାଇବ ଓ ଖୁବ୍‌ଶୀଘ୍ର ବର୍ମାର ରାଜା ହେବ ଏବଂ ପରେ ମୃତ୍ୟୁବରଣ କରିଥିବା ବ୍ୟକ୍ତି ତାଙ୍କର ମନ୍ତ୍ରୀ ହେବ। କିନ୍ତୁ ସେମାନଙ୍କର ବର୍ମାରେ ମୃତ୍ୟୁ ହେବା ଆବଶ୍ୟକ। ଏହାଦ୍ୱାରା ବର୍ମା ସହଜରେ ମୋଗଲ ସାମ୍ରାଜ୍ୟ ସହ ମିଶିଯିବ। କାରଣ ଆମେ ଦୁହେଁ ସମ୍ରାଟଙ୍କର ପ୍ରିୟ ହୋଇଥିବାରୁ ତାଙ୍କର ବଶ୍ୟତା ସ୍ୱୀକାର କରିବୁ। ବର୍ମା ରାଜା ଏ କଥା ଶୁଣି କହିଲେ, ମିତ୍ର ଆକବରଙ୍କ ଏ ମନ୍ଦ ଅଭିଳାଷକୁ ପୂର୍ଣ୍ଣ ହେବାକୁ ଦିଆଯିବ ନାହିଁ। ତୁମ ଦୁହିଙ୍କ ମଧ୍ୟରୁ କାହାରିକୁ ମୃତ୍ୟୁଦଣ୍ଡ ଦିଆଯିବ ନାହିଁ। ତୁମେ ଏବେ ମୁକ୍ତ।

ମୋ-୯୯୩୭୪୫୦୫୪୦

## ଏଇ ଭାରତରେ

ଟ୍ରାଫିକ୍ ନିୟମ କଡାକଡି କରାଯାଇ ନିୟମ ଖିଲାପକାରୀଙ୍କ ବିରୋଧରେ ମୋଟା ଅଙ୍କର ଜରିମାନା ଆଦାୟ କରାଯାଉଥିବାବେଳେ ଜଣେ ମୃତକଙ୍କ ନାମରେ ଟ୍ରାଫିକ୍ ନିୟମ ଭଙ୍ଗ ଅଭିଯୋଗ ଅଣାଯିବା ଘଟଣା ସାମ୍ନାକୁ ଆସିଛି। ରାଜସ୍ଥାନ ଝାଲାୱାଡ଼ ଜିଲା ପରିବହନ ବିଭାଗ ୮ ବର୍ଷ ପୂର୍ବେ ମୃତ୍ୟୁ ବରଣ କରିଥିବା ରାଜେନ୍ଦ୍ର କସେରାଙ୍କ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ କରିବା ପାଇଁ ତାଙ୍କ ଘରକୁ ନୋଟିସ ପଠାଇଛି। ୨୦୧୧ ସେପ୍ଟେମ୍ବରରେ ରାଜେନ୍ଦ୍ରଙ୍କର ମୃତ୍ୟୁ ହୋଇଥିଲା। ସିଟ୍ ବେଲ୍ଟ ନ ବାନ୍ଧି ସେ ଦ୍ରୁତ ବେଗରେ ଗାଡି ଚଲାଉଥିବାବେଳେ ଧରାପଡିଥିଲେ ବୋଲି ସେଥିରେ ଉଲ୍ଲେଖ କରାଯାଇଛି। ରାଜେନ୍ଦ୍ରଙ୍କ ପରିବାରକୁ ସେପ୍ଟେମ୍ବର ୧୧ରେ ପରିବହନ ବିଭାଗର ଏହି ନୋଟିସ୍ ମିଳିଛି ଓ ସେଥିରେ ତାଙ୍କୁ ବିଭାଗ ନିକଟରେ ଉପସ୍ଥିତ ହେବାକୁ କୁହାଯାଇଛି। ନୂତନ ମୋଟର ଯାନ ଅଧିନିୟମ ଅନୁସାରେ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ କରାଯିବା ପ୍ରକ୍ରିୟା ଶେଷ କରିବା ପାଇଁ ମୃତକଙ୍କୁ ପରିବହନ ବିଭାଗ କାର୍ଯ୍ୟାଳୟକୁ ଡ଼କାଯାଇଛି ବୋଲି କୁହନ୍ତି ତାଙ୍କ ପୁତ୍ର ମନୋଜ କସେରା। ଚିଠିରେ ତାଙ୍କ ଡ୍ରାଇଭିଂ ଲାଇସେନ୍ସ ନମ୍ବର ମଧ୍ୟ ଉଲ୍ଲେଖ କରାଯାଇଛି ଓ ତାହା ପୁଣି ଚାରି ଚକିଆ ଯାନର। କିନ୍ତୁ ରାଜେନ୍ଦ୍ରଙ୍କ ପାଖରେ କେବେ ବି ଚାରି ଚକିଆ ଯାନ ନଥିଲା। ସେ ବାଇକ୍‌ରେ ଝାଲାୱାଡ଼ରେ ବାସନ ବିକୁଥିଲେ। ଡ୍ରାଇଭିଂ ଲାଇସେନ୍ସ ରଦ୍ଦ କରିବା ପାଇଁ ପରିବହନ ବିଭାଗ ମୃତକଙ୍କ ପାଖକୁ ନୋଟିସ ପଠାଇ ବିଭଗର ଖାମଖିଆଲି ଭାବକୁ ପଦାରେ ପକାଇଦେଇଛି।

## ଚିରନ୍ତନୀ

ଅନନ୍ତ ଜୀବନ ସ୍ରୋତେ ବହିଯାଏ ସୀମାହୀନ ଦେଶେ,
ଅସୀମ ଜୀବନ ଉତ୍ସେ ଛନ୍ଦି ତା'ର ମିଶେ ଅବଶେଷେ।
ବିରାଟ ସେ ଚେତନାର ଉଦ୍ଦାମ ପ୍ଲାବନ
ବହି ଆଣେ ଅନନ୍ତ ଜୀବନ।

(ସୃଜନ ବ୍ୟଥା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୧୭ ସେପ୍ଟେମ୍ବର ୧୯୯୪

- ଲେବାନନ୍‌ର ଦକ୍ଷିଣାଞ୍ଚଳରେ ଥିବା ନାବଟିଆ ସହରାଞ୍ଚଳରେ ୬ ହଜାର ପାଲେଷ୍ଟାଇନ ପରିବାରକୁ ବାସଗୃହ ଯୋଗାଇଦେବା ପାଇଁ ଏକ ଅନ୍ତର୍ଜାତୀୟ ପ୍ରକଳ୍ପ ହାତକୁ ନିଆଯିବ ବୋଲି ଲେବାନନ୍ ପକ୍ଷରୁ ସୂଚନା।
- ରାଧାକୃଷ୍ଣ ପାତ୍ର ଆଜି ଓଡ଼ିଶା ହାଇକୋର୍ଟରେ ବିଚାରପତି ଭାବେ ଶପଥ ଗ୍ରହଣ କରିଛନ୍ତି।

## ପାଠକ ଶ୍ରେଷ୍ଠ ବିଚାରକ

### ତନଖ୍ ବ୍ୟବସ୍ଥା ନିୟମିତ ହେଉ

ମହାଶୟ,

ଓଜନ ମାପରେ ଠକେଇ ହେଉ କିମ୍ବା ପେଟ୍ରୋଲ ପମ୍ପରେ ଠକେଇକୁ ନେଇ ଗଣ୍ଡଗୋଳ ଉପୁଜିଲେ କିଛିଦିନ ହୋହଲ୍ଲା ଚାଲେ। ତତ୍ପର ହୋଇଉଠନ୍ତି ବିଭାଗୀୟ କର୍ତ୍ତୃପକ୍ଷ। ଚାରିଆଡ଼େ ଖୁବ୍ ଜୋରସୋରରେ ତନଖ୍ ମଧ୍ୟ କରାଯାଇଥାଏ। ମାତ୍ର ଏହା ସୀମିତ ସମୟ ପାଇଁ। ତା'ପରେ ଅସାଧୁ ବ୍ୟବସାୟୀମାନେ ପୂର୍ବପରି ସେମାନଙ୍କ ବ୍ୟବସାୟ ଚଳାଇଥାନ୍ତି। ତେଣୁ ବିଭାଗୀୟ ଅଧିକାରୀମାନେ ପ୍ରତି ୭ ବା ୧୫ ଦିନ ବ୍ୟବଧାନରେ ତନଖ୍ କରି ଅସାଧୁ ବ୍ୟବସାୟୀମାନଙ୍କୁ ଦଣ୍ଡବିଧାନ କରିବା ଉଚିତ।

ଧର୍ମରାଜ ପଟ୍ଟନାୟକ, ଜୟଦୁର୍ଗା ନଗର, ଭୁବନେଶ୍ୱର

### ମଣିଷ ବନାମ ମଣିମା

ରାଜତନ୍ତ୍ରର ବିଲୋପ ଘଟି ବର୍ତ୍ତମାନ ଚାଲିଛି ଗଣତନ୍ତ୍ର ଶାସନ। ଜନତନ୍ତ୍ରର ଜୟଧ୍ୱନି ମଧ୍ୟରେ ରାଜତନ୍ତ୍ରର ସେହି ମଣିମା ଶବ୍ଦଟି ହଜିଗଲାଣି ବହୁଦିନରୁ। ମଣିମା ଓ ମଣିଷ ଭିତରେ ପାର୍ଥକ୍ୟ ଏବେ ସଙ୍କୁଚିତ ବୋଲି ଆମେ ଗଣତନ୍ତ୍ରର ମଣିଷମାନେ ଡିଣ୍ଡିମ ପିଟୁଛେ। କିନ୍ତୁ ପ୍ରକୃତ ସତ୍ୟ ହେଲା ଗଣତନ୍ତ୍ରର ଗରିମାରେ ଗୌରବାନ୍ୱିତ ସାଧାରଣ ମଣିଷଟିର ମୋହ ଭଙ୍ଗ ଘଟିସାରିଲାଣି, ଯେଉଁ ଦିନରୁ ସେ କାଳର ରାଜା ଓ ଏ କାଳର ରାଜାଙ୍କ ମଧ୍ୟରେ କିଛି ଫରକ ନାହିଁ ବୋଲି ଜାଣିଲାଣି। ଏ କାଳର ରାଜା ହେଉଛନ୍ତି ମନ୍ତ୍ରୀ। ମନ୍ତ୍ରୀବର ମୁକୁଟ ପିନ୍ଧିବା ଆଗରୁ ନିର୍ବାଚନ ସମୟରେ ଭୋଟଦାତାଙ୍କ ଘରେ ପଖାଳ ଶାଗ ଖାଇବା ଓ ସେହି ପରିବାରର ଲଙ୍ଗଳା ପିଲାଙ୍କୁ କୋଳକୁ ନେଇ ଗେଲ କରିବା ଆଦି ଘଟଣାମାନ ଘଟିବାର ୩/୪ ମାସ ପରେ ତାଙ୍କ ଆଚରଣରେ ମଣିମାତ୍ୱ ଫୁଟି ଉଠୁଛି। ଭୋଟଦାତାଙ୍କୁ ନ ଚିହ୍ନିବାର ଅଭିନୟ ତାଙ୍କୁ ଭେଟୁଥିବା ମଣିଷମାନଙ୍କୁ ଅତି କଷ୍ଟ ଦେଉଛି। ଏହି ପରିପ୍ରେକ୍ଷୀରେ ଧରିତ୍ରୀରେ ପ୍ରକାଶିତ ନିରଞ୍ଜନ ପାଢ଼ୀଙ୍କର 'ମଣିମା ଓ ମଣିଷ' ଆଲେଖ୍ୟଟି ଖୁବ୍ ଉଚ୍ଚକୋଟୀର ଓ ସତ୍ୟ ଉପରେ ଆଧାରିତ।

ଭଗବାନ ଦାସ, ହରିନିବାସ, ନାରାୟଣପୁର, କେନ୍ଦ୍ରାପଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ଜୀବନଟା ଖଣ୍ଡେ ପଥର ଭଳି। ତାକୁ କାଟି ଆମକୁ ସୁନ୍ଦର ମୂର୍ତ୍ତି ଗଢ଼ିବାକୁ ହେବ।
- ଭଲ୍‌ଟାୟାର



## ସଂକ୍ଷେପରେ



ଜାତୀୟ ଜୁନିୟର ଉଷୁ ପ୍ରତିଯୋଗିତା

### ସମ୍ବଲପୁରର ଶିବପ୍ରସାଦ ରାୟ ମନୋନୀତ

ସମ୍ବଲପୁର, ୧୬।୯ (ବ୍ୟୁରୋ)
ଜାତୀୟ ଜୁନିୟର ଉଷୁ ପ୍ରତିଯୋଗିତା ଚଣ୍ଡିଗଡଠାରେ ହେବ । ଏଥିରେ ସମ୍ବଲପୁର ସାଓଲିନ୍ କୁମ୍ଫୁ ଉଷୁ ଆସୋସିଏଶନ ପ୍ରଶିକ୍ଷାର୍ଥୀ ଶିବପ୍ରସାଦ ରାୟ ମନୋନୀତ ହୋଇଛନ୍ତି । ରାଜ୍ୟ ପ୍ରତିଯୋଗିତାରେ ମଧ ସେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ । ସୋମବାର ଶିବ ଜାତୀୟ ପ୍ରତିଯୋଗିତାରେ ଭାଗ ନେବା ପାଇଁ ଚଣ୍ଡିଗଡ ଯାତ୍ରା କରିଛନ୍ତି । ତାଙ୍କ ସହ ପ୍ରଶିକ୍ଷକ ସୋନୁପ୍ରସାଦ ସୋନାର ସାମିଲ ଅଛନ୍ତି । ଅନୁଷ୍ଠାନ ସମ୍ପାଦକ ସୁବାଷ ଚନ୍ଦ୍ର ବେହେରା, ସମଲେଶ୍ୱରୀ ମନ୍ଦିର ମୁଖ୍ୟପୂଜକ ଅମ୍ବିକା ପ୍ରସାଦ ରାଏ, ଗୋମତୀ ରାଏଙ୍କ ସମେତ ପ୍ରଶିକ୍ଷକ, ପ୍ରଶିକ୍ଷାର୍ଥୀ ଓ ଅଭିଭାବକମାନେ ଶିବଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

### ୧ଲକ୍ଷ ଟଙ୍କା ଠକେଇ ଘଟଣାରେ ଜେଲ ଗଲେ ଅଭିଯୁକ୍ତ

ସମ୍ବଲପୁର,୧୬।୯ (ବ୍ୟୁରୋ)
ସମ୍ବଲପୁର ଜିଲା ଯୁଯୁମୁରା ଥାନା ବାସୁପାଲି ଗ୍ରାମର ବିନୋଦ ବାର୍ଲାଙ୍କଠାରୁ ୧ ଲକ୍ଷ ୧୦ ହଜାର ଟଙ୍କା ଠକେଇ ଅଭିଯୋଗରେ ଯୁଯୁମୁରା ଥାନା ପୋଲିସ ଅଭିଯୁକ୍ତ ସୋନପୁର ଜିଲାର ଅନୀଲ ମହେତାଙ୍କୁ ଗିରଫ କରିଛି। ସୋମବାର ଯୁଯୁମୁରା ମେଡିକାଲରେ ତାଙ୍କ ଡାକ୍ତରୀ ମାଇନା କରାଯାଇ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ଆବେଦନ ଖାରଜ ହୋଇଯିବାରୁ ତାଙ୍କୁ ଜେଲ ଯିବାକୁ ପଡିଛି।

### କଫସିରପ କାରବାର ଅଭିଯୁକ୍ତ ଗିରଫ

ସମ୍ବଲପୁର,୧୬।୯(ବ୍ୟୁରୋ)
ସମ୍ବଲପୁର କ୍ଷେତରାଜପୁର ଥାନା ପୋଲିସ କଫସିରପ ବିକ୍ରି କରୁଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି। ସେ ହେଲେ ବଜାଜ କଲୋନୀର ରୋହୀତ ସତନାମୀ । ରୋହିତଙ୍କ ନିକଟରୁ ୧୨୦ ଟଙ୍କା ଓ କଫସିରପ ଜବତ କରିଛି । ଏ ନେଇ ଥାନାର ଏକ ମାମଲା (ନଂ. ୨୩୫/୧୯) ରୁଜୁ ହୋଇଛି।

# ଅନ୍‌ଲାଇନ ଅଭିଯୋଗ ପାଇଁ ୱେବ୍‌ସାଇଟ୍ ଉଦ୍‌ଘାଟିତ



ସୋମବାର ଜିଲାପାଳ ଶୁଭମ ସକସେନା ଓ ଅନ୍ୟମାନେ ମାନେଶ୍ୱର ବ୍ଲକ ପରିସରରେ ଜିଲାସ୍ତରୀୟ ଅଭିଯୋଗ ଶୁଣାଣି କରୁଛନ୍ତି ।

- ୧୩୭ ଅଭିଯୋଗ ପଞ୍ଜୀକୃତ
- ୧୨୨ ବ୍ୟକ୍ତିଗତ
- ୧୫ ଗୋଷ୍ଠୀଗତ
- ୨୫ ତୁରନ୍ତ ସମାଧାନ

ସମ୍ବଲପୁର,୧୬।୯(ବ୍ୟୁରୋ)

ଲୋକଙ୍କୁ ଆଉ ଅଭିଯୋଗ କରିବା ପାଇଁ ଜିଲାପାଳଙ୍କ ଅଫିସ କିମ୍ବା ବ୍ଲକ ଅଫିସ କି ଅନ୍ୟାନ୍ୟ ଅଫିସକୁ ଧାଇଁବାକୁ ପଡିବ ନାହିଁ । ଏଣିକି ପ୍ରଶାସନକୁ ଲୋକେ ଅନ୍‌ଲାଇନରେ ବ୍ୟକ୍ତିଗତ ହେଉ କିମ୍ବା ସାମୂହିକ ଅଭିଯୋଗ କରିପାରିବେ। ଏଥିପାଇଁ ଜିଲା ପ୍ରଶାସନ ପକ୍ଷରୁ ଅନ୍‌ଲାଇନ ସେବାର ଆରମ୍ଭ କରାଯାଇଛି। ସୋମବାର ଜିଲାପାଳ ଶୁଭମ ସକସେନା ମାନେଶ୍ୱର ବ୍ଲକ ପରିସରରେ ଜିଲାସ୍ତରୀୟ ଅନ୍‌ଲାଇନ ଗ୍ରିଭାନ୍ସ ସେଲ୍ ସେବାର ଉଦ୍‌ଘାଟନ କରିଛନ୍ତି ।

ଜିଲାପାଳଙ୍କ କହିବା ଅନୁସାରେ ସମସ୍ତ ଅଭିଯୋଗ ଗୁଡିକ ପେପରଲେସ୍ କରିବାକୁ ଜିଲା ପ୍ରଶାସନ ଉଦ୍ୟମ କରିଛି । ପ୍ରଥମ ପର୍ଯ୍ୟାୟରେ ଏହା ଆରମ୍ଭ କରାଯାଇଛି । ସପ୍ତାହକ ମଧ୍ୟରେ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକାରୀ କରାଯିବ । ଜଣେ ବ୍ୟକ୍ତି ଅଭିଯୋଗ କରିବା ପରେ ତାହା ରେଜିଷ୍ଟ୍ରେଶନ୍ ହୋଇଯିବ ଓ ଅଭିଯୋଗକାରୀଙ୍କ ମୋବାଇଲ ଫୋନ୍‌କୁ ମେସେଜ ଚାଲିଯିବ । ସେମାନେ ସେହି ନମ୍ବର ଦେଖି ଅଭିଯୋଗ ଉପରେ ଜାଣି ପାରିବେ। ଅଭିଯୋଗ ସମାଧାନ ହେଲା କି ନାହିଁ, ତାହାର ସ୍ଥିତି କ'ଣ ଅଛି ତାହା ଉପରେ ସୂଚନା ଦିଆଯିବ । ଏହି ସାଇଟ୍‌ରେ ଜିଲାର ସମସ୍ତ ବିଭାଗର ଅଧିକାରୀ ରହିଛନ୍ତି । ଜିଲା ପ୍ରଶାସନ ପକ୍ଷରୁ ଅଭିଯୋଗ ହୋଇଥିବା ବିଭାଗକୁ ଜଣାଇ ଦିଆଯିବ । କ'ଣ ସମାଧାନ କରାଗଲା, କ'ଣ ସ୍ଥିତି ରହିଛି, ତାହା ଫଇସଲା ହୋଇପାରିବ କି ନାହିଁ ସେ ନେଇ ଅଧିକାରୀମାନେ ଅଭିଯୋଗକାରୀଙ୍କୁ ସୂଚନା ପ୍ରଦାନ କରିବେ । ଅଭିଯୋଗ ସମାଧାନ ନ ହେଲେ ବିଭାଗୀୟ ଅଧିକାରୀ ଦାୟୀ ରହିବେ । ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗହଣ କରାଯିବ। ଏହାଦ୍ୱାରା ଅଭିଯୋଗକାରୀଙ୍କ ସୁବିଧା ହେବ। ସେମାନଙ୍କ ସମୟ ବଞ୍ଚିବ। ଯିବାଆସିବା ଖର୍ଚ୍ଚରୁ ମୁକ୍ତି ମିଳିବ। ଜଣେ ପେପରରେ ଅଭିଯୋଗ କଲାପରେ ତାଙ୍କୁ ସମାଧାନ କରିବାକୁ ଅଧିକ ସମୟ ଲାଗୁଥିଲା। ଏବେ ତାହା ସହଜ ଓ ସରଳ ହେବ ବୋଲି ଜିଲାପାଳ କହିଛନ୍ତି। ଏସ୍‌ପି କନୱର ବିଶାଲ ସିଂ, ଡିଏଫଓ ଡ. ସଞ୍ଜିତ କୁମାରଙ୍କ ସମେତ ଜିଲାର ବିଭିନ୍ନ ବିଭାଗର ଅଧିକାରୀମାନେ ଏଥିରେ ଉପସ୍ଥିତ ଥିଲେ। ତେବେ ସୋମବାର ୧୩୭ଟି ଅଭିଯୋଗ ହୋଇଥିଲା। ୧୨୨ଟି ବ୍ୟକ୍ତିଗତ ଥିବାବେଳେ ୧୫ଟି ଗୋଷ୍ଠୀଗତ ଅଭିଯୋଗ ହୋଇଥିଲା। ସେଥିମଧ୍ୟରୁ ଘଟଣାସ୍ଥଳରେ ୨୫ଟି ଅଭିଯୋଗ ସମାଧାନ କରାଯାଇଥିଲା।

# ରେଳଯାତ୍ରୀଙ୍କୁ ସଚେତନ କଲା ଆରପିଏଫ




ରେଢ଼ାଖୋଲ ଷ୍ଟେଶନରେ ଆରପିଏଫ ଅଧିକାରୀମାନେ ଯାତ୍ରୀମାନଙ୍କୁ ସଚେତନ କରୁଛନ୍ତି ।

ରେଢାଖୋଲ ୧୬।୯(ଡି.ଏନ.ଏ)

ଯାତ୍ରୀମାନଙ୍କୁ ରେଳ, ପ୍ଲାଟଫର୍ମରେ କିମ୍ବା ଯାତ୍ରା କରୁଥିବା ସମୟରେ ଅପରାଧୀମାନେ ବିଭିନ୍ନ ଉପାୟରେ ଲୁଟ କରୁଛନ୍ତି। ଅପରାଧୀମାନେ ଯାତ୍ରୀଙ୍କ ସହ ବନ୍ଧୁତ୍ୱପୂର୍ଣ୍ଣ ବ୍ୟବହାର କରି ଖାଦ୍ୟ, ପାନୀୟରେ ନିଶା ଔଷଧ ମିଶାଇ ଯାତ୍ରୀମାନଙ୍କୁ ଅଚେତ କରି ଟଙ୍କା ପଇସା, ମୂଲ୍ୟବାନ ଜିନିଷପତ୍ର ଲୁଟି ନେଉଥିବାର ଅନେକ ଅଭିଯୋଗ ହୋଇଆସୁଛି। ଯାତ୍ରୀମାନଙ୍କ ସୁରକ୍ଷା ଓ ସଚେତନତା ପାଇଁ ରେଳ ସୁରକ୍ଷା ବଳ ପକ୍ଷରୁ ସଚେତନତା କରାଯାଉଛି। ଏହି ପରିପେକ୍ଷୀରେ ସୋମବାର ରେଳ ସୁରକ୍ଷା ବଳ ସମ୍ବଲପୁର ମଣ୍ଡଳ ପକ୍ଷରୁ ରେଢାଖୋଲ ରେଳ ଷ୍ଟେଶନରେ ଯାତ୍ରୀ ମାନଙ୍କୁ ସଚେତନ କରାଯାଇଛି। ଦିନ ୧୦ଟା ବେଳେ ରେଳ ସୁରକ୍ଷା ବଳ ରେଢାଖୋଲ ଇନ୍ସପେକ୍ଟର ବିବେକ କୁମାର ଷ୍ଟେଶନରେ ଥିବା ଯାତ୍ରୀମାନଙ୍କୁ ରେଳଯାତ୍ରା ସମୟରେ କିମ୍ବା ଷ୍ଟେସନରେ ଥିବା ବେଳେ କୌଣସି ଅପରିଚିତ ବ୍ୟକ୍ତିଙ୍କ ଠାରୁ ଖାଦ୍ୟ, ପାନୀୟ ଗ୍ରହଣ ନ କରିବା ପାଇଁ ସଚେତନ କରିଥିଲେ। ଏଥି ସହିତ ପ୍ଲାଷ୍ଟିକ ବ୍ୟବହାର ନ କରିବାକୁ ମଧ୍ୟ ସଚେତନ କରିବା ସହ ଏ ସମ୍ପର୍କିତ ପ୍ରଚାର ପତ୍ର ବଣ୍ଟନ କରାଯାଇଥିଲା। ରେଢାଖୋଲ ଷ୍ଟେଶନ ଦେଇ ଅତିକ୍ରମ କରୁଥିବା ଭୁବନେଶ୍ୱର-ବଲାଙ୍ଗୀର ଇଣ୍ଟରସିଟି ଏକ୍ସପ୍ରେସ୍‌ର ଯାତ୍ରୀମାନଙ୍କୁ ମଧ୍ୟ ରେଳ ସୁରକ୍ଷାବଳ ପକ୍ଷରୁ ସଚେତନତା ପ୍ରଚାରପତ୍ର ବଣ୍ଟନ କରାଯାଇଥିଲା। ପରେ ରେଳଷ୍ଟେଶନ ପରିସରରେ ଚାରା ରୋପଣ କରାଯାଇଥିଲା। ରେଳ ସୁରକ୍ଷା ବଳର ଏଏସଆଇ କରଣ ସିଂ ମେଲଗାଣ୍ଡି, ଅଲେଖ ଚନ୍ଦ୍ର ନାଏକ, କନଷ୍ଟେବଳ ଲକ୍ଷ୍ମୀରାମ ମିନା, ପ୍ରମୋଦ କୁମାର ସବର, ସୁଶୀଲ କୁମାର ପ୍ରଧାନ, ମେକ୍ସିମମ ଜୋଜୋ ପ୍ରମୁଖ ରେଳଷ୍ଟେଶନରେ ଯାତ୍ରୀମାନଙ୍କୁ ସଚେତନ କରିଥିଲେ ।

# ସ୍ୱଚ୍ଛତା ପାଇଁ ସମସ୍ତଙ୍କ ସହଭାଗିତା ଆବଶ୍ୟକ



ସମ୍ବଲପୁର ରେଳ ଡିଭିଜନ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଡିଆରଏମ୍ ସୂଚନା ଦେଉଛନ୍ତି ।

ସମ୍ବଲପୁର,୧୬।୯(ବ୍ୟୁରୋ)

ଦେଶକୁ ସ୍ୱଚ୍ଛ ସୁନ୍ଦର କରିବା ପାଇଁ ସରକାର ଘୋଷଣା କରିଛନ୍ତି । ଏହା ମହାତ୍ମା ଗାନ୍ଧୀଙ୍କ ଜୀବନର ମୂଳ ମନ୍ତ୍ର ରହିଥିଲା। ଏଣୁ ତାଙ୍କର ୧୫୦ ତମ ଜନ୍ମବାର୍ଷିକୀରେ ସମଗ୍ର ଦେଶରେ ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଛି । ସମ୍ବଲପୁର ରେଳମଣ୍ଡଳ ପକ୍ଷରୁ ମଧ ଏହା ପାଳନ କରାଯିବ । ରେଳ ବିଭାଗ ପୂର୍ବରୁ ମଧ ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେଇ କାମ କରୁଛି । ଦେଶରେ ପ୍ରାୟ ସବୁ ସ୍ଥାନକୁ ରେଳ ଚଳାଚଳ କରୁଛି। ତେଣୁ ବିଭାଗ ପକ୍ଷରୁ ଏ ସମ୍ପର୍କରେ ଲୋକମାନଙ୍କୁ ସଚେତନ କରାଇବା ସୁବିଧା ହେଉଛି । ସମ୍ବଲପୁର ଷ୍ଟେଶନକୁ ପ୍ଲାଷ୍ଟିକ ମୁକ୍ତ ଘୋଷଣା କରାଯାଇଛି । ତେବେ ଦେଶର ସ୍ୱଚ୍ଛତା ପାଇଁ ସମସ୍ତଙ୍କ ସହଭାଗିତା ଆବଶ୍ୟକ ରହିଛି। ନ ହେଲେ ଏହା ଅସମ୍ଭବ। ସୋମବାର ରେଳ ମଣ୍ଡଳ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ପ୍ରବନ୍ଧକ ଡ. ଜୟଦୀପ ଗୁପ୍ତା ଏହା କହିଛନ୍ତି । ସେପ୍ଟେମ୍ବର ୧୬ ତାରିଖଠାରୁ ୩୦ ତାରିଖ ପର୍ଯ୍ୟନ୍ତ ସମ୍ବଲପୁର ରେଳ ମଣ୍ଡଳ ପକ୍ଷରୁ ଏହି କାର୍ଯ୍ୟକ୍ରମ କରାଯିବ । ସଚେତନ କାର୍ଯ୍ୟକ୍ରମ, ଶ୍ରମ ଦାନ, ତାଲିମ ଶିବିର, ସଫେଇ ଉପରେ ଯାତ୍ରୀ ଓ କର୍ମଚାରୀଙ୍କୁ ତାଲିମ ଦେବା, ଯାତ୍ରୀଙ୍କୁ ଷ୍ଟେଶନ ଓ ବଗିଗୁଡିକ ସଫା ରଖିବାକୁ ପରାମର୍ଶ ଦେବା, ପ୍ଲାଷ୍ଟିକ ବ୍ୟବହାର ବନ୍ଦ କରିବା, କାର୍ଯ୍ୟାଳୟରେ ପରିସର ସଫା ସୁତୁରା ରଖିବା, ସବୁ ସ୍ଥାନରେ ଡଷ୍ଟବିନ ଦେବା ଓ ଠିକ୍ ସମୟରେ ସଫା କରିବା, ଷ୍ଟେଶନ ପରିସର ସହିତ ଶୌଚାଳୟ ସଫା କରିବା, ଯାତ୍ରୀଙ୍କୁଠାରୁ ପ୍ଲାଷ୍ଟିକ ନେଇ କପଡା ଓ ପେପର ବ୍ୟାଗ ପ୍ରଦାନ କରିବା, ସେମିନାର ଭଳି କାର୍ଯ୍ୟକ୍ରମ ପର୍ଯ୍ୟାୟ କ୍ରମେ କରାଯିବ। ୧୫ ଦିନ ଧରି ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଏନଜିଓ, ସାମାଜିକ ଅନୁଷ୍ଠାନ, କ୍ଲବ, ଛାତ୍ରୀଛାତ୍ର ସହଯୋଗ କରିବେ ବୋଲି ସେ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଏଡିଆରଏମ୍ ଏଲ ଭି ଏସ ପାତ୍ରୁଡୁଙ୍କ ସମେତ ବିଭିନ୍ନ ବିଭାର ଅଧିକାରୀମାନେ ଉପସ୍ଥିତ ଥିଲେ ।

■ନିଯୁକ୍ତି ସୁଯୋଗ ସୃଷ୍ଟି କରିଛି ରେଢ଼ାଖୋଲ ମଲ୍ଟି ସ୍କିଲ ଗୁରୁକୁଳ

# ବମ୍ବେରେ ନିଯୁକ୍ତି ପାଇଲେ ୧୩ ଯୁବକ

ରେଢ଼ାଖୋଲ,୧୬।୯(ଡି.ଏନ.ଏ)

ସମ୍ବଲପୁର ଜିଲା ରେଢ଼ାଖୋଲ ସ୍ଥିତ ମଲ୍ଟି ସ୍କିଲ ଗୁରୁକୁଳରେ ତାଲିମ ନେଇ ୧୩ଜଣ ଯୁବକ ବମ୍ବେରେ ନିଯୁକ୍ତି ପାଇଛନ୍ତି । ବମ୍ବେ ସ୍ଥିତ ପଦ୍ମାବତୀ ଇଞ୍ଜିନିୟର୍ସ ପ୍ରାଇଭେଟ ଲିମିଟେଡ ନାମକ କମ୍ପାନୀରେ ଏହି ତାଲିମ ପ୍ରାପ୍ତ ଯୁବକମାନେ ନିଯୁକ୍ତି ପାଇଛନ୍ତି। କମ୍ପାନୀ ପକ୍ଷରୁ ଉପଜିଲାପାଳ ବିଶିକେସନ ଦେହୁରୀ ଏହି ଯୁବକମାନଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରିଥିଲେ । ନିଯୁକ୍ତି ପାଇଥିବା ଯୁବକମାନେ ଓଡିଶା ସରକାର ଓ ପାନ୍ ଆଇଆଇଟିର ମିଳିତ ସହଯୋଗରେ ରେଢ଼ାଖୋଲ ମଲ୍ଟି ସ୍କିଲ ଗୁରୁକୁଳରେ ୭୦ ଦିନ ପ୍ଲମ୍ବର, ଫାୟାର ସେଫ୍ଟି ଓ ପାଇପ ଫିଟିଂ ତାଲିମ ନେଇଥିଲେ। କମ୍ପାନୀ ପକ୍ଷରୁ ଏହି ଯୁବକମାନଙ୍କୁ ପିଏଫ ଓ ଇଏସଆଇ ସହିତ ୧୫ ହଜାର ୨ଶହ ଟଙ୍କା ଦରମା ଓ ରହିବା ଖାଇବାର ବ୍ୟବସ୍ଥା କରିବାକୁ ଚୁକ୍ତି କରାଯାଇଛି। ମଙ୍ଗଳବାର ଏମାନେ ବମ୍ବେ ଅଭିମୁଖେ ଯାତ୍ରା କରିବେ ବୋଲି ଗୁରୁକୁଳର ଅଧ୍ୟକ୍ଷ ନିହାରକାନ୍ତ ରଥ କହିଛନ୍ତି । ନିଯୁକ୍ତିପତ୍ର ପ୍ରଦାନ ସମୟରେ ଟ୍ରେନର ଅଞ୍ଜନ କୁମାର ପାତ୍ର, କାର୍ଯ୍ୟ ନିର୍ବାହୀ ବସନ୍ତ ରାଜ ବେଉରା, ଅଜିତ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ଅଷ୍ଟମରୁ ଯୁକ୍ତ ୨ ପଢିଥିବା ୧୮ରୁ ୩୨ ବର୍ଷ ମଧ୍ୟରେ ବେକାର ଯୁବତୀଯୁବକ ମାନଙ୍କୁ ଗୁରୁକୁଳରେ ତାଲିମ ପ୍ରଦାନ କରାଯାଇ ବିଭିନ୍ନ ରାଜ୍ୟର କମ୍ପାନୀ ଗୁଡିକରେ ନିଯୁକ୍ତି ପ୍ରଦାନ କରାଯାଉଛି। ଗତବର୍ଷ ମାର୍ଚ୍ଚ ମାସରେ ୧୩ଜଣ ଯୁବକ ଓ ଜୁଲାଇ ମାସରେ ୨୩ ଓ ଗତ ଫେବୃଆରୀ ମାସରେ ଏହି ଗୁରୁକୁଳରୁ ତାଲିମ ପରେ ୧୨ଜଣ ଓ ମେରେ ୧୨ ଜଣ ଏହି କମ୍ପାନୀରେ ନିଯୁକ୍ତି ପାଇଛନ୍ତି। ନିଯୁକ୍ତି ପାଉଥିବା ଏହି ଯୁବକମାନଙ୍କୁ କମ୍ପାନୀ ପକ୍ଷରୁ ଖାଇବା ପିଇବା ଠିକ ଭାବେ ଦିଆଯାଉ ନ ଥିବା ବେଳେ ୮ ଘଣ୍ଟାରୁ ଅଧିକ କାର୍ଯ୍ୟ କରାଯାଉଛି। ଦରମା କାଟଛାଟ କରାଯାଉଥିବା ଯୋଗୁ ଯୁବକମାନେ କମ୍ପାନୀରେ କାର୍ଯ୍ୟ କରିବାକୁ ଚାହୁଁ ନାହାନ୍ତି । ଏପରିକି କେତେକ ଯୁବକ ଫେରିଆସୁଥିବା ନେଇ ଅଭିଯୋଗ ହେଉଛି। ସରକାର ଏ ଦିଗରେ କମ୍ପାନୀ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ପଦକ୍ଷେପ ନେବାକୁ ଦାବି ହେଉଛି ।



ବମ୍ବେରେ ନିଯୁକ୍ତି ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିବା ୧୩ଜଣ ଯୁବକ କର୍ତ୍ତୃପକ୍ଷଙ୍କ ସହ ।

# ଏମ୍‌ସିଏଲ୍‌ରେ ରାଜଭାଷା ସପ୍ତାହ ଉଦ୍‌ଘାଟିତ

ସମ୍ବଲପୁର, ୧୬।୯ (ବ୍ୟୁରୋ)

## ଭାଷାର ବିକାଶ ଜରୁରୀ

ଭାଷାର ବିକାଶରେ ମନୁଷ୍ୟର ବିକାଶ ହୋଇଥାଏ । ଭାଷା ହେଉଛି ମୂଳ ଆଧାର । ତେଣୁ ଭାଷାର ବିକାଶ ଜରୁରୀ। ମହାନଦୀ କୋଇଲା କମ୍ପାନୀ (ଏମସିଏଲ) ମୁଖ୍ୟାଳୟଠାରେ ଆୟୋଜିତ ରାଜଭାଷା ସପ୍ତାହ- ୨୦୧୯ ଉଦଘାଟନୀ ଉତ୍ସବରେ ଏହି ମତପ୍ରକାଶ ପାଇଛି। କମ୍ପାନୀର ଉପଦେଷ୍ଟା ଲିଳାନନ୍ଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଉତ୍ସବ ହୋଇଥିଲା । ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ହିନ୍ଦୀ ବିଭାଗ ପୂର୍ବତନ ଅଧକ୍ଷ ପ୍ରଫେସର କେପି ଗୁପ୍ତା, ପ୍ରାଧାପକ ଡ. ହରିଶ୍ଚନ୍ଦ୍ର ଶର୍ମା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ରାଜଭାଷା ମହାପ୍ରବନ୍ଧକ କେଡି ପ୍ରସାଦ ଅତିଥି ସ୍ୱାଗତ କରିଥିଲେ । ରାଜଭାଷା ସହାୟକ ପ୍ରବନ୍ଧକ ବିଆର ସାହୁ ଓ ତୁଳିକା ବିଶ୍ୱାସ କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।

# ଏନଏସସିବି କଲେଜରେ ଅଭିମୁଖୀକରଣ ସମାରୋହ

ସମ୍ବଲପୁର, ୧୬।୯ (ବ୍ୟୁରୋ)

ଓଡିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ପକ୍ଷରୁ ଅଭିମୁଖୀକରଣ ସମାରୋହ ନେତାଜୀ ସୁବାଷ ଚନ୍ଦ୍ର ବୋଷ କଲେଜ (ଏନଏସସିବି) ପରିସରରେ ଅନୁଷ୍ଠିତ ହୋଇଯାଇଛି । ସଂଯୋଜକ ପ୍ରଶାନ୍ତ କୁମାର ପଣ୍ଡାଙ୍କ ପରିଚାଳନାରେ ସମାରୋହ ହୋଇଥିଲା । ସରକାରୀ ମହିଳା କଲେଜର ପ୍ରାକ୍ତନ ଅଧକ୍ଷ ଡ. ସନ୍ତୋଷ କୁମାର ଦାଶ, ଉତ୍କଳ ବିଶ୍ୱ ବିଦ୍ୟାଳୟ ପରିକ୍ଷା ନିୟନ୍ତ୍ରକ ଶରତ କୁମାର ମାଝୀ, ଅଧାପକ ବାଳଗୋପାଳ ବାବୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏନଏସସିବି କଲେଜ ଅଧକ୍ଷ ହରିଶଙ୍କର ସାହୁ ଉତ୍ସବରେ ଅଧକ୍ଷତା କରିଥିଲେ । ଡ. ନବୀନ କୁମାର ଜାଲ ଧନ୍ୟବାଦ ଅର୍ପଣ କରିଥିଲେ । ବିଭିନ୍ନ ବିଶ୍ୱବିଦ୍ୟାଳୟର ଅଧାପିକା, ଅଧାପକ, ଛାତ୍ରୀଛାତ୍ର ଯୋଗ ଦେଇଥିଲେ।

## ଫଟୋରେ ଖବର








ହାଇଦ୍ରାବାଦରେ ଆୟୋଜିତ ନିରାଡମ୍ବର ନୂଆଁଖାଇ ଭେଟଘାଟରେ ଖାଦ୍ୟ ପରଷା ଯାଉଛି (ବାମ)। ମହାନଦୀ କୋଇଲା କମ୍ପାନୀ ଅନ୍ତର୍ଗତ ବିଭିନ୍ନ ଖଣି ଅଞ୍ଚଳରେ ନିଯୁକ୍ତି ପାଇଥିବା ୨୨ଜଣ ସୁରକ୍ଷା କର୍ମୀ ଅତିଥିଙ୍କ ସହ (ମଝି)। ରୋଟାରୀ କ୍ଲବ ସମ୍ବଲପୁର ୱେଷ୍ଟ ଓ ପରମେଶ୍ୱରୀ ବାଇ ଟ୍ରଷ୍ଟ ପକ୍ଷରୁ ସୋମବାର ସଦର ଡାକ୍ତରଖାନା ପରିସରରେ ଶିଶୁମାନଙ୍କୁ ସାମଗ୍ରୀ ବଣ୍ଟନ କରାଯାଉଛି ।



"ଈଶ୍ୱର ନାମ ଆଗରେ ଜାତି ଧର୍ମର ବିଦ୍ୱେଷ ରହିବା ଉଚିତ୍ ନୁହେଁ।
- ଗୁରୁ ନାନକ



## ସଂକ୍ଷେପରେ

### ଜେସିଆଇ ସମ୍ବଲପୁର ସିଟିର ଉତ୍ସବ

ସମ୍ବଲପୁର, ୧୬।୯ (ବ୍ୟୁରୋ)
ଜେସିଆଇ ସମ୍ବଲପୁର ସିଟି ଓ ପ୍ରତିଭାର ସାମାଜିକ ଉତ୍ସବ ଭିଏସଏସ ମାର୍ଗ ସ୍ଥିତ ନିକି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନ ଅଧକ୍ଷ ରାଜେଶ ମହତୋଙ୍କ ପରିଚାଳନାରେ ଉତ୍ସବ ହୋଇଥିଲା । ଡା. ପୁରୁଷୋତ୍ତମ ଅଗ୍ରୱାଲ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ସଂଯୋଜକ ଗୌରବ ମୁନ୍ଦ୍ରା, ପ୍ରକଳ୍ପ ନିର୍ଦ୍ଦେଶକ ବିକାଶ ଗୋଏଲ, ବିନିତ ଅଗ୍ରୱାଲ, ପଙ୍କ ପୋପତାନି, ରାଜେଶ ଅଗ୍ରୱାଲ, ସୁବାଷ ଅଗ୍ରୱାଲ, ରାକେଶ ଭୋଲାଟିଆ, ଅଶୋକ ମୁନ୍ଦ୍ରା, ରୋହିତ ସିଂହାନିଆ, କ୍ରିଷ୍ଣା ଲାଠ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ ୨୦୨୦ ମସିହା ସକାଶେ ଦୀପକ ଅଗ୍ରୱାଲଙ୍କୁ ଅଧକ୍ଷ ଭାବେ ମନୋନୀତ କରାଯାଇଥିଲା ।

# ୬୩ ଅଭିଯୋଗର ଶୁଣାଣି କଲେ ଜିଲାପାଳ

ଦେବଗଡ଼,୧୬।୯(ଡି.ଏନ.ଏ.)

ଦେବଗଡ ଜିଲା ରିଆମାଳ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଜିଲାପାଳ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସୁଧାଂଶୁ ମୋହନ ସାମଲ ୬୩ଟି ଅଭିଯୋଗ ଶୁଣାଣି କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଆସିଥିବା ଅଭିଯୋଗଗୁଡିକ ମଧ୍ୟରୁ ୧୦ଟି ସାମୂହିକ ଓ ୫୩ଟି ବ୍ୟକ୍ତିଗତ ଥିଲା । ଶିବିରରେ ତତ୍କାଳ ୩୮ଟି ଦରଖାସ୍ତର ଶୁଣାଣି କରାଯାଇ ସମସ୍ୟାର ସମାଧାନ କରାଯାଇଥିଲା



ଜିଲାପାଳ ସୁଧାଂଶୁ ମୋହନ ସାମଲ ଟ୍ରାଇ ସାଇକେଲ ଓ ଆଶାବାଡି ପ୍ରଦାନ କରୁଛନ୍ତି

। ଜିଲାପାଳ ସାମଲ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ କୁଣ୍ଢେଇଗୋଳା ଗ୍ରାମ ପଞ୍ଚାୟତ ଦେଓଝରଣ ଗ୍ରାମର ବୁଧେଇ ଗଡନାୟକଙ୍କୁ ୫ ହଜାର ଟଙ୍କା ଏବଂ ପିଟାଶୀଳ ଗ୍ରାମର ଶ୍ରୀବସ୍ତ ଦାସଙ୍କୁ ୧୫ ହଜାର ଟଙ୍କା ସହାୟତା ମଞ୍ଜୁର କରିଥିଲେ । ଏହି ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଡିଆଡଇଏ ପ୍ରକଳ୍ପ ନିର୍ଦ୍ଦେଶକ ଭିନସେଣ୍ଟ ପୁନମକାନ୍ତ ଏକ୍କା, ଉପଜିଲାପାଳ ବ୍ରଜବନ୍ଧୁ ଭୋଇ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରବିନାରାୟଣ ସି, ରିଆମାଳ ବିଡିଓ ବିମଳା ବିରୁଳିଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ । ପରେ ଜିଲାପାଳ ସାମଲ ଆଡସ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଜୁଲାଣି ଗ୍ରାମର ଲଳିତା ସାହୁଙ୍କୁ ଟ୍ରାଇ ସାଇକେଲ ଏବଂ ନାଉଳୀପଡା ପଞ୍ଚାୟତ ତେଲିମୁଣ୍ଡା ଗ୍ରାମର ହୃଷିକେଶ ବାଦୀଙ୍କୁ ଏକ ଆଶାବାଡି ପ୍ରଦାନ କରିଥିଲେ । ଏହି ଅବସରରେ ପିଡି ଏକ୍କା, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧୀର କୁମାର ନାଇ ଏବଂ ସ୍ଥାନୀୟ ସରପଞ୍ଚ ପ୍ରମୁଖ ଉପସ୍ଥିତ ଥିଲେ ।



ଦେବଗଡ ସହରର ବାବୁସାହି ରାଜପୁତ ମହିଳା ସଂଘ ପକ୍ଷରୁ ସଫେଇ ସ୍ୱଚ୍ଛତା କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ମହିଳା ।

## ଦଣ୍ଡାସିଂହା ହାଇସ୍କୁଲରେ ବିଶ୍ୱ ଓଜୋନ ଦିବସ



ବିଶ୍ୱ ଓଜୋନ ଦିବସରେ ଉପସ୍ଥିତ ଛାତ୍ରୀଛାତ୍ର।

ଦେବଗଡ,୧୬।୯(ଡି.ଏନ.ଏ)
ବାରକୋଟ ବ୍ଲକ ଦଣ୍ଡାସିଂହା ପଞ୍ଚାୟତ ସଦର ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ସିଭିରମଣ ବିଜ୍ଞାନ କ୍ଲବ ଆନୁକୂଲ୍ୟରେ ବିଶ୍ୱ ଓଜୋନ ଦିବସ ପାଳିତ ହୋଇଯାଇଛି । ଶିକ୍ଷକ ବିଦ୍ୟାଧର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବିଜ୍ଞାନ ଶିକ୍ଷକ ନକୁଳ ଚନ୍ଦ୍ର ମହନ୍ତ ଯୋଗଦେଇ ଓଜୋନ ରନ୍ଧ୍ରର କାରଣ ଓ କୁପ୍ରଭାବ ସମ୍ପର୍କରେ ଆଲୋକପାତ କରିଥିଲେ। ବିଦ୍ୟାଳୟର କର୍ମଚାରୀ ହୀରାଧର ଦେହୁରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଓଜୋନ ସୁରକ୍ଷା ସମ୍ବନ୍ଧୀୟ ଏକ ଜଣାଅଜଣା ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା ।

## ନିଶୁଳ୍କ ଦନ୍ତ ଚିକିତ୍ସା ଶିବିର

ସମ୍ବଲପୁର, ୧୬।୯ (ବ୍ୟୁରୋ)

ସମ୍ବଲପୁର ସହର ଉପକଣ୍ଠ ଧନୁପାଲିସ୍ଥିତ ଦୟାନନ୍ଦ ପବ୍ଲିକ ସ୍କୁଲଠାରେ ସୋମବାର ନିଶୁଳ୍କ ଦନ୍ତ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଡା. ଅଭିଳାଷ ଘୋଷ ଛାତ୍ରୀଛାତ୍ରଙ୍କ ଦନ୍ତ ପରୀକ୍ଷା କରି ଏଥିସହ ଔଷଧ ମଧ୍ୟ ବିତରଣ କରିଥିଲେ । ସେହିପରି ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ଦନ୍ତ ସୁରକ୍ଷା ଉପରେ ତାଲିମ ପ୍ରଦାନ କରାଯାଇଥିଲା । ଦୟାନନ୍ଦ ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁଟ୍ ଅଧକ୍ଷ ଈଶ୍ୱର ପ୍ରସାଦ ପାଣିଗ୍ରାହୀ ଓ ସଂଯୁକ୍ତା ପାଣିଗ୍ରାହୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ବିଶ୍ୱ ଭ୍ରାତୃତ୍ୱ ଦିବସ

ସମ୍ବଲପୁର, ୧୬।୯ (ବ୍ୟୁରୋ)
ବିବେକାନନ୍ଦ କେନ୍ଦ୍ର କନ୍ୟା କୁମାରୀ ସମ୍ବଲପୁର ଶାଖା ପକ୍ଷରୁ ବିଶ୍ୱ ଭ୍ରାତୃତ୍ୱ ଦିବସ ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ଆଇଆଇଏମ ନିର୍ଦ୍ଦେଶକ ପ୍ରଫେସର ମହାଦେଓ ଜୟସ୍ୱାଲ ମୁଖ୍ୟଅତିଥି, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଓଡିଆ ବିଭାଗୀୟ ମୁଖ୍ୟ ଡ. ଲମ୍ୱୋଦର ସାହୁ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ପ୍ରଫେସର ଦେବେନ୍ଦ୍ର ପଣ୍ଡାଙ୍କ ପରିଚାଳନାରେ ଉତ୍ସବ ହୋଇଥିଲା । ଡ. ବସନ୍ତ କୁମାର ଦାଶ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ପିସି ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ । ପୁଷ୍ପାରାଣୀ ମହାପାତ୍ର କନ୍ୟାକୁମାରୀ ବିବେକାନନ୍ଦ ଶୀଳା ସ୍ମାରକୀ ବିବରଣୀ ପାଠ କରିଥିଲେ । ପଙ୍କଜିନୀ ନାୟକ ଅତିଥି ସ୍ୱାଗତ କରିଥିବା ବେଳେ ସୁଧାକର ମଲ୍ଲିକ, ସୌମ୍ୟରଞ୍ଜନ ପଣ୍ଡା, ମଧୁସୂଦନ ସିଂ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।




ବିଶ୍ୱ ଭ୍ରାତୃତ୍ୱ ଦିବସ ଉତ୍ସବରେ ମଞ୍ଚାସୀନ ଅତିଥି ଓ ବକ୍ତାମାନେ ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ପେଟକୁ ଭାତ,**
**ପିଠିକୁ ନାତ ।**

ପେଟପାଟଣା କଥା ବୁଝି ସାରି ପରେ କଷ୍ଟ ଦେଇ, ଗାଳିଗୁଲଜ କରି ଯେତେ କାମ ଆଦାୟ କଲେ ଦେହକୁ ସେତେ ବାଧି ନ ଥାଏ । ପରନ୍ତୁ ଲୋକର ଭଲମନ୍ଦ ନ ବୁଝି, ବାଧ କରି ଖଟେଇଲେ, ଜୋର କରି କାମ ଆଦାୟ କଲେ ଭାରି ବାଧିଥାଏ । ପେଟକୁ ମୁଠେ ଦାନା ଦେଇ ଗଧ ଖଟଣି ଖଟାଇବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ପୋଥି ବାଇଗଣ**
**ନା ବାଡ଼ି ବାଇଗଣ ।**

ପୋଥି ବାଇଗଣ ବା ଚିତ୍ର ବାଇଗଣରେ ପେଟ ପୂରି ନ ଥାଏ । ବହିରୁ ବାଇଗଣ ଚାଷ ଶିଖି କାମରେ ନ ଲଗାଇଲେ ଲାଭ ମିଳି ନ ଥାଏ । ବାଇଗଣ ଚାଷପ୍ରଣାଳୀ କୌଶଳ ବହିରୁ ଶିଖି ବିଲବାଡ଼ିରେ ପ୍ରୟୋଗକରି ସେପରି ଅମଳ ଦେଖେଇଲେ ଜ୍ଞାନ କାମରେ ଲାଗିଲା ବୋଲି ଜଣାପଡ଼େ । ଅନ୍ୟଥା ସେସବୁ ମୂଲ୍ୟହୀନ ହୋଇଯାଇଥାଏ । ଅଭିଜ୍ଞତା ନ ଥିଲେ ଫଳ ମିଳି ନ ଥାଏ । ଚିତ୍ରଠାରୁ ବାସ୍ତବର ମୂଲ୍ୟ ଢେର୍ ଅଧିକ ବା ଶ୍ରେୟସ୍କର ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ASTROLOGY

ଫ୍ରି ସେବା କୌଣସି ଫିସ୍ ନାହିଁ
ଭଲ କାମର ପରିଣତି ଭଲ ହୋଇଥାଏ
MY PROMISE
ଅଘୋରୀ ତାନ୍ତ୍ରିକ ବାବା ଓମପ୍ରକାଶ ଶାସ୍ତ୍ରୀ
ବଶୀକରଣ, ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ମନ ଚାହୁଁଥିବା ପ୍ରେମ, ଗୃହକ୍ଳେଶ, ଚାକିରି, ବ୍ୟବସାୟ, ସ୍ୱାମୀ, ସ୍ତ୍ରୀ ମନୋମାଳିନ୍ୟ, ସଉତୁଣୀ, ଶତ୍ରୁ ମୁକ୍ତି, ବିବାହରେ ବାଧା
3 ଘଣ୍ଟାରେ ଘରେ ବସି ସମାଧାନ।
81 26 92 24 05
ହରିଦ୍ୱାର

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

FINANCE

ଲୋନ! ଲୋନ! ଲୋନ
୧ ରୁ ୫୦ ଲକ୍ଷ୍ୟ ଲୋନ
NRC FINANCE
ଗୃହରୁଣ୍, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ରୁଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
99901-64008
99901-64236
nrcfinanceonline@gmail.com
Office no. 09 11th floor statesman House plot no. 48 Connaught Place N.D 110001

FINANCE
ଲୋନ ଧମାକା ପ୍ରଥମେ ଆସନ୍ତୁ ପ୍ରଥମ ପାଆନ୍ତୁ Vasundhara Capital ଭାରତର ଏକ ନମ୍ବର କମ୍ପାନୀ ପ୍ରପର୍ଟି, ମାର୍କସିଟ୍, ପର୍ସନାଲ, ଆଧାରକାର୍ଡ, ବିଜିନେସ, ଷ୍ଟାଟପ୍, କ୍ଷୁଦ୍ର ବ୍ୟବସାୟ ଏବଂ ଦୋକାନୀମାନେ ଋଣ ଘରେ ବସି ୩୬ ଘଣ୍ଟା ମଧ୍ୟରେ ପାଆନ୍ତୁ । କମ୍ ସୁଧ ଏବଂ ସହଜ କିସ୍ତି । କର୍ମଚାରୀ ଓ ମହିଳାଙ୍କ ପାଇଁ ବିଶେଷ ରିହାତି ।
Office No. 2b/44, Indra Complex, Main Market Road, Ranchi, Jharkhand, 834001
9582606103
9654417419

ଋଣ
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନୁ
ଆଗେ କାମ - ପରେ ଦାମ୍
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ 80,00,000 ପର୍ଯ୍ୟନ୍ତ ଋଣ
ଆଦର୍ଶ ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ, ରାଶନ କାର୍ଡ, ଆଧାର କାର୍ଡ, ଚାଷ, ଏଗ୍ରିକଲ୍ଚର ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
7289999543
7289948952
SCO- 106, Second Floor, Vishal Tower, Cannaught Place, Delhi.

TIRUPATI FINANCE
ସମସ୍ତ ପ୍ରକାର ଲୋନ ମାତ୍ର ୪୮ ଘଣ୍ଟାରେ କମ୍ ସୁଦରେ ଦିଆଯାଉଛି । ତୁରନ୍ତ ଯୋଗାଯୋଗ କରନ୍ତୁ ଏବଂ ଘରେ ବସି ଲୋନ ପାଆନ୍ତୁ । ମହିଳା ଏବଂ ସିନିୟର ସିଟିଜନ୍‌ଙ୍କ ପାଇଁ ବିଶେଷ ସୁବିଧା ।
HIMAYAT NAGAR, MAIN ROAD, HYDERABAD- 500029
8658503781
9667987587
9717166871
balajitrusty@gmail.com

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD.
(Reg. No. - U6519TN198PLC00855)
ମାର୍କଶିଟ୍. ପ୍ରପର୍ଟି. ପର୍ସନାଲ. ଗ୍ରୁପ୍. ବ୍ୟବସାୟ ।
ସମସ୍ତ ଋଣ 3-4 ଦିନରେ ଘରେ ବସି ପାଆନ୍ତୁ । 2% ସୁଧ 40% ରିହାତି।
7310644620
9499439810
VISHAL ENCLAVE, M. ROAD, UP

FINANCE
ବିଶ୍ୱାସର ପ୍ରତୀକ, ଲୋନର ଗ୍ୟାରେଣ୍ଟି SHREE FINANCE ଦ୍ୱାରା ପ୍ରପର୍ଟି, ପର୍ସନାଲ BPL ଆଧାରକାର୍ଡ଼ ଲୋନ 24 ଘଣ୍ଟାରେ ଘରେ ବସି ପାଆନ୍ତୁ।
Mob: 9351833615
Address - 12, Govt. Place (East), 2nd floor, Kolkata, west Bengal- 700069

BASUNDHAR FINANCE
ପର୍ସନାଲ, ବିଜିନେସ୍, ମାର୍କଶିଟ୍, ଗୃହ, ଶିକ୍ଷା, କୃଷି, ଗାଈ ଓ କୁକୁଡା ପାଳନ ଇତ୍ୟାଦି BASUNDHAR FINANCE ସମସ୍ତ ପ୍ରକାର LOAN ଯୋଗାଇ ଦେଉଛି।
ସୁଧ = 1%
CONTACT
7683914951
9658224887
Plot No.4720, Shahnajaf Rd, Chandigarh-226002, At-Hemamura, Luhapank, Rairakhol, Sambalpur-768106

KUBER FINANCE
Kuber ଋଣ ଲିମିଟେଡ୍ ଭରସାର ପ୍ରତିକ ସରକାରୀ ସ୍ୱୀକୃତୀପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, କୃଷି ଆଧାରକାର୍ଡ ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ମାତ୍ର ୧ ଦିନରେ, 2% ସୁଧ 40% ଛାଡ । ଘରେ ବସି ପାଆନ୍ତୁ
ଖର୍ଚ୍ଚ ଲୋନ ପାସ ହେଲା ପରେ
Plot No-14/524, Chandini Chowk, Kolkata
8146524009
8146359004

REQUIRED / LOAN
HARI OM FINANCE
ସମଗ୍ର ଭାରତରେ କମ୍ପାନୀକୁ ଆବଶ୍ୟକତା ଅଛି, ଏଜେଣ୍ଟ, ଲୋନ୍ ଏଜେଣ୍ଟ, ଟିମ୍‌ଲିଡ଼ର।
୨୫,୦୦୦ – ୩୦,୦୦୦ ମାସିକ
ଆଧାରକାର୍ଡ଼, ପ୍ରପର୍ଟି, ପର୍ସନାଲ ଲୋନ୍
8394004932
8394004961
8394004898

CAPITAL FINANCE
ପାର୍ବଣ ଋତୁରେ ଲୋନ ମେଳା
୨୦ ବର୍ଷରୁ କ୍ୟାପିଟାଲ ଫାଇନାସ ଦ୍ୱାରା ନିଜର ମାର୍କସିଟ, ପଶୁପାଳନ, ଆଧାରକାର୍ଡ, ହୋମ୍, ମାଛଚାଷ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୪୮ ଘଣ୍ଟାରେ । ୨% ସୁଧ ୪୦%ଛାଡ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
8607237523

EDUCATION

ADMISSION OPEN
MAA TARA TARINI SCHOOL OF NURSING,
Neelachal Nagar, Berhampur
ANM/ Multipurpose Health Worker (Female) Training Programme Recognised by Govt. of Odisha H&FW Dept. Affiliated by INC, New Delhi.
We also offered Course (OT Technician, DMLT X-ray Technician)
Contact No:
9437425759
8280476992
Email : maataratarinison@gmail.com

ADMISSION OPEN FOR 2019-21
B.Ed & M.Ed
Acharya Nagarjuna University
UGC & NCTE Approved
Equivalent to Govt. of Odisha
FREE Practical & Study Material
NIDT
B.Ed Academy Since 2001
B.J.B. Nagar, Lewis Road, Bhubaneswar
9338229373, 7978204082
9438286091

BUSINESS

Hi-Tech Telecom Company Ltd.
ଖାଲିଥିବା ଜମି ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 60,000,00/-, ଭଡା 40,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ। ଦରମା - 20,000/- ଓ ଅନ୍ୟାନ ସୁବିଧା ମାତ୍ର ୭୨ ଘଣ୍ଟାରେ ଜମି ଯାଞ୍ଚ ଓ ଉପକରଣ ସ୍ଥାପନ କରନ୍ତୁ
ଠକ ମାନ ଙ୍କୁ ସାବଧାନ !
10, 2nd Floor, Subramanya Arcade. Tower D, Bannerghatta Main Road Banglore, Karnataka - 560029
Call or SMS Now
9728782718

Shinghania Tower
ନିଜର ଛାତ, ଜମି, କ୍ଷେତ, ଫ୍ଲାଟ୍ ଉପରେ ଡିଜିଟାଲ ଟାୱାର ଲଗାନ୍ତୁ। ଘରେ ବସି ରୋଜଗାର କରନ୍ତୁ । ଅଗ୍ରିମ 60 ଲକ୍ଷ + ଭଡ଼ା 45000/- + ବାଇକ୍
ଯୋଗାଯୋଗ: 8887232676
Add- Ashoka puram, Mysore, Karnataka- Pin Code 570008

ଆଗେ ଆସନ୍ତୁ, ଆଗେ ପାଆନ୍ତୁ
GOVT. APPROVED ପଞ୍ଜୀକୃତ କମ୍ପାନୀ
GLOBAL TOWER
ନିଜର ଖାଲି ଜମି, ଛାତ, କ୍ଷେତ୍ର, ଫ୍ଲାଟ୍‌ରେ ଡିଜିଟାଲ ମଲ୍ଟିମିଡିଆ ଟାୱାର ଲଗାନ୍ତୁ
ଅଗ୍ରିମ ୨୦ ଲକ୍ଷ, ଭଡ଼ା + 75000 + 25,000ର ଅନ୍ୟାନ୍ୟ ସୁବିଧା + ରହିବା ଖାଇବା ଫ୍ରି + ବାଇକ୍
7325835499
B-36/7 A-Block Vijay Enclave Burari New Delhi 74

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day | GST 5% will be added extra |
|---|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 | |

on every Tuesday & Friday


**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ହଲଚଲ ହେଉଛି ଶବ

**କାନ୍‌ବେରା:** ମୃତ୍ୟୁ ପରେ ମଣିଷ ଶରୀର ପାଖାପାଖି ବର୍ଷେ ଯାଏ ହଲଚଲ ହୁଏ ଅର୍ଥାତ ତା' ମୂଳ ଅବସ୍ଥାରେ କିଛି ଏପାଖ ସେପାଖ ହୁଏ ବୋଲି ଜାଣିବା ପରେ ଆଶ୍ଚର୍ଯ୍ୟ ଲାଗୁଛି, କିନ୍ତୁ ଏହା ସତ। ଅଷ୍ଟ୍ରେଲିଆର ବୈଜ୍ଞାନିକ ଏଲିଶନ ୱିଲ୍‌ସନ ଗବେଷଣା କରି ଏହା ଜାଣି ପାରିଛନ୍ତି। ସେ ୧୭ ମାସ ଯାଏ ଶବ ଉପରେ ନଜର ରଖି ଏବଂ ତା'ର ପ୍ରତ୍ୟେକ ମୁଭମେଣ୍ଟର ଫଟୋ ସଂଗ୍ରହ କରୁଥିଲେ। ଏଲିଶନ କହନ୍ତି, ମୃତ୍ୟୁ ପରେ ବି ମଣିଷ ଶରୀରର କିଛି ମୁଭ୍‌ମେଣ୍ଟ ହୋଇଥାଏ। ଏହି କାରଣରୁ ଅନେକ ସମୟରେ ଶବ ବଞ୍ଚିଥିବା ଭଳି ମନେହୁଏ। ଏଲିଶନଙ୍କ ଅନୁସାରେ ଗବେଷଣା ଆରମ୍ଭରୁ ଶବ ହାତ ଓ ଶରୀରକୁ ଚାପି ରଖାଯାଇଥିଲା। ସମୟ କ୍ରମେ ହାତ ଧୀରେ ଧୀରେ ବାହାରକୁ ଖସିଯାଇଥିଲା। ଏହା ଡିକମ୍ପୋଜିଶନ ବା ବିଘଟନ କାରଣରୁ ହେଉଛି ବୋଲି ସେ କହିଛନ୍ତି। ସମୟକ୍ରମେ ଯେତିକି ଯେତିକି ଶରୀର ଶୁଖିବାରେ ଲାଗେ ଶବର ଗତି ସେତିକି ବଢ଼ିଯାଏ। ଏଲିସନ କୁହନ୍ତି, ଏହି ଗବେଷଣା ହତ୍ୟାର କାରଣ ଜାଣିବାରେ ସାହାଯ୍ୟ କରିବ। ଶବ ଉପରେ ଗବେଷଣା କରିବା ପାଇଁ ଏଲିଶନ ପ୍ରତି ମାସରେ ତିନି ଘଣ୍ଟା ପାଇଁ ବିମାନରେ କେନ୍‌ବ୍ରାରୁ ସିଡ୍‌ନୀ ଯାଉଥିଲେ। ଶବର ଗତିକୁ ଅନୁଧ୍ୟାନ କରିବା ଲାଗି ଟାଇମ ଲ୍ୟାପ୍ସ କ୍ୟାମେରା ଖଞ୍ଜାଯାଇଥିଲା। ଏହା ପ୍ରତି ୩୦ ମିନିଟରେ ଶବର ଫଟୋ ନେଉଥିଲା। ମୃତ୍ୟୁ ପରେ ଶରୀରର କ'ଣ ହୁଏ ତାହା ଜାଣିବାରେ ଏଲିଶନଙ୍କର ପିଲାଦିନରୁ ଇଚ୍ଛା ରହିଥିଲା, ଯାହା ସେ ଏବେ ଜାରି ରଖିଛନ୍ତି। ଫରେନ୍‌ସିକ ସାଇନ୍ସ ଇଣ୍ଟରନ୍ୟାଶନାଲ ସିନର୍ଜି ମୁତାବକ, ଏହି ଗବେଷଣା ମୃତ୍ୟୁ ପରେ ଶରୀରର କ'ଣ ପରିବର୍ତ୍ତନ ହୁଏ ତାହା ଅଧିକ ଜାଣିବାରେ ସହାୟକ ହେବ। ଗବେଷଣାରେ ଏକ ପ୍ରକାର ସଫଳତା ପାଇଥିବାରୁ ଏଲିଶନ ଖୁସି ହୋଇଛନ୍ତି ଓ ଶବରେ କିଛି ଗତି ଲକ୍ଷ୍ୟ କରିବା ଘଟଣାକୁ ସାମ୍ନାକୁ ଆଣିଛନ୍ତି ଯାହା ଏଯାବତ କେହି ବି ବୁଝିପାରି ନାହାନ୍ତି। ଆଉ ଅଧିକ ତଥ୍ୟ ହାସଲ କରିବା ପାଇଁ ଏଲିଶନ ଚେଷ୍ଟା ଜାରି ରଖିଛନ୍ତି।



# କିସିଂ ସିନ୍ ଅଭ୍ୟାସ କରିବାକୁ କହିଥିଲେ ନିର୍ଦ୍ଦେଶକ

ଜରିନ୍‌ଙ୍କ କାଷ୍ଟିଂ କାଉଚ୍ ଅନୁଭୂତି

**ମୁମ୍ବାଇ:** ଗତ କିଛିବର୍ଷ ମଧ୍ୟରେ ରାଧିକା ଆପ୍ଟେ, କଲ୍‌କୀ କୋଚଲିନ୍ ଓ ବିଦ୍ୟା ବଲାନଙ୍କ ଭଳି ବଲିଉଡ୍ ଅଭିନେତ୍ରୀ ନିଜର କାଷ୍ଟିଂ କାଉଚ୍ ଅନୁଭବ ସମ୍ପର୍କରେ ପ୍ରକାଶ କରିଥିବା ବେଳେ ଏବେ ଏହି ତାଲିକାରେ ଆଉ ଏକ ନାଁ ଯୋଡି ହୋଇଛି। ହେଟ୍‌ଷ୍ଟୋରି-୨ ଷ୍ଟାର ଜରିନ୍ ଖାନ୍ ଏକ ଇଣ୍ଟରଭ୍ୟୁରେ କହିଛନ୍ତି, ବଲିଉଡ୍ ଜଗତରେ ନୂଆ ନୂଆ ପାଦ ଥାପିଥିବା ବେଳେ ଦୁଇ ଥର କାଷ୍ଟିଂ କାଉଚ୍‌ର ଶିକାର ହୋଇଥିଲେ। ଏକ କିସିଂ ସିନ୍‌କୁ ଅଭ୍ୟାସ କରିବାକୁ ଫିଲ୍ମ ନିର୍ଦ୍ଦେଶକ ତାଙ୍କୁ କହିଥିଲେ। କିନ୍ତୁ ଜରିନ୍ ଏହି ସିନ୍ ଅଭ୍ୟାସ କରିବାକୁ ମନା କରିଦେଇଥିଲେ। ସେହିଭଳି ଇଣ୍ଡଷ୍ଟ୍ରିର ଅନ୍ୟ ଜଣେ ବ୍ୟକ୍ତି ତାଙ୍କୁ ବନ୍ଧୁତ୍ୱରୁ ଅଧିକ ପ୍ରିୟ ହେବା ଲାଗି ପ୍ରସ୍ତାବ ଦେଇଥିଲେ। ଯଦି ସେ ଏପରି କରନ୍ତି ତେବେ ତାଙ୍କୁ ଆଗାମୀ ଫିଲ୍ମ କିପରି ମିଳିବ ସେନେଇ ସେ ଧ୍ୟାନ ଦେବେ ବୋଲି ଅଫର୍ ମଧ୍ୟ ଦେଇଥିଲେ। ହେଲେ ଏହି ଅଫର୍‌କୁ ଜରିନ୍ ମନା କରିଦେଇଥିଲେ। ଏଥିସହ ସେ କହିଛନ୍ତି, ଇଣ୍ଡଷ୍ଟ୍ରିକୁ ସେ ନୂଆ ଆସିଥିବା ବେଳେ ଲୁକ୍‌ସ ଓ ଓଜନକୁ ନେଇ ତାଙ୍କୁ ବହୁତ କମେଣ୍ଟ ଶୁଣିବାକୁ ମିଳିଛି। ଜରିନ୍ ଫିଲ୍ମ ଇଣ୍ଡଷ୍ଟ୍ରିକୁ ଆସିବା ପୂର୍ବରୁ ଏକ କଲ୍ ସେଣ୍ଟରରେ କାମ କରୁଥିଲେ। ଏୟାରହୋଷ୍ଟେସ୍ ହେବାକୁ ଇଚ୍ଛା ଥିବା ବେଳେ ଅଧିକ ଓଜନ ଯୋଗୁ ତାଙ୍କୁ ସେଥିରେ ଯିବାକୁ ସୁଯୋଗ ମିଳି ନ ଥିଲା ବୋଲି ଜରିନ୍ କହିଛନ୍ତି। ମନେପକାଇ ଦିଆଯାଇପାରେ ଯେ, ପୂର୍ବରୁ ଲୋକପ୍ରିୟ ଅଭିନେତ୍ରୀ ବିଦ୍ୟା ବଲାନ ମଧ୍ୟ ଜଣେ ନିର୍ଦ୍ଦେଶକଙ୍କ ବିରୋଧରେ କାଷ୍ଟିଂ କାଉଚ୍ ଅଭିଯୋଗ ଆଣିଥିଲେ। ସେ ଚେନ୍ନାଇରେ ଥିବା ବେଳେ ନିର୍ଦ୍ଦେଶକ ଜଣକ ତାଙ୍କୁ ଦେଖା କରିବାକୁ କହିଥିଲେ। ହେଲେ ଏକ କଫି ଶପ୍‌ରେ ଦେଖାହେବାକୁ କହିବାରୁ ସେ ତାଙ୍କୁ ହୋଟେଲ ରୁମ୍‌ରେ ଦେଖା ହୋଇ କଥା ହେବାକୁ ବାଧ୍ୟ କରିଥିଲେ ବୋଲି ବିଦ୍ୟା ପ୍ରକାଶ କରିଥିଲେ।



# ଆକ୍ରମଣ କଲେଣି ପାକିସ୍ତାନୀ ଝିଣ୍ଟିକା

**ଜୟପୁର:** ସମ୍ବିଧାନର ଅନୁଚ୍ଛେଦ ୩୭୦ ହଟାଯିବା ପରେ ଜମ୍ମୁ-କଶ୍ମୀରକୁ ନେଇ ଭାରତ ଓ ପାକିସ୍ତାନ ମଧ୍ୟରେ ବିବାଦ ଚରମ ସୀମାରେ ପହଞ୍ଚିଛି। ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍ ତୁହାକୁ ତୁହା ବର୍ଷୁଛନ୍ତି ଓ ପରମାଣୁ ଯୁଦ୍ଧର ଧମକ ବି ଦେଉଛନ୍ତି। ସେ ଯାହା ହେବା କଥା ହେବ, କିନ୍ତୁ ଯୁଦ୍ଧ ପୂର୍ବରୁ ପାକିସ୍ତାନୀ ଝିଣ୍ଟିକା ଭାରତ ବିରୋଧରେ ଯୁଦ୍ଧ ଘୋଷଣା କଲାଭଳି ପରିସ୍ଥିତି ସୃଷ୍ଟି ହୋଇଛି। ରାଜସ୍ଥାନର ଜୈସଲମେର, ବାଡମେର, ଶ୍ରୀଗଙ୍ଗାନଗର ଓ ବିକାନେର ଜିଲ୍ଲାକୁ ଝିଣ୍ଟିକା ଦଳ ପାକିସ୍ତାନରୁ ମାଡି ଆସୁଛନ୍ତି। ଫସଲ ଉପରେ ଆରମ୍ଭ କରିଦେଇଛନ୍ତି ଆକ୍ରମଣ। ରାଜସ୍ଥାନର ଏହି ୪ ଜିଲ୍ଲାର ୩୦ ହଜାର ହେକ୍ଟରରୁ ଅଧିକ ଚାଷ ଜମିକୁ ଅକ୍ତିଆର କରି ବ୍ୟାପକ କ୍ଷତି ବି କରିଚାଲିଛନ୍ତି। ଫସଲ ନଷ୍ଟ ହେବା ଯୋଗୁ ଚାଷୀମାନେ ଚିନ୍ତାରେ ପଡ଼ିଯାଇଛନ୍ତି। ଏମିତି ଅବସ୍ଥାରେ ରାଜ୍ୟ ସରକାର କ୍ଲୋରଫାଇରିଫସ୍ କେମିକାଲ କିଣିବା ଲାଗି କୃଷକଙ୍କୁ ୫୦ ପ୍ରତିଶତ ଅନୁଦାନ ଦେବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଅନୁଦାନ ରାଶି ସିଧା କୃଷକଙ୍କ ବ୍ୟାଙ୍କ ଖାତାକୁ ଯାଉଛି। ଝିଣ୍ଟିକା ଦଳ ଜୈସଲମେର ଓ ବାଡମେରରେ ସବୁଠୁ ବେଶି ଫସଲ ନଷ୍ଟ କରିଛନ୍ତି। ୪ଟି ଜିଲ୍ଲାରେ ଝିଣ୍ଟିକା ନିୟନ୍ତ୍ରଣ କକ୍ଷ ଖୋଲାଯାଇଛି। ଦିନରାତି ସେଠାରେ ସରକାରୀ କର୍ମଚାରୀ ରହୁଛନ୍ତି। କିଛି ବାଟ ନ ପାଇ କୃଷକମାନେ ବାସନ ଓ ଲହା ପାଇପ୍ ବାଡେଇ ଝିଣ୍ଟିକା ତଡୁଛନ୍ତି। ଏମିତି ହେଉଛି ଯେ, କୃଷକ ପରିବାର ଲୋକେ ଜମି ପାଖରେ ବାସନ ଓ ଲୁହା ପାଇପ୍ ଧରି ବସୁଛନ୍ତି। ଦିନ ରାତି ଏହାକୁ ବଜାଉଛନ୍ତି, ହେଲେ ପାକିସ୍ତାନୀ ଝିଣ୍ଟିକା ସହଜରେ ଯାଉନାହାନ୍ତି।



## ବ୍ରାହ୍ମଣଙ୍କ ମୃତଦେହ ସଂସ୍କାର କଲେ ୩ ମୁସଲମାନ ଭାଇ



**ଅହମ୍ମଦାବାଦ:** ଗୁଜରାଟରେ ସାମ୍ପ୍ରଦାୟିକ ହିଂସାକୁ ନେଇ କଳା ଇତିହାସ ଥିବାବେଳେ ଏହି ରାଜ୍ୟର ଅମରେଲି ଜିଲ୍ଲା ସବରକୁଣ୍ଡଲା ସହରରେ ଦେଖିବାକୁ ମିଳିଛି ଭିନ୍ନ ଘଟଣା। ଏଠାରେ ମୁସଲମାନ ପରିବାରରେ ୩ ଭାଇ ତାଙ୍କ ବାପାଙ୍କର ଜଣେ ବ୍ରାହ୍ମଣ ବନ୍ଧୁଙ୍କ ମୃତଦେହକୁ ହିନ୍ଦୁ ରୀତିନୀତି ଅନୁଯାୟୀ ସଂସ୍କାର କରିଛନ୍ତି। ସୂଚନାଯୋଗ୍ୟ, ମୃତକ ହେଲେ ଭାନୁଶଙ୍କର ପାଣ୍ଡ୍ୟା। ତାଙ୍କର ପରିବାର ବୋଲି କେହି ନ ଥିଲେ। ସେ ଦୀର୍ଘଦିନ ହେବ ମୁସଲମାନ ପରିବାରରେ ରହି ଆସୁଥିଲେ। ଆଉ ତାଙ୍କ ମୃତ୍ୟୁ ପରେ ଅବୁ, ନଜିର ଓ ଜୁବେର ନାମକ ୩ ଭାଇ ତାଙ୍କର ମୃତଦେହକୁ ସଂସ୍କାର କରିଛନ୍ତି। ବାପାଙ୍କ ବନ୍ଧୁ ହୋଇଥିବାରୁ ଏହି ୩ ଭାଇ ତାଙ୍କୁ ଦାଦା ବୋଲି ସମ୍ବୋଧନ କରୁଥିଲେ।

# ଏଠି ସମସ୍ତଙ୍କର ଗୋଟିଏ କିଡ୍‌ନୀ

**କାଠମାଣ୍ଡୁ:** ଗାଁର ପ୍ରାୟ ସବୁ ଲୋକ ଗୋଟିଏ କିଡ୍‌ନୀରେ ବଞ୍ଚୁଛନ୍ତି। ଏହି ଗାଁଟି ପଡୋଶୀ ଦେଶ ନେପାଳରେ ରହିଛି। ଗାଁର ନାଁ ହୋକ୍ସେ। କୌଣସି ରୋଗ ପାଇଁ ନୁହେଁ ବରଂ ଆର୍ଥିକ ଅନଟନରୁ ଗାଁ ଲୋକମାନେ କିଡ୍‌ନୀ ବିକ୍ରି କରୁଛନ୍ତି। ନେପାଳରେ ଆସୁଥିବା ଭୂକମ୍ପ ଯୋଗୁ ଏମାନେ ଜୀବିକା ହରାଇବା ସହ ବାସଶୂନ୍ୟ ହୋଇଯାଆନ୍ତି। ତା'ପରେ ଅଣ୍ଟା ସଳଖି ଠିଆ ହେବା ଏମାନଙ୍କ ପାଇଁ କାଠିକର ପାଠ। ତେଣୁ ଏମାନେ କିଡ୍‌ନୀ ବିକ୍ରି କରି ଯାହାପାଆନ୍ତି ସେଥିରେ ପୁଣି ଥରେ ଘର ତିଆରି କରନ୍ତି ଓ ନିଜର ଗୁଜୁରାଣ ମେଣ୍ଟାନ୍ତି। ଏଠାରେ ଦିନକୁ ଦିନ କିଡ୍‌ନୀ ବିକ୍ରି ଘଟଣା ବଢ଼ିଯିବା ଫଳରେ ପଡୋଶୀ ଦେଶରୁ ଦଲାଲମାନେ ଯାଇ ସେମାନଙ୍କୁ ପ୍ରଲୋଭନ ଦେଖାଇ କିଡ୍‌ନୀ ସଂଗ୍ରହ କରୁଛନ୍ତି।



# ସ୍ମୃତିର ଅବଧି ୨ ଘଣ୍ଟା



ରିଲେ ହାର୍ନର

**ଶିକାଗୋ:** ମିଷ୍ଟର ପରଫେକ୍ଟନିଷ୍ଟ ଆମୀର ଖାନ୍‌ଙ୍କ ଅଭିନୀତ ବ୍ଲକବଷ୍ଟର ଫିଲ୍ମ 'ଗଜନୀ'। ଖଳନାୟକ ଗଜନୀଙ୍କ ମରଣାନ୍ତକ ଆକ୍ରମଣରେ ଚଳଚ୍ଚିତ୍ରର ନାୟକ ସଞ୍ଜୟ ସିଙ୍ଘାଣିଆ ଓରଫ୍ ଆମୀର ଶିକାର ହୁଅନ୍ତି ଜଟିଳ 'ଆଣ୍ଟେରୋଗ୍ରେଡ୍ ଆମ୍ନେସିଆ'ରେ। ନାୟକଙ୍କ ନିକଟରେ ଦେଖିବାକୁ ମିଳେ ଏକ ଅଜବ ବ୍ୟତିକ୍ରମ। ତାଙ୍କ ସ୍ମୃତିଶକ୍ତିର ଅବଧି ମାତ୍ର ୫ ମିନିଟ ହୋଇଯାଏ, ଯାହାକୁ ଇଂଲିଶରେ କୁହାଯାଏ 'ଶର୍ଟ ଟର୍ମ ମେମୋରି ଲସ୍'। ଏହା ପରର ଘଟଣା ହିଁ ଫିଲ୍ମଟିକୁ ଦେଶ ବିଦେଶରେ ଦେଇଥିଲା ଅଜସ୍ର ସଫଳତା। ଏପରି ନିଆରା ଚଳଚ୍ଚିତ୍ରକୁ ବେଶ୍ ପସନ୍ଦ କରିଥିଲେ ଦର୍ଶକ।

ଏପରି ଏକ ଘଟଣାର ପୁନରାବୃତ୍ତି ହୋଇଛି ଆମେରିକାରେ। ମୁଣ୍ଡରେ ଆଘାତ ଲାଗିବା ଯୋଗୁ ବଦଳି ଯାଇଛି ୧୬ ବର୍ଷୀୟା କିଶୋରୀ ରିଲେ ହାର୍ନରଙ୍କ ଜୀବନ। ୨୦୧୯ ଜୁନ୍ ୨୧। ଫ୍ୟୁଚର ଫାର୍ମର୍ସ ଅଫ୍ ଆମେରିକା (ଏଫ୍‌ଏଫ୍‌ଏ) କନ୍‌ଭେନଶନରେ ଚାଲିଥିଲା ଡ୍ୟାନ୍ସ ପ୍ରୋଗ୍ରାମ। ଏହି ସମୟରେ ଘଟିଗଲା ଦୁର୍ଘଟଣା। ଅସାବଧାନତାରୁ ରିଲେଙ୍କ ମୁଣ୍ଡରେ ଲାଗିଲା ଗଭୀର ଆଘାତ। ଏହାପରେ ତାଙ୍କ ଜୀବନ ଆଉ ସ୍ୱାଭାବିକ ହୋଇ ରହିନାହିଁ। ପ୍ରତି ୨ ଘଣ୍ଟାରେ ତାଙ୍କ ସହ ଘଟିଥିବା ସମସ୍ତ ଘଟଣାକୁ ସେ ଭୁଲିଯାଉଛନ୍ତି। କାହା ସହିତ ମିଶିଛନ୍ତି, କ'ଣ କଥା ହୋଇଛନ୍ତି, କ'ଣ ଖାଇଛନ୍ତି, କ'ଣ ପିଇଛନ୍ତି ଏପରି ଛୋଟମୋଟ ଘଟଣା ବି ତାଙ୍କର ମନେରହୁନି। କହିବାକୁ ଗଲେ ତାଙ୍କ ଜୀବନ ମାତ୍ର ୨ ଘଣ୍ଟା ମଧ୍ୟରେ ସୀମିତ ହୋଇ ରହିଯାଇଛି। ଆଘାତପ୍ରାପ୍ତ ହେବାପରେ ତାଙ୍କୁ ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଚିକିତ୍ସା ମଧ୍ୟ କରାଗଲା। ହେଲେ ତାଙ୍କ ନିକଟରେ ଡାକ୍ତର ଖୋଜିପାଇଲେନି କୌଣସି ରୋଗର ଲକ୍ଷଣ। ଯେଉଁଠି ରୋଗ ହିଁ ଜଣାପଡୁନାହିଁ, ସେଠି ଚିକିତ୍ସା କିପରି କରାଯିବ ସେ ନେଇ ଏବେ ଚିନ୍ତାରେ ପଡ଼ିଛନ୍ତି ବିଶେଷଜ୍ଞ। ନିଜର ଅନୁଭୂତି ବଖାଣି ରିଲେ କୁହନ୍ତି, କୌଣସି କଥା ତାଙ୍କର ମନେରହୁନି। ଏହା ତାଙ୍କ ଭିତରେ ଭୟ ସୃଷ୍ଟି କରୁଛି। ଏଥିପାଇଁ ତାଙ୍କ ମା' ବେଶ୍ ପରିଶ୍ରମ କରୁଛନ୍ତି। ଦୈନନ୍ଦିନ ଜୀବନଚର୍ଯ୍ୟା ସମ୍ପର୍କରେ ତାଙ୍କ ପ୍ରକୋଷ୍ଠରେ କ୍ୟାଲେଣ୍ଡର ରୁଟିନ୍ ଟଙ୍ଗାଯାଇଛି। କ୍ୟାଲେଣ୍ଡରରେ କୌଣସି ଏକ ପର୍ବପର୍ବାଣି ବିଷୟରେ ଲେଖା ହୋଇଥିବା ଦେଖିଲେ ମନ ଆପଣାଛାଏ ଖୁସି ହୋଇଯାଏ। ହେଲେ ପରବର୍ତ୍ତୀ ମୁହୂର୍ତ୍ତରେ ସବୁ କିଛି ପୁଣି ବଦଳିଯାଏ। ମୁଣ୍ଡରେ ଆଘାତ ଲାଗିବା ପରେ ଜୀବନ ଅଟକି ଯାଇଛି। ଯଦି କିଛି ମନେ ଅଛି ତାହା ହେଲା ଜୁନ୍ ୨୧।

ରିଲେଙ୍କ ମା' ସାରା କୁହନ୍ତି, ଡାକ୍ତର କହୁଛନ୍ତି ସମୟକ୍ରମେ ଝିଅ ସ୍ୱାଭାବିକ ଜୀବନ ଫେରିପାଇବ। ହେଲେ ଏଯାଏ ସେମିତି କିଛି ଘଟୁନାହିଁ। ବେଳେବେଳେ ଲାଗୁଛି, ରିଲେଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଆଉ କେବେ ସୁଧାର ଆସିବନି। ଝିଅର ଇଚ୍ଛା ଥିଲା ମେଡିକାଲରେ କ୍ୟାରିୟର କରିବା। ହେଲେ ଏବେ ତା'ର ଏମିତି ଅବସ୍ଥାରେ ଭଲ ଚାକିରି ଖଣ୍ଡେ ମିଳିବା ବି ମୁସ୍କିଲ। ରିଲେଙ୍କ ପରି ଆମେରିକାର କେଟାଲିନ୍ ଲିଟର ମଧ୍ୟ ସମାନ ଧରଣର ଜଟିଳ ବ୍ୟାଧିର ଶିକାର। ୨୦୧୭ରେ କେଟାଲିନ୍‌ଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଏହା ପରେ ତାଙ୍କ ନିକଟରେ ମଧ୍ୟ ସ୍ମୃତିଶକ୍ତି ହରାଇବା ଲକ୍ଷଣ ଦେଖିବାକୁ ମିଳିଛି। ରିଲେଙ୍କ କ୍ଷେତ୍ରରେ ଯାହା ୨ ଘଣ୍ଟାରେ ଘଟୁଛି, ସମାନ ଘଟଣା ୧୨ ଘଣ୍ଟାରେ ଭୋଗୁଛନ୍ତି କେଟାଲିନ୍।

## ଇତିହାସର ଆଇନାରେ

### ସେପ୍ଟେମ୍ବର ୧୭ର ପ୍ରମୁଖ ଘଟଣା

୧୯୫୦ ସେପ୍ଟେମ୍ବର ୧୭ରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜନ୍ମଗ୍ରହଣ କରିଥିଲେ। ୨୦୦୧ରୁ ୨୦୧୪ ମଧ୍ୟରେ ସେ ଗୁଜରାଟର ମୁଖ୍ୟମନ୍ତ୍ରୀ ହେବା ପରେ ଦେଶର ୧୪ତମ ପ୍ରଧାନମନ୍ତ୍ରୀ ହେବାର ସୌଭାଗ୍ୟ ଅର୍ଜନ କରିଥିଲେ। ପ୍ରଚଣ୍ଡ ହିନ୍ଦୁବାଦୀ ନେତାଭାବେ ଭାଜପାର ଏହି ବାରାଣସୀ ସାଂସଦ ଲଗାତର ଦୁଇଥର ପ୍ରଧାନମନ୍ତ୍ରୀ ହେବା ଲାଗି ପୂର୍ଣ୍ଣ ବହୁମତ ହାସଲ କରିବାରେ ସଫଳ ହୋଇଥିଲେ।

୨୦୧୬ ସେପ୍ଟେମ୍ବର ୧୭ରେ ନ୍ୟୁୟର୍କ ମେଟ୍ରୋପଲିଟାନ୍ ଅଞ୍ଚଳରେ ସିରିଜ୍ ବୋମା ବିସ୍ଫୋରଣ ହେବା ଫଳରେ ୩୧ ଜଣ ଆହତ ହୋଇଥିଲେ। ନ୍ୟୁଜର୍ସିର ସିସାଇଡ୍ ପାର୍କ ନିକଟରେ ପାଇପ୍ ବୋମା ବିସ୍ଫୋରଣ, ଚେଲ୍‌ସିଆରେ ପ୍ରେସର୍ କୁକର ବୋମା ବିସ୍ଫୋରଣ କରାଯାଇଥିବାବେଳେ ନ୍ୟୁଜର୍ସିରେ ଅନେକ ବୋମା ଠାବ କରାଯାଇଥିଲା। ଏହାକୁ ନେଇ ଲୋକେ ଆତଙ୍କିତ ହୋଇପଡ଼ିଥିଲେ।




ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ**-ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର କେତେକ ଜିଲ୍ଲାରେ ପାଗ ମେଘୁଆ ରହିବା ସହ ବର୍ଷା ଓ ଘଡ଼ଘଡ଼ି ହେବାର ସମ୍ଭାବନା ରହିଛି। **ସ୍ଥାନୀୟ ଅଞ୍ଚଳ**- ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବ। କେତେକ ସ୍ଥାନରେ ବର୍ଷା ସହ ଘଡ଼ଘଡ଼ି ମାରିବାର ସମ୍ଭାବନା ରହିଛି। ମଙ୍ଗଳବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୪ ଡିଗ୍ରୀ ଏବଂ ସର୍ବନିମ୍ନ ୨୬ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ସୋମବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୩.୫ | ୨୪.୬ |
| ଚାନ୍ଦବାଲି | ୩୫.୦ | ୨୬.୮ |
| କଟକ | ୩୪.୮ | ୨୪.୪ |
| ପାରାଦ୍ୱୀପ | ୩୨.୦ | ୨୮.୦ |
| ଭୁବନେଶ୍ୱର | ୩୪.୯ | ୨୬.୫ |
| ଗୋପାଳପୁର | ୩୨.୮ | ୨୬.୯ |
| ପୁରୀ | ୩୩.୬ | ୨୭.୦ |
| ଅନୁଗୋଳ | ୩୬.୧ | ୨୨.୦ |
| ବାରିପଦା | ୩୩.୫ | ୨୫.୬ |
| ଝାରସୁଗୁଡ଼ା | ୩୩.୦ | ୨୬.୦ |
| କେନ୍ଦୁଝର | ୩୧.୮ | ୨୪.୦ |
| ସମ୍ବଲପୁର | ୩୫.୬ | ୨୫.୭ |
| ସୁନ୍ଦରଗଡ଼ | ୩୧.୦ | ୨୩.୦ |
| ହୀରାକୁଦ | ୩୩.୪ | ୨୬.୭ |
| ତାଳଚେର | ୩୩.୬ | ୨୫.୧ |
| ଭବାନୀପାଟଣା | ୩୩.୫ | ୨୫.୩ |
| ବଲାଙ୍ଗୀର | ୩୩.୩ | ୨୫.୫ |
| କୋରାପୁଟ | ୨୯.୬ | ୨୧.୦ |
| ଫୁଲବାଣୀ | ୩୨.୦ | -- |
| ଟିଟିଲାଗଡ଼ | ୩୩.୦ | ୨୧.୫ |
| ମାଲକାନଗିରି | ୩୦.୦ | -- |
| ସୋନପୁର | ୩୫.୮ | ୨୨.୦ |
| ଦାରିଙ୍ଗିବାଡ଼ି | ୩୦.୦ | ୧୭.୦ |

ଡିଗ୍ରୀ ସେଲ୍‌ସିୟସ୍

**OFFICE OF THE NOTIFIED AREA COUNCIL, ASKA, GANJAM**

Letter No. 1151/2019 Date: 16.09.2019

**Bid Identification No. - ASKA-NAC- 03/2019-20**

Bid document consisting of work, estimated cost, cost of Tender paper, EMD, Time of completion, Class of contractors and the set of terms and condition and condition of contract and other necessary documents can be seen in Govt. website i.e. **www.tendersorissa.gov.in**.
Total number of Civil works: **2 Nos.**, Estimated Cost for civil works: **Rs. 16,75,286/-**, Date & time of availability of Bid documents in the portal: **Dt.17.09.2019 of 11.00AM to dt.26.09.2019 of 5.00PM for online bidding**, Last date of receipt of Bid through online: **Dt.26.09.2019 upto 5.00PM**, Offline receipt of tender documents: **Dt.30.09.2019 upto 5.00PM through Registered Post / Speed Post only**, Date of opening of Bid: **Dt.01.10.2019 at 11.00AM.**

*Sd./- Executive Officer, Aska NAC*

**PARADIP PORT TRUST**

**CORRIGENDUM TO E-TENDER CALL NOTICE NO. EM/MM/P/PAINTS/05/ 2019/1908TDR172 DT.31.08.2019, FOR SUPPLY PAINTS.**

The Brand / Make of the Paints offered shall be Jotun / Sigmamarine / Hempel / Akzonoble International. Accordingly the technical specification containing bill of materials at Annexure-II of tender is amended.
All other terms and conditions in the original tender remained unaltered. For details, log on to our website https://eprocure.gov.in/eprocure/app or contact the office of the undersigned.

**Sr. Dy. Materials Manager**
**PPT/PR/327/19-20 Dt.13.09.2019**

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲି଼.
**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
O/o the GM (Elect.) E.H.T. Construction Circle, Bhubaneswar-22. **CIN: U40102OR2004SGC007553**

Advt. No. GM-EHT(C)CIRCLE-BBSR-03/2019-20 Dated 16.09.2019

**NOTICE INVITING TENDER**

Sealed tenders are invited from registered goods transport agencies having valid transport license of at least One year experience in goods transportation work, GSTIN, PAN, Contract labour license, EPF & ESI registration to carry out the work "Loading and transportation of various transmission line materials from Bharatipur Store, Pipili and unloading the same with proper sorting and stacking at E.H.T (Constn.) Store, Mancheswar". **Cost of Tender Paper (Non-refundable) :** Rs.4,000/- +12% GST=Rs.4,480/- only. **EMD :** 1% of total estimated cost. **Sale of Tender Documents :** From 20.09.2019 to 10.10.2019 (11:00 AM to 03:00 PM). **Last Date of Submission of Tender :** 11.10.2019 up to 03.00 PM. **Date & Time of Opening of Tender :** 11.10.2019 at 04:00 PM. For details, please visit our website **www.optcl.co.in. Corrigendum, if any, will be published in the website or in the office notice board only.**

Sd/- **General Manager (Elect.)**

Please connect us: optcl.odisha optcl_odisha energyodisha

**PARADIP PORT TRUST**

**e-TENDER CALL NOTICE No. AD/OE/GL-07/13(Vol.V)/3044, Dtd.12.09.2019**

Name of the work : **"Providing secretarial and other assistance for official works of Administrative Department for a period of one year"** Estimated cost put to tender **₹2,13,43,803/-**. The last date & time of submission of bid is **03.10.2019** upto **1700 Hrs**. For details please refer our website :www.paradipport.gov.in/ https://eprocure.gov.in/eprocure/app.

**Asst. Secretary (Admn.)**
**PPT/PR/330/19-20, DT.13.09.2019**

सेन्ट्रल माईन प्लानिंग एण्ड डिजाईन इन्स्टीच्यूट लिमिटेड
cmpdi A Mini Ratna Company
**CENTRAL MINE PLANNING AND DESIGN INSTITUTE LIMITED**
(A Subsidiary of Coal India Limited)
Regional Institute-VII, Plot No : E-4, Near Gandhi Park, Samantapuri, PO : RRL, Bhubaneswar-751013(Odisha)

**NO. CMPDI/RI-VII/ENVT/BBSR/2019 Dated : 10-09-19**

Offers are invited for CMPDI, RI-VII, Near Mahatma Gandhi Park PO - RRL Bhubaneswar through e-Tendering (online bidding) only :
**Tender Notice No. & Date :** NIT NO. : CMPDI/RI-VII/BBSR/ENV/e-T/2019/E-362810 Dtd. : 10-09-2019. **Description : Baseline Data Collection/Generation and Analysis of Various samples of Group I (Air, Water, Noise and Soil) for Integrated Lakhnapur-Belpahar-Lilari OCP of MCL.**
The details of the tenders are available on following website www.cmpdi.co.in, www.eprocure.gov.in & https://coalindiatenders.nic.in.
Important note to all prospective bidder : For ON-LINE bidding, the bidders should possess Class II/III Digital Signature Certificate (DSC) and enroll themselves at www.coalindiatenders.nic.in. For any query, contact HoD (Environment), CMPDI, RI-VII, Bhubaneswar Tel No.0674-2303482 Mobile No.9438881032, 9438881086.

**HoD (Environment)**

**PARADIP PORT TRUST**

**e-Tendering Notice**

Online tenders in three bid system i.e. (1) EMD Bid (2) Technical Bid (3) Price Bid are invited from manufacturers for supply of **Steel cord conveyor belt**. The last date and time of submission of the tender is **17.15 hrs. on 03.10.2019.** For details, log on to website : **https://eprocure.gov.in/eprocure/app**

**Sr. Dy. Materials Manager,**
**PPT/PR/328/19-20 Dt : 13.09.2019**

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲି଼.
**ODISHA POWER TRANSMISSION CORPORATION LIMITED**
OPTCL Lifeline of Odisha
(A Government of Odisha Undertaking)
Regd. Office : Janpath, Bhubaneswar - 751022 **CIN: U40102OR2004SGC007553**

**e-TENDER NOTICE NO.: CPC-12/2019-20**

For & on behalf of ODISHA POWER TRANSMISSION CORPORATION LIMITED, Senior General Manager (C.P.C) invites Tenders from reputed manufacturers in two part bidding system for Supply of 33KV Vacum Circuit breakers. The interested bidders would be required to enroll themselves on the tender portal **www.tenderwizard.com/OPTCL**. Complete set of bidding documents are available at **www.tenderwizard.com/OPTCL** from **dt.17.09.2019 (10:00 AM)** to **dt.15.10.2019 (12:30 PM)**. Interested manufacturers may visit OPTCL's official website **http://www.optcl.co.in** and **www.tenderwizard.com/OPTCL** for detail specification.

| Tender Specification No. | Description of equipment / Materials | Quantity in Nos. | Delivery schedule | Earnest Money Deposit (in Rs.) | Cost of Tender Spec. document (in Rs.) | Last date of receipt & Opening of tender |
|---|---|---|---|---|---|---|
| Sr. G.M.-CPC-Tender-C.B-12/2019-20 | 36 KV Vacuum Circuit breakers. | 40 | (As per Appendix-I of technical specification) 4 months from the issue of P.O. | 85,250/- | 12,000/- (INR) + (GST) @ 12% = 13,440/- | 15.10.2019 (01:0 PM) & 15.10.2019 (03:00 PM) |

The bidders can view the tender documents from website free of cost.
**N.B:** All subsequent addendum / corrigendum to the tender shall be hosted in the OPTCL's official website **http://www.optcl.co.in** and **www.tenderwizard.com/OPTCL** only.

Sd/-
**CR Advt. No. 12/2019-20** **Senior General Manager (C.P.C.)**

Please connect us: optcl.odisha optcl_odisha energyodisha



ମନୁଷ୍ୟ ଯାହା ଚିନ୍ତା କରୁଥାଏ, ତା'ର ଚିନ୍ତାଧାରା ସେହି ଅନୁସାରେ ପ୍ରବାହିତ ହୁଏ।
-ଫ୍ରାନ୍ସିସ୍ ବାକନ

## ସଂକ୍ଷେପରେ

### ପାୱାର ଚ୍ୟାନେଲରେ କୁମ୍ଭୀର

ସମ୍ବଲପୁର,୧୬।୯ (ବ୍ୟୁରୋ)- ହୀରାକୁଦ ଡ୍ୟାମ୍ ତଳ ମୁଣ୍ଡ ପାୱାର ଚ୍ୟାନେଲର ମୁଣ୍ଡୋଘାଟ ନିକଟରେ ସୋମବାର ସନ୍ଧ୍ୟାରେ ୩ଟି କୁମ୍ଭୀର ଦେଖିବାକୁ ମିଳିଛି। ୩ ଜଣ ଗ୍ରାମବାସୀ ଏହାକୁ ଦେଖି ଭୟଭୀତ ହୋଇ ଯାଇଥିଲେ। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଭୟ ସୃଷ୍ଟି ହୋଇଛି । ମୁଣ୍ଡୋଘାଟ ନିକଟରେ ଲୋକଙ୍କ ଭିଡ ଜମୁଛି । ଖବର ପାଇଁ ବନ ବିଭାଗର ଟିମ୍ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରିଛନ୍ତି। ରାତିରେ ମଧ ବନ ବିଭାଗ ଟିମ୍ ସେଠାରେ ଉପସ୍ଥିତ ରହିଛନ୍ତି । ସମ୍ବଲପୁର ଡିଏଫଓ ଡ. ସଞ୍ଜୀତ କୁମାର କହିଛନ୍ତି ଯେ, ବନ୍ୟାପାଣିରେ ଉପରମୁଣ୍ଡରୁ କୁମ୍ଭୀର ଭାସି ଆସିଥିବେ। ଡ୍ୟାମ୍‌ରେ ଗେଟ୍‌ଗୁଡିକ ଖୁଲାଥିବାରୁ ତଳ ମୁଣ୍ଡକୁ ଯିବାକୁ ସୁବିଧା ହୋଇଛି।

### ଭାଗବତ ଯଜ୍ଞ ଉଦ୍‌ଯାପିତ

ଦେବଗଡ,୧୬।୯(ଡ଼ି.ଏନ.ଏ.)
ତିଳେଇବଣି ବ୍ଲକ ବଡ଼ଛାପଲ ପଞ୍ଚାୟତ କୁଟୁରାପୋଶି ଘାଗିସାହିରେ ଚାଲିଥିବା ଭାଗବତ ଜନ୍ମ ଉପଲକ୍ଷେ କରାଯାଇଥିବା ଯଜ୍ଞ ଉଦ୍‌ଯାପିତ ହୋଇଯାଇଛି । କର୍ତ୍ତାଭାବେ ଦଃଖବନ୍ଧୁ ସାହୁ କାର୍ଯ୍ୟ ତୁଲାଇଥିଲେ । ଭୀମ୍‌ସେନ ସାହୁ, ସୁରେଶ ଚନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ହ୍ରୀତିକୃଷ୍ଣ ସାହୁ, ଉମାକାନ୍ତ ସାହୁ, ମିଳନ ଦେହୁରୀ, ଲକ୍ଷ୍ମୀ ସାହୁ, କେଶବ ସାହୁ, ପୁରୁଷୋତ୍ତମ ସ୍ୱାଇଁ, କୃପାସିନ୍ଧୁ ସାହୁ, ଦିଗାମ୍ବର ସାହୁ ପ୍ରମୁଖ ସହଯୋଗ କରିଥିଲେ ।






ସମ୍ବଲପୁର ଜିଲା ମୁରା ହାଇସ୍କୁଲ ଛାତ୍ରୀ ନିବାସରେ ତାଲା ପଡିଛି । ସମ୍ବଲପୁର ଜିଲା ମୁରା ହାଇସ୍କୁଲରେ ମହିଳମାନେ ଅଭିଯୋଗ କରିବାକୁ ଆସିଛନ୍ତି ।

### ମୁରା ସ୍କୁଲରେ ସମସ୍ୟା ପିଛା ଛାଡୁନାହିଁ

# ୧୦ ଦିନ ହେଲା ଛାତ୍ରୀନିବାସ ବନ୍ଦ

ସମ୍ବଲପୁର ବ୍ୟୁରୋ/ପଡ଼ିଆବାହାଲ, ୧୬।୯ (ଡି.ଏନ.ଏ.)

ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ ମୁରା ନୋଡାଲ ହାଇସ୍କୁଲରେ ସମସ୍ୟା ପିଛା ଛାଡୁନାହିଁ । ସୋମବାର ଏହାକୁ ନେଇ ଅଭିଭାବକ ଓ ଗ୍ରାମବାସୀଙ୍କ ଅସନ୍ତୋଷ ଦେଖାଦେଇଛି । ୧୦ ଦିନରୁ ଊର୍ଦ୍ଧ୍ୱ ହେବ ଛାତ୍ରୀ ନିବାସ ବନ୍ଦ ହୋଇ ରହିଛି । ନୂଆଁଖାଇ ଛୁଟି ପରେ ୫ ତାରିଖ ସ୍କୁଲ ପରିସରରେ ଘଟିଥିବା ହତ୍ୟାକାଣ୍ଡ ପରଠାରୁ ଏହା ବନ୍ଦ ରହିଛି । ମହିଳାମାନେ ସ୍କୁଲକୁ ଯାଇ ଦାୟିତ୍ୱରେ ଥିବା ପ୍ରଧାନଶିକ୍ଷକ ବାସୁଦେବ ବେହେରାଙ୍କୁ

#### ଅଭିଭାବକ, ଗ୍ରାମବାସୀଙ୍କ ଅସନ୍ତୋଷ

ଭେଟି ଅଭିଯୋଗ କରିଛନ୍ତି। ସ୍କୁଲରେ ବାରମ୍ବାର କୌଣସି ଘଟଣାକୁ ନେଇ ବିବାଦ ଲାଗି ରହୁଛି । ପରିଚାଳନାରେ ତ୍ରୁଟି, ମଧ୍ୟାହ୍ନ ଭୋଜନରେ ଘୋଟାଲା କରାଯାଉଛି । ୫୫ ଜଣ ଛାତ୍ରୀ ଏବେ ହଷ୍ଟେଲ ଖୋଲା ନ ଥିବାରୁ ପାଠପଢି ପାରୁନାହାନ୍ତି । ପାଖ ଗ୍ରାମରେ ରହୁଥିବା ଅଳ୍ପ କେତେଜଣ ଛାତ୍ରୀ ଘରୁ ସ୍କୁଲ ଯିବା ଆସିବା କରୁଛନ୍ତି। ହଷ୍ଟେଲର ଅଧିକାଂଶ ଛାତ୍ରୀ ସ୍କୁଲ ଆସି ପାରୁନାହାନ୍ତି। ସ୍କୁଲ ପରିସରରେ ଅଧ୍ୟାପକ ହୃଦାନନ୍ଦ ପ୍ରଧାନଙ୍କୁ ହତ୍ୟା କରାଯାଇଥିଲା। ଏଥିରେ ହଷ୍ଟେଲରେ କାମ କରୁଥିବା ମେଟ୍ରନଙ୍କୁ ମଧ ପୋଲିସ ସନ୍ଦେହ କରି ଜେରା କରିଥିଲା । ଫଳରେ ସ୍କୁଲ ଓ ଗ୍ରାମର ବଦନାମ ହୋଇଛି । ପିଲାମାନଙ୍କୁ ପାଠ ପଢାଇବା ବଦଳରେ ଏଠାରେ ଅଯଥାରେ ରାଜନୀତି କରାଯାଉଛି । ତେଣୁ ମେଟ୍ରନଙ୍କୁ ବହିଷ୍କାର କରାଯାଉ ଓ ଆପଣ ମଧ ବଦଳି ନେଇ ସ୍କୁଲରୁ ଚାଲି ଯାଆନ୍ତୁ ବୋଲି କହିଥିଲେ। ପ୍ରଧାନ ଶିକ୍ଷକ ବେହେରା ଏହା ମୋ ହାତରେ ନାହିଁ । ଛାତ୍ରୀନିବାସ ବନ୍ଦ ଥିବା ନେଇ ଜିଲା ସମାଜ ମଙ୍ଗଳ ଅଧିକାରୀଙ୍କୁ ଜଣାଇ ଦିଆଯାଇଛି ବୋଲି କହିଥିଲେ। ଅନ୍ୟପଟେ ଗ୍ରାମବାସୀ ମଧ ମାନେଶ୍ୱର ବ୍ଲକରେ ହେଉଥିବା ଜିଲାପାଳ ଅଭିଯୋଗ ଶୁଣାଣିରେ ସୋମବାର ଜିଲାପାଳ ଶୁଭମ ସକସେନାଙ୍କୁ ଅଭିଯୋଗ କରିଥିଲେ। ସ୍କୁଲ ସମସ୍ୟାକୁ ତୁରନ୍ତ ସମାଧାନ କରାଯାଉ ବୋଲି ଦାବି କରିଥିଲେ। ଏ ସମ୍ପର୍କରେ ପ୍ରଧାନ ଶିକ୍ଷକ ବାସୁଦେବ ବେହେରାଙ୍କୁ ପଚାରିବାରୁ ସ୍କୁଲରେ ୬ଟି ପଦବୀ ଖାଲି ପଡିଛି। ପ୍ରଧାନଶିକ୍ଷକ ପଦବୀ ମଧ ଖାଲି ପଡିଛି। ତେଣୁ ଭାରପ୍ରାପ୍ତ ଭାବେ କାର୍ଯ୍ୟ ତୁଲାଉଛି। ଶୀଘ୍ର ପଦବୀଗୁଡିକ ପୂରଣ କରିବାକୁ ବିଭାଗ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଥିବା କହିଥିଲେ ।

## ଫଟୋରେ ଖବର



ସମ୍ବଲପୁର କଚେରୀ ଛକ-ଚାଉଁରପୁର ମହାନଦୀ ସେତୁର ସଂଯୋଗ ସ୍ଥଳ ଦବି ଯାଇ ଫାଟ ସୃଷ୍ଟି ହୋଇଛି ।

### କୋଶଳ ସେନାର ନୂତନ କର୍ମକର୍ତ୍ତାଙ୍କ ଦାୟିତ୍ୱ ଗ୍ରହଣ

# କୋଶଳର ବାର୍ତ୍ତା ଗ୍ରାମାଞ୍ଚଳରେ ପହଞ୍ଚିବ

ସମ୍ବଲପୁର, ୧୬।୯ (ବ୍ୟୁରୋ)

କୋଶଳ ସେନାର ସାଂଗଠନିକ ବୈଠକ ଗୋଡ଼ଭଗା ନିକଟସ୍ଥ ପ୍ରଭୁଭକ୍ତି ଆଶ୍ରମଠାରେ ଅନୁଷ୍ଠିତ ହୋଇଯାଇଛି। କୋଶଳ ରାଜ୍ୟ ଆନ୍ଦୋଳନକୁ ନୂତନ ରୂପରେଖ ଦିଆଯିବ । ପ୍ରତି ଜିଲା ମୁଖ୍ୟାଳୟ, ବ୍ଲକ ସମେତ ଗ୍ରାମାଞ୍ଚଳରେ କୋଶଳ ରାଜ୍ୟର ବାର୍ତ୍ତା ପହଞ୍ଚିବ । ଜନସାଧାରଣଙ୍କୁ କୋଶଳ ରାଜ୍ୟର ଆବଶ୍ୟକତା ଉପରେ ସଚେତନ କରାଯିବ ବୋଲି ବୈଠକରେ ସ୍ଥିର କରାଯାଇଛି । ଏହି ଅବସରରେ କୋଶଳ ସେନାର ନୂତନ କର୍ମକର୍ତ୍ତା ମନୋନୟନ କରାଯାଇଥିଲା । ସୁଶାନ୍ତ ମିଶ୍ର ସଭାପତି, ଶ୍ରୀକାନ୍ତ ପ୍ରଧାନ ସମ୍ପାଦକ, ଅଶୋକ ଛତର୍ ଓ ବୀରବଲ ମହାକୁର ଯୁଗ୍ମ କୋଷାଧ୍ୟକ୍ଷ, ଅରବିନ୍ଦ ପଣ୍ଡା,ଜନାର୍ଦ୍ଦନ ପ୍ରଧାନ ଉପଦେଷ୍ଟା ଭାବେ ମନୋନୀତ ହୋଇଛନ୍ତି । ବୈଠକରେ ଅର୍ପଣ ନାୟକ, ବାସୁଦେବ କମ୍ପ, ଗଣେଶ ମଟାରୀ, କରୁଣାକର ପଟେଲ, ଲରେନ୍ସ ପ୍ରଧାନ, ଜୟରାମ ଶତପଥି, ଯୋଗେଶ୍ୱର ମେହେର, କୃତାର୍ଥ ପ୍ରଧାନ, ସୁନୀଲ ଭୋଇ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ ।



ଗୋଡଭଗା ନିକଟସ୍ଥ ପ୍ରଭୁଭକ୍ତି ଆଶ୍ରମଠାରେ ମନୋନୟନ କୋଶଳ ସେନାର ନୂତନ କର୍ମକର୍ତ୍ତାମାନେ ।



କୁଚିଣ୍ଡା ଟାଉନହଲ୍‌ରେ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମରେ ଅତିଥିମାନେ।

## କୁଚିଣ୍ଡା ବ୍ଲକ୍ ବିଜେଡି ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍

କୁଚିଣ୍ଡା,୧୬।୯ (ଡି.ଏନ.ଏ.)

କୁଚିଣ୍ଡାସ୍ଥିତ ଟାଉନ ହଲଠାରେ କୁଚିଣ୍ଡା ବ୍ଲକ ବିଜେଡି ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକର ୧୭ଟି ଗ୍ରାମପଞ୍ଚାୟତ ଅଧୀନ ଗ୍ରାମଗୁଡିକରୁ ଶତାଧିକ କର୍ମୀ ଓ ନେତୃବର୍ଗ ଯୋଗଦେଇଥିଲେ । କୁଚିଣ୍ଡା ବ୍ଲକ ସଭାପତି ଅମୂଲ୍ୟ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସ୍ଥାନୀୟ ବିଧାୟକ କିଶୋର ନାଏକ ଯୋଗଦେଇ ନବୀନ ପଟ୍ଟନାୟକ ସରକାରଙ୍କ ଜନାଭିମୁଖି କାର୍ଯ୍ୟକ୍ରମଗୁଡିକୁ କିପରି ସାଧାରଣଙ୍କ ପାଖକୁ ପହଞ୍ଚାଇ ଲୋକଙ୍କ ପ୍ରିୟଭାଜନ ହୋଇ ପାରିବେ ସେ ନେଇ କର୍ମୀମାନଙ୍କୁ ଉଦବୋଧନ ଦେଇଥିଲେ। ଅନୁଷ୍ଠିତ ସଭାରେ କୌଣସି ପୁରୁଣା ବିଜେଡି କର୍ମୀ କିମ୍ବା ନେତୃବର୍ଗଙ୍କ ସେତେଟା ଦେଖିବାକୁ ମିଳି ନ ଥିବା ବେଳେ ଅନ୍ୟ ରାଜନୈତିକ ଦଳରୁ ଆସି ନୂତନ ଭାବେ ଯୋଗଦେଇଥିବା କର୍ମୀଙ୍କୁ ଦେଖିବାକୁ ମିଳିଥିଲା ।

# ଜିଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ

ଜମନକିରା,୧୬।୯ (ଡି.ଏନ.ଏ.)

ସମ୍ବଲପୁର ଜିଲା ଜମନକିରା ବ୍ଲକ୍ ଅନ୍ତର୍ଗତ ବଡ଼ରମା ପଞ୍ଚାୟତ ଷଣ୍ଢପଥର ସରକାରୀ (ଏସ୍‌ଏସ୍‌ଡି) ହାଇସ୍କୁଲରେ ସୋମବାର ଜିଲସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ୩ ଦିନ ଧରି ଚାଲିବାକୁ ଥିବା ଏହି କ୍ରୀଡ଼ା ଉଦ୍‌ଘାଟନୀରେ ଜିଲା ଶିକ୍ଷା ଅଧିକାରୀ ସୁବୋଧ କୁମାର ଦାଶ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ଭାବେ କୁଚିଣ୍ଡା ବିଧାୟକ କିଶୋର ନାଏକ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ

#### ଷଣ୍ଢପଥର ହାଇସ୍କୁଲ

କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା କ୍ରୀଡ଼ା ଶିକ୍ଷା ଅଧିକାରୀ ସତ୍ୟନାରାୟଣ ରାୟଗୁରୁ, ଅବସରପ୍ରାପ୍ତ ଶାରିରୀକ ଶିକ୍ଷକ ଟିକେଶ୍ୱର ନାୟକ, ସାମାଜିକ କର୍ମୀ ଆଦିପ୍ରସାଦ ମହାକୁଲ, ରାଜେଶ ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମକୁ ଷଣ୍ଢପଥର ହାଇସ୍କୁଲ ପ୍ରଧାନ ଶିକ୍ଷକ ସନତ କୁମାର ବେହେରା ପରିଚାଳନା କରିଥିବା ବେଳେ ରେଢ଼ାଖୋଳ ରାଣୀ ଅର୍ଣ୍ଣପୂର୍ଣ୍ଣା ହାଇସ୍କୁଲ କ୍ରୀଡ଼ା ଶିକ୍ଷକ ନରେନ୍ଦ୍ର କୁମାର ଦେହୁରୀ ଅତିଥି ପରିଚୟ ପ୍ରଦାନ ଓ ସ୍ୱାଗତ ଭାଷଣ ଦେଇଥିଲେ। ଏଥିରେ ସମ୍ବଲପୁର ଜିଲା ୯ଟି ବ୍ଲକ୍ ମୋଟ ୫୦୯ ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ । ସେଥି ମଧ୍ୟରୁ ଛାତ୍ରୀଙ୍କ ୨୨୨ ଥିବା ବେଳେ ଛାତ୍ରଙ୍କ ସଂଖ୍ୟା ୨୮୭ ରହିଛନ୍ତି। କବାଡ଼ି, ଖୋଖୋ ଓ ଫୁଟବଲ ଖେଳ ହେଉଥିବା ବେଳେ କନିଷ୍ଠ ବର୍ଗରେ ୧୦ରୁ ୧୪ ଏବଂ ବରିଷ୍ଠ ବର୍ଗରେ ୧୫ରୁ ୧୭ ବର୍ଷ ଛାତ୍ରୀଛାତ୍ରଙ୍କ ମଧ୍ୟରେ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ଶେଷରେ ସ୍କୁଲ ସହକାରୀ ଶିକ୍ଷକ ସୁଶିଲ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।




ବଡ଼ରମା ପଞ୍ଚାୟତ ଷଣ୍ଢପଥର ସରକାରୀ (ଏସ୍‌ଏସ୍‌ଡି) ହାଇସ୍କୁଲରେ ଜିଲସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟନ ଅବସରରେ ଅତିଥିମାନେ।

### ରାସ୍ତା ନିର୍ମାଣରେ ଦୁର୍ନୀତି ଅଭିଯୋଗ

# ବିଡିଓଙ୍କ ଦ୍ୱାରସ୍ଥ ହେଲେ ଶ୍ରମିକ

ଦେବଗଡ,୧୬।୯ (ଡି.ଏନ.ଏ.)

ଦେବଗଡ ଜିଲା ବାରକୋଟ ବ୍ଲକ ଡ଼ଁରା ପଞ୍ଚାୟତ ଅଧୀନ ବଲାଣି ଗ୍ରାମ ନିକଟସ୍ଥ ୨୩ ନମ୍ବର ଜାତୀୟ ରାଜପଥରୁ ରଙ୍ଗମାଟିଆ ଗ୍ରାମକୁ ଯାଇଥିବା ଏମଜିଏନଆରଇଜିଏସ ରାସ୍ତା ନିର୍ମାଣରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି । ବଲାଣି ଗ୍ରାମର କେତେକ ଶ୍ରମିକ ଏ ନେଇ ବ୍ଲକ କାର୍ଯ୍ୟାଳୟକୁ ଆସି ବିଡିଓ ଟୁନୁ ମେହେରଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ସେମାନଙ୍କ ଅଭିଯୋଗ ଅନୁଯାୟୀ ବଲାଣି ଗ୍ରାମ ନିକଟସ୍ଥ ୨୩ ନମ୍ବର ଜାତୀୟ ରାଜପଥ-ରଙ୍ଗମାଟିଆ ଏମଜିଏନଆରଇଜିଏ୍ ରାସ୍ତା ନିର୍ମାଣ କାମରେ ଶ୍ରମିକମାନେ ନିୟୋଜିତ ହୋଇଥିଲେ। କାମ ବାବଦକୁ ସେମାନେ ପ୍ରଥମ କିସ୍ତିରେ ପାଇଥିବା ୧ଲକ୍ଷ ୧୩ ହଜାର ୧୮୪ ଟଙ୍କାରୁ ୮୦ହଜାର ୧୦୮ ଟଙ୍କା ଆତ୍ମସାତ ହୋଇଥିବା ସେମାନେ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି। ଘଟଣାର ତଦନ୍ତ କରି ଶ୍ରମିକମାନଙ୍କର ନାର୍ଯ୍ୟ ପ୍ରାପ୍ୟ ପ୍ରଦାନ କରିବାକୁ ଶ୍ରମିକମାନେ ଦାବି କରିଛନ୍ତି ।

# କର୍ତ୍ତବ୍ୟରେ ଅବହେଳା, ଫରେଷ୍ଟର ନିଲମ୍ବିତ

ଦେବଗଡ,୧୬।୯ (ଡି.ଏନ.ଏ)

କର୍ତ୍ତବ୍ୟରେ ଅବହେଳା ଓ ଅଧିକାରୀଙ୍କ ଆଦେଶ ଅବମାନନା ଅଭିଯୋଗରେ ଦେବଗଡ ବନଖଣ୍ଡ ଅଧିକାରୀ କ୍ଷମା ଷଡଙ୍ଗୀ ରିଆମାଳ ଫରେଷ୍ଟ ରେଞ୍ଜ ଅଧିନ ପଳସମା ସେକ୍ସନର ଫରେଷ୍ଟର ଛବିଳ ବେହେରାଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି। ଖବର ମୁତାବକ ପଳସମା ଫରେଷ୍ଟର ବେହେରା ଏମଜିଏନଆରଇଜିଏସରେ ନର୍ସରୀ ପ୍ଲାଂଟେସନ ପାଇଁ ରହିଥିବା ଧାର୍ଯ୍ୟ ଲକ୍ଷ୍ୟ ପୂରଣ କରିପାରି ନ ଥିଲେ । ଏ ନେଇ ଦେବଗଡ ବନଖଣ୍ଡ ଅଧରକାରୀ ଷଡଙ୍ଗୀ ଏକାଧିକବାର ତାଗିଦ କରିଥିଲେ ମଧ ସେ ଏହାକୁ ଗୁରୁତ୍ୱ ଦେଇ ନ ଥିଲେ । ଏପରିକି ବନଖଣ୍ଡ ଅଧରକାରୀ ଷଡଙ୍ଗୀ ତାଙ୍କୁ କୌଫିୟତ ତଲବ କରିଥିଲେ ହେଁ ସେ କୌଣସି ଉତ୍ତର ଦେବା ପରିବର୍ତ୍ତେ ନର୍ସରୀ ପ୍ଲାଂଟେସନର ଧାର୍ଯ୍ୟ ଲକ୍ଷ୍ୟ ପୂରଣ କରିଥିବା ଲିଖିତ ଭାବେ ଦର୍ଶାଇଥିଲେ ।

# ନାକଟିଦେଉଳରେ ସ୍ୱଚ୍ଛତା କାର୍ଯ୍ୟକ୍ରମ

ନାକଟିଦେଉଳ,୧୬।୯ (ଡି.ଏନ.ଏ.)

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ପୂର୍ତ୍ତ ବିଭାଗ ପକ୍ଷରୁ ସୋମବାର ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନାକଟିଦେଉଳ ମହାବିଦ୍ୟାଳୟ ଛାତ୍ରୀଛାତ୍ରମାନଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା ଆୟୋଜିତ ହୋଇଯାଇଛି। ଶୋଭାଯାତ୍ରାରେ ନାକଟିଦେଉଳ ବିଡିଓ ମେଥୋଡ଼ିୟସ ଲାକ୍ରା ମୁଖ୍ୟଅତିଥି ଭାବେ ଯୋଗଦେଇ ପତାକା ଦେଖାଇ ଉଦଘାଟନ କରିବା ସହ ଉଭୟ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ସ୍ୱଚ୍ଛତା ସମ୍ପର୍କିତ ବିଭିନ୍ନ କାର୍ଯ୍ୟକ୍ରମ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଏ ଦିଗରେ ସମସ୍ତେ ସଚେତନ ହେବାକୁ ପରାମର୍ଶ ସେ ଦେଇଥିଲେ। ସ୍ୱଚ୍ଛତା ହିଁ ସେବା ସମ୍ପର୍କିତ ଏହି ସଚେତନତା ଶୋଭାଯାତ୍ରା ନାକଟିଦେଉଳ କଲେଜରୁ ବାହାରି ସ୍ଥାନୀୟ ବସଷ୍ଟାଣ୍ଡ ପର୍ଯ୍ୟନ୍ତ ଯାଇଥିଲା । ଏଥିରେ କଲେଜର ସମସ୍ତ ଛାତ୍ରୀଛାତ୍ରମାନେ ସାମିଲ ହୋଇ ସ୍ୱଚ୍ଛତା ସମ୍ପର୍କରେ ବିଭିନ୍ନ ସ୍ଲୋଗାନମାନ ଦେଇଥିଲେ । ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ସଞ୍ଜୟ କୁମାର ନାଏକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ନାକଟିଦେଉଳ ଥାନା ଅଧିକାରୀ ଇସ୍ମାଇଲ ଏକ୍କା, ଅତିରିକ୍ତ ତହସିଲଦାର ଇଜଲୁସ ବିନୟ କୁଲୁ, ସ୍ନାତକ କଲେଜ ଅଧ୍ୟକ୍ଷ ସୁଧୀର କୁମାର ସାହୁଙ୍କ ସମେତ କଲେଜର ସମସ୍ତ ଛାତ୍ରୀଛାତ୍ର ଏବଂ ଅଧ୍ୟାପକଅଧ୍ୟାପିକାମାନେ ସାମିଲ ହୋଇଥିଲେ। ଏହି ଅବସରରେ ପୂର୍ତ୍ତ ବିଭାଗ ପକ୍ଷରୁ ଗୋଧିଡିପ ଛକଠାରୁ ସରାପାଲି, ଉପରମୁଣ୍ଡା, ବଳମ, କେଲୋ, କଟଂନପୁର, ଗିରିଶ୍ଚନ୍ଦ୍ରପୁର, ପାଣିଗ୍ରାହୀପାଲି, କିସିଣ୍ଡା, ହୀରାଲୋଇ ଏବଂ ମାଛୁଡ଼ିହ ପର୍ଯ୍ୟନ୍ତ ଏହି ସଚେତନତା ଶୋଭାଯାତ୍ରା ବାହାରି ସ୍ୱଛତା ସମ୍ପର୍କରେ ବାର୍ତ୍ତା ପ୍ରଦାନ କରି ଏ ଦିଗରେ ସମସ୍ତ ଜନସାଧାରଣ ସଚେତନ ହେବାକୁ ବୁଝାଇଥିଲେ ।




ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମରେ ଆୟୋଜିତ ସଚେତନତା ଶୋଭାଯାତ୍ରା ।

### ବହୁଚର୍ଚ୍ଚିତ ବାଇକ୍ ଚାଳକ ହତ୍ୟା ଘଟଣା

# ୫ ହତ୍ୟାକାରୀଙ୍କ ମଧ୍ୟରୁ ମୁଖ୍ୟ ଗିରଫ

ଜମନକିରା,୧୬।୯ (ଡି.ଏନ.ଏ.)

ସମ୍ବଲପୁର ଜିଲା ଜମନକିରା ଥାନା ଗୌଡ଼ପାଲି ଫାଣ୍ଡି ଅନ୍ତର୍ଗତ ବଡ଼ରମା ଘାଟିରେ ଗତ ଅଗଷ୍ଟ ୧୪ ତାରିଖ ବିଳମ୍ବିତ ରାତିରେ ଘଟିଥିବା ବାଇକ୍ ଚାଳକ ହତ୍ୟାକାଣ୍ଡରେ ସମ୍ପୃକ୍ତ ଅନ୍ୟ ମୁଖ୍ୟ ଅଭିଯୁକ୍ତଙ୍କୁ ରବିବାର ବିଳମ୍ବିତ ରାତିରେ ପୋଲିସ ଗିରଫ କରିଛି। ସେ ହେଲେ କୁଚିଣ୍ଡା ଥାନା ଠାକୁରପାଲି ଗାଁର ଜୟରାମ ସିଂ (୩୯) । ସୋମବାର ତାଙ୍କୁ କୋର୍ଟ ଚାଲାଣ କରିଥିବା ବେଳେ ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗ ହାଜତକୁ ପଠାଇ ଦିଆଯାଇଥିବା ପୋଲିସ ସୂଚନା ଦେଇଛି। ପୂର୍ବରୁ ଗତ ୨ ତାରିଖରେ ୨ ଜଣ ଗିରଫ ହୋଇ ଜେଲ ଯାଇଛନ୍ତି ।

ସୂଚନା ଅନୁସାରେ, ଜମନକିରା

#### ପୂର୍ବରୁ ୨ ଜଣ ଜେଲରେ ଅଛନ୍ତି



ଗିରଫ ମୁଖ୍ୟ ଅଭିଯୁକ୍ତ ।

ଥାନା ଅନ୍ତର୍ଗତ ବଡ଼ରମା ପଞ୍ଚାୟତ କଦଳୀପାଳ ଗାଁର ଶ୍ୟାମସୁନ୍ଦର ସିଂ (୪୫) ବାଇକ୍ ଓ ସାଇକେଲ ସଜାଡ଼ିବା କାମ କରୁଥିଲେ। ଜୁଲାଇ ୧୪ ତାରିଖ ରାତିରେ ଖାଇ ଶୋଇଥିବା ବେଳେ ଜଣେ ଅଜଣା ବ୍ୟକ୍ତି ବାଇକ୍ ଖରାପ ଥିବା କହି ଶ୍ୟାମସୁନ୍ଦରଙ୍କୁ ଘରୁ ଡାକି ନେଇଥିଲା। ଶ୍ୟାମସୁନ୍ଦର ବାଇକ ସଜାଡ଼ିବା ପାଇଁ ରାତିରେ ନିଜ ବାଇକ୍‌ରେ ଯାଇ ସେ ଆଉ ଫେରି ନ ଥିଲା। ପରିବାର ଲୋକେ ଖୋଜା ଖୋଜି କରିବା ପରେ ବଡ଼ରମା ଘାଟି ମଝିରେ ବାଇକ୍ ସହ ରାସ୍ତାରେ ପଡ଼ିଥିବା ଜଣାପଡ଼ିଥିଲା। ପାରିପାଶ୍ୱିକ ସ୍ଥିତିରୁ ଏହା ଏକ ହତ୍ୟାକାଣ୍ଡ ହୋଇଥିବା ନେଇ ପରିବାରବର୍ଗ ସନ୍ଦେହ କରି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଶ୍ୟାମଙ୍କ ବେକରେ ରଶି ଚିହ୍ନ ଓ ଗୋଡ଼ ଆଣ୍ଠୁରେ ମାଟି ଲାଗି ରହିଥିଲା। ଦୁର୍ଘଟଣା ସ୍ଥଳରୁ ଅନତି ଦୂରରୁ ରକ୍ତ ପଡ଼ିଥିବା ବେଳେ ବାଇକ୍ ଓ ମୃତଦେହ ସ୍ଥିତି ହତ୍ୟାର ରୂପ ଦିଆଯାଇଥିବା ପରିବାର ଲୋକ ସନ୍ଦେହ କରିଥିଲେ। ଏ ନେଇ ଶ୍ୟାମଙ୍କ ସ୍ତ୍ରୀ ସୁଚିତାଦେବୀ ସିଂ ଥାନାରେ ଏତଲା ଦେଇଥିଲେ । ତାଙ୍କ ଏତଲାକୁ ନେଇ ପୋଲିସ ଗତ ଜୁଲାଇ ୧୫ ତାରିଖରୁ ପୋଲିସ ଛାନଭିନ ଚଳାଇଥିଲା। ଗତ ଅଗଷ୍ଟ ୨ ତାରିଖରେ ୫ ଜଣଙ୍କ ମଧ୍ୟରୁ ୨ ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ୨ ଫେରାର୍ ଅଛନ୍ତି। ରବିବାର ପୋଲିସ ଚଢ଼ାଉ କରି କୁଚିଣ୍ଡା ଥାନା ଠାକୁରପାଲିରୁ ଅଭିଯୁକ୍ତ ଜୟରାମ ସିଂଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଥିଲା। ଏ ନେଇ ଜମନକିରା ଥାନାରେ ୩୦୨ ଦଫାରେ ଏକ ମାମଲା (ନଂ. ୭୪/୧୯) ରୁଜୁ ହୋଇଥିଲା।

ସୌ | ନ୍ଦ | ର୍ଯ୍ୟ

# ଗ୍ରୀନ୍ ଟି ଫେସ୍ ପ୍ୟାକ୍



ସ୍ୱାସ୍ଥ୍ୟ ପାଇଁ ଗ୍ରୀନ୍ ଟି'ର ଉପକାରିତା ସମ୍ପର୍କରେ ପ୍ରାୟ ସମସ୍ତଙ୍କୁ ଜଣା। କେବଳ ଏତିକି ନୁହେଁ, ଏଥିରେ ଭରି ରହିଛି ଅନେକ ସୌନ୍ଦର୍ଯ୍ୟବର୍ଦ୍ଧକ ଗୁଣ। ଏହାକୁ ପିଇବା ଦ୍ୱାରା ତ୍ୱଚାର କୁଞ୍ଚନ, ଦାଗ, ବ୍ରଣ, ସନ୍‌ଟ୍ୟାନ୍ ଭଳି ବିଭିନ୍ନ ସମସ୍ୟା ଦୂର ହୋଇଥାଏ। ହେଲେ ଆପଣ ଜାଣନ୍ତିକି ଏହାକୁ କେବଳ ପିଇବା ନୁହେଁ ଫେସ୍‌ପ୍ୟାକ୍ ଭାବେ ଲଗାଇବା ଦ୍ୱାରା ମଧ୍ୟ ତ୍ୱଚାର ଗ୍ଲୋ ବଢ଼ିବା ସହ ରଙ୍ଗ ଗୋରା ହୋଇଥାଏ। ଜାଣନ୍ତୁ ଏହାକୁ ବ୍ୟବହାର କରିବାର ଉପାୟ...

**ଅମୃତଭଣ୍ଡା– ଗ୍ରୀନ୍ ଟି ପ୍ୟାକ୍:** ପାଚିଲା ଅମୃତଭଣ୍ଡା ସହିତ ଗ୍ରୀନ୍ ଟି ପାଣି ମିଶାଇ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହାକୁ ସଫା ମୁହଁରେ ଲଗାଇ ୧୫ ମିନିଟ୍ ରଖିବା ପରେ ପାଣିରେ ମୁହଁ ଧୋଇ ଦିଅନ୍ତୁ। ଏହାଦ୍ୱାରା ଟ୍ୟାନ୍ ସମସ୍ୟା ଦୂର ହୋଇଯିବ।

**ଅଦା– ଗ୍ରୀନ୍ ଟି ପ୍ୟାକ୍:** ୩ଟି ଗ୍ରୀନ୍ ଟି ପ୍ୟାକ୍ ସହ ଖଣ୍ଡେ ଅଦାକୁ ଭଲ ଭାବେ ଛେଚି ପାଣିରେ ଭଲ ଭାବେ ଫୁଟାଇ ଦିଅନ୍ତୁ। ପାଣି ଫୁଟି ଅଧା ହୋଇଗଲେ ଏହାକୁ କାଢ଼ି ଥଣ୍ଡା କରନ୍ତୁ। ଏହାକୁ ବ୍ରଣ ହୋଇଥିବା ସ୍ଥାନରେ ଲଗାନ୍ତୁ ଉପକୃତ ହେବେ।

**ଚାଉଳ ଗୁଣ୍ଡ– ଗ୍ରୀନ୍ ଟି ପ୍ୟାକ୍:** ଚାଉଳକୁ ଭଲ ଭାବେ ଗୁଣ୍ଡ କରିଦିଅନ୍ତୁ। ସେଥିରେ ୨ଟି ଗ୍ରୀନ୍ ଟି ବ୍ୟାଗ୍ ଖୋଲି ମିଶାନ୍ତୁ। ସେଥିରେ ଅଳ୍ପ ଲେମ୍ବୁରସ ଏବଂ ଆବଶ୍ୟକ ମାତ୍ରାରେ ପାଣି ମିଶାଇ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହାକୁ ମୁହଁରେ ଲଗାଇ ୧୫ମିନିଟ୍ ରଖିବା ପରେ ଧୀରେ ଧୀରେ ସ୍କ୍ରବ୍ କରି ମୁହଁ ଧୋଇ ଦିଅନ୍ତୁ। ଏହାଦ୍ୱାରା ସ୍କିନ୍ ଅଧିକ ବ୍ରାଇଟ୍ ଲାଗିବା ସହ ଗ୍ଲୋ ମଧ୍ୟ ବଢ଼ିବ।

**ଷ୍ଟ୍ରବେରୀ– ଗ୍ରୀନ୍ ଟି ପ୍ୟାକ୍:** ୩ଟି ଷ୍ଟ୍ରବେରୀକୁ ଭଲ ଭାବେ ପେଷ୍ଟ କରି ସେଥିରେ ଅଧା ଚାମଚ ମହୁ ଏବଂ ୧ ପ୍ୟାକ୍ ଗ୍ରୀନ୍ ଟି ଖୋଲି ମିଶାଇ ଦିଅନ୍ତୁ। ଏହି ପେଷ୍ଟକୁ ମୁହଁରେ ଲଗାଇ ତଳୁ ଉପରକୁ ଘଷନ୍ତୁ। ଅଧ ଘଣ୍ଟା ରଖିବା ପରେ ମୁହଁ ଧୋଇ ଦିଅନ୍ତୁ। ସପ୍ତାହକୁ ଥରେ ଏହି ପ୍ୟାକ୍ ଲଗାଇବା ଦ୍ୱାରା ରିଙ୍କଲ୍ ମାର୍କ ଦୂର ହେବା ସହ ତ୍ୱଚାର ସୌନ୍ଦର୍ଯ୍ୟ ବୃଦ୍ଧି ହୋଇଥାଏ।



# ଗର୍ଭବତୀ ନାରୀର ଯତ୍ନ



ଡା. ସରୋଜିନୀ ଷଡ଼ଙ୍ଗୀ

କିଛିଦିନ ହେବ କେବେ ଅଧିକ ଖରା ତ କେବେ ଦିନ ଦିନ ଲାଗି ରହୁଛି ପ୍ରବଳ ବର୍ଷା। ତେବେ ପାଣିପାଗରେ ଅସ୍ୱାଭାବିକ ପରିବର୍ତ୍ତନ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଉଛି। ବିଶେଷ କରି ଏଭଳି ବର୍ଷା ଅଧିକ ପ୍ରଭାବିତ କରୁଛି ଭାବୀ ମା' ମାନଙ୍କୁ। ସେମାନଙ୍କର ରୋଗ ପ୍ରତିରୋଧକ ଶକ୍ତି କମ୍ ଥିବାରୁ ବିଭିନ୍ନ ରୋଗ ସଂକ୍ରମଣର ଆଶଙ୍କା ବୃଦ୍ଧି ପାଉଛି। ତେଣୁ ଏ ସମୟରେ ଗର୍ଭବତୀ ନାରୀମାନଙ୍କୁ ଉଭୟ ନିଜ ସହ ଗର୍ଭସ୍ଥ ଶିଶୁ ପାଇଁ ବିଶେଷ ଭାବରେ ସତର୍କ ରହିବା ଆବଶ୍ୟକ...

ସୁଷମ ଖାଦ୍ୟ – ଗର୍ଭବତୀ ନାରୀମାନେ ନିଜ ସହ ଗର୍ଭସ୍ଥ ଶିଶୁର ସ୍ୱାସ୍ଥ୍ୟ ପାଇଁ ସୁଷମ ଖାଦ୍ୟ ଖାଇବା ଆବଶ୍ୟକ। ବିଶେଷ କରି ବର୍ଷା ସମୟରେ ସେମାନଙ୍କ ଦେହର ରୋଗ ପ୍ରତିରୋଧକ ଶକ୍ତି କମିଯାଉଥିବାରୁ ଅନେକ ଗୁଡ଼ିଏ ଖାଦ୍ୟ ଜନିତ ସଂକ୍ରମଣ ରୋଗ ହୋଇଥାଏ ଯଥା – ଝାଡା, ଜଣ୍ଡିସ୍, ଆନ୍ତ୍ରିକ ଜ୍ୱର ଆଦି ହୋଇଥାଏ। ତେଣୁ ଏ ସମୟରେ ବେଶି ପୁଷ୍ଟିକର ଖାଦ୍ୟ ଖାଇବା ଆବଶ୍ୟକ, ଯାହା ଶରୀରକୁ ଶକ୍ତି ଯୋଗାଇଥାଏ। ଏହାଛଡା ବେଶି ତେଲ, ମସଲାଯୁକ୍ତ, ବାସିଖାଦ୍ୟ ଆଦି ନ ଖାଇ ସଦ୍ୟ ପ୍ରସ୍ତୁତ ଗରମ ଖାଦ୍ୟ ଖାଇବା ସହ ଗରମ ସୁପ୍ ପିଇବା ଭଲ। କାକୁଡି, ଟମାଟୋ ଓ ପିଆଜ ଆଦି ଗରମ ପାଣିରେ ଧୋଇ ସାଲାଡ ପ୍ରସ୍ତୁତ କରିବା ଦରକାର। ବିଶେଷଭାବରେ ଶାଗଜାତୀୟ ଖାଦ୍ୟ ଯଥା– ପାଳଙ୍ଗଶାଗ, ବିଭିନ୍ନ ପ୍ରକାର ଶାଗ, ବନ୍ଧାକୋବି, ଫୁଲକୋବି ଆଦି ପରିବା ପତ୍ରରେ ଛୋଟ ଛୋଟ ପୋକ ଓ ଜୀବାଣୁ ଥିବାରୁ ଏହାକୁ ରାନ୍ଧିବା ପୂର୍ବରୁ ଗରମ ପାଣିରେ ୩–୪ ଥର ଭଲଭାବେ ଧୋଇବା ଉଚିତ୍। ଏହି ସମୟରେ ମଟନ ଓ ଚିକେନ୍ ମଧ୍ୟ ବେଶି ପରିମାଣରେ ଖାଇବା ଠିକ୍ ନୁହେଁ। ଏହା ହଜମ ନ ହୋଇ ଅଜୀର୍ଣ୍ଣ ରୋଗ, ଝାଡା ଓ ବାନ୍ତିର କାରଣ ସାଜିଥାଏ।

– ବର୍ଷା ଅଧିକ ହେଲେ ଅନେକେ ଭାବନ୍ତି ଜଳବାୟୁ ଆର୍ଦ୍ର ଥିବାରୁ ବେଶି ପାଣି ପିଇବା ଉଚିତ ନୁହେଁ। ହେଲେ ମନେ ରଖନ୍ତୁ ଏ ସମୟରେ ପରିବେଶର ଉଷ୍ଣତା କମିଯିବାରୁ ବେଶି ପାଣି ପିଇବା ଓ ପାନୀୟ ଜିନିଷ ବ୍ୟବହାର କରିବା ଆବଶ୍ୟକ। ଏ ସମୟରେ କମ୍ ପାଣି ପିଇଲେ ଗର୍ଭବତୀଙ୍କୁ ଡିହାଇଡ୍ରେଶନ ହୋଇ ବାନ୍ତି ଲାଗେ, ମୁଣ୍ଡ ବିନ୍ଧେ ଏବଂ ଅଚେତ ହେବା ଭଳି ଲାଗେ। ତେଣୁ ସେମାନେ ଫଳରସ, ପଇଡ, ପାଣି, ଲେମ୍ବୁ ସରବତ ଆଦି ପ୍ରଚୁର ପରିମାଣରେ ପିଇବା ଦରକାର। ହେଲେ ବଜାରରେ ମିଳୁଥିବା ଦହି ଓ ଲସି ପିଇବା ଠିକ୍ ନୁହେଁ। ସେହିପରି ବାହାରେ ବିକ୍ରି ହେଉଥିବା ଖାଦ୍ୟ ଆଦୌ ଖାଇବା ଉଚିତ ନୁହେଁ। ଏଥିରେ ବ୍ୟବହୃତ ହେଉଥିବା ସମସ୍ତ ଜିନିଷରେ ପ୍ରଚୁର ପରିମାଣରେ ତେଲ ଓ ମସଲା ସହ ସଂକ୍ରମିତ ପାଣି ବ୍ୟବହାର ହୋଇଥିବାରୁ ସଂକ୍ରମଣ ଜନିତ ରୋଗ ହେବାର ଆଶଙ୍କା ବେଶି ଥାଏ। ବେଳେ ବେଳେ କଟା ହୋଇଥିବା ଫଳ ବହୁତ ସମୟ ବାହାରେ ରହିବା ଦ୍ୱାରା ବି ସଂକ୍ରମଣ ହୋଇଥାଏ। ତେଣୁ ବାହାରେ ରହିଥିବା କଟା ଫଳ ଖାଇବା ଅନୁଚିତ୍।

ଗର୍ଭବତୀଙ୍କୁ ସ୍ୱାସ୍ଥ୍ୟରକ୍ଷା ନିମନ୍ତେ ସଫାସୁତରା ରହିବା ଆବଶ୍ୟକ। ଭଲ ଭାବରେ ସ୍ନାନ କରିବା ଦ୍ୱାରା ଚର୍ମ ପରିଷ୍କାର ହୁଏ ଓ ଜୀବାଣୁ ଚର୍ମ ଭିତରକୁ ଯାଇପାରେ ନାହିଁ। ବାହାରେ ବର୍ଷାରେ ଭିଜିଗଲେ ନିଜ ଶରୀରକୁ ଟାୱେଲରେ ପୋଛି ଶୁଖିଲା କରିବା ପରେ ଗରମ ପାଣିରେ ଗାଧୋଇବା ଦ୍ୱାରା ସଂକ୍ରମଣ ହୋଇ ନ ଥାଏ। କେବଳ ସ୍ନାନ, ଶୌଚ ଠିକ୍ ଭାବେ କରିବା ନୁହେଁ ନଖକାଟିବା, ରାନ୍ଧିବା ଓ ଖାଇବା ଆଗରୁ ହ୍ୟାଣ୍ଡୱାଶ୍ ଲଗାଇ ହାତ ଧୋଇବା ଆବଶ୍ୟକ। ଯାହାକି ନିଜ ସହ ଗର୍ଭସ୍ଥ ଶିଶୁକୁ ବି ନୀରୋଗ ରଖିଥାଏ। ସେହିପରି ନିଜର ଘରଦ୍ୱାର ଓ ଆଖପାଖ ସ୍ଥାନ ମଧ୍ୟ ପରିଷ୍କାର ରଖନ୍ତୁ। କାର୍ବୋଲିକ୍ ସାବୁନର ଦ୍ରବଣରେ ଘରଦ୍ୱାର ପୋଛି ସଫା କରିବା ଦ୍ୱାରା ଜୀବାଣୁମୁକ୍ତ ରହିଥାଏ। ଏହା ସହ ବିଛଣା ଚଦର ଓ ତଉଲିଆ ଆଦି ସଫା ରଖିବା ଆବଶ୍ୟକ। ମ୍ୟାଲେରିଆ ଓ ଡେଙ୍ଗୁ ରୋଗରୁ ରକ୍ଷା ପାଇଁ ମଶାରି ଟାଣି ଶୁଅନ୍ତୁ। ଆବଶ୍ୟକ ସ୍ଥଳେ ମଶାଧୂପ ଓ ମଶାକ୍ରିମ ବ୍ୟବହାର କରିପାରିବେ। ସର୍ବଦା କଟନ୍ ବା ସୂତା କପଡା ପିନ୍ଧିବା ଭଲ।

– ଗର୍ଭାବସ୍ଥାରେ ହେଭି ମେକଅପ୍ ବା ଗାଢ ପ୍ରସାଧନ ବ୍ୟବହାର କରିବା ଠିକ୍ ନୁହେଁ। ବିଶେଷ କରି ମସ୍କାରା ଓ ପଫ୍, ଆଇ–ଲାଇନର ଓ ଲିପଷ୍ଟିକ୍‌ରୁ ସଂକ୍ରମଣର ଭୟ ଥାଏ, ତେଣୁ ହାଲୁକା ମେକଅପ୍ ନିଅନ୍ତୁ।

– ବାହାରକୁ ଯାଉଥିଲେ ପାଖରେ ଛତା, ରେନିକୋଟ ରଖନ୍ତୁ। ଯଦି ପ୍ରସବର ସମ୍ଭାବନା ତାରିଖ ନିକଟରେ ଥାଏ, ତେବେ ସବୁ ପ୍ରକାର ପ୍ରସ୍ତୁତି କରି ରଖନ୍ତୁ। ଯଥା– ଡାକ୍ତରଙ୍କର ଫୋନ୍ ନମ୍ବର, ହସପିଟାଲ, ଆମ୍ବୁଲାନ୍ସର ଫୋନ୍ ନମ୍ବର ଏବଂ ହସପିଟାଲ ଯିବା ପାଇଁ ଗାଡି ଠାରୁ ଆରମ୍ଭ କରି ସବୁ ଜିନିଷର ପ୍ରସ୍ତୁତି ଆଗରୁ କରି ରଖନ୍ତୁ। ପାଣିପାଗ ଯାହା ହେଉ ନା କାହିଁକି ଏହା ଅନୁଯାୟୀ ସମସ୍ତ ପ୍ରକାର ପ୍ରସ୍ତୁତି ସହ ସ୍ୱାସ୍ଥ୍ୟରକ୍ଷାର ନିୟମ ମାନି ଚଳିଲେ ନିଜେ ନୀରୋଗ ରହିବା ସହ ଗର୍ଭସ୍ଥ ଶିଶୁକୁ ବି ସୁରକ୍ଷିତ ରଖିବା ସହଜ।







–ସ୍ତ୍ରୀରୋଗ ଓ ପ୍ରସୂତି ବିଶେଷଜ୍ଞା
ଲିଙ୍କରୋଡ଼, କଟକ
ମୋ– ୯୪୩୭୦୫୫୦୦୭

# ପିଲାଙ୍କୁ ଡାଇପର ପିନ୍ଧାଉଥିଲେ...

ଛୋଟ ପିଲା ଝାଡା, ପରିସ୍ରା କରି ବାରମ୍ବାର ଓଦା ନ ହେବା ଲାଗି ବର୍ତ୍ତମାନ ଡାଇପର ଖୁବ୍ କାମରେ ଆସୁଛି। ହେଲେ ପିଲାଙ୍କୁ ଡାଇପର ପିନ୍ଧାଉଥିଲେ ସୁରକ୍ଷା ଦୃଷ୍ଟିରୁ କେତେକ କଥା ପ୍ରତି ଧ୍ୟାନ ଦେବା ଆବଶ୍ୟକ...

❖ପିଲାଙ୍କୁ ଡାଇପର ପିନ୍ଧାଉଥିଲେ ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି କମ୍ଫର୍ଟ। ଅର୍ଥାତ୍ ଡାଇପର ଯେପରି କେବେବି ପିଲାଙ୍କୁ ଟାଇଟ୍ କିମ୍ବା ଛୋଟ ନ ହୁଏ ସେଥିଲାଗି ପିଲାର ଓଜନ ଅନୁସାରେ ଡାଇପର କିଣନ୍ତୁ।

❖ଡାଇପରକୁ ନିୟମିତ ସମୟ ଅନ୍ତରାଳରେ ବଦଳାନ୍ତୁ। ତଥାପି ମଝିରେ ମଝିରେ ଚେକ୍ କରିନିଅନ୍ତୁ। ଯଦି ପିଲା ଅଧିକ ପରିସ୍ରା କରିଛି କିମ୍ବା ଝାଡା କରିଛି ତେବେ ତୁରନ୍ତ ବଦଳାଇ ଦିଅନ୍ତୁ।

❖ଡାଇପର ବଦଳାଇବା ପରେ ପିଲାର ଉକ୍ତ ସ୍ଥାନକୁ ଭଲ ଭାବେ ୱାଇପ୍‌ରେ ପୋଛି ଦିଅନ୍ତୁ ଏବଂ କିଛି ସମୟ ଖୋଲା ଛାଡିଦିଅନ୍ତୁ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଡାଇପର ଖୋଲିବା ପରେ ପିଲାର ସ୍କିନ୍‌କୁ ଦେଖିବାକୁ ଆଦୌ ଭୁଲନ୍ତୁ ନାହିଁ। କାରଣ ପିଲାଙ୍କ ସମ୍ବେଦନଶୀଳ ତ୍ୱଚାରେ ଅଧିକ ସମୟ ଡାଇପର ରହିବା ଦ୍ୱାରା ଲାଲ୍ ପଡିବା, ଫଟିବା (ର୍‍ୟାସେସ୍)ଭଳି ସମସ୍ୟାର ଆଶଙ୍କା ଅଧିକ।



❖ଯଦି ପିଲାର ର୍‍ୟାସେସ୍ ହୁଏ ତେବେ ଡାଇପର ର୍‍ୟାସ୍ କ୍ରିମ୍ ଲଗାନ୍ତୁ। ଅଧିକ ହେଲେ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ।

❖ରାତିରେ ଡିସ୍ପୋଜେବଲ ଡାଇପର ବ୍ୟବହାର କରନ୍ତୁ। ଏହା ଅଧିକ ମୁତ୍ର ରଖିପାରିବା ସହ ଖୋଲିଯିବା କିମ୍ବା ଲିକ୍ ହେବାର ଟେନ୍‌ଶନ୍ ବି ନ ଥାଏ।

ଖାଦ୍ୟରୁଚି

# ଆଚାରୀ ପନିର

**ଆବଶ୍ୟକ ସାମଗ୍ରୀ:** ପନିର– ୨୫୦ ଗ୍ରାମ୍, ଟମାଟୋ– ୩ଟି, କଞ୍ଚାଲଙ୍କା –୨ଟି, ଅଦା(ଏକ ଇଞ୍ଚ), ତେଲ ୨–୩ ଚାମଚ, କଟା ଧନିଆପତ୍ର ୨–୩ ଚାମଚ, ଅଳ୍ପ ମେଥି, ଅଧା ଚାମଚ ସୋରିଷ, ଅଧା ଚାମଚ ଜିରା, ପାନମଧୁରୀ ଏକ ଛୋଟ ଚାମଚ, ଧନିଆ ଗୁଣ୍ଡ ଏକ ଛୋଟ ଚାମଚ, ଚିମୁଟାଏ ହେଙ୍ଗୁ, ହଳଦୀ ଗୁଣ୍ଡ ୧/୪ ଚାମଚ, ଗରମ ମସଲା ୧/୪ ଚାମଚ, ଲାଲ ଲଙ୍କା ପାଉଡର ୧/୪ ଚାମଚ, କ୍ରିମ୍ ୧/୨ କପ୍, ଲୁଣ ସ୍ୱାଦ ଅନୁସାରେ।

**ପ୍ରସ୍ତୁତି ପ୍ରଣାଳୀ:** ଅଦା, ଟମାଟୋ ଏବଂ କଞ୍ଚା ଲଙ୍କାକୁ ଛୋଟ ଛୋଟ କାଟି ଗ୍ରାଇଣ୍ଡିଂ କରି ଦିଅନ୍ତୁ। ମେଥି, ସୋରିଷ ଏବଂ ଜିରାକୁ ଅଳ୍ପ ଭାଜି ପାନମଧୁରୀ ଏବଂ ଧନିଆ ପାଉଡର ମିଶାଇ ଅଳ୍ପ ଗ୍ରାଇଣ୍ଡିଂ କରି ମସଲା ଗୁଣ୍ଡ ପ୍ରସ୍ତୁତ କରନ୍ତୁ।

ଏକ ପ୍ୟାନ୍‌ରେ ତେଲ ଗରମ କରନ୍ତୁ। ସେଥିରେ ହେଙ୍ଗୁ, ହଳଦୀଗୁଣ୍ଡ ଏବଂ ଗୁଣ୍ଡ କରିଥିବା ମସଲା ପକାନ୍ତୁ। ଅଳ୍ପ ଭାଜିବା ପରେ ସେଥିରେ ଅଦା ପେଷ୍ଟ ଏବଂ ଲାଲ୍ ଲଙ୍କା ଗୁଣ୍ଡ ପକାଇ ଭଲ ଭାବେ ଭାଜନ୍ତୁ। ମସଲା ଭାଜି ହୋଇ ସେଥିରୁ ତେଲ ଅଲଗା ହେବା ମାତ୍ରେ କ୍ରିମ୍ ପକାଇ ୨–୩ ମିନିଟ୍ ଭାଜନ୍ତୁ। ଭଲ ଭାବେ କଷି ହୋଇଯିବା ପରେ ସେଥିରେ ଅଧା କପ୍ ପାଣି, ଲୁଣ, ଧନିଆ ପତ୍ର ପକାଇ ଗୋଳାଇ ଦିଅନ୍ତୁ। ତରକାରି ଫୁଟିବା ଭିତରେ ପନିରକୁ ୧–୨ ଇଞ୍ଚ ଆକାରରେ ଛୋଟ ଛୋଟ କାଟି ଦିଅନ୍ତୁ। ତରକାରି ଫୁଟିଲେ ସେଥିରେ ପନୀର ପକାଇ ଘୋଡାଇ ଦିଅନ୍ତୁ ଏବଂ ଆଉ ୨–୩ ମିନିଟ୍ ଫୁଟାଇବା ପରେ ଚୁଲା ବନ୍ଦ କରିଦିଅନ୍ତୁ। ବର୍ତ୍ତମାନ ପ୍ରସ୍ତୁତ ହୋଇଗଲା ଆଚାରୀ ପନିର, ଏହାକୁ ଗରମା ଗରମ ଖାଇବାର ମଜା ନିଅନ୍ତୁ।



# ଘର ଭଡ଼ା ନେଉଥିଲେ...



ଜବ୍, ବ୍ୟବସାୟ ହେଉ କିମ୍ବା ଅନ୍ୟାନ୍ୟ କାରଣରୁ ଅଧିକାଂଶ ପରିବାର ଭଡ଼ାଘର ନେଇ ରହିଥାନ୍ତି। ସେଠାରେ ଆବଶ୍ୟକତା ଅନୁସାରେ ସମସ୍ତ ସାମଗ୍ରୀ ମଧ୍ୟ ରଖିଥାନ୍ତି। ହେଲେ ବେଳେବେଳେ ବିଭିନ୍ନ କାରଣରୁ ଘର ପରିବର୍ତ୍ତନ କରିବାକୁ ପଡୁଥିବାରୁ କେତେକ ସାମଗ୍ରୀ ଭାଙ୍ଗିଯିବା କିମ୍ବା ନଷ୍ଟ ହେବାର ଆଶଙ୍କାଥାଏ। ତେଣୁ ଭଡ଼ାଘରେ କେଉଁସବୁ ଜିନିଷ ନ ରଖିବା ଭଲ ଜାଣି ରଖନ୍ତୁ...

**ଇଲେକ୍ଟ୍ରୋନିକ୍ସ ସାମଗ୍ରୀ:** ବର୍ତ୍ତମାନ ସମୟରେ ବିଭିନ୍ନ ପ୍ରକାରର ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ବିନା ଚଳିବା ଯେମିତି ଏକ ପ୍ରକାରର ଅସମ୍ଭବ ହୋଇଗଲାଣି। ହେଲେ ଭଡାଘରେ ରହୁଥିଲେ, ପରେ ସିଫ୍ଟ ବେଳେ ଯେପରି ନଷ୍ଟ ନ ହୁଏ ସେଥିପାଇଁ ଟିଭି, ଫ୍ରିଜ୍, ଫ୍ୟାନ୍, କମ୍ପ୍ୟୁଟର ଭଳି ବିଭିନ୍ନ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀକୁ ଛାଡି ଏସି, ମାଇକ୍ରୋୱେଭ୍, ଗିଜର ଆଦି ସାମଗ୍ରୀ କମ୍ ରଖିବାକୁ ଚେଷ୍ଟା କରନ୍ତୁ।

**ଗାଡ଼ି:** ଭଡ଼ାଘରେ ରହୁଥିଲେ ସଉକ ପାଇଁ ଏକାଧିକ ଗାଡ଼ି ବିଶେଷକରି ଚାରି ଚକିଆ ଯାନ ନ କିଣିବା ଭଲ। କାରଣ ଅନେକ ଭଡାଘରେ ପାର୍କିଂ ପାଇଁ ପର୍ଯ୍ୟାପ୍ତ ଜାଗା ନ ଥାଏ। ତେଣୁ ଗାଡି ରଖିବା ନିହାତି ଆବଶ୍ୟକ ଥିଲେ ପ୍ରଥମେ ପାର୍କିଂ ବ୍ୟବସ୍ଥା ଦେଖିବା ପରେ ଭଡ଼ା ନିଅନ୍ତୁ। ନଚେତ୍ ଆପଣଙ୍କୁ ରାସ୍ତା କଡରେ ଗାଡି ରଖିବାକୁ ପଡିପାରେ, ଯାହାକି ଉଭୟ ଅବୈଧ ଏବଂ ବିପଦପୂର୍ଣ୍ଣ।

**ଗୃହସଜ୍ଜା ଉପକରଣ:** ଘର ସଜାଇବାକୁ ସମସ୍ତେ ଭଲ ପାଆନ୍ତି, ତାହା ନିଜ ଘର ହେଉ ଅବା ଭଡାଘର। ହେଲେ ଭଡାଘର ମଝିରେ ମଝିରେ ବଦଳାଇବାକୁ ହେଉଥିବାରୁ ସିଫ୍ଟ ସମୟରେ ଯେପରି ଭାଙ୍ଗି ନ ଯାଏ ସେଥିପାଇଁ ଅଧିକ ଦାମୀ କାଚ ଶୋ ପିସ୍, ଝୁମର, ଅନ୍ୟାନ୍ୟ ଡେକୋରେଟିଭ୍ ଲାଇଟ୍ ଆଦି ସାମଗ୍ରୀ ନ ରଖିବା ଭଲ। ସେହିପରି ଅଧିକ ଦାମୀ ଗ୍ଲାସ୍ କିମ୍ବା ସେରାମିକ୍ ଫ୍ଲାୱାର ପଟ୍ ବଦଳରେ ନ ଭାଙ୍ଗିବା ଲାଗି ମେଟାଲିକ୍ ପଟ୍ ରଖନ୍ତୁ। ଯଦି ସେସବୁ ନିହାତି ପସନ୍ଦ ତେବେ ତା' ବଦଳରେ ଆପଣ ଚାହିଁଲେ ମାଟିର ଡେକୋରେଟିଭ୍ ଜିନିଷ କିମ୍ବା ପଟ୍ ରଖିପାରିବେ, ଯାହାକି ଭାଙ୍ଗିଗଲେ ଅଧିକ ଟଙ୍କା ନଷ୍ଟ ହେବାର ଦୁଃଖ ରହିବନାହିଁ।

**ପୋଷା ଜୀବଜନ୍ତୁ:** ଘରେ ପୋଷା ଜୀବଜନ୍ତୁ ରଖିବାର ସଉକ ଅନେକଙ୍କ ରହିଛି। ହେଲେ ଯଦି ଆପଣ ଭଡାଘରେ ରହୁଛନ୍ତି ତେବେ ପୋଷା ଜୀବଜନ୍ତୁ ନ ରଖିବା ଭଲ। କାରଣ ଅନେକ ଘର ମାଲିକ କୁକୁର, ବିଲେଇ ଆଦି ନିଜ ଘରେ ରଖିବାକୁ ପସନ୍ଦ କରନ୍ତି ନାହିଁ।

| Dollar | Sensex | Nifty | Gold | Silver |
|---|---|---|---|---|
| 71.60 (68) | 261.68 ↓ 37,123.31 | 79.80 ↓ 10,996.10 | ₹460 ↑ 38,860.00 | ₹1096 ↑ 47,957.00 |



“ବିଶ୍ୱ ବ୍ୟାଙ୍କର ସହଯୋଗୀ ଆଇଏଫ୍‌ସିଠାରୁ ୩୪୫ କୋଟି ଟଙ୍କାର ଋଣ ସହାୟତା ମିଳିଛି। ରାଜସ୍ଥାନର ଅର୍ଦ୍ଧ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ଶସ୍ତା ଘର ନିର୍ମାଣରେ ଏହା ବିନିଯୋଗ କରାଯିବା
–ସୁଶୀଲ କୁମାର ଅଗ୍ରୱାଲ, ଆଭାସ ଫାଇନାନ୍ସିୟର୍ସ ଏମ୍‌ଡି ତଥା ସିଇଓ



“ୱାନ୍‌୯୭କମ୍ୟୁନିକେଶନ୍ସକୁ ଶେୟାର ବିକ୍ରିରୁ ୪୦ କୋଟି ଟଙ୍କା ଯୋଗାଡ ହୋଇଛି। ଏହି ଅର୍ଥକୁ ଅତ୍ୟାଧୁନିକ ଟେକ୍ନୋଲୋଜି, ନୂଆ ପ୍ରଡକ୍ଟ ଓ କର୍ମଚାରୀ ବୃଦ୍ଧି ଲାଗି ଖର୍ଚ୍ଚ କରିବା
–ପ୍ରବୀଣ ଯାଦବ, ପେଟିଏମ୍ ମନି ଏମ୍‌ଡି

## ସଂକ୍ଷେପରେ

### ପାଇକାରୀ ମୁଦ୍ରାସ୍ଫୀତି ହାର ୧.୦୮%ରେ ଅପରିବର୍ତ୍ତିତ

ନୂଆଦିଲ୍ଲୀ,୧୬-୯: ଅଗଷ୍ଟରେ ପାଇକାରୀ ମୂଲ୍ୟ ସୂଚକାଙ୍କ ଆଧାରିତ ମୁଦ୍ରାସ୍ଫୀତି ପ୍ରାୟ ୨୫ ମାସର ସର୍ବନିମ୍ନ ସ୍ତର ୧.୦୮%ରେ



ଅପରିବର୍ତ୍ତିତ ରହିଛି। ଜୁଲାଇ ମୁକାବିଲାରେ ଏଥିରେ କୌଣସି ପରିବର୍ତ୍ତନ ହୋଇନାହିଁ। ବର୍ଷକ ପୂର୍ବେ ସମାନ ଅବଧିରେ ଅର୍ଥାତ୍ ୨୦୧୮ ଅଗଷ୍ଟରେ ପାଇକାରୀ ମୁଦ୍ରାସ୍ଫୀତି ହାର ୪.୬୨% ରହିଥିଲା। ସରକାରଙ୍କ ପକ୍ଷରୁ ପୂର୍ବରୁ ଜାରି କରାଯାଇଥିବା ତଥ୍ୟ ଅନୁଯାୟୀ ଖୁଚୁରା ମୁଦ୍ରାସ୍ଫୀତି ସାମାନ୍ୟ ବୃଦ୍ଧି ପାଇ ୩.୨୧% ହୋଇଛି। ସୋମବାର ଜାରି ପାଇକାରୀ ମୁଦ୍ରାସ୍ଫୀତି ତଥ୍ୟ ଅନୁଯାୟୀ ଖାଦ୍ୟପଦାର୍ଥ ସୂଚକାଙ୍କ ୧.୪% ବୃଦ୍ଧି ପାଇଛି। ମସଲା, କେତେକ ଡାଲି ଜାତୀୟ ଖାଦ୍ୟସାମଗ୍ରୀ ମୂଲ୍ୟ ୪% ବଢ଼ିଥିବା ବେଳେ ଫଳ ଓ ପନିପରିବା ଏବଂ ପର୍କ ମାଂସ ଦର ୩%, ମାଛ,ଗହମ,ମକା, ବିଫ୍ ଆଦି ମୂଲ୍ୟ ୨%,କ୍ଷୀର, ରାଜମା, ଧାନ, ମଟନ ଦରରେ ୧% ବୃଦ୍ଧି ଦେଖିବାକୁ ମିଳିଛି। ତେବେ ଅଣ୍ଡା ମୂଲ୍ୟ ୭%, ଚା'ପତ୍ର ମୂଲ୍ୟ ୨% ଏବଂ ଚିକେନ ମୂଲ୍ୟ ୧% ହ୍ରାସ ପାଇଛି। ଜୁଲାଇରେ ପାଇକାରୀ ମୁଦ୍ରାସ୍ଫୀତି ୧.୦୮% ରହିଥିଲା।

### କଗ୍ନିଜାଣ୍ଟର ପୂର୍ବତନ ସିଓଓଙ୍କ ବିରୋଧରେ ୩୫ ଲକ୍ଷର ଜରିମାନା

ନୂଆଦିଲ୍ଲୀ,୧୬-୯: ଆମେରିକାର ପୁଞ୍ଜି ବଜାର ନିୟାମକ ସିକ୍ୟୁରିଟିଜ ଆଣ୍ଡ ଏକ୍ସଚେଞ୍ଜ କମିଶନ(ଏସ୍‌ଇସି) କଗ୍ନିଜାଣ୍ଟର ପୂର୍ବତନ ମୁଖ୍ୟ ପରିଚାଳନା ଅଧିକାରୀ(ସିଓଓ) ଶ୍ରୀଧର ତିରୁମ୍ବେଗଦମଙ୍କୁ ଜଣେ ଭାରତୀୟଙ୍କୁ ଲାଞ୍ଚ ଦେବା ଅଭିଯୋଗରେ ୫୦ ହଜାର ଡଲାର( ପ୍ରାୟ ୩୫ ଲକ୍ଷ ଟଙ୍କା) ଜରିମାନା କରିଛି। ଅଭିଯୋଗ ଅନୁଯାୟୀ ତିରୁମ୍ବେଗଦମ କଗ୍ନିଜାଣ୍ଟ ସଲ୍ୟୁସନ୍ସ କର୍ପୋରେଶନର ଅନ୍ୟ ୩ ଜଣ ଅଧିକାରୀଙ୍କ ସହ ମିଶି କମ୍ପାନୀ ପକ୍ଷରୁ ଭାରତର ଜଣେ ଅଧିକାରୀଙ୍କୁ ୨୦ ଲକ୍ଷ ଡଲାର ଲାଞ୍ଚ ଦେବାକୁ ଯୋଜନା ପ୍ରସ୍ତୁତ କରିଥିଲେ। ଚେନ୍ନାଇରେ ବାଣିଜ୍ୟିକ ଅଫିସ୍ ଖୋଲିବା ଲାଗି ଅନୁମତି ଦେବାକୁ ଏହି ଲାଞ୍ଚ ଦିଆଯାଇଥା'ନ୍ତା। ନିର୍ଦ୍ଦେଶର ୧୦ ଦିନ ଭିତରେ ସିଓଓଙ୍କୁ ଜରିମାନା ଅର୍ଥ ଦାଖଲ କରିବାକୁ ହେବ।

### ଅଶ୍ୱଥ ନାରାୟଣଙ୍କୁ ସମ୍ବର୍ଦ୍ଧିତ କଲା ୟୁନିୟନ ବ୍ୟାଙ୍କ

**ଭୁବନେଶ୍ୱର, ୧୬-୯:** ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ବିଶ୍ୱ ଦକ୍ଷତା ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ଜିତିଥିବା ଅଶ୍ୱଥ ନାରାୟଣଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସିଭି ରମଣ ଇଞ୍ଜିନିୟରିଂ କଲେଜର ଶିକ୍ଷକ ଛାତ୍ରୀଛାତ୍ରଙ୍କ ଗହଣରେ ଅଶ୍ୱଥଙ୍କୁ ଅଭିନନ୍ଦନ ପତ୍ର, ପୁଲତୋଡା ୧୦,୦୦୦ ଟଙ୍କାର ଡିମାଣ୍ଡ ଡ୍ରାଫ୍ଟ ପ୍ରଦାନ କରାଯାଇଛି। ବ୍ୟାଙ୍କର କ୍ଷେତ୍ରୀୟ କାର୍ଯ୍ୟାଳୟ ସହାୟକ ମହାପ୍ରବନ୍ଧକ ପ୍ରକାଶ ଚନ୍ଦ୍ର ପତି, ସିଭିରମଣ କଲେଜର ପ୍ରିନ୍ସିପାଲ ଭବେଶ ଭଟ୍ଟାଚାର୍ଯ୍ୟ ଏସ୍‌ଏସ୍‌ଇପିଏଲ୍‌ର କାର୍ଯ୍ୟନିର୍ବାହୀ ଅଧିକାରୀ ଅନୁପ ଭାଦୁଭାଇଙ୍କ ଉପସ୍ଥିତିରେ ଅଶ୍ୱଥଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିବା ବ୍ୟାଙ୍କ ପକ୍ଷରୁ ସୂଚନା ରହିଛି।

### କେଟିଏମ୍‌ର ଷ୍ଟଣ୍ଟ ଶୋ

**ଭୁବନେଶ୍ୱର, ୧୬-୯:** କେଟିଏମ୍ ପକ୍ଷରୁ ପୁରୀ ଏବଂ ଭବାନୀ ପାଟଣାରେ ଆକର୍ଷଣୀୟ କେଟିଏମ୍ ଷ୍ଟଣ୍ଟ ଶୋ' ଆୟୋଜନ କରାଯାଇଛି। ପେସାଦାର ଷ୍ଟଣ୍ଟ ପ୍ରଦର୍ଶନକାରୀ ଏଠାରେ ଷ୍ଟଣ୍ଟ ପ୍ରଦର୍ଶନ କରିଥିଲେ। ପୁରୀର ସର୍ବୋଦୟ ନଗରସ୍ଥିତ ସୁଷମା ଗାର୍ଡେନ ଏବଂ ଭବାନୀ ପାଟଣାର ଏଲ୍‌ବିଏସ୍ ଗ୍ରାଉଣ୍ଡ ଟେନିସ କୋର୍ଟରେ ଏହା ଆୟୋଜନ କରାଯାଇଛି। କେଟିଏମ୍ ଡ୍ୟୁକ ବାଇକରେ ପ୍ରଦର୍ଶନକାରୀ ଷ୍ଟଣ୍ଟ ଦେଖାଇଥିଲେ। ଗ୍ରାହକଙ୍କୁ କେଟିଏମ୍ ବାଇକର ରୋମାଞ୍ଚ ପ୍ରଦାନ କରିବା ଲାଗି ଏଭଳି ଶୋ'ଆୟୋଜନ କରାଯାଇଥିବା ବଜାଜ ଅଟୋର ପ୍ରୋ ବାଇକିଂ ଉପସଭାପତି ସୁମିତ ନାରଙ୍ଗ ସୂଚନା ଦେଇଛନ୍ତି। ରାଜ୍ୟର କଟକ, ବ୍ରହ୍ମପୁର, ଭଦ୍ରକ ଏବଂ ବାଲେଶ୍ୱର ଭଳି ସ୍ଥାନରେ ଏହାକୁ ଆୟୋଜନ କରାଯାଇଛି। କମ୍ପାନୀ ସାରା ଦେଶରେ ଏଭଳି ଶୋ' ଆୟୋଜନ ଧାରା ଜାରି ରଖିଛି। ଏହି ବାଇକକୁ ପୁରୀର କୁମ୍ଭାରପଡା ସ୍ଥିତ କେଟିଏମ୍ ପୁରୀ ଏବଂ ଭବାନୀପାଟଣାର କେସିଙ୍ଗା ରୋଡ ସ୍ଥିତ ଶୋ'ରୁମରୁ ଗ୍ରାହକ ପାଇପାରିବେ।

### ଅଶୋଧିତ ତୈଳ ଦର ୨୮ ବର୍ଷ ପରେ ଗୋଟିଏ ଦିନରେ ସର୍ବବୃହତ୍ ବୃଦ୍ଧି

# ୭ ଟଙ୍କା ପର୍ଯ୍ୟନ୍ତ ବଢ଼ିବ ପେଟ୍ରୋଲ, ଡିଜେଲ

ରିଆଧ/ନୂଆଦିଲ୍ଲୀ,୧୬-୯

ବିଶ୍ୱର ସର୍ବବୃହତ୍ ତୈଳ ଉତ୍ପାଦକ କମ୍ପାନୀ ସୌଦି ଆରାମ୍‌କୋରେ ଡ୍ରୋନ ଆକ୍ରମଣ ଯୋଗୁ ଅନ୍ତର୍ଜାତୀୟ ତୈଳ ବଜାରରେ ଅଶୋଧିତ ତେଲ ଦରରେ ନିଆଁ ଲାଗିଛି। ସୋମବାର ବ୍ରେଣ୍ଟ କ୍ରୁଡ୍ ଦର ୨୦% ବୃଦ୍ଧିପାଇଛି, ଯାହାକି ୨୮ ବର୍ଷପରେ ଗୋଟିଏ ଦିନରେ ଅର୍ଥାତ୍ ୧୯୯୧ ଜାନୁୟାରୀ ୧୪ରେ ଏହା ସର୍ବବୃହତ୍ ବୃଦ୍ଧି ପରିଲକ୍ଷିତ ହୋଇଛି। ତେବେ ଦିନର କାରବାର ଶେଷ ବେଳକୁ ଏହା ୧୦% ଅର୍ଥାତ୍ ୬ ଡଲାର ବୃଦ୍ଧି ପାଇଛି। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର ବଢ଼ିବା ଯୋଗୁ ଦେଶରେ ପେଟ୍ରୋଲ ଓ ଡିଜେଲ ଦର ପ୍ରଭାବିତ ହେବ ବୋଲି କୁହାଯାଉଛି। ବିଶେଷଜ୍ଞଙ୍କ କହିବାନୁଯାୟୀ, ଆସନ୍ତା ୧୫ ଦିନ ମଧ୍ୟରେ ଦେଶରେ ତେଲ ଦର ପ୍ରାୟ ୫ରୁ ୭ ଟଙ୍କା ବଢ଼ିବାର ଯଥେଷ୍ଟ ସମ୍ଭାବନା ରହିଛି।

ଶନିବାର ହୁତି ବିଦ୍ରୋହୀ ସଂଗଠନ ପକ୍ଷରୁ ଆରାମ୍‌କୋର ଅବକ୍ୟାକ୍ ଓ ଖୁରାଇସସ୍ଥିତ ଦୁଇଟି ତୈଳ କୂଅ ଉପରେ ଡ୍ରୋନ ଆକ୍ରମଣ କରାଯାଇଥିଲା। ଏହାପରେ ଆରାମ୍‌କୋର ତୈଳ ଉତ୍ପାଦନ ଦୈନିକ ପ୍ରାୟ ୧୦୦ ମିଲିୟନ ବ୍ୟାରେଲର ଅଧା ହୋଇଯାଇଛି। କମ୍ପାନୀ ପକ୍ଷରୁ କୁହାଯାଇଛି ଯେ, ଆସନ୍ତା ୨/୩ ଦିନ ଭିତରେ ଉତ୍ପାଦନ ହ୍ରାସ କରି କୂଅର ମରାମତି କରାଯିବ।

ପ୍ରାପ୍ତ ସୂଚନାରୁ ଜଣାପଡ଼ିଛି ଯେ, ସୋମବାର ଅନ୍ତର୍ଜାତୀୟ ବଜାରରେ ବ୍ରେଣ୍ଟ କ୍ରୁଡ୍ ମୂଲ୍ୟ ୧୯.୫% ବୃଦ୍ଧି ପାଇ ବ୍ୟାରେଲ ପିଛା ୭୧.୯୫ ଡଲାରରେ ପହଞ୍ଚିଯାଇଥିଲା। ଅନ୍ତର୍ଜାତୀୟ



ବଜାରରେ ଅଶୋଧିତ ତେଲ ଦର ବୃଦ୍ଧି ପାଇବା ଅର୍ଥ ଭାରତରେ ପେଟ୍ରୋଲ ଓ ଡିଜେଲ ଦର ଯଥେଷ୍ଟ ବଢ଼ିବ। କାରଣ ଭାରତ ଏହାର ଚାହିଦାର ପ୍ରାୟ ୮୩ ପ୍ରତିଶତ ତୈଳ ବିଦେଶରୁ ଆମଦାନୀ କରିଥାଏ। ତେବେ ହୁତି ବିଦ୍ରୋହୀଙ୍କ ଡ୍ରୋନ ଆକ୍ରମଣ ପଛରେ ଇରାନର ହାତ ରହିଥିବା ଆମେରିକା ଅଭିଯୋଗ କରିଛି। ଇରାନ ବିରୋଧରେ ଆମେରିକା ସାମରିକ କାର୍ଯ୍ୟାନୁଷ୍ଠାନ ନେବାକୁ ଚିନ୍ତା କରୁଛି। ଅନ୍ୟପକ୍ଷରେ ଆକ୍ରମଣ ହେଲେ ଇରାନ ମଧ୍ୟ ଆମେରିକା ବିରୋଧରେ ବଡ଼ ଧରଣର ଯୁଦ୍ଧ ପାଇଁ ପ୍ରସ୍ତୁତ ଥିବା କହିଛି। ଆଗାମୀ ଦିନରେ ଗଲ୍ଫ ଅଞ୍ଚଳରେ ଯୁଦ୍ଧ ଲାଗିଲେ ତେଲ ଦର ଆହୁରି ବଢ଼ିଯିବ ଏଥିରେ ସନ୍ଦେହ ନାହିଁ ବୋଲି ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି।

ଅନ୍ୟପକ୍ଷରେ ହିନ୍ଦୁସ୍ତାନ ପେଟ୍ରୋଲିୟମ କର୍ପୋରେଶନ (ଏଚ୍‌ପିସିଏଲ୍) ପକ୍ଷରୁ କୁହାଯାଇଛି ଯେ, ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର ବଢ଼ିବା ଯୋଗୁ ଦେଶରେ ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି ପାଇବ। କ୍ରୁଡ୍ ଦର ୧୦% ବଢ଼ିଲେ ପେଟ୍ରୋଲ ଓ ଡିଜେଲ ଦର ପ୍ରଭାବିତ ହେବ ବୋଲି ଅଧ୍ୟକ୍ଷ ଏମ୍.କେ.ସୁରନା କହିଛନ୍ତି।

**୨୦ ଡଲାର ପର୍ଯ୍ୟନ୍ତ ବଢ଼ିପାରେ ଅଶୋଧିତ ତେଲ ଦର**

ବିଶେଷଜ୍ଞଙ୍କ ମତକୁ ଉଦ୍ଧାର କରି ରଏଟର୍ସ ଲେଖିଛି ଯେ, ଆସନ୍ତା ୩୦ ତାରିଖ ସୁଦ୍ଧା ସୌଦି ଆରାମ୍‌କୋର ସ୍ଥିତି ନ ସୁଧୁରିଲେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର ୧୦୦ ଡଲାର ପ୍ରତି ବ୍ୟାରେଲ ଛୁଇଁପାରେ। ଆସନ୍ତା ୭ ଦିନ ଭିତରେ ସ୍ଥିତିରେ ପରିବର୍ତ୍ତନ ନ ଆସିଲେ ତେଲ ଦର ୧୫ରୁ ୨୦ ଡଲାର ବଢ଼ିବାର ଯଥେଷ୍ଟ ସମ୍ଭାବନା ରହିଛି।

**ଚଳନ୍ତି ଖାତା ନିଅଣ୍ଟ ବଢ଼ିବ**

ସିଙ୍ଗାପୁରସ୍ଥିତ ଡିବିଏସ୍ ବ୍ୟାଙ୍କିଙ୍ଗ୍ ଗ୍ରୁପ୍ ପକ୍ଷରୁ କୁହାଯାଇଛି ଯେ, ଅଶୋଧିତ ତୈଳ ଦର ୧୦% ବଢ଼ିଲେ ଭାରତର ଚଳନ୍ତି ଖାତା ନିଅଣ୍ଟ ପରିମାଣ ଜିଡିପିର ୦.୪ରୁ୦.୫% ବଢ଼ିବ। ବ୍ରେଣ୍ଟ କ୍ରୁଡ୍ ମୂଲ୍ୟ ଗୋଟିଏ ଡଲାର ବଢ଼ିଲେ ଭାରତର ତୈଳ ଆମଦାନୀ ବିଲ୍‌ରେ ୨ ବିଲିୟନ ଡଲାର ଯୋଡି ହେବ।

**ତେଲ ଉପଲବ୍ଧତା ପ୍ରଭାବିତ ହେବନି: ଧର୍ମେନ୍ଦ୍ର**



ସୌଦି ଆରାମ୍‌କୋରେ ଡ୍ରୋନ୍ ଆକ୍ରମଣ ପରେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର ହଠାତ୍ ବୃଦ୍ଧି ପାଇଛି। ତେଲ ଉତ୍ପାଦନରେ ବ୍ୟାଘାତ ସୃଷ୍ଟି ହେବା ଆଶଙ୍କାରେ ଦରବୃଦ୍ଧି ଘଟିଛି। ତେବେ ଭାରତ ପାଇଁ କିଛି ଅସୁବିଧା ହେବ ନାହିଁ ବୋଲି ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦେଶବାସୀଙ୍କୁ ଆଶ୍ୱସ୍ତ କରିବାକୁ ଚାହିଁଛନ୍ତି। ସେ କହିଛନ୍ତି ଯେ, ସରକାର ତୈଳ ମାର୍କେଟିଂ କମ୍ପାନୀଙ୍କ ସହ ମିଶି ସେପ୍ଟେମ୍ବର ପାଇଁ ତେଲ ଯୋଗାଣର ସମୀକ୍ଷା କରିଛନ୍ତି। ଦେଶକୁ ତେଲ ଯୋଗାଣରେ କିଛି ଅସୁବିଧା ହେବ ନାହିଁ ବୋଲି ସରକାର ଆଶ୍ୱସ୍ତ ଅଛନ୍ତି। ଦରକାର ପଡିଲେ ଦେଶର ରଣନୈତିକ ଭଣ୍ଡାରରୁ ତେଲ ବ୍ୟବହାର କରାଯିବ ବୋଲି ସେ କହିଛନ୍ତି। ଧର୍ମେନ୍ଦ୍ର ଜଣାଇଛନ୍ତି ଯେ, ଡ୍ରୋନ୍ ଆକ୍ରମଣ ପରେ ସୌଦି ଆରାମ୍‌କୋର ଅଧିକାରୀମାନେ ଦେଶର ତୈଳ କମ୍ପାନୀଙ୍କୁ ଜଣାଇଛନ୍ତି ଯେ, ତାଙ୍କ ଦ୍ୱାରା ତୈଳ ଯୋଗାଣ ବ୍ୟାହତ ହେବ ନାହିଁ। ଏ ସମ୍ପର୍କରେ ପେଟ୍ରୋଲିୟମ ମନ୍ତ୍ରଣାଳୟ ପକ୍ଷରୁ ଏକ ବିବୃତି ମଧ୍ୟ ଜାରି କରାଯାଇଛି। ମନ୍ତ୍ରଣାଳୟ, ତୈଳ କମ୍ପାନୀଗୁଡ଼ିକ ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି ବୋଲି ଧର୍ମେନ୍ଦ୍ର କହିଛନ୍ତି।

**ଅପେକ୍ଷା କରିବାକୁ ହେବ: ଶକ୍ତିକାନ୍ତ**



ସୌଦି ଆରାମ୍‌କୋରେ ଡ୍ରୋନ ଆକ୍ରମଣ ଯୋଗୁ ଭାରତୀୟ ଅର୍ଥନୀତି ଉପରେ ଏହାର ଗଭୀର ପ୍ରଭାବ ପଡିବ। କାରଣ ଭାରତର ଚଳନ୍ତି ଖାତା ନିଅଣ୍ଟ ପରିମାଣ ଏବଂ ବିତ୍ତୀୟ ନିଅଣ୍ଟ ପରିମାଣ ବଢ଼ିବ। ଆରାମ୍‌କୋ ଘଟଣା ପରେ ତୈଳ ଓ ମୁଦ୍ରା ଦର ପ୍ରଭାବିତ ହେବ। ଆସନ୍ତା କିଛି ଦିନ ଭିତରେ ଏ ଦିଗରେ ସ୍ପଷ୍ଟତା ଆସିବ। ତେବେ ଆମକୁ ବର୍ତ୍ତମାନ 'ଅପେକ୍ଷା କରିବାକୁ ହେବ' ବୋଲି ଭାରତୀୟ ରିଜର୍ଭ ବ୍ୟାଙ୍କ ଗଭର୍ନର ଶକ୍ତିକାନ୍ତ ଦାସ ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଆଲୋଚନା କାଳରେ କହିଛନ୍ତି।

## ଟିଭିଏସ୍ ରାଡିଅନ୍‌ର ସ୍ୱତନ୍ତ୍ର ଏଡିଶନ




ଭୁବନେଶ୍ୱର, ୧୬-୯

ଟିଭିଏସ୍ ମୋଟର କମ୍ପାନୀ ପକ୍ଷରୁ ଏହାର ଲୋକପ୍ରିୟ ମଡେଲ ରାଡିଅନର ସ୍ୱତନ୍ତ୍ର ଏଡିଶନ ବଜାରକୁ ଆସିଛି। ସେଲିବ୍ରିଟାରୀ ଏଡିଶନ ଶୁଭାରମ୍ଭ ହୋଇଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି। ଏହା କ୍ରୋମ ବ୍ଲାକ ଏବଂ କ୍ରୋମ ବ୍ରାଉନ ରଙ୍ଗରେ ଉପଲବ୍ଧ। ମଡେଲଟିରେ ସାମ୍ନା ଡିସ୍କ ବ୍ରେକ, ନୂଆ ପ୍ୟାଡ ଡିଜାଇନ, ନୂଆ ପେଟ୍ରୋଲ ଟାଙ୍କି କୁଶନ ସହ ମେଟାଲିକ ଲେବଲ, କ୍ରୋମ ରିୟର ଭିୟୁ ମିଟର, କ୍ରୋମ କାର୍ବୋରେଟର କଭର, ପ୍ରିମିୟମ ଗ୍ରାଫିକ୍ସ ଏବଂ ଷ୍ଟାଇଲ ଗ୍ରାହକମାନେ ଲାଭ କରି ପାରିବେ। ନୂତନ ପିଢ଼ିର ଗ୍ରାହକଙ୍କୁ ନଜରରେ ରଖି ଯାନଟିକୁ ପ୍ରସ୍ତୁତ କରାଯାଇଛି। ୨ ଲକ୍ଷରୁ ଊର୍ଦ୍ଧ୍ୱ ସନ୍ତୁଷ୍ଟ ଗ୍ରାହକ ଯାନଟିକୁ ପସନ୍ଦ କରିଛନ୍ତି। ଲୋକଙ୍କଠାରୁ ଭଲ ପାଇବା ପାଇଥିବାରୁ ସ୍ୱତନ୍ତ୍ର ମଡେଲଟି ପ୍ରସ୍ତୁତ କରାଯାଇଥିବା କମ୍ପାନୀର ଉପସଭାପତି ଅନିରୁଦ୍ଧ ହାଲଦାର କହିଛନ୍ତି। ଏଥିରେ ଆରାମ ଏବଂ ପ୍ରିମିୟମର ସ୍ୱତନ୍ତ୍ରତା ରହିଥିବା ହାଲଦାର ପ୍ରକାଶ କରିଛନ୍ତି।

## 'କ୍ଷୁଦ୍ର ରପ୍ତାନିକାରୀଙ୍କ ଲାଗି ବୀମା ପ୍ରିମିୟମ କମିବ'

ନୂଆଦିଲ୍ଲୀ,୧୬-୯

ବାଣିଜ୍ୟ ମନ୍ତ୍ରଣାଳୟ କ୍ଷୁଦ୍ର ରପ୍ତାନିକାରୀଙ୍କ ଲାଗି ବୀମା ପ୍ରିମିୟମ ହାର କମ୍ କରିବା ପାଇଁ କ୍ୟାବିନେଟରେ ଏକ ପ୍ରସ୍ତାବ ଆଣିବ। ଯେଉଁ ରପ୍ତାନିକାରୀଙ୍କ ବକେୟା ସୀମା ୮୦ କୋଟି ଟଙ୍କାରୁ କମ୍ ହୋଇଥିବ ସେମାନଙ୍କ ଲାଗି ବୀମା ପ୍ରିମିୟମ ହାରକୁ ୦.୬୦ ପ୍ରତିଶତକୁ ହ୍ରାସ କରାଯିବ। ବାଣିଜ୍ୟ ଏବଂ ଉଦ୍ୟୋଗ ମନ୍ତ୍ରୀ ପୀୟୁଷ ଗୋୟଲ ସୋମବାର କହିଛନ୍ତି ଯେ, ବର୍ତ୍ତମାନ ବୀମା ପ୍ରିମିୟମ ୦.୭୨% ରହିଛି। ଏହାବ୍ୟତୀତ ୮୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ସୀମାର ରପ୍ତାନିକାରୀଙ୍କ ସହାୟତା ଲାଗି ପ୍ରିମିୟମକୁ ସୁବ୍ୟବସ୍ଥିତ କରାଯିବ। ଏଭଳି ଭାବେ ରପ୍ତାନିକାରୀଙ୍କୁ ବିଭିନ୍ନ ଶ୍ରେଣୀରେ ବଣ୍ଟାଯିବ ବୋଲି ସେ କହିଛନ୍ତି। ଏଥିରେ ଅଣ ସ୍ୱର୍ଣ୍ଣ, ଗହଣା ଏବଂ ହୀରା ସମେତ ଅନ୍ୟ ରପ୍ତାନିକାରୀ ସାମିଲ ହେବେ। ସେ କହିଛନ୍ତି ଯେ, ଭାରତୀୟ ରପ୍ତାନି ଋଣ ଗ୍ୟାରେଣ୍ଟି ନିଗମ ପକ୍ଷରୁ ନୂଆ ସ୍କିମ୍ ନିର୍ବିକ(ରପ୍ତାନି ଋଣ ବିକାଶ ଯୋଜନା) ଆରମ୍ଭ କରାଯାଇଛି। ଏହା ରପ୍ତାନିକାରୀଙ୍କୁ ଋଣ ପ୍ରଦାନରେ ବ୍ୟାଙ୍କଗୁଡ଼ିକୁ ସହାୟତା କରିବ। ବାଣିଜ୍ୟ ମନ୍ତ୍ରୀ କହିଛନ୍ତି ଯେ, ଏହି ସୁରକ୍ଷା କବଚ ପରିସରକୁ ଅଧିକ ବୃଦ୍ଧି କରାଯାଇଛି। ଏଥିରେ ବକେୟା ସମେତ ମୂଳଧନକୁ ମଧ୍ୟ ଯୋଡା ଯାଇଛି।

## ବ୍ୟାଙ୍କ ମିଶ୍ରଣକୁ କର୍ପୋରେଶନ ବ୍ୟାଙ୍କର ବିରୋଧ

ଭୁବନେଶ୍ୱର, ୧୬-୯(ବ୍ୟୁରୋ)

କର୍ପୋରେଶନ ବ୍ୟାଙ୍କକୁ ୟୁନିୟନ ବ୍ୟାଙ୍କ ସହ ମିଶ୍ରଣ ପ୍ରକ୍ରିୟାକୁ ବ୍ୟାଙ୍କ ପକ୍ଷରୁ ବିରୋଧ କରାଯାଇଛି। ନିକଟରେ ସରକାର ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକର ମିଶ୍ରଣ ସମ୍ପର୍କରେ ଘୋଷଣା କରିଥିଲେ। ସ୍ଥାନୀୟ ଶହୀଦ ନଗରସ୍ଥିତ ବ୍ୟାଙ୍କର ଆଞ୍ଚଳିକ କାର୍ଯ୍ୟାଳୟ ସମ୍ମୁଖରେ କର୍ମଚାରୀମାନେ ଏହି ନିଷ୍ପତ୍ତିକୁ ବିରୋଧ କରିବା ସହ ପ୍ଲାକାର୍ଡ ଧରି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏଥିରେ ବ୍ୟାଙ୍କର ସମସ୍ତ ଅଧିକାରୀ, କର୍ମଚାରୀ



ଏବଂ ଅବସରପ୍ରାପ୍ତ କର୍ମଚାରୀମାନେ ଯୋଗ ଦେଇଥିଲେ। ସରକାର ତାଙ୍କର ନିଷ୍ପତ୍ତିକୁ ପୁନଃବିଚାର କରନ୍ତୁ ବୋଲି ସଂଘର ରାଜ୍ୟ ଆବାହକ ଗଣେଷ ପ୍ରଶାଦ ନାଥ କହିଛନ୍ତି। ବ୍ୟାଙ୍କକୁ ତାର ପୂର୍ବ ମାନ୍ୟତାରେ ରଖାଯାଉବୋଲି ସେ ଦାବି କରିଛନ୍ତି। ସରକାର ଏ ଦିଗରେ କୌଣସି ଠୋସ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର ହେବ ବୋଲି ସେ ସୂଚନା ଦେଇଛନ୍ତି।

## ନିଲାମୀରେ ବିକ୍ରି ହୋଇପାରିନି ସ୍ପେକ୍ଟ୍ରମ ସରକାରଙ୍କ ୫.୪ଲକ୍ଷ କୋଟି ଟଙ୍କା କ୍ଷତି

ନୂଆଦିଲ୍ଲୀ,୧୬-୯

ଗତ ନିଲାମୀରେ କିଛି ସ୍ପେକ୍ଟ୍ରମ ବିକ୍ରି ହୋଇପାରି ନ ଥିବାରୁ ସରକାରଙ୍କର ପ୍ରାୟ ୫.୪ ଲକ୍ଷ କୋଟି ଟଙ୍କା କ୍ଷତି ହୋଇଛି ବୋଲି ଉଦ୍ୟୋଗ ସଂଗଠନ ବ୍ରଡ୍‌ବ୍ୟାଣ୍ଡ ଇଣ୍ଡିଆ ଫୋରମ୍ (ବିଆଇଏଫ୍) ପକ୍ଷରୁ ଦାବି କରାଯାଇଛି। ସରକାର ୫ଜି ସ୍ପେକ୍ଟ୍ରମ ନିଲାମ କଲା ବେଳେ ଏହାର ଉପଲବ୍ଧତା ଏବଂ ଉଚିତ୍ ଦର ନିର୍ଦ୍ଧାରଣ କରିବା ଆବଶ୍ୟକ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି। ବିଆଇଏଫ୍ ପକ୍ଷରୁ କୁହାଯାଇଛି ଯେ, ୫ଜି ସ୍ପେକ୍ଟ୍ରମର ସଂରକ୍ଷିତ ମୂଲ୍ୟ ବହୁତ। ଅନ୍ୟ ଦେଶ ତୁଳନାରେ ଏହା ୪ ଗୁଣା ଅଧିକ। ଏଥିରେ ତତ୍କାଳ ସଂଶୋଧନ କରାଯିବା ଜରୁରୀ। ବିଆଇଏଫ୍ ପକ୍ଷରୁ ଏକ ବିବୃତି ଜାରି କରି କୁହାଯାଇଛି ଯେ, ଭାରତରେ ସ୍ପେକ୍ଟ୍ରମ ନିଲାମୀର ସଫଳତା କେବଳ ଏହାର ମୂଲ୍ୟ ଉପରେ ନିର୍ଭରଶୀଳ। ଉଚିତ୍ ଦର ଥିଲେ ସର୍ବାଧିକ ବିକ୍ରି ହୋଇପାରିବ ଏବଂ ସର୍ବୋତ୍ତମ ପ୍ରତ୍ୟକ୍ଷ ଓ ପରୋକ୍ଷ ଲାଭ ହାସଲ ହୋଇପାରିବ।

## ଅନିଲ ଅମ୍ବାନୀଙ୍କ ଆଉ ଏକ କମ୍ପାନୀ ଦେବାଳିଆ

ନୂଆଦିଲ୍ଲୀ,୧୬-୯

ଶିଳ୍ପପତି ଅନିଲ ଅମ୍ବାନୀଙ୍କ ମାଲିକାନାରେ ଥିବା ଆଉ ଏକ କମ୍ପାନୀ ଦେବାଳିଆ ହୋଇଗଲାଣି। ଋଣରେ ବୁଡ଼ି ରହିଥିବା ଟେଲିକମ୍ କମ୍ପାନୀ ରିଲାଏନ୍ସ କମ୍ୟୁନିକେଶନ୍ସର ଏକ ସହଯୋଗୀ କମ୍ପାନୀ ଜିସିଏକ୍ସ ଲିମିଟେଡ ନିଜକୁ ଦେବାଳିଆ ଘୋଷଣା ଲାଗି ଆଇବିସି କୋର୍ଟରେ ଆବେଦନ କରିଛି ବୋଲି ମିଡିଆ ରିପୋର୍ଟ ପ୍ରକାଶ ପାଇଛି। ଉଲ୍ଲେଖଥାଉ କି, ସମୁଦ୍ର ତଳେ ବିଶ୍ୱର ସର୍ବବୃହତ ଘରୋଇ କେବଲ ସିଷ୍ଟମ ଜିସିଏକ୍ସ ନିକଟରେ ରହିଛି। ୩୫ କୋଟି ଡଲାର ୭% ବଣ୍ଡ ପେମେଣ୍ଟ ଦେବାରେ ବିଫଳ ହେବା ପରେ କମ୍ପାନୀ ଉକ୍ତ ପଦକ୍ଷେପ ଗ୍ରହଣ କରିଛି। ଏଥିପୂର୍ବରୁ ରିଲାଏନ୍ସ କମ୍ୟୁନିକେଶନ୍ସ ନିଜକୁ



ଦେବାଳିଆ ଘୋଷଣା ପାଇଁ ଆଇବିସି କୋର୍ଟରେ ଆବେଦନ କରିସାରିଛି। ଋଣବୋଝକୁ କମାଇବା ଲକ୍ଷ୍ୟରେ ରିଲାଏନ୍ସ ଗ୍ରୁପ୍ ରୋଡ୍‌ରୁ ରେଡିଓ ଷ୍ଟେଶନ ପର୍ଯ୍ୟନ୍ତ ବିକ୍ରି କରି ୨୧,୭୦୦ କୋଟି ଟଙ୍କା ଯୋଗାଡ କରିବାକୁ ଲକ୍ଷ୍ୟ ରଖିଛି।

## ଓରିଏଣ୍ଟାଲ ଇନ୍‌ସ୍ୟୁରାନ୍ସର ପ୍ରତିଷ୍ଠା ଦିବସ

ଭୁବନେଶ୍ୱର, ୧୬-୯

ଓରିଏଣ୍ଟାଲ ଇନସ୍ୟୁରାନ୍ସ କମ୍ପାନୀ ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ୭୩ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଭୁବନେଶ୍ୱରର ଶହୀଦ ନଗରସ୍ଥିତ କ୍ଷେତ୍ରୀୟ କାର୍ଯ୍ୟାଳୟଠାରେ ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ୧୦୦ରୁ ଊର୍ଦ୍ଧ୍ୱ ଗ୍ରାହକ ଏବଂ କର୍ମଚାରୀ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ସେହିଭଳି କ୍ଷେତ୍ରୀୟ କାର୍ଯ୍ୟାଳୟ ସଭାଗୃହରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଓରିଏଣ୍ଟାଲ ଇନସ୍ୟୁରାନ୍ସ କମ୍ପାନୀର କ୍ଷେତ୍ରୀୟ ପ୍ରବନ୍ଧକ ଗଜେନ୍ଦ୍ର ନାଥ ସାମଲ, ସତ୍ୟ ନାରାୟଣ ନନ୍ଦ, ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ସର୍କଲ ମୁଖ୍ୟ ଗଣପତ ଲାଲ, ଓରିଏଣ୍ଟାଲ ବ୍ୟାଙ୍କ ଅଫ୍ କମର୍ସର ମହାପ୍ରବନ୍ଧକ ବିନୟ ଗୁପ୍ତା ଏବଂ କ୍ଷେତ୍ରୀୟ ମୁଖ୍ୟ ତୌଫିକ ଆଲାମ ଯୋଗ ଦେଇ ଗ୍ରାହକ ସେବା ଉପରେ ଗୁରୁତ୍ୱାରୋପ କରିଥିଲେ।

## 'ଆଶାଠାରୁ ଖରାପ ରହିଛି ଜିଡିପି'

ନୂଆଦିଲ୍ଲୀ,୧୬-୯

**ଆର୍‌ବିଆଇ ଗଭର୍ନରଙ୍କ ସ୍ୱୀକାରୋକ୍ତି**




ଦେଶର ଅର୍ଥନୀତି ଖରାପ ସମୟ ଦେଇ ଗତିକରୁଛି। ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସରେ ୫% ଜିଡିପି ଅଭିବୃଦ୍ଧି ହାର ତାଙ୍କୁ ଚକିତ କରିଛି ବୋଲି ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଗଭର୍ନର ଶକ୍ତିକାନ୍ତ ଦାସ ସୋମବାର ସ୍ୱୀକାର କରିଛନ୍ତି।

ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଆଲୋଚନା କାଳରେ ଶକ୍ତିକାନ୍ତ କହିଛନ୍ତି ଯେ, ଦେଶର ଅର୍ଥନୀତିକୁ ବଢ଼ାଇବା ଲାଗି ସରକାର କେତେକ ପଦକ୍ଷେପ ଘୋଷଣା କରିଛନ୍ତି। ଗତବର୍ଷ ଅପେକ୍ଷା ଅଧିକ ଏଫଡିଆଇ ଆସିଛି। ଖାଦ୍ୟ ମୁଦ୍ରାସ୍ଫୀତିକୁ ନେଇ ଚିନ୍ତା କରିବାର ଆବଶ୍ୟକତା ନାହିଁ ବୋଲି ସେ କହିଛନ୍ତି। ସରକାରଙ୍କ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ସବୁ ଠିକ୍ ରହିଛି। ଧୀରେ ଧୀରେ ସ୍ଥିତିରେ ଉନ୍ନତି ଆସିବ। ସରକାର ତୁରନ୍ତ ହସ୍ତକ୍ଷେପ କରୁଛନ୍ତି, ଏହା ଏକ ସକାରାତ୍ମକ ଦିଗ। ଢାଞ୍ଚାଗତ କ୍ଷେତ୍ରରେ ସଂସ୍କାର ପାଇଁ ଆର୍‌ବିଆଇ ନିଜର ରିପୋର୍ଟରେ କହିସାରିଛି। ଖର୍ଚ୍ଚ ବଢ଼ାଇବା ଲାଗି କେନ୍ଦ୍ରୀୟ ବ୍ୟାଙ୍କ ରେପୋ ରେଟ୍ ହ୍ରାସ କରୁଛନ୍ତି। ଦେଶର ଜିଡିପି ପ୍ରଥମ ତ୍ରୈମାସରେ ୫.୮% ରହିବ ବୋଲି ଆର୍‌ବିଆଇ ଅନୁମାନ କରିଥିବା ବେଳେ ଏହା ୫% ରହିବା ନିଶ୍ଚିତ ଭାବେ ଖରାପ କୁହାଯାଇପାରେ ବୋଲି ଶକ୍ତିକାନ୍ତ କହିଛନ୍ତି। ତେବେ କେବେ ସୁଦ୍ଧା ଅର୍ଥନୀତି ଗତିଶୀଳ ହେବ ବର୍ତ୍ତମାନ କହିବା ଅସମ୍ଭବ ବୋଲି ସେ ସ୍ପଷ୍ଟ କରିଛନ୍ତି। ଦ୍ୱିତୀୟ ତ୍ରୈମାସର ଫଳାଫଳକୁ ଅପେକ୍ଷା କରିବାକୁ ହେବ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ଦକ୍ଷିଣ ଆଫ୍ରିକା କ୍ରିକେଟ୍‌ର ପାର୍ଟନର ହେଲା 'ଅମୁଲ'

**ନୂଆଦିଲ୍ଲୀ, ୧୬।୯ (ପି.ଟି.):** ଭାରତ ବିପକ୍ଷ ଚଳିତ ୩ ମ୍ୟାଚ ବିଶିଷ୍ଟ ଅନ୍ତର୍ଜାତୀୟ ଟି୨୦ ସିରିଜ ପାଇଁ ଭାରତର ପ୍ରମୁଖ ଡାଏରୀ କମ୍ପାନୀ 'ଅମୁଲ' କ୍ରିକେଟ ଦକ୍ଷିଣ ଆଫ୍ରିକା (ସିଏସ୍‌ଏ)ର ପାର୍ଟନର ହୋଇଛି। ଏନେଇ ସୋମବାର ଉଭୟ ପକ୍ଷ ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷର ହୋଇଛି। ଟି୨୦ ସିରିଜର ଅବଶିଷ୍ଟ ଦୁଇଟି ମ୍ୟାଚରେ ଦକ୍ଷିଣ ଆଫ୍ରିକା ଦଳର ଖେଳାଳିମାନଙ୍କ ଶାର୍ଟରେ ବିଶ୍ୱର ୭୩ତମ ର୍‍ୟାଙ୍କିଙ୍ଗପ୍ରାପ୍ତ 'ଅମୁଲ' ଛାପା ସ୍ଥାନ ପାଇବ। ବର୍ଷା ଯୋଗୁ ଧର୍ମଶାଳାରେ ସିରିଜର ପ୍ରଥମ ମ୍ୟାଚ ବାତିଲ ହୋଇଯାଇଛି। ଦ୍ୱିତୀୟ ମ୍ୟାଚ ବୁଧବାର ମୋହଲିଠାରେ ଖେଳାଯିବାକୁ ଥିବାବେଳେ ସେପ୍ଟେମ୍ବର ୨୨ରେ ତୃତୀୟ ତଥା ଅନ୍ତିମ ମ୍ୟାଚ ବେଙ୍ଗାଲୁରୁରେ ଖେଳାଯିବ। ସିଏସଏର ମୁଖ୍ୟ କାର୍ଯ୍ୟନିର୍ବାହୀ ଥବଙ୍ଗ ମୋରୋ କହିଛନ୍ତି, ଆମର ଇଣ୍ଟରନ୍ୟାଶନାଲ ମାର୍କେଟିଂ ପାର୍ଟନର ଆଇଟିଡବ୍ଲ୍ୟୁର ଉଦ୍ୟମକ୍ରମେ ଅମୁଲ କମ୍ପାନୀ ସହିତ ଚୁକ୍ତି ହୋଇ ପାରିଛି।

### ପଦକ ଦୌଡ଼ରେ ନବୀନ

**ନୁର୍-ସୁଲତାନ (କାଜାଖସ୍ତାନ), ୧୬।୯ (ପି.ଟି.):** ଭାରତୀୟ ରେସ୍‌ଲର ଗୁର୍‌ପ୍ରୀତ୍ ସିଂ ଏଠାରେ ଚାଲିଥିବା ବିଶ୍ୱ ଚାମ୍ପିୟନଶିପ୍‌ରେ ସଂଘର୍ଷ କରି ଶେଷରେ ପରାଜୟବରଣ କରିଛନ୍ତି। କିନ୍ତୁ ନବୀନ ପଦକ ଦୌଡ଼ରେ ନିଜକୁ ସାମିଲ କରିବାରେ ସଫଳ ହୋଇଛନ୍ତି। ୧୩୦ କିଗ୍ରା ପୁରୁଷ ଗ୍ରୀକ୍ ରୋମାନ ବର୍ଗରେ ନବୀନ ପ୍ରଥମେ ୨୦୧୮ ପାନ୍-ଆମେରିକାନ ଚାମ୍ପିୟନ ଓସ୍କାର ପିନୋ ହିଣ୍ଟଙ୍କ ନିକଟରୁ ଟେକ୍ନିକାଲ ପ୍ରଦର୍ଶନ ବଳରେ ହାରିଯାଇଥିଲେ। କିନ୍ତୁ ପରେ କ୍ୟୁବା କୁସ୍ତିଯୋଦ୍ଧା ଓସ୍କାର ଫାଇନାଲରେ ପ୍ରବେଶ କରିବା ଫଳରେ ପଦକ ଦୌଡ଼ରେ ସାମିଲ କରିବା ପାଇଁ ନବୀନଙ୍କୁ ସହାୟତା ହୋଇଥିଲା। ନବୀନ ପ୍ରଥମେ ଇସ୍ତୋନିଆର ହେଇକି ନବି ଓ ପରେ କିର୍ଗିଜସ୍ତାନର ମୁରାଟ ରାମୋନୋଭଙ୍କୁ ହରାଇ ବ୍ରୋଞ୍ଜ ପଦକ ରାଉଣ୍ଡକୁ ପ୍ରବେଶ କରିଛନ୍ତି। ପୂର୍ବରୁ ସୋମବାର ଅନୁଷ୍ଠିତ ପୁରୁଷ ୭୭ କିଗ୍ରା ବର୍ଗର ଏକ ବାଉଟ୍‌ରେ ଗୁର୍‌ପ୍ରୀତ୍ ବିଶ୍ୱ ମାନ୍ୟତାର ୨ ନମ୍ବର ସ୍ଥାନରେ ରହିଥିବା ସର୍ବିୟାର ଭିକ୍ଟର ନେମିସ୍‌ଙ୍କ ନିକଟରୁ ହାରିଯାଇଛନ୍ତି। ଭିକ୍ଟରଙ୍କ ନିକଟରୁ ହାରିବା ପୂର୍ବରୁ ଗୁର୍‌ପ୍ରୀତ୍ ଅଷ୍ଟ୍ରିୟାର ମାଇକେଲ୍ ୱାଙ୍ଗର୍‌ଙ୍କୁ ପରାସ୍ତ କରିଥିଲେ। ଅନ୍ୟତମ ଭାରତୀୟ କୁସ୍ତିଯୋଦ୍ଧା ମନୀଷଙ୍କୁ ୬୦ କିଗ୍ରା ବର୍ଗରେ ପରାଜୟର ସାମ୍ନା କରିବାକୁ ପଡ଼ିଛି।

### ବିଶ୍ୱ ବକ୍ସିଂରୁ ଦୁର୍ଯ୍ୟୋଧନଙ୍କ ବିଦାୟ

**ଏକ୍‌ଟେରିନବର୍ଗ (ରୁଷିଆ), ୧୬।୯ (ପି.ଟି.):** ଏଠାରେ ଚାଲିଥିବା ବିଶ୍ୱ ପୁରୁଷ ବକ୍ସିଂ ଚାମ୍ପିୟନଶିପ୍‌ରୁ ଭାରତୀୟ ବକ୍ସର ଦୁର୍ଯ୍ୟୋଧନ ସିଂ ନେଗି (୬୯ କିଗ୍ରା) ବିଦାୟ ନେଇଛନ୍ତି। ଦ୍ୱିତୀୟ ରାଉଣ୍ଡର ଏକ ମୁକାବିଲାରେ ଦୁର୍ଯ୍ୟୋଧନ ୧-୪ରେ ୬ଷ୍ଠ ସିଡ୍ ଜୋର୍ଡାନର ଜେୟାଦ୍ ଏଶାସ୍‌ଙ୍କ ନିକଟରୁ ହାରିଯାଇଛନ୍ତି। ପ୍ରାକ୍ତନ ଜାତୀୟ ଚାମ୍ପିୟନ ନେଗିଙ୍କ ଏହା ପଦାର୍ପଣ ବିଶ୍ୱ ଚାମ୍ପିୟନଶିପ୍ ପ୍ରତିଯୋଗିତା ରହିଥିଲା।



> ସୌମ୍ୟ ସରକାର ଫର୍ମରେ ନ ଥିବାରୁ ତାଙ୍କ ସ୍ଥାନରେ ଦଳରେ କେତେଜଣ ନୂଆ ଖେଳାଳିଙ୍କୁ ପରୀକ୍ଷାମୂଳକ ଭାବେ ଖେଳାଯାଉଛି ।
> —ମିନ୍‌ହାଜୁଲ ଆବେଦିନ୍,ବାଂଲାଦେଶ କ୍ରିକେଟର ମୁଖ୍ୟ ଚୟନକର୍ତ୍ତା

> ରାଫାଲ ନାଡାଲ ଅବା ନୋଭାକ ଜୋକୋଭିଚ୍ ଯଦି ଅବା ଅଧିକ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିବାରେ ସଫଳ ହୁଅନ୍ତି, ରୋଜର ଫେଡେରର କିନ୍ତୁ ମହାନ ଖେଳାଳି ହୋଇ ରହିବେ ।
> —ରଡ୍ ଲାଭର, ପୂର୍ବତନ ଅଷ୍ଟ୍ରେଲୀୟ ଟେନିସ ଖେଳାଳି



# କ୍ଲିନ୍ ସୁଇପ୍ ଲକ୍ଷ୍ୟରେ ଭାରତ –ଏ

**ମହୀଶୂର, ୧୬।୯ (ପି.ଟି.)**

ଭାରତ ଏ' ଏବଂ ଦକ୍ଷିଣ ଆଫ୍ରିକା ଏ' ମଧ୍ୟରେ ଦ୍ୱିତୀୟ ଅନ୍ ଅଫିସିଆଲ କ୍ରିକେଟ ଟେଷ୍ଟ ମ୍ୟାଚ ଏଠାରେ ମଙ୍ଗଳବାରଠାରୁ ଆରମ୍ଭ ହେବ। ଏଥିରେ ଯୁବ ଖେଳାଳି ଶୁବମନ ଗିଲ୍ ଆକର୍ଷଣର କେନ୍ଦ୍ରବିନ୍ଦୁ ରହିବେ। ୫ ମ୍ୟାଚ ବିଶିଷ୍ଟ ଅନ୍‌ଅଫିସିଆଲ ଅନ୍ତର୍ଜାତୀୟ ଦିନିକିଆ ସିରିଜ ଜିତିସାରିଥିବା ଭାରତ ଏ' ଭ୍ରମଣକାରୀ ଦଳ ବିପକ୍ଷ ପ୍ରଥମ ଗେମ୍ ୭ ଉଇକେଟରେ ଜିତିସାରିଛି। ଦଳ ଏଥିରେ କ୍ଲିନ୍ ସୁଇପ୍ ଲକ୍ଷ୍ୟରେ ରହିଛି। ଦକ୍ଷିଣ ଆଫ୍ରିକା ସିନିୟର ଟିମ୍ ବିପକ୍ଷ ୩ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ପାଇଁ ଭାରତୀୟ ଦଳର ଶୁବମନ ଗିଲ୍ ସ୍ଥାନ ପାଇଥିବାରୁ ତାଙ୍କ

**ଦ୍ୱିତୀୟ ଅନ୍‌ଅଫିସିଆଲ ଟେଷ୍ଟ ଆଜିଠାରୁ**

ପ୍ରଦର୍ଶନ ଉପରେ ସମସ୍ତଙ୍କ ନଜର ରହିବା ସ୍ୱାଭାବିକ। ଏହି ଟେଷ୍ଟ ସିରିଜ ଅକ୍ଟୋବର ୨ରୁ ବିଶାଖାପାଟଣାରେ ଆରମ୍ଭ ହେବ। ଗିଲ୍ ପ୍ରଥମ ମ୍ୟାଚରେ ଅଧିନାୟକତ୍ୱ କରିଥିଲେ। ସେ ଆକର୍ଷଣୀୟ ୯୦ରନ କରି ଦଳକୁ ବିଜୟୀ କରାଇବାରେ ବିଶେଷ ଭୂମିକା ଗ୍ରହଣ କରିଥିଲେ। ଚୟନକର୍ତ୍ତାମାନେ ତାଙ୍କୁ ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତୀୟ ଟେଷ୍ଟ ଦଳରେ ସ୍ଥାନ ଦେବା ନିଷ୍ପତ୍ତି ଯଥାର୍ଥ ବୋଲି ତାହା ପ୍ରମାଣ କରାଇବା ଲାଗି ପଞ୍ଜାବର ଏହି ଯୁବ ଖେଳାଳି ବ୍ୟଗ୍ର। ଏହି ୪ ଦିନିଆ ଦ୍ୱିତୀୟ ଗେମ୍ ପାଇଁ ଚୟନକର୍ତ୍ତାମାନେ ଘରୋଇ କ୍ରିକେଟରେ ଭଲ ପ୍ରଦର୍ଶନ କରିଥିବା କେତେଜଣ ଖେଳାଳିଙ୍କୁ ସୁଯୋଗ ଦେଇଛନ୍ତି। ଏହି ମ୍ୟାଚରେ ଗିଲ୍‌ଙ୍କ ସ୍ଥାନରେ ବେଙ୍ଗଲର ଅଭିଜ୍ଞ ଉଇକେଟକିପର ରିଦ୍ଧିମାନ ଶାହା ଅଧିନାୟକତ୍ୱ କରିବେ। ଓପନ ପ୍ରିୟଙ୍କ ପଞ୍ଚାଲ ଏବଂ ଅଭିମନ୍ୟୁ ଈଶ୍ୱରନଙ୍କୁ ମଧ୍ୟ ଦଳରେ ସ୍ଥାନ ମିଳିଛି। ଉଭୟ ପଞ୍ଚାଲ ଏବଂ ଈଶ୍ୱରନ ସିନିୟର ଟେଷ୍ଟ ଦଳରେ ସ୍ଥାନ ପାଇଁ ଦାବିଦାର ବୋଲି ପ୍ରମାଣିତ କରିବାକୁ ହେବ। ନିକଟରେ ୱେଷ୍ଟଇଣ୍ଡିଜ ଟୁର୍‌ରେ ଶାହା ରିଜର୍ଭ ଉଇକେଟକିପର ଥିଲେ। ରିଷଭ ପନ୍ତ ଉଇକେଟକିପର ଦାୟିତ୍ୱ ସମ୍ଭାଳିଥିଲେ। ନିକଟରେ ଦୁଲିପ ଟ୍ରଫିରେ ଭଲ ପ୍ରଦର୍ଶନ ଯୋଗୁ କର୍ଣ୍ଣାଟକ ବ୍ୟାଟ୍ସମ୍ୟାନ କରୁଣ ନାୟାରଙ୍କୁ ଦଳରେ ନିଆଯାଇଛି। ଘରୋଇ ଦଳର ବୋଲିଂ ଲାଇନ୍ ଅପ୍‌ରେ କିଛି ପରିବର୍ତ୍ତନ ଦେଖିବାକୁ ମିଳିପାରେ। କାରଣ ଦଳରେ ଆଭେସ ଖାଁଙ୍କ ସହିତ ଅଭିଜ୍ଞ ଉମେଶ ଯାଦବ ଏବଂ ଚାଇନାମ୍ୟାନ ବୋଲର କୁଲଦୀପ ଯାଦବ ସ୍ଥାନ ପାଇଛନ୍ତି।ଅନ୍ୟପକ୍ଷରେ ଦକ୍ଷିଣ ଆଫ୍ରିକା ଏ' ଦଳରେ କେତେଜଣ ଖେଳାଳି ଅଛନ୍ତି, ଯେଉଁମାନେ ସିନିୟର ଦଳର ଅଂଶ ବିଶେଷ ଅଟନ୍ତି। ସେମାନେ ଏହି ମ୍ୟାଚରେ ଭଲ ପ୍ରଦର୍ଶନ କରିବାକୁ ଚେଷ୍ଟା କରିବେ। ଏଡେନ ମାର୍କ୍ରାମଙ୍କ ଅଧିନାୟକତ୍ୱରେ ଖେଳିବାକୁ ଥିବା ଏହି ଦଳରେ ସ୍ଥାନ ପାଇଥିବା ଅନ୍ୟ ଟେଷ୍ଟ ଖେଳାଳିମାନେ ହେଲେ ଥିଉନିସ୍ ଡି' ବ୍ରୁଇନ୍, ଜୁବେର ହାମ୍‌ଜା, ହେନରିକ୍ କ୍ଲାସେନ, ସେନୁରାନ ମୁଥୁସାମି, ଡେନ୍ ପିଡିଟ୍ ଓ ଲୁଙ୍ଗି ଏନ୍‌ଗିଡି।

**ଭାରତ ଏ' ଦଳ:** ରିଦ୍ଧିମାନ ଶାହା (ଅଧିନାୟକ/ଉଇକେଟକିପର), ପ୍ରିୟଙ୍କ ପଞ୍ଚାଲ, ଅଭିମନ୍ୟୁ ଈଶ୍ୱରନ, ଶୁବମନ ଗିଲ୍, ଅନମୋଲପ୍ରୀତ ସିଂ, କରୁଣ ନାୟାର, କେ. ଗୋଥାମ, ଜଲାଲ ସାକ୍‌ସେନା, କୁଲଦୀପ ଯାଦବ, ଶାହବାଜ ନଦିମ, ବିଜୟ ଶଙ୍କର, ଶିବମ ଦୁବେ, ଉମେଶ ଯାଦବ, ମହମ୍ମଦ ସିରାଜ, ଆଭେସ ଖାଁ।

**ଦକ୍ଷିଣ ଆଫ୍ରିକା ଏ' ଦଳ:** ଏଡେନ୍ ମାର୍କ୍ରାମ (ଅଧିନାୟକ) ଥିଉନିସ୍ ଡି' ବ୍ରୁଇନ୍, ଜୁବେର ହାମ୍‌ଜା, ଲୁଙ୍ଗି ଏନ୍‌ଗିଡି, ଜର୍ଜ ଲିଣ୍ଡେ, ପିଟର ମାଲାନ, ଏଡି ମୁରେ, ସେନୁରାନ ମୁଥୁସାମି, ମାର୍କୋ ଜାନସେନ୍, ଡେନ୍ ପିଡିଟ୍, ୱିଆନ ମଲ୍‌ଡର, ହେନରିକ୍ କ୍ଲାସେନ, ଲୁଥୋ ସିପାମ୍‌ଲା, ଖାୟା ଜୋଣ୍ଡୋ।



ଶୁବମନ ଗିଲ୍

# ଶୀର୍ଷ ସ୍ଥାନ ବଜାୟ ରଖିଲେ ସ୍ମିଥ୍, କୁମିନ୍ସ

**ଦୁବାଇ,୧୬।୯**

ଅଷ୍ଟ୍ରେଲିଆନ୍ ବ୍ୟାଟ୍ସମ୍ୟାନ ଷ୍ଟିଭ ସ୍ମିଥ ଓ ବୋଲର ପ୍ୟାଟ କୁମିନ୍ସ ଆଇସିସି ଟେଷ୍ଟ ଖେଳାଳିଙ୍କ ର୍‍ୟାଙ୍କିଙ୍ଗ୍‌ରେ ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି। ଆଶେସ ସିରିଜ୍ ଶେଷ ହେବା ପରେ ନୂଆ ଆଇସିସି ଖେଳାଳିଙ୍କ ର୍‍ୟାଙ୍କିଙ୍ଗ୍ ସୋମବାର ପ୍ରକାଶ ପାଇଛି। କେନିଂଟନ ଟେଷ୍ଟର ପ୍ରଥମ ଇନିଂସରେ ୮୦ ଓ ଦ୍ୱିତୀୟରେ ୨୩ ରନ୍‌ର ପାଳି ଖେଳିଥିବା ସ୍ମିଥ ଭାରତୀୟ ଅଧିନାୟକ ବିରାଟ କୋହଲି (୯୦୩)ଙ୍କ ଠାରୁ ୩୪ ପଏଣ୍ଟ ଆଗରେ ଅଛନ୍ତି। ସ୍ମିଥଙ୍କ ନିକଟରେ ଏବେ ୯୩୭ ପଏଣ୍ଟ ରହିଛି। ସେହିଭଳି କୁମିନ୍ସ ମଧ୍ୟ ନିକଟସ୍ଥ ପ୍ରତିଦ୍ୱନ୍ଦ୍ୱୀ ଦକ୍ଷିଣ ଆଫ୍ରିକାର କାଗିସୋ ରାବାଡାଙ୍କଠାରୁ ୫୭ ପଏଣ୍ଟ ଆଗୁଆ ଅଛନ୍ତି। ଆଶେସ ସିରିଜରେ ସମସ୍ତ ମ୍ୟାଚ୍ ଖେଳିଥିବା କୁମିନ୍ସ ମୋଟ ୨୯ ଉଇକେଟ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମାଥ୍ୟୁ ୱାଡେ ଓ ମିଚେଲ ମାର୍ଶଙ୍କ ର୍‍ୟାଙ୍କିଙ୍ଗ୍‌ରେ ଆଖିଦୃଶିଆ ଉନ୍ନତି ହୋଇଛି। କ୍ୟାରିୟରର ୪ର୍ଥ ଶତକ ବଳରେ ୱାଡେ ୭୮ରୁ ୩୨ତମ ସ୍ଥାନ ହାସଲ କରିଛନ୍ତି। ଏହା ତାଙ୍କ କ୍ୟାରିୟରର ସର୍ବଶ୍ରେଷ୍ଠ ର୍‍ୟାଙ୍କିଙ୍ଗ୍। ଟେଷ୍ଟ କ୍ୟାରିୟରରେ ପ୍ରଥମ ଥର ୫ ଉଇକେଟ ନେଇଥିବା ମିଚେଲ ୨୦ ସୋପାନ ଉପରକୁ ଉଠି ୫୪ତମ ସ୍ଥାନ ଅଧିକାର କରିଛନ୍ତି। ଅନ୍ୟପକ୍ଷରେ ଡେଭିଡ ୱାର୍ନର ୨୪ତମ ସ୍ଥାନକୁ ଖସିଛନ୍ତି। ପୂର୍ବରୁ ୫ମରେ ଥିବା ୱାର୍ନର ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ମାତ୍ର ୯୫ ରନ୍ କରିପାରିଥିଲେ। ଜୋଶ ହାଜେଲଉଡଙ୍କ ର୍‍ୟାଙ୍କିଙ୍ଗ୍ ୮ମରୁ ଖସି ଦ୍ୱାଦଶରେ ପହଞ୍ଚିଛି। ଆଶେସରେ ପଦାର୍ପଣ କରିଥିବା ଜୋଫ୍ରା ଆର୍ଚର ୪୦ତମ ସ୍ଥାନରେ ରହିଛନ୍ତି।


ଷ୍ଟିଭ୍ ସ୍ମିଥ୍

## ଏଣ୍ଡୁରୋମାନ ଟ୍ରାଇଥଲନ
# ମୟଙ୍କ ପ୍ରଥମ ଭାରତୀୟ


ରେସ୍ ଶେଷ କରିବା ପରେ ମୟଙ୍କ ବୈଦ।

**ନୂଆଦିଲ୍ଲୀ, ୧୬।୯**

ଏଣ୍ଡୁରୋମାନ ଟ୍ରାଏଥଲନ ଶେଷ କରିବାରେ ପ୍ରଥମ ଭାରତୀୟ ହେବାର ସୌଭାଗ୍ୟ ଲାଭ କରିଛନ୍ତି ମୟଙ୍କ ବୈଦ। ଏହି ବିରଳ ସଫଳତା ହାସଲ କରିବାରେ ସେ ବିଶ୍ୱର ୪୪ତମ ଏବଂ ଏସିଆର ପ୍ରଥମ ବ୍ୟକ୍ତି। ଇଂଲଣ୍ଡରୁ ଫ୍ରାନ୍ସ ୨୮୯ ମାଇଲରୁ ଉର୍ଦ୍ଧ୍ୱ ଦୂରତା ବିଶିଷ୍ଟ ଏହି ଟ୍ରାଇଥଲନ୍ ନିଜ ସାମର୍ଥ୍ୟରେ ଶେଷ କରିବାକୁ ହୋଇଥାଏ। ଏଥିରେ ରନିଂ, ସୁଇମିଂ ଏବଂ ସାଇକ୍ଲିଂ ତିନୋଟି ବିଭାଗ ରହିଛି। ଏହି ଟ୍ରାଇଥଲନର ପୂର୍ବ ରେକର୍ଡ ବେଲଜିୟମର ଜୁଲିଏନ୍ ଡେନେୟରଙ୍କ ନାମରେ ରହିଥିଲା। ସେ ୫୨ ଘଣ୍ଟା ଏବଂ ୩୦ ମିନିଟ୍ ସମୟ ନେଇଥିଲେ। ବୈଦ କିନ୍ତୁ ଏହି ଦୂରତାକୁ ଅତିକ୍ରମ କରିବା ଲାଗି ୫୦ ଘଣ୍ଟା ଓ ୨୪ ମିନିଟ୍ ସମୟ ନେଇଥିଲେ। ଲଣ୍ଡନର କେଣ୍ଟ ଉପକୂଳସ୍ଥିତ ମାର୍ବଲ ଆର୍କଠାରୁ ଡୋଭର ପର୍ଯ୍ୟନ୍ତ ୧୪୦ କିଲୋମିଟର ଦୌଡ଼ ସହ ଏହି ଟ୍ରାଇଥଲନ ଆରମ୍ଭ ହୋଇଥାଏ। ପରେ ସନ୍ତରଣରେ ଫ୍ରେଞ୍ଚ ଉପକୂଳ ପର୍ଯ୍ୟନ୍ତ ୩୩.୮ କିଲୋମିଟର ଦୀର୍ଘ ଚ୍ୟାନେଲ ଅତିକ୍ରମ କରିବାକୁ ପଡ଼ିଥାଏ। ଏହାପରେ କାଲାଇସ୍‌ଠାରୁ ପ୍ୟାରିସ୍‌ର ଆର୍କ ଡି' ଟ୍ରିଓମ୍ଫ ପର୍ଯ୍ୟନ୍ତ ସାଇକ୍ଲିଂରେ ଅତିକ୍ରମ କରିବାକୁ ହୋଇଥାଏ। ବୈଦ ଏକ ସାକ୍ଷାତ୍‌କାରରେ କହିଛନ୍ତି, ଏହା ହେଉଛି ବିଶ୍ୱର ଅନ୍ୟତମ କଠିନ ପ୍ରତିଯୋଗିତା। ସନ୍ତରଣ ଏବଂ ସାଇକ୍ଲିଂ ପର୍ଯ୍ୟାୟ ସବୁଠାରୁ କଷ୍ଟକର।

# ଆଫଗାନିସ୍ତାନର ରେକର୍ଡ ବିଜୟ

**ଢାକା, ୧୬।୯:** ସ୍ଥାନୀୟ ଶେର୍ ଇ ବାଂଲା ନ୍ୟାଶନାଲ ଷ୍ଟାଡିୟମରେ ରବିବାର ଅନୁଷ୍ଠିତ ତ୍ରି-ରାଷ୍ଟ୍ରୀୟ ଟି୨୦ ସିରିଜର ଏକ ମ୍ୟାଚ୍‌ରେ ଆଫଗାନିସ୍ତାନ ୨୫ ରନରେ ଘରୋଇ ବାଂଲାଦେଶକୁ ପରାସ୍ତ କରିଛି। ଟସ୍ ଜିତି ଆଫଗାନିସ୍ତାନ ମହମ୍ମଦ ନବିଙ୍କ ବିସ୍ଫୋରକ ଅପରାଜିତ ଅର୍ଦ୍ଧଶତକ ବଳରେ ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ୍ ହରାଇ ୧୬୪ ରନ୍ କରିଥିଲା। ନବି ୫୪ ବଲରୁ ୭ ଛକା ଓ ୩ ଚୌକା ବଳରେ ୮୪ ରନ କରିଥିବାବେଳେ ଅସଘର ଆଫଘାନ (୪୦) ତାଙ୍କୁ ଉପଯୁକ୍ତ ସହାୟତା କରିଥିଲେ। ବାଂଲାଦେଶ ପକ୍ଷରୁ ମହମ୍ମଦ ସୈଫୁଦ୍ଦିନ ୪ ଓ ଶାକିବ ଅଲ୍ ହାସନ ୨ଟି ଉଇକେଟ୍ ନେଇଥିଲେ। ଜବାବରେ ବାଂଲାଦେଶ ୧୯.୫ ଓଭରରେ ୧୩୯ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ମହମ୍ମଦୁଲା ୪୪, ସବିର ରହମାନ ୨୪, ଶାକିବ ଓ ମୁସ୍ତାଫିଜୁର ରହମାନ ୧୫ ରନ କରିଥିଲେ। ଆଫଗାନିସ୍ତାନ ପକ୍ଷରୁ ମୁଜିବ ଉର୍ ରହମାନ ୪ ଏବଂ ଫରିଦ୍ ମଲିକ, ଗୁଲାବଦିନ ନାଇବ ଓ ଅଧିନାୟକ ରଶିଦ ଖାଁ ୨ଟି ଲେଖାଏ ଉଇକେଟ୍ ନେଇଥିଲେ। ଶନିବାର ଜିମ୍ବାୱେକୁ ହରାଇଥିବା ଆଫଗାନିସ୍ତାନର ଏହା ଲଗାତର ୨ୟ ବିଜୟ। କ୍ରମାଗତ ୧୨ ଟି୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଜିତି ଆଫଗାନିସ୍ତାନ ବିଶ୍ୱ ରେକର୍ଡ କରିଛି। ଏହି ଦଳ ୨୦୧୮, ଫେବୃୟାରୀ ୫ରୁ ୨୦୧୯ ସେପ୍ଟେମ୍ବର ୧୫ ପର୍ଯ୍ୟନ୍ତ କ୍ରମାଗତ ୧୨ ମ୍ୟାଚ୍ ଜିତିଛି।

# ୮୭୬ ଓଭର ପରେ ପ୍ରଥମ ନୋ ବଲ୍

**ଲଣ୍ଡନ, ୧୬।୯**

୮୭୬ ଓଭର ବୋଲିଂ କରିବା ପରେ କ୍ୟାରିୟରର ପ୍ରଥମ ଟେଷ୍ଟ ନୋ ବଲ୍ ପକାଇଛନ୍ତି ବୋଲର। ପଢ଼ିଲା ପରେ ଏହା ଆଶ୍ଚର୍ଯ୍ୟ ଲାଗୁଥିଲେ ମଧ୍ୟ ଘଟଣାଟି ସତ। ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ମଧ୍ୟରେ ଏଠାରେ ଶେଷ ହୋଇଥିବା ଆଶେସ ସିରିଜରେ ଏହା ଦେଖିବାକୁ ମିଳିଛି। ସ୍ଥାନୀୟ କେନିଂଟନ ଓଭାଲ ଗ୍ରାଉଣ୍ଡରେ ଅନୁଷ୍ଠିତ ଅନ୍ତିମ ତଥା ୫ମ ଆଶେସର ୪ର୍ଥ ଦିବସରେ ବିଜୟ ପାଇଁ ଅଷ୍ଟ୍ରେଲିଆ ନିକଟରେ ଘରୋଇ ଇଂଲଣ୍ଡ ୩୯୯ ରନର କଷ୍ଟସାଧ୍ୟ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା। ତେବେ ଭ୍ରମଣକାରୀ ଅଷ୍ଟ୍ରେଲିଆ ୨୬୩ ରନରେ ଅଲ୍‌ଆଉଟ୍ ହୋଇ ୧୩୫ ରନରେ ପରାଜୟ ବରଣ କରିଥିଲା। ମ୍ୟାଚ୍‌ରେ ଷ୍ଟୁଆର୍ଟ ବ୍ରଡ୍ ଓ ଜ୍ୟାକ୍ ଲିଚ୍ ୪ଟି ଲେଖାଏ ଉଇକେଟ୍ ନେଇ ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ତେବେ ଅଷ୍ଟ୍ରେଲିଆ ୨ୟ ଇନିଂସ ବ୍ୟାଟିଂର ୩୧ତମ ଓଭରର ୨ୟ ବଲ୍‌ରେ ଇଂଲଣ୍ଡ ଦ୍ରୁତ ବୋଲର କ୍ରିସ୍ ୱୋକ୍ସଙ୍କ ଏକ ଚମତ୍କାର ଲେନ୍ଥ ଓ ସୁଇଂ ବଲ୍ ମିଚେଲ ମାର୍ଶଙ୍କ ବ୍ୟାଟ୍‌ରୁ ଏଜ୍ ଲାଗିଥିଲା। ସ୍ଲିପ୍‌ରେ ରୋରୀ ବର୍ନ୍ସ ନିଜ ବାମପଟକୁ ଡାଇଭମାରି ଏକ ସୁନ୍ଦର କ୍ୟାଚ୍ ଧରିଥିଲେ। କିନ୍ତୁ ଅମ୍ପାୟରଙ୍କ ରିପ୍ଲେରେ ୱୋକ୍ସ ଓଭର ଷ୍ଟେପିଂ କରିଥିବା ସହ ଏହା ନୋ ବଲ୍ ରହିଥିବା ସ୍ପଷ୍ଟ ଭାବେ ଦେଖିବାକୁ ମିଳିଥିଲା। ଫଳରେ ମାର୍ଶ ଆଉଟ୍ ହେବାରୁ ବର୍ତ୍ତିଯାଇଥିଲେ। ତେବେ ୩୦ ବର୍ଷୀୟ ୱୋକ୍ସଙ୍କ ଟେଷ୍ଟ କ୍ୟାରିୟରର ଏହା ପ୍ରଥମ ନୋ ବଲ୍ ଥିବା ଜଣାପଡ଼ିଥିଲା। କ୍ୟାରିୟରର ୩୧ତମ ଟେଷ୍ଟ ତଥା ୮୭୬ ଓଭର ବୋଲିଂ କରୁଥିବାବେଳେ ଏହି ଡାହାଣହାତୀ ଇଂଲଣ୍ଡ ଦ୍ରୁତ ବୋଲର ପ୍ରଥମ ଟେଷ୍ଟ ନୋ ବଲ୍ ପକାଇ ଉଇକେଟ୍ ନେବାରୁ ବଞ୍ଚିତ ହୋଇଥିଲେ।


କ୍ରିସ୍ ୱୋକ୍ସ

# ମ୍ୟାଚ୍ ଫିକ୍ସିଂ ସୁରାକ ପାଇଲା ବିସିସିଆଇ

**ନୂଆଦିଲ୍ଲୀ,୧୬।୯:** ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପୁଣି ମ୍ୟାଚ୍ ଫିକ୍ସିଂ ସୁରାକ ପାଇଛି। ତାମିଲନାଡୁ ପ୍ରିମିୟର ଲିଗ୍ (ଟିଏନ୍‌ପିଏଲ)ରେ ମ୍ୟାଚ୍ ଫିକ୍ସିଂ ହୋଇଥିବାର କିଛି ଖେଳାଳି ଅଭିଯୋଗ କରିବା ପରେ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ଏ ନେଇ ବିସିସିଆଇର ଆଣ୍ଟି କରପଶନ ୟୁନିଟ (ଏସିୟୁ) ମୁଖ୍ୟ ଅଜିତ ସିଂ ସୋମବାର ସ୍ପଷ୍ଟ କରିଛନ୍ତି। ମିଳିଥିବା ରିପୋର୍ଟ ଅନୁଯାୟୀ, ଏକ ଅଜଣା ଲୋକ ଲିଗ୍ ବେଳେ କିଛି ଖେଳାଳିଙ୍କୁ ମ୍ୟାଚ୍ ଫିକ୍ସିଂ ପ୍ରସ୍ତାବ ଦେଇଥିଲେ। ଏହାପରେ ଖେଳାଳିମାନେ ଏସିୟୁ ନିକଟରେ ଏ ନେଇ ଅଭିଯୋଗ କରିଛନ୍ତି। କିଛି ଖେଳାଳିଙ୍କ ମତକୁ ଭିତ୍ତିକରି ଆମେ ତଦନ୍ତ ନିର୍ଦ୍ଦେଶ ଦେଇଛୁ। ସେମାନେ କେତେବେଳେ ଜଣେ ଅଜଣା ଲୋକଠାରୁ କ'ଣ ହ୍ୱାଟସଆପ ମେସେଜ ପାଇଥିଲେ, ତାହା ଆମେ ରେକର୍ଡ କରିଛୁ। ଏଥିରେ କେହି ବି ଜଡ଼ିତ ହୋଇପାରନ୍ତି। ତେବେ କିଛି ପ୍ରଥମଶ୍ରେଣୀ କ୍ରିକେଟର ଓ ଦୁଇ ଜଣ କୋଚ୍‌ଙ୍କ ଉପରେ ସନ୍ଦେହ ରହିଛି। ହେଲେ କୌଣସି ଅନ୍ତର୍ଜାତୀୟ ଖେଳାଳି ନାହାନ୍ତି। ଟିଏନ୍‌ପିଏଲ ତାମିଲନାଡୁର ଏକ ବାର୍ଷିକ ଇଭେଣ୍ଟ, ଯେଉଁଥିରେ ରବିଚନ୍ଦ୍ରନ ଅଶ୍ୱିନ, ମୁରଲୀ ବିଜୟ ଓ ଦୀନେଶ କାର୍ତ୍ତିକଙ୍କ ଭଳି ଅନ୍ତର୍ଜାତୀୟ ଖେଳାଳି ଅଂଶଗ୍ରହଣ କରନ୍ତି। ଚେନ୍ନାଇର ଚେପକ ଗ୍ରାଉଣ୍ଡରେ ପ୍ରାୟତଃ ମ୍ୟାଚ୍ ଖେଳାଯାଏ। ଏହି ଟୁର୍ଣ୍ଣାମେଣ୍ଟକୁ ପୂର୍ବତନ ଭାରତୀୟ ଅଧିନାୟକ ତଥା ଚେନ୍ନାଇ ସୁପରକିଙ୍ଗ୍ସ କ୍ୟାପଟେନ ମହେନ୍ଦ୍ର ସିଂ ଧୋନୀ ଉଦ୍‌ଘାଟନ କରିଥିଲେ।


ପୁରୁଣା ଭୁବନେଶ୍ୱରସ୍ଥିତ ଟାଉନ୍‌କ୍ଲବ କ୍ରିକେଟ ସ୍କିଲ୍ ଡେଭଲପ୍‌ମେଣ୍ଟ କ୍ୟାମ୍ପରେ ଅଂଶଗ୍ରହଣ କରିଥିବା କ୍ରିକେଟ ପ୍ରତିଭାମାନେ ଅତିଥିଙ୍କ ସହ।



ବିଜୁ ପଟ୍ଟନାୟକ ହିମାଳୟାନ ଅଭିଯାନ ଅବସରରେ ସୋମବାର ମାଉଣ୍ଟ ଷ୍ଟକ୍ କାଙ୍ଗ୍ରି ବେସ୍ କ୍ୟାମ୍ପରେ ଓଡ଼ିଶା ଅଭିଯାତ୍ରୀ ଦଳ।



“ଏଜବାଷ୍ଟନରେ ପ୍ରଥମ ଇନିଂସରେ ୧୨୨/୮ ସ୍କୋରରେ ସଂଘର୍ଷ କରୁଥିବାବେଳେ ମୁଁ ଦଳକୁ ସଂକଟରୁ ଉଦ୍ଧାର କରିପାରିଥିଲି। ଆଶେସ ସିରିଜରେ ଏହା ମୋର ଶ୍ରେଷ୍ଠ ଇନିଂସ ଥିଲା ।

–ଷ୍ଟିଭ୍ ସ୍ମିଥ୍, ଅଷ୍ଟ୍ରେଲୀୟ ବ୍ୟାଟ୍ସମ୍ୟାନ



“ଆମ ଦଳ ଇଂଲଣ୍ଡ ବିପକ୍ଷ ୫ମ ଆଶେସ ଟେଷ୍ଟରେ ପରାଜିତ ହୋଇଥିଲେ ହେଁ ସିରିଜ ବରାବର ରଖିପାରିଥିବାରୁ ମୁଁ ଗର୍ବିତ ।

–ଟିମ୍ ପେନ୍, ଅଷ୍ଟ୍ରେଲିଆ କ୍ରିକେଟ ଅଧିନାୟକ

## ବିଜୟ ହଜାରେ ଟ୍ରଫି: ଓଡ଼ିଶା ଦଳ ଘୋଷିତ

# ସ୍ୱସ୍ତିକ, ଦେବାଶିଷ ନୂଆ ମୁହଁ

କଟକ ଅଫିସ,୧୬।୯

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ଆନୁକୂଲ୍ୟରେ ଆସନ୍ତା ୨୪ ତାରିଖରୁ ଦିନିକିଆ ପ୍ରତିଯୋଗିତା ବିଜୟ ହଜାରେ ଟ୍ରଫି ଆରମ୍ଭ ହେବ। ଏହି ପ୍ରତିଯୋଗିତାରୁ ବିସିସିଆଇର

### ଫେରିଲେ ଅଭିଷେକ, ବିପ୍ଲବଙ୍କୁ ବିଶ୍ରାମ

ଚଳିତବର୍ଷ ଘରୋଇ ଟୁର୍ନାମେଣ୍ଟ ଆରମ୍ଭ ହେବାକୁ ଯାଉଛି। ବିଜୟ ହଜାରେ ଟ୍ରଫିରେ ଓଡ଼ିଶା ଏଲିଟ ଗ୍ରୁପ–ବିରେ ସ୍ଥାନ ପାଇଛି। ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ପକ୍ଷରୁ ସୋମବାର ରାଜ୍ୟ ଦଳ ଘୋଷଣା କରାଯାଇଛି। ଦଳରେ ଜୁନିୟର ବର୍ଗର ପ୍ରତିଭାସମ୍ପନ୍ନ ଖେଳାଳି ତଥା ଡାହାଣହାତୀ ବ୍ୟାଟ୍ସମ୍ୟାନ ସ୍ୱସ୍ତିକ ସାମଲ ଓ ବାମହାତୀ ବ୍ୟାଟ୍ସମ୍ୟାନ ଦେବାଶିଷ ସାମନ୍ତରାୟ ନୂଆ ମୁହଁ ଭାବେ ସାମିଲ ହୋଇଛନ୍ତି। ଉଭୟଙ୍କ ପାଖରେ ଅଲରାଉଣ୍ଡର ଦକ୍ଷତା ମଧ୍ୟ ରହିଛି। ଅନ୍ୟପକ୍ଷରେ ପୂର୍ବରୁ ରାଜ୍ୟ ପାଇଁ ପ୍ରତିନିଧିତ୍ୱ କରିଥିବା ଅଭିଷେକ ଯାଦବ ପୁନର୍ବାର ରାଜ୍ୟ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଅଭିଷେକ ଗତ ସଂସ୍କରଣରେ ରେଲୱେ ନିମନ୍ତେ ଖେଳୁଥିଲେ। ଦଳର ଅଧିନାୟକ ଭାର ରହିଛି ଯୁବ ତାରକା ଶୁଭ୍ରାଂଶୁ ସେନାପତିଙ୍କ କାନ୍ଧରେ। ପୂର୍ବତନ ଅଧିନାୟକ ଗୋବିନ୍ଦ ପୋଦ୍ଦାର ଦଳରେ ଥିବା ବେଳେ ବିପ୍ଲବ ସାମନ୍ତରାୟଙ୍କୁ ବିଶ୍ରାମ ଦିଆଯାଇଛି। ସିନିୟର ଦଳ ଚୟନ କମିଟି ଅଧ୍ୟକ୍ଷ ବିଷ୍ଣୁଦେବ ମହାନ୍ତି ଏ ସମ୍ପର୍କରେ କହିଛନ୍ତି ଯେ, ବିପ୍ଲବଙ୍କ ଉପରେ ଦଳ ଅନେକ ଭରସା ରଖିଛି। ସେ ଆଘାତ ନ ଥିଲେ ମଧ୍ୟ ଫିଲ୍ଡରେ ତାଙ୍କ ପ୍ରଦର୍ଶନକୁ ନେଇ କିଛି ଆଶଙ୍କା ଦେଖିବାକୁ ମିଳିଥିଲା। ଆଗାମୀ ଦିନରେ ବିପ୍ଲବଙ୍କୁ ନେଇ ଦଳ ନିଶ୍ଚିତ ପଡ଼ିଆକୁ ଓହ୍ଲାଇବ ବୋଲି ବିଷ୍ଣୁଦେବଙ୍କ ମତ। ଅଧିନାୟକ ଶୁଭ୍ରାଂଶୁ ନିଜ ପ୍ରତିକ୍ରିୟାରେ କହିଥିଲେ, ଯୁବ ପ୍ରତିଭା ଅଧିକ ଅଛନ୍ତି। ଏଣୁ ରାଜ୍ୟ ପାଇଁ ନିଶ୍ଚିତ ଭାବେ ଚ୍ୟାଲେଞ୍ଜିଂ ହେବ। ଏହି ଚ୍ୟାଲେଞ୍ଜ ସମ୍ମୁଖୀନ ହେବାକୁ ଆମେ ପ୍ରସ୍ତୁତ ବୋଲି ଶୁଭ୍ରାଂଶୁ କହିଥିଲେ। ଭଦୋଦରାଠାରେ ଆସନ୍ତା ୨୪ରେ ଓଡ଼ିଶା ପ୍ରଥମ ମ୍ୟାଚ୍ ବରୋଦା ବିପକ୍ଷରେ ଖେଳିବ। ୨୧ରେ ଦଳ ବରୋଦା ଅଭିମୁଖେ ଯାତ୍ରା କରିବ।




ସ୍ୱସ୍ତିକ ସାମଲ ଓ ଦେବାଶିଷ ସାମନ୍ତରାୟ।

### ମ୍ୟାଚ୍ କାର୍ଯ୍ୟସୂଚୀ

ସେପ୍ଟେମ୍ବର ୨୪– ଓଡ଼ିଶା ବନାମ ବରୋଦା
ସେପ୍ଟେମ୍ବର ୨୬– ଓଡ଼ିଶା ବନାମ ହରିୟାଣା
ସେପ୍ଟେମ୍ବର ୨୮– ଓଡ଼ିଶା ବନାମ ହିମାଚଳପ୍ରଦେଶ
ସେପ୍ଟେମ୍ବର ୨୯– ଓଡ଼ିଶା ବନାମ ଦିଲ୍ଲୀ
ଅକ୍ଟୋବର ୩– ଓଡ଼ିଶା ବନାମ ବିଦର୍ଭ
ଅକ୍ଟୋବର ୭– ଓଡ଼ିଶା ବନାମ ଉତ୍ତରପ୍ରଦେଶ
ଅକ୍ଟୋବର ୯– ଓଡ଼ିଶା ବନାମ ମହାରାଷ୍ଟ୍ର
ଅକ୍ଟୋବର ୧୩– ଓଡ଼ିଶା ବନାମ ପଞ୍ଜାବ

### ଓଡ଼ିଶା ଦଳ

ଶୁଭ୍ରାଂଶୁ ସେନାପତି (ଅଧିନାୟକ), ସନ୍ଦୀପ ପଟ୍ଟନାୟକ, ସ୍ୱସ୍ତିକ ସାମଲ, ଶାନ୍ତନୁ ମିଶ୍ର, ଦେବାଶିଷ ସାମନ୍ତରାୟ, ଅଭିଷେକ ଯାଦବ, ଅଭିଷେକ ରାଉତ, ଗୋବିନ୍ଦ ପୋଦ୍ଦାର, ସୂର୍ଯ୍ୟକାନ୍ତ ପ୍ରଧାନ, ରାଜେଶ ମହାନ୍ତି, ଦେବବ୍ରତ ପ୍ରଧାନ, ପ୍ରୟାସ କୁମାର ସିଂ, ସୁଜିତ ଲେଙ୍କା(ଉଇକେଟ କିପର), ପପୁ ରାୟ, ଦୀପକ ରଞ୍ଜନ ବେହେରା ।
**କୋଚ୍:** ରଶ୍ମିରଞ୍ଜନ ପରିଡ଼ା, **ଫିଜିଓ:** ଶୁଭକାନ୍ତ ସାହୁ, ଟ୍ରେନର: ମନୋଜ କୁମାର ବିଶ୍ୱାଳ ।

**ଷ୍ଟାଣ୍ଡବାଇ**

ଶୁଭମ ନାୟକ, ଅଙ୍କିତ ଯାଦବ, ରାଜକିଶନ ପଟେଲ, ଐଶକାନ୍ତ ସାହୁ, ପ୍ରୀତ କନୱର ସିଂ ଚୌହାନ, କ୍ରୀଷ୍ଣା ପଲେଇ, ଆଶୁତୋଷ ଦାସ, ଆଶିଷ ରାୟ, ପ୍ରବୀଣ ଲୋହା ।

ଜନ୍ମଦିନ ଶୁଭେଚ୍ଛା
ଦେବାଶିଷ ଜେନା
ସରାଟ
ମହାପ୍ରଭୁ ଶ୍ରୀଜଗନ୍ନାଥ ଭଗବାନ ବିଶ୍ୱକର୍ମା ଓ ମା' ମଙ୍ଗଳା ତୋର ଚଲାପଥ କୁସୁମିତ କରନ୍ତୁ।
ଶୁଭେଚ୍ଛା ସହ
ଜେଜ, ବାପା, ବୋଉ, ଭଉଣୀ, ଭିଣୋଇ, ମାମୁ, ମାଇଁ, ପିଇସୀ, ପିଉସା ଓ ବନ୍ଧୁ ପରିବାରବର୍ଗ
ଧ–୬୬୯୬୪

ପ୍ରଥମ ଜନ୍ମଦିନ ଶୁଭେଚ୍ଛା
ଜିଜ୍ଞାଶା ପଟ୍ଟନାୟକ
ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଏତିକି ପ୍ରାର୍ଥନା, ତୋର ଚଲାପଥ କୁସୁମିତ ହେଉ।
ତୋର ଶୁଭାକାଂକ୍ଷୀ:
କିଲୁ, ଜେଜୀ, ଅଜା, ଆଈ, ବଡବାବା, ବଡମାଆ, ବାବା, ମା', ପିଇସୀ, ମାମୁ, ମାଇଁ, ମାଉସୀ, ଦୁଇଭାଇ।
ଧ–୬୬୯୬୫

ଦ୍ୱିତୀୟ ଜନ୍ମଦିନ ଶୁଭେଚ୍ଛା
ଶ୍ରୀମାନ୍ ଧ୍ରୁବ୍ (ପୁପୁ/ସୁଟୁନି)
ସା.ସମେଇ ଗଡ଼ିଆ, ମଞ୍ଚେଶ୍ୱର, ଭୁବନେଶ୍ୱର
ଆଜି ଦ୍ୱିତୀୟ ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଏତିକି ପ୍ରାର୍ଥନା ତୋର ଚଲାପଥ କୁସୁମିତ, ଦୀର୍ଘାୟୁ, ନୀରୋଗ ଓ ଯଶସ୍ୱୀ କରନ୍ତୁ।
ଶୁଭେଚ୍ଛା ସହ
ବାପା–ବାବୁଲି, ମା–ମିନୁ, ଜେଜେ–ଅଭିମନ୍ୟୁ, ଜେଜିମା'–ଡ଼ଲି, ପିଉସା,ପିଉସୀ– ଗୁଡ଼ି, ଅଜା, ଆଈ, ମାମୁ, ମାଇଁ
ଧ–୧୪୩୬୪

## ନାଗାଲଙ୍କୁ ଶ୍ରେଷ୍ଠ ର୍ୟାଙ୍କିଙ୍ଗ୍

ନୂଆଦିଲ୍ଲୀ, ୧୬।୯(ପି.ଟି.)

ନିକଟ ଅତୀତରେ ଭଲ ପ୍ରଦର୍ଶନ ପୁରସ୍କାର ପାଇଛନ୍ତି ଭାରତର ପ୍ରତିଭାସମ୍ପନ୍ନ ଟେନିସ ଖେଳାଳି ସୁମିତ ନାଗାଲ। ସୋମବାର ପ୍ରକାଶିତ ଏଟିପି ର୍ୟାଙ୍କିଙ୍ଗ୍‌ର ପୁରୁଷ ସିଙ୍ଗଲ୍ସରେ ସେ ୧୫ଟି ସ୍ଥାନ ଉପରକୁ ଉଠି କ୍ୟାରିୟର ଶ୍ରେଷ୍ଠ ୧୫୯ତମ ସ୍ଥାନରେ ପହଞ୍ଚିଛନ୍ତି। ଗତ ମାସରେ ୟୁଏସ ଓପନ ଗ୍ରାଣ୍ଡସ୍ଲାମ ଟେନିସର ପ୍ରଥମ ରାଉଣ୍ଡ ଖେଳିଥିବା ୨୨ ବର୍ଷୀୟ ଏହି ହରିୟାଣା ଟେନିସ ପ୍ରତିଭା ବାନ୍‌ଜା ଲୁକା ଏଟିପି ଚ୍ୟାଲେଞ୍ଜରରେ ରନର୍ସଅପ୍ ହୋଇଥିଲେ। ୟୁଏସ ଓପନର ପ୍ରଥମ ରାଉଣ୍ଡରେ ସେ ରୋଜର ଫେଡରରଙ୍କ ନିକଟରୁ ହାରିଥିଲେ ହେଁ ଅନେକ ଅନୁଭୂତି ଲାଭ କରିଛନ୍ତି। ଅନ୍ୟ ଭାରତୀୟ ଖେଳାଳିଙ୍କ ମଧ୍ୟରେ ପ୍ରଜ୍ଞେଶ ଗୁଣେଶ୍ୱରନ ଏକମାତ୍ର ଟପ–୧୦୦ ମଧ୍ୟରେ ସ୍ଥାନ ବଜାୟ ରଖିଛନ୍ତି। ସେ ୩ଟି ସ୍ଥାନ ଉପରକୁ ଉଠି ୮୨ତମ ସ୍ଥାନରେ ପହଞ୍ଚିଛନ୍ତି। ରାମକୁମାର ରମାନାଥନ ୩ଟି ସ୍ଥାନ ତଳକୁ ଖସିଛନ୍ତି। ଏବେ ସେ ୧୭୯ତମ ସ୍ଥାନରେ ଅଛନ୍ତି। ପୁରୁଷ ଡବଲ୍ସରେ ରୋହନ ବୋପାନ୍ନା ଓ ଦିଭିଜ ଶରନ ଯଥାକ୍ରମେ ୪୩ ଓ ୪୯ତମ ସ୍ଥାନରେ ଅପରିବର୍ତ୍ତିତ ରହିଛନ୍ତି। ଲିଆଣ୍ଡର ପେସ ୭୮ତମ ସ୍ଥାନରେ ରହିଛନ୍ତି। ଡବ୍ଲ୍ୟୁଟିଏ ର୍ୟାଙ୍କିଙ୍ଗରେ ଅଙ୍କିତା ରାଇନା ଭାରତର ଶ୍ରେଷ୍ଠ ଖେଳାଳିଭାବେ ୧୯୧ ଏବଂ ପ୍ରଞ୍ଜଳା ୟାଡଲାପଲ୍ଲୀ ୩୩୮ତମ ସ୍ଥାନରେ ରହିଛନ୍ତି।

## କାର୍ତ୍ତିକଙ୍କ କ୍ଷମାପ୍ରାର୍ଥନା ଗ୍ରହଣ କଲା ବିସିସିଆଇ

**ନୂଆଦିଲ୍ଲୀ,୧୬।୯(ପିଟି):** ଉଇକେଟକିପର ବ୍ୟାଟ୍ସମ୍ୟାନ ଦୀନେଶ କାର୍ତ୍ତିକ ବିନା ସର୍ତ୍ତମୂଳକ କ୍ଷମାପ୍ରାର୍ଥନାକୁ ସୋମବାର ବିସିସିଆଇ ଗ୍ରହଣ କରିଛି। ସେ କାରିବିଅନ ପ୍ରିମିୟର ଲିଗ୍ (ସିପିଏଲ) ଦଳର ଡ୍ରେସିଂ ରୁମ୍‌ରେ ମ୍ୟାଚ୍ ଦେଖିଥିଲେ। ସେ ଏଭଳି କରି କେନ୍ଦ୍ରୀୟ ଚୁକ୍ତିର ନିୟମ ଭଙ୍ଗ କରିଥିଲେ। ଉଲ୍ଲେଖଥାଉ କି, ବଲିଉଡ୍ ସୁପରଷ୍ଟାର ଶାହରୁଖ ଖାନ୍‌ଙ୍କ ସିପିଏଲ ଦଳ ତ୍ରିନବାଗୋ ନାଇଟ୍ ରାଇଡର୍ସର ଜର୍ସି ପିନ୍ଧି ଡ୍ରେସିଂ ରୁମ୍‌ରେ ବସି ମ୍ୟାଚ୍ ଦେଖିଥିଲେ। ଏଥିନେଇ ତାଙ୍କୁ ବିସିସିଆଇ ପକ୍ଷରୁ ନୋଟିସ ଜାରି କରାଯାଇଥିଲା। କେନ୍ଦ୍ରୀୟ ଚୁକ୍ତିର ନିୟମ ଅନୁଯାୟୀ, ଦେଶ ପାଇଁ ୨୬ ଟେଷ୍ଟ ଓ ୯୪ ଦିନିକିଆ ଖେଳିଥିବା କାର୍ତ୍ତିକ ମ୍ୟାଚ୍‌ରେ ଉପସ୍ଥିତ ହେବା ପାଇଁ ବିସିସିଆଇର ଅନୁମତି ନେବା ଦରକାର ଥିଲା।

## ଓଡ଼ିଶା ପାରା ସ୍ପୋର୍ଟ୍ସର ପ୍ରତିଷ୍ଠାତା ବିଷ୍ଣୁ ସାହୁଙ୍କ ପରଲୋକ

ଭୁବନେଶ୍ୱର, ୧୬।୯(କ୍ରୀଡ଼ା ପ୍ରତିନିଧି)



ଓଡ଼ିଶା ପାରା ସ୍ପୋର୍ଟ୍ସ ଆସୋସିଏଶନର ସମ୍ପାଦକ ବିଷ୍ଣୁ ଚରଣ ସାହୁଙ୍କର ପରଲୋକ ଘଟିଛି। ସୋମବାର ସକାଳ ୫ଟା ୩୦ରେ ନିଜ ଗାଁ ଯାଜପୁରର ଦେବାନପାଟଣାଠାରେ ଉଚ୍ଚ ରକ୍ତଚାପଜନିତ ହୃଦ୍‌ଘାତ ଯୋଗୁ ତାଙ୍କର ମୃତ୍ୟୁ ହୋଇଥିବା ଜଣାଯାଇଛି। ବିଷ୍ଣୁ ଚରଣ ଥିଲେ ଓଡ଼ିଶା ପାରା ସ୍ପୋର୍ଟ୍ସର ପ୍ରତିଷ୍ଠାତା। ୨୦୦୧ରେ ସେ ଓଡ଼ିଶା ପାରା ଅଲିମ୍ପିକ୍ ଆସୋସିଏଶନ ଆରମ୍ଭ କରିଥିଲେ। ସେ ପାରା ଆଥଲେଟ୍, ପାରା ଭଲିବଲ, ରୋଇଂ, ଫେନସିଂ, ବ୍ୟାଡ୍‌ମିଣ୍ଟନ ଆଦି ଖେଳରେ ରାଜ୍ୟର ପାରା ଆଥଲେଟ୍‌ଙ୍କୁ ପ୍ରତିଷ୍ଠା ଦେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ସରକାରୀ ପ୍ରୋତ୍ସାହନ ମିଳୁ ନ ଥିବା ସମୟରେ ମଧ୍ୟ ସେ ବ୍ୟକ୍ତିଗତ ଉଦ୍ୟମରେ ଓଡ଼ିଶା ଦଳକୁ ଜାତୀୟ ପ୍ରତିଯୋଗିତାଗୁଡ଼ିକରେ ଅଂଶଗ୍ରହଣ କରିବାର ସୁଯୋଗ ସୃଷ୍ଟି କରିଥିଲେ। ପାରା ଆଥଲେଟ୍‌ମାନଙ୍କୁ ସାଧାରଣ ଖେଳାଳିଙ୍କ ସମକକ୍ଷ ପ୍ରୋତ୍ସାହନ ଦେବା ପାଇଁ ସେ ଓଡ଼ିଶା କ୍ରୀଡ଼ା ବିଭାଗ ନିକଟରେ ଦାବି ଉପସ୍ଥାପନ କରିଥିଲେ। ସେ ୨୦୧୩ରୁ ୨୦୧୬ ପର୍ଯ୍ୟନ୍ତ ପାରା ଅଲିମ୍ପିକ୍ କମିଟି ଅଫ୍ ଇଣ୍ଡିଆର ଉପସଭାପତି ଭାବେ କାର୍ଯ୍ୟ କରିଥିଲେ। ତାଙ୍କ ପରଲୋକରେ ଓଡ଼ିଶା ପାରା ପ୍ଲେୟର୍ସ ଫୋରମ ଓ ବିଭିନ୍ନ ଆସୋସିଏଶନ ପକ୍ଷରୁ ଶୋକ ପ୍ରକାଶ କରାଯାଇଛି।

## ୨୦୧୯ ଆଇସିସି ବିଶ୍ୱକପ୍ ଦେଖଣାହାରି ସଂଖ୍ୟା ସର୍ବାଧିକ

**ଦୁବାଇ,୧୬।୯(ପିଟି):** ଚଳିତବର୍ଷ ଅନୁଷ୍ଠିତ ପୁରୁଷ ଦିନିକିଆ ବିଶ୍ୱକପ୍‌ରେ ଇଂଲଣ୍ଡ ପ୍ରଥମ ଥର ପାଇଁ ଚାମ୍ପିୟନ ହୋଇଥିଲା। ଆଇସିସି ଟୁର୍ନାମେଣ୍ଟ ମଧ୍ୟରୁ ୨୦୧୯ ବିଶ୍ୱକପ୍‌ର ସିଧାପ୍ରସାରଣ ସମଗ୍ର ବିଶ୍ୱରେ ହାରହାରି ୧.୬ବିଲିୟନ ଲୋକେ ଦେଖିଛନ୍ତି। ଏହା ଯେକୌଣସି ଆଇସିସି ଇଭେଣ୍ଟର ଭ୍ୟୁୟର୍ସ ଅପେକ୍ଷା ଖୁବ ଅଧିକ। ଡିଜିଟାଲ ପ୍ଲାଟଫର୍ମ ହଟ୍‌ଷ୍ଟାରରେ ବିଶ୍ୱକପ୍ ମ୍ୟାଚ୍‌ର ସିଧାପ୍ରସାରଣ ଦେଖିବାରେ ଭାରତ ଶୀର୍ଷରେ ରହିଛି। ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଖେଳାଯାଇଥିବା ସେମିଫାଇନାଲ ମ୍ୟାଚ୍‌କୁ ହଟ୍‌ଷ୍ଟାରରେ ୨୫.୩ ନିୟୁତ ଲୋକେ ଦେଖିଥିଲେ, ଯାହାକି ହଟ୍‌ଷ୍ଟାର ପାଇଁ ଏକ ବିଶ୍ୱ ରେକର୍ଡ। ଭାରତ–ନ୍ୟୁଜିଲାଣ୍ଡ ବିଶ୍ୱକପ୍ ସେମିଫାଇନାଲ ମ୍ୟାଚ୍‌ର ଦେଖଣାହାରୀ ସଂଖ୍ୟା ଖୁବ ଅଧିକ ବୋଲି ଆଇସିସି ପକ୍ଷରୁ ପ୍ରକାଶ କରାଯାଇଛି। ୨୦୧୫ ସଂସ୍କରଣ ଅପେକ୍ଷା ଦେଖଣାହାରୀଙ୍କ ସଂଖ୍ୟାରେ ଚଳିତ ଥର ୩୮ ପ୍ରତିଶତ ବୃଦ୍ଧି ହୋଇଛି। ଭାରତ ଓ ପାକିସ୍ତାନ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ ବିଶ୍ୱକପର ସବୁଠୁ ଅଧିକ ଦେଖଣାହାରୀଙ୍କୁ ଆକର୍ଷିତ କରିଥିଲା। ଏହି ମ୍ୟାଚ୍‌ର ଟିଭି ଭ୍ୟୁୟର୍ସଙ୍କ ସଂଖ୍ୟା ୨୭୩ ନିୟୁତ। ତେବେ ଆହୁରି ୫୦ ନିୟୁତ ଦେଖଣାହାରୀ ଡିଜିଟାଲ ପ୍ଲାଟଫର୍ମରେ ଦେଖିଥିଲେ।

## ବ୍ରୋଞ୍ଜ ବିଜୟିନୀ ଅନୁପମାଙ୍କୁ ସମ୍ବର୍ଦ୍ଧନା




ସମ୍ବର୍ଦ୍ଧିତ ହେବା ଅବସରରେ ଅତିଥିଙ୍କ ଗହଣରେ ଅନୁପମା ସ୍ୱାଇଁ।

ଭୁବନେଶ୍ୱର, ୧୬।୯(କ୍ରୀଡ଼ା ପ୍ରତିନିଧି)

ଜାତୀୟ ଓ ଅନ୍ତର୍ଜାତୀୟ କ୍ରୀଡ଼ାରେ ଗୋଟିଏ ପରେ ଗୋଟିଏ ସଫଳତା ହାସଲ କରି ଚାଲିଥିବା ଅନୁପମା ସ୍ୱାଇଁଙ୍କୁ ସୋମବାର ମୁକୁନ୍ଦ ବରାଳ ସ୍ମାରକୀ ଟ୍ରଷ୍ଟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଉତ୍କଳ କରାଟେ ସ୍କୁଲର ଅନୁପମା ନିକଟରେ ଦକ୍ଷିଣ କୋରିଆରେ ଅନୁଷ୍ଠିତ ସାମରିକ କ୍ରୀଡ଼ାର ମହାକୁମ୍ଭ ୱାର୍ଲ୍ଡ ମାର୍ଶାଲ ଆର୍ଟ ମାଷ୍ଟରଶିପ୍ ଜୁଜୁଟ୍ସୁର ଫୁଲ୍ କଣ୍ଟାକ୍ଟ ଇଭେଣ୍ଟରେ ବ୍ରୋଞ୍ଜ ପଦକ ଲାଭକରି ରାଜ୍ୟ ଏବଂ ଦେଶକୁ ଗର୍ବିତ କରିଥିଲେ। ସମ୍ପ୍ରତି ଓଡ଼ିଶା ପୋଲିସରେ କାର୍ଯ୍ୟରତ ଅନୁପମା ଭାରତର ଏକମାତ୍ର ପ୍ରତିଯୋଗୀଭାବେ ଏହି ସଫଳତା ପାଇଥିଲେ। ମ୍ୟାନେଜିଂ ଟ୍ରଷ୍ଟି ପୀୟୂଷ ମହାନ୍ତିଙ୍କ ଅଧ୍ୟକ୍ଷତାରେ ବୁଦ୍ଧ ମନ୍ଦିର ପରିସରରେ ଅନୁଷ୍ଠିତ ଉତ୍ସବରେ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ଅତିଥିଭାବେ ଯୋଗଦେଇ ଅନୁପମାଙ୍କୁ ଉପଢୌକନ, ମାନପତ୍ର ଓ ୨୫,୦୦୦ ଟଙ୍କାର ଅର୍ଥରାଶି ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଅନୁପମାଙ୍କ କୋଚ୍ ଡ. ହରିପ୍ରସାଦ ପଟ୍ଟନାୟକଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ମହାବୋଧି ସୋସାଇଟିର ସମ୍ପାଦକ ଡ. ସୌରେନ୍ଦ୍ର ମହାପାତ୍ର ଓ ଡ. ବଦ୍ରିନାଥ ପଟ୍ଟନାୟକ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟ୍ରଷ୍ଟର ଅଧ୍ୟକ୍ଷ ନବରଞ୍ଜନ ପଟ୍ଟନାୟକ, ନବକିଶୋର ବରାଳ, ନିର୍ମାଲ୍ୟ ବରାଳ, ପ୍ରିୟରଞ୍ଜନ ମହାନ୍ତି, ଦିଲୀପ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବରୁ ଅନୁପମା କରାଟେରେ ଜାତୀୟ ଓ ରାଜ୍ୟଗୋଷ୍ଠୀ ପଦକ ଏବଂ ଶକ୍ତି ଉତ୍ତୋଳନର ଏସୀୟ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ।

## ଥାଇଲାଣ୍ଡ ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ

# ଓଡ଼ିଶା ଖେଳାଳିଙ୍କ ବିଜୟ ଅଭିଯାନ






ଦୀପ ରଞ୍ଜନ ବିଶୋଇ, ଦିଲେଶ୍ୱର ରାଓ ଓ ପ୍ରମୋଦ ଭଗତ।

**ଭୁବନେଶ୍ୱର, ୧୬।୯(କ୍ରୀଡ଼ା ପ୍ରତିନିଧି):** ବ୍ୟାଙ୍କକ୍‌ର ହୁଆମାର ଇନ୍‌ଡୋର ଷ୍ଟାଡିୟମରେ ସୋମବାର ଥାଇଲାଣ୍ଡ ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ଆରମ୍ଭ ହୋଇଛି। ୨୧ ତାରିଖ ପର୍ଯ୍ୟନ୍ତ ଚାଲିବାକୁଥିବା ଏହି ପ୍ରତିଯୋଗିତାରେ ବିଭିନ୍ନ ଦେଶରୁ ୨୪୫ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ସିଙ୍ଗଲ୍ସ ବିଭାଗରେ ଓଡ଼ିଶା ପ୍ରତିଯୋଗୀମାନେ ବିଜୟ ସହ ଅଭିଯାନ ଆରମ୍ଭ କରିଛନ୍ତି। ନିକଟରେ ବିଶ୍ୱ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ବିଜେତା ପ୍ରମୋଦ ଭଗତ ପ୍ରଥମ ରାଉଣ୍ଡରେ ଫ୍ରାନ୍ସର ଡେବାଭିଲାରି ଜାଭିୟର୍ସଙ୍କୁ ୨୧–୧୭, ୨୧–୧୮ ପଏଣ୍ଟରେ ପରାସ୍ତ କରିଛନ୍ତି। ଦିଲେଶ୍ୱର ରାଓ ଥାଇଲାଣ୍ଡର ସୋମେତା ତାନାକୋନ୍‌ଙ୍କୁ ୨୧–୬, ୨୧–୧୨ରେ ହରାଇଥିବାବେଳେ ଦୀପରଞ୍ଜନ ବିଶୋଇ ମାଲେସିଆର ମହମ୍ମଦ ସାହେରିଙ୍କୁ ୨୧–୭, ୨୧–୧୦ ପଏଣ୍ଟରେ ହରାଇ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ମଙ୍ଗଳବାର ସିଙ୍ଗଲ୍ସର ଅନ୍ୟ ମ୍ୟାଚ ଏବଂ ଡବଲ୍ସ ଗ୍ରୁପ ମ୍ୟାଚ ଆରମ୍ଭ ହେବ।

ମନେ ପଡ଼ନ୍ତି

ଚତୁର୍ଦ୍ଦଶତମ ଶ୍ରାଦ୍ଧବାର୍ଷିକୀ
ସ୍ୱର୍ଗତ ବଂଶୀଧର ମିଶ୍ର
ଆବିର୍ଭାବ: ୧୦।୦୭।୧୯୫୦
ତିରୋଧାନ: ୨୧।୦୯।୨୦୦୫
ଆପଣଙ୍କ ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀ ଶ୍ରୀ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ:
ଆତ୍ମୀୟସ୍ୱଜନମାନେ।
ଧ–୧୪୩୬୫

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
ସ୍ୱର୍ଗତ ରାମଚନ୍ଦ୍ର ମିଶ୍ର
ଆବିର୍ଭାବ: ୦୨।୦୯।୧୯୬୮
ତିରୋଧାନ: ୦୮।୦୯।୨୦୧୯
ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ:
ଭାବଗ୍ରାହୀ ମିଶ୍ର, ରମାକାନ୍ତ ମିଶ୍ର, ଲକ୍ଷ୍ମୀକାନ୍ତ ମିଶ୍ର, ସୂର୍ଯ୍ୟକାନ୍ତ ମିଶ୍ର, ଅନ୍ନପୂର୍ଣ୍ଣା ନନ୍ଦ, ପ୍ରଫୁଲ୍ଲ ନନ୍ଦ ଓ ପରିବାରବର୍ଗ।
ଧ–୬୭୦୬୬

ଏକାଦଶାହ ଉପଲକ୍ଷେ
✓ ଛାୟାକାନ୍ତ ସାହୁ
୪୮, ମଧୁସୂଦନ ନଗର, ଭୁବନେଶ୍ୱର
ଆବିର୍ଭାବ : ୧୫.୦୪.୧୯୪୧
ତିରୋଧାନ : ୦୭.୦୯.୨୦୧୯
ଆଜି ଏକାଦଶାହ ଉପଲକ୍ଷେ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଭଗବାନଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ : ସ୍ତ୍ରୀ –ସୌଦାମିନୀ କନ୍ୟା–ସୁକାନ୍ତି, ସୁନିତୀ, ନାତି–ଉଦିତ ନାତୁଣୀ–ସୁଶ୍ରୀ ଓ ଜ୍ୱାଇଁ ତଥା ବନ୍ଧୁଗଣ
ଧ–୬୮୦୦୧

ଅଠେଇଶତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
✓ ସୁଧାଂଶୁ ମୋହନ ରାଉତରାୟ
କବି ତଥା ପ୍ରଶାସକ
ପ୍ଲଟ୍ ନଂ–୧୫୭, ସହିଦନଗର
ଆବିର୍ଭାବ : ୧୪.୧୨.୧୯୩୨
ତିରୋଧାନ : ୨୯.୦୯.୧୯୯୧
"ମୃତ୍ୟୁ କାହାପାଇଁ କିପରି ଆସେ ମଣିଷ ଜାଣେନା ...
କାହା କପାଳରେ କେବେ ମୃତ୍ୟୁ ତାରିଖ ଲେଖା ମଣିଷ ପଢ଼େନା" ...
ବାପା, ଆଜିର ପବିତ୍ର ଦିନରେ ଆପଣଙ୍କ ଆତ୍ମାର ସଦ୍‌ଗତି କାମନା କରୁଛୁ। ଇତି
ଆପଣଙ୍କର ପରିବାରବର୍ଗ
ଧ–୬୮୦୦୨

# ହାତୀ ଶାବକର ମୃତଦେହ ଠାବ

**ସେରଗଡ,୧୬।୯(ଡି.ଏନ.ଏ.)**

କଳାହାଣ୍ଡି ଜିଲା ନର୍ଲା ରେଞ୍ଜ ଅନ୍ତର୍ଗତ କମର୍ଦା ସେକ୍ସନ ଓ ବିଟ୍ ପୋରଗେଲ ସଂରକ୍ଷିତ ଜଙ୍ଗଲରେ ସୋମବାର ଏକ ହାତୀ ଶାବକର ମୃତଦେହ ଠାବ କରାଯାଇଛି । ଖବର ପାଇ ନର୍ଲା ବନ ବିଭାଗ, ରେଞ୍ଜର ନୃତରାଜ ମାଝି, କଳାହାଣ୍ଡି ଉତ୍ତରାଖଣ୍ଡ ବନ ବିଭାଗ ଡିଏଫ୍ଓ ନିତେଶ କୁମାର, ସିଇଏଫ୍ ବଂଶୀଧର ସ୍ୱାଇଁ ଓ ଗଜାନନ ଲାଡେ, କମର୍ଦା ବନାଞ୍ଚଳ ଫରେଷ୍ଟର ନବୀନ ମାଝି, ଆଣ୍ଟି ଡିଫରେଶନ ସ୍କ୍ୱାଡ ଘଟଣାସ୍ଥଳରେ ପହଞ୍ଚିଥିଲେ । ସେଠାରେ ମୃତ ଶାବକକୁ ବ୍ୟବଚ୍ଛେଦ କରାଯାଇଥିଲା। ପରେ ସ୍ଥାନୀୟ ସରପଞ୍ଚ, ବନ ସୁରକ୍ଷା କର୍ମକର୍ତ୍ତାଙ୍କ ଉପସ୍ଥିତିରେ ୫ ଫୁଟ୍ର ଗାତ ଖୋଳି ପୋତି ଦିଆଯାଇଛି। ହାତୀ ଶାବକ ମୃତାବସ୍ଥାରେ ଜନ୍ମ ହୋଇଥିବା ଶବ ବ୍ୟବଚ୍ଛେଦ ରିପୋର୍ଟରୁ ଜଣାପଡିଛି ବୋଲି ନର୍ଲା ରେଞ୍ଜର ନୃତରାଜ ମାଝି ପ୍ରକାଶ କରିଛନ୍ତି ।



ହାତୀ ଶାବକର ମୃତଦେହକୁ ବନ ବିଭାଗ ପକ୍ଷରୁ ପୋତି ଦିଆଯାଉଛି ।

RELEASED ! RELEASED !! RELEASED !!!
USHA'S +2 SAMPLE PAPERS
(ARTS, SCIENCE & COMMERCE)
◆ALL SUBJECTS◆ (2nd Year)
USHA BOOKS Co-ordination with
KALYANI PUBLISHERS
(Gopabandhu Lane, Badambadi, Cuttack - 12, Phone : 0671 - 2311391 / 92)

## ସେଲ୍ଫି କର୍ଣ୍ଣର

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍ଫି ଛାପି ହେଉନାହିଁ। ଅଧିକ ସେଲ୍ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍ସାଇଟ୍
www.dharitri.com/category/selfie



ନିଳାଦ୍ରୀ



ଜୟଦେବ



ରମାକାନ୍ତ



ବିନାୟକ

**ସେଲ୍ଫି ଉଠାନ୍ତୁ, ଆମକୁ ପଠାନ୍ତୁ**
smbselfie@gmail.com
(ମନୋନୀତ ସେଲ୍ଫି ପ୍ରକାଶ ପାଇବ)

# ମହିଳା ସ୍ୱାସ୍ଥ୍ୟକର୍ମୀଙ୍କୁ ମାନସିକ ନିର୍ଯାତନା

**କନ୍ଧମାଳ,୧୬।୯(ଡି.ଏନ.ଏ.)**

ବୌଦ୍ଧ ଜିଲା ମନମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ବରଗୋଛା ସବ୍ସେଣ୍ଟରର ମହିଳା ସ୍ୱାସ୍ଥ୍ୟକର୍ମୀ ଝୁନି ସାହୁଙ୍କୁ ପ୍ରସୂତି ସମୟରେ ମାନସିକ ନିର୍ଯାତନା ସହ ଲାଞ୍ଚ ମଗାଯାଇଛି। ଏହି ଘଟଣା ଏବେ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଲାଞ୍ଚର ପ୍ରତିବାଦ କରିବାରୁ ତାଙ୍କୁ ନିର୍ଯାତନା ଦିଆଯାଇଥିଲା । ଫଳରେ ତାଙ୍କ ନବଜାତକର ମୃତ୍ୟୁ ଘଟିଥିବା ମାନବାଧିକାର କମିଶନଙ୍କ ପାଖରେ ଅଭିଯୋଗ ହୋଇଛି। ଏହି ଅଭିଯୋଗର ତଦନ୍ତ ପାଇଁ କମିଶନ ନିର୍ଦ୍ଦେଶ ଦେଇଛନ୍ତି ।

ସୂଚନା ଅନୁସାରେ, ସୋସିଆଲ ମିଡିଆରେ ଦୁଇଟି ଅଡିଓ ଭାଇରାଲ ହୋଇଛି। ପ୍ରଥମ ଅଡିଓରେ ଦୁର୍ଗମ ଅଞ୍ଚଳ ସ୍ୱାସ୍ଥ୍ୟ ସମ୍ପର୍କିତ କାର୍ଯ୍ୟକ୍ରମର ୩୩ଟି ବିଲ୍ର ପ୍ରାୟ ୮୦ ହଜାର ଟଙ୍କା ସହ ଗର୍ଭାବସ୍ଥା ସମୟର ବିଲ୍ ପାସ୍ କରିଦେବା ପାଇଁ ସ୍ୱାସ୍ଥ୍ୟକର୍ମୀ ଜଣକ ମେଡିକାଲ ଅଫିସର ଡାକ୍ତର ମହେନ୍ଦ୍ର ସଏଙ୍କୁ ଅନୁରୋଧ କରିଛନ୍ତି। ଏହି ବିଲ୍ ପାସ ବାବଦରେ ନିର୍ଦ୍ଧାରିତ ଅର୍ଥ ପ୍ରଦାନ କରିବାକୁ ସ୍ୱାସ୍ଥ୍ୟକର୍ମୀ ରାଜି ହୋଇଛନ୍ତି। ଦ୍ୱିତୀୟ ଅଡିଓରେ ସୁପରଭାଇଜର ସୁଦର୍ଶନ ପ୍ରଧାନ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କୁ ଦୁର୍ଗମ ଅଞ୍ଚଳ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ପାଇଁ ପ୍ରଦାନ କରାଯାଉଥିବା ଅର୍ଥରୁ ଭାଗ ମାଗୁଛନ୍ତି। ସ୍ୱାସ୍ଥ୍ୟକର୍ମୀ ଜଣକ ଅଭିଯୋଗରେ ଦର୍ଶାଇଛନ୍ତି, ୨୦ ହଜାର ଟଙ୍କା ଲାଞ୍ଚ ନ ଦେବାରୁ ତାଙ୍କୁ ନିଲମ୍ବନ କରିବା ପାଇଁ ସୁପରଭାଇଜର ପ୍ରଧାନ ଧମକ ଦେଇଛନ୍ତି । ଫଳରେ ସେ ମାନସିକ ଭାରସାମ୍ୟ ହରାଇବାରୁ ତାଙ୍କ ସ୍ୱାସ୍ଥ୍ୟରେ ଅବନତି ଘଟିଥିଲା । ଗତ ତା୧।୭।୨୦୧୯ରିଖରେ ସେ ପ୍ରସୂତି କାଳୀନ ଛୁଟି ନେଇଥିବାବେଳେ ତାଙ୍କର ରକ୍ତଚାପ ବଢିଯାଇଥିଲା ଏବଂ ସେ ଠିକ୍ ସମୟ ପୂର୍ବରୁ ତା୧୧।୭।୨୦୧୯ରିଖରେ ଏକ ଶିଶୁ ପୁତ୍ର ଜନ୍ମ ଦେଇଥିଲେ। ଏହାର ୬ ଦିନ ପରେ ତାଙ୍କ ନବଜାତକର ମୃତ୍ୟୁ ଘଟିଥିଲା । ସ୍ୱାସ୍ଥ୍ୟକର୍ମୀ ଜଣକ ବର୍ତ୍ତମାନ ପ୍ରସୂତିକାଳୀନ ଛୁଟିରେ ଅଛନ୍ତି । କାମରେ ଯୋଗ ଦେଲେ ତାଙ୍କୁ ନିଲମ୍ବନ କରିବା ପାଇଁ ସୁପରଭାଇଜର ଧମକ ଦେଇଥିବାରୁ ସେ କାମରେ ଯୋଗ ଦେଇ ପାରୁନାହାନ୍ତି। ଏଭଳି ଅଭିଯୋଗ ଜିଲାପାଳ, ସିଡିଏମ୍ଓଙ୍କ ପାଖରେ କରିବା ପରେ ମଧ୍ୟ କୌଣସି ତଦନ୍ତ ହୋଇନାହିଁ। ଫଳରେ ସ୍ୱାସ୍ଥ୍ୟକର୍ମୀ ଜଣକ ମାନବାଧିକାର କମିଶନଙ୍କଠାରେ ଲିଖିତ ଅଭିଯୋଗ କରିଛନ୍ତି । ମାନବାଧିକାର କମିଶନ ଏ ନେଇ ଏକ ମାମଲା (ନଂ. ୧୭୧୪/୧୯) ରୁଜୁ କରି ସିଡିଏମ୍ଓଙ୍କୁ ତଦନ୍ତ ଭାର ଦେଇଥିବା ନେଇ ସୂଚନା ମିଳିଛି । ଏ ସମ୍ପର୍କରେ ସିଡିଏମ୍ଓଙ୍କ ସହ ଯୋଗାଯୋଗ ସମ୍ଭବ ହୋଇନାହିଁ । ତେବେ ମନମୁଣ୍ଡା ମେଡିକାଲ ଅଫିସର ମହେନ୍ଦ୍ର ସଏ କହିଛନ୍ତି, ଭାଇରାଲ ହୋଇଥିବା ଅଡିଓ ସମ୍ପର୍କରେ ସେ କିଛି କହି ପାରିବେ ନାହିଁ। ସ୍ୱାସ୍ଥ୍ୟକର୍ମୀଙ୍କ ଅଭିଯୋଗ ଉପରେ ସେ ସାକ୍ଷାତରେ ମନ୍ତବ୍ୟ ଦେଇ ପାରିବେ ଏବଂ ସବୁ ପ୍ରକାର ତଦନ୍ତ ପାଇଁ ପ୍ରସ୍ତୁତ ଥିବା ଡାକ୍ତର ସଏ କହିଛନ୍ତି। ସେହିପରି ସୁପରଭାଇଜର ପ୍ରଧାନଙ୍କ ପ୍ରତିକ୍ରିୟା ମିଳିପାରିନାହିଁ ।

- ସୋସିଆଲ ମିଡିଆରେ ଭାଇରାଲ ହେଲା ଲାଞ୍ଚ ଅଡିଓ
- ନବଜାତକର ମୃତ୍ୟୁ, ମାନବାଧିକାର କମିଶନଙ୍କ ତଦନ୍ତ ନିର୍ଦ୍ଦେଶ

# ଆପାର୍ଟମେଣ୍ଟରେ କୃଷି ବିଭାଗର ଚଢ଼ାଉ

**ବରଗଡ଼ ଅଫିସ,୧୬।୯**

ବରଗଡ଼ ସହର ଗୋବିନ୍ଦପାଲି ନିକଟ ଏକ ଆପାର୍ଟମେଣ୍ଟର କ୍ୱାର୍ଟର ନଂ-୩୦୪ରେ ବେଆଇନ ଭାବେ ଜୈବିକ ସାର, କୀଟନାଶକ ବିକ୍ରି ହେଉଥିବା ସୂଚନା ପାଇ ସୋମବାର ଜିଲା କୃଷି ବିଭାଗର ଏକ ଟିମ୍ ଅତର୍କିତ ଚଢ଼ାଉ କରିଥିଲା। ଚଢ଼ାଉବେଳେ ସେଠାରେ ବିନା ଲାଇସେନ୍ସରେ ଉପରୋକ୍ତ ସାମଗ୍ରୀ ବିକ୍ରି ହେଉଥିବା ଜଣାପଡ଼ିଥିଲା। ଫଳରେ କୃଷି ବିଭାଗର ସେହି ଟିମ୍ ସେଠାରୁ ୫ଟି ଜୈବିକସାରର ନମୁନା ସଂଗ୍ରହ କରିଛି । ସଂଗୃହୀତ ନମୁନାକୁ ପରୀକ୍ଷା ପାଇଁ ଭୁବନେଶ୍ୱର ପରୀକ୍ଷାଗାରକୁ ପଠାଯିବ ବୋଲି ଜିଲା କୃଷି ଉପନିର୍ଦ୍ଦେଶକ ଦୀନବନ୍ଧୁ ଗାନ୍ଧୀ କହିଛନ୍ତି ।

ଉପରୋକ୍ତ କ୍ୱାର୍ଟରରେ ସତ୍ୟବ୍ରତ ପରିଡ଼ା ଜୈବିକ ସାର ଏବଂ କୀଟନାଶକ ରଖି ବିଭିନ୍ନ ଗ୍ରାମକୁ ନେଇ ବିକ୍ରି କରୁଥିବା କୃଷି ବିଭାଗକୁ ସୂଚନା ମିଳିଥିଲା । ଫଳରେ ସେଭଳି ବେଆଇନ କାରବାର ଧରିବା ପାଇଁ ଡିଡିଏ ଗାନ୍ଧୀଙ୍କ ନେତୃତ୍ୱରେ ଯୁଗ୍ମ ମାନ ନିର୍ଦ୍ଧାରଣ ଅଧିକାରୀ ରବୀନ୍ଦ୍ର କୁମାର ସାହୁ, ସହକାରୀ କୃଷି ଅଧିକାରୀ ଦୁଃଖିରାମ ଟୁଡୁ, ସୀତାଂଶୁ ଶେଖର ବେହେରା, ସଂଯୁକ୍ତା ମୁଣ୍ଡା ପ୍ରମୁଖଙ୍କୁ ନେଇ ଏକ ଟିମ୍ ଗଠନ କରାଯାଇଥିଲା । ଉକ୍ତ ଟିମ୍ ସେଠାରେ ଚଢ଼ାଉ କରିଥିଲେ ଅନିୟମିତତା ଧରିଥିଲେ । ସେଠାରେ ସେହି କାରବାର ଚଳାଉଥିବା ପରିଡ଼ାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲାପାଳଙ୍କ ପରାମର୍ଶ ଲୋଡ଼ାଯାଇଛି ବୋଲି ଡିଡିଏ ଗାନ୍ଧୀ ପ୍ରକାଶ କରିଛନ୍ତି ।



ଆପାର୍ଟମେଣ୍ଟର ଏକ କ୍ୱାର୍ଟରରେ କୃଷି ଅଧିକାରୀମାନେ ଚଢ଼ାଉ କରୁଛନ୍ତି ।

- ବେଆଇନ ଭାବେ ଜୈବିକ ସାର ବିକ୍ରି
- ୫ଟି ନମୁନା ସଂଗ୍ରହ କଲା କୃଷି ବିଭାଗ
- ଜିଲାପାଳଙ୍କ ଅନୁମତି ପରେ କାର୍ଯ୍ୟାନୁଷ୍ଠାନ

# କୋରେକ୍ସ, ମଦ ଜବତ, ୨ ଗିରଫ

**ପାଇକମାଳ,୧୬।୯(ଡି.ଏନ.ଏ)**

ପାଇକମାଳ ଥାନା ବୁକ୍ରାମୁଣ୍ଡା ପଞ୍ଚାୟତ ମହୁଲପାଲି ଗ୍ରାମରେ ସୋମବାର ଚଢାଉ କରି ପୋଲିସ କୋରେକ୍ସ, ମଦ ଜବତ କରି ୨ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ହେଲେ ଲିଙ୍ଗରାଜ ବେହେରା (୩୯) ଓ କେଦାର ବରିହା । ଉଭୟଙ୍କ ଠାରୁ ୧୫ଲିଟ ମଦ ଓ ୩୫ଟି ଦେଶୀ ମଦ ପାଉଚ ଜବତ ହୋଇଥିଲା । ଏ ନେଇ ପାଇକମାଳ ଥାନାରେ ଏକ ମାମଲା (ନଂ.୧୬୭/୧୯ ଓ ୧୬୮/୧୯) ରୁଜୁ କରାଯାଇଛି । ଉଭୟଙ୍କୁ ମଙ୍ଗଳବାର ପଦ୍ମପୁର କୋର୍ଟଙ୍କୁ ପଠାଯିବ ବୋଲି ଥାନା ଆଇଆଇସି ବିଶ୍ୱଜିତ ମନବୋଧ କହିଛନ୍ତି ।

## ମୁଖବାଦ୍ୟର କଳାକାର ଜଗନ୍ନାଥ

# ପାଟିରେ ତିଆରି କରନ୍ତି ମୃଦଙ୍ଗର ଶବ୍ଦ

**କନ୍ଧମାଳ, ୧୬।୯( ଡି.ଏନ.ଏ)**

ଜଗନ୍ନାଥ ନାଏକ । ବୟସ ୧୨ । ସେ ବୌଦ୍ଧ ଜିଲା କନ୍ଧମାଳ ବ୍ଲକ କୁମରକେଳି ଗାଁର ଜଣେ ମର୍ମସ୍ପର୍ଶୀ ମୁଖବାଦ୍ୟର କଳାକାର । ସେ ଖଟଖଟିଆ ନୋଡାଲ ବିଦ୍ୟାଳୟର ସପ୍ତମ ଶ୍ରେଣୀରେ ପଢୁଛନ୍ତି । ଜଗନ୍ନାଥ ମୁହଁ ଓ ଛାତିରେ ବଜାଇ ପାରନ୍ତି ଚମତ୍କାର ବାଦ୍ୟ । ଯାହା ମୃଦଙ୍ଗ ପରି ଶବ୍ଦ କରେ । ସେ ତାଙ୍କ ଦୁଇ ହାତକୁ ଦୁଇ ଗାଲରେ ବାଡେଇ ପାଟିରେ ତିଆରି କରନ୍ତି ମୃଦଙ୍ଗର ଶବ୍ଦ । ପୁଣି ସଙ୍ଗେ ସଙ୍ଗେ ସେହି ଦୁଇ ହାତ ଛାତିରେ ବାଡେଇ ଓ ପୁଣି ହାତକୁ ହାତ ବାଡେଇ ତିଆରି କରନ୍ତି ମୃଦଙ୍ଗର ତାଳ ।

ଜଗନ୍ନାଥଙ୍କ ଜନ୍ମ ଏକ କଳାକାର ପରିବାରରେ। ତାଙ୍କ ବାପା ତୁଳସୀ ଓ କେଉଟିପାଲି ଗାଁର ମାମୁ ସତ୍ୟନାରାୟଣ ଢୋଲ ଓ ମୃଦଙ୍ଗରେ ବେଶ୍ ନିପୁଣ । ପିଲାଦିନରୁ ସେ ବାପା ଓ ମାମୁଙ୍କଠୁ ଢୋଲର ବାଜଣା ଶୁଣି ପ୍ରେରିତ ହୋଇଛନ୍ତି ବୋଲି କୁହନ୍ତି । ମୃଦଙ୍ଗର ବାଜଣା ଶୁଣି ସେ ହାତ ଓ ପାଟିରେ ପ୍ରଥମେ ବାଦ୍ୟ ବଜାଇଲେ । ମାମୁ ତାଙ୍କୁ ଶିଖେଇଲେ ହାତ, ପାଟି ସହ ଛାତିରେ ବଜେଇବାର କଳା । ଏହି ମୁଖବାଦ୍ୟ ଭାରି ଚମତ୍କାର ଲାଗିଲା । ଆଉ ପଛକୁ ଫେରି ଚାହିଁ ନ ଥିଲେ ଜଗନ୍ନାଥ। ଯେଉଁଠି ଯେମିତି ଖୁସିରେ କି ଫର୍ମାସିରେ ବଜାଇଛନ୍ତି ମୁଖବାଦ୍ୟ । ଏହା ସାଙ୍ଗସାଥି, ଗାଁ ଲୋକଙ୍କୁ ମନୋରଞ୍ଜନର ଖୋରାକ ଯୋଗାଇଛି। ଜଗନ୍ନାଥଙ୍କ ଏହି ମୁଖବାଦ୍ୟକୁ ନେଇ ବିଦ୍ୟାଳୟ ଶିକ୍ଷକମାନେ ଜାଣି ପାରିଲେ । ସେମାନେ ମଧ୍ୟ ତାଙ୍କୁ ଉତ୍ସାହିତ କରୁଛନ୍ତି। ଏପରିକି କିଛିଦିନ ହେବ ସୋସିଆଲ ମିଡିଆରେ ତାଙ୍କ ମୁଖବାଦ୍ୟର ଦୃଶ୍ୟ ଘୂରି ବୁଲୁଛି । ଜଗନ୍ନାଥଙ୍କୁ ପଚାରିଲେ କୁହନ୍ତି, ବଡ ହେଲେ ବାପା ଓ ମାମୁଙ୍କ ପରି ବାଦ୍ୟକାର ହେବେ । ଏ ନେଇ ତାଙ୍କ ମା ଶକୁନ୍ତଳା ମଧ୍ୟ ଖୁସି । ଅନେକ ଲୋକ ପୁଅକୁ ପ୍ରଶଂସା କରୁଛନ୍ତି। ଏହି କଳାକୁ ବଞ୍ଚାଇ ରଖିବା ନେଇ ମଧ ଶକୁନ୍ତଳା ଆଶଙ୍କା କରିଛନ୍ତି । ଚାଷଜମି ବୋଲି ଗୋଟେ ଏକର। ଜଗନ୍ନାଥଙ୍କ ବାପା ମୂଲ ଲାଗିଲେ ପରିବାର ଚଳୁଛି । ଏଯାଏଁ ସରକାରୀ ଯୋଜନାରେ ଘର ମିଳିନାହିଁ । ଚାଳିଆରେ ଏହି ପରିବାର ଲୋକେ ଆଶ୍ରୟ ନେଇଛନ୍ତି । ଏପରି ପରିସ୍ଥିତିରେ ଜଗନ୍ନାଥଙ୍କ କଳାକୁ ବଞ୍ଚାଇବା ପାଇଁ ଶ୍ରୀଜଗନ୍ନାଥ ସାହା ବୋଲି ସେ କହିଛନ୍ତି।



ମୁଖବାଦ୍ୟ କଳାକାର ଜଗନ୍ନାଥ ନାଏକ ।

# ମଧ୍ୟାହ୍ନ ଭୋଜନ ଖାଇ ୨୨ ଛାତ୍ରୀଛାତ୍ର ଅସୁସ୍ଥ

**ସମ୍ବଲପୁର/କୁଚିଣ୍ଡା/ବାମରା,୧୬।୯ (ବ୍ୟୁରୋ/ଡି.ଏନ.ଏ.)**

ସମ୍ବଲପୁର ଜିଲା ବାମରା ବ୍ଲକ ଜରାବଗା ଗ୍ରାମ ପଞ୍ଚାୟତ ଚାଲଟିକ୍ରା ପ୍ରାଥମିକ ବିଦ୍ୟାଳୟରେ ସୋମବାର ଅଭାବନୀୟ ଘଟଣା ଘଟିଛି । ୨୨ ଜଣ ଛାତ୍ରୀଛାତ୍ର ମଧ୍ୟାହ୍ନ ଭୋଜନ ଖାଇବା ପରେ ଅସୁସ୍ଥ ହୋଇପଡିଛନ୍ତି। ସେମାନଙ୍କୁ କୁଚିଣ୍ଡା ଡାକ୍ତରଖାନାକୁ ନିଆଯାଇଥିଲା । ସେମାନଙ୍କ ମଧ୍ୟରୁ ଆଲିଶା ସୋରିନ (୭), ସରୋଜ ଶବରା (୫), ଗାୟତ୍ରୀ ମାଝୀ (୭), ପ୍ରୀତି ଧନୁର୍ଯ୍ୟୟ (୯) ଓ ଶ୍ରୀକାନ୍ତ ସୁନାତୀ (୫)ଙ୍କ ଅବସ୍ଥା ଗୁରୁତର ରହିଛି। ଏହି ୫ ଜଣ କୁଚିଣ୍ଡା ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଏସ୍ଡିଏମ୍ଓ ଦାୟିତ୍ୱରେ ଥିବା ଡା. କ୍ଷେତ୍ରମୋହନ କାଣ୍ଡଙ୍କୁ ନେଇ ଏକ ଡାକ୍ତରୀ ଦଳ ଅସୁସ୍ଥ ଛାତ୍ରୀଛାତ୍ରଙ୍କ ଚିକିତ୍ସା କରିଥିଲେ। ଖବର ପାଇ ସ୍ଥାନୀୟ ବିଧାୟକ କିଶୋର ନାଏକ, ସରକାରୀ ଓକିଲ ରବୀନ୍ଦ୍ର ନାୟକ ଡାକ୍ତରଖାନାରେ ପହଞ୍ଚି ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ । ସେହିପରି ଉପଜିଲାପାଳ ବିଶ୍ୱରଞ୍ଜନ ନାଏକ ସ୍କୁଲ ପରିଦର୍ଶନ କରି ଖାଦ୍ୟର ମାନକୁ ଦେଖିଥିଲେ । ପରେ ମେଡିକାଲ ଆସି ପିଲାମାନଙ୍କୁ ଭେଟିଥିଲେ । ଏହି ଘଟଣାର ତଦନ୍ତ କରି ଚୂଡାନ୍ତ ରିପୋର୍ଟ ଦେବାକୁ ସେ ବାମରା ବିଇଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ହେଲେ ସତ୍ୟନାରାୟଣ ପୂଜା ପ୍ରସାଦ ଖାଇବାରୁ ଏଭଳି ହୋଇଥାଇପାରେ ବୋଲି ମଧ ଚର୍ଚ୍ଚା ହେଉଛି ।ଏଣୁ ଡାକ୍ତରୀ ରିପୋର୍ଟ ଆସିଲା ପରେ ସତ୍ୟାସତ୍ୟ ସାମନାକୁ ଆସିବ।

ସୋମବାର ପ୍ରାୟ ୧ଟା ସମୟରେ ପିଲାମାନେ ମଧ୍ୟାହ୍ନ ଭୋଜନରେ ଭାତ ଡାଲମା ଖାଇଥିଲେ। ଏହାର କିଛି ସମୟ ପରେ ପ୍ରାୟ ୨ଟା ବେଳକୁ ପ୍ରଥମେ ୨ ଜଣ ଛାତ୍ରଙ୍କୁ ଝାଡାବାନ୍ତି ହୋଇଥିଲା। ପରେ ୫/୭ ଜଣ ଅସୁସ୍ଥ ହୋଇ ପଡିଥିଲେ । ପ୍ରାୟ ଅଧଘଣ୍ଟା ଭିତରେ ଅସୁସ୍ଥଙ୍କ ସଂଖ୍ୟା ବଢି ୨୨ରେ ପହଞ୍ଚିଥିଲା । ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ପାଣି ଏକ ଗାଡିରେ ପ୍ରଥମେ କେଶେଇବାହାଲ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ପିଲାଙ୍କୁ ନେଇଥିଲେ । ସେଠାରେ ଡାକ୍ତର ଅନୁପସ୍ଥିତ ଥିବାରୁ ଛାତ୍ରୀଛାତ୍ରଙ୍କୁ କୁଚିଣ୍ଡା ମେଡିକାଲକୁ ନିଆଯାଇଥିଲା। ଖବର ପାଇ ମେଡିକାଲ ପରିସରରେ ଅଭିଭାବକ ଓ ଜନସାଧାରଣଙ୍କ ଭିଡ ଜମି ଥିଲା।



ସମ୍ବଲପୁର ଜିଲା କୁଚିଣ୍ଡା ଡାକ୍ତରଖାନରେ ଛାତ୍ରୀଛାତ୍ର ।

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ



ଶରୀରକୁ ସୁସ୍ଥ ରଖିବା ପାଇଁ ଖାଦ୍ୟ ଯେତିକି ଲୋଡ଼ା,
ମନକୁ ସୁସ୍ଥ ରଖିବା ପାଇଁ ଅଧ୍ୟୟନ ସେତିକି ଲୋଡ଼ା।
- ଶିଶେରୋ

## ସଂକ୍ଷେପରେ

### ୨୩ରେ ଓକିଲ ସଂଘର କାର୍ଯ୍ୟବନ୍ଦ

ବରଗଡ଼ ଅଫିସ୍,୧୬।୯: ବରଗଡ଼ ଜିଲା ଓକିଲ ସଂଘର ଏକ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି । ସଂଘ ଉପସଭାପତି ସରୋଜ କୁମାର ତ୍ରିପାଠୀ ଏଥିରେ ସଭାପତିତ୍ୱ କରିଥିଲେ। ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏଶନ ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାପନକୁ ନେଇ ଓଡ଼ିଶା ହାଇକୋର୍ଟଙ୍କ ମୁଖ୍ୟ ବିଚାରପତିଙ୍କ ଅଦାଲତକୁ ବର୍ଜନ କରିଥିବା ଆଭିମୁଖ୍ୟକୁ ନେଇ ନିନ୍ଦା ପ୍ରସ୍ତାବ ଗ୍ରହଣ କରାଯାଇଥିଲା । ଏହାର ପ୍ରତିବାଦରେ ଆସନ୍ତା ୨୩ତାରିଖରେ ସମ୍ପୂର୍ଣ୍ଣ କାର୍ଯ୍ୟବନ୍ଦ କରିବା ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା । ଗତ ୨୦୦୬ ଏପ୍ରିଲ ୩୦ତାରିଖରେ ବରଗଡ଼ ଘୋଷଣାନାମା ଅନୁଯାୟୀ ପଶ୍ଚିମ ଓଡ଼ିଶାର ଯେକୌଣସି ସ୍ଥାନରେ ହାଇକୋର୍ଟ ସ୍ଥାପନ ପ୍ରସ୍ତାବ ଅନୁସାରେ ପୂର୍ବଭଳି ପ୍ରତି ମାସ ଶେଷ ତିନି କାର୍ଯ୍ୟ ଦିବସରେ କାର୍ଯ୍ୟବନ୍ଦ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ବୈଠକରେ ସାଧାରଣ ସମ୍ପାଦକ ହେମନ୍ତ କୁମାର ପୁରୋହିତ, ଯୁଗ୍ମ ସମ୍ପାଦକ ଲଲାଟେନ୍ଦୁ ବେହେରା ଓ ଅନ୍ୟ ସଭ୍ୟମାନେ ଉପସ୍ଥିତ ଥିଲେ ।



### ସୁନାଲରମ୍ଭାରେ ବ୍ରାହ୍ମଣ ମହାସଭା

ଗଣ୍ଡତୁରୁମ, ୧୬।୯ (ଡି.ଏନ.ଏ)
ଭେଡେନ ବ୍ଲକ ଅନ୍ତର୍ଗତ ସୁନାଲରମ୍ଭା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ରବିବାର ବ୍ରାହ୍ମଣ ସମାଜର ମହାସଭା ଅନୁଷ୍ଠିତ ହୋଇଯାଇଛି। ଦୀନବନ୍ଧୁ କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ବାଘପାଲି, ସୁନାଲରମ୍ଭା, କୁଦୋପାଲି, ଗୁନିଆଁପାଲି, ଖଇରଟିଟିଙ୍ଗି, ବାଦିପାଲି, କୁମୁରାପାଲି ଆଦି ଗ୍ରାମର ବ୍ରାହ୍ମଣମାନେ ଉପସ୍ଥିତ ଥିଲେ। ବୈଠକରେ ସମାଜର ବିଭିନ୍ନ ଉନ୍ନତିମୂଳକ କାମ ତଥା କୁସଂସ୍କାର ଦୂରୀକରଣ ପାଇଁ ଆଲୋଚନା ହୋଇଥିଲା। ଅପରପକ୍ଷେ ସରକାରଙ୍କ ଚାକିରୀ କ୍ଷେତ୍ରରେ କୋଟାକୁ ଦୃଢ଼ ନିନ୍ଦା କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ବ୍ଲକ କମିଟିରେ ପ୍ରେମପ୍ରକାଶ ପୁରୋହିତ ଓ ସୁବୋଧ କୁମାର ପତିଙ୍କୁ ସାମିଲ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା । ପଞ୍ଚାୟତ ସଭାପତି ଦିନବନ୍ଧୁ କର, ସମ୍ପାଦକ ବୁଦ୍ଧଦେବ ପଣ୍ଡା, କୋଷାଧକ୍ଷ ମନୋଜ ବିଶ୍ୱାଳ ଏବଂ ବିଶ୍ୱନାଥ ଦାଶ, ମୃତ୍ୟୁଞ୍ଜୟ ଦାଶଙ୍କୁ ଉପଦେଷ୍ଟା ମଣ୍ଡଳୀର ସଭ୍ୟ ଭାବେ ମନୋନିତ କରାଯାଇଥିଲା ।

### ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ

ପାଇକମାଳ,୧୬।୯(ଡି.ଏନ.ଏ)
ପାଇକମାଳ ସ୍ଥିତ ବିନ୍ଧ୍ୟବାସିନୀ ଡିଗ୍ରୀ ମହାବିଦ୍ୟାଳୟରେ ସୋମବାର ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଏଥିରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଲୋହିତ କୁମାର ବାରିକ ସଭାପତିତ୍ୱ କରିଥିଲେ । ତୃତୀୟ ବର୍ଷ ଛାତ୍ର ଡଲଫିନ ସୁନା ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ନବାଗତ ଛାତ୍ରୀଛାତ୍ରମାନଙ୍କୁ ଶୃଙ୍ଖଳିତ ହୋଇ ନିୟମିତ ଅଧ୍ୟୟନ କରିବା ସହ ନିଜ ଲକ୍ଷ ହାସଲ କରିବା ଓ ସଂକଳ୍ପବଦ୍ଧ ହେବା ପାଇଁ ଆହ୍ୱାନ ଦିଆଯାଇଥିଲା । ପ୍ରଭାତ କୁମାର ବିଶ୍ୱାଳ, ପ୍ରଦୀପ କୁମାର ଦେୱାନ ଓ ପ୍ରଦୀପ୍ତ କୁମାର ସାହୁ ମଞ୍ଚାସୀନ ଥିଲେ । ଉତ୍ସବରେ ଦ୍ୱିତୀୟ ଓ ତୃତୀୟ ବର୍ଷର ଛାତ୍ରୀଛାତ୍ରମାନେ ପ୍ରଥମ ବର୍ଷର ଛାତ୍ରୀଛାତ୍ରଙ୍କୁ ଫୁଲତୋଡା ଦେଇ ସ୍ୱାଗତ କରିଥିଲେ । ଶେଷରେ ଅଧ୍ୟାପକ ପ୍ରଦୀପ କୁମାର ଦେୱାନ ଧନ୍ୟବାଦ ଅର୍ପଣ କରିଥିଲେ ।

### ବୈଦ୍ୟନାଥ ବାବାଙ୍କ ମନ୍ଦିରରୁ ଚୋରି

ବରଗଡ଼ ଅଫିସ୍,୧୬।୯: ଅଷ୍ଟଶମ୍ଭୁ ପୀଠ ମଧ୍ୟରେ ଅନ୍ୟତମ ବରଗଡ଼ ସଦର ଥାନା ଅନ୍ତର୍ଗତ ଦେଓଗାଁର ବୈଦ୍ୟନାଥ ବାବାଙ୍କ ମନ୍ଦିରରୁ ରବିବାର ବିଳମ୍ବିତ ରାତ୍ରିରେ ଚୋରି ହୋଇଛି । ଦୁର୍ବୃତ୍ତମାନେ ମନ୍ଦିର ହୁଣ୍ଡି ଭାଙ୍ଗି ସେଠାରେ ଥିବା ଟଙ୍କା ନେଇ ଯାଇଛନ୍ତି । ସେହିପରି ମନ୍ଦିର ପରିସର ସମଲେଶ୍ୱରୀ ଦେବୀଙ୍କ ସୁନା, ରୂପା ଅଳଙ୍କାର ଆଦି ମଧ୍ୟ ଚୋରି ହୋଇଥିବା ଅଭିଯୋଗ ହୋଇଛି । ମନ୍ଦିର କମିଟି ପକ୍ଷରୁ ଏ ସମ୍ପର୍କରେ ବରଗଡ଼ ସଦର ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ପାଇ ପୋଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଥିବା ସୂଚନା ମିଳିଛି। ତେବେ ଏ ନେଇ ସଦର ଥାନା ଅଧିକାରୀ ଦିଲୀପ କୁମାର ବେହେରାଙ୍କୁ ଯୋଗାଯୋଗ କରାଯାଇଥିଲା । ମାତ୍ର ସେ ଫୋନ୍ ରିସିଭ୍ ନ କରିବାରୁ ଘଟଣା ସମ୍ପର୍କରେ ତାଙ୍କ ମତାମତ ମିଳିପାରି ନାହିଁ ।

## ■ ପଞ୍ଚାୟତ କଲେଜରେ ଛାତ୍ର ଅଶାନ୍ତି

# ଫାଟକରେ ତାଲା ପକାଇ ବିକ୍ଷୋଭ






କଲେଜ ଆଗରେ ଛାତ୍ରୀଛାତ୍ରଙ୍କ ବିକ୍ଷୋଭ (ଅତ୍ୟାବଶ୍ୟକ) ଛାତ୍ରନେତାଙ୍କ ସହିତ କଲେଜ ଅଧ୍ୟକ୍ଷାଙ୍କ ଆଲୋଚନା ।

ବରଗଡ଼ ଅଫିସ୍,୧୬।୯

ବରଗଡ଼ ପଞ୍ଚାୟତ କଲେଜରେ ଛାତ୍ର ଅଶାନ୍ତି ଦେଖାଯାଇଛି । ଛାତ୍ରୀଛାତ୍ର ବିଭିନ୍ନ ଦାବି ନେଇ ସୋମବାର କଲେଜ ମୁଖ୍ୟ ଫାଟକରେ ତାଲା ମାରିବା ସହିତ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ଅଧ୍ୟକ୍ଷା କେ. ପି କପାନୀ ଛାତ୍ରୀଛାତ୍ରଙ୍କ ସହିତ ଆଲୋଚନା କରିଥିଲେ । ଛାତ୍ରୀଛାତ୍ରଙ୍କ ଦାବି ମଧ୍ୟରୁ ଯେଉଁଗୁଡ଼ିକ ତାଙ୍କ ଦ୍ୱାରା ସମ୍ଭବ, ସେ ଦିଗରେ ପଦକ୍ଷେପ ନେବେ ଏବଂ ଅନ୍ୟ ଦାବି ଉପରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇବେ ବୋଲି ସେ କହିଥିଲେ । ଏହାପରେ ଛାତ୍ରୀଛାତ୍ର ଆନ୍ଦୋଳନରୁ ଓହରିଥିଲେ ।

ଉକ୍ତ କଲେଜକୁ ସ୍ୱୟଂଶାସିତ ମାନ୍ୟତା ପ୍ରଦାନ ପାଇଁ ଦୀର୍ଘଦିନରୁ ଦାବି ହୋଇ ଆସୁଛି । ସେହି ଦାବି ଏପର୍ଯ୍ୟନ୍ତ ପୂରଣ ହୋଇପାରି ନ ଥିବାବେଳେ କଲେଜକୁ ରୁରାଲ୍ ୟୁନିଭର୍ସିଟି ମାନ୍ୟତା ଦେବା ପାଇଁ ଛାତ୍ରୀଛାତ୍ର ଦାବି କରିଛନ୍ତି। ସେହିପରି ଅଧ୍ୟାପକ ପଦବୀ ଖାଲି ପଡ଼ିଥିବା ଏକ ନିତିଦିନିଆ ଘଟଣାରେ ପରିଣତ ହୋଇଛି। ସେ ଦିଗରେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନ ଥିବାବେଳେ ଜିଲାର ସର୍ବପୁରାତନ ଏହି କଲେଜରେ ବାଣିଜ୍ୟ, ସଂସ୍କୃତ ଏବଂ କମ୍ପ୍ୟୁଟର ବିଜ୍ଞାନ ବିଭାଗ ଖୋଲିପାରି ନାହିଁ । କଲେଜରେ ଲାଇବ୍ରେରୀରେ ନୂତନ ସଂସ୍କରଣ ପୁସ୍ତକ ଉପଲବ୍ଧ ହେଉ ନ ଥିବା ଛାତ୍ରୀଛାତ୍ର ଅଭିଯୋଗ କରିଛନ୍ତି।

ସେହିପରି ଉକ୍ତ କଲେଜରେ ପାନୀୟଜଳ ସମସ୍ୟା ଦେଖାଯାଇଛି । ପାଣି ଟାଙ୍କି ଖୋଲାପଡ଼ି ଥିବାବେଳେ ବାରମ୍ବାର ଦୃଷ୍ଟି ଆକର୍ଷଣ ସତ୍ତ୍ୱେ କଲେଜ କର୍ତ୍ତୃପକ୍ଷ ସେ ଦିଗରେ କୌଣସି ପଦକ୍ଷେପ ନେଉ ନାହାନ୍ତି । ସେହିପରି ବି-ଏଡ୍ ଶିକ୍ଷାଦାନ ମଧ୍ୟ ବାଧାପ୍ରାପ୍ତ ହୋଇଛି । ବରଗଡ଼ ଜିଲାର ଛାତ୍ରୀଛାତ୍ରଙ୍କୁ ଅଗ୍ରାଧିକାର ଭିତ୍ତିରେ ସେହି ପାଠ୍ୟକ୍ରମରେ ଆଡ୍‌ମିଶନ କରାଯାଉନାହିଁ । ଫଳରେ ବି-ଏଡ୍ ପାଠ୍ୟକ୍ରମରେ ଏଠାରେ ସିଟ୍ ସଂଖ୍ୟା ୫୦ରୁ ଶହେକୁ ବୃଦ୍ଧି କରିବାକୁ ଦାବି ହୋଇଛି । ଏହା ସହିତ ସ୍ନାତକୋତ୍ତର (ପିଜି) ପାଠ୍ୟକ୍ରମରେ ମଧ୍ୟରେ ସ୍ଥାନୀୟ ଛାତ୍ରୀଛାତ୍ରଙ୍କୁ ଅଗ୍ରାଧିକାର ଦେବାକୁ ଦାବି ହୋଇଛି । ଛାତ୍ରନେତା କାହ୍ନା ବାଗ, ଲିପନ ଦାଶ, ଅବିନାଶ ବାଗ, ସୁରେନ୍ଦ୍ର ତାଣ୍ଡି, ଆଶାଜ୍ୟୋତି ସାହୁ, ବିଦ୍ୟାଧର ଉର୍ମା, ଏମଡ଼ି ମୋହିମ, ସଞ୍ଜୟ ଦୀପ୍ ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ । ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ କଲେଜକୁ ଅତିରିକ୍ତ ଏସ୍‌ପି ଅମରେନ୍ଦ୍ର ରଣା, ଇନ୍ସପେକ୍ଟର ସୁଷମା କୁଅଁର, ଏସଆଇ ସନୟ କୁମାର ନାଏକ, ସୌମ୍ୟକାନ୍ତ ବଳିୟାର ସିଂ ପ୍ରମୁଖ ଉପସ୍ଥିତ ଥିଲେ ।

### ଦୁଇ ବାଇକ୍ ଧକ୍କା, ଜଣେ ମୃତ

ବିଜେପୁର, ୧୬।୯ (ଡି.ଏନ.ଏ)
ବରଗଡ଼ ଜିଲା ବିଜେପୁର ଥାନା ଅନ୍ତର୍ଗତ ବୁରୋମାଲ-ସାନବାଉଁଶେନ ବୁଲାଣିରେ ଦୁଇ ବାଇକ ମୁହାମୁହିଁ ଧକ୍କା ହେବାରୁ ଜଣଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ବାରଗୋଡା ଗ୍ରାମର ଯଶୋବନ୍ତ ନାଏକ (୧୯) । ଅନ୍ୟ ଆହତ ଜଣକ ବରଗଡର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିବା ଜଣାପଡିଛି । ସୂଚନା ମୁତାବକ, ବାରଗୋଡା ଗ୍ରାମର ଯଶୋବନ୍ତ ନାଏକ ସାନବାଉଁଶେନ ପଞ୍ଚାୟତରୁ ପିଡିଏସ ଚାଉଳ ସଂଗ୍ରହ କରି ଏକ ବାଇକ (ନଂ. ଓଡି୧୫ଜେ/ ୨୬୦୮) ଯୋଗେ ଘରକୁ ଫେରୁଥିଲେ। ଏହି ସମୟରେ ବୁରୋମାଲରୁ ସାନବାଉଁଶେନକୁ କୌଣସି କାମରେ ଦେବେନ୍ଦ୍ର ମିର୍ଦ୍ଧା ଏକ ବାଇକ୍ (ନଂ.ଓଡି୧୫ବି/୪୦୫୩) ଯାଉଥିବା ବେଳେ ଉଭୟ ବାଇକ୍ ମୁହାଁମୁହିଁ ଧକ୍କା ହୋଇଥିଲା। ଉଭୟଙ୍କୁ ଉଦ୍ଧାର କରି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ଗୁରୁତର ଆହତ ଯଶୋବନ୍ତଙ୍କୁ ପ୍ରାଥମିକ ଚିକିତ୍ସା ପରେ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଶନିବାର ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ହୋଇଥିଲା। ରବିବାର ବୁର୍ଲା ଫାଣ୍ଡି ପୋଲିସ ଶବକୁ ପଞ୍ଚନାମା ସହ ବ୍ୟବଚ୍ଛେଦ କରି ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଥିଲା। ବାରଗୋଡାର ଗ୍ରାମରକ୍ଷୀ କୁଞ୍ଜ ବିହାରୀ ବାଗଙ୍କ ଅଭିଯୋଗକୁ ଭିତ୍ତିକରି ବିଜେପୁର ପୋଲିସ ଏକ ମାମଲା (ନଂ. ୧୬୮/୧୯) ରୁଜୁ କରି ଅଧିକ ତଦନ୍ତ କରୁଛି ।

## ବିନା ସୂଚନା ଫଳକରେ ଚାଲିଛି ମାର୍କେଟ ୟାର୍ଡ କାମ

ଗଣ୍ଡତୁରୁମ, ୧୬।୯ (ଡି.ଏନ.ଏ)

ବରଗଡ ଜିଲା ଅତାବିରା ଆରଏମସି ଅଧୀନ ମହୁଲପାଲି ଏବଂ ରୁଷୁଡା ମାର୍କେଟ ୟାର୍ଡରେ ଚାଷୀଙ୍କ ଧାନ ରଖିବା ପାଇଁ ଫଡି ନିର୍ମାଣ ଚାଲିଛି । ମାତ୍ର ସରକାରୀ ନିୟମ ଅନୁସାରେ କାର୍ଯ୍ୟାରମ୍ଭ ପୂର୍ବରୁ ସୂଚନା ଫଳକ ଲଗାଇବା କଥା । ସମ୍ପୃକ୍ତ ଠିକାଦାର ନିୟମକୁ ଖୋଲାଖୋଲି ଉଲଂଘନ କରି କାମ କରି ଚାଲିଛନ୍ତି । ଫଳରେ ଚାଷୀମାନେ ଏହି କାମର ଅଟକଳ ମୂଲ୍ୟ, ଗେଟି, ବାଲି, ସିମେଣ୍ଟର ମିଶ୍ରଣ କେତେ ରହିବା କଥା ସେ ବିଷୟରେ ଜାଣିପାରୁନାହାନ୍ତି। ଅପରପକ୍ଷେ ଏହି କାମ ପାଇଁ ବ୍ୟବହୃତ ଛଡ, ଗେଟି ଓ ବାଲି ସିମେଣ୍ଟ ମିଶ୍ରଣ ନିମ୍ନମାନର ହେଉଥିବା ଅଭିଯୋଗ ହେଉଛି । ବିଶେଷକରି ଏହି କାମର ତଦାରଖ କରିବା ପାଇଁ କୌଣସି ବିଭାଗୀୟ ଅଧିକାରୀ କିମ୍ବା ଯନ୍ତ୍ରୀ ଆସୁ ନ ଥିବାରୁ ସମ୍ପୃକ୍ତ ଠିକାଦାର ମନୋମୁଖି କାମ କରୁଥିବା ଜଣାପଡିଛି । ଏ ନେଇ ଆରଏମସି ସମ୍ପାଦକ ବିଶ୍ୱଜିତ ବାରିକଙ୍କୁ ଯୋଗାଯୋଗ କରିବାରୁ ସମ୍ପୃକ୍ତ ଠିକାଦାର ଏବଂ ଏହି କାମ ବ୍ୟୟ ଅଟକଳ ବିଷୟରେ ସଠିକ ତଥ୍ୟ ଜାଣି ନ ଥିବା କହିଥିଲେ ଏବଂ ୱାର୍କ ସୁପରଭାଇଜର ଟିକେଶ୍ୱର ମିଶ୍ରଙ୍କୁ ଯୋଗାଯୋଗ କରିବାକୁ ପରାମର୍ଶ ଦେଇଥିଲେ ।

### ଡାକ୍ତରଖାନାରେ ଫଳ ବଣ୍ଟନ

ବରପାଲି, ୧୬।୯ (ଡି.ଏନ.ଏ)
ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୬୯ତମ ଜନ୍ମ ଦିନ ଅବସରରେ ଭାଜପା ପକ୍ଷରୁ ଚାଲିଥିବା ସପ୍ତାହ ବ୍ୟାପୀ କାର୍ଯ୍ୟକ୍ରମ ସୋମବାର ବରପାଲିରେ ପାଳନ କରାଯାଇଛି। ଏହି ଅବସରରେ ଜିଲା ସଭାପତି ଅରୂପାନନ୍ଦ ସାହୁଙ୍କ ନେତୃତ୍ୱରେ ଦଳୀୟ କର୍ମକର୍ତ୍ତା ଓ ନେତା ସ୍ଥାନୀୟ ଡାକ୍ତରଖାନାରେ ରୋଗୀମାନଙ୍କୁ ଫଳ ଓ ପାଉଁରୁଟି ବଣ୍ଟନ କରିଥିଲେ । ଏଥିରେ ଜିଲା ସମ୍ପାଦକ ପ୍ରିତମ ସିଂ, ସନତ ଗଡତିଆ, ଅଜିତ ଦାଶ, ଦିଲୀପ ଦାଶ, ଦୟାଲୁ ସାହୁ, ମୁଖ୍ୟଚିକିତ୍ସା ଅଧିକାରୀ ଡା. ନିମାଇଁ ସାହୁ ଉପସ୍ଥିତ ଥିଲେ । ପରେ ଭାଜପା କାର୍ଯ୍ୟାଳୟରେ ଜନ୍ମଦିନ ପାଳନ କରାଯାଇଥିଲା ।

### କ୍ରିକେଟ: ଶିକ୍ଷକ ଏକାଦଶ ବିଜୟୀ

ପଦ୍ମପୁର, ୧୬।୯ (ଡି.ଏନ.ଏ)
ପଦ୍ମପୁର ଉପଖଣ୍ଡ କୁଡାସିଂହା ଖେଳ ପଡିଆଠାରେ ଏକ ପ୍ରଦର୍ଶନୀ କ୍ରିକେଟ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ଏଥିରେ ଶିକ୍ଷକ ଏକାଦଶ ଓ କୁଡାସିଂହା ଏକାଦଶ ଯୋଗଦାନ କରିଥିଲେ। ଶିକ୍ଷକ ଏକାଦଶ ଟସ୍ ଜିତି ୧୦ ଓଭରରେ ୯୭ ରନ୍ କରିଥିଲା। ଜବାବରେ କୁଡାସିଂହା ଏକାଦଶ ୧୦ ଓଭରରେ ୯୫ରନ କରି ପରାଜୟ ସ୍ୱୀକାର କରିଥିଲେ । ସୁଶାନ୍ତ ନାୟକ ଓ ଦୟାନିଧି ସେଠ ଖେଳ ପରିଚାଳନା କରିଥିଲେ । ଶିଶିର ସାହୁ, ଦୟାଳୁ ଭୋଇ ସ୍କୋରିଂ କରିଥିଲେ। ମୁଖ୍ୟଅତିଥି ଜବାହର ପଟେଲ ବିଜୟୀ ଦଳ ଓ ରୋହିତଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ନରେନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

## ସ୍ୱାସ୍ଥ୍ୟସେବା ଦାବିରେ ସ୍ମାରକପତ୍ର ପ୍ରଦାନ

ବରଗଡ଼ ଅଫିସ୍,୧୬।୯



ଜିଲାପାଳଙ୍କୁ ଫେରାଦ ହୋଇଥିବା ଆପ୍ କର୍ମୀମାନେ ।

ବରଗଡ଼ ଜିଲାରେ ରହିଥିବା ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ ତଥା ଜିଲାବାସୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇବା ଦାବି ନେଇ ସୋମବାର ଆମ ଆଦମୀ ପାର୍ଟି ପକ୍ଷରୁ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାଶଙ୍କ ଉଦ୍ଦେଶ୍ୟରେ ବରଗଡ଼ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି ।

ବରଗଡ଼ ଜିଲାରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇ ପଡ଼ିଛି । ଡାକ୍ତରଙ୍କ ଚିକିତ୍ସା ଅବହେଳାରୁ ରବିବାର ଜିଲା ମୁଖ୍ୟ ଡାକ୍ତରଖାନାରେ ବିଜେପୁର ବ୍ଲକ ସର୍ଗିପାଲି ଗ୍ରାମର ଜଣେ ଶିଶୁପୁତ୍ରଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି । ରାଜ୍ୟ ସରକାର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କଥା କହୁଥିବାବେଳେ ଉପଯୁକ୍ତ ଚିକିତ୍ସା ପାଇ ନ ପାରି ଲୋକେ ମୃତ୍ୟୁମୁଖରେ ପଡ଼ିବା ଘଟଣାରୁ ଯୋଜନାର ବାସ୍ତବତା ପଦାରେ ପଡ଼ିଯାଇଛି ବୋଲି ଆପ୍ କର୍ମୀମାନେ କହିଛନ୍ତି । ଅପରପକ୍ଷେ ଦିଲ୍ଲୀର ଆପ୍ ସରକାର ବିଭିନ୍ନ ଯୋଜନା ମାଧ୍ୟମରେ ଲୋକଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଆସୁଛନ୍ତି । ହେଲେ ବରଗଡ଼ ଜିଲାରେ ସ୍ୱାସ୍ଥ୍ୟସେବା ତ ଦୂରର କଥା, ଡାକ୍ତର, ଟେକ୍ନିସିଆନ ପଦବୀ ଖାଲି, ଲାବୋରେଟୋରୀ ଅଭାବ ଆଦି ସମସ୍ୟା ରହିଛି । ପରୋକ୍ଷରେ ଘରୋଇ ଚିକିତ୍ସାକୁ ଏଠାରେ ପ୍ରୋତ୍ସାହିତ କରାଯାଇ ଲୋକଙ୍କୁ ଖର୍ଚ୍ଚାନ୍ତରେ ପକାଯାଉଛି ବୋଲି ଆପ୍ ଅଭିଯୋଗ କରିଛି । ଏ ଦିଗରେ ବିହିତ ପଦକ୍ଷେପ ନେଇ ଜିଲାବାସୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ସ୍ମାରକପତ୍ରରେ ଦାବି ହୋଇଛି । ଆପ୍‌ର ବରଗଡ଼ ଜିଲା ଆବାହକ ଭବାନୀ ପ୍ରସାଦ ସାହୁ, ଅମିତାଭ ପାତ୍ର, ମେରିୟନ ବାର୍ଲା, ଅସିତ୍ ସାହୁ ପ୍ରମୁଖ ସ୍ମାରକପତ୍ର ପ୍ରଦାନ କରିଥିଲେ ।

## ଭୁଏପଡାର ଅନନ୍ତବ୍ରତ ସମ୍ପନ୍ନ

# ମନ ମୋହିଲା ଶଙ୍ଖାସୁର ଦରବାର



ପାତ୍ରମନ୍ତ୍ରୀଙ୍କ ଗହଣରେ ମହାରାଜ ଶଙ୍ଖାସୁର ।

ବିଜେପୁର, ୧୬।୯ (ଡି.ଏନ.ଏ)

ବିଜେପୁର ଭୁଏପଡାର ଅନନ୍ତବ୍ରତ ମହୋତ୍ସବ ସୋମବାର ଉଦ୍‌ଯାପିତ ହୋଇଛି। ଏହି କ୍ରମରେ ହାଇସ୍କୁଲ ପଡିଆରେ ଚାରିଦିନ ଧରି ଆୟୋଜିତ ଶଙ୍ଖାସୁର ଦରବାର ଶ୍ରଦ୍ଧାଳୁମାନଙ୍କୁ ବିମୋହିତ କରିଥିଲା। ପ୍ରତିଦିନ ସନ୍ଧ୍ୟାରେ ଶଙ୍ଖାସୁର ସୁସଜ୍ଜିତ ରଥରେ ପାତ୍ରମନ୍ତ୍ରୀଙ୍କ ସହ ନଗର ପରିକ୍ରମା କରି ପ୍ରଜାମାନଙ୍କ ସୁଖଦୁଃଖ ବୁଝିଥିଲେ। ପ୍ଲାଷ୍ଟିକ ପଲିଥିନ ପକାଇ ରାସ୍ତା ଅପରିଷ୍କାର କରୁଥିବା ଦୋକାନୀମାନଙ୍କଠାରୁ ଜରିମାନା ଆଦାୟ କରିବା ଦୃଶ୍ୟ ବେଶ ଉପଭୋଗ୍ୟ ହୋଇଥିଲା। ରବିବାର ବିଳମ୍ବିତ ରାତିରେ ମହାଦେବ ଓ ଶଙ୍ଖାସୁର ମଧରେ ଘମାଘୋଟ ଲଢ଼େଇ ହୋଇଥିଲା। ଯୁଦ୍ଧରେ ପରାଜିତ ହୋଇ ଶଙ୍ଖାସୁର ନିହତ ହୋଇଥିଲା। ଦୁଷ୍ଟ ଦଳନ କରି ପୃଥିବୀକୁ ଉଦ୍ଧାର କରିଥିବାରୁ ଭଗବାନ ଶିବଙ୍କୁ ସମସ୍ତ ଦେବତା ସ୍ତୁତି କରିଥିଲେ। ଶଙ୍ଖାସୁର ଭୂମିକାରେ ମଞ୍ଚ କଳାକାର ଦେବରାଜ ଛତ୍ରିଆ, ମହାମନ୍ତ୍ରୀ ଯୁଗଳ ଗରୁଡ, ସେନାପତି ପ୍ରଳମ୍ବାସୁର ପଙ୍କଜ ବିଭାର, ପ୍ରଚଣ୍ଡାସୁର ପ୍ରମୋଦ ବାରିକ, ଦୂତ ତେଜରାଜ ଛତ୍ରିଆ, ଶିବ ରାହାସ ମେହେର, ତୁଳସୀ ସସ୍ମିତା ରାୟ ପ୍ରମୁଖ ଅଭିନୟ କରିଥିଲେ । ମାଷ୍ଟର ଦିବାକର ଦୀପ, ବୀରେନ୍ଦ୍ର ବିଭାର ପ୍ରମୁଖ ବାଦ୍ୟଯନ୍ତ୍ରରେ ସହଯୋଗ କରିଥିଲେ। ଶଙ୍ଖାସୁର ଦରବାରରେ ସୁର୍ ଝଙ୍କାର କଳାପରିଷଦ ଟାଙ୍ଗରୁପଦରର କଳାକାରମାନଙ୍କ ଦ୍ୱାରା ପରିବେଶିତ ସମ୍ବଲପୁରୀ ଲୋକନୃତ୍ୟ ଦର୍ଶକଙ୍କ ମନ ମୋହିଥିଲା । ସୋମବାର ମଧ୍ୟାହ୍ନରେ ଭୁଏପଡାର ମେଢ଼ ଭବ୍ୟ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲା। ପରେ ଦାମୋଦର କଟାରେ ମୃଣ୍ମୟ ମୂର୍ତ୍ତିକୁ ବିସର୍ଜନ କରାଯାଇଥିଲା। ପ୍ରେମଶିଳା ମେହେର ଓ ବଳରାମ ମେହେର ଦମ୍ପତ୍ତି କର୍ତ୍ତା ଓ ରମେଶ ଚନ୍ଦ୍ର ପୁରୋହିତ ପୂଜାକର୍ମ ସମ୍ପାଦନ କରିଥିଲେ। ପଞ୍ଚା ମେହେର, ଜୟକୁମାର ମେହେର, ସୁଦାମ ମେହେର, ଭଗବାନ ମେହେରଙ୍କ ସମେତ ପଡାବାସୀ ସହଯୋଗ କରିଥିଲେ ।

## ବରୋଦାରେ ନୂଆଁଖାଇ ଭେଟ୍‌ଘାଟ

ପଦ୍ମପୁର, ୧୬।୯ (ଡି.ଏନ.ଏ)

ଗୁଜରାଟର ବରୋଦା ସହରରେ ପ୍ରବାସୀ ପଶ୍ଚିମ ଓଡିଶାବାସୀଙ୍କ ଦ୍ୱାରା ଓଏନଜିସି ଅଫିସର କ୍ଲବଠାରେ ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହୋଇଯାଇଛି । ସକାଳ ୯ଟାରେ ମାଁ ସମଲେଶ୍ୱରୀଙ୍କଠାରେ ନବାନ୍ନ ଅର୍ପଣ କରାଯାଇଥିଲା । ସାଧାରଣ ସମ୍ପାଦକ ରମାକାନ୍ତ ସାହୁ ନବାନ୍ନ ଅର୍ପଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ହଳଧର ନାଗ, ପଦ୍ମିନୀ ପାଣିଗ୍ରାହୀ ଓ ଗୁରୁ ଶଙ୍କର ବେହେରାଙ୍କୁ ୨୦୧୯ ଜୁହାର ସମ୍ମାନ ପ୍ରଦାନ କରାଯାଇଥିଲା । ପରେ ଶଙ୍କର ବେହେରା ସଙ୍ଗୀତ ସାଧନା ଗ୍ରୁପ ଦ୍ୱାରା ଲୋକଗୀତ, ଲୋକସଙ୍ଗୀତ ପରିବେଷଣ ହୋଇଥିଲା । ସାଂସ୍କୃତିକ କାର୍ଯ୍ୟକ୍ରମକୁ ବିକାଶ ପାତ୍ର ଏବଂ ଅର୍ପିତା ପଣ୍ଡା ପରିଚାଳନା କରିଥିଲେ । ଜୁହାର ପରିବାର ସଦସ୍ୟଙ୍କ ଦ୍ୱାରା ଏକ ଫେସନ ଶୋ ହୋଇଥିଲା । ଯାହାକି ସମ୍ବଲପୁରୀ ବସ୍ତ୍ରର ନୂତନ ଡିଜାଇନ୍‌ର ପୋଷାକରେ ରେମ୍ପରେ ସଦସ୍ୟମାନେ ଚାଲିଥିଲେ । ଏହି ଅବସରରେ ସନ୍ତୋଷ ସିଂ ଠାକୁରଙ୍କ ସମ୍ପାଦନାରେ ଆରମ ମାଟି ନାମକ ଏକ ପତ୍ରିକା ପ୍ରକାଶିତ ହୋଇଥିଲା । ସଭାପତି ମନୋଜ ମିଶ୍ର ଓ ଉପସଭାପତି ଦିଲୀପ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା । ସୁଶାନ୍ତ ପାଢ଼ୀ, ବିଜୟ ବିଶି, ଅଭିନବ ଭୋଇ, ସୁବ୍ରତ ତ୍ରିପାଠୀ, ଡ. ଅନନ୍ତ ମିଶ୍ର, ରତିକ ଷଡଙ୍ଗୀ, ଡ. ବିକ୍ରମାଦିତ୍ୟ ପାଢ଼ୀ, ଧର୍ମେନ୍ଦ୍ର ସାହୁ ପ୍ରମୁଖ ସହଯୋଗ କରିଥିଲେ ।

# ଫସଲବୀମାରୁ ବାଦ୍, ଜିଲାପାଳଙ୍କୁ ଫେରାଦ

ବରଗଡ଼ ଅଫିସ୍,୧୬।୯

ବରଗଡ଼ ଜିଲାରେ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାକୁ ନେଇ ଚାଷୀ ଅସନ୍ତୋଷ ଥମିବା ନାଁ ନେଉନାହିଁ। ବୀମା କମ୍ପାନୀ ବିଭିନ୍ନ ଆଳ କରି କ୍ଷତିପୂରଣ ସହାୟତା କାଟ୍‌ଛାଟ୍ କରୁଥିବାରୁ ଅସନ୍ତୋଷ ବଢ଼ିବାରେ ଲାଗିଛି । କେବଳ ସେତିକି ନୁହେଁ, ଅନେକ ଗ୍ରାମର କ୍ଷତିଗ୍ରସ୍ତ ଚାଷୀଙ୍କ ନାମ ବୀମା ସହାୟତା ତାଲିକାରେ ମଧ୍ୟ ନାହିଁ। ଫଳରେ ଗତ ୨୦୧୮ ଫସଲକ୍ଷତିର ସମ୍ମୁଖୀନ ହୋଇଥିବା ଚାଷୀମାନେ ବୀମା ପ୍ରିମିୟମ ଭରିଥିଲେ ସୁଦ୍ଧା କ୍ଷତିପୂରଣ ସହାୟତା ପାଇବାରୁ ବଞ୍ଚିତ ହୋଇଛନ୍ତି। ଏଭଳି ଅଭିଯୋଗ ନେଇ ସୋମବାର ପାଇକମାଳ ବ୍ଲକ ଝିଟିକି ପଞ୍ଚାୟତ ଅଧୀନ ଝିଟିକି, ଖଲିଆମୁଣ୍ଡା, ପଥରେଲ ଏବଂ ବିଜେପୁର ବ୍ଲକ ସାନବାଉଁସେନ ପଞ୍ଚାୟତର ଚାଷୀମାନେ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କୁ ଫେରାଦ ହେବା ସହିତ ପୃଥକ ଭାବେ ସ୍ମାରକପତ୍ର ପ୍ରଦାନ କରିଥିଲେ ।

ଝିଟିକି ପଞ୍ଚାୟତର ଚାଷୀମାନେ ଅଭିଯୋଗ କରିଛନ୍ତି, ଗତ ୨୦୧୮ ଫସଲକ୍ଷତି ବେଳେ କୃଷି, ରାଜସ୍ୱ ବିଭାଗର ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ କରି କ୍ଷୟକ୍ଷତି ଆକଳନ କରିଥିଲେ। ମାତ୍ର ଏପର୍ଯ୍ୟନ୍ତ ଏହି ପଞ୍ଚାୟତର ଝିଟିକି, ଖଲିଆମୁଣ୍ଡା, ପଥରେଲ ଗ୍ରାମର ଚାଷୀଙ୍କୁ ବୀମା କ୍ଷତିପୂରଣ ସହାୟତା ମିଳି ନ ଥିବା ସେମାନେ ଅଭିଯୋଗ କରିଛନ୍ତି । ଅନ୍ୟପଟେ ବୀମା କ୍ଷତିପୂରଣ ବଦଳରେ ଇନପୁଟ୍ ସବ୍‌ସିଡ଼ି ପ୍ରଦାନ ପ୍ରକ୍ରିୟା ଚାଲିଛି ବୋଲି ଚାଷୀମାନେ କହିଛନ୍ତି । ସେହିପରି ସାନବାଉଁସେନ ପଞ୍ଚାୟତର ଚାଷୀମାନେ ମଧ୍ୟ ଅନୁରୂପ ଅଭିଯୋଗ କରିଛନ୍ତି । ତାଙ୍କ ପଡ଼ୋଶୀ ପଞ୍ଚାୟତ ଅଧୀନ ଗ୍ରାମ ଗୁଡ଼ିକର ଚାଷୀଙ୍କୁ ୨୦୧୮ ଫସଲକ୍ଷତିର ବୀମା କ୍ଷତିପୂରଣ ମିଳିସାରିଛି। ସେତେବେଳେ ସାନବାଉଁସେନ ପଞ୍ଚାୟତରେ ମଧ୍ୟ ଫସଲକ୍ଷତି ହୋଇଥିଲା। କିନ୍ତୁ ଏପର୍ଯ୍ୟନ୍ତ ଉକ୍ତ ପଞ୍ଚାୟତର ଚାଷୀଙ୍କୁ ଫସଲବୀମା କ୍ଷତିପୂରଣ ସହାୟତା ମିଳି ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ଝିଟିକି ପଞ୍ଚାୟତର ଲକ୍ଷ୍ମଣ ଧରୁଆ, ବିନୋଦ ଧରୁଆ ଏବଂ ସାନବାଉଁସେନ ପଞ୍ଚାୟତର ମୋହନ ବରିହା, ଅରକ୍ଷିତ ବରିହାଙ୍କ ସମେତ ବହୁ କ୍ଷତିଗ୍ରସ୍ତ ଚାଷୀ ଜିଲାପାଳ ଅଫିସକୁ ଆସି ସ୍ମାରକପତ୍ର ଦେଇଥିଲେ ।



ଜିଲାପାଳଙ୍କୁ ଫେରାଦ ହୋଇଥିବା ସାନବାଉଁସେନ ପଞ୍ଚାୟତର ଚାଷୀବୃନ୍ଦ ।



ସେଲିବ୍ରିଟିମାନେ ଲୋକଙ୍କ ଆଗରେ ସେମାନଙ୍କ ଜୀବନର ବାସ୍ତବ ଚିତ୍ର ରଖି ସତ କହିବା ଦରକାର।

-ସୋନାକ୍ଷୀ ସିହ୍ନା,
ବଲିଉଡ୍ ଅଭିନେତ୍ରୀ

## ସଂକ୍ଷେପରେ

### ଠାକୁର ଅନୁକୂଳଚନ୍ଦ୍ରଙ୍କ ଜୟନ୍ତୀ ପାଳିତ

ବାଉଁଶୁଣୀ, ୧୬।୯ (ଡି.ଏନ.ଏ)
ବୌଦ୍ଧ ବ୍ଲକ ଅନ୍ତର୍ଗତ ବାଉଁଶୁଣୀ ପଞ୍ଚାୟତସ୍ଥିତ ମାଁଉଳିମୁଣ୍ଡା ସତ୍‌ସଙ୍ଗ କେନ୍ଦ୍ରରେ ଧନେଶ୍ୱର ମଣ୍ଡଳଙ୍କ ତତ୍ତ୍ୱାବଧାନରେ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୩୨ତମ ଜନ୍ମ ଜୟନ୍ତୀ ପାଳିତ ହୋଇଛି। ବାଉଁଶୁଣୀ ପଞ୍ଚାୟତ, ମନୁପାଲି ପଞ୍ଚାୟତ, ଖଲିଆପାଲି ପଞ୍ଚାୟତର ଭାଇ ଓ ମା'ମାନେ ଏଥିରେ ଉପସ୍ଥିତ ଥିଲେ। ପ୍ରକାଶ ଚନ୍ଦ୍ର ବେହେରା ଅଧକ୍ଷତା କରିଥିଲେ। ପୁଷ୍ପକ କୁମାର ରାଓ, ସଚଳା ଗୁରୁ, ଶେଷଦେବ ସାହୁ, କରୁଣାକର ଘଣ୍ଟୁଆଳି ପ୍ରମୁଖ ଭଜନ ପରିବେଷଣ କରିଥିଲେ। ମାର୍କଣ୍ଡ ତରିଆ, ଦେବ ତରିଆ, ହ୍ୱାରୁ ମେହେର, ବିଜୟ ମହାକୁଲ ପ୍ରମୁଖ କୀର୍ତ୍ତନ କରିଥିଲେ । ଗୁରୁ ମେହେର ଉପସ୍ଥିତ ଥିଲେ ।

### ଦୁର୍ଗାପୂଜା ପାଇଁ ଶୁଭସ୍ତମ୍ଭ ସ୍ଥାପିତ

ବିଜେପୁର, ୧୬।୯ (ଡି.ଏନ.ଏ)
ବିଜେପୁର ସାର୍ବଜନୀନ ଦୁର୍ଗାପୂଜା ମହୋତ୍ସବ ପାଇଁ ଶୁଭସ୍ତମ୍ଭ ସ୍ଥାପିତ ହୋଇଛି। ଏହି ଅବସରରେ ସ୍ଥାନୀୟ ବସଷ୍ଟାଣ୍ଡ ପ୍ରାଙ୍ଗଣରେ ରୀତିନୀତି ସହକାରେ ପୂଜାର୍ଚ୍ଚନା କରି ଶୁଭସ୍ତମ୍ଭ ସ୍ଥାପନ କରାଯାଇଥିଲା। ମହୋତ୍ସବ ସଭାପତି ସନତ କୁମାର ଗଡତୀୟା କର୍ତ୍ତା, କିଶୋର ଚନ୍ଦ୍ର ପୂଜାରୀ ପୁରୋହିତ କର୍ମ ସମ୍ପାଦନ କରିଥିଲେ। ସମ୍ପାଦକ ଜନାର୍ଦ୍ଦନ ପାଣିଗ୍ରାହୀ, ସରୋଜ ସାହୁ, ଇଂ. ମନୋଜ କୁମାର ପଣ୍ଡା, ବଳଭଦ୍ର ପଧାନ, ସୁଧୀର କୁମାର ସାହୁ, ପାଣ୍ଡବ ପଧାନ, ସୁବ୍ରତ ରଥ, ତ୍ରିଲୋଚନ ମେହେର ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ଥିଲେ । ଆଗାମୀ ୨୯ରୁ ନବ ଦିନାତ୍ମକ ଦୁର୍ଗାପୂଜା ମହୋତ୍ସବ ଆରମ୍ଭ ହେବ । ଚଳିତ ବର୍ଷ ରାବଣ ଦରବାର, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ରାବଣ ପୋଡି ମୁଖ୍ୟ ଆକର୍ଷଣ ହେବ ବୋଲି କମିଟି ପକ୍ଷରୁ ଜଣାପଡିଛି ।

# ଫୁଟବଲ ଟୁର୍ଣ୍ଣାମେଣ୍ଟ: କନ୍ଧମାଳ ଚାମ୍ପିୟନ

ଘଣ୍ଟାପଡା,୧୬।୯(ଡି.ଏନ.ଏ.)
କନ୍ଧମାଳ କଲେଜ ଖେଳ ପଡିଆରେ ଫ୍ରେଣ୍ଡସ୍ ଏଣ୍ଡ୍ ଫ୍ରେଣ୍ଡସ କ୍ଲବ ପକ୍ଷରୁ ସାତ ଦିନ ଧରି ଚାଲିଥିବା ଫୁଟବଲ ଟୁର୍ଣ୍ଣାମେଣ୍ଟରେ କନ୍ଧମାଳ ଦଳ ଚାମ୍ପିୟନ ହୋଇଛି। ଫାଇନାଲ ଖେଳ ଫ୍ରେଣ୍ଡସ ଏଣ୍ଡ ଫ୍ରେଣ୍ଡସ କନ୍ଧମାଳ ଏବଂ ବରଗଡ ମଧ୍ୟରେ ହୋଇଥିଲା। ଏଥିରେ କନ୍ଧମାଳ ଦଳ ଚାମ୍ପିୟନ ହୋଇଥିଲା। ଖେଳର ପ୍ରଥମାର୍ଦ୍ଧରେ କନ୍ଧମାଳ ଦଳ ଦୁଇଟି ଗୋଲ ସ୍କୋର କରିଥିବାବେଳେ ମଧ୍ୟାନ୍ତର ପରେ ବରଗଡ ଦଳ ଗୋଟିଏ ଗୋଲ ସ୍କୋର କରିଥିଲା। ଫଳରେ ୨-୧ରେ କନ୍ଧମାଳ ଚାମ୍ପିୟନ ହୋଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ କନ୍ଧମାଳ ବିଧାୟକ ମହୀଧର ରଣା ମୁଖ୍ୟଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଏବଂ ରନର୍ସ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଠିକାଦାର ଶ୍ରୀବନ୍ତ ମିଶ୍ର, ଜାତୀୟ ସ୍ତରର ରେଫରି ଶ୍ରୀବତ୍ସ ବେହେରା, ମହିନ୍ଦ୍ରା ଏଣ୍ଡ ମହିନ୍ଦ୍ରା କମ୍ପାନୀର ମ୍ୟାନେଜର କେଦାର ବଡଜେନା, ସମାଜସେବୀ ନୀଳାଞ୍ଚଳ ଭୋଇ, ଏମ୍‌ପି ପ୍ରତିନିଧି ଶମ୍ଭୁ ପ୍ରସାଦ ସାହୁ, ଭାଜପା ନେତା ଉମ୍ବରୁଧର କଅଁର ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ମହେନ୍ଦ୍ର ଦାସ ଓ ମନୋଜ ଶର୍ମା ଧାରା ବିବରଣୀ ପ୍ରଦାନ କରିଥିବାବେଳେ ଅରୁଣ ଭୋଇ, ରାଜ କୁମାର ମଣ୍ଡଳ, ଚନ୍ଦ୍ର କିଶାନ, ରାଜେଶ ଛତ୍ରିଆ ଏବଂ ବିକାଶ କୁମାର ସାହୁ ଖେଳ ପରିଚାଳନା କରିଥିଲେ। ଟୁର୍ଣ୍ଣାମେଣ୍ଟ ପରିଚାଳକ ବିରେନ୍ଦ୍ର କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।



ଅତିଥମାନଙ୍କ ଗହଣରେ ଉପସ୍ଥିତ ଖେଳାଳିମାନେ ।

### ଦୋଷୀ ସାବ୍ୟସ୍ତ ଲୋକଙ୍କ ପରିବାରକୁ ଥଇଥାନ ପ୍ରସଙ୍ଗ

# କପାସିରାରେ ଜାଗା ଦେଲେ ଆନ୍ଦୋଳନ

**ମନମୁଣ୍ଡା, ୧୬।୯ (ଡି.ଏନ.ଏ)**
କନ୍ଧମାଳ ବ୍ଲକ ଘିକୁଣ୍ଡି ପଞ୍ଚାୟତର ପୂର୍ବତନ ସରପଞ୍ଚଙ୍କ ସ୍ୱାମୀ ଲୋକଙ୍କ ପରିବାରଙ୍କୁ ସରକାର ମନମୁଣ୍ଡା ପଞ୍ଚାୟତ କପାସିରା ମୌଜାରେ ମାଗଣାରେ ଘରବାରି ପଟ୍ଟା ପ୍ରଦାନ କରିବାକୁ ଇସ୍ତାହାର ଜାରି କରିଛନ୍ତି। ଏହା ଜାଣିବା ପରେ ଗ୍ରାମରେ ପ୍ରବଳ ପ୍ରତିକ୍ରିୟା ପ୍ରକାଶ ପାଇଛି। ଉକ୍ତ ପରିବାର ଲୋକଙ୍କୁ କପାସିରା ମୌଜାରେ ଘରବାରି ପ୍ରଦାନ ପ୍ରସ୍ତାବକୁ ସେମାନେ ଦୃଢ଼ ବିରୋଧ କରିଛନ୍ତି । ସେହି ମୌଜାରୁ ଉକ୍ତ ପରିବାରଙ୍କୁ ପଟ୍ଟା ପ୍ରଦାନ କଲେ ଆନ୍ଦୋଳନ କରାଯିବ ବୋଲି ଗ୍ରାମବାସୀ ଗତ ୧୩ ତାରିଖରେ କନ୍ଧମାଳ ତହସିଲଦାରଙ୍କୁ ଲିଖିତ ଭାବେ ଏକ ଦାବିପତ୍ର ପ୍ରଦାନ କରିଥିବା ୱାର୍ଡମେମ୍ବର ଆଶିଷ କୁମାର ସେଠୀ ଜଣାଇଛନ୍ତି।

ପ୍ରକାଶଥାଉକି, ୨୦୧୨ ଡିସେମ୍ବର ୪ତାରିଖରେ ବୀରକିଶୋରଙ୍କୁ ରାଜନୈତିକ ଶତ୍ରୁତା ରଖି କେତେକ ଦୁର୍ବୃତ୍ତ ହତ୍ୟା କରିଥିଲେ । ଉକ୍ତ ଘଟଣାରେ ସମ୍ପୃକ୍ତ ୭ ଜଣ ଦୋଷୀ ସାବ୍ୟସ୍ତ ହୋଇ ଜେଲ ଦଣ୍ଡ ଭୋଗୁଥିବା ବେଳେ ୩ ଜଣ ଜାମିନରେ ଆସିଛନ୍ତି ଏବଂ ସେମାନଙ୍କ ମାମଲା ଟ୍ରାଏଲ ଚାଲିଛି । ଆହୁରି ୪ ଜଣ ଫେରାର ଅଛନ୍ତି । ଉକ୍ତ ଘଟଣାରେ ରତାଖଣ୍ଡିର କେତେକ ଦୁର୍ବୃତ୍ତ ସମ୍ପୃକ୍ତ ଥିବାରୁ ଗ୍ରାମବାସୀ ସେମାନଙ୍କ ଘର ଭଙ୍ଗାରୁଜା କରି ଦେଇଥିଲେ। ଫଳରେ ଉକ୍ତ ପରିବାର ବର୍ଗ ଗାଁ ଛାଡି ପଳାଇ ଯାଇଥିଲେ । ସେମାନେ ଅନ୍ୟତ୍ର ବସବାସ କରିବାକୁ ସରକାରଙ୍କଠାରେ ଆବେଦନ କରିଥିଲେ ଓ ମାନବାଧିକାର କମିଶନରଙ୍କୁ ମଧ୍ୟ ଜଣାଇଥିଲେ। କମିଶନରଙ୍କ ନିର୍ଦ୍ଦେଶକ୍ରମେ ଜିଲାପାଳ କପାସିରା ମୌଜାରେ ଉକ୍ତ ୧୬ ପରିବାରଙ୍କୁ ଘରବାରି ଦେବା ପାଇଁ ନୋଟିସ ଜାରି କରି ଆସନ୍ତା ୧୯ ତାରିଖରେ ଶୁଣାଣି କରିବା ପାଇଁ ତହସିଲଦାର ଦିନଧାର୍ଯ୍ୟ କରିଛନ୍ତି। ତେବେ ସେମାନଙ୍କ ଗ୍ରାମରେ ଅନେକ ଭୂମିହୀନ ଥିବାବେଳେ ହତ୍ୟାକାଣ୍ଡରେ ସମ୍ପୃକ୍ତ ଅନ୍ୟ ପଞ୍ଚାୟତ ବାସିନ୍ଦାଙ୍କୁ ସେମାନଙ୍କ ଗ୍ରାମରେ ଜାଗା ଦେଲେ ବିଶୃଙ୍ଖଳା, ଅସାମାଜିକ କାର୍ଯ୍ୟକଳାପ ଓ ଗଣ୍ଡଗୋଳ ବୃଦ୍ଧି ପାଇବ ବୋଲି କପାସିରା ଗ୍ରାମବାସୀ ଘନଶ୍ୟାମ ମାଝି, ଆଶୀଷ କୁମାର ସେଠୀ, ଲକ୍ଷ୍ମଣ ପ୍ରଧାନ, ମନୋଜ ସାହୁ, ସଞ୍ଜୟ ପ୍ରଧାନ ପ୍ରଦୀପ ସାହୁ ପ୍ରମୁଖ ଆଶଙ୍କା ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଏଥିପୂର୍ବରୁ ମନମୁଣ୍ଡା ଅଞ୍ଚଳର ଶତାଧିକ ଗ୍ରାମବାସୀ ମଧ୍ୟ ଉକ୍ତ ପରିବାର ବର୍ଗଙ୍କୁ ସାହୁପଡାଠାରେ ଜାଲପାଲି ଛକ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱ ତଥା ମନମୁଣ୍ଡା ମୌଜାର କୌଣସି ଜାଗାରେ ଘରବାରି ପ୍ରଦାନ ନ କରିବାକୁ ଜିଲାପାଳଙ୍କୁ ଦାବିପତ୍ର ଦେଇଥିଲେ । ଏ ନେଇ ଜିଲାପାଳ ଲଲାଟେନ୍ଦୁ ମିଶ୍ରଙ୍କୁ ପଚରାଯିବାରୁ ଗ୍ରାମବାସୀଙ୍କ ଦାବି ଉପରେ ବିଚାର କରି ପଦକ୍ଷେପ ନିଆଯିବ ବୋଲି କହିଛନ୍ତି ।

# ରାଜ୍ୟସ୍ତରୀୟ ସନ୍ତରଣ ପ୍ରତିଯୋଗିତାରେ ବୌଦ୍ଧ ଖେଳାଳିଙ୍କ ସଫଳତା

**ବୌଦ୍ଧ,୧୬।୯(ସ୍ୱ.ପ୍ର)**
ସମ୍ବଲପୁରସ୍ଥିତ ଝସକେତନ ସାହୁ ସନ୍ତରଣାଗାରରେ ନବମ ଖଟେଶ୍ୱର ପାଣ୍ଡେ ରାଜ୍ୟ ମୁକ୍ତ ସନ୍ତରଣ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ବୌଦ୍ଧ ଜିଲାର ୧୫ ଜଣ ସନ୍ତରଣକାରୀ ଅଂଶଗ୍ରହଣ କରି ୧୬ଟି ପଦକ ହାସଲ କରିଥିବା ଜଣାଯାଇଛି। ୬୪ରୁ ୬୯ ବୟସ ବର୍ଗ ପ୍ରତିଯୋଗିତାରେ ବୌଦ୍ଧର ଶିବ ନାରାୟଣ ଦାସ ବେକ ଷ୍ଟ୍ରୋକ ଫ୍ରିଷ୍ଟାଇଲରେ ୨ଟି ସ୍ୱର୍ଣ୍ଣପଦକ, ୫୦ରୁ ୫୪ ବର୍ଷ ବର୍ଗରେ ଜ୍ୟୋତିରଞ୍ଜନ ପଟ୍ଟନାୟକ ବେକ ଷ୍ଟ୍ରୋକ ଓ ବ୍ରେଷ୍ଟ ଷ୍ଟୋକରେ ରୌପ୍ୟ ଓ ସ୍ୱର୍ଣ୍ଣ ପଦକ, ୪୦ରୁ ୪୫ବର୍ଷ ବର୍ଗରେ ଚନ୍ଦ୍ରଜିତ ମିଶ୍ର ଫ୍ରିଷ୍ଟାଇଲ ଓ ବ୍ରେଷ୍ଟ ଷ୍ଟୋକରେ ୨ଟି ସ୍ୱର୍ଣ୍ଣ ପଦକ, ରଣଜିତ ମେହେର ବ୍ୟାକ ଓ ବ୍ରେଷ୍ଟ ଷ୍ଟୋକ୍‌ରେ ସ୍ୱର୍ଣ୍ଣ ଏବଂ ରୌପ୍ୟ ପଦକ ହାସଲ କରିଛନ୍ତି । ସେହିପରି ଗ୍ରୁପ ୧ ବର୍ଗରେ ପୂର୍ଣ୍ଣିମା ନାଏକ ରୌପ୍ୟ, ସୁନୀତା ସାହୁ ସ୍ୱର୍ଣ୍ଣ, ଶ୍ରୀଧର ସେଠୀ ୨ଟି ରୌପ୍ୟ, ଗଣେଶ ନାଏକ ୨ଟି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ଗ୍ରୁପ ୨ରେ ଦେବବ୍ରତ ଜଟି କାଂସ୍ୟ ପଦକ ଓ ଗ୍ରୁପ ୩ ରେ ଶ୍ରୀତମ ମେହେର କାଂସ୍ୟ ପଦକ ହାସଲ କରିଥିଲେ। ଜିଲାର ସନ୍ତରଣକାରୀମାନଙ୍କ ଏହି ସଫଳତା ପାଇଁ ଜିଲା ଆଥଲେଟିକ ଆସୋସିଏଶନ ଖେଳାଳିମାନଙ୍କୁ ଅଭିନନ୍ଦନ ଜଣାଇଛି ।



ଶୈକ୍ଷିକ କର୍ମଶାଳାରେ ମଞ୍ଚାସୀନ ଅତିଥି ।

# କୋଶଳ ସ୍କୁଲରେ ଶୈକ୍ଷିକ କର୍ମଶାଳା

**ସରଣ୍ଡା, ୧୬।୯ (ଡି.ଏନ.ଏ)**
କୋଶଳ ଇଂଲିଶ ମାଧ୍ୟମ ଆବାସିକ ବିଦ୍ୟାଳୟରେ ସୋମବାର ଏକ ସ୍ୱତନ୍ତ୍ର ଶୈକ୍ଷିକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ଏମ. ଭି. ସୁବାରାଓଙ୍କ ଅଧ୍ୟକ୍ଷତାରେ ପୂର୍ବତନ ଉତ୍ତରାଞ୍ଚଳ ଆରଡିସି ରଙ୍ଗଲାଲ ଜାମୁଡା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ମଞ୍ଚାସୀନ ଅତିଥି ଭାବେ ଉପଦେଷ୍ଟା ଗୁଣମଣି କର୍ମୀ, ବିଦ୍ୟାଳୟ କମିଟି ସଭ୍ୟ ଏମ ସୂର୍ଯ୍ୟନାରାୟଣ ଏବଂ ଅଧ୍ୟକ୍ଷ ମଧୁ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ଉତ୍ତମ ଶିକ୍ଷାଦାନ, ନୈତିକ ଶିକ୍ଷା, ଛାତ୍ର ଶୃଙ୍ଖଳା ଗୁରୁତ୍ୱ ଦେଇଥିଲେ । ଶେଷରେ ଅଧ୍ୟକ୍ଷା ମଧୁ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ସନ୍ଧ୍ୟାରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ଏକ ସ୍ୱତନ୍ତ୍ର ରଙ୍ଗାରଙ୍ଗ ସଙ୍ଗୀତ ସମାରୋହ ଆୟୋଜିତ ହୋଇଯାଇଥିଲା ।

CLASSIFIED DISPLAY

MORE SPACE • SAME PRICE

TARIFF

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ASTROLOGY

ଫ୍ରି ସେବା କୌଣସି ଫିସ୍ ନାହିଁ
ଭଲ କାମର ପରିଣତି ଭଲ ହୋଇଥାଏ
MY PROMISE
ଅଘୋରୀ ତାନ୍ତ୍ରିକ ବାବା ଓମପ୍ରକାଶ ଶାସ୍ତ୍ରୀ
ବଶୀକରଣ, ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ମନ ଚାହୁଁଥିବା ପ୍ରେମ, ଗୃହକ୍ଲେଶ, ଚାକିରି, ବ୍ୟବସାୟ, ସ୍ୱାମୀ, ସ୍ତ୍ରୀ ମନୋମାଳିନ୍ୟ, ସଉତୁଣୀ, ଶତ୍ରୁ ମୁକ୍ତି, ବିବାହରେ ବାଧା
3 ଘଣ୍ଟାରେ ଘରେ ବସି ସମାଧାନ।
81 26 92 24 05
ହରିଦ୍ୱାର

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

FINANCE

ଲୋନ! ଲୋନ! ଲୋନ
୧ ରୁ ୫୦ ଲକ୍ଷ୍ୟ ଲୋନ
NRC FINANCE
ଗୃହଋଣ, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
99901-64008
99901-64236
nrcfinanceonline@gmail.com
Office no. 09 11th floor statesman House plot no. 48 Connaught Place N.D 110001

FINANCE
ଲୋନ ଧମାକା ପ୍ରଥମେ ଆସନ୍ତୁ ପ୍ରଥମ ପାଆନ୍ତୁ Vasundhara Capital ଭାରତର ଏକ ନମ୍ବର କମ୍ପାନୀ ପ୍ରପର୍ଟି, ମାର୍କସିଟ୍, ପର୍ସନାଲ, ଆଧାରକାର୍ଡ, ବିଜିନେସ, ଷ୍ଟାଟପ୍, କ୍ଷୁଦ୍ର ବ୍ୟବସାୟ ଏବଂ ଦୋକାନୀମାନେ ଋଣ ଘରେ ବସି ୩୬ ଘଣ୍ଟା ମଧ୍ୟରେ ପାଆନ୍ତୁ। କମ୍ ସୁଧ ଏବଂ ସହଜ କିସ୍ତି । କର୍ମଚାରୀ ଓ ମହିଳାଙ୍କ ପାଇଁ ବିଶେଷ ରିହାତି ।
Office No. 2b/44, Indra Complex, Main Market Road, Ranchi, Jharkhand, 834001
9582606103
9654417419

ଋଣ
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନୁ
ଆଗେ କାମ - ପରେ ଦାମ୍
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ 80,00,000 ପର୍ଯ୍ୟନ୍ତ ଋଣ
ଆଦର୍ଶ ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ, ରାଶନ କାର୍ଡ, ଆଧାର କାର୍ଡ, ଚାଷ, ଏଗ୍ରିକଲ୍ଚର ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
7289999543
7289948952
SCO- 106, Second Floor, Vishal Tower, Cannaught Place, Delhi.

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD.
(Reg. No. - U6519TN198PLC00855)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗ୍ରୁପ୍, ବ୍ୟବସାୟ ।
ସମସ୍ତ ଋଣ 3-4 ଦିନରେ ଘରେ ବସି ପାଆନ୍ତୁ । 2% ସୁଧ 40% ରିହାତି।
7310644620
9499439810
VISHAL ENCLAVE, M. ROAD, UP

FINANCE
ବିଶ୍ୱାସର ପ୍ରତୀକ, ଲୋନର ଗ୍ୟାରେଣ୍ଟି SHREE FINANCE ଦ୍ୱାରା ପ୍ରପର୍ଟି, ପର୍ସନାଲ BPL ଆଧାରକାର୍ଡ ଲୋନ 24 ଘଣ୍ଟାରେ ଘରେ ବସି ପାଆନ୍ତୁ।
Mob: 9351833615
Address - 12, Govt. Place (East), 2nd floor, Kolkata, west Bengal- 700069

TIRUPATI FINANCE
ସମସ୍ତ ପ୍ରକାର ଲୋନ ମାତ୍ର ୪୮ ଘଣ୍ଟାରେ କମ୍ ସୁଦରେ ଦିଆଯାଉଛି । ତୁରନ୍ତ ଯୋଗାଯୋଗ କରନ୍ତୁ ଏବଂ ଘରେ ବସି ଲୋନ ପାଆନ୍ତୁ । ମହିଳା ଏବଂ ସିନିୟର ସିଟିଜନ୍‌ଙ୍କ ପାଇଁ ବିଶେଷ ସୁବିଧା ।
HIMAYAT NAGAR, MAIN ROAD, HYDERABAD- 500029
8658503781
9667987587
9717166871
balajitrusty@gmail.com

BASUNDHAR FINANCE
ପର୍ସନାଲ, ବିଜିନେସ୍, ମାର୍କଶିଟ୍, ଗୃହ, ଶିକ୍ଷା, କୃଷି, ଗାଈ ଓ କୁକୁଡା ପାଳନ ଇତ୍ୟାଦି BASUNDHAR FINANCE ସମସ୍ତ ପ୍ରକାର LOAN ଯୋଗାଇ ଦେଉଛି।
ସୁଧ = 1%
CONTACT
7683914951
9658224887
Plot No.4720, Shahnajaf Rd, Chandigarh-226002, At- Hemamura, Luhapank, Rairakhol, Sambalpur-768106

KUBER FINANCE
Kuber ଋଣ ଲିମିଟେଡ୍ ଭରସାର ପ୍ରତିକ ସରକାରୀ ସ୍ୱୀକୃତୀପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, କୃଷି ଆଧାରକାର୍ଡ ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ମାତ୍ର ୧ ଦିନରେ, 2% ସୁଧ 40% ଛାଡ । ଘରେ ବସି ପାଆନ୍ତୁ
ଖର୍ଚ୍ଚ ଲୋନ ପାସ ହେଲା ପରେ
Plot No-14/524, Chandini Chowk, Kolkata
8146524009
8146359004

REQUIRED / LOAN
HARI OM FINANCE
ସମଗ୍ର ଭାରତରେ କମ୍ପାନୀକୁ ଆବଶ୍ୟକତା ଅଛି, ଏଜେଣ୍ଟ, ଲୋନ୍ ଏଜେଣ୍ଟ, ଟିମ୍‌ଲିଡ଼ର।
୨୫,୦୦୦ - ୩୦,୦୦୦ ମାସିକ
ଆଧାରକାର୍ଡ଼, ପ୍ରପର୍ଟି, ପର୍ସନାଲ ଲୋନ୍
8394004932
8394004961
8394004898

CAPITAL FINANCE
ପାର୍ବଣ ଋତୁରେ ଲୋନ ମେଳା
୨୦ ବର୍ଷରୁ କ୍ୟାପିଟାଲ ଫାଇନାନ୍ସ ଦ୍ୱାରା ନିଜର ମାର୍କସିଟ, ପଶୁପାଳନ, ଆଧାରକାର୍ଡ, ହୋମ୍, ମାଛଚାଷ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୪୮ ଘଣ୍ଟାରେ ।
୨% ସୁଧ ୪୦%ଛାଡ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
8607237523

EDUCATION

ADMISSION OPEN
MAA TARA TARINI SCHOOL OF NURSING,
Neelachal Nagar, Berhampur
ANM/ Multipurpose Health Worker (Female) Training Programme Recognised by Govt. of Odisha H&FW Dept. Affiliated by INC, New Delhi.
We also offered Course
(OT Technician, DMLT X-ray Technician)
Contact No:
9437425759
8280476992
Email : maataratarinison@gmail.com

ADMISSION OPEN FOR 2019-21
B.Ed & M.Ed
Acharya Nagarjuna University
UGC & NCTE Approved
Equivalent to Govt. of Odisha
FREE Practical & Study Material
NIDT
B.Ed Academy Since 2001
B.J.B. Nagar, Lewis Road, Bhubaneswar
9338229373, 7978204082
9438286091

BUSINESS

Hi-Tech Telecom Company Ltd.
ଖାଲିଥିବା ଜମି ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 60,000,00/-, ଭଡା 40,000/- ଟଙ୍କା ପାଆନ୍ତୁ । ଜଣଙ୍କୁ ଚାକିରି ମିଳିବ। ଦରମା - 20,000/- ଓ ଅନ୍ୟାନ ସୁବିଧା ମାତ୍ର ୭୨ ଘଣ୍ଟାରେ ଜମି ଯାଞ୍ଚ ଓ ଉପକରଣ ସ୍ଥାପନ କରନ୍ତୁ
ଠକ ମାନ ଙ୍କୁ ସାବଧାନ !
10, 2nd Floor, Subramanya Arcade. Tower D, Bannerghatta Main Road Banglore, Karnataka - 560029
Call or SMS Now
9728782718

Shinghania Tower
ନିଜର ଛାତ, ଜମି, କ୍ଷେତ, ଫ୍ଲାଟ୍ ଉପରେ ଡିଜିଟାଲ ଟାୱାର ଲଗାନ୍ତୁ। ଘରେ ବସି ରୋଜଗାର କରନ୍ତୁ । ଅଗ୍ରିମ 60 ଲକ୍ଷ + ଭଡ଼ା 45000/- + ବାଇକ୍
ଯୋଗାଯୋଗ: 8887232676
Add- Ashoka puram, Mysore, Karnataka- Pin Code 570008

ଆଗେ ଆସନ୍ତୁ, ଆଗେ ପାଆନ୍ତୁ
GOVT. APPROVED ପଞ୍ଜୀକୃତ କମ୍ପାନୀ
GLOBAL TOWER
ନିଜର ଖାଲି ଜମି, ଛାତ, କ୍ଷେତ୍ର, ଫ୍ଲାଟ୍‌ରେ ଡିଜିଟାଲ ମଲ୍ଟିମିଡିଆ ଟାୱାର ଲଗାନ୍ତୁ
ଅଗ୍ରିମ ୨୦ ଲକ୍ଷ, ଭଡ଼ା + 75000 + 25,000ର ଅନ୍ୟାନ୍ୟ ସୁବିଧା + ରହିବା ଖାଇବା ଫ୍ରି + ବାଇକ୍
7325835499
B-36/7 A-Block Vijay Enclave Burari New Delhi 74

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day |
|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 |

GST 5% will be added extra

on every Tuesday & Friday

**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ମନ୍ଦିର, ମସ୍‌ଜିଦ, ଗୀର୍ଜାରେ ଯାଇ ଉପାସନା କରିବା ଅପେକ୍ଷା ନିଜ ଆତ୍ମାକୁ ଚିହ୍ନିବାକୁ ଚେଷ୍ଟା କର।

- ସନ୍ଥ କବୀର ଦାସ



**ସଂକ୍ଷେପରେ**

## ଦୁଇ ବାଇକ୍ ମୁହାଁମୁହିଁ ଧକ୍କା: ଜଣେ ମୃତ, ୪ ଗୁରୁତର

**ତରଭା, ୧୬।୯(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ତରଭା ସରସ୍ୱତୀ ଶିଶୁମନ୍ଦିର ସମ୍ମୁଖରେ ସୋମବାର ଦୁଇ ବାଇକ ମୁହାଁମୁହିଁ ଧକ୍କା ହେବା ଫଳରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୪ଜଣ ଗୁରୁତର ହୋଇଛନ୍ତି। ସରଗଜ ପଟରୁ ବାଇକ ନଂ ଓଡି ୩୧ ସି ୯୩୪୯ରେ ବଲାଙ୍ଗୀର ଜିଲା ପୁଇଁନ୍ତଲା ବ୍ଲକ ବି.ଫଟକରା ଗ୍ରାମର ସାମନ୍ତ ଡାଙ୍ଗ(୨୮) ଓ ହିମାଂଶୁ ଡାଙ୍ଗ ଆସୁଥିଲେ। ବିପରୀତ ଦିଗରୁ ଅନ୍ୟ ଏକ ବାଇକ ନଂ.ଓଡି ୦୩ ଏଫ୍ ୧୬୧୩ରେ ତରଭା ବ୍ଲକ ନାଁଧରା ଗ୍ରାମର ଭୁତୁ ପାତ୍ର(୩୨) ଓ ଜୁରାବନ୍ଧ ଗ୍ରାମର ମିଥୁନ କ୍ଷେତି(୨୫) ଓ ବଲାଙ୍ଗୀର ଜିଲା ଛେମତଲା ଗ୍ରାମର ହୃଦା ନାଏକ(୫୫) ଆସୁଥିଲେ। ଶିଶୁ ମନ୍ଦିର ପାଖରେ ସେମାନଙ୍କ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରେ ଉଭୟ ଗାଡିର ଆରୋହୀମାନେ ରାସ୍ତାକୁ ଛିଟିକି ପଡିଥିଲେ। ଘଟଣାସ୍ଥଳରେ ବି.ଫଟକରା ଗ୍ରାମର ସାମନ୍ତଙ୍କ ମୃତ୍ୟୁ ଘଟିଥିଲା। ଗୁରୁତରଙ୍କୁ ତରଭା ଡାକ୍ତରଖାନାରେ ଦମକଳ ବାହିନୀ ସହାୟତାରେ ପ୍ରାଥମିକ ଚିକିତ୍ସା ପରେ ବଲାଙ୍ଗୀର ସ୍ଥାନାନ୍ତର କରାଯାଇଥିଲା। ତରଭା ପୋଲିସ ଉଭୟ ବାଇକକୁ ଜବତ କରଛି। ତରଭା ଥାନାରେ ଏକ ମାମଲା (ନଂ.୧୩୨/୧୯)ରୁଜୁ ହୋଇଛି। ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ କହିଛି।

# ଏଯାଏ ଆଧାର ଲିଙ୍କ୍ କରିନାହାନ୍ତି ୨୪୬୦ କାର୍ଡଧାରୀ

**ମୃତ୍ୟୁଞ୍ଜୟ ଶତପଥୀ**
**ସୋନପୁର,୧୬।୯(ନି.ପ୍ର.)**

ରାଶନ କାର୍ଡ ସହ ଆଧାର ଲିଙ୍କ୍‌କୁ ବାଧ୍ୟତାମୂଳକ କରାଯାଇଛି। ସେପ୍ଟେମ୍ବର ୧୫ ତାରିଖ ସୁଦ୍ଧା ଆଧାର ଲିଙ୍କ୍ କରିବାକୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ରହିଥିଲା। ଆଧାର ଲିଙ୍କ୍ ନଥିଲେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ(ଏନ୍ଏଫଏସଏ) ହିତାଧିକାରୀଙ୍କୁ ଖାଉଟି ସାମଗ୍ରୀ ମିଳିବନାହିଁ । ରାଜ୍ୟ ସରକାର ଚିଠି ମାଧ୍ୟମରେ ସମସ୍ତ ଜିଲାପାଳଙ୍କ ନିକଟକୁ ଏହି ନିର୍ଦ୍ଦେଶନାମା ପଠାଇଛନ୍ତି। ସୁବର୍ଣ୍ଣପୁର ଜିଲାପାଳଙ୍କ ନିକଟରେ ଚିଠି ପହଞ୍ଚିବା ପରେ ଜିଲାରେ ରାଶନକାର୍ଡ ଧାରୀଙ୍କ ମଧ୍ୟରେ ତତ୍ପରତା ପ୍ରକାଶ ପାଇଛି। ଏନଏଫଏସଏ ଯୋଜନାରେ ଜିଲାରେ ମୋଟ ୧ଲକ୍ଷ ୩୫ହଜାର ୬୮୫ଟି ରାଶନ କାର୍ଡ ଅଛି। କାର୍ଡଧାରୀଙ୍କ ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୧ଲକ୍ଷ ୩୩ହଜାର ୩୨୫ ଆଧାର ସଂଯୋଗ କରିଛନ୍ତି। ସେହିପରି ଜିଲାର ମୋଟ ୪ଲକ୍ଷ ୭୧ହଜାର ୭୮୮ ହିତାଧିକାରୀଙ୍କ ମଧ୍ୟରୁ ୪ଲକ୍ଷ ୪୬ହଜାର ୨୭୨ଜଣ ଆଧାର ଲିଙ୍କ୍ କରିଥିବା ବେଳେ ୨୫ହଜାର ୫୧୬ ଜଣ ଏହା କରିନାହାନ୍ତି। ଏହି ୨୫ ହଜାର ୫୧୬ ଅଯୋଗ୍ୟ ହିତାଧିକାରୀ ସରକାରଙ୍କ ଆଖିରେ ଆଙ୍ଗୁଠି ଗେଞ୍ଜି ଗତ ୪ବର୍ଷ ହେବ ଗରିବଙ୍କ ପାଇଁ ଆସୁଥିବା ହଜାର ହଜାର କୁଇଣ୍ଟାଲ ଚାଉଳ, ଗହମ ଲୁଟି ନେଉଥିଲେ।

ଉଲ୍ଲେଖନୀୟ ଯେ, ସୁବର୍ଣ୍ଣପୁର ଜିଲାରେ ବହୁ ନକଲି ରାଶନ କାର୍ଡ ରହିଥିବା ଏବଂ ଅନେକ ଅଯୋଗ୍ୟ ହିତାଧିକାରୀ କାର୍ଡ ହାତେଇ ଖାଉଟି ସାମଗ୍ରୀ ଲୁଟୁଥିବା ପୂର୍ବରୁ ଅଭିଯୋଗ ହୋଇଥିଲା। ପ୍ରଶାସନ ପକ୍ଷରୁ ଏ ଦିଗରେ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ଏପରିକି କେତେକ ମୃତ ବ୍ୟକ୍ତିଙ୍କ ନାମରେ ରାଶନ ଉଠାଯାଉଥିବା ଅଭିଯୋଗ ରହିଥିଲା। ଏବେ ଆଧାର ସଂଯୋଗ କଟକଣା ଜାରି ହେବା ପରେ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ରାଶନ କାର୍ଡ ଆଧାର ସଂଯୋଗୀକରଣ ସକାଶେ ସମସ୍ତ ଆରସିଏମଏସ୍(ରାଶନ କାର୍ଡ ମ୍ୟାନେଜ୍‌ମେଣ୍ଟ ସିଷ୍ଟମ) କେନ୍ଦ୍ରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମାଇକ୍ ଯୋଗେ ପ୍ରଚାର କରାଯାଇ ହିତାଧିକାରୀଙ୍କୁ ମଧ୍ୟ ସଚେତନ କରାଯାଇଥିଲା। ଏ ନେଇ ନକଲି କାର୍ଡଧାରୀଙ୍କ ମଧ୍ୟରେ ଛନକା ପଶିଛି। ପ୍ରଶାସନଠାରୁ ମିଳିଥିବା ସୂଚନା ଅନୁଯାୟୀ ବିନିକା ବ୍ଲକରେ ୨୦ହଜାର ୨୭୬କାର୍ଡରେ ୭୦ହଜାର ୫୯୮ ଜଣ ଖାଉଟି ସାମଗ୍ରୀ ପାଉଛନ୍ତି। ସେଥିମଧ୍ୟରୁ ୬୬ହଜାର ୩୬୫ ହିତାଧିକାରୀଙ୍କ ଆଧାର ଲିଙ୍କ୍ ହୋଇଛି।

**ସୁବର୍ଣ୍ଣପୁର ଜିଲା**

■ କଟିବେ ୨୫ ହଜାରରୁ ଊର୍ଦ୍ଧ୍ୱ ନକଲି ହିତାଧିକାରୀ

ବିନିକା ଏନଏସିରେ ୩୦୪୨ କାର୍ଡରେ ୧୦ହଜାର ୧୪୭ ଜଣ ରାଶନ ପାଉଥିବା ବେଳେ ୩ହଜାର ୧୯ଟି କାର୍ଡର ୯ହଜାର ୯୯୮ ହିତାଧିକାରୀଙ୍କ ଆଧାର ଲିଙ୍କ ହୋଇଛି। ବୀରମହାରାଜପୁର ବ୍ଲକରେ ୨୦ହଜାର ୯୩୭କାର୍ଡରେ ୭୪ହଜାର ୭୧୭ ହିତାଧିକାରୀ ରାଶନ ପାଉଥିବା ବେଳେ ୨୦ହଜାର ୫୪୬କାର୍ଡର ୬୯ହଜାର ୫୦୦ ହିତାଧିକାରୀ ଆଧାର ଲିଙ୍କ କରିଛନ୍ତି। ଡୁଙ୍ଗୁରିପାଲି ବ୍ଲକରେ ୨୮ହଜାର ୪୪୧ କାର୍ଡ ରହିଛି । ୯୫ହଜାର ୨୯୨ ହିତାଧିକାରୀ ରାଶନ ପାଉଛନ୍ତି। ୨୭ହଜାର ୮୩୯ କାର୍ଡର ୮୯ହଜାର ୯୮୭ ହିତାଧିକାରୀଙ୍କ ଆଧାର ଲିଙ୍କ ହୋଇଛି । ସୋନପୁର ବ୍ଲକର ୧୮ହଜାର ୩୩୩କାର୍ଡରେ ୬୫ହଜାର ୪୬୪ହିତାଧିକାରୀ ରାଶନ ପାଉଥିବା ବେଳେ ଏଥି ମଧ୍ୟରୁ ୧୭ହଜାର ୯୮୩କାର୍ଡର ୬୨ହଜାର ୭୨ ହିତାଧିକାରୀଙ୍କ ଆଧାର ଲିଙ୍କ ହୋଇଛି। ସୁବର୍ଣ୍ଣପୁର ମ୍ୟୁନିସିପାଲିଟିର ୩ହଜାର ୯୯ କାର୍ଡର ୯ହଜାର ୭୪୬ ହିତାଧିକାରୀ ରାଶନ ପାଉଥିବା ବେଳେ ୩ହଜାର ୯୦ କାର୍ଡର ୯ହଜାର ୭୦୨ ହିତାଧିକାରୀଙ୍କ ଆଧାର ଲିଙ୍କ ହୋଇଛି। ତରଭା ବ୍ଲକର ୨୦ହଜାର ୭୮ କାର୍ଡର ୬୮ହଜାର ୬୭୯ ହିତାଧିକାରୀ ରାଶନ ପାଉଥିବା ବେଳେ ସେଥିମଧ୍ୟରୁ ୧୯ହଜାର ୬୫୮କାର୍ଡର ୬୪ହଜାର ୭୪୮ ହିତାଧିକାରୀଙ୍କ ଆଧାର ଲିଙ୍କ ହୋଇଥିବା ଜଣାପଡିଛି। ତରଭା ଏନଏସିର ୧ହଜାର ୪୭୬ କାର୍ଡରେ ୪ହଜାର ୭୩୭ ହିତାଧିକାରୀ ରାଶନ ପାଉଛନ୍ତି। ସେଥିମଧ୍ୟରୁ ୧ହଜାର ୪୧୮ କାର୍ଡର ୪ହଜାର ୩୫୩ ହିତାଧିକାରୀଙ୍କ ଆଧାର ଲିଙ୍କ୍ ହୋଇଛି। ଉଲୁଣ୍ଡା ବ୍ଲକରେ ୨୦ହଜାର ୧୦୩ କାର୍ଡରେ ୭୨ହଜାର ୪୦୮ ହିତାଧିକାରୀ ରାଶନ ପାଉଥିବା ବେଳେ ବର୍ତ୍ତମାନ ସୁଦ୍ଧା ୧୯ହଜାର ୮୬୫ କାର୍ଡର ୬୯ହଜାର ୫୪୭ ହିତାଧିକାରୀଙ୍କ ଆଧାର ଲିଙ୍କ ହୋଇଛି । ମୋଟ ୯୪% ପ୍ରତିଶତ ହିତାଧିକାରୀଙ୍କ ଆଧାର ଲିଙ୍କ ହୋଇଥିବା ଜିଲା ଯୋଗାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ରାଶନ ସାମଗ୍ରୀ ବଣ୍ଟନ କରୁଥିବା ଜିଲାର ୧୦୯ଟି ପଞ୍ଚାୟତରେ ଥିବା ୯୫ ପିଇଓ, ୩ଟି ସହରର ୧୭ଟି ରିଟେଲର, ଗୋଟିଏ ସେବା ସମବାୟ ସମିତି ଓ ୭ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଆଧାର ଲିଙ୍କ କରି ନଥିବା ଅଯୋଗ୍ୟ ଖାଉଟିଙ୍କୁ ନିର୍ଦ୍ଧାରିତ ସମୟରେ ବାଦ୍ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଏ ସମ୍ପର୍କରେ ଜିଲା ଯୋଗାଣ ଅଧିକାରୀ ବିବେକାନନ୍ଦ କୋରକୋରା କୁହନ୍ତି, ଅନ୍ୟ ଜିଲା ଅପେକ୍ଷା ଆମ ଜିଲାରେ ଆଧାର ସଂଯୋଗୀକରଣ ଉତ୍ସାହଜନକ ରହିଛି। ରାଜ୍ୟ ଖାଦ୍ୟ ନିରାପତ୍ତା ଯୋଜନାରେ ଜିଲାର ୫୦ହଜାର ୭୪୫ଜଣ ହିତାଧିକାରୀ ମାସକୁ ୫ କିଲୋ ଲେଖାଏଁ ଚାଉଳ ପାଉଛନ୍ତି। ଏହି ଯୋଜନାରେ ହିତାଧିକାରୀ ଚୟନ ସମୟରେ ଆଧାର ସଂଯୋଗ ବାଧ୍ୟତାମୂଳକ ଥିଲା। କିନ୍ତୁ ଏନ୍ଏଫଏସଏରେ ହିତାଧିକାରୀ ଚୟନ ସମୟରେ ଆଧାର ସଂଯୋଗ ବ୍ୟବସ୍ଥା ନ ଥିଲା ବୋଲି ଏଭଳି ସମସ୍ୟା ରହିଲା ବୋଲି କୋରକୋରା କହିଛନ୍ତି । ତେବେ ଯେଉଁ ଅଯୋଗ୍ୟ ହିତାଧିକାରୀ ଖାଦ୍ୟ ସାମଗ୍ରୀ ଲୁଟୁଥିଲେ ସେମାନଙ୍କ ବିରୋଧରେ ସରକାର କାଯର୍ୟାନୁଷ୍ଠାନ ନେବେ ନା ଭୋଟ ଭୟରେ ଅଣଦେଖା କରିବେ ତାହା ଆଗାମୀ ଦିନରେ ହିଁ ସ୍ପଷ୍ଟ ହେବ।

## ଦୁଇ ପିଲାଙ୍କ ମଧ୍ୟରେ ଗଣ୍ଡଗୋଳ, ସ୍କୁଲରେ ପଶି ପିଟିଲେ ସମ୍ପର୍କୀୟ

**ବିନିକା,୧୬।୯(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ମହଦା ୟୁପି ସ୍କୁଲରେ ଶନିବାର ଦୁଇଜଣ ପିଲାଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଚତୁର୍ଥ ଶ୍ରେଣୀରେ ପଢୁଥିବା ଛାତ୍ରୀ ଏବଂ ତାଙ୍କର ଜଣେ ସହପାଠୀଙ୍କ ମଧ୍ୟରେ କୌଣସି କାରଣକୁ ଝଗଡା ହୋଇଥିଲା । ପରେ ଝଗଡା ବିଷୟରେ ଘରକୁ ଯାଇ ଛାତ୍ରୀ ଜଣକ ତାଙ୍କ ସମ୍ପର୍କୀୟ ମାମୁଁ ସଂକୀର୍ତ୍ତନ କାଲସେଙ୍କୁ ଜଣାଇଥିଲେ। ପରେ ସଂକୀର୍ତ୍ତନ ସ୍କୁଲକୁ ଆସି ତାଙ୍କ ଭାଣିଜୀଙ୍କୁ ପିଟିଥିବା ବିଦ୍ୟାର୍ଥୀଙ୍କୁ ପିଟିଥିବା ଅଭିଯୋଗ ହୋଇଥିଲା। ମାଡ ଖାଇଥିବା ପିଲାଙ୍କ ବାପା ଏ ନେଇ ଶିକ୍ଷକମାନଙ୍କ ନିକଟରେ ଅଭିଯୋଗ କରିଥିଲେ । ପ୍ରଧାନଶିକ୍ଷକ ମୋହନ ପଧାନ ଝଗଡା ବିଷୟରେ ଜାଣି ନ ଥିବା କହିଥିଲେ। ରବିବାର ଏ ନେଇ ମାଡ ଖାଇଥିବା ବିଦ୍ୟାର୍ଥୀଙ୍କ ବାପା ସଂକୀର୍ତ୍ତନଙ୍କ ନାମରେ ଲଛିପୁର ଫାଣ୍ଡିରେ ଏତାଲା ଦେଇଥିଲେ। ଅଭିଯୋଗକୁ ଭିତ୍ତି କରି ଏକ ମାମଲା (ନଂ.୧୪୧/୧୯)ରୁଜୁ ହୋଇଛି ।

## ଗ୍ରାମୀଣ ମହିଳାଙ୍କୁ ସ୍ୱାବଲମ୍ବୀ କରିବ କୁକୁଡା ପାଳନ

**ସୋନପୁର,୧୬।୯(ନି.ପ୍ର.)**

ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଖାଲି ଗଠନ କରି ଦେଲେ ହେବନି। ମହିଳାଙ୍କୁ ରୋଜଗାରକ୍ଷମ କରିବାକୁ ପଡିବ। ଗୋଷ୍ଠୀର ସଭ୍ୟାଙ୍କ ଦକ୍ଷତା ବୃଦ୍ଧି କରିବାକୁ ହେବ। ସରକାରୀ ସହାୟତା ସହ ମହିଳାଙ୍କ ଦକ୍ଷତା ବଢିଲେ ସେମାନେ ଆତ୍ମନିର୍ଭରଶୀଳ ହୋଇପାରିବେ। କୁକୁଡା ପାଳନ ଦ୍ୱାରା ଗ୍ରାମୀଣ ମହିଳାଙ୍କ ଜୀବନ ଧାରଣରେ ଉନ୍ନତି ଆସିବ। ସେମାନେ ଭଲ ଦି ପଇସା ରୋଜଗାର କରି ସ୍ୱାବଲମ୍ବୀ ହୋଇପାରିବେ ବୋଲି ସୋନପୁର କୃଷି ବିଜ୍ଞାନ କେନ୍ଦ୍ରରେ ଆୟୋଜିତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ୭ ଦିନିଆ ତାଲିମ ଶିବିରକୁ ଉଦ୍‌ଘାଟନ କରି ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା ସୋମବାର ଏହି ମତବ୍ୟକ୍ତ କରିଛନ୍ତି। ମିଶନ ଶକ୍ତିର ଆର୍ଥିକ ସହାୟତାରେ କେଭିକେ ସଭାଗୃହରେ ଆୟୋଜିତ ଶିବିରରେ ବୀରମହାରାଜପୁର, ସୋନପୁର ଓ ତରଭା ବ୍ଲକର ୨୫ ଜଣ ମହିଳା ଅଂଶଗ୍ରହଣ କରିଥିଲେ। ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଳୟର ନୋଡାଲ ଅଫିସର ଡାକ୍ତର ଭୂବନ ମୋହନ ସାହୁ ଶିବିରରେ ଯୋଗଦେଇ ଘର ବାଡିରେ ବିଭିନ୍ନ ପ୍ରଜାତିର କୁକୁଡା ପାଳନ ସମ୍ପର୍କରେ ବୁଝାଇଥିଲେ। କୁକୁଡା ମାଂସ ଓ ଅଣ୍ଡାର ସବୁ ସମୟରେ ଚାହିଦା ରହିଛି। ଗ୍ରାମାଞ୍ଚଳରେ ଖୋଲା ସ୍ଥାନ ଥିବାରୁ କୁକୁଡା ପାଳନ ଦ୍ୱାରା ମହିଳାମାନେ ଲାଭବାନ ହୋଇପାରିବେ ବୋଲି କହିଥିଲେ। କେଭିକେର ବରିଷ୍ଠ ବୈଜ୍ଞାନିକ ତଥା ମୁଖ୍ୟ ଡ. ଜୀବନଜିତ୍ ସେନ୍, ବୈଜ୍ଞାନିକ ଗୀତାଞ୍ଜଳି ପ୍ରଧାନ, ସୁରୋଜିତ ପ୍ରଧାନ, ସୁପ୍ରଭା ସେଠୀ ମହିଳାଙ୍କୁ କୁକୁଡା ପାଳନ ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ସହାୟକ ଲୋପାମୁଦ୍ରା ରାୟ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ଆସନ୍ତା ୨୨ ତାରିଖରେ ଶିବିର ଉଦ୍‌ଯାପିତ ହେବ ।



ତାଲିମ ଶିବିରର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ବୃନ୍ଦ ।



ନୂଆଁଖାଇ ଭେଟ୍‌ଘାଟ୍‌ରେ ଅତିଥିଙ୍କ ସହ ସମ୍ବର୍ଦ୍ଧିତ ପ୍ରତିଭା।

## ଗଣ୍ଡାବାହାଲରେ ନୂଆଁଖାଇ ଭେଟ୍‌ଘାଟ୍

**ଉଲୁଣ୍ଡା, ୧୬।୯ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଗଣ୍ଡାବାହାଲ ସୁରସରଗମ କମିଟି ତରଫରୁ ୧୪ତମ ନୂଆଁଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆୟୋଜକ ଅନୁଷ୍ଠାନ ସଭାପତି ଋଷି କୁମାର ପଟେଲଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି କାର୍ଯ୍ୟକ୍ରମକୁ ପଞ୍ଚାୟତ ସମିତି ଅଧ୍ୟକ୍ଷା ମିତାଲି ମହାକୁର ମୁଖ୍ୟଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଜଙ୍ଗେଶ୍ୱର ପୂଜାହାରୀ ମୁଖ୍ୟବକ୍ତାଭାବେ ଯୋଗଦେଇ ଭାଇଚାରାର ପର୍ବ ନୂଆଁଖାଇ ଉପଲକ୍ଷେ ହେଉଥିବା ଭେଟ୍‌ଘାଟ ସମସ୍ତଙ୍କୁ ଏକତ୍ରିତ ରଖିବାରେ ସହାୟ ହୋଇଥାଏ ବୋଲି ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବୀରମହାରାଜପୁର ବ୍ଲକ ଅଧ୍ୟକ୍ଷ ସନ୍ତୋଷ କୁମାର ଭୋଇ, ଆମ୍ବା ଅଧ୍ୟକ୍ଷ ସନ୍ତୋଷ କୁମାର ଭୁକ୍ତା, ସାମାଜିକ କର୍ମୀ ଗୋବିନ୍ଦ ଦାଶ ତରାଇ, ଲକ୍ଷ୍ମଣ ବାରିକ ପ୍ରମୁଖ ସମ୍ମାନୀତ ଅତିଥିଭାବେ ଯୋଗଦେଇ ନୂଆଁଖାଇର ବିଶେଷତ୍ୱ ଉପରେ ଆଲୋକପାତ କରିଥିଲେ। ପରେ ବିଶ୍ୱଜିତ ପାତ୍ରଙ୍କ ସଂଯୋଜନାରେ ହୋଇଥିବା ସମ୍ବର୍ଦ୍ଧନା ଉତ୍ସବରେ ଅବସରପ୍ରାପ୍ତ ଶିକ୍ଷକ ଅନନ୍ତ ନାରାୟଣ ମେଣ୍ଡେଲି, କଣ୍ଠଶିଳ୍ପୀ ଶତୃଘ୍ନ ଲୁହା, ସଂକୀର୍ତ୍ତନ ଗାୟକ ସନ୍ତୋଷ ସାହୁ, ବ୍ୟଙ୍ଗକବି ରଞ୍ଜିତ ପଧାନ, ଜାତୀୟସ୍ତରର ଟାଏକୋଣ୍ଡୋ ବିଜେତା ଶୁଭମ କୁମାର ପଟ୍ଟନାୟକ, ଚଳିତ ମାଟ୍ରିକ ପରୀକ୍ଷାରେ ବ୍ଲକର ଶ୍ରେଷ୍ଠ ନମ୍ବର ରଖିଥିବା ଛାତ୍ର ରଞ୍ଜନ ପଧାନ, ଯୁବ ସାମ୍ବାଦିକ ସଞ୍ଜୀବ କୁମାର ପାଣିଗ୍ରାହୀ ଏବଂ ଦଣ୍ଡ କଳାକାର ରସିକ ସାହୁ ପ୍ରମୁଖଙ୍କୁ ଅନୁଷ୍ଠାନ ତରଫରୁ ମାନପତ୍ର ଏବଂ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଗୌନ୍ତିଆ ଗୋପାଳ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ପରେ ହାସ୍ୟ ଅଭିନେତା ବିନ୍ଦୁ ଏବଂ ଦଳ ହାସ୍ୟ ଅଭିନୟ କରିଥିଲେ। ଅଞ୍ଚଳର କୁନିକୁନି କଳାକାର ଓ ଆଲବମ ଡ୍ୟାନ୍ସର ପ୍ରମୁଖଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ନୂଆଁଖାଇ ଭେଟ୍‌ଘାଟ୍ ପାଇଁ ପ୍ରସ୍ତୁତି ବୈଠକ

**ଅମରପାଲି, ୧୬।୯ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଖଣ୍ଡହତାସ୍ଥିତ ସ୍ୱେଚ୍ଛାସେବୀ ସଂଗଠନ ସିୟାରର ନୂଆଁଖାଇ ଭେଟଘାଟ ପାଇଁ ପ୍ରସ୍ତୁତି ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ପ୍ରସ୍ତୁତି ବୈଠକରେ ସଂଗଠନ ସମ୍ପାଦକ ସୁଦାମ ଗାଇଗରିଆ, ସହସମ୍ପାଦକ ପ୍ରହଲ୍ଲାଦ ମୁଖି, ଉପସଭାପତି ସୁଶାନ୍ତ ଭୋଇ ଓ କୋଷାଧ୍ୟକ୍ଷ ସୌମିତ୍ରୀ ରଣା ପ୍ରମୁଖ ଯୋଗଦେଇଥଇଲେ। ଚଳିତ ବର୍ଷ ହେବାକୁ ଥିବା ଭେଟଘାଟ ସମ୍ପର୍କରେ ସେମାନେ ମତ ଉପସ୍ଥାପନା କରିଥିଲେ। ସର୍ବସମ୍ମତିକ୍ରମେ ନଭେମ୍ବର ୧୦ତାରିଖ ରବିବାର ଉକ୍ତ ନୂଆଁଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମ ହେବାର ସ୍ଥିରୀକୃତ ହୋଇଛି। ପୂର୍ବବର୍ଷ ପରି ସନ୍ଧ୍ୟାରେ କାର୍ଯ୍ୟକ୍ରମ ଆରମ୍ଭ ହେବ । ଏହି ଅବସରରେ ଅଞ୍ଚଳର କଳାକାର, ରକ୍ତଦାତା, ସାମାଜିକ କର୍ମୀ ଓ ବିଭିନ୍ନ ବର୍ଗରେ କୃତିତ୍ୱ ହାସଲ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯିବାର ସ୍ଥିରୀକୃତ ହୋଇଛି। ସୂଚନାଯୋଗ୍ୟ ଯେ, ୪ ବର୍ଷ ହେଲା ଉକ୍ତ ସାମାଜିକ ସଂଗଠନ ଏହି କାର୍ଯ୍ୟକ୍ରମ କରି ଅଞ୍ଚଳର ବିଭିନ୍ନ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରୁଛି।

## ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି

**ଡୁଙ୍ଗୁରିପାଲି,୧୬।୯(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲାର ଡୁଙ୍ଗୁରିପାଲିରେ ସୋମବାର ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ସ୍ଥାନୀୟ ରାଜୀବ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ମୋନିଷା ବାନାର୍ଜୀଙ୍କ ଅଧ୍ୟକ୍ଷତାରେ ହୋଇଥିବା ଜନଶୁଣାଣିରେ ମୋଟ ୧୪୨ଟି ଅଭିଯୋଗର ଶୁଣାଣି ହୋଇଥିଲା। ଅଭିଯୋଗଗୁଡିକ ଉପରେ ତର୍ଜମା କରି ତୁରନ୍ତ ସମାଧାନ କରିବାକୁ ଜିଲାପାଳ ବାନାର୍ଜୀ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଶିବିରରେ ଜିଲା ଆରକ୍ଷୀ ଅଧୀକ୍ଷକ ଦେବୀ ପ୍ରସାଦ ଦାଶ, ଉପଜିଲାପାଳ ବଳରାମ ମଲ୍ଲିକ, ଜିଲା ଅତିରିକ୍ତ ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଦୈତ୍ୟ ପାଢୀ, ବ୍ଲକ ଅଧ୍ୟକ୍ଷ ମକରଧ୍ୱଜ ସାହୁ, ବିଡିଓ ସହଦେବ ସମାଧିଆ, ଏବିଡିଓ ଶଶୀଭୂଷଣ ପଧାନ. ଜିଲା ଜଳ ଓ ପରିମଳ ବିଭାଗରୁ ବିପିନ ବିହାରୀ ଦାଶ, ରାମପୁର ତହସିଲଦାର ଶ୍ୱେତପଦ୍ମା ଯୋଶୀ, ଡୁଙ୍ଗୁରିପାଲି ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଆଶିଷ କୁମାର ବିଶ୍ୱାଳ, ପ୍ରମୁଖ ଉପସ୍ଥିତ ଥିଲେ।

# ମୁର୍ଷୁଣ୍ଡୀ ଗଜଲକ୍ଷ୍ମୀ ପୂଜା ପାଇଁ ପ୍ରସ୍ତୁତି

## ଗୋପାଳ ପଣ୍ଡାଙ୍କୁ ମରାସୁର ବରଣ

**ଅମରପାଲି, ୧୬।୯ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ମୁର୍ଷୁଣ୍ଡୀଠାରେ ହେବାକୁ ଥିବା ଗଜଲକ୍ଷ୍ମୀ ପୂଜା ପାଇଁ ସୋମବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ସମିତି ସଭ୍ୟ ଲବ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଗଜଲକ୍ଷ୍ମୀ ପୂଜା କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଚଳିତ ବର୍ଷ ପାଇଁ ଗଠିତ ହୋଇଥିବା କମିଟିରେ ଲବ କୁମାର ସାହୁଙ୍କୁ ପୂଜା କମିଟି ସଭାପତି, ଧନଞ୍ଜୟ ସାହୁ ଉପସଭାପତି, ତ୍ରୟଞ୍ଜିବ ମିଶ୍ର ସମ୍ପାଦକ, ବିଦ୍ୟାଧର ଖୁର୍ଦ୍ଦିଆ ସହସମ୍ପାଦକ ଓ ସତ୍ୟମୋହନ ବେଦପାଣୀଙ୍କୁ କୋଷାଧ୍ୟକ୍ଷଭାବେ ପୁନଃ ମନୋନୀତ କରାଯାଇଛି । ଏହା ସହିତ ରାଜଗୋପାଳ ପାଣିଗ୍ରାହୀ, କୁଶ କୁମାର ସାହୁ ଓ ମନୋଜ କୁମାର ସାହୁଙ୍କୁ ଉପଦେଷ୍ଟା ଭାବେ ଚୟନ କରାଯାଇଛି। ଆସନ୍ତା ଅକ୍ଟୋବର ୧୩ରୁ ୨୧ ତାରିଖ ପର୍ଯ୍ୟନ୍ତ ଗଜଲକ୍ଷ୍ମୀ ପୂଜା ହେବ। ଚଳିତ ବର୍ଷ ପୂଜାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ପ୍ରତିବର୍ଷ ପରି ମରାସୁର ରାଜ କାର୍ଯ୍ୟକ୍ରମ ହେବ। ଏଥିରେ ଆଧୁନିକ ଓ ପାରମ୍ପରିକ ନୃତ୍ୟ ପରିବେଷଣ ହେବ । ସକାଳୁ ଓ ସନ୍ଧ୍ୟାରେ ପ୍ରତ୍ୟହ ପୂଜାର୍ଚ୍ଚନା ହେବ। ଦିନବେଳା ସୁରେନ୍ଦ୍ର ତ୍ରିପାଠୀଙ୍କ ଦ୍ୱାରା ରାମାୟଣ ପାରାୟଣ ହେବ। ଅପେରା, ମେଲୋଡି, ନୃତ୍ୟ ଆଦି କାର୍ଯ୍ୟକ୍ରମ ବିଭିନ୍ନ ରଜନୀରେ ପରିବେଷଣ ହେବ। ଭସାଣୀ ଶୋଭାଯାତ୍ରାରେ ଦୁଲଦୁଲି, ଘଣ୍ଟବାଦ୍ୟ, ଢ଼ୋଲ ନିଶାନ, ରୋଡ ଡ୍ୟାନ୍ସ ସମେତ ପାରମ୍ପରିକ ଓ ଅଣପାରମ୍ପରିକ ନୃତ୍ୟ ପରିବେଷଣ ହେବ। ପୂଜା ପାଇଁ ସୋମବାର ଶୁଭସ୍ତମ୍ଭ ସ୍ଥାପନ କରାଯାଇଛି। ଚଳିତ ୨୦ ତାରିଖରେ ମରାସୁର ଭୂମିକାରେ ଅଭିନୟ କରିବାକୁ ଥିବା ଗୋପାଳ ପଣ୍ଡାଙ୍କୁ ମରାସୁର ବରଣ କରାଯିବ। ସୋମବାର ଶୁଭସ୍ତମ୍ଭ ସ୍ଥାପନ ପୂର୍ବରୁ ଗ୍ରାମର ବିଭିନ୍ନ ଦେବାଳୟରେ ପୂଜାର୍ଚ୍ଚନା କରାଯାଇଥିଲା । ଶାନ୍ତନୁ ଖେତୀ, ସତ୍ୟବ୍ରତ ଦ୍ୱାରୀ, ପ୍ରକାଶ ପଣ୍ଡା, ପ୍ରଦୀପ ରଥ, ଅଗସ୍ତି ଝାଙ୍କର ପ୍ରମୁଖ ପୂଜାକାର୍ଯ୍ୟ ପରିଚାଳନା କରିଥିଲେ ।

### ଅମରପାଲି ୟୁପି ସ୍କୁଲରେ ପୁରସ୍କାର ବିତରଣୀ ଉତ୍ସବ

# ପରିଶ୍ରମ କଲେ ସଫଳତା ଆପେ ମିଳିବ

**ଅମରପାଲି, ୧୬।୯ (ଡି.ଏନ.ଏ.)**

ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଅମରପାଲି ସରକାରୀ ୟୁପି ସ୍କୁଲରେ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍ୱଚ୍ଛତା ପକ୍ଷ ଅବସରରେ ବହଲପଦର କ୍ଲଷ୍ଟରର ସମସ୍ତ ସ୍କୁଲକୁ ନେଇ ହୋଇଥିଲା ପ୍ରତିଯୋଗୀତା। ଏଥିରେ ଜୁନିୟର ଓ ସିନିୟର ବର୍ଗରେ ବକ୍ତୃତା, ଚିତ୍ରାଙ୍କନ, ପ୍ରବନ୍ଧ ଲିଖନ ଓ କୁଇଜ ଆଜି ପ୍ରତିଯୋଗୀତା ହୋଇଥିଲା। ଅମରପାଲି ୟୁପି ସ୍କୁଲର ପ୍ରଧାନଶିକ୍ଷକ ଦୁଃଖିଶ୍ୟାମ ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ବୀରମହାରାଜପୁର ବ୍ଲକ ଶିକ୍ଷା ଅଧିକାରୀ ଶାନ୍ତନୁ କୁମ୍ଭକାର ମୁଖ୍ୟଅତିଥି ଏବଂ ବହଲପଦର ସମିତି ସଭ୍ୟ ପୀତାମ୍ବର ସାହୁ, ସ୍ଥାନୀୟ ହାଇସ୍କୁଲର ପ୍ରଧାନ ଶିକ୍ଷକ ଉମେଶ ଚନ୍ଦ୍ର ପଣ୍ଡା ଓ ସିଆରସିସି ପ୍ରଦୀପ ଜଗଦଲା ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ମଞ୍ଚାସୀନ ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ସ୍ୱଚ୍ଛତା ଓ ପରିଚ୍ଛନ୍ନ ରହିବା ସହିତ ପଲିଥିନ ବ୍ୟବହାର ନ କରିବାକୁ ପରାମର୍ଶ ଦେଇଥିଲେ। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିବା ପାଇଁ କଠିନ ପରିଶ୍ରମର ଆବଶ୍ୟକତା ରହିଛି ବୋଲି କହିବା ସହିତ ପରିଶ୍ରମ କଲେ ସଫଳତା ଆପେ ମିଳିବ ବୋଲି ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇଥିଲେ। ବିଭିନ୍ନ ପ୍ରତିଯୋଗୀତାରେ କୃତିତ୍ୱ ଅର୍ଜନ କରିଥିବା ଓମ ସାଇସ୍ପନ୍ଦନ ବିଶ୍ୱାଳ, ନିଗମ ପ୍ରଧାନ, ଜିତ ରନବିଡ଼ା, ଲିଭମ ସାହୁ, ଇପସିତା ଅନନ୍ୟା ସାହୁ, ଅର୍ଚ୍ଚିତା ପଧାନ, ସୀମାରାଣୀ ପଧାନ, ମନିଷା ପଧାନ, ମନିଷା ସିଂ, ମଣ୍ଟୁ ଭୋଇ, ଦୀପକ ଭୋଇ, ମୋନାଲିସା ଭୋଇ, ଶିବାନୀ ଗୁରୁ, ପ୍ରିୟଙ୍କା ଅଦରକୁଲିଆ, ଜଗଦିଶ ପଧାନ, ସ୍ମରଣୀକା ପଧାନ ଓ ନିରୁପମା କୁମୁରା ପ୍ରମୁଖଙ୍କୁ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା । ପୁରସ୍କାର ବିତରଣୀ କାର୍ଯ୍ୟକ୍ରମକୁ ଶିକ୍ଷକ ଶୁଭାଶିଷ ମିଶ୍ର ପରିଚାଳନା କରିଥିଲେ। ସଭାକାର୍ଯ୍ୟ ସଂଯୋଜନା କରିଥିଲେ ତପକିରଣ ସାହୁ । ଶେଷରେ ପ୍ରଧାନଶିକ୍ଷକ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ ।



ପୁରସ୍କାର ବିତରଣୀ ଉତ୍ସବରେ କୃତୀ ଛାତ୍ରୀଛାତ୍ର ଓ ଅତିଥିମାନେ ।

## ଗଜଲକ୍ଷ୍ମୀ ପୂଜା ପାଇଁ ପ୍ରସ୍ତୁତି ବୈଠକ

**ସୋନପୁର,୧୬।୯(ନି.ପ୍ର.)**

ସୋନପୁର ସହରର ଘୋଡାଘାଟପଡାରେ ଗଜଲକ୍ଷ୍ମୀ ପୂଜା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପଶ୍ଚିମ ସୋମନାଥ ମନ୍ଦିର ପରିସରରେ ଅନୁଷ୍ଠିତ ବୈଠକରେ ୪୫ତମ ଗଜଲକ୍ଷ୍ମୀ ପୂଜା ପୂର୍ବ ବର୍ଷ ଭଳି ମହାଆଡମ୍ବର ସହକାରେ ପାଳନ କରାଯିବାକୁ ନିଷ୍ପତ୍ତି ହୋଇଛି। ପ୍ରତ୍ୟହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଓଡିଶା ଓ ଓଡିଶା ବାହାରର ବିଶିଷ୍ଟ କଳାକାରଙ୍କୁ ସାମିଲ କରାଯିବା ନେଇ ନିଷ୍ପତ୍ତି ହୋଇଛି। ପୂଜାର ସୁପରିଚାଳନା ପାଇଁ ଏକ ନୂତନ କମିଟି ଗଠନ କରାଯାଇଛି। ଏଥିରେ ରାଜା ପାଣିଗ୍ରାହୀ ସଭାପତି, ସୁମିତ କୁମାର ପୂଜାହାରୀ ସମ୍ପାଦକ, ସୁବଳ ବାରିକ କୋଷାଧ୍ୟକ୍ଷ, ସାଂସ୍କୃତିକ ସମ୍ପାଦକ ସତ୍ୟଜିତ ସାହୁ ଓ ଉପଦେଷ୍ଟା କମିଟିରେ ଶ୍ରୀବତ୍ସ ମଲ୍ଲିକ, ଜିତେନ୍ଦ୍ର ସାହୁ, ଜିତେନ୍ଦ୍ର ପଟ୍ଟନାୟକ, ଆଦିତ୍ୟ କିଶୋର ଦାନୀ, ନବ କୁମାର ମେହେର, ହିମାଂଶୁ ଶତପଥୀ, ଯଶୋବନ୍ତ ମହଲାଙ୍କୁ ନିଆଯାଇଛି।



ଯାହା ହୁଏତ କେବେ ଘଟିବ ନାହିଁ, ତାହା ପାଇଁ ଉଦ୍‌ବେଗ ଭିତରେ ରହିବା ଦ୍ୱାରା ବହୁ ଶକ୍ତିର ଅପଚୟ ହୋଇଥାଏ।
- ଫ୍ରାଙ୍କଲିନ



## ସଂକ୍ଷେପରେ

### ଗଜଲକ୍ଷ୍ମୀ ପୂଜା ପାଇଁ ମାଟି ସଂଗ୍ରହ

**ଟିକ୍ରାପଡା, ୧୬।୯(ଡି.ଏନ.ଏ.):** ବଲାଙ୍ଗୀର ଜିଲା ସଇଁତଳା ବ୍ଲକ ଟିକ୍ରାପଡା ଗଜଲକ୍ଷ୍ମୀ ପୂଜାପାଇଁ ମୃତ୍ତିକା ସଂଗ୍ରହ ଓ ପୂଜା ବେଦୀରେ ସ୍ଥାପନ କାର୍ଯ୍ୟକ୍ରମ ସୋମବାର ସମ୍ପନ୍ନ ହୋଇଛି । ଇନ୍ଦ୍ରଜିତ ଥନାପତି ପୂଜାକାର୍ଯ୍ୟ ତୁଲାଇଥିଲେ । ଅକ୍ଷୟ ରଣା କର୍ତ୍ତା ରହିଛନ୍ତି। ଶ୍ରଦ୍ଧାଳୁମାନେ ସଂକୀର୍ତ୍ତନ ସହ ଶୋଭାଯାତ୍ରାରେ ଯାଇ ମାଟି ସଂଗ୍ରହ କରିଥିଲେ । ପରେ ମାଟିକୁ ନେଇ ପୂଜାବେଦୀରେ ସ୍ଥାପନ କରାଯାଇଥିଲା । ଆସନ୍ତା ମାସ ୧୩ ରୁ ୧୬ ତାରିଖ ଯାଏ ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହେବ ବୋଲି ପୂଜା କମିଟି ସୂତ୍ରରୁ ପ୍ରକାଶ ।

### ଆବାସ ଯୋଜନାରେ ଘର ଯୋଗାଇବାକୁ ଦାବି



**ଟିକ୍ରାପଡା, ୧୬।୯(ଡି.ଏନ.ଏ.):** ବଲାଙ୍ଗୀର ଜିଲା ସଇଁତଳା ବ୍ଲକ କରମତଲା ପଞ୍ଚାୟତ ଅଧୀନ ତୁଷ୍ଟାପାଲି ଗାଁର ଅର୍ଜୁନ ବାଗଙ୍କ ଦୁଇ ବଖରା ଘର ଗତ ମାସ ୧୩ ତାରିଖରେ ଲଗାଣ ବର୍ଷା ଯୋଗୁଁ ଭାଙ୍ଗି ପଡିଥିଲା । ଘଟଣାକୁ ଏକ ମାସ ବିତି ସାରିଛି । ଅର୍ଜୁନଙ୍କ ପରିବାର ସେହି ସମୟରେ ଘର ମଧରେ ଶୋଇଥିବା ବେଳେ ଅର୍ଜୁନ, ତାଙ୍କ ସ୍ତ୍ରୀ ଓ ଝିଅ(୧୭)ଙ୍କ ଜୀବନ ବଞ୍ଚିଯାଇଥିଲା । ଏକ ଅସ୍ଥାୟୀ ଘର ସେ ତିଆରି କରି ବହୁ କଷ୍ଟରେ ରହୁଛନ୍ତି। ଇତି ମଧ୍ୟରେ ସ୍ଥାନୀୟ ସରପଞ୍ଚ ହିମାଞ୍ଚଳ ବୁଡେକ ଓ ରାଜସ୍ୱ ନିରୀକ୍ଷକ ଘଟଣାସ୍ଥଳ ପରିଦର୍ଶନ କରି ଫେରିଛନ୍ତି। ତହସିଲ ଅଫିସରୁ ଏକ ପଲିଥିନ ଅର୍ଜୁନଙ୍କୁ ମିଳିଛି । ବିଜୁ ପକ୍କା ଘର କିମ୍ବା ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରି ଅର୍ଜୁନଙ୍କୁ ସହାୟତା ପ୍ରଦାନ କରାଯିବାକୁ ଗ୍ରାମବାସୀ ଦାବି କରିଛନ୍ତି।

### କଟାପାଲିରେ ଭାଗବତ ଜନ୍ମ

**ବେଲପଡା/ଖପ୍ରାଖୋଲ, ୧୬।୯ (ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ପଞ୍ଚାୟତ ଅନ୍ତର୍ଗତ କଟାପାଲି ଗ୍ରାମରେ ୨୩ତମ ଭାଗଗତ ଜନ୍ମପୂଜା ଅନୁଷ୍ଠିତ ହୋଇଯାଇଛି । ଯାଦବ ସମାଜ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବଳରାମ ସିଂ ଯାଦବ, ପଶ୍ଚିମ ଓଡିଶା ଯାଦବ ବିକାଶ ପରିଷଦ ଜିଲା ସଭାପତି ସାନନ୍ଦ ବାଗ ଯୋଗ ଦେଇଥିଲେ । ଭାଗବତ ଜନ୍ମ ପାଇଁ କଟାପାଲି ଓ ପାଟିମାଲର ସଂକୀର୍ତ୍ତନ ଦଳ ସଂକୀର୍ତ୍ତନ୍ୟ ପରିବେଷଣ କରିଥିଲେ । ବିଦ୍ୟାଧର କଠାର, ଅବିନ ହଂସ ,ଜଳନ୍ଧର କଠାର,ଶେଷଦେବ ବନଛୋର,ଲକ୍ଷ୍ମଣ ବାଗ ,ହେମସାଗର କଠାର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପଣ୍ଡିତ କମଳାପତି ମିଶ୍ର ଭାଗବତ ପଠନ କରିଥିଲେ ।

■ ଏନ୍‌ଆର୍‌ଏଚ୍‌ଏମ୍ ନିର୍ଦ୍ଦେଶକଙ୍କ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ

# ୫ଦଫା ଦାବି ପୂରଣ ଲାଗି ସ୍ମାରକପତ୍ର

**ଲୋଇସିଂହା,୧୬।୯(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଏନଆରଏଚଏମ(ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ)ର ଅତିରିକ୍ତ ନିର୍ଦ୍ଦେଶକ ମୃଣାଳକାନ୍ତି ଦାସ ସୋମବାର ପରିଦର୍ଶନ କରିଥିଲେ। ତାଙ୍କ ସହ ୱେଷ୍ଟ ମ୍ୟାନେଜମେଣ୍ଟ ନିର୍ଦ୍ଦେଶକ ଏ.କେ.ଦାସ, ଅର୍ବାନ ହେଲଥ୍ ପ୍ରୋଗ୍ରାମ ମ୍ୟାନେଜର, ଏଡିପିଏଚଓ(ଏଫଡବ୍ଲୁ) ଡାକ୍ତର ଜ୍ଞାନବ୍ରତ ମହାନ୍ତି ଓ ବଲାଙ୍ଗୀର ଡିପିଏମ ମୃତ୍ୟୁଞ୍ଜୟ ମୁଣ୍ଡ, ଡିଏଏମ ଫାଲଗୁନୀ ସାହୁ ପ୍ରମୁଖ ସାମିଲ ଥିଲେ। ସେମାନେ ବର୍ହି ବିଭାଗ, ଡ୍ରେସିଂରୁମ, ଆନ୍ତଃବିଭାଗ, ଷ୍ଟାଫନର୍ସ ଚ୍ୟାମ୍ବର, ରକ୍ତ ପରୀକ୍ଷାକେନ୍ଦ୍ର ଓ ନିର୍ମାଣାଧୀନ ସ୍ୱାସ୍ଥ୍ୟ କେନ୍ଦ୍ର ଉପରମହଲା କାମ ବୁଲି ଦେଖିଥିଲେ । ଏହି ଅବସରରେ ଭାଜପାର ଏକ ପ୍ରତିନିଧି ମଣ୍ଡଳୀ ରୋଗୀ ତୁଳନାରେ ଡାକ୍ତର ଅଭାବ ସମ୍ପର୍କରେ ପ୍ରତିନିଧି ଦଳକୁ ଅବଗତ କରିଥିଲେ ।



ଏନଆରଏଚଏମ ପ୍ରତିନିଧି ଦଳକୁ ଦାବିପତ୍ର ପ୍ରଦାନ କରାଯାଉଛି।

ବିଶେଷ କରି ଶିଶୁ, ମେଡିସିନ ବିଶେଷଜ୍ଞ ଡାକ୍ତର ନ ଥିବାରୁ ରୋଗୀମାନେ ଅଧିକ ୨୦ କିମି ବଲାଙ୍ଗୀର ଯିବାକୁ ପଡୁଥିବା ନେଇ ଜଣାଇଥିଲେ । ଏତଦ୍‌ବ୍ୟତୀତ ରୋଗୀଙ୍କୁ କ୍ଷୀର ଓ ପାଉଁରୁଟି ଦିଆଯାଉ ନ ଥିବା, ସ୍ୱାସ୍ଥ୍ୟକେନ୍ଦ୍ର ଅଲଟ୍ରାସାଉଣ୍ଡ ମେଶିନ ଅଚଳ ହୋଇପଡିଥିବା, ୧୦୮ ଆମ୍ବୁଲାନ୍ସ ନଥିବା ଆଦି ଅଭିଯୋଗ ହୋଇଥିଲା । କୁଶଙ୍କ ଉପସ୍ୱାସ୍ଥ୍ୟ କେନ୍ଦ୍ରର ଅବହେଳା ସଂକ୍ରାନ୍ତରେ ପ୍ରତିନିଧି ଦଳର ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏହି ଅବସରରେ ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ୫ଦଫା ଦାବିପତ୍ର ପ୍ରଦାନ କରାଯାଇଥିଲା । ଦାବିଗୁଡିକ ମଧ୍ୟରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଉନ୍ନୀତ କରି ଉପଖଣ୍ଡୀୟ ଡାକ୍ତରଖାନା ମାନ୍ୟତା କରି ୧ଶହ ଶଯ୍ୟା ବିଶିଷ୍ଟ କରିବା, ସମସ୍ତ ବିଶେଷଜ୍ଞ ଡାକ୍ତର ନିଯୁକ୍ତି, ସରକାରୀ କ୍ୱାର୍ଟର୍ସରେ ଡାକ୍ତର ଓ କର୍ମଚାରୀ ରହିବାକୁ ନିର୍ଦ୍ଦେଶ, ସାପ୍ତାହିକ ଦୁଇଦିନ ବଦଳରେ ୬ ଦିନ ଯାକ ଜନ୍ମମୃତ୍ୟୁ ପ୍ରମାଣପତ୍ର ପ୍ରଦାନ ଦାବି ଆଦି ରହିଛି। ଏହି ଅବସରରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ସ୍ମିତା ଶତପଥୀ ମଧ୍ୟ ଏନଆରଏଚଏମ ନିର୍ଦ୍ଦେଶକଙ୍କୁ ଡାକ୍ତର ଅଭାବ ସମ୍ପର୍କରେ ଜଣାଇଥିଲେ । ଏନଆଏଚଏମ ପ୍ରତିନିଧି ଦଳକୁ ଭାଜପାର ସରୋଜ କୁମାର ତ୍ରିପାଠୀ, ଯତିନ୍ଦ୍ର କୁମାର ପଟେଲ, ବିଧାୟକଙ୍କ ସ୍ୱାସ୍ଥ୍ୟ ବିଭାଗ ପ୍ରତିନିଧି ରଙ୍କ ପଣ୍ଡା, ଏମ୍‌ପିଙ୍କ ରୋଗୀ କଲ୍ୟାଣ ସମିତି ପ୍ରତିନିଧି ଟିଙ୍କୁ ସାହୁ, ଭୂତନାଥ ନାଏକ, ତୁମେଶ୍ୱର ସାହୁ, ସୁଦୀପ ସା ଓ ଆଞ୍ଚଳିକ ବିକାଶ ପରିଷଦର ସରୋଜ ବିଶ୍ୱାଳ, ଲଲମନ ନାଗ ପ୍ରମୁଖ ଉପସ୍ଥିତ ଥିଲେ। ପରେ ପ୍ରତିନିଧି ଦଳ ବ୍ଲକର ବାଦିମୁଣ୍ଡା ଏବଂ ଉପରବାହାଲ ଉପସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନରେ ଯାଇଥିଲେ ।




ଚାଳକଙ୍କୁ ସଚେତନ କରୁଛନ୍ତି ପୋଲିସ ଅଧିକାରୀ।

## ପୋଲିସ ସଚେତନତା କାର୍ଯ୍ୟକ୍ରମ

**ଟିଟିଲାଗଡ, ୧୬।୯(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଟିଟିଲାଗଡ଼ରେ ପୋଲିସ ପକ୍ଷରୁ ନୂତନ ମୋଟର ଯାନ ଆଇନ ସମ୍ବନ୍ଧରେ ଲୋକଙ୍କୁ ସଚେତନ କରାଯାଇଛି। ଏସଡିପିଓ ସୁରେନ୍ଦ୍ରନାଥ ଶତପଥୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଥାନା ଅଧିକାରୀ ପ୍ରଭାତ ରଞ୍ଜନ ମହାନ୍ତିଙ୍କ ସମେତ ଥାନାର ସମସ୍ତ କର୍ମଚାରୀ ଏକ ସଚେତନ ଶୋଭାଯାତ୍ରାରେ ବାହାରି ରାସ୍ତାରେ ଯାଉଥିବା ଚାରିଚକିଆ, ଦୁଇଚକିଆ ବାହନ ଆରୋହୀଙ୍କୁ ପ୍ରଚାର ପତ୍ର ଦେଇ ସଚେତନ କରାଇଥିଲେ। ଆଗାମୀ ଦିନରେ ଆଇନକୁ ଭଙ୍ଗକଲେ ଦଣ୍ଡିତ ହେବେ ବୋଲି ସୂଚାଇ ଦେଇଥିଲେ। ଲୋକେ ସଚେତନ ହେଲେ ଦୁର୍ଘଟଣା ଦୂର ହେବା ସହିତ ଜନଜୀବନ ସୁରକ୍ଷିତ ହେବ ବୋଲି ଶତପଥୀ କହିଥିଲେ ।

ଗୁହାରି କେହି ନାଇଁ ଶୁନ୍‌ଲେ

## ରାସ୍‌ତା ମରାମତି କଲେ ଗାଁର ପିଲେ

**ଲାଠୋର, ୧୬।୯ (ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଟଙ୍କପାଣି ପଁଚେତ୍ ଅଧୀନ ଧରନିମାଲରୁ ନୂଆପଡ଼ା ଜିଲା ଲଖନାକେ ସଂଯୋଗ କରୁଥିବାର ରାସ୍‌ତାର ଅବସ୍‌ତା ବହୁତ୍ ଖରାପ ହେଇଯାଇଥିଲା। ଗାଁବାସୀ ବାରବାର ପଁଚେତ୍ କତ୍ତୃରପକ୍ଷକୁଁ ସମସିଆର ସମାଧାନ ଲାଗି ଗୁହାରି କରି ନିରାଶ ହେଇଥିଲେ। ଗାଁବାସୀକର କଥା କେହି ନାଇଁ ଶୁନଲେ। ଯେନ୍‌ଥିରଲାଗି ଇ ରାସ୍‌ତା ଦେଇ ଯାଉଥିବାର ଗାଡ଼ିମଟର, ଚାଲ୍‌ତି ଲୋକ୍ ବହୁତ ହଇରାନ ହରକତ ହେଉଥିଲେ। ଧରନିମାଲରୁ ୩ କି.ମି. ରାସ୍‌ତାର ଅବସ୍‌ତା ଏନ୍‌ତା ଖରାପ ଥିଲା ଯେ, ଗାଡ଼ିମଟର ତ ଦୂରର କଥା ଲୋକ୍ ଚାଲିକରି ଯିବାର ଲାଗି ବି ହଦ୍‌ରି ଦେଉଥିଲେ। ଏନ୍‌ତାଥି ଗାଁର ଝନେ ଯୁବକ ବୈକୁଣ୍ଠ ଶବରକଁର ମଂଗୁଆଲତିରେ କୁମର ମାଝି, ବଲମତ ଭୋଇ, ପ୍ରଦୀପ ଶବର, ଡୋଲାମଣି ଭୋଇ, ଯଦୁମଣି ଭୋଇ ଆର ଉନିଆ ଯୁବକ ରାସ୍‌ତା ମରାମତି କରବାକେ ଅଁଟା ଭିଡ଼ିଥିଲେ। ନିଜର ଖରଚ୍‌ରେ ଟ୍ରାକ୍ଟରରେ ବାଲି, ମାଟି ଆନି ରାସ୍‌ତା ଚପଟ୍ କରିଥିଲେ। ଯୁବକମାନକର ଇ ପଦକ୍ଷେପକେ ଅଂଚଲବାସୀ ବଡ଼ଭାରି ପରଶଁସା କରିଛନ୍।



ନିଜର ଖରଚ୍‌ରେ ରାସ୍‌ତା ମରାମତି କରୁଛନ୍ ଧରନିମାଲ ଗାଁର ପିଲାମାନେ।

## ଉଦ୍ୟୋଗୀ ବିକାଶ ତାଲିମ ଶିବିର

**ଲାଠୋର, ୧୬।୯(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋରସ୍ଥିତ ଗୋଷ୍ଠୀ କେନ୍ଦ୍ର ପରିସରରେ ସୋମବାର ଉଦ୍ୟୋଗୀ ବିକାଶ ତାଲିମ ଶିବିର ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଜିଲା ଶିଳ୍ପକେନ୍ଦ୍ରର ମୁଖ୍ୟ ପରିଚାଳକ ଇଂ. ପ୍ରଭୁପ୍ରସାଦ ଚୌଧୁରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥିଭାବେ ଲାଠୋର ସରପଞ୍ଚ ପ୍ରବୀଣ ଅଗ୍ରୱାଲ, ସଫଳ ଉଦ୍ୟୋଗୀ ନନ୍ଦିଘୋଷ ମେହେର, ଅବସରପ୍ରାପ୍ତ ଶିକ୍ଷକ ସଦାନନ୍ଦ ବେହେରା ଯୋଗଦେଇଥଇଲେ। ତାଲିମ ଗ୍ରହଣ କରି ସଫଳତା ହାସଲ କରିବାକୁ ଯୁବ ଉଦ୍ୟୋଗୀମାନଙ୍କୁ ଅତିଥିମାନେ ପରାମର୍ଶ ଦେଇଥିଲେ। ରାଜ୍ୟ ସରକାରଙ୍କ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ବିଭାଗ ଆନୁକୂଲ୍ୟରେ ଆୟୋଜିତ ତାଲମ ଶିବିରକୁ ଶିଳ୍ପ ବିକାଶ ଅଧିକାରୀ ଇଂ ଏ.କେ. ସାହୁ ପରିଚାଳନା କରିଥିଲେ। ଆସନ୍ତା ୩୦ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଶିବିରର ପ୍ରଥମ ଦିନରେ ତାଲିମଦାତାଭାବେ କାହ୍ନୁ ଚରଣ ଦାସ ଯୋଗଦେଇ ୩୦ଜଣ ଉଦ୍ୟୋଗୀଙ୍କୁ ତାଲିମ ପ୍ରଦାନ କରିଥିଲେ। ପ୍ରାଥମିକ ପର୍ଯ୍ୟାୟରେ ୩୦ଜଣଙ୍କୁ ମନୋନୀତ କରି ତାଲିମ ପ୍ରଦାନ କରାଯାଉଥିବା ବେଳେ ପରବର୍ତ୍ତୀ ପର୍ଯ୍ୟାୟରେ ଅନ୍ୟମାନଙ୍କୁ ସୁଯୋଗ ଦିଆଯିବ ବୋଲି ସୂଚନା ଦିଆଯାଇଥିଲା।



୫ଟି ଶ୍ରେଣୀର ଛାତ୍ରୀଛାତ୍ର ଅବ୍ୟବସ୍ଥାରେ ଏକାଠି ବସି ପଢୁଛନ୍ତି ।

ଅବ୍ୟବସ୍ଥାରେ ଚାଲିଛି ପାଠପଢ଼ା

## ଗୋଟିଏ କୋଠରିରେ ୫ ଶ୍ରେଣୀର ଛାତ୍ରୀଛାତ୍ର

**ଦେଓଗାଁ,୧୬।୯(ଡି.ଏନ.ଏ.)**

ଦେଓଗାଁ ବ୍ଲକ ଗୁଡଖାପଲା ସରକାରୀ ପ୍ରାଥମିକ ବିଦ୍ୟାଳୟ ଏବେ ନାନା ଅବ୍ୟବସ୍ଥା ମଧ୍ୟଦେଇ ଗତି କରୁଛି। ଏଠାରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୪୫ ଜଣ ଛାତ୍ରୀଛାତ୍ର କୋଟିଏ କୋଠରିରେ ବସି ଅବ୍ୟବସ୍ଥାରେ ପାଠ ପଢୁଛନ୍ତି। ଏମାନଙ୍କୁ ପଢ଼ାଇବା ପାଇଁ ପ୍ରଧାନଶିକ୍ଷକ ମହେନ୍ଦ୍ର କୁମାର ଦାଶ ଓ ଜଣେ କନିଷ୍ଠ ଶିକ୍ଷୟିତ୍ରୀ ପ୍ରୀୟଦର୍ଶିନୀ ପଟେଲ ନିଯୁକ୍ତ ହୋଇଛନ୍ତି ।୧୯୬୦ ମସିହାରୁ ସ୍ଥାପିତ ଏହି ବିଦ୍ୟାଳୟର ଉନ୍ନତି ପ୍ରତି କେହି ଦୃଷ୍ଟି ଦେଉ ନ ଥିବାରୁ ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଇଛି । ଚାରିବର୍ଷ ତଳେ କୋଠରୀ ଅଭାବ ଯୋଗୁଁ ପାଠପଢାରେ ସମସ୍ୟା ହେଉଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ। ଏହା ପରେ ସ୍ଥାନୀୟ ପଞ୍ଚାୟତରୁ ୨ଲକ୍ଷ ୨୭ ହଜାର ଟଙ୍କା ମଞ୍ଜୁର କରାଯାଇ ଏକ ଅତିରିକ୍ତ କୋଠରୀ ନିର୍ମାଣ କାମ ଆରମ୍ଭ କରାଯାଇଥିଲା । ହେଲେ ତତ୍କାଳୀନ ବଡବାହାଲ ପଞ୍ଚାୟତ କର୍ତ୍ତୃପକ୍ଷ ଜନୈକ ବ୍ୟକ୍ତିଙ୍କୁ କାର୍ଯ୍ୟରେ ନିୟୋଜିତ କରିଥିଲେ। ସେ ଛାତ ଲେଭଲ ପର୍ଯ୍ୟନ୍ତ କାମକରି ଅଧାପନ୍ତରିଆ ଭାବେ ଛାଡି ଦେଇଛନ୍ତି । ବର୍ତ୍ତମାନ ଗୁଡଖାପଲା ନୂତନ ପଞ୍ଚାୟତ ଗଠନ ହୋଇଛି। ନବଗଠିତ ପଞ୍ଚାୟତ କର୍ତ୍ତୃପକ୍ଷ ଉକ୍ତ କୋଠା ନିର୍ମାଣରେ ଅର୍ଥ ହେରଫେର ଅଭିଯୋଗ ରହିଛି ବୋଲି କହି କାମ ସମ୍ପୂର୍ଣ୍ଣ କରୁ ନ ଥିବା ପ୍ରଧାନଶିକ୍ଷକ ଦାଶ କହିଛନ୍ତି । ଏ ନେଇ ବ୍ଲକ ଶିକ୍ଷାଧିକାରୀ ଭାଗ୍ୟବତୀ ଦାଶଙ୍କୁ ପଚାରିବାରୁ ଛାତ୍ରୀଛାତ୍ର ଅଧିକ ରହୁଥିବା ସ୍କୁଲମାନଙ୍କରେ ଆବଶ୍ୟକ କୋଠରୀ ଅଭାବ ରହିଛି । ଏଣୁ ବାଧହୋଇ ଗୋଟିଏ ଲେଖାଏଁ କୋଠରୀରେ ପିଲାଙ୍କୁ ଏକାଠି ବସାଇ ଶିକ୍ଷୟିତ୍ରୀଶିକ୍ଷକମାନେ ପାଠ ପଢ଼ାଉଛନ୍ତି । ଗୋଟିଏ କୋଠରୀରେ କେବଳ ଗୋଟିଏ ଶ୍ରେଣୀର ପିଲା ପାଠ ପଢ଼ିଲେ ଶିକ୍ଷାର ମାନବୃଦ୍ଧି ହୋଇପାରନ୍ତା ବୋଲି ସେ କହିଛନ୍ତି।

## ବ୍ଲକସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର

**ମୁରିବାହାଲ, ୧୬।୯ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର ସୋମବାର ମୁରିବାହାଲ ପଞ୍ଚାୟତ ହାଇସ୍କୁଲର ପରିସରଠାରେ ଅନୁଷ୍ଠିତ ହୋଇଯାଇଛି। ମୁରିବାହାଲ ବ୍ଲକର ୨୧ ଗୋଟି ଉଚ୍ଚ ବିଦ୍ୟାଳୟ ଓ ୧ଗୋଟି ଆଦର୍ଶ ବିଦ୍ୟାଳୟ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନଙ୍କୁ ନେଇ ବିଜ୍ଞାନ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ମୁରିବାହାଲ ପଞ୍ଚାୟତ ହାଇସ୍କୁଲ ପ୍ରଧାନଶିକ୍ଷକ ତଥା ଆବାହକ ପୀତବାସ ସାହୁଙ୍କ ତତ୍ତ୍ୱାବଧାନରେ ପ୍ରତିଯୋଗୀ ଓ ବିଜ୍ଞାନ ଶିକ୍ଷକମାନେ ଯୋଗଦେଇଥିଲେ । ତନ୍ମଧ୍ୟରୁ ୨୨ଜଣ ପ୍ରତିଯୋଗୀ ବିଜ୍ଞାନ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସେଥିରେ ତେନ୍ତୁଲିଖୁଣ୍ଟି ସରକାରୀ ଉଚ୍ଚ ବିଦ୍ୟାଳୟର ବିଷ୍ଣୁପ୍ରିୟା ବେହେରା ପ୍ରଥମ, ସିରୋଳ ଉନ୍ନିତ ଉଚ୍ଚ ବିଦ୍ୟାଳୟ ଏକତା ଲୁହା ଦ୍ୱିତୀୟ, ଓଡିଶା ଆଦର୍ଶ ବିଦ୍ୟାଳୟ ଛାତ୍ର ସୁଜନ କୁମାର ମେହେର ତୃତୀୟ ସ୍ଥାନ ଅଧିକାର କରିଥିଲେ। ଆସନ୍ତା ଅକ୍ଟୋବର ୧ ତାରିଖ ହେବାକୁ ଥିବା ଜିଲାସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ରକୁ ପ୍ରଥମ ସ୍ଥାନ ଅଧିକାର କରିଥିବା ବିଷ୍ଣୁପ୍ରିୟା ବେହେରାଙ୍କୁ ମନୋନୀତ କରାଯାଇଛି। ବଙ୍ଗୋମୁଣ୍ଡା ବ୍ଲକର ନିଲୁ ସାହୁ, ଅଶୋକ କୁମାର ସାହୁ ବିଜ୍ଞାନ ଆଲୋଚନଚକ୍ରରେ ବିଚାରକ ଦାୟିତ୍ୱ ନିର୍ବାହ କରିଥିଲେ । ଶ୍ରୀମନ୍ତ ନାୟକ ସଭାକୁ ସଂଯୋଜନା କରିଥିବା ବେଳେ ବ୍ଲକ ସଂଯୋଜକ ଷ୍ଟିଫେନ ନାଗ ଏଥିରେ ସହଯୋଗ କରିଥିଲେ। ଦେବଙ୍ଗ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଅଶୋକ ତରିଆ ଧନ୍ୟବାଦ ଅର୍ପଣ କରିଥିଲେ।




ବ୍ଲକସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥି।

ସୁଖ୍ ଛଡ଼େଇ ନେଲା ଦଇବ

## ବାସହରା କଲା ଲଘୁଚାପ ବରଷା

**ଖପ୍ରାଖୋଲ, ୧୬।୯ (ଡି.ଏନ୍.ଏ.)**

ଖପ୍ରାଖୋଲ ବ୍ଲକ ମହରାପଦର ପଁଚେତ୍ ଡମନିମାଲ ଗାଁର ବିଧବା ମହିଲା ଜନକ ବେହେରା। ମାସେ ତଲେ ଆପ୍‌ନେ ନେପାଳ ବେହେରା(୪୨)କୁଁ ହରେଇ ଦୁଖେ ଭାଂଗି ପଡ଼ିଛନ୍। ଏନ୍‌ତା ପରିସ୍ଥିତିରେ ଲଘୁଚାପ ପରଭାବରେ ହେଇଥିବାର ଲଗେତ୍ ବରଷା ପରିବାରକେ ବାସହରା କରିଦେଇଛେ।

ସୂଚନା ଅନ୍‌ସାରେ ଡମନିମାଲ ଗାଁର ନିସାହା ବିଧବା ମହିଲା ଜନକ ବେହେରା। ମାସେ ତଲେ ଆପ୍‌ନେ ନେପାଳ ବେହେରା(୪୨) କିଡ଼୍‌ନୀ ରୋଗ୍‌ରେ ପଡ଼ି ଆରପାରକେ ଚାଲିଯାଇଛନ୍। ଗଲା ୩ ବଛର ହେଲା ସେ କିଡ଼୍‌ନୀ ରୋଗ୍‌ରେ ପୀଡ଼ିତ ଥିଲେ। ଘରେ ଯାହାଥିଲା ବିକାଭଂଗା କରି ଚିକିଛା କରାଲେ, ହେଲେ ଶେଷେ ତାକର ଜୀବନ୍ ପଲେଇଗଲା। ଏହେଦ ଦୁଇ ଝିଁପୁଓକେ ନେଇ ଜନକକଁର ପରିବାର। ନେପାଳ ଆଗରୁ ପାଟଣାଗଡ଼ରେ ଗୁଟେ ହୋଟେଲରେ କାମ କରୁଥିଲାବେଲେ ଜନକ ଗୁଟେ ଘରୋଇ ଶିକ୍ଷାନୁଷ୍ଠାନରେ ସହାୟିକା ହିସାବେ କାମ୍ କରୁଥିଲେ। ଦମ୍ପତି ଯାହା କମଉଥିଲେ ସେଥିରେ ପରିବାର ଚଲବାର ସଂଗେ ପିଲାଛୁଆକର ପାଠ୍‌ପଢ଼ା ଖରଚ୍ ତୁଲଉଥିଲେ। ହେଲେ ନେପାଳ କିଡ଼୍‌ନୀ ରୋଗ୍‌ରେ ପଡ଼ଲା ଉତାରୁ ସବୁ ଉଲଟପାଲଟ ହେଇଯାଇଥିଲା। ଦମ୍ପତି ପେଟ୍‌କାଟି ଯାହା ସଁଚିଥିଲେ ନେପାଳ ଚିକିଛାରେ ସାରିଦେଲେ। ଏହେଦେ ଘରର ଅବସ୍‌ତା ଏନ୍‌ତା ଯେ ଜନକକୁଁ ପରିବାରର ପେଟ୍ ପାଲବାର ଲାଗି ଭିଡ଼ ପଡ଼ିଯାଉଛେ। ଇଆଡ଼େ ପୁଓ ପାଟଣାଗଡ଼ ରାମପୁର ଉଚ୍ଚ ବିଦ୍ୟାଳୟରେ ନବମ ଶ୍ରେଣୀରେ ପଢୁଥିଲାବେଲେ ଝିଁ ନିଜର ମାଉସୀ ଘରେ ରହି ଦଶମ ଶ୍ରେଣୀରେ ପଢୁଛେ। ହେଲେ ନେପାଳକଁର ମୁରତୁ ଉତାରୁ ପରିବାରଟା ବହୁତ୍ ଅଭାବ ଅନାଟନ୍‌ରେ ଚଲୁଛନ୍। ଏନ୍‌ତାଥି ଫେର ଇ ଦୁଖି ପରିବାରକେ ଦାଉ ସାଧିଛେ ଲଗେତ୍ ବରଷା। ଦିନାକେତେ ତଲେ ଲଘୁଚାପ ପରଭାବରେ ହେଇଥିବାର ଲଗେତ୍ ବରଷାରେ ତାକର ଘରଟା ବି ଭାଂଗି ଯାଇଛେ। ଯେନ୍‌ଥିରଲାଗି ଜନକ ଝିଁପୁଓକେ ଧରି ପଡ଼ିଶା ଘରେ ଆଶ୍‌ରେ ନେଇଛନ୍। ଇଆଡ଼େ ସରକାରୀ ସାହାଯ୍ କହେଲେ ପରିବାରକେ ମାସିକ ମିଳୁଥିବାର ୨୦ କେ.ଜି. ଚାଉଲ ନ ସାହାଭରସା। ଜନକ ଘରଟା କେନ୍‌ଥେଇ ମରାମତି କରବେ ଆର ପିଲାଛୁଆକୁ ପାଠ୍ ପଢ଼େଇ ମୁନୁଷ୍ କରବେ ସେ ଚିନ୍‌ତାରେ ହରମେଶା ଘାରି ହେଉଛନ୍। ନିସାହା ଜନକ ଗଣମାଧ୍ୟମ ଜରିଆରେ ପିଲାଛୁଆକର ପାଠ୍‌ପଢ଼ା ସାହାଯ୍ ଆର ସରକାରୀ ଯୋଜନାରେ ଘର ଖଁଡ଼େ ଯୁଗେଇ ଦେବାକେ ପରଶାସନକେ ଗୁହାରି କରିଛନ୍। ଇ ବାବ୍‌ଦେ ଖପ୍ରାଖୋଲ ବିଡିଓ ତରଣୀ ସୁନାକୁଁ ପଚରାଲାରୁ ଘର ଖଁଡ଼େ ଯୁଗେଇ ଦେବାର ଲାଗି ପଦକ୍ଷେପ ନିଆଯିବା। ପରିବାରଟା ବିପିଏଲ୍ ତାଲିକାରେ ଥିଲେ ଜାତୀୟ ପରିବାର ମଙ୍ଗଳ ଯୋଜନାରେ ୨୦ ହଜାର ଟଁକା ସାହାଯ୍ ସଂଗେ ଘଟନାର ତଦଁତ୍ କରି ପିଲାଛୁଆକର ପାଠ୍‌ପଢ଼ା ସାହାଯ୍‌ର ବେବସ୍‌ତା କରାଯିବା ବଲି ସେ କହିଥିଲେ।



ନିଜର ଝିଁପୁଓ ସଂଗେ ନିସାହା ବିଧବା ଜନକ।



ସବୁଠାରୁ ଅଳ୍ପରେ ଯିଏ ସନ୍ତୁଷ୍ଟ ହୋଇପାରିଲା, ସେ ହିଁ ସଂସାରରେ ଶ୍ରେଷ୍ଠ ଧନୀ। କାରଣ ସନ୍ତୋଷ ହିଁ ପ୍ରକୃତ ସମ୍ପଦ।
-ସକ୍ରେଟିସ୍



## ସଂକ୍ଷେପରେ

### ନୂଆପଡ଼ାରେ ହିନ୍ଦୀ ଦିବସ ପାଳିତ

ନୂଆପଡ଼ା ଅଫିସ,୧୬।୯- ସ୍ଥାନୀୟ ନ୍ୟାଶନାଲ କଲେଜରେ ଜାତୀୟ ହିନ୍ଦୀ ଦିବସ ପାଳିତ ହୋଇଯାଇଛି। ବିଭାଗ ମୁଖ୍ୟ ଗଜେନ୍ଦ୍ର ପ୍ରସାଦ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ପୂର୍ବତନ ଅଧ୍ୟକ୍ଷ ଡ. ବିଶ୍ୱବିମୋହନ ଶରଣ ଦାସ ମୁଖ୍ୟଅତିଥି, ବର୍ତ୍ତମାନ ଅଧ୍ୟକ୍ଷ ସମରେନ୍ଦ୍ର ନାରାୟଣ ଦାସ, ପ୍ରାଧ୍ୟାପକ ସୁରେନ୍ଦ୍ର ମୋହନ ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ରାଜ୍ୟ ଭାଷା ପ୍ରତି ଆମର ସମ୍ମାନ କରିବା ସମସ୍ତ ନାଗରିକମାନଙ୍କ କର୍ତ୍ତବ୍ୟ ରହିଛି । ଏହା କଲେ ସମଗ୍ର ରାଷ୍ଟ୍ରକୁ ଏକତାର ସୂତ୍ରରେ ବାନ୍ଧି ରଖିପାରିବା ବୋଲି ବକ୍ତାମାନେ କହିଥିଲେ । ଅଧ୍ୟାପିକା ନମ୍ରତା ତ୍ରିପାଠୀ, କୁସ୍ମାଞ୍ଜଳୀ ସାହୁ, ଫୁଲେଶ୍ୱରୀ ସାହୁ ପ୍ରମୁଖ ହିନ୍ଦୀ ଦିବସ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଅଧ୍ୟାପକ ଦୁଲ୍ଲଭ ଚରଣ ବେହେରା, କବିତା ରଥ, ହିତେଶ କୁମାର ସାହୁ, ଶିବ ପ୍ରସାଦ ସା, ସଚିନ କୁମାର ବାବୁ, ଶ୍ୱେତା ତ୍ରିପାଠୀ, ପ୍ରକାଶ କୁମାର ସାହୁ ପ୍ରମୁଖ ଯୋଗ ଦେଇ ପରିଚାଳନାରେ ସହଯୋଗ କରିଥିଲେ ।

### ଗଜଲକ୍ଷ୍ମୀ ପୂଜା ପ୍ରସ୍ତୁତି ବୈଠକ

ଖଡିଆଳି,୧୬।୯ (ଡି.ଏନ.ଏ.)- ନୂଆପଡା ଜିଲା ଖଡିଆଳ ୱାର୍ଡ ନଂ. ୧୦ରେ ଗଜଲକ୍ଷ୍ମୀ ପୂଜାର ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଶୈଳେନ୍ଦ୍ର ପାଣିଗ୍ରାହୀ ସଭାପତିତ୍ୱରେ ପୂଜା ସମ୍ପାଦନ ପାଇଁ ଏକ କମିଟି ଗଠନ କରାଯାଇଥିଲା । ଏଥିରେ ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ସଭାପତି, ଉପସଭାପତି ଶୈଳେନ୍ଦ୍ର ପାଣିଗ୍ରାହୀ, ସମ୍ପାଦକ ପ୍ରଦୀପ୍ତ ମାହାଣା, ସୁନିଲ କୁମାର ନାଗ, ଚନ୍ଦନ ସାହୁ ଓ କୋଷାଧ୍ୟକ୍ଷ ଭାବେ ନିର୍ମଳ ଦଣ୍ଡସେନାଙ୍କୁ କାର୍ଯ୍ୟଭାର ପ୍ରଦାନ କରାଯାଇଥିଲା । ସୂଚନାଯୋଗ୍ୟ ଯେ, ଏହି ବର୍ଷ ଗଜଲକ୍ଷ୍ମୀ ପୂଜା ୩୬ ବର୍ଷରେ ପଦାର୍ପଣ କରୁଛି। ଲକ୍ଷ୍ମୀଚୌକ ରାସ୍ତା କଡରେ ପାଳିତ ହୋଇ ଆସୁଥିବା ବେଳେ ଏହି ବର୍ଷ ଇଣ୍ଡେନ ଗ୍ୟାସ ଗୋଦାମ ସମ୍ମୁଖରେ ପାଳିତ ହେବାକୁ ସ୍ଥିତ କରାଯାଇଛି। ବୈଠକରେ ଆଶିଷ ପଣ୍ଡା, ଆଶୁତୋଷ ଯୋଶୀ, ରୂପେଶ ଅଗ୍ରୱାଲ, ପ୍ରଦୀପ ମିଶ୍ର, ଦୁର୍ବାରଞ୍ଜନ ଖମାରୀ, ମନୋରଞ୍ଜନ ଦଣ୍ଡସେନା ପ୍ରମୁଖ ଉପସ୍ଥିତ ଥିଲେ।

### ଗୁହାରୀ ଶୁଣିବାକୁ ରାସ୍ତାକୁ ଓହ୍ଲାଇଲେ ଜିଲାପାଳ, ଏସ୍‌ପି

# ଆନ୍ଦୋଳନରୁ ଓହରିଲେ ଉଦ୍ୟାନବନ୍ଧବାସୀ

ନୂଆପଡା ଅଫିସ/କୋମନା, ୧୬।୯ (ଡି.ଏନ.ଏ.)



ଜିଲାପାଳ ଦାବିପତ୍ର ଗ୍ରହଣ କରି ଆଲୋଚନା କରୁଛନ୍ତି ।

ଜାତୀୟ ରାଜପଥର ଦୁରାବସ୍ଥାକୁ ନେଇ ଜିଲାବ୍ୟାପି ଅସନ୍ତୋଷ ଦୃଢୀଭୂତ ହେଉଥିବା ବେଳେ ଜିଲା ପ୍ରଶାସନ ଏହାର ଗୁରୁତ୍ୱକୁ ଉପଲବ୍ଧି କରିଛି । ନୂଆପଡ଼ା ଜିଲା କୋମନା ବ୍ଲକ ଉଦ୍ୟାନବନ୍ଧବାସୀ ଆନ୍ଦୋଳନ ମୁହାଁ ହେଉଥିବାବେଳେ ଏହାର ଅବ୍ୟବହିତ ପୂର୍ବରୁ ଖୋଦ ଜିଲାପାଳ ମଧୁସ୍ମିତା ସାହୁ ଏବଂ ଏସ୍‌ପି ବିନୀତ ଅଗ୍ରୱାଲ ଘଟଣାସ୍ଥଳକୁ ଯାଇ ଲୋକଙ୍କ ସହ ଆଲୋଚନା କରି ଦାବିପତ୍ର ଗ୍ରହଣ କରିଥିଲେ। ସେଠାରେ ବିଭାଗୀୟ ଅଧିକାରୀ ଏବଂ ଠିକାଦାରଙ୍କୁ ମଧ୍ୟ ତୁରନ୍ତ କାର୍ଯ୍ୟ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଅନ୍ୟାନ୍ୟ ଦାବିଗୁଡିକ ଉପରେ ତଦନ୍ତ କରାଯିବାକୁ ପ୍ରତିଶ୍ରୁତି ଦେଇଛନ୍ତି । ଏହାକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି ।

ସୂଚନାଯୋଗ୍ୟ ଯେ, ଆଜକୁ ୫ ବର୍ଷ ହେବ ନିର୍ମାଣ କାମ ଚାଲିଥିବା ୩୫୩ ନଂ. ଜାତୀୟ ରାଜପଥ ଆଜିଯାଏଁ ଶେଷ ହୋଇ ନ ଥିବାବେଳେ ବର୍ତ୍ତମାନ ବିଭିନ୍ନ ସ୍ଥାନରେ ଖାଲଖମା ହୋଇ ମରଣଯନ୍ତା ପାଲଟିଛି । ଏହାକୁ ନେଇ

**ଜାତୀୟ ରାଜପଥ ନିର୍ମାଣ ପ୍ରସଙ୍ଗ**

ବିଭିନ୍ନ ଜାଗାରେ ଆନ୍ଦୋଳନ ପାଇଁ ପ୍ରସ୍ତୁତି ଚାଲିଥିବାବେଳେ ସୋମବାର ଉଦ୍ୟାନବନ୍ଧବାସୀ ବନ୍ଦ ପାଳନ କରିବାକୁ ପ୍ରସ୍ତୁତି ଘୋଷଣା କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ରବିବାର ଏସ୍‌ପି ଅଗ୍ରୱାଲ ଆନ୍ଦୋଳନକାରୀମାନଙ୍କୁ ଡାକି ଆଲୋଚନା କରିଥିବାବେଳେ ଏହାକୁ ସେ ଜିଲାପାଳଙ୍କ ସହ ଆଲୋଚନା କରି ସମାଧାନ ରାସ୍ତା ବାହାର କରିବେ। ଆନ୍ଦୋଳନରୁ ବିରତ ରହିବାକୁ ଅନୁରୋଧ କରିଥିଲେ । ପ୍ରତିଶ୍ରୁତି ମୁତାବକ ସୋମବାର ପୂର୍ବାହ୍ନ ୧୧ଟାରେ ଖୋଦ ଜିଲାପାଳ ସାହୁ ଏବଂ ଏସ୍‌ପି ଅଗ୍ରୱାଲ ଉଦ୍ୟାନବନ୍ଧରେ ପହଞ୍ଚିଥିଲେ। ଆନ୍ଦୋଳନକାରୀମାନଙ୍କ ସହ ସିଧାସଳଖ ଆଲୋଚନା କରିଥିଲେ। ସେଠାକୁ ଠିକାଦାରଙ୍କ ପ୍ରତିନିଧିଙ୍କ ଡକାଇ ରାସ୍ତାର ଅବସ୍ଥା ବୁଲି ଦେଖିଥିଲେ। ତୁରନ୍ତ ଗାଡି ଚଳାଚଳ ସକାଶେ ରାସ୍ତା ମରାମତି କରିବା ସହ ରାସ୍ତା କାମ ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ଠିକା କମ୍ପାନୀ ଆସନ୍ତା ୨୦ ତାରିଖ ସୁଦ୍ଧା ଦଲଦଲିଠାରୁ ଖଡିଆଳ ଯାଏଁ ସବୁଜାଗାରେ ମରାମତି କରିବା ସହ ଆଗାମୀ ୭ ମାସ ମଧ୍ୟରେ ସମ୍ପୂର୍ଣ୍ଣ ରାସ୍ତା କାମ କରିବାକୁ ଲିଖିତ ପ୍ରତିଶ୍ରୁତି ଦେଇଛନ୍ତି । ଏହି ଅବସରରେ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ଏଥିରେ ଉଦ୍ୟାନବନ୍ଧରେ କ୍ରସ ଡ୍ରେନେଜ ନିର୍ମାଣ, ଜାତୀୟ ରାଜପଥରେ ବିସ୍ଥାପିତ ପରିବାରକୁ ଥଇଥାନ କରିବା ନାଁରେ ୨ କୋଟି ଟଙ୍କାର ଅନିୟମିତତା ହୋଇଛି । ଏହାର ତଦନ୍ତ କରିବାକୁ ଦାବି କରାଯାଇଛି। ଏହିଭଳି ଜାତୀୟ ରାଜପଥ ୩୫୩ରୁ କୁରେଶ୍ୱର ରାସ୍ତାକୁ ତୁରନ୍ତ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ସାମିଲ କରିବାକୁ କୁହାଯାଇଛି । ଜିଲାପାଳ ଏହି ସବୁ ଦାବି ଗୁଡିକୁ ତୁରନ୍ତ ପୂରଣ କରାଯିବା ଦିଗରେ ନିଜେ ପଦକ୍ଷେପ ନେବେ ବୋଲି କହିଥିଲେ। ଆନ୍ଦୋଳନକାରୀଙ୍କ ମଧ୍ୟରେ ସୋମନାଥ ଖମାରୀ, ପ୍ରଦୀପ ସାହୁ, ହେମନ୍ତ କୁମାର କର, ସନ୍ତୋଷ ମହାନ୍ତି, ଜହରଲାଲ ସୁନାନୀ, ଓମପ୍ରକାଶ ରଣା, ମୂରଲୀଧର ପାଢୀ, ହୋମସିଂ ମାଝି, ବିଶେଶ୍ୱର ଧରୁଆ ପ୍ରମୁଖ ସାମିଲ ଥିଲେ। ଜିଲା ପ୍ରଶାସନ ଲୋକଙ୍କ ନିକଟକୁ ଆସି ଆଲୋଚନା କରିଥିବାରୁ ସମସ୍ତେ ଖୁସି ପ୍ରକଟ କରିଥିଲେ। ଫଳରେ ପ୍ରଶାସନ ଜନସାଧାରଣଙ୍କ ଆସ୍ଥା ଭାଜନ ହୋଇପାରିଥିଲା ।





ନୂଆ ମୋଟର ଯାନ ଆଇନ ନେଇ ଲୋକଙ୍କୁ ସଚେତନ କରାଯାଉଛି।

# ନୂଆ ମୋଟର ଯାନ ଆଇନ ନେଇ ସଚେତନତା କାର୍ଯ୍ୟକ୍ରମ

ଖଡିଆଲ,୧୬।୯ (ଡି.ଏନ.ଏ.)

ନୂଆପଡା ଜିଲା ଖଡିଆଳ ପୋଲିସ ଓ ପରିବହନ ବିଭାଗ ପକ୍ଷରୁ ଖଡିଆଳ ସହରରେ ନୂଆ ମୋଟର ଆଇନ ଉପରେ ରାଲି ମାଧ୍ୟମରେ ସହର ପରିକ୍ରମା କରି ଲୋକଙ୍କୁ ସଚେତନତା କରାଯାଉଛି। ନୂଆ ମୋଟର ଯାନ ଆଇନ ଓଡିଶାରେ ଲାଗୁ କରାଯିବା ଦିନଠାରୁ ଲୋକଙ୍କ ନିଦ ହଜିଯାଇଛି । ନିୟମ ଅନୁସାରେ ଗାଡି ଚାଳକମାନଙ୍କ ନିକଟରେ ଆବଶ୍ୟକ ସମସ୍ତ କାଜପତ୍ର ନ ଥିବାରୁ ଲୋକେ ଟ୍ରାଫିକ ନିୟମ ଓ ମୋଟା ଅଙ୍କର ଜରିମାନା ଦେଖି ଗାଡି ଚାଳକ ମଧ୍ୟରେ ଛନକା ପଶି ଯାଇଛି । ଅପରପକ୍ଷ ରାଜ୍ୟ ସରକାର ଟ୍ରାଫିକ ନିୟମକୁ କୋହଳ କରିବା ସହ ଲୋକଙ୍କୁ ସମସ୍ତ କାଗଜପତ୍ର ତିଆରି କରିବା ପାଇଁ ୩ ମାସ ସୁଯୋଗ ଦେବା ପରେ ଲୋକେ ସାମାନ୍ୟ ଆଶ୍ୱସ୍ତି ପ୍ରକାଶ କରିଛନ୍ତି । ଖଡିଆଳ ଥାନା ଏସଡିପିଓ ବିରଞ୍ଚିନାରାୟଣ ଦେହୁରୀଙ୍କ ନେତୃତ୍ୱରେ ଖଡିଆଳ ଆଇଆଇସି କୈଳାଶ ଚନ୍ଦ୍ରସେଠି ଓ ଅନ୍ୟ ପୋଲିସ ଅଧିକାରୀ ସଚେତନତା ରାଲିରେ ସାମିଲ ହୋଇଥିଲେ । ଏଥିରେ ରାଜା ଏଟି ହାଇସ୍କୁଲ ଛାତ୍ରୀଛାତ୍ର, ନୂଆପଡା ଜିଲା ଖବରଦାତା ସଂଘ, ଜିଲା ପ୍ରେସ କ୍ଲବ କର୍ମକର୍ତ୍ତା, ଖଡିଆଳ ଓକିଲ ସଂଘ, ବଣିକ ସଂଘ କର୍ମକର୍ତ୍ତାଙ୍କ ସହ ସ୍ଥାନୀୟ ସଚେତନ ନାଗରିକମାନେ ସାମିଲ ହୋଇ ସରକାରଙ୍କ ନୂଆ ମୋଟର ଯାନ ଆଇନର ୫ଟି ନିୟମକୁ ପାଳନ କରିବାକୁ ପ୍ଲାକାର୍ଡ ଓ ସ୍ଲୋଗାନ ମାଧ୍ୟମରେ ଲୋକଙ୍କୁ ସଚେତନ କରିଛନ୍ତି ।

## ପଞ୍ଚାୟତସ୍ତରୀୟ ନୂଆଁଖାଇ ଭେଟ୍‌ଘାଟ୍

ଖଡିଆଲ,୧୬।୯ (ଡି.ଏନ.ଏ.)

ନୂଆପଡା ଜିଲା ଖଡିଆଳ ଲାଞ୍ଜି ଗ୍ରାମପଞ୍ଚାୟତଠାରେ ପଞ୍ଚାୟତସ୍ତରୀୟ ନୂଆଁଖାଇ ଭେଟ୍‌ଘାଟ୍ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ଗ୍ରାମର ଝାଙ୍କର ତଥା ସରପଞ୍ଚ ହିରାଧର ମାଝି ଧୂପ, ଦୀପ, ନୂଆ ଚାଉଳ ଦେଇ ଧରିତ୍ରୀ ମାତାଙ୍କୁ ପୂଜାର୍ଚ୍ଚନା କରିଥିଲେ। ପରେ ଉତ୍ସବରେ ଯୋଗଦେଇଥିବା ଅତିଥିମାନଙ୍କୁ ଗୁମୁର ଓ ବିଭିନ୍ନ ବାଦ୍ୟ ବଜାଇ ସଭା ସ୍ଥଳକୁ ପାଛୋଟି ନେଇଥିଲେ । ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷ ତଥା ଲାଞ୍ଜି ଗ୍ରାମର ସମିତି ସଭ୍ୟ ବାଳକୃଷ୍ଣ ଶବର ସଭାପତିତ୍ୱ କରିଥିବା ବେଳେ କୋମନା ବ୍ଲକ ଅଧକ୍ଷ ମନୋଜ ମିଶ୍ର ମୁଖ୍ୟଅତିଥି, ମୁଖ୍ୟବକ୍ତା ଶିକ୍ଷାବିତ ତଥା ଡ. ମେଜର ରାମଚନ୍ଦ୍ର ମିଶ୍ର, ସମ୍ମାନିତ ଅତିଥି ଭାବେ ପୂର୍ବତନ ଜିଲା ପରିଷଦ ଅଧକ୍ଷା ପୁଷ୍ପାଞ୍ଜଳି ପାଣ୍ଡେ, ସରପଞ୍ଚ ନନ୍ଦଲାଲ ପାଣ୍ଡେ, ବିଧଉର ଶବର, ଦହିମଟ ଭୋଇ, ଅନୁପ ସିଂଦେଓ, ଅବନୀ ସିଂହନିନା, କବିତା ବିଶିଙ୍କ ସମେତ ୨୨ ଜଣ ସରପଞ୍ଚ, ସମିତି ସଭ୍ୟାସଭ୍ୟ ଯୋଗଦେଇଥିଲେ। ଏହି ନୂଆଁଖାଇ ଭେଟଘାଟ ଉତ୍ସବରେ ଅଧକ୍ଷ, ସରପଞ୍ଚ, ସମିତିସଭ୍ୟାସଭ୍ୟ ଏକତାର ସହ ମନମାଳିନ୍ୟ ଭୁଲି ଖଡିଆଳ ପଞ୍ଚାୟତ ସମିତି ଓ ପଞ୍ଚାୟତ ବିକାଶ ତଥା ଜନସାଧାରଣଙ୍କ ସେବକ ରୂପେ କାର୍ଯ୍ୟ କରିବାକୁ ମତ ପ୍ରକାଶ କରିଥିଲେ । ନୂଆଁଖାଇ ଭେଟଘାଟରେ ବ୍ଲକ ଅଧକ୍ଷ ବାଳକୃଷ୍ଣ ଶବର ପରିଚାଳନା କରିଥିବା ବେଳେ ନାଏବ ସରପଞ୍ଚ ରମ୍ଭା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଭାଗବତ ଜନ୍ମ ଉତ୍ସବ

ନୂଆପଡା ଅଫିସ,୧୬।୯- ସ୍ଥାନୀୟ ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣରେ ବରିଷ୍ଠ ନାଗରିକମାନଙ୍କ ତରଫରୁ ଭାଗବତ ଜନ୍ମ ଉତ୍ସବ ପାଳିତ ହୋଇଯାଇଛି । ବର୍ଷିୟାନ ଶିକ୍ଷାବିତ୍ ଭଗବାନ ପତି ଏବଂ ଲୋକନାଥ ସେଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଶ୍ରୀବତ୍ସ ପାଢୀ, ଭାଗିରଥୀ ପାଢୀ, ରାମେଶ୍ୱର ମୁଣ୍ଡ, ଗଜେନ୍ଦ୍ର ମିଶ୍ର, ବିଭୁତି ଭୂଷଣ ପାଣିଗ୍ରାହୀ, ମୃତ୍ୟୁଞ୍ଜୟ ପଣ୍ଡା, କାହ୍ନୁ ପୁରୋହିତ ପ୍ରମୁଖ ଯୋଗଦେଇ ଭାଗବତ ପାନ କରିଥିଲେ। ମନ୍ଦିର ପୂଜାରୀ ଶ୍ରୀବତ୍ସ ପଣ୍ଡା ଉତ୍ସବ ପରିଚାଳନା କରିଥିବାବେଳେ ବସ୍ତିର ସମସ୍ତ ମହିଳାପୁରଷମାନେ ପ୍ରସାଦ ସେବନ କରିଥିଲେ।



ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର।

# ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ବ୍ଲକସ୍ତରୀୟ ପ୍ରତିଯୋଗିତା

ଖଡିଆଲ,୧୬।୯ (ଡି.ଏନ.ଏ.)

ନୂଆପଡା ଜିଲା ଖଡିଆଳ ରାଜା ଆର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟରେ ମାହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଉପଲକ୍ଷେ ଖଡିଆଳ ବ୍ଲକସ୍ତରୀୟ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ପ୍ରଧାନଶିକ୍ଷକ ନକୁଲ ଶବରଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରମୋଦ କୁମାର ପତି ଯୋଗଦାନ କରିଥିଲେ । ଶିକ୍ଷାବିତ ଗୌରାଙ୍ଗ କୁମାର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଶିକ୍ଷକ ଅଶୋକ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ବିଭାଗ ବିଚାରକ ଭାବେ ଶିକ୍ଷାବିତ ସତୀଶ କୁମାର ପଟ୍ଟନାୟକ, ସବିତା ପଟ୍ଟନାୟକ, ପ୍ରଭାତୀ ମିଶ୍ର, ଆଦିତ୍ୟ ନାରାୟଣ ପଣ୍ଡା, ଯଶୋବନ୍ତ ନାରାୟଣ ପଣ୍ଡା, ପପୁ ସତନାମୀ, ଯୁଧିଷ୍ଠିର ମେହେର, ଗୋପାଳ କୃଷ୍ଣ ମେହେର ଦାୟୀତ୍ୱ ନିର୍ବାହ କରିଥିଲେ । ଚିତ୍ରାଙ୍କନ ପ୍ରତିଯୋଗିତାରେ ଛାତ୍ରୀ ଭୁପେନ୍ଦ୍ର ସୁନାନୀ ପ୍ରଥମ, କୃଷ୍ଣ ପ୍ରଧାନୀ ଦ୍ୱିତୀୟ, ପ୍ରଶାନ୍ତ କୁମାର ମେହେର ତୃତୀୟ । ଦେଶାତ୍ମକବୋଧକ ସଙ୍ଗୀତରେ ଝରଣା ଦୀପ ପ୍ରଥମ, ହର୍ଷିତା ନାଏକ ଦ୍ୱିତୀୟ, ରଶ୍ମିତା କୁମାର ତୃତୀୟ । ପ୍ରବନ୍ଧ ପ୍ରତିଯୋଗୀତାରେ ଉଦନ୍ତୀ ମେହେର ପ୍ରଥମ, ଉର୍ବଷୀ କୌବର୍ତ୍ତ ଦ୍ୱିତୀୟ ଓ ଅବନ୍ତିକା ପ୍ରଧାନ ତୃତୀୟ ସ୍ଥାନ ଅଧିକାର କରିଥିଲେ । ସେହିପରି ବକ୍ତୃତାରେ ବବିତା ମେହେର, ଅରୁଷି ପଣ୍ଡା, ଝାନସୀ ନାଗ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ । ଏହି ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରମାନେ ଜିଲାସ୍ତରରେ ହେବାକୁ ଥିବା ପ୍ରତିଯୋଗୀତାରେ ଅଂଶ ଗ୍ରହଣ କରିବେ । ଏହି କାର୍ଯ୍ୟକ୍ରମରେ ଶିକ୍ଷକ କୋମଳ ମେହେର, ଗଙ୍ଗାଧର ମହାଉତି, ଶିବ ପ୍ରସାଦ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ଜୟ ମା' ବସ୍ତ୍ରାଣୀ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

କୋମନା,୧୬।୯ (ଡି.ଏନ.ଏ.)



ଜୟ ମା' ବସ୍ତ୍ରାଣୀ ଫୁଟବଲ ଟୁର୍ନାମେଣ୍ଟର ଉଦ୍‌ଘାଟନୀ ମ୍ୟାଚ୍‌ରେ ଅତିଥିଙ୍କ ସହ ଖେଳାଳି ।

ନୂଆପଡା ଜିଲା କୋମନା ବ୍ଲକ ସିହିନାମୁଣ୍ଡା ଗାଁର ଖେଳ ପଡିଆରେ ଜୟ ମା' ବସ୍ତ୍ରାଣୀ ଫୁଟବଲ ଟୁର୍ନାମେଣ୍ଟ ସୋମବାର ଉଦ୍‌ଘାଟିତ ହୋଇଯାଇଛି । ଉଦ୍‌ଘାଟନୀ ମ୍ୟାଚ ଉଦ୍ୟାନବନ୍ଧ ଓ ମାନିଗୁଡା ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମାନିଗୁଡା ଦଳ ଉଦ୍ୟାନବନ୍ଧ ଦଳକୁ ୧-୦ ଗୋଲରେ ପରାସ୍ତ କରି ବିଜୟ ଲାଭ କରିଛି। ସେହିଭଳି ଦ୍ୱିତୀୟ ମ୍ୟାଚ ପଣ୍ଡରାପଥର ଓ ଡୁମେରବାଲ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଡୁମେରବାହାଲ ଦଳ ପଣ୍ଡରାପଥର ଦଳକୁ ୧-୦ ଗୋଲରେ ପରାସ୍ତ କରି ବିଜୟ ଲାଭ କରିଥିଲା । ଉଦଘାଟନୀ ଉତ୍ସବରେ ଜୟ ମା' ବସ୍ତ୍ରାଣୀ କ୍ଲବ ସମସ୍ତ ସଦସ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ନୂଆପଡା ଜିଲା ପରିଷଦ ଅଧ୍ୟକ୍ଷା ନମିତା ପ୍ରଧାନ, ସମ୍ମାନିତ ଅତିଥି ଭାବେ କଳାହାଣ୍ଡି ଏମ୍‌ପି ପ୍ରତିନିଧି ଅଭିନନ୍ଦନ ପଣ୍ଡା, ଭାଜପା ଯୁବମୋର୍ଚ୍ଚା ତୁଳସ ପଟେଲ ଓ ସଦାନନ୍ଦ ଯୋଷୀ ପ୍ରମୁଖ ଯୋଗଦେଇଥିଲେ।

# ମଦ୍ୟପ ଗାଡ଼ି ଡ୍ରାଇଭର ଜେଲ ଗଲେ

ନୂଆପଡ଼ା ଅଫିସ,୧୬।୯

ସରକାର ପରିବର୍ତ୍ତିତ ପରିବହନ ଅଧିନିୟମର କାର୍ଯ୍ୟକାରୀତା ନେଇ ନୂଆପଡା ପୋଲିସ ଅଣ୍ଟା ଭିଡିଛି। ଗୋଟିଏ ପଟେ ସଚେତନତାକୁ ଜୋର ଦେଇଥିବାବେଳେ ଧରପଗଡ ବି କମ ପଡିନାହିଁ । ଏମଭିଆଇ ଆକ୍ଟର ଅବମାନନା କରି ମଦ ପିଇ ଗାଡି ଚଳାଇବା ଘଟଣାରେ ଯସ ସାହୁ (୩୬) ନାମକ ଜଣେ ବାଇକ୍ ଚାଳକ ଗିରଫ ହୋଇ ଜେଲ ଯାଇଛନ୍ତି। ନୂଆପଡା ପୋଲିସ ତାଙ୍କୁ ପରୀକ୍ଷା କରିବା ସହ ମେଡିକାଲ ଟେଷ୍ଟିଂ ପରେ କୋର୍ଟ ଚାଲାଣ କରିଥିବା ପ୍ରକାଶ । ସୋମବାର ଅପରାହ୍ନରେ ଏକତା ଛକରେ ଥାନାଧିକାରୀ ଆଦିତ୍ୟ କୁମାର ମହାକୁଡଙ୍କ ନେତୃତ୍ୱରେ ଗାଡି ଯାଞ୍ଚ ଚାଲୁଥିବାବେଳେ ସ୍ଥାନୀୟ ଏକ ମଦ ଦୋକାନରୁ ମଦ ପିଇ ଏକ ବାଇକ୍‌ରେ (ନଂ.ଓଡି୨୬ସି୭୦୮୬)ରେ ବସି ସାହୁ ଯାଉଥିଲେ। ସେତିକି ବେଳେ ପୋଲିସ ହାବୁଡରେ ଧରାପଡିଥିଲେ। ପୋଲିସ ପଚରାଉଚୁରା ବେଳେ ସନ୍ଦେହ କରି ପରୀକ୍ଷା କରିଥିଲା। ବ୍ରେଥ ଆନାଲାଇଜର ଯୋଗେ ପରୀକ୍ଷା କରିବା ପରେ ମେଡିକାଲକୁ ନେଇ ପରୀକ୍ଷା କରିଥିଲା । ସେଥିରେ ମଦ ପିଇଥିବା ସ୍ପଷ୍ଟ ହେବା ପରେ ଗିରଫ କରି ତୁରନ୍ତ କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବା ପରେ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି । ଏହି ଖବର ପାଇବା ପରେ ମଦ୍ୟପ ଡ୍ରାଇଭରଙ୍କ ମଧ୍ୟରେ କୋକୁଆ ଭୟ ଖେଳିଯାଇଛି। ନୂଆପଡା ଜିଲାରେ ମଦ୍ୟପ ଜେଲ ଯିବା ଘଟଣା ଏହା ପ୍ରଥମ ହୋଇଛି । ଆଗକୁ ଏହାକୁ ବ୍ୟାପକ କରାଯିବ ବୋଲି ଥାନାଧିକାରୀ ମହାକୁଡ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।

# ଜମିପଟ୍ଟା ପାଇଁ ଜିଲାପାଳଙ୍କୁ ଗୁହାରି

ନୂଆପଡା ଅଫିସ,୧୬।୯

ଖଡିଆଳ ଏନଏସି ବିଭିନ୍ନ ୱାର୍ଡରେ ପୁରୁଷାନୁକ୍ରମେ ଶତାଧିକ ପରିବାର ଲୋକ ଘର କରି ରହୁଥିବା ବେଳେ ସେମାନଙ୍କ ନିକଟରେ ସରକାରୀ ଜମିପଟା ନାହିଁ । ସେଥିପାଇଁ ସୋମବାର ନୂଆପଡା ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଗୁହାରୀ କରିଛନ୍ତି । ଏହା ଉପରେ ଅତିରିକ୍ତ ଜିଲାପାଳ ଆଲୋଚନା କରିବା ସହ କାର୍ଯ୍ୟାନୁଷ୍ଠାନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ସେମାନେ ଫେରିଯାଇଛନ୍ତି । ଆଗକୁ ଆମରଣ ଅନଶନ କରିବେ ବୋଲି ସିଦ୍ଧାନ୍ତ ନେଇଥିବାବେଳେ ଅତିରିକ୍ତ ଜିଲାପାଳଙ୍କ ନିର୍ଭର ପ୍ରତିଶ୍ରୁତି ପରେ ଆନ୍ଦୋଳନକୁ ସ୍ଥଗିତ କରାଯାଇଥିବା ସଭାପତି କମଳ ଚରଣ ତାଣ୍ଡି କହିଛନ୍ତି ।

ମହିଳା ନେତ୍ରୀ ମମତା ମଞ୍ଜରୀ ଥପା ଏବଂ ଦଳିତ ଅଧିକାର ମଞ୍ଚର ସଭାପତି କମଳ ଚରଣ ତାଣ୍ଡିଙ୍କ ନେତୃତ୍ୱରେ

**ଆମରଣ ଅନଶନ ସ୍ଥଗିତ କଲେ**

ହିତାଧିକାରୀମାନେ ନୂଆପଡା ଆସିଥିଲେ। ଏଠାରେ ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ସୀତାରାମ ପଟେଲଙ୍କୁ ଭେଟି ଦାବି ଜଣାଇଥିଲେ। ଏଥିରେ ଏହି ଅଧିବାସୀମାନେ ଜମି ପଟ୍ଟା ଟିକକ ନ ଥିବାରୁ ବିଭିନ୍ନ ସରକାରୀ ସୁବିଧା ସୁଯୋଗରୁ ବଞ୍ଚିତ ରହୁଛନ୍ତି । ଏପଟେ ସରକାର ସେମାନଙ୍କୁ ବାସଚ୍ୟୁତ କରିବାର ଯୋଜନା ମଧ୍ୟ କରୁଛନ୍ତି। ଅନ୍ୟପକ୍ଷେ ଏମାନଙ୍କୁ ଜମିପଟା ପ୍ରଦାନ କରିବାକୁ ଦାବି ହୋଇଆସୁଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହେଉ ନ ଥିବାରୁ ଆନ୍ଦୋଳନ ଦାନା ବାନ୍ଧୁଛି । ଏହା ଉପରେ କାର୍ଯ୍ୟାନୁଷ୍ଠାନ ନ କଲେ ଆଗକୁ ଆମରଣ ଅନଶନ କରିବେ ବୋଲି ହିତାଧିକାରୀମାନେ ଚେତାବନୀ ଦେବା ପରେ ଅତିରିକ୍ତ ଜିଲାପାଳ ସେମାନଙ୍କୁ ଡକାଇଥିଲେ । ଆଗକୁ ଖୁବ ଶୀଘ୍ର ଏହା ଉପରେ ପଦକ୍ଷେପ ଆରମ୍ଭ ହେବ । ପ୍ରଥମ ପର୍ଯ୍ୟାୟରେ ୫୦ଜଣଙ୍କୁ ପଟ୍ଟା ପ୍ରଦାନ କରାଯିବ। ପର୍ଯ୍ୟାୟକ୍ରମେ ସମସ୍ତଙ୍କୁ ସାମିଲ କରାଯିବ ବୋଲି ପ୍ରତିଶ୍ରୁତି ଦେବା ସହ ଆନ୍ଦୋଳନରୁ ଓହରିଯିବାକୁ ଅନୁରୋଧ କରିଥିଲେ। ଏହା ଉପରେ ତୁରନ୍ତ ଫୋନ ଯୋଗେ ଖଡିଆଳ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସୁରେଶ କୁମାର ସାହୁଙ୍କୁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ।



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ହିତାଧିକାରୀମାନେ ଛିଡ଼ା ହୋଇଛନ୍ତି ।





ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଚାଲିଛି।

# ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର

ସିନାପାଲି, ୧୬।୯ (ଡି.ଏନ.ଏ.)

ନୂଆପଡା ଜିଲା ସିନାପାଲି ବ୍ଲକ୍ ପଞ୍ଚାୟତ ସମିତି ସଭାଗୃହଠାରେ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ମଧୁସ୍ମିତା ସାହୁଙ୍କ ଅଧ୍ୟକ୍ଷତାରେ ନୂଆପଡା ଜିଲା ଅନ୍ତର୍ଗତ ବିଭିନ୍ନ ବିଭାଗ ଜିଲାସ୍ତରୀୟ ଅଧିକାରୀ ଯୋଗଦାନ କରିଥିଲେ। ଏହି ଅବସରରେ ବିଭିନ୍ନ ବିଭାଗରୁ ଅଭିଯୋଗ ଆସିଥିବା ବେଳେ ଆବାସ ଯୋଜନାରୁ ୨୮ଟି, ଏମ୍‌ଜିଏନ୍‌ଆରଇଜିଏସ୍‌ର ୩ଟି, ଖାଉଟି କାର୍ଡ ଯୋଜନାରୁ ୨ଟି, ପରିମଳ ବିଭାଗରୁ ୧ଟି, ରେଡକ୍ରସ୍‌ରୁ ୬ଟି ଓ ଅନ୍ୟାନ୍ୟ ଅଭିଯୋଗ ସହ ସର୍ବମୋଟ ୭୨ଟି ଅଭିଯୋଗର ଶୁଣାଣି ହୋଇଥିଲା । ଏତଦ୍ ବ୍ୟତୀତ ଖର୍ସେଲ ଗ୍ରାମବାସୀଙ୍କ ଫସଲ ବୀମା ଟଙ୍କା ପାଇ ନ ଥିବା ଅଭିଯୋଗ, ନିଲଜୀବାସୀଙ୍କ ପାନୀୟ ଜଳ ଯୋଗାଣ ଅଭିଯୋଗ ଏବଂ ଆଶା କର୍ମୀମାନଙ୍କ ନିୟମିତ ପାଉଣା ପାଉ ନ ଥିବା ଅଭିଯୋଗ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲାପାଳ ଜଙ୍ଗଲ ଜମି ପଟ୍ଟା ମଧ୍ୟ ବଣ୍ଟନ କରିଥିବା ବେଳେ ଦିବ୍ୟାଙ୍ଗମାନଙ୍କୁ ହ୍ୱିଲଚେୟାର୍ ବଣ୍ଟନ କରିଥିଲେ। ସରପଞ୍ଚ ସଂଘ ନୂଆପଡା ଜିଲା ତରଫରୁ ମଧ୍ୟ ବିଭିନ୍ନ ଦାବି ନେଇ ଅଭିଯୋଗ କରାଯାଇଥିଲା।

ଧରିତ୍ରୀ DHARITRI
ସମ୍ବଲପୁର, ମଙ୍ଗଳବାର, ୧୭ ସେପ୍ଟେମ୍ବର, ୨୦୧୯



ଈଶ୍ୱର ନାମ ଆଗରେ ଜାତି ଧର୍ମର ବିଦ୍ୱେଷ ରହିବା ଉଚିତ୍ ନୁହେଁ।

- ଗୁରୁ ନାନକ



## ସଂକ୍ଷେପରେ

### ମାତୃ ସମ୍ମିଳନୀ

ରିକ୍ଷିଡ଼ା,୧୬।୯ (ଡି.ଏନ.ଏ.)- ରିକ୍ଷିଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନ ସଭାପତି ଉପେନ୍ଦ୍ର ସାହୁ ମୁଖ୍ୟଅତିଥି, ପ୍ରଧାନଆଚାର୍ଯ୍ୟ ବିଜୁ କୁମାର ସାହୁ ଯୋଗଦେଇ ମାତୃ ସମ୍ମିଳନୀର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମ ସଂଯୋଜନା ଝୁନିରାଣୀ ସାହୁ ଓ ଦର୍ଶନୀପ୍ରଭା ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଆଚାର୍ଯ୍ୟ ବାସୁଦେବ ସେଲମା ଧନ୍ୟବାଦ ପ୍ରଦାନ କରିଥିଲେ।

### ପ୍ରବଚନ କାର୍ଯ୍ୟକ୍ରମ

ରିକ୍ଷିଡା,୧୬।୯(ଡି.ଏନ.ଏ.)- ପୌରକେଲା ପଞ୍ଚାୟତ ବୁଢ଼ୀପଦର ଗ୍ରାମରେ ପ୍ରବଚନ ଓ ଭାଗବତ ପାରାୟଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାବା ଭଗବାନ ସାହୁ, ବଳରାମ ପଧାନ, ବୁଧ ବାବା, ସରୋଜ ବାବା, ମାର୍କଣ୍ଡ ସାହୁ, ଜନକ ପଧାନ, ଗୋବିନ୍ଦ ବାବା, ଦୁର୍ଗା ମିଶ୍ର, ପରମେଶ୍ୱର ମଲ୍ଲିକ ପ୍ରମୁଖ ପ୍ରବଚନ ପ୍ରଦାନ କରିଥିଲେ। ନିରଞ୍ଜନ ଭୋଇ, ଭାମ ପାତ୍ର, ଧନେଶ୍ୱର ପାତ୍ର, ସୀତାରାମ ଭୋଇ ପ୍ରମୁଖ ସହାୟତା କରିଥିଲେ।

ଭବାନୀପାଟଣା ଦ୍ୱିତୀୟ ଟାଉନ ଫୁଟବଲ ଲିଗ୍ ଉଦ୍‌ଘାଟିତ

# ଗୁଡ୍ ଇଭିନିଂ, ମର୍ନିଂ କ୍ଲବ ବିଜୟୀ

ଭବାନୀପାଟଣା,୧୬।୯ (ଡି.ଏନ.ଏ.)

ଭବାନୀପାଟଣା ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ୍‌ଠାରେ କଳାହାଣ୍ଡି କ୍ରୀଡା ସଂସ୍ଥା ଆନୁକୂଲ୍ୟରେ ଭବାନୀପାଟଣା ଦ୍ୱିତୀୟ ଟାଉନ ଫୁଟବଲ ଲିଗ୍ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଉଦଘାଟନୀ ଉତ୍ସବରେ କ୍ରୀଡା ସଂସ୍ଥା ସାଧାରଣ ସମ୍ପାଦକ ଜଗମୋହନ ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ଏଥିରେ ପୂର୍ବମନ୍ତ୍ରୀ ରାସବିହାରୀ ବେହେରା ମୁଖ୍ୟଅତିଥି, ଡା. ଲମ୍ବୋଦର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଉପସଭାପତି ସୁରେନ୍ଦ୍ରନାଥ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ। ଉଦ୍‌ଘାଟନୀ ମ୍ୟାଚ ନବମ ରିଜର୍ଭ ବାଟାଲିଆନ ଓ ଗୁଡଇଭିନିଂ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଗୁଡଇଭିନିଂ କ୍ଲବ ୨-୧ ଗୋଲରେ ବିଜୟୀ ହୋଇଥିଲା।



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

ନବୀନ ନାଏକ, ଜିତେନ୍ଦ୍ର ରଥ ଓ ମନୋଜ ବିଶ୍ୱାଳ ଖେଳ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ପୂର୍ବ ଫୁଟବଲ ଖେଳାଳି ବୈଦ୍ୟନାଥ ମିଶ୍ର, ଦୁର୍ଗା ମିଶ୍ର, ନଳିନୀ ମୁଣ୍ଡ, ଅର୍ଜୁନ ନାଏକ, ଶମ୍ଭୁ ରାଉତ, ଭିକାରି ମିଶ୍ର, ଅଶୋକ ପଟ୍ଟନାୟକ, ରବି କାନୁନଗୋ, ହେମନ୍ତ ମୁଣ୍ଡ, ସନ୍ଥ ସିଂ, ମହେନ୍ଦ୍ର ପଣ୍ଡା, କାଳୀପ୍ରସାଦ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଉଦ୍‌ଘାଟନୀ ଉତ୍ସବରେ ବାଲଗୋପାଳ ସେବା ନିକେତନ ଛାତ୍ରମାନେ ଘୁମୁରା ପରିବେଷଣ କରିଥିଲେ। ସେହିପରି ସୋମବାର ମର୍ନିଂ କ୍ଲବ ବନାମ ଇଣ୍ଡିଆନ କ୍ଲବ ମଧ୍ୟରେ ୨ୟ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ମର୍ନିଂ କ୍ଲବ ୨-୧ ଗୋଲରେ ବିଜୟୀ ହୋଇଥିଲା। ମର୍ନିଂ କ୍ଲବ ତରଫରୁ ବସନ୍ତ ଶବର ୨ଟି ଗୋଲ ଦେଇଥିବା ବେଳେ ଇଣ୍ଡିଆନ୍ କ୍ଲବ ତରଫରୁ ମହେନ୍ଦ୍ର ଲହଜଲ ଗୋଟିଏ ଗୋଲ ଦେଇଥିଲେ। ଫଳରେ ମର୍ନିଂ କ୍ଲବ ବିଜୟୀ ହୋଇଥିଲା। ଦ୍ୱିତୀୟ ଦିବସର ମ୍ୟାଚ୍‌ରେ ପୂର୍ବତନ ସନ୍ତୋଷ ଟ୍ରଫି ଫୁଟବଲ୍ ଖେଳାଳି ନଳିନୀ ରଞ୍ଜନ ମୁଣ୍ଡ ଅତିଥି ଭାବେ ଯୋଗଦେଇଥିଲେ। ଦ୍ୱିତୀୟ ଦିବସରେ ଜିତେନ୍ଦ୍ର ରଥ, ସନ୍ତୋଷ ପ୍ରଧାନ, ରଞ୍ଜନ କୁମାର ଦାସ ଓ ଦେବେନ୍ଦ୍ର କୁମାର ରାଉତ୍ ପ୍ରମୁଖ ଖେଳ ପରିଚାଳନା କରିଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ପେଟକୁ ଭାତ,
ପିଠିକୁ ନାତ ।**

ପେଟପାଟଣା କଥା ବୁଝି ସାରି ପରେ କଷ୍ଟ ଦେଇ, ଗାଳିଗୁଲଜ କରି ଯେତେ କାମ ଆଦାୟ କଲେ ଦେହକୁ ସେତେ ବାଧି ନ ଥାଏ । ପରନ୍ତୁ ଲୋକର ଭଲମନ୍ଦ ନ ବୁଝି, ବାଧ କରି ଖଟେଇଲେ, ଜୋର କରି କାମ ଆଦାୟ କଲେ ଭାରି ବାଧିଥାଏ । ପେଟକୁ ମୁଠେ ଦାନା ଦେଇ ଗଧ ଖଟଣି ଖଟାଇବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ପୋଥି ବାଇଗଣ
ନା ବାଡ଼ି ବାଇଗଣ ।**

ପୋଥି ବାଇଗଣ ବା ଚିତ୍ର ବାଇଗଣରେ ପେଟ ପୂରି ନ ଥାଏ । ବହିରୁ ବାଇଗଣ ଚାଷ ଶିଖି କାମରେ ନ ଲଗାଇଲେ ଲାଭ ମିଳି ନ ଥାଏ । ବାଇଗଣ ଚାଷପ୍ରଣାଳୀ କୌଶଳ ବହିରୁ ଶିଖି ବିଲବାଡ଼ିରେ ପ୍ରୟୋଗକରି ସେପରି ଅମଳ ଦେଖେଇଲେ ଜ୍ଞାନ କାମରେ ଲାଗିଲା ବୋଲି ଜଣାପଡ଼େ । ଅନ୍ୟଥା ସେସବୁ ମୂଲ୍ୟହୀନ ହୋଇଯାଇଥାଏ । ଅଭିଜ୍ଞତା ନ ଥିଲେ ଫଳ ମିଳି ନ ଥାଏ । ଚିତ୍ରଠାରୁ ବାସ୍ତବର ମୂଲ୍ୟ ଢେର୍ ଅଧିକ ବା ଶ୍ରେୟସ୍କର ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଜୁନାଗଡ଼ରେ ଖୋଲିଲା ଆଇସିଆଇସିଆଇ ବ୍ୟାଙ୍କ

ଜୁନାଗଡ,୧୬।୯ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ସହର ସାପ୍ତାହିକ ବଜାର ନିକଟରେ ସୋମବାର ଆଇସିଆଇସିଆଇ ବ୍ୟାଙ୍କର ନୂତନ ଶାଖା ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ରାଜ୍ୟ ସରକାରଙ୍କ ଶକ୍ତିମନ୍ତ୍ରୀ କ୍ୟାପ୍‌ଟେନ ଦିବ୍ୟ ଶଙ୍କର ମିଶ୍ର ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଜୁନାଗଡ ବିକାଶରେ ଏହି ବ୍ୟାଙ୍କ ଆଉ ଏକ ମାଇଲଖୁଣ୍ଟ ହେବ ବୋଲି ମନ୍ତ୍ରୀ କ୍ୟାପଟେନ ମିଶ୍ର କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ୟାଙ୍କର ଆଞ୍ଚଳିକ ଅଧିକାରୀ ଅମିୟ ନାଏକ, ସ୍ଥାନୀୟ ବ୍ୟାଙ୍କ ପରିଚାଳକ ରତିକାନ୍ତ ମହାପାତ୍ର, କାର୍ଯ୍ୟକାରୀ ପରିଚାଳକ ରଞ୍ଜିତ ଦାଶ, ପୂର୍ବତନ ଏନ୍‌ଏସି ଅଧ୍ୟକ୍ଷ ମହେଶ କୁମାର ସାହୁ, ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ତୁଲେଶ୍ୱର ନାଏକ, ଜୁନାଗଡ ବ୍ଲକ ସରପଞ୍ଚ ସଂଘ ସଭାପତି ଅଜୟ ବେହେରା, ଦିନେଶ ବଗର୍ତ୍ତୀ, ଦିନେଶ ରାଉତ, ପ୍ରମୋଦ ବେହେରା, ରୋହିତ ସୁନାନୀ, ସୁଖବିନ୍ଦର ସିଂହ ପ୍ରମୁଖ ଉପସ୍ଥିତ ଥିଲେ।



ଆଇସିଆଇସିଆଇ ବ୍ୟାଙ୍କ ଉଦ୍‌ଘାଟନ ସମୟରେ ମନ୍ତ୍ରୀ କ୍ୟାପ୍‌ଟେନ ଦିବ୍ୟ ଶଙ୍କର ମିଶ୍ର ।

# ୪ ଖଣ୍ଡ ଭୋଟରେ ଜିତିଲେ ଗୁରୁନାଥ ସେଲମା

ଭବାନୀପାଟଣା,୧୬।୯ (ଡି.ଏନ.ଏ.)

**କୋର୍ଟରେ ଭୋଟ ଗଣତି**

ଗତ ପଞ୍ଚାୟତ ନିର୍ବାଚନରେ ମଦନପୁର ଗ୍ରାମପଞ୍ଚାୟତ ଅର୍ନ୍ତଲା ଗ୍ରାମ ୱାର୍ଡ ନଂ. ୧୦ ୱାର୍ଡମେମ୍ବର ନିର୍ବାଚନରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଥିଲା । ଏହାକୁ ନେଇ ମ. ରାମପୁର ଜେଏମ୍‌ଏଫ୍‌ସି କୋର୍ଟରେ ଇପି ଏକ ମାମଲା (ନଂ. ୧/୨୦୧୭) ରୁଜୁ ହୋଇଥିଲା । ଏହି ନିର୍ବାଚନ ଫଳାଫଳ ଘୋଷଣାକୁ ଚ୍ୟାଲେଞ୍ଜ କରି ୱାର୍ଡମେମ୍ବର ପ୍ରାର୍ଥୀ ଗୁରୁନାଥ ସେଲମା ପୁନଃ ଭୋଟ ଗଣତି ପାଇଁ ଆବେଦନ କରିଥିଲେ। ମ. ରାମପୁର ଜେଏମ୍‌ଏଫ୍‌ସି ସୁଜନ ସରସ୍ୱତା ମାମଲାର ବିଚାର କରି ୧୩ ତାରିଖରେ ମ. ରାମପୁର ବ୍ଲକରୁ ଭୋଟ ବାକ୍ସ ମଗାଇ କୋର୍ଟ ପରିସରରେ ବିଚାରପତିଙ୍କ ସମ୍ମୁଖରେ ଭୋଟ ଗଣତି କରାଯାଇଥିଲା । ଏଥିରେ ଗୁରୁନାଥ ସେଲମା ୬୫ ଖଣ୍ଡ, ଗୁଣମଣି ରଣା ୬୧ ଖଣ୍ଡ ଭୋଟ ପାଇଥିବା ବେଳେ ୨୧ଟି ଭୋଟ ନାକଚ ହୋଇଥିଲା । ଭୋଟ ଗଣତି ପରେ ବିଚାରପତି ଗୁରୁନାଥ ସେଲମା ୪ ଖଣ୍ଡ ଭୋଟରେ ବିଜୟୀ ହୋଇଥିବା ଘୋଷଣା କରିଥିଲେ ।

ସୂଚନାଯୋଗ୍ୟ ଯେ, ନିର୍ବାଚନ ଦିନ ବୁଥ୍ କେନ୍ଦ୍ରରେ ଭୋଟ ଗଣତି କରାଯାଇଥିଲା। ସେଥିରେ ଗୁରୁନାଥ ସେଲମା ୬୫ ଖଣ୍ଡ ଭୋଟ ପାଇ ୪ ଖଣ୍ଡ ଭୋଟରେ ଜିତି ଥିବା ପ୍ରିଜାଇଡିଂ ଅଫିସର ଘୋଷଣା କରିଥିଲେ। ବ୍ଲକରେ ଭୋଟ ଗଣତି ବେଳେ ଗୁଣମଣି ରଣା ୪ ଖଣ୍ଡ ଭୋଟରେ ଜିତିଥିବା ଗୋଷ୍ଠି ଉନ୍ନୟନ ଅଧିକାରୀ ଘୋଷଣା କରିଥିଲେ। ଏହାକୁ ଚ୍ୟାଲେଞ୍ଜ କରି ଗୁରୁନାଥ କୋର୍ଟର ଆଶ୍ରୟ ନେଇଥିଲେ। ଗୁରୁନାଥ ସେଲମାଙ୍କ ପକ୍ଷରୁ ଓକିଲ ଜୟକୁମାର ସିଂଦେଓ ମାମଲା ପରିଚାଳନା କରିଥିଲେ। ଏବେ ଗୁରୁନାଥ ସେଲମା ନିର୍ବାଚନରେ ଜିତିଥିବା କୋର୍ଟ ଘୋଷଣା କରିବା ପରେ ଅର୍ନ୍ତଲା ଗ୍ରାମରେ ଖୁସିର ଲହରି ଖେଳିଯାଇଛି ।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ASTROLOGY

ଫ୍ରି ସେବା କୌଣସି ଫିସ୍ ନାହିଁ
ଭଲ କାମର ପରିଣତି ଭଲ ହୋଇଥାଏ
MY PROMISE
ଅଘୋରୀ ତାନ୍ତ୍ରିକ ବାବା ଓମପ୍ରକାଶ ଶାସ୍ତ୍ରୀ
ବଶୀକରଣ, ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ମନ ଚାହୁଁଥିବା ପ୍ରେମ, ଗୃହକ୍ଲେଶ, ଚାକିରି, ବ୍ୟବସାୟ, ସ୍ୱାମୀ, ସ୍ତ୍ରୀ ମନୋମାଳିନ୍ୟ, ସଉତୁଣୀ, ଶତ୍ରୁ ମୁକ୍ତି, ବିବାହରେ ବାଧା
3 ଘଣ୍ଟାରେ ଘରେ ବସି ସମାଧାନ।
81 26 92 24 05
ହରିଦ୍ୱାର

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

FINANCE

ଲୋନ! ଲୋନ! ଲୋନ
୧ ରୁ୫୦ ଲକ୍ଷ୍ୟ ଲୋନ
NRC FINANCE
ଗୃହରୁଣ୍, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ରୁଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
99901-64008
99901-64236
nrcfinanceonline@gmail.com
Office no. 09 11th floor statesman House plot no. 48 Connaught Place N.D 110001

FINANCE
ଲୋନ ଧମାକା ପ୍ରଥମେ ଆସନ୍ତୁ ପ୍ରଥମ ପାଆନ୍ତୁ Vasundhara Capital ଭାରତର ଏକ ନମ୍ବର କମ୍ପାନୀ ପ୍ରପର୍ଟି, ମାର୍କସିଟ୍, ପର୍ସନାଲ, ଆଧାରକାର୍ଡ, ବିଜିନେସ, ଷ୍ଟାଟପ୍, କ୍ଷୁଦ୍ର ବ୍ୟବସାୟ ଏବଂ ଦୋକାନୀମାନେ ଋଣ ଘରେ ବସି ୩୬ ଘଣ୍ଟା ମଧ୍ୟରେ ପାଆନ୍ତୁ । କମ୍ ସୁଧ ଏବଂ ସହଜ କିସ୍ତି । କର୍ମଚାରୀ ଓ ମହିଳାଙ୍କ ପାଇଁ ବିଶେଷ ରିହାତି ।
Office No. 2b/44, Indra Complex, Main Market Road, Ranchi, Jarkhand, 834001
9582606103
9654417419

ଋଣ
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ୍
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ ୫0,00,000 ପର୍ଯ୍ୟନ୍ତ ଋଣ
ଆଦର୍ଶ ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ, ରାଶନ କାର୍ଡ, ଆଧାର କାର୍ଡ, ଚାଷ, ଏଗ୍ରିକଲ୍ଚର
ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
7289999543
7289948952
SCO- 106, Second Floor, Vishal Tower, Cannaught Place, Delhi.

TIRUPATI FINANCE
ସମସ୍ତ ପ୍ରକାର ଲୋନ ମାତ୍ର ୪୮ ଘଣ୍ଟାରେ କମ୍ ସୁଦ୍ଧରେ ଦିଆଯାଉଛି । ତୁରନ୍ତ ଯୋଗାଯୋଗ କରନ୍ତୁ ଏବଂ ଘରେ ବସି ଲୋନ ପାଆନ୍ତୁ । ମହିଳା ଏବଂ ସିନିୟର ସିଟିଜନ୍‌ଙ୍କ ପାଇଁ ବିଶେଷ ସୁବିଧା ।
HIMAYAT NAGAR, MAIN ROAD, HYDERABAD- 500029
8658503781
9667987587
9717166871
balajitrusty@gmail.com

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD.
(Reg. No. - U6519TN198PLC00855)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗ୍ରୁପ୍, ବ୍ୟବସାୟ ।
ସମସ୍ତ ଋଣ 3-4 ଦିନରେ ଘରେ ବସି ପାଆନ୍ତୁ । 2% ସୁଧ 40% ରିହାତି।
7310644620
9499439810
VISHAL ENCLAVE, M. ROAD, UP

FINANCE
ବିଶ୍ୱାସର ପ୍ରତୀକ, ଲୋନର ଗ୍ୟାରେଣ୍ଟି SHREE FINANCE ଦ୍ୱାରା ପ୍ରପର୍ଟି, ପର୍ସନାଲ BPL ଆଧାରକାର୍ଡ଼ ଲୋନ 24 ଘଣ୍ଟାରେ ଘରେ ବସି ପାଆନ୍ତୁ।
Mob: 9351833615
Address - 12, Govt. Place (East), 2nd floor, Kolkata, west Bengal- 700069

BASUNDHAR FINANCE
ପର୍ସନାଲ, ବିଜିନେସ୍, ମାର୍କଶିଟ୍, ଗୃହ, ଶିକ୍ଷା, କୃଷି, ଗାଈ ଓ କୁକୁଡା ପାଳନ ଇତ୍ୟାଦି BASUNDHAR FINANCE ସମସ୍ତ ପ୍ରକାର LOAN ଯୋଗାଇ ଦେଉଛି।
ସୁଧ = 1%
CONTACT
7683914951
9658224887
Plot No.4720, Shahnajaf Rd, Chandigarh-226002, At- Hemamura, Luhapank, Rairakhol, Sambalpur-768106

KUBER FINANCE
Kuber ଋଣ ଲିମିଟେଡ୍ ଭରସାର ପ୍ରତିକ ସରକାରୀ ସ୍ୱୀକୃତୀପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, କୃଷି ଆଧାରକାର୍ଡ ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ମାତ୍ର ୧ ଦିନରେ, 2% ସୁଧ 40% ଛାଡ । ଘରେ ବସି ପାଆନ୍ତୁ
ଖର୍ଚ୍ଚ ଲୋନ ପାସ ହେଲା ପରେ
Plot No-14/524, Chandini Chowk, Kolkata
8146524009
8146359004

REQUIRED / LOAN
HARI OM FINANCE
ସମଗ୍ର ଭାରତରେ କମ୍ପାନୀକୁ ଆବଶ୍ୟକତା ଅଛି, ଏଜେଣ୍ଟ, ଲୋନ୍ ଏଜେଣ୍ଟ, ଟିମ୍‌ଲିଡ଼ର।
୨୫,୦୦୦ – ୩୦,୦୦୦ ମାସିକ
ଆଧାରକାର୍ଡ଼, ପ୍ରପର୍ଟି, ପର୍ସନାଲ ଲୋନ୍
8394004932
8394004961
8394004898

CAPITAL FINANCE
ପାର୍ବଣ ଋତୁରେ ଲୋନ ମେଳା
୨୦ ବର୍ଷରୁ କ୍ୟାପିଟାଲ ଫାଇନାସ ଦ୍ୱାରା ନିଜର ମାର୍କସିଟ, ପଶୁପାଳନ, ଆଧାରକାର୍ଡ, ହୋମ୍, ମାଛଚାଷ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୪୮ ଘଣ୍ଟାରେ । ୨% ସୁଧ ୪୦%ଛାଡ ।
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
8607237523

EDUCATION

ADMISSION OPEN
MAA TARA TARINI SCHOOL OF NURSING, Neelachal Nagar, Berhampur
ANM/ Multipurpose Health Worker (Female) Training Programme Recognised by Govt. of Odisha H&FW Dept. Affiliated by INC, New Delhi. We also offered Course (OT Technician, DMLT X-ray Technician)
Contact No:
9437425759
8280476992
Email : maataratarinison@gmail.com

ADMISSION OPEN FOR 2019-21
B.Ed & M.Ed
Acharya Nagarjuna University
UGC & NCTE Approved
Equivalent to Govt. of Odisha
FREE Practical & Study Material
NIDT
B.Ed Academy Since 2001
B.J.B. Nagar, Lewis Road, Bhubaneswar
9338229373, 7978204082
9438286091

BUSINESS

Hi-Tech Telecom Company Ltd.
ଖାଲିଥିବା ଜମି ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ
60,000,00/-, ଭଡା 40,000/-
ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ। ଦରମା - 20,000/- ଓ ଅନ୍ୟାନ ସୁବିଧା ମାତ୍ର ୭୨ ଘଣ୍ଟାରେ ଜମି ଯାଞ୍ଚ ଓ ଉପକରଣ ସ୍ଥାପନ କରନ୍ତୁ
ଠକ ମାନ ଙ୍କୁ ସାବଧାନ !
10, 2nd Floor, Subramanya Arcade. Tower D, Bannerghatta Main Road Banglore, Karnataka - 560029
Call or SMS Now
9728782718

Shinghania Tower
ନିଜର ଛାତ, ଜମି, କ୍ଷେତ, ଫ୍ଲାଟ୍ ଉପରେ ଡିଜିଟାଲ ଟାୱାର ଲଗାନ୍ତୁ। ଘରେ ବସି ରୋଜଗାର କରନ୍ତୁ । ଅଗ୍ରିମ 60 ଲକ୍ଷ + ଭଡ଼ା 45000/- + ବାଇକ୍
ଯୋଗାଯୋଗ: 8887232676
Add- Ashoka puram, Mysore, Karnataka- Pin Code 570008

ଆଗେ ଆସନ୍ତୁ, ଆଗେ ପାଆନ୍ତୁ
GOVT. APPROVED ପଞ୍ଜୀକୃତ କମ୍ପାନୀ
GLOBAL TOWER
ନିଜର ଖାଲି ଜମି, ଛାତ, କ୍ଷେତ୍ର, ଫ୍ଲଟ୍‌ରେ ଡିଜିଟାଲ ମଲ୍ଟିମିଡିଆ ଟାୱାର ଲଗାନ୍ତୁ
ଅଗ୍ରିମ 90 ଲକ୍ଷ, ଭଡ଼ା + 75000 + 25,000ର ଅନ୍ୟାନ୍ୟ ସୁବିଧା + ରହିବା ଖାଇବା ଫ୍ରି + ବାଇକ୍
7325835499
B-36/7 A-Block Vijay Enclave Burari New Delhi 74

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day |
|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 |

GST 5% will be added extra
on every Tuesday & Friday


**ପାଠକଙ୍କ ପାଇଁ ସୂଚନା:**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ପରାଜିତ ହୋଇ ବଞ୍ଚିବା ଅପେକ୍ଷା ଯୁଦ୍ଧ କ୍ଷେତ୍ରରେ ମୃତ୍ୟୁ ହିଁ ଶ୍ରେୟସ୍କର ।
- ସ୍ୱାମୀ ବିବେକାନନ୍ଦ



## ସଂକ୍ଷେପରେ

### ଗଜଲକ୍ଷ୍ମୀ ପୂଜା ପାଇଁ ପ୍ରସ୍ତୁତି ବୈଠକ

**ସୋନପୁର,୧୬।୯(ନି.ପ୍ର.):** ସୋନପୁର ସହରର ଘୋଡାଘାଟପଡାରେ ଗଜଲକ୍ଷ୍ମୀ ପୂଜା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପଶ୍ଚିମ ସୋମନାଥ ମନ୍ଦିର ପରିସରରେ ଅନୁଷ୍ଠିତ ବୈଠକରେ ୪୫ତମ ଗଜଲକ୍ଷ୍ମୀ ପୂଜା ପୂର୍ବ ବର୍ଷ ଭଳି ମହାଆଡମ୍ବର ସହକାରେ ପାଳନ କରାଯିବାକୁ ନିଷ୍ପତ୍ତି ହୋଇଛି। ପ୍ରତ୍ୟହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଓଡିଶା ଓ ଓଡିଶା ବାହାରର ବିଶିଷ୍ଟ କଳାକାରଙ୍କୁ ସାମିଲ କରାଯିବା ନେଇ ନିଷ୍ପତ୍ତି ହୋଇଛି। ପୂଜାର ସୁପରିଚାଳନା ପାଇଁ ଏକ ନୂତନ କମିଟି ଗଠନ କରାଯାଇଛି। ଏଥିରେ ରାଜା ପାଣିଗ୍ରାହୀ ସଭାପତି, ସୁମିତ କୁମାର ପୂଜାହାରୀ ସମ୍ପାଦକ, ସୁବଳ ବାରିକ କୋଷାଧକ୍ଷ, ସାଂସ୍କୃତିକ ସମ୍ପାଦକ ସତ୍ୟଜିତ ସାହୁ ଓ ଉପଦେଷ୍ଟା କମିଟିରେ ଶ୍ରୀବତ୍ସ ମଲ୍ଲିକ, ଜିତେନ୍ଦ୍ର ସାହୁ, ଜିତେନ୍ଦ୍ର ପଟ୍ଟନାୟକ, ଆଦିତ୍ୟ କିଶୋର ଦାନୀ, ନବ କୁମାର ମେହେର, ହିମାଂଶୁ ଶତପଥୀ, ଯଶୋବନ୍ତ ମହଲାଙ୍କୁ ନିଆଯାଇଛି।

### ନୂଆଁଖାଇ ଭେଟ୍‌ଘାଟ୍ ପାଇଁ ପ୍ରସ୍ତୁତି

**ଅମରପାଲି, ୧୬।୯ (ଡି.ଏନ.ଏ.):** ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଖଣ୍ଡହତାସ୍ଥିତ ସ୍ୱେଚ୍ଛାସେବୀ ସଂଗଠନ ସିୟାରର ନୂଆଁଖାଇ ଭେଟଘାଟ ପାଇଁ ପ୍ରସ୍ତୁତି ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ପ୍ରସ୍ତୁତି ବୈଠକରେ ସଂଗଠନ ସମ୍ପାଦକ ସୁଦାମ ଗାଇଗରିଆ, ସହସମ୍ପାଦକ ପ୍ରହଲ୍ଲାଦ ମୁଖି, ଉପସଭାପତି ସୁଶାନ୍ତ ଭୋଇ ଓ କୋଷାଧକ୍ଷ ସୌମିତ୍ରୀ ରଣା ପ୍ରମୁଖ ଯୋଗଦେଇଥଇଲେ। ଚଳିତ ବର୍ଷ ହେବାକୁ ଥିବା ଭେଟଘାଟ ସମ୍ପର୍କରେ ସେମାନେ ମତ ଉପସ୍ଥାପନା କରିଥିଲେ। ସର୍ବସମ୍ମତିକ୍ରମେ ନଭେମ୍ବର ୧୦ତାରିଖ ରବିବାର ଉକ୍ତ ନୂଆଁଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମ ହେବାର ସ୍ଥିରୀକୃତ ହୋଇଛି। ପୂର୍ବବର୍ଷ ପରି ସନ୍ଧ୍ୟାରେ କାର୍ଯ୍ୟକ୍ରମ ଆରମ୍ଭ ହେବ । ଏହି ଅବସରରେ ଅଞ୍ଚଳର କଳାକାର, ରକ୍ତଦାତା, ସାମାଜିକ କର୍ମୀ ଓ ବିଭିନ୍ନ ବର୍ଗରେ କୃତିତ୍ୱ ହାସଲ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯିବାର ସ୍ଥିରୀକୃତ ହୋଇଛି। ସୂଚନାଯୋଗ୍ୟ ଯେ, ୪ ବର୍ଷ ହେଲା ଉକ୍ତ ସାମାଜିକ ସଂଗଠନ ଏହି କାର୍ଯ୍ୟକ୍ରମ କରି ଅଞ୍ଚଳର ବିଭିନ୍ନ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରୁଛି।

ରାଜେନ୍ଦ୍ର କଲେଜ ବାଣିଜ୍ୟ ବିଭାଗ ପକ୍ଷରୁ ସେମିନାର

# ଚାହିଦା ବୃଦ୍ଧି, ପୁଞ୍ଜିନିବେଶରୁ ଆର୍ଥିକ ମାନ୍ଦାବସ୍ଥା ଦୂରହେବ

**ବଲାଙ୍ଗୀର ଅଫିସ, ୧୬।୯**




ରାଜେନ୍ଦ୍ର କଲେଜ ବାଣିଜ୍ୟ ବିଭାଗରେ ଅନୁଷ୍ଠିତ ସେମିନାରରେ ମୁଖ୍ୟ ଆଲୋଚକ ବକ୍ତବ୍ୟ ରଖୁଛନ୍ତି ।

ବଲାଙ୍ଗୀର ରାଜେନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟ ବାଣିଜ୍ୟ ବିଭାଗ ପକ୍ଷରୁ ସୋମବାର ଆର୍ଥିକ ମାନ୍ଦାବସ୍ଥା–କାରଣ, ପ୍ରଭାବ ଓ ନିରାକରଣ ଶୀର୍ଷକ ସେମିନାର ଅନୁଷ୍ଠିତ ହୋଇଛି । ରାଜେନ୍ଦ୍ର ମହାବିଦ୍ୟାଳୟ ଅଧ୍ୟକ୍ଷ ବିନୟ କୁମାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସେମିନାରରେ ମୁଖ୍ୟ ଆଲୋଚକଭାବେ ବାଣିଜ୍ୟ ବିଭାଗ ପ୍ରାଧ୍ୟାପକ ରବିଶଙ୍କର ପାଣ୍ଡିଆ ଏବଂ ଅନ୍ୟତମ ଆଲୋଚକଭାବେ ବରିଷ୍ଠ ଅଧ୍ୟାପକ ଡ. ପ୍ରହ୍ଲାଦ ଶତପଥି ଯୋଗଦେଇଥିଲେ । ବର୍ତ୍ତମାନ୍ ଦେଶରେ ଆର୍ଥିକ ମାନ୍ଦାବସ୍ଥା ଚାଲିଥିବା ନେଇ ଯେଉଁ ଚର୍ଚ୍ଚା କରାଯାଉଛି ତାହା ବାସ୍ତବ ଓ ଏଥିରୁ ନିସ୍ତାର ପାଇବାକୁ ହେଲେ ଆଗାମୀ ଦିନରେ ଚାହିଦା ବୃଦ୍ଧି ଏବଂ ପୁଞ୍ଜିନିବେଶ ପାଇଁ ଉପଯୁକ୍ତ ବାତାବରଣ ସୃଷ୍ଟି କରିବାକୁ ପଡିବ ବୋଲି ଆଲୋଚକମାନେ କହିଥିଲେ। ପ୍ରାରମ୍ଭରେ ବାଣିଜ୍ୟ ବିଭାଗ ମୁଖ୍ୟ ଦୁର୍ଗାପ୍ରସନ୍ନ ମହାପାତ୍ର ସ୍ୱାଗତ ସମ୍ଭାଷଣ ପ୍ରଦାନ କରିବା ସହ ସେମିନାରର ବିଷୟ ଉପରେ କହିଥିଲେ । ମୁଖ୍ୟବକ୍ତା ପ୍ରାଧ୍ୟାପକ ପାଣ୍ଡିଆ ତାଙ୍କ ବକ୍ତବ୍ୟରେ ଭାରତୀୟ ରିଜର୍ଭ ବ୍ୟାଙ୍କ ଏହାକୁ ଏକ ଚକ୍ରୀୟ ମାନ୍ଦାବସ୍ଥା (ସାଇକ୍ଲିକ୍) ବୋଲି କହିବା ସହ କେତେକ ଢ଼ାଞ୍ଚାଗତ ସମସ୍ୟା ଯୋଗୁଁ ଏହା ଉତ୍ପନ୍ନ ହୋଇଛି ବୋଲି କହିଥିଲେ । ମାନ୍ଦାବସ୍ଥାର ଅନ୍ୟ କାରଣ ଗୁଡିକ ମଧ୍ୟରେ ବିମୁଦ୍ରୀକରଣ, ଜିଏସ୍‌ଟି, ଅଣବ୍ୟାଙ୍କିଙ୍ଗ ସମସ୍ୟା, କୃଷକମାନଙ୍କ ସମସ୍ୟା, ଆମେରିକା–ଚୀନ୍ ବାଣିଜ୍ୟିକ ଯୁଦ୍ଧ ବୋଲି ଆଲୋଚନା କରିଥିଲେ । ଅନ୍ୟତମ ଆଲୋଚକ ଡ. ଶତପଥୀ ମାନ୍ଦାବସ୍ଥାର ବାସ୍ତବିକ ସ୍ଥିତି, ଅଟୋମୋବାଇଲ କ୍ଷେତ୍ରରେ ଉତ୍ପାଦନ ଓ ନିଯୁକ୍ତି କ୍ଷତି ଉପରେ ଆଲୋଚନା କରିଥିଲେ । ଏହି ଅବସରରେ ଅର୍ଥନୀତି ପ୍ରାଧ୍ୟାପକ ବ୍ରଜମୋହନ ମିଶ୍ର, କେସିଙ୍ଗା କଲେଜର ପୂର୍ବତନ ଅଧ୍ୟକ୍ଷ ଅଶୋକ କୁମାର ମିଶ୍ର, ବଲାଙ୍ଗୀର ବଣିକ ସଂଘ ସଭାପତି ତ୍ରିପୁରାରୀ ପାଣିଗ୍ରାହୀ ବକ୍ତବ୍ୟ ରଖିଥିଲେ । କାର୍ଯ୍ୟକ୍ରମକୁ ଛାତ୍ରୀ ନାନ୍‌ସୀ ପୁରୋହିତ ଓ ସ୍ୱସ୍ତିକ ଥନାପତି ସଂଯୋଜନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ କୁନାଲ ମିଶ୍ର, ସୂର୍ଯ୍ୟକାନ୍ତ ସାହୁ, ମାନସ ରଞ୍ଜନ ସାହୁ ସହଯୋଗ କରିଥିଲେ । ସେମିନାରରେ ସୂର୍ଯ୍ୟକାନ୍ତ ସାହୁଙ୍କ ସହ ବହୁ ଛାତ୍ରୀଛାତ୍ର ପ୍ରବନ୍ଧ ଉପସ୍ଥାପନ କରିଥିଲେ । ଅଧ୍ୟାପିକା ସୁମନବିନ୍ଦୁ ଧନ୍ୟବାଦ ଅର୍ପଣ କରିଥିଲେ ।

### ଫସଲ ବୀମା ମିଳିନି ଏମ୍‌ପି, ଜିଲାପାଳଙ୍କୁ ଭେଟିଲେ ଚାଷୀ

**ବେଲପଡା,୧୬।୯(ଡି.ଏନ.ଏ.)**

୨୦୧୮–୧୯ ଖରଫ ଚାଷ ପାଇଁ ବୀମା କରି ବେଲପଡା ବ୍ଲକର ୮ଟି ପଞ୍ଚାୟତର ଚାଷୀ ଫସଲ ବୀମାରୁ ବଞ୍ଚିତ ହୋଇଛନ୍ତି। ବ୍ଲକ ଓ ତହସିଲ ଅଫିସ ଘୋରାଉ ଆନ୍ଦୋଳନ କରିଥିଲେ ମଧ୍ୟ କେବଳ ପ୍ରତିଶୃତି ମିଳିଛି ସିନା ସେମାନଙ୍କୁ ସହାୟତା ମିଳିନାହିଁ ବୋଲି ଚାଷୀ ନେତା ବନମାଳୀ ନାଏକ, ଶିପୁନ ଖମାରୀ ପ୍ରମୁଖ ଅଭିଯୋଗ କରିଛନ୍ତି । ଏ ନେଇ ଚାଷୀମାନେ ସୋମବାର ଏମ୍‌ପି ସଙ୍ଗୀତା ସିଂଦେଓଙ୍କୁ ପାଟଣାଗଡରେ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଚାଷୀ ପ୍ରତିନିଧିଙ୍କ ସହ ଆଲୋଚନା ପରେ ସେମାନଙ୍କୁ ନେଇ ଏମପି ପାଟଣାଗଡରେ ହେଉଥିବା ଜନ ଅଭିଯୋଗ ଶୁଣାଣି ଶିବିରକୁ ଯାଇ ଜିଲାପାଳଙ୍କୁ ଭେଟିଥିଲେ। ଚାଷୀଙ୍କ ଦାବିକୁ ଗୁରୁତର ଭାବରେ ନେଇ ସମ୍ପୃକ୍ତ ବୀମା କମ୍ପାନୀ ସହ ଆଲୋଚନା ପରେ ସାମାଧାନ ପାଇଁ ପଦକ୍ଷେପ ନିଆଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଥିବା ଚାଷୀନେତା ବନମାଳୀ ନାଏକ କହିଛନ୍ତି।

# ଗଣ୍ଡାବାହାଲରେ ନୂଆଁଖାଇ ଭେଟ୍‌ଘାଟ୍

**ଉଲୁଣ୍ଡା, ୧୬।୯ (ଡି.ଏନ.ଏ.)**



ନୂଆଁଖାଁଇ ଭେଟ୍‌ଘାଟ୍‌ରେ ଅତିଥିଙ୍କ ସହ ସମ୍ବର୍ଦ୍ଧିତ ପ୍ରତିଭା ।

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଗଣ୍ଡାବାହାଲ ସୁରସରଗମ କମିଟି ତରଫରୁ ୧୪ତମ ନୂଆଁଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆୟୋଜକ ଅନୁଷ୍ଠାନ ସଭାପତି ଋଷି କୁମାର ପଟେଲଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି କାର୍ଯ୍ୟକ୍ରମକୁ ପଞ୍ଚାୟତ ସମିତି ଅଧ୍ୟକ୍ଷା ମିତାଲି ମହାକୁର ମୁଖ୍ୟଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଜଜ୍ଞେଶ୍ୱର ପୂଜାହାରୀ ମୁଖ୍ୟବକ୍ତାଭାବେ ଯୋଗଦେଇ ଭାଇଚାରାର ପର୍ବ ନୂଆଁଖାଇ ଉପଲକ୍ଷେ ହେଉଥିବା ଭେଟ୍‌ଘାଟ ସମସ୍ତଙ୍କୁ ଏକତ୍ରିତ ରଖିବାରେ ସହାୟ ହୋଇଥାଏ ବୋଲି ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବୀରମହାରାଜପୁର ବ୍ଲକ ଅଧ୍ୟକ୍ଷ ସନ୍ତୋଷ କୁମାର ଭୋଇ, ଆମ୍ବା ଅଧ୍ୟକ୍ଷ ସନ୍ତୋଷ କୁମାର ଭୁକ୍ତା, ସାମାଜିକ କର୍ମୀ ଗୋବିନ୍ଦ ଦାଶ ତରାଇ, ଲକ୍ଷ୍ମଣ ବାରିକ ପ୍ରମୁଖ ସମ୍ମାନୀତ ଅତିଥିଭାବେ ଯୋଗଦେଇ ନୂଆଁଖାଇର ବିଶେଷତ୍ୱ ଉପରେ ଆଲୋକପାତ କରିଥିଲେ। ପରେ ବିଶ୍ୱଜିତ ପାତ୍ରଙ୍କ ସଂଯୋଜନାରେ ହୋଇଥିବା ସମ୍ବର୍ଦ୍ଧନା ଉତ୍ସବରେ ଅବସରପ୍ରାପ୍ତ ଶିକ୍ଷକ ଅନନ୍ତ ନାରାୟଣ ମେଣ୍ଡେଲି, କଣ୍ଠଶିଳ୍ପୀ ଶତୃଘ୍ନ ଲୁହା, ସଂକୀର୍ତ୍ତନ ଗାୟକ ସନ୍ତୋଷ ସାହୁ, ବ୍ୟଙ୍ଗକବି ରଞ୍ଜିତ ପଧାନ, ଜାତୀୟସ୍ତର ଟାଏକୋଣ୍ଡୋ ବିଜେତା ଶୁଭମ କୁମାର ପଟ୍ଟନାୟକ, ଚଳିତ ମାଟ୍ରିକ ପରୀକ୍ଷାରେ ବ୍ଲକର ଶ୍ରେଷ୍ଠ ନମ୍ବର ରଖିଥିବା ଛାତ୍ର ରଞ୍ଜନ ପଧାନ, ଯୁବ ସାମ୍ବାଦିକ ସଞ୍ଜୀବ କୁମାର ପାଣିଗ୍ରାହୀ ଏବଂ ଦଣ୍ଡ କଳାକାର ରସିକ ସାହୁ ପ୍ରମୁଖଙ୍କୁ ଅନୁଷ୍ଠାନ ତରଫରୁ ମାନପତ୍ର ଏବଂ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଗୌନ୍ତିଆ ଗୋପାଳ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ପରେ ହାସ୍ୟ ଅଭିନେତା ବିନ୍ଦୁ ଏବଂ ଦଳ ହାସ୍ୟ ଅଭିନୟ କରିଥିଲେ। ଅଞ୍ଚଳର କୁନିକୁନି କଳାକାର ଓ ଆଲବମ ଡ୍ୟାନ୍ସର ପ୍ରମୁଖଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

### ବାର୍‌ହା ଶିକାର ପାଇଁ ବିଛାଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଯୁବକ ମୃତ, ଅନ୍ୟ ଜଣେ ଗୁରୁତର

**ବେଲପଡା/ଖପ୍ରାଖୋଲ, ୧୬।୯ (ଡି.ଏନ.ଏ.)**

ବାର୍‌ହା ଶିକାର ପାଇଁ ବିଛାଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ବଲାଙ୍ଗୀର ଜିଲା ବେଲପଡା ଥାନା ପର୍ଲୀମାଲ ଗାଁର ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ବେଣୁ ବରିହା (୨୪)। ଗୁରୁତର ଟିକ୍ରିଲିମାଲ ଗ୍ରାମର ମନୁ ବରିହା (୨୫)ଙ୍କୁ ବଲାଙ୍ଗୀର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଖବର ନେବାରେ ଜଣାଯାଇଛି ଯେ ବେଣୁ ଓ ମନୁ ସୋମବାର ସକାଳ ୮ଟାରେ ଗ୍ରାମରୁ ଡୁମେରବାହାଲ ଗ୍ରାମକୁ ଜମି ହିଡ ଦେଇଯାଉଥିଲେ। ଏହି ସମୟରେ ବାର୍‌ହା ଶିକାର ପାଇଁ ଦୁର୍ବୃତ୍ତ ବିଛାଇଥିବା ଜୀବନ୍ତ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଉଭୟେ ଆସି ଯାଇଥିଲେ। ବିଦ୍ୟୁତ୍‌ଘାତରେ ବେଣୁ ଘଟଣାସ୍ଥଳରେ ଟଳି ପଡିଥିବାବେଳେ ମନୁ ଗୁରୁତର ହୋଇଥିଲେ। ନିକଟସ୍ଥ ଗ୍ରାମବାସୀ ମନୁଙ୍କୁ ଉଦ୍ଧାର କରି ବେଲପଡା ଓ ପରେ ବଲାଙ୍ଗୀର ନେଇଥିଲେ। ଏ ସମ୍ପର୍କରେ ପର୍ଲୀମାଲ ଗ୍ରାମର ପ୍ରତାପ ସୁନ୍ଦର ବରିହାଙ୍କ ଅଭିଯୋଗକ୍ରମେ ବେଲପଡା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ବେଲପଡା ଥାନାରେ ଏକ ମାମଲା ରୁଜୁ ହୋଇଛି। ମୃତକ ପରିବାରକୁ ସରକାରୀ ସାହାଯ୍ୟ ଦେବା ପାଇଁ ଗ୍ରାମବାସୀ ଦାବି ଜଣାଇଛନ୍ତି। ତେବେ। କିଏ ବାରହା ଶିକାର ପାଇଁ ତାର ବିଛାଇଥିଲା ଓ କେଉଁଠୁ ବିଦ୍ୟୁତ ସଂଯୋଗ କରାଇଥିଲେ ତାହାର ତଦନ୍ତ କରିବାକୁ ଦାବି ହେଉଛି।

ମନ୍ତ୍ରୀଙ୍କର ଟୁଇଟକେ ବେଖାତିର

# ସମସିଆରେ ଛଁଦି ହେଇଛନ୍ ଗରିବ ପରିବାର

**ଲାଠୋର/ଟିଟିଲାଗଡ଼, ୧୬।୯ (ଡି.ଏନ୍.ଏ.)**




ବଲାଙ୍ଗୀର ଜିଲାପାଳଙ୍କୁ ହେଇଥିବାର ଟୁଇଟ ଫଟୋ।

ମହିଳା ଓ ଶିଶୁ ବିକାଶ ଆର ମିଶନ ଶକ୍ତି ବିଭାଗ ମନ୍ତ୍ରୀ ଟୁକୁନି ସାହୁ ବଲାଙ୍ଗୀର ପରଶାସନକେ ଟୁଇଟ କରି ଟିଟିଲାଗଡ୍ ଅଂଚଲର ପବିତ୍ର ବାରିକଁର ଦୁରଦଶା ବୁଝ୍‌ବାକେ ଅଗଷ୍ଟ ୧୬ ତାରିଖ୍ ନିରଦେଶ ଦେଇଥିଲେ। ହେଲେ ଆଏଜ୍‌ତକ ଜିଲାର କେହେନ୍‌ସି ପରଶାସନିକ ଅଧିକାରୀ ତାକର ଘରେ ପାଦ୍ ନାଇଁ ଥାପିଥିବାର ବରଗଡ଼ ଜିଲା ପାଇକମାଲ ବ୍ଲକ ଟେମରି ଗାଁର ସାମାଜିକ କରମୀ ଦୀପା ବାରିକ ସୂଚନା ଦେଇଛନ୍।

ସୂଚନା ଅନ୍‌ସାରେ ବଲାଙ୍ଗୀର ଜିଲା ଟିଟିଲାଗଡ଼ ବ୍ଲକ ଅଧୀନ ଲୁଥୁରବନ୍ଧ ଗାଁର ପବିତ୍ର ବାରିକ(୬୦)କଁର ପରିବାର କହେଲେ ମାଏକିନା ପ୍ରମିଳା(୫୫), ଦୁଇ ପୁଓ ଗଙ୍ଗାରାମ(୩୮) ଆର ପୀତାମ୍ବର(୩୬)କୁଁ ନେଇ ସଁସାର। ସଁପତି ବଲି ତାକର କିଛି ନାଇଁ। ପବିତ୍ର ଗୁଟେ ଝୁଲୁମୁନା ଧରି ଗାଁ ଗାଁ ବୁଲି ଲୁକ୍‌କୁ କ୍ଷିଅର ଭଦର କରୁଛନ୍। ସେଥିରେ ଯାହା ରୁଜଗାର କରୁଛନ୍ ତାକର ପରିବାର ଚଲୁଛେ। ପରିବାରଟା ଗୁଟେ ମାଟି ଖପର ଘରେ ମୁଣ୍ଡ ଗୁଁଜିଛନ୍, ଟଁକା ପଏସା ଅଭାବୁ ଘରଟା ବି ମରାମତି କରି ନାଇଁ ପାରବାର। ଇଆଡ଼େ ଯେ ଘରଟା ଦଦ୍‌ରା ଅବସ୍‌ତାରେ ରହିଛେ। ଉପେ ଶୁଇନ ପବିତ୍ର ଘର ଉପରେ ଗୁଟେ ପଲିଥିନ୍ ଢାପି କୁଟୁମବସିଆ ରହୁଛନ୍। ଅଭାବ ଅନାଟନ ଲାଗି ଦୁଇ ପୁଓ ପାଠ୍‌ପଢ଼ା ଛାଡ଼ି ବାପ୍‌କେ ସହଯୋଗ କରୁଥିଲେ। ହେଲେ ଦୁଖର କଥା ଗଙ୍ଗାରାମ ବିହା ହେବାର ଦିନାକେତେ ଉତାରୁ ସେ ମାନ୍‌ସିକ ରୋଗ୍‌ରେ ପୀଡ଼ିତ ହେଲେ। ଇତାର ଦିନାକେତେ ଉତାରୁ ସାନ୍ ପୁଓ ପୀତାମ୍ବରର ବି ମାନ୍‌ସିକ ରୋଗ୍‌ରେ ପଡ଼ଲେ। ଇଆଡ଼େ ଘରର ଦରିଦିରିଆ ପରିସ୍ଥିତି ଲାଗି ଗରିବ୍ ବାପ୍ ପୁଓମାନକର ଚିକିଛା କରେଇ ନାଇଁପାରଲେ। ବିହାର ଦିନାକେତେ ଭିତରେ ଗଙ୍ଗାରାମ ମାନ୍‌ସିକ୍ ରୋଗ୍‌ରେ ପଡ଼ଲାରୁ ତାକର ମାଏକିନା ତାହାକୁ ଛାଡ଼ି ବାପ୍ ଘରକେ ପଲେଇଗଲେ। ଗଲା ୧୦ରୁ ୧୨ ବଛର ହେଲା ଦୁଇ ଯୁଆନ୍ ପୁଓ ବୁଢ଼ା ବାପ୍ ଉପ୍‌ରେ ବୋଝ୍ ହେଇ ରହିଛନ୍। ସରକାରୀ ସାହାଯ୍ କହେଲେ ମାସିକ ମିଳୁଥିବାର ୨୦ କେ.ଜି. ଚାଉଳ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପବିତ୍ରକଁର ନାଁ ରହିଥିଲେ ବି ଆଏଜ୍‌ତକ ଘରଖଁଡ଼େ ପାଏବାରୁ ବଁଚିତ୍ ହେଇ ରହିଛନ୍। ବାରବାର ପରିବାର ଲୋକ ସରକାରୀ ବାବୁମାନକୁ ଭେଟି ନିରାଶ ହେଲାରୁ ସାମାଜିକ କରମୀ ଦୀପା ବାରିକକୁଁ ତାକର ଦୁଖ୍ ବଖାନିଥିଲେ। ସାମାଜିକ କରମୀ ପରିବାରର ଦୁଖ୍‌କେ ବୁଝି ସେ ଓଡ଼ିଶାର ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଆର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀଙ୍କୁ ଟୁଇଟ କରି ଘଟନା ବାବ୍‌ଦେ ଜନେଇ ସାହାଯ୍ ଲାଗି ନିବେଦନ କରିଥିଲେ। ଇ ଦୁଖି ପରିବାରକେ ଆବାସ ଯୋଜନାରେ ଘରଖଁଡ଼େ ଆର ମାନ୍‌ସିକ ରୋଗ୍‌ରେ ପୀଡ଼ିତ ଦୁଇ ଭାଇକୁଁ ଚିକିଛା ସାହାଯ୍ ଯୁଗେଇ ଦେବାକେ ସାଧାରନରେ ଦାବି ହେଉଛେ।

ଅମରପାଲି ୟୁପି ସ୍କୁଲରେ ପୁରସ୍କାର ବିତରଣୀ ଉତ୍ସବ

# ପରିଶ୍ରମ କଲେ ସଫଳତା ଆପେ ମିଳିବ

**ଅମରପାଲି, ୧୬।୯ (ଡି.ଏନ.ଏ.)**



ପୁରସ୍କାର ବିତରଣୀ ଉତ୍ସବରେ କୃତୀ ଛାତ୍ରୀଛାତ୍ର ଓ ଅତିଥିମାନେ ।

ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଅମରପାଲି ସରକାରୀ ୟୁପି ସ୍କୁଲରେ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍ୱଚ୍ଛତା ପକ୍ଷ ଅବସରରେ ବହଲପଦର କ୍ଲଷ୍ଟରର ସମସ୍ତ ସ୍କୁଲକୁ ନେଇ ହୋଇଥିଲା ପ୍ରତିଯୋଗୀତା। ଏଥିରେ ଜୁନିୟର ଓ ସିନିୟର ବର୍ଗରେ ବକ୍ତୃତା, ଚିତ୍ରାଙ୍କନ, ପ୍ରବନ୍ଧ ଲିଖନ ଓ କୁଇଜ ଆଦି ପ୍ରତିଯୋଗୀତା ହୋଇଥିଲା। ଅମରପାଲି ୟୁପି ସ୍କୁଲର ପ୍ରଧାନଶିକ୍ଷକ ଦୁଃଖିଶ୍ୟାମ ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ବୀରମହାରାଜପୁର ବ୍ଲକ ଶିକ୍ଷା ଅଧିକାରୀ ଶାନ୍ତନୁ କୁମ୍ଭକାର ମୁଖ୍ୟଅତିଥି ଏବଂ ବହଲପଦର ସମିତି ସଭ୍ୟ ପୀତାମ୍ବର ସାହୁ, ସ୍ଥାନୀୟ ହାଇସ୍କୁଲର ପ୍ରଧାନ ଶିକ୍ଷକ ଉମେଶ ଚନ୍ଦ୍ର ପଣ୍ଡା ଓ ସିଆରସିସି ପ୍ରଦୀପ ଜଗଦଲା ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ମଞ୍ଚାସୀନ ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ସ୍ୱଚ୍ଛତା ଓ ପରିଚ୍ଛନ୍ନ ରହିବା ସହିତ ପଲିଥିନ ବ୍ୟବହାର ନ କରିବାକୁ ପରାମର୍ଶ ଦେଇଥିଲେ। ବିଭିନ୍ନ କ୍ଷେତ୍ରରେ ପାରଦର୍ଶୀତା ଲାଭ କରିବା ପାଇଁ କଠିନ ପରିଶ୍ରମର ଆବଶ୍ୟକତା ରହିଛି ବୋଲି କହିବା ସହିତ ପରିଶ୍ରମ କଲେ ସଫଳତା ଆପେ ମିଳିବ ବୋଲି ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇଥିଲେ। ବିଭିନ୍ନ ପ୍ରତିଯୋଗୀତାରେ କୃତିତ୍ୱ ଅର୍ଜନ କରିଥିବା ଓମ ସାଇସ୍ପନ୍ଦନ ବିଶ୍ୱାଳ, ନିଗମ ପ୍ରଧାନ, ଜିତ ରନବିତା, ଲିଭମ ସାହୁ, ଇପସିତା ଅନନ୍ୟା ସାହୁ, ଅର୍ଚ୍ଚିତା ପଧାନ, ସୀମାରାଣୀ ପଧାନ, ମନିଷା ପଧାନ, ମନିଷା ସିଂ, ମଣ୍ଟୁ ଭୋଇ, ଦୀପକ ଭୋଇ, ମୋନାଲିସା ଭୋଇ, ଶିବାନୀ ଗୁରୁ, ପ୍ରିୟଙ୍କା ଅଦରକୁଲିଆ, ଜଗଦିଶ ପଧାନ, ସ୍ମରଣୀକା ପଧାନ ଓ ନିରୁପମା କୁମୁରା ପ୍ରମୁଖଙ୍କୁ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା । ପୁରସ୍କାର ବିତରଣୀ କାର୍ଯ୍ୟକ୍ରମକୁ ଶିକ୍ଷକ ଶୁଭାଶିଷ ମିଶ୍ର ପରିଚାଳନା କରିଥିଲେ। ସଭାକାର୍ଯ୍ୟ ସଂଯୋଜନା କରିଥିଲେ ତପକିରଣ ସାହୁ । ଶେଷରେ ପ୍ରଧାନଶିକ୍ଷକ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ ।

## ଫଟୋରେ ଖବର









ବଲାଙ୍ଗୀର ନାଗରିକ କମିଟି ପକ୍ଷରୁ ଅନୁଷ୍ଠିତ ନୂଆଁଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି (ବାମ)। ବନ୍ୟା କ୍ଷତିଗ୍ରସ୍ତଙ୍କୁ ଉଚିତ୍ ସହାୟତା ଦାବିରେ ୟୁଥ୍ ଆକ୍ସନ କମିଟି ପକ୍ଷରୁ ବଲାଙ୍ଗୀର ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା (ମଝି) । ଜିଲା କୃଷକ ମହାସଂଘର ହସ୍ତକ୍ଷେପ ପରେ କୃଷିବିଭାଗ ଅଧିକାରୀଙ୍କ ଉପସ୍ଥିତିରେ ବଲାଙ୍ଗୀର ଖଲିଆପାଲିରେ ସରକାରୀ ଧାର୍ଯ୍ୟଦରରେ ଚାଷୀଙ୍କୁ ସାର ବଣ୍ଟନ କରାଯାଉଛି । (ଫଟୋ–ସୁନୀଲ)



ମନୁଷ୍ୟ ଯାହା ଚିନ୍ତା କରୁଥାଏ, ତା'ର ଚିନ୍ତାଧାରା ସେହି ଅନୁସାରେ ପ୍ରବାହିତ ହୁଏ।
-ଫ୍ରାନ୍ସିସ୍ ବାକନ

## ସଂକ୍ଷେପରେ

### ଆଞ୍ଚଳିକ ଯୁବ ପ୍ରଶିକ୍ଷଣ ଶିବିର

ଭବାନୀପାଟଣା,୧୬।୯(ଡି.ଏନ.ଏ.)- ଏକତା ପରିଷଦ କଳାହାଣ୍ଡି ଶାଖା ପକ୍ଷରୁ ସ୍ଥାନୀୟ ଏସ୍ଏନ୍ କନଫ୍ରେନ୍ସ ହଲ୍ଠାରେ ୨ ଦିନିଆ ଆଞ୍ଚଳିକ ଯୁବ ପ୍ରଶିକ୍ଷଣ ଶିବିର ସୋମବାର ଉଦ୍ଘାଟିତ ହୋଇଯାଇଛି। ଶିବିରକୁ ବରିଷ୍ଠ ଗବେଶକ ଉମାଶଙ୍କର କର ଓ ଉକ୍ତା ପରିସଦ ରାଜ୍ୟ ଶାଖା ଆବାହକ ଭାରତ ଭୂଷଣ ଠାକୁର ଉଦ୍ଘାଟନ କରିଥିଲେ। ଏଥିରେ କଳାହାଣ୍ଡି, କନ୍ଧମାଳ, ରାୟଗଡା, ବଲାଙ୍ଗୀର ଓ ସୁନ୍ଦରଗଡ ଜିଲାରୁ ପ୍ରାୟ ୫୦ ଜଣ ଯୁବତୀଯୁବକ ଓ ଏକତା ପରିଷଦର ବରିଷ୍ଠ କର୍ମକର୍ତ୍ତାମାନେ ଯୋଗଦେଇଚନ୍ତି। ଏହି ଶିବିର ଦୁଇଦିନ ଧରି ଚାଲିବ। ଯୁବପିଢ଼ୀଙ୍କ ଭିତରେ ନେତୃତ୍ୱର ବିକାଶ, ଆତ୍ମନିର୍ଭରଶିଳତା, ସମାଜର ବିକାଶ ଧାରାରେ ସେମାନଙ୍କ ଭୂମିକା କିପରି ରହିବା ଆବଶ୍ୟକ ସେ ଉପରେ ତାଲିମ୍ ଦିଆଯାଉଛି। ସେହିପରି ଦ୍ୱିତୀୟ ଦିବସରେ ପ୍ରାତଃ ୬ଟାରେ ଶିବିରାର୍ଥୀମାନଙ୍କ ଦ୍ୱାରା ବେହେରାଗୁଡା ଗ୍ରାମରେ ଶ୍ରମଦାନ କାର୍ଯ୍ୟକ୍ରମ କରାଯିବ। ଏକତା ପରିଷଦ କଳାହାଣ୍ଡି ସଂଯୋଜକ ସରୋଜ ବାଗ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସାଥି କାହ୍ନୁ ଭାଇ, ଆଲମ୍ ଏକ୍କା, ବିବିନିକା ପ୍ରଧାନ, ମମତା ପାଣିଗ୍ରାହୀ ଓ ଦୀଲିପ ଭୋଇ ସହଯୋଗ କରିଥିଲେ।

# କେସିଙ୍ଗା ବ୍ଲକ: ୟୁରିଆ ସାର ଅଭାବ

**ଆଧାର କାର୍ଡ ନମ୍ବର ପଞ୍ଜୀକରଣ**
- ଜଣପିଛା ୫୦ କିଲୋ ୟୁରିଆ ପ୍ରଦାନ
- ଚଢ଼ା ଦରରେ ସାର ବିକ୍ରି ଅଭିଯୋଗ

କେସିଙ୍ଗା,୧୬।୯ (ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକରେ ଏବେ ୟୁରିଆ ସାର ଅଭାବ ଦେଖାଦେଇଛି। ବ୍ଲକର ୨୬ଟି ଗ୍ରାମପଞ୍ଚାୟତରେ ୩୦ ହଜାର ହେକ୍ଟର ଜମି ରହିଛି। ଏଥିରୁ ୯ ହଜାର ୭୯୦ ହେକ୍ଟରରେ ଧାନ ଚାଷ ଏବଂ ୧୧ ହଜାର ୭୫୦ ହେକ୍ଟର ଜମିରେ କପା ଚାଷ କରାଯାଇଛି । ବ୍ଲକରେ ୧୩୦ ହେକ୍ଟର ଜମିରେ ମକା ଏବଂ ୨୫୦ ହେକ୍ଟର ଜମିରେ ହରଡ ଚାଷ କରାଯାଇଛି । ଚିନାବାଦାମ ୧୧୦ ହେକ୍ଟର ଜମିରେ କରାଯାଇଛି। କିନ୍ତୁ ଜୁନରେ ୧୭୭.୧ ମି.ମି. ବର୍ଷା ହୋଇଥିଲା । ଜୁଲାଇରେ ୧୫୩.୬ ମି.ମି. ବର୍ଷା ହୋଇଛି । ଅଗଷ୍ଟ ଓ ସେପ୍ଟେମ୍ବରରେ ଭଲ ବର୍ଷା ହେବାରୁ ଧାନ, କପା, ମକା, ଚିନାବାଦାମ ଚାଷ ଭଲ ହୋଇଛି। କିନ୍ତୁ ବର୍ତ୍ତମାନ ପ୍ରତ୍ୟେକ ଚାଷୀଙ୍କ ଜମିରେ ଧାନ ଓ କପା ଚାଷ ପାଇଁ ୟୁରିଆ ସାର ଚାହିଦା ରହିଛି । ଜମିରେ ଧାନ ଚାଷ ପାଇଁ ପାଣି ବନ୍ଧା ହୋଇଛି। କପା ଚାଷରେ ହୁଡା ଦେବା ପାଇଁ ୟୁରିଆ ସାରର ଚାହିଦା ଚାଷୀଙ୍କୁ ଜରୁରୀ ରହିଛି। ବ୍ଲକର ୨୬ଟି ଗ୍ରାମପଞ୍ଚାୟତରେ ୧୦୦ ଜଣଙ୍କୁ ସାର ବିକ୍ରି ପାଇଁ କୃଷି ବିଭାଗ ପକ୍ଷରୁ ଲାଇସେନ୍ସ ପ୍ରଦାନ କରାଯାଇଛି। ୟୁରିଆ ସାର ୫୦ କେଜି



କେସିଙ୍ଗା ସହରସ୍ଥିତ ଏକ ଡିଲରରୁ ଲୁକ୍କାୟିତ ଭାବେ ଆଧାର କାର୍ଡ ପଞ୍ଜୀକରଣ କରି ଟୋକନ୍ ଦିଆଯାଉଛି ।

ପ୍ରତି ସରକାରୀ ମୂଲ୍ୟ ୨୬୫ ଟଙ୍କା ଥିବା ବେଳେ ଗ୍ରାମାଞ୍ଚଳରେ କିମ୍ବା ଅନ୍ୟାନ୍ୟ ଜାଗାରେ ୩୯୦ ରୁ ୪୦୦ ଟଙ୍କା ଦରରେ ବିକ୍ରି କରାଯାଉଛି । କିନ୍ତୁ ଠିକ୍ ସମୟରେ ଧାନ କିମ୍ବା କପାରେ ୟୁରିଆ ସାର ପ୍ରୟୋଗ କରା ନ ଗଲେ ଫସଲ ଭଲ ହୋଇ ନ ଥାଏ । ବ୍ଲକରେ ୟୁରିଆ ସାର ମିଳୁ ନ ଥିବା ବେଳେ କେତେକ ଡିଲରମାନଙ୍କ ପାଖରେ ଅଛି । ଚାଷୀମାନେ ଦିନସାରା ଲମ୍ବା ଧାଡି ଲଗାଇ ୫୦ କେଜି ୟୁରିଆ ସାର ପାଇଁ ଠିଆ ହେବା ସହିତ ଆଧାର କାର୍ଡ ନମ୍ବର ପଞ୍ଜୀକରଣ କରା ନ ଗଲେ ଚାଷୀଙ୍କୁ ୟୁରିଆ ମିଳୁନାହିଁ । କେସିଙ୍ଗା ସହରସ୍ଥିତ ଏକ ଡିଲର୍ ପାଖରେ ୟୁରିଆ ଗଚ୍ଛିତ ଥିବାରୁ ଦୈନିକ ୬୦ ଜଣଙ୍କ ଆଧାର କାର୍ଡ ନମ୍ବର ପଞ୍ଜୀକରଣ କରାଗଲେ ୫୦ କେଜି ୟୁରିଆ ସାର ୨୬୫ ଟଙ୍କା ଦରରେ ବିକ୍ରି କରାଯାଉଛି । କେସିଙ୍ଗା ବ୍ଲକର ଦୂରଦୂରାନ୍ତ ଅଞ୍ଚଳରୁ ଆସି ସକାଳୁ ସନ୍ଧ୍ୟା ଯାଏ ଧାଡିରେ ରହିବାକୁ ପଡୁଛି । ଫଳରେ ଚାଷୀମାନେ ହଇରାଣ ହୋଇ ବହୁ କଷ୍ଟରେ ୫୦ କେଜି ୟୁରିଆ ସାର ପାଉଛି। କେସିଙ୍ଗା କୃଷି ବିଭାଗ ସହକାରୀ କୃଷି ଅଧିକାରୀ ବିଶ୍ୱନାଥ ମହାପାତ୍ରଙ୍କୁ ପଚାରିବାରୁ ୟୁରିଆ ସାର ଯୋଗାଣରେ ବିଳମ୍ବ ହେଉଥିବାରୁ ସମସ୍ତ ଚାଷୀ ପାଇବା ପାଇଁ ଜଣ ପିଛା ୫୦ କେଜି ଲେଖାଏଁ ଦିଆଯାଉଛି । ଏହି ସପ୍ତାହରେ ରୋକ ଲାଗିଲେ ସମସ୍ତଙ୍କୁ ସାର ଦିଆଯିବ ବୋଲି ପ୍ରକାଶ କରିଥିଲେ । କିନ୍ତୁ କେସିଙ୍ଗା ବ୍ଲକର ହାତୀଖୋଜ, ବେଲଖଣ୍ଡି ଭଳି ଗ୍ରାମାଞ୍ଚଳରେ ୫୦ କେଜିକୁ ୪୦୦ ଟଙ୍କା ଚଢ଼ାଦରରେ ବିକ୍ରି ହେଉଥିବାରୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଉଛି ।

## ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କାର୍ଯ୍ୟାଦେଶ ବଣ୍ଟନ

କର୍ଲାମୁଣ୍ଡା,୧୬।୯ (ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡ ବ୍ଲକ ରାଜୀବ ଗାନ୍ଧୀ ସେବା ଭବନଠାରେ ବ୍ଲକ ପକ୍ଷରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାର୍ଯ୍ୟାଦେଶ ବଣ୍ଟନ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଅଧ୍ୟକ୍ଷା ଅମ୍ରିତା ସାହୁ, ବିଡିଓ ପ୍ରିୟଦର୍ଶନ ମିର୍ଦ୍ଧା, ସାପଲହରା ସରପଞ୍ଚ ପୃଥିରାଜ ମାଝି, ଏପିଓ ସୂର୍ଯ୍ୟମଣି ସେଠ୍, ଗ୍ରାମଣୀ ଆବାସ ଯୋଜନା ବ୍ଲକ ସଂଯୋଜକ ରୁଦ୍ରମଣି ସାହୁ, ସାପଲହରା ଗ୍ରାମ ରୋଜଗାର ସେବକ କ୍ଷମାନିଧି ସାହୁ ପ୍ରମୁଖ ଯୋଗଦେଇ ସାପଲହରା ପଞ୍ଚାୟତ ୧୯ ଜଣ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। କାର୍ଯ୍ୟାଦେଶ ପାଇବା ପରେ ୪ ମାସ ଭିତରେ ଗୃହ ନିର୍ମାଣ ସମାପ୍ତ ପାଇଁ ୨୦ ହଜାର ଓ ୬ ମାସ ଭିତରେ ସାରିଲେ ୧୦ ହଜାର ଟଙ୍କା ସହିତ ମହାତ୍ମା ଗାନ୍ଧୀ ଜାତୀୟ କର୍ମ ନିଯୁକ୍ତି ଯୋଜନାରେ ୧୭ ହଜାର ୮ ଶହ ୬୦ ଟଙ୍କା ପ୍ରୋତ୍ସାହନ ଯୋଗାଇ ଦିଆଯିବ ବୋଲି ବ୍ଲକ ସଂଯୋଜକ ରୁଦ୍ରମଣି ସାହୁ ସୂଚନା ଦେଇଥିଲେ। ସୂଚନାଯୋଗ୍ୟ ଯେ, ପ୍ରଥମ ପର୍ଯ୍ୟାୟରେ ସାପଲହରା ପଞ୍ଚାୟତ ହିତାଧିକାରୀମାନଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିବା ବେଳେ ଅନ୍ୟ ପଞ୍ଚାୟତ ହିତାଧିକାରୀମାନଙ୍କୁ ମଧ୍ୟ ପର୍ଯ୍ୟାୟକ୍ରମେ କାର୍ଯ୍ୟଦେଶ ବଣ୍ଟନ କରାଯିବ ବୋଲି ବିଡିଓ କହିଛନ୍ତି।


ବିଡିଓ ପ୍ରିୟଦର୍ଶିନୀ ମିର୍ଦ୍ଧା ଜଣେ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରୁଛନ୍ତି।


ନୂଆଁଖାଇ ଭେଟ୍ଘାଟ୍ରେ ପରିବେଷିତ ସଂସ୍କୃତିକ କାର୍ଯ୍ୟକ୍ରମ ।

## ଗୋଲାମୁଣ୍ଡାଠାରେ ନୂଆଁଖାଇ ଭେଟ୍ଘାଟ୍

ଗୋଲାମୁଣ୍ଡା,୧୬।୯ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଗୋଲାମୁଣ୍ଡାଠାରେ ରବିବାର ନୂଆଁଖାଇ ଭେଟ୍ଘାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ନୂଆଁଖାଇ ଭେଟ୍ଘାଟ୍ କମିଟି ସଭାପତି ତଥା ବ୍ଲକ କିଷାନ ସଂଘ ସଭାପତି ସାଉଲ ମଙ୍ଗରାଜଙ୍କ ନେତୃତ୍ୱରେ ଆୟୋଜିତ ନୂଆଁଖାଇ ଭେଟ୍ଘାଟ୍ କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଜନସମାଗମ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ତୁଳେଶ୍ୱର ନାଏକ ଓ ସମ୍ମାନିତ ଅତିଥି ଭାବେ ଏମଆଇପି ଏସଡିଓ ଧିରେନ୍ଦ୍ର ନାଏକ, ଗ୍ରାମର ଗଉନ୍ତିଆ ସୁବାଷ ରାଉତ, ସାମାଜିକ କର୍ମୀ ପ୍ରସନ୍ନ ରାଉତ, ଦୈତାରୀ ରାଉତ, ମାନଝରୀ ସରପଞ୍ଚ ଗିରିଧାରି ତେଜି, ଗଣ୍ଡାମରେ ସରପଞ୍ଚ ରାହାସ ନାଏକ,ନକଟିକାନି ସରପଞ୍ଚ ଜତିନ୍ଦ୍ର ସୁନାନୀ ପ୍ରମୁଖ ମଞ୍ଚାସୀନ ଥିଲେ । ନୂଆଁଖାଇ ଭେଟ୍ଘାଟ୍ କାର୍ଯ୍ୟକ୍ରମର ସଭାପତି ସାଉଲ ମଙ୍ଗରାଜ ଆଗାମୀ ଦିନରେ ବ୍ଲକର କିପରି ବିକାଶ ହୋଇପାରିବ ଓ ଆଗାମୀ ଦିନରେ ଯୁବ ପିଢିମାନେ ଏକତ୍ରିତ ହୋଇ ବ୍ଲକ ବିକାଶ ଧାରାକୁ ଆଗକୁ ନେବାକୁ ଆହ୍ୱାନ ଦେଇଥିଲେ । ଏଥି ପୂର୍ବରୁ ଗାଁର ଗଉନ୍ତିଆ ସୁବାସ ରାଉତ, ନରିଆ ସୁଦେର ଖରସେଲ, ଝାଙ୍କର ବିଟୋ ମାଝି ଉପସ୍ଥିତ ରହି ପୂଜାର୍ଚ୍ଚନା ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ଏହି ଅବସରରେ ଗୋଲାମୁଣ୍ଡା ନିବାସି ତଥା ଏମଆଇପି ଏସଡିଓ ଧିରେନ୍ଦ୍ର ନାଏକଙ୍କୁ କମିଟି ପକ୍ଷରୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ବ୍ଲକରେ କାର୍ଯ୍ୟରତ ଖବରଦତାମାନଙ୍କୁ କମିଟି ପକ୍ଷରୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ପଶ୍ଚିମ ଓଡିଶାର ସୁନାମଧନ୍ୟ କଳାକାର ସାନ୍ତନୁ ସାହୁ, ପଦ୍ମିନୀ ଦୋରା, ଶିତଲ ସାହୁ ପ୍ରମୁଖ ମେଲୋଡି କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଦର୍ଶକମାନେ ଉପସ୍ଥିତ ରହି ରଙ୍ଗାରଙ୍ଗ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ ।

## ନାବାଳିକାଙ୍କୁ ଅପହରଣ ଅଭିଯୋଗ

ଜୁନାଗଡ,୧୬।୯(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ସହର ବାବୁପଡାର ଜଣେ ନାବାଳିକାଙ୍କୁ ଅପହରଣ କରାଯାଇଥିବା ଅଭିଯୋଗ ହୋଇଛି। ନାବାଳିକାଙ୍କ ବାପା ଜୁନାଗଡ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଗତ ୧୦ ତାରିଖରେ ସେ ତାଙ୍କ ପରିବାର ସହ ଶଶୁର ଘର ଖଳିଆପାଲିକୁ ଯାଇଥିଲେ। ସେଠାରେ ଦିନକ ପରେ ଅର୍ଥାତ ୧୧ ତାରିଖ ରାତିରେ ତାଙ୍କ ଝିଅ ସେଠାରୁ ନିଖୋଜ ହୋଇଯାଇଥିଲେ। ଖୋଜାଖୋଜି କରିବା ପରେ ମଧ୍ୟ ସେ ଝିଅକୁ ପାଇ ନ ଥିଲେ। ଜୁନାଗଡ ବାବୁପଡାର ଜଣେ ଯୁବକ ତାଙ୍କ ଝିଅଙ୍କୁ ଅପହରଣ କରି ନେଇଥିବା ସନ୍ଦେହ କରି ଥାନାରେ ଅଭିଯୋଗ କରିଥିଲେ। ଏହି ଘଟଣାରେ ସମ୍ପୃକ୍ତ ଯୁବକ ସହ ତାଙ୍କ ଆଉ ଜଣେ ସାଥୀ ଘାସିପଡାର ସହାୟତା କରିଥିବା ଅଭିଯୋଗରେ ଦର୍ଶାଇଥିଲେ। ଏ ନେଇ ଆଇପିସି ଦଫା ୩୬୩, ୧୦୯ ରେ ଏକ ମାମଲା (ନଂ. ୨୧୨/୧୯) ରୁଜୁ ହୋଇଛି। ଏହି ଘଟଣାରେ ୩ ଜଣଙ୍କୁ ଅଟକ ରଖି ପଚରାଉଚୁରା କରୁଥିବା ବେଳେ ଅପହରଣକାରୀଙ୍କୁ ଧରିବାରେ ପୋଲିସ ଏବେ ବି ବିଫଳ ରହିଛି। ଏ ନେଇ ଜୁନାଗଡ ଆଇଆଇସି ପ୍ରଭାତ କୁମାର ସେଠିଙ୍କୁ ପଚାରିବାରୁ ତଦନ୍ତ ଚାଲିଛି ବୋଲି କହିଥିଲେ।

### କଳାହାଣ୍ଡି ଗସ୍ତରେ ସ୍ୱାସ୍ଥ୍ୟମନ୍ତ୍ରୀ

## ଜିଲାରେ ଆବଶ୍ୟକତାର ୩୦ ରୁ ୪୦% ଡାକ୍ତର ପଦବୀ ଶୀଘ୍ର ପୂରଣ ହେବ

ଭବାନୀପାଟଣା,୧୬।୯ (ଡି.ଏନ.ଏ.)

ରାଜ୍ୟବାସୀଙ୍କ ସ୍ୱାସ୍ଥ୍ୟ ସେବାରେ ଉନ୍ନତି ପାଇଁ ସରକାର ସମସ୍ତ ପ୍ରକାର ଉଦ୍ୟମ କରୁଛନ୍ତି। କଳାହାଣ୍ଡି ଜିଲାର ଆବଶ୍ୟକତାର ୩୦ ରୁ ୪୦% ଡାକ୍ତର ପଦବୀ ଖୁବ୍ଶୀଘ୍ର ପୂରଣ କରାଯିବ। ଜିଲାର ଭବାନୀପାଟଣା ନିକଟସ୍ଥ ଭଙ୍ଗାବାରୀରେ ସରକାରୀ ମେଡିକାଲ କଲେଜ ନିର୍ମାଣ କାର୍ଯ୍ୟ ଦ୍ରୁତ ଗତିରେ ଆଗେଇ ଚାଲିଛି। ଆସନ୍ତା ୨-୩ ବର୍ଷ ମଧ୍ୟରେ ଜିଲାରେ ସରକାରୀ ମେଡିକାଲ କଲେଜ ପୂର୍ଣ୍ଣାଙ୍ଗ ଭାବେ କାର୍ଯ୍ୟକ୍ଷମ ହେବ ବୋଲି ସ୍ୱସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ଭବାନୀପାଟଣା ଗସ୍ତ ବେଳେ ଏହା କହିଛନ୍ତି। ସ୍ୱାସ୍ଥ୍ୟମନ୍ତ୍ରୀ ଦାସ କଳାହାଣ୍ଡି ଗସ୍ତରେ ଆସି ଗୋଲାମୁଣ୍ଡା ନୂତନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଶିଳାନ୍ୟାସ କରିଥିଲେ। ଏହା ପରେ ଭବାନୀପାଟଣା ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ସ୍ୱାସ୍ଥ୍ୟ ବିଭାଗ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସ୍ୱାସ୍ଥ୍ୟମନ୍ତ୍ରୀ ସମୀକ୍ଷା କରିଥିଲେ। ସନ୍ଧ୍ୟା ୭ଟାରେ ସେ ଜିଲା ମୁଖ୍ୟ ଡାକ୍ତରଖାନା ପରିଦର୍ଶନରେ ଯାଇ ମେଡିସିନ ୱାର୍ଡରେ ରୋଗୀଙ୍କ ସହ ଆଲୋଚନା କରିଥିଲେ। ଏହା ପରେ ସ୍ୱାସ୍ଥ୍ୟ ମନ୍ତ୍ରୀ ଜିଲା ମୁଖ୍ୟ ଡାକ୍ତରଖାନାର ୧୦ ଶଯ୍ୟା ବିଶିଷ୍ଟ ଚିକିତ୍ସା ୱାର୍ଡ ଓ ଚକ୍ଷୁ ବିଭାଗର ନୂତନ ଓପିଡି ଗୃହକୁ ଉଦ୍ଘାଟନ କରିଥିଲେ। ଶକ୍ତିମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର, ଲାଞ୍ଜିଗଡ ବିଧାୟକ ପ୍ରଦୀପ ଦିସାରୀ, ଜିଲାପାଳ ଡା. ଗାଭାଲି ପରାଗ ହର୍ଷଦ, ସିଡିଏମ୍ଓ ଡାକ୍ତର ବନଲତା ଦେବୀ, ଏଡିଏମ୍ଓ ଡାକ୍ତର ଜଗୁଲାଲ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ। ଡାକ୍ତରଖାନାର ପରିମଳ ବ୍ୟବସ୍ଥାରେ ସୁଧାର ଆଣିବା ସହ ରୋଗୀଙ୍କୁ ରାଜ୍ୟ ସରକାର ଯୋଗାଇ ଦେଉଥିବା ମାଗଣା ଔଷଧ ଯୋଗାଇ ଦେବାକୁ ମନ୍ତ୍ରୀ ସିଡିଏମ୍ଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଡାକ୍ତରଖାନା ପରିସରରେ ପରିମଳ ବ୍ୟବସ୍ଥା ଦାୟିତ୍ୱରେ ଥିବା ଅଧିକାରୀ ଓ କର୍ମଚାରୀମାନେ କର୍ତ୍ତବ୍ୟରେ ଅବହେଳା କଲେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଚେତାବନୀ ଦେଇଥିଲେ।


ସ୍ୱାସ୍ଥ୍ୟମନ୍ତ୍ରୀ ଚିକିତ୍ସା ୱାର୍ଡ, ଚକ୍ଷୁ ବିଭାଗର ନୂତନ ଓପିଡି ଗୃହ ଉଦ୍ଘାଟନ କରୁଛନ୍ତି ।


ଜଣେ ଚାଷୀ ତାଙ୍କ ନିଜ ଗାଁରେ ଫସଲ ଅଧିକ ଅମଳ ହେଉଛି ତାହା ଉପସ୍ଥାପନା କରୁଛନ୍ତି।

## କୃଷକ ଉତ୍ପାଦକ ଦଳ ଗଠନ ସମ୍ପର୍କିତ କର୍ମଶାଳା

କର୍ଲାମୁଣ୍ଡା,୧୬।୯ (ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସିଲେଟପଦା ଅଙ୍ଗନୱାଡି କେନ୍ଦ୍ରଠାରେ ଇଣ୍ଡୋ ଗ୍ଲୋବାଲ ସୋସିଆଲ ସର୍ଭିସ ସୋସାଇଟି ପକ୍ଷରୁ ଶନିବାର ଓ ରବିବାର ଦୁଇ ଦିନ ଧରି କୃଷକ ଉତ୍ପାଦକ ଦଳ ଗଠନ ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ବିଭିନ୍ନ ଗାଁରୁ ୩୫ ଜଣ ମହିଳା ଓ ପୁରୁଷ ଚାଷୀ ଯୋଗଦେଇଥିଲେ। କର୍ମଶାଳାରେ କେଉଁ ଗାଁରେ କେଉଁ ଫସଲ ଅଧିକ ଅମଳ ହେଉଛି ସେ ବିଷୟରେ ଦଳଗତ ଆଲୋଚନା ମାଧ୍ୟମରେ ତଥ୍ୟ ସଂଗ୍ରହ କରାଯାଇଥିଲା। ଏଥିରୁ ଜଣାପଡିଲା ଯେ, କର୍ଲାମୁଣ୍ଡା ଅଞ୍ଚଳରେ ବିଶେଷ ଭାବେ ମୁଗ, ହରଡ, ବିରି, ଧାନ ଅଧିକ ଅମଳ ହେଉଛି। କର୍ମଶାଳାରେ କୃଷକ ଉତ୍ପାଦକ ଦଳ ଗଠନ ଓ ତାହାର ଉପକାରିତା ଉପରେ ଚର୍ଚ୍ଚା କରାଯାଇଥିଲା। ଏଥିରେ ସଂସ୍ଥା ପକ୍ଷରୁ ଜଗଦୀଶ ପ୍ରସାଦ ରଣା, ପ୍ରଦୀପ ସାହୁ ପ୍ରମୁଖ ଯୋଗଦେଇ କର୍ମଶାଳାକୁ ଆୟୋଜନ କରିଥିଲେ।

### କଳାହାଣ୍ଡି ଜିଲା ବିଜୁ ଜନତା ଦଳର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ସଭା

# କଳାହାଣ୍ଡିକୁ ଅଗ୍ରଣୀ ଜିଲାରେ ପରିଣତ କରାଯିବ

ଭବାନୀପାଟଣା,୧୬।୯ (ଡି.ଏନ.ଏ.)

କଳାହାଣ୍ଡି ଜିଲା ବିଜୁ ଜନତା ଦଳର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ସଭା ସ୍ଥାନୀୟ ବିଜୁ କଲ୍ୟାଣ ମଣ୍ଡପଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲା ବିଜେଡି ସଭାପତି ପୁଷ୍ପେନ୍ଦ୍ର ସିଂହଦେଓଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀ ତଥା କଳାହାଣ୍ଡି ଜିଲା ବିଜେଡି ପର୍ଯ୍ୟବେକ୍ଷକ ନବକିଶୋର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଜିଲାର ସମସ୍ତ ଦଳୀୟ କର୍ମୀ ଓ ନେତା ଏକାଠି ହୋଇ ଦଳ ତଥା ଜିଲା ପାଇଁ କାର୍ଯ୍ୟ କଲେ କଳାହାଣ୍ଡିକୁ ଏକ ଅଗ୍ରଣୀ ଜିଲାରେ ପରିଣତ କରାଯାଇ ପାରିବ ବୋଲି କହିଥିଲେ। ଏଥିରେ ଜିଲା ବିଜେଡି ଉପସଭାପତି ଭବାନୀଶଙ୍କର ମିଶ୍ର, ପୂର୍ବତନ ବିଧାୟକ ଅନାମ ନାଏକ, ଜିଲା ଛାତ୍ର ସଭାପତି ଅବିନାଶ ଠାକୁର ପ୍ରମୁଖ ଉପସ୍ଥିତ ଥିଲେ। କଳାହାଣ୍ଡି ବିକାଶ ଧାରାରେ ବିଜେଡିର ଭୂମିକା ସମ୍ପର୍କରେ ହୋଇଥିବା ଆଲୋଚନାରେ ଶକ୍ତିମନ୍ତ୍ରୀ କ୍ୟା. ଦିବ୍ୟଶଙ୍କର ମିଶ୍ର, ଦଳର ଜିଲା ଉପସଭାପତି ପ୍ରଦୀପ କୁମାର ମୁଣ୍ଡ, ପୂର୍ବତନ ବିଧାୟକ ଦୁଷ୍ମନ୍ତ ନାଏକ ଓ ଜିଲା ଉପସଭାପତି ଜାକିର ହୁସେନ୍ ଆଲୋଚନା କରିଥିବା ବେଳେ ପ୍ରସ୍ତାବକ ଭାବେ ଭବାନୀଶଙ୍କର ନିଆଲ ଉପସ୍ଥିତ ଥିଲେ। କଳାହାଣ୍ଡି ଜିଲା ଶିକ୍ଷାର ଏକ ପେଣ୍ଠସ୍ଥଳି ଶୀର୍ଷକ ଆଲୋଚନାରେ ଧର୍ମଗଡ ବିଧାୟକ ମୌଷଧି ବାଗ, ଜିଲା ସମ୍ପାଦକ ଜିତେନ୍ଦ୍ର ମହାନ୍ତି, କାର୍ଯ୍ୟକାରୀ ସଭାପତି ପ୍ରବୋଧ ରଥ ଯୁବକଯୁବତୀମାନଙ୍କୁ ନିଯୁକ୍ତି ତଥା ଆତ୍ମନିର୍ଭରଶୀଳ କରିବାକୁ ଏମ୍ଏସ୍ଏମ୍ଇ ଜରିଆରେ କୁଟିର ଶିଳ୍ପ, କ୍ଷୁଦ୍ର ଶିଳ୍ପ ତଥା ବିଲୁପ୍ତ ପ୍ରାୟ ଶିଳ୍ପ ସଂସ୍ଥାର ପୁନରୁଦ୍ଧାର ପାଇଁ ପ୍ରଚେଷ୍ଟା କରିବାକୁ ଆଲୋଚନା କରାଯାଇଥିଲା । ଏହି କାର୍ଯ୍ୟକ୍ରମର ପ୍ରସ୍ତାବକ ଭାବେ ଦଳର ଅଶୋକ ମହାନ୍ତି ପ୍ରସ୍ତାବକ ଥିଲେ। କଳାହାଣ୍ଡିର ଚାଷ ଏବଂ ଚାଷୀଙ୍କ ପାଇଁ ବିଜୁ ଜନତା ଦଳର ଭୂମିକା ସମ୍ପର୍କରେ ଆଲୋଚନା କରିବା ବେଳେ ଲାଞ୍ଜିଗଡ ବିଧାୟକ ପ୍ରଦୀପ ଦିଶାରୀ ପ୍ରାରମ୍ଭିକ ବକ୍ତବ୍ୟ ରଖିଥିଲେ। ଭବାନୀପାଟଣା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଜିତେନ୍ଦ୍ର ନାରାୟଣ ସିଂହଦେଓ, ପୂର୍ବତନ ବିଧାୟକ ଗୋବର୍ଦ୍ଧନ ଦାସ, ଜିଲା ସମ୍ପାଦକ ଥବିର ସାହୁ, ଗୋଲାମୁଣ୍ଡା ପଞ୍ଚାୟତ ସମିତି ଅଧ୍ୟକ୍ଷ ତୁଳେଶ୍ୱର ନାଏକ ଆଲୋଚନାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ।

କଳାହାଣ୍ଡି ଯୁବକ ଯୁବତୀମାନଙ୍କୁ ନିଯୁକ୍ତି ଦେବା ପାଇଁ ତୃତୀୟ ଶ୍ରେଣୀ ଓ ଚତୁର୍ଥ ଶ୍ରେଣୀ ପାଇଁ ହେଉଥିବା ରାଜ୍ୟଭିତ୍ତିକ ପରିବର୍ତ୍ତେ ଜିଲାଭିତ୍ତିକ କରାଯାଇ ଲୋକଙ୍କ ବହୁ ଦିନର ଆଶାକୁ ଫଳବତୀ କରିବା ପାଇଁ ପ୍ରସ୍ତାବକ ଭାବେ ପ୍ରବୋଧ କୁମାର ରଥ ପ୍ରସ୍ତାବ ରଖିଥିଲେ। ସହରାଞ୍ଚଳ ବିକାଶରେ ବିଜେଡିର ଭୂମିକା ସମ୍ପର୍କରେ ଆଲୋଚନା କରିବା ପାଇଁ ପ୍ରସ୍ତାବ ରଖିଥିବା ଦଳର ବରିଷ୍ଠ ନେତା ଭବାନୀଶଙ୍କର ମିଶ୍ରଙ୍କ ସହ ଦଳର ଜିଲା ସମ୍ପାଦକ ଭବାନୀଶଙ୍କର ନିଆଲ ଓ ଦଳର ଜିଲା ଯୁବ ସଭାପତି ତଥା ପୂର୍ବତନ ପୌରାଧ୍ୟକ୍ଷ ଆଦିତ୍ୟ ନନ୍ଦ ଆଲୋଚନା କରିଥିଲେ। ମହିଳା ସଶକ୍ତିକରଣ ଓ ବିଜୁ ଜନତା ଦଳ ସମ୍ପର୍କରେ ହୋଇଥିବା ଆଲୋଚନାରେ ଜିଲ୍ଲା ମହିଳା ସଭାପତି କଲ୍ୟାଣି ନାଏକ, ମହିଳା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସବିତା ପ୍ରଧାନ, ଧର୍ମଗଡ ନଗରପାଳ ସୁଶ୍ରୀ ହୀରା ବାଗ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଜିଲା ସମ୍ପାଦକ ସନ୍ତୋଷ ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ।



ବୈଠକରେ ଯୋଗଦେଇଥିବା ମନ୍ତ୍ରୀ, ବିଧାୟକ ଏବଂ ଅନ୍ୟମାନେ ।

ଧରିତ୍ରୀ
DHARITRI
ସମ୍ବଲପୁର, ମଙ୍ଗଳବାର, ୧୭ ସେପ୍ଟେମ୍ବର, ୨୦୧୯



ଯେଉଁ ଲୋକ କାମ ପ୍ରବୃତ୍ତି ଓ ନିଦ୍ରାକୁ ଜୟ କରିଛି,
ସେ ପ୍ରକୃତ ଅର୍ଥରେ ଅମର ହୋଇ ଯାଇଛି।
- ଆରିଷ୍ଟଟଲ



## ସଂକ୍ଷେପରେ

### ପ୍ରକାଶ ପାଉନି ବିବିଏ ପରୀକ୍ଷାଫଳ

## ଏଡିଏମ୍‌ଙ୍କୁ ଦାବିପତ୍ର ପ୍ରଦାନ କଲେ ଛାତ୍ରୀଛାତ୍ର

ରାଉରକେଲା ଅଫିସ,୧୬। ୯

ମ୍ୟୁନିସିପାଲ ମହାବିଦ୍ୟାଳୟରେ ଅଧ୍ୟୟନ କରୁଥିବା ୩୦ ବିବିଏ ଛାତ୍ରୀଛାତ୍ରଙ୍କ ପରୀକ୍ଷା ଫଳ ପ୍ରକାଶ ପାଉନଥିବାରୁ ଅସନ୍ତୋଷ ସୃଷ୍ଟି ହୋଇଛି। ଗତ ଜୁଲାଇରେ ପରୀକ୍ଷା ଫଳ ପ୍ରକାଶ ପାଇବା କଥା। ଇତି ମଧ୍ୟରେ ଦୁଇ ମାସ ଅତିକ୍ରାନ୍ତ ହେବାକୁ ବସିଲାଣି। ଏନେଇ ଅସନ୍ତୁଷ୍ଟ ଛାତ୍ରୀଛାତ୍ର ସୋମବାର ରାଉରକେଲା ଏଡିଏମ୍ ୟେଦୁଲା ବିଜୟଙ୍କ ଅନୁପସ୍ଥିତିରେ ସହକାରୀ ଜିଲାପାଳ ନିଭାରାଣୀ ଭଟ୍ଟାଚାର୍ଯ୍ୟଙ୍କୁ ଦାବି ପତ୍ର ପ୍ରଦାନ କରିଛନ୍ତି। ସେମାନଙ୍କ ଅଭିଯୋଗ ହେଉଛି, ବିବିଏ ପରୀକ୍ଷା ଫଳ ପ୍ରକାଶ ପାଉ ନ ଥିବାରୁ ଛାତ୍ରୀଛାତ୍ର ଉଚ୍ଚ ଶିକ୍ଷାରୁ ବଞ୍ଚିତ ହେବାକୁ ଯାଉଛନ୍ତି। ଅନେକ ଘରୋଇ କଲେଜରେ ସିଟ ସଂରକ୍ଷିତ ରହିବା ସତ୍ତ୍ୱେ ନାମ ଲେଖାଇ ପାରୁ ନାହାଁନ୍ତି। କେହି ବ୍ୟାଙ୍କ ଋଣ ନେଇ ପାଠ ପଢିବାକୁ ଆଗ୍ରହ ପ୍ରକାଶ କଲେବି ସଫଳ ହୋଇପାରୁ ନାହାଁନ୍ତି। ଏନେଇ ବିଶ୍ୱବିଦ୍ୟାଳୟ ଓ କଲେଜ କର୍ତ୍ତୃପକ୍ଷ ପରସ୍ପରକୁ ଦୋଷାରୋପ କରି ଚାଲିଛନ୍ତି। ଏନେଇ କଲେଜ ଅଧ୍ୟକ୍ଷ ଏସ୍. ପାଣିଗ୍ରାହୀ କହିଛନ୍ତି, ଛାତ୍ରୀଛାତ୍ର ବିବ୍ରତ ହେବା ଉଚିତ ନୁହେଁ। ପରୀକ୍ଷା ଫଳ ଖୁବ୍ ଶୀଘ୍ର ପ୍ରକାଶ ପାଇବ।

# ରାଉରକେଲାରେ ପ୍ରତିଷ୍ଠା ହେବ ସାଇନ୍ସ ପାର୍କ, ପ୍ଲାନେଟୋରିୟମ

## ସରକାରଙ୍କ ଆଭିମୁଖ୍ୟ ଜନମଙ୍ଗଳ ଯୋଜନା ପ୍ରତି ପରିବାରରେ ପହଞ୍ଚୁ:ମନ୍ତ୍ରୀ

ରାଉରକେଲା ଅଫିସ,୧୬। ୯

ସାଧାରଣ ଲୋକଙ୍କ ଆଶା ପୂରଣ ଦିଗରେ ରାଜ୍ୟ ସରକାର ନିଷ୍ଠାର ସହ କାମ କରୁଛନ୍ତି। ଏନେଇ ମୁଖ୍ୟମନ୍ତ୍ରୀଙ୍କ ଆଗ୍ରହ ରହିଛି। ସରକାରଙ୍କ ଆଭିମୁଖ୍ୟ ହେଉଛି ପ୍ରତି ପରିବାରରେ ସରକାରଙ୍କ ଯୋଜନାର ସୁଫଳ ପହଞ୍ଚାଇବା। ତଳସ୍ତର ଲୋକେ ସମୃଦ୍ଧ ହେଲେ ଲକ୍ଷ୍ୟ ସଫଳ ହେବ ବୋଲି ସୋମବାର ମାହେଶ୍ୱରୀ ଭବନଠାରେ ଆୟୋଜିତ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମରେ ଯୋଗଦେଇ ରାଜ୍ୟ ବିଜ୍ଞାନ, କାରିଗରୀ, ସାଧାରଣ ଉଦ୍ୟୋଗ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ମନ୍ତ୍ରୀ ଅଶୋକ ପଣ୍ଡା କହିଛନ୍ତି। ଯୋଜନାର ସୁଫଳ ସବୁସ୍ତରରେ ପହଞ୍ଚାଇବାକୁ ସରକାର ତାଙ୍କ ଆଭିମୁଖ୍ୟକୁ ଶାଣିତ କରିଛନ୍ତି। ରାଜ୍ୟବାସୀଙ୍କ ସାମଗ୍ରିକ ସୁଖ ସମୃଦ୍ଧି ସରକାରଙ୍କ ମୂଳ ଲକ୍ଷ୍ୟ। ସାଧାରଣ ଜନତାଙ୍କ ଆଶୀର୍ବାଦରୁ ବିଜେଡି ୫ମ ପାଳି କ୍ଷମତା ହାସଲ କରିଛି। ନବୀନ ବାବୁ ମୁଖ୍ୟମନ୍ତ୍ରୀ ହୋଇଛନ୍ତି। ଏପରି ଅବସ୍ଥାରେ ରାଜ୍ୟବାସୀଙ୍କ ପ୍ରତି ସରକାରଙ୍କ ଗୁରୁ ଦାୟିତ୍ୱ ବଢିଯାଇଛି। ଶାସନ କ୍ଷେତ୍ରରେ ସ୍ୱଚ୍ଛତା ଆଣିବାକୁ ଦୃଢ ପଦକ୍ଷେପ ନିଆଯାଉଛି। ଲୋକେ ଚାହିଁଲେ ଓଡ଼ିଶା ଦେଶର ସମୃଦ୍ଧଶାଳୀ ରାଜ୍ୟରେ ପରିଣତ ହେବ ବୋଲି ମନ୍ତ୍ରୀ ପଣ୍ଡା କହିଛନ୍ତି।



ମନ୍ତ୍ରୀ ଅଶୋକ ପଣ୍ଡା ଭିନ୍ନକ୍ଷମମାନଙ୍କୁ ହୁଇଲ ସାଇକେଲ ପ୍ରଦାନ କରୁଛନ୍ତି।

ସାମାଜିକ ସୁରକ୍ଷା ଅନ୍ତର୍ଭୁକ୍ତ ବୃଦ୍ଧା, ବୃଦ୍ଧ, ଭିନ୍ନକ୍ଷମ ଓ ବିଧବାଙ୍କୁ ଭତ୍ତା ପ୍ରଦାନ କାର୍ଯ୍ୟକ୍ରମର ଶୁଭାରମ୍ଭ କରି ପଣ୍ଡା କହିଥିଲେ ସରକାର ଚାହାଁନ୍ତି ଜଣେ ହେଲେ ହିତାଧିକାରୀ ଯୋଜନାରୁ ବାଦ ନ ପଡନ୍ତୁ। ଏ କ୍ଷେତ୍ରରେ ଯାହା ଆବଶ୍ୟକ ସେଭଳି ପଦକ୍ଷେପ ନିଆଯାଉଛି। ଯୋଜନାରୁ ବାଦ ପଡିଥିବା ହିତାଧିକାରୀଙ୍କୁ କିପରି ଏଥିରେ ଅନ୍ତର୍ଭୁକ୍ତ କରାଯିବ ସେନେଇ ଧ୍ୟାନ ଦିଆଯାଉଛି ବୋଲି ପଣ୍ଡା କହିଥିଲେ। ରାଉରକେଲା ମହାନଗର ନିଗମ କମିଶନର ଡ. ୟେଦୁଲା ବିଜୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ରାଉରକେଲା ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ସାରଦା ପ୍ରସାଦ ନାୟକ, ରଘୁନାଥପାଲି ବିଧାୟକ ସୁବ୍ରତ ତରାଇ, ଆରଏମ୍‌ସି ଡେପୁଟି କମିଶନର ସୁଶାନ୍ତ ଭୋଇ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଅଶୋକ ବିଶି, ତହସିଲଦାର ବିଶ୍ୱରଞ୍ଜନ ରଥ, ସୁନୀଲ ନାୟକ, ରଶ୍ମିରଞ୍ଜନ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ମନ୍ତ୍ରୀ ପଣ୍ଡା କହିଲେ, ଭିକ୍ଷାବୃତ୍ତି କରି ଚଳୁଥିବା ଭାଇ ଭଉଣୀ, କିନ୍ନର, ସ୍ୱାମୀ ପରିତ୍ୟକ୍ତା ମହିଳାଙ୍କ ଭଳି ବିଭିନ୍ନସ୍ତରରେ ଅବହେଳିତଙ୍କ କଥା ସରକାର ଚିନ୍ତା କରୁଛନ୍ତି। ସେମାନଙ୍କୁ ସାମାଜିକ ସୁରକ୍ଷା ଦେବାକୁ ପ୍ରଚେଷ୍ଟା ଆରମ୍ଭ କରାଯାଇଛି। ବେସାହାରାଙ୍କ ଓ ବୟସ୍କଙ୍କ ନିମନ୍ତେ ଆଶ୍ରୟ ସ୍ଥଳ ଭଳି ଅନେକ ଜନମଙ୍ଗଳକାରୀ ପଦକ୍ଷେପ ଆରମ୍ଭ କରାଯାଇଛି ବୋଲି ପଣ୍ଡା ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ସେ କହିଲେ ଷ୍ଟିଲସିଟିରେ ଯାହା ସମସ୍ୟା ରହିଛି ସେନେଇ ସରକାର ଅବଗତ ଅଛନ୍ତି। ସହରବାସୀଙ୍କ ଆବଶ୍ୟକତା ଓ ଦାବି ଅନୁଯାୟୀ ସାଇନ୍ସ ପାର୍କ, ପ୍ଲାନେଟୋରିୟମ ପ୍ରତିଷ୍ଠା ପାଇଁ ପଦକ୍ଷେପ ନିଆଯିବ। ଏଥିରେ ବିଧାୟକ ନାୟକ ଓ ତରାଇ ବକ୍ତବ୍ୟ ପ୍ରଦାନ କରି ରାଉରକେଲାବାସୀଙ୍କ ଆଶା ଆକାଂକ୍ଷା ପୂରଣ ଦିଗରେ ସରକାର ସବୁବେଳେ ସହଯୋଗ କରି ଆସିଛନ୍ତି। ଆଗାମୀ ଦିନରେ ଏହା ବଜାୟ ରହିବ ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ ମନ୍ତ୍ରୀ ପଣ୍ଡା ଲାଠିକଟା ରାଧାକୃଷ୍ଣ ବ୍ଲାଇଣ୍ଡ ସ୍କୁଲ, ଛେଣ୍ଡ ଆଶାଦୀପ, ଶ୍ରଦ୍ଧା, ହୋମ ଏଣ୍ଡ ହୋପ ଏବଂ ଏସ୍‌ଓଏସ୍ ଭିଲେଜ ଭଳି ଆଶ୍ରମ ତଥା ଭିନ୍ନକ୍ଷମ ଅନୁଷ୍ଠାନ ପରିଦର୍ଶନ କରି ସେଠାକାର ଅନ୍ତେବାସୀଙ୍କ ସହ ଆଲୋଚନା କରିଥିଲେ। ଚ୍ୟାମ୍ବର ଅଫ୍ କମର୍ସ ଏଣ୍ଡ ଇଣ୍ଡଷ୍ଟ୍ରି କାର୍ଯ୍ୟାଳୟରେ ପହଞ୍ଚି ସହର ତଥା ବ୍ୟବସାୟୀଙ୍କ ସମସ୍ୟା ଶୁଣିଥିଲେ। ଶେଷରେ ସର୍କିଟ ହାଉସରେ ଅପରାହ୍ନ ୩ଟାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଯୋଗଦେଇ ଖବରଦାତାଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ।

## 'ସୁର ତରଙ୍ଗ' ସଙ୍ଗୀତ ପ୍ରତିଯୋଗିତା

ରାଉରକେଲା ଅଫିସ, ୧୬।୯

ଦିଲ୍ଲୀସ୍ଥିତ ସଙ୍ଗମ କଳା ଗ୍ରୁପ ପକ୍ଷରୁ ଭାରତର ବିଭିନ୍ନ ସ୍ଥାନରେ ୩୯ତମ 'ସୁର ତରଙ୍ଗ' ସଙ୍ଗୀତ ପ୍ରତିଯୋଗିତା ଚଳିତ ବର୍ଷ ଅନୁଷ୍ଠିତ ହେଉଛି। ଏହାର ଓଡିଶା ଚାପ୍ଟର ଓ ୱାଇଏମଏଫଆଇର ମିଳିତ ସହଯୋଗରେ ପଶ୍ଚିମ ଓଡିଶା ଅଡିସନ୍ ଆସନ୍ତା ସପ୍ତାହରୁ ଆରମ୍ଭ ହେବାକୁ ଯାଉଛି। ଚୟନ କରାଯାଇଥିବା କେତେକ ସ୍କୁଲ, କଲେଜ ଓ ଶିକ୍ଷାନୁଷ୍ଠାନରେ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏତଦ୍ ବ୍ୟତୀତ ଆସନ୍ତା ୨୨ ତାରିଖ (ରବିବାର) ଦିନ ସକାଳ ୯ଟାରୁ ସେକ୍ଟର-୫ସ୍ଥିତ ଦୀପିକା ଇଂଲିଶ ମାଧ୍ୟମ ବିଦ୍ୟାଳୟରେ ସମସ୍ତ ବର୍ଗର ପ୍ରତିଯୋଗିତା ସାମୂହିକ ଭାବେ ଅନୁଷ୍ଠିତ ହେବ। ସବ୍ ଜୁନିୟର ବର୍ଗରେ ୫ ବର୍ଷରୁ ୧୨ ବର୍ଷ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ରହିଥିବା ବେଳେ ଜୁନିୟର ବର୍ଗରେ ୧୨ରୁ ୧୮ ବର୍ଷ ଓ ସିନିୟର ବର୍ଗରେ ୧୮ରୁ ୩୦ ବର୍ଷ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ଓ ସଙ୍ଗୀତ ବୃତ୍ତିଧାରୀମାନେ ଭାଗ ନେଇପାରିବେ। ସେମାନେ ଯେକୌଣସି ସିନେମା କିମ୍ବା ଅଣସିନେମା ସଙ୍ଗୀତ ଗାନ କରିପାରିବେ। ଆଗ୍ରହୀ ବ୍ୟକ୍ତିମାନେ ଉକ୍ତ ଦିନ ସିଧାସଳଖ ଦୀପିକା ସ୍କୁଲରେ ପହଞ୍ଚି ନାମ ପଞ୍ଜୀକରଣ କରିବା ସହ ନିଃଶୁଳ୍କ ପ୍ରତିଯୋଗିତାରେ ଭାଗ ନେଇପାରିବେ ବୋଲି ଆଞ୍ଚଳିକ ସଂଯୋଜକ ରାଜଦୀପ ମହାନ୍ତି, ପ୍ରୋଗ୍ରାମ କୋର୍ଡିନେଟର ସୁରେଶ ନନ୍ଦ ଓ ୱାଇଏମଏଫଆଇର ସାଧାରଣ ସମ୍ପାଦକ ବିବେକାନନ୍ଦ ଦାସ ଜଣାଇଛନ୍ତି। ସଙ୍ଗମ କଳା ଗ୍ରୁପ ଦେଶର ବହୁ ସୁପରିଚିତ କଣ୍ଠଶିଳ୍ପୀଙ୍କୁ ସୃଷ୍ଟି କରିପାରିଛି।

# ରାଉରକେଲା ଘରୋଇ ବସ୍ ମାଲିକ ସଂଘ ପୁନର୍ଗଠିତ

## ପ୍ରକାଶ ସଭାପତି, ଶ୍ରୀକାନ୍ତ ସମ୍ପାଦକ

ରାଉରକେଲା ଅଫିସ, ୧୬।୯

ଦୀର୍ଘ ଦିନ ପରେ ରାଉରକେଲା ଘରୋଇ ବସ ମାଲିକ ସଂଘର ପୁନର୍ଗଠନ ହୋଇଛି। ରାଜ୍ୟର ପ୍ରତ୍ୟେକ ଜିଲାରେ ଘରୋଇ ବସ ମାଲିକ ସଂଘ ରହିଛି। ସଂଘ ମାଧ୍ୟମରେ ବସ ମାଲିକମାନଙ୍କର ଗାଡି ଚଳାଇବା ସମ୍ପର୍କିତ ସମସ୍ୟାର ସମାଧାନ ସହ ରାଜ୍ୟ ସରକାରଙ୍କ ପରିବହନ ବିଭାଗ ଓ ସ୍ଥାନୀୟ ଆରଟିଓ ଅଫିସ ମଧ୍ୟରେ ସମନ୍ୱୟ ରକ୍ଷା ହୋଇଥାଏ। ସହରରେ ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ବସ ଚାଲୁଛି। ପୂର୍ବରୁ ମିନି, ମିଡିୟମ ଓ ବଡ ଏହିପରି ୩ଟି ଭାଗରେ ସଂଘ ଚାଲୁଥିଲା। କିନ୍ତୁ ବର୍ତ୍ତମାନ ସମସ୍ତ ବର୍ଗର ମାଲିକମାନେ ଏକାଠି ହେବା ସହ ଗୋଟିଏ ସଂଘ କରି କାର୍ଯ୍ୟ କରିବାର ନିଷ୍ପତ୍ତି ନେଇଥିଲେ। ଏହି ପରିପ୍ରେକ୍ଷୀରେ ରାଉରକେଲା ଘରୋଇ ବସମାଲିକ ସଂଘ ଗଠନ ହେଲା। ଗତ ୧୧ ତାରିଖ ଦିନ ସ୍ଥାନୀୟ ସେହନାଇ ମଣ୍ଡପଠାରେ ସାଧାରଣ ପରିଷଦ ବୈଠକ ବସିଥିଲା। ଏଥିରେ ଏକ ନୂତନ କମିଟି ଗଠନ କରାଯାଇ ସଂଘର ପରିଚାଳନା ପାଇଁ ନୀତି ନିର୍ଦ୍ଧାରଣ କରାଯାଇଥିଲା। ନବନିର୍ବାଚିତ କମିଟିରେ ସଭାପତି ଭାବେ ପ୍ରକାଶ ଜେନା, ଉପସଭାପତି ଭାବେ ଜିତେନ୍ଦ୍ର ନାୟକ ଓ କମର ଖାନ, କାର୍ଯ୍ୟକାରୀ ସଭାପତି ଭାବେ ମୀନକେତନ ମହାନ୍ତି, ସାଧାରଣ ସମ୍ପାଦକ ଭାବେ ଶ୍ରୀକାନ୍ତ ଦାସ ମନୋନୀତ ହୋଇଛନ୍ତି। ସେହିପରି ୩ ଜଣିଆ ସମ୍ପାଦକ ମଣ୍ଡଳୀରେ ଏମ୍‌ଡି.କମଲ ଉଦ୍ଦିନ, ସଞ୍ଜୀବ ନାୟକ ଓ ଏମ୍‌ଡି.ୱାସିକ ସିଦ୍ଦିକି ରହିଥିବା ବେଳେ ଯୁଗ୍ମ ସମ୍ପାଦକ ଭାବେ ଏସ୍.କେ.ୱାହିଦା, ସୋମରା ବାର୍ଲା, କୋଷାଧ୍ୟକ୍ଷ ଭାବେ ରବୀନ୍ଦ୍ରନାଥ ମହାନ୍ତି ମନୋନୀତ ହୋଇଛନ୍ତି। ଏହି କମିଟିକୁ ସହଯୋଗ ପାଇଁ ୭ଜଣିଆ କାର୍ଯ୍ୟକାରୀ କମିଟିରେ ଇକବାଲ ଅନୱାର, ପ୍ରଶାନ୍ତ ସ୍ୱାଇଁ, ରାକେଶ ପ୍ରଧାନ, ରତ୍ନାକର ବଳ, ପ୍ରଫୁଲ୍ଲ ସ୍ୱାଇଁ, ରୁଦ୍ରନାରାୟଣ ପତି ଓ ଏମ୍‌ଡି. ଇକବାଲ ଅହମ୍ମଦ ପ୍ରମୁଖ ରହିଛନ୍ତି। ଏହି ଅବସରରେ ରାଉରକେଲା ବିଧାୟକ ତଥା ସୁନ୍ଦରଗଡ଼ ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ସାରଦା ପ୍ରସାଦ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଗାଡି ମାଲିକମାନେ ଏକଜୁଟ ହୋଇ କାମ କରିବା ପାଇଁ ପରାମର୍ଶ ଦେଇଥିଲେ।




ଘରୋଇ ବସମାଲିକ ସଂଘ ପକ୍ଷରୁ ଅନୁଷ୍ଠିତ ବୈଠକରେ ଉପସ୍ଥିତ ବସମାଲିକମାନେ।

## ରଶି ଲଗାଇ ଆତ୍ମହତ୍ୟା

ରାଉରକେଲା ଅଫିସ, ୧୬।୯

ରାଉରକେଲା ସେକ୍ଟର-୧୫ ଥାନା ଅଧୀନସ୍ଥ ଆନନ୍ଦ ବସ୍ତିରେ ରହୁଥିବା ଜଣେ ବ୍ୟକ୍ତି ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଥାନାରେ ଅଭିଯୋଗ ହୋଇଛି। ତାଙ୍କ ନାମ ପ୍ରକାଶ ବେହେରା(୫୩)। ସେ ବିଭିନ୍ନ ସ୍ଥାନରେ ମୂଲ ଲାଗି ଚଳୁଥିଲେ। ସୋମବାର ଡିପିଏସ୍ ସ୍କୁଲ ପଛପଟେ ଏକ ଗଛରେ ରଶି ବାନ୍ଧି ସେ ଆତ୍ମହତ୍ୟା କରିଥିଲେ। ପରିବାର ଲୋକଙ୍କ ସହ ସ୍ଥାନୀୟ ଲୋକେ ଏ ନେଇ ସେକ୍ଟର-୧୫ ଥାନା ପୋଲିସକୁ ଖବର ଦେଇଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଆତ୍ମହତ୍ୟାର ପ୍ରକୃତ କାରଣ ଜଣାପଡ଼ିନାହିଁ। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ବିଜୁ ଯୁବ ବାହିନୀ ପକ୍ଷରୁ ସବୁଜ ବନାନୀ

ରାଉରକେଲା ଅଫିସ, ୧୬।୯

ରାଉରକେଲା ମହାନଗର ନିଗମ ଅନ୍ତର୍ଗତ ବିଜୁ ଯୁବ ବାହିନୀ ପକ୍ଷରୁ ରାଉରକେଲାରେ ବ୍ୟାପକ ସବୁଜ ବନାନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଉରକେଲାରେ ବିଭିନ୍ନ ୱାର୍ଡରେ ଗଠନ କରାଯାଇଥିବା ବିଜୁ ଯୁବ ବାହିନୀ ଦ୍ୱାରା ବିଭିନ୍ନ ସ୍ଥାନରେ ବୃକ୍ଷରୋପଣ କରାଯାଇଥିଲା। ଚଳିତବର୍ଷ ବୃକ୍ଷଗୁଡ଼ିକର ସୁରକ୍ଷା ପାଇଁ ବିଶେଷ ଧ୍ୟାନ ଦିଆଯାଉଥିବା ବେଳେ ବୃକ୍ଷକୁ ଭଲ ପାଉଥିବା ବ୍ୟକ୍ତିମାନଙ୍କୁ ନେଇ ବୃକ୍ଷ ବନ୍ଧୁ ଗ୍ରୁପ ଗଠନ କରାଯାଇଛି। ଏହି ଗ୍ରୁପ ବୃକ୍ଷଗୁଡ଼ିକର ଯତ୍ନ ନେବା ସହ ଏହାର ସୁରକ୍ଷା ପାଇଁ ସହଯୋଗ କରିବେ। ବନବିଭାଗର ମିଳିତ ସହଯୋଗରେ ୧୦ଟି ୱାର୍ଡର ପ୍ରାୟ ୩୦୦ ସ୍ୱେଚ୍ଛାସେବୀ ଏକାଠି ହୋଇ ଦୁର୍ଗାପୁର ପାହାଡରେ ୫ହଜାର ବୃକ୍ଷରୋପଣ କରିଥିଲେ। ଏହାସହ ଆଗାମୀ ଦିନରେ ଏହାକୁ ୧୫ହଜାରରେ ପହଞ୍ଚାଇବା ପାଇଁ ଲକ୍ଷ୍ୟ ରଖାଯାଇଥିବା ସୂଚନା ଦେଇଥିଲେ। ପରିବେଶ ସୁରକ୍ଷାକୁ ଦୃଷ୍ଟିରେ ରଖି ବିଶେଷ ଭାବେ ନିମ୍ବ,କରଞ୍ଜ, ହରିଡା, ବାହାଡା, ଅଁଳା ଇତ୍ୟାଦି ବୃକ୍ଷ ଲଗାଯାଇଛି। ସ୍ୱେଚ୍ଛାସେବୀମାନେ ଟିମ୍ବର କଲୋନୀଠାରୁ ଏକ ଶୋଭାଯାତ୍ରାରେ ବାହାରି ବୃକ୍ଷରୋପଣ ଓ ପରିବେଶ ସୁରକ୍ଷା ପାଇଁ ସଚେତନତା ବାର୍ତ୍ତା ଦେଇ ବୈଷ୍ଣୋଦେବୀ ମନ୍ଦିର ପାଖରେ ପହଞ୍ଚିଥିଲେ। ପାନପୋଷ ବନଖଣ୍ଡ ଅଧିକାରୀ ସଂଗ୍ରାମ ସ୍ୱାଇଁ ଯୋଗଦେଇ ବୃକ୍ଷରୋପଣ ଦିଗରେ ବିଜୁ ଯୁବ ବାହିନୀର ଯୋଗଦାନକୁ ପ୍ରଶଂସା କରିଥିଲେ। ଦୁର୍ଗାପୁର ପାହାଡରେ ବନବିଭାଗ ପକ୍ଷରୁ ଚଳିତବର୍ଷ ଦେଢ଼ ଲକ୍ଷ ବୃକ୍ଷ ରୋପଣ କରିବାର ଯୋଜନା ରହିଥିବା ବେଳେ ଏହାର ସୁରକ୍ଷା ଓ ରକ୍ଷଣାବେକ୍ଷଣ ପାଇଁ ବିଜୁ ଯୁବ ବାହିନୀର ସହଯୋଗ ଲୋଡିଥିଲେ। ଆଗାମୀ ଦିନରେ ବିଜୁ ଯୁବ ବାହିନୀ ପକ୍ଷରୁ ବିଭିନ୍ନ ୱାର୍ଡରେ କାର୍ଯ୍ୟକ୍ରମ କରି ଲୋକଙ୍କୁ ସଚେତନ କରାଇ ଗଛଗୁଡ଼ିକର ସୁରକ୍ଷା ପାଇଁ ଉଦ୍ୟମ କରାଯିବ ବୋଲି କାର୍ଯ୍ୟକ୍ରମ ସଂଯୋଜକ ବିକ୍ରମ ନାୟକ ସୂଚନା ଦେଇଛନ୍ତି।



ବିଜୁ ଯୁବବାହିନୀ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ବନଖଣ୍ଡ ଅଧିକାରୀ ବୃକ୍ଷରୋପଣ କରୁଛନ୍ତି।

### ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୩୨ତମ ଜନ୍ମୋତ୍ସବ

# ସୁସ୍ଥ ସମାଜ ଗଠନ ଉପରେ ଗୁରୁତ୍ୱ

ରାଉରକେଲା ଅଫିସ,୧୬।୯

ନୟାବଜାର ସତ୍‌ସଙ୍ଗ୍ ବିହାର ଆନୁକୂଲ୍ୟରେ ପୁରୁଷୋତ୍ତମ ଅନୁକୂଳ ଚନ୍ଦ୍ରଙ୍କ ୧୩୨ତମ ଜନ୍ମୋତ୍ସବ ସୋମବାର ପାଳିତ ହୋଇଯାଇଛି। ପ୍ରତ୍ୟୁଷରେ ବେଦ ମାଙ୍ଗଳିକୀ, ଉଷା କୀର୍ତ୍ତନ ଓ ସଦ୍‌ଗ୍ରନ୍ଥାଦି ପଠନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସକାଳ ୭ଟାରେ ସଙ୍ଗୀତାଞ୍ଜଳିରେ ବହୁ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ। ସକାଳ ୯ଟାରେ ଗୀତାଞ୍ଜଳି ଜେନାଙ୍କ ଅଧ୍ୟକ୍ଷତାରେ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଏକ ସୁସ୍ଥ ସମାଜ ଗଠନ ଓ ମାନବୀୟ ମୂଲ୍ୟବୋଧ ଉପରେ ଆଲୋକପାତ କରାଯାଇ ଥିଲା। ପରିବାର କିପରି ମର୍ତ୍ତ୍ୟ ବୈକୁଣ୍ଠରେ ପରିଣତ ହେବ ସେ ଦିଗରେ ପ୍ରଚେଷ୍ଟା ଜାରି ରଖିବାକୁ ପରାମର୍ଶ ପ୍ରଦାନ କରାଯାଇଥିଲା। ଦିନ ୧୧ଟାରେ ସତ୍‌ସଙ୍ଗ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ନଟବର ଦାସ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟବକ୍ତା ରୂପେ ଭୁବନେଶ୍ୱରରୁ ଆସିଥିବା ପ୍ରଫେସର ଜିତେନ୍ଦ୍ର ପତି, ମୁଖ୍ୟଅତିଥି ଆରଏସ୍‌ପି ଅଧିକାରୀ ଆଶିଷ ଚକ୍ରବର୍ତ୍ତୀ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ପତି ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଅଲୌକିକ ପ୍ରତିଭା ଉପରେ ଆଲୋକପାତ କରିଥିଲେ। ଗୁରୁ ଗ୍ରହଣର ଆବଶ୍ୟକତା, ସାମାଜିକ ଜୀବନରେ ଠାକୁରଙ୍କ ଅନୁଗମନ ବାବଦରେ ପରାମର୍ଶ ପ୍ରଦାନ କରିଥିଲେ। ଏହି ଅବସରରେ ସେ ଦାମ୍ପତ୍ୟ, ପାରିବାରିକ, ସାମାଜିକ ତଥା ରାଷ୍ଟ୍ରୀୟ ସମସ୍ୟା ଉପରେ ଚର୍ଚ୍ଚା କରିଥିଲେ। ମୁଖ୍ୟ ଅତିଥି ଚକ୍ରବର୍ତ୍ତୀ ଠାକୁରଙ୍କୁ ଆଦର୍ଶ ଭାବେ ଗ୍ରହଣ କରି କିପରି ଉପକୃତ ହୋଇଛନ୍ତି ସେନେଇ ଆଲୋକପାତ କରିଥିଲେ। ଚିନ୍ତା ଚେତନାର ସମନ୍ୱୟରେ କିପରି ସୈତାନୀ ଚିନ୍ତା ଲୋପ ପାଏ ସେ ନେଇ ବିଶେଷ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମ ଶେଷ ସନ୍ଧ୍ୟାରେ ଭଜନ କୀର୍ତ୍ତନ ସାଙ୍ଗକୁ ଦୀକ୍ଷା ଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହାକୁ ବସନ୍ତ ଜେନା, ରାଧାକାନ୍ତ ମିଶ୍ର, କାମଦେବ ଦାସ, ବିପି ଆଚାର୍ଯ୍ୟ, ସମରଜିତ୍ ସେନ, ସୁକାନ୍ତ ଲେଙ୍କା, ନିମାଇଁ ଦାସ, ପ୍ରଭାତ ନାୟକ, ରଶ୍ମି ଜେନା, ବିଡି ସାହୁ, ଗଣେଶ ପ୍ରଧାନ, ଅଶୋକ ରାୟ ପ୍ରମୁଖ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସଚ୍ଚି ପରିଡା ସୂଚନା ପ୍ରଦାନ କରିଥିବାବେଳେ ଶାନ୍ତନୁ ନାୟକ ସଂଯୋଜନା କରିଥିଲେ।



ସତ୍‌ସଙ୍ଗରେ ଯୋଗଦେଇଥିବା ଶ୍ରଦ୍ଧାଳୁମାନେ।

### କନିଷ୍ଠ ମହାବିଦ୍ୟାଳୟରେ ଶିକ୍ଷକ-ଅଭିଭାବକ ବୈଠକ

# ସମୟାନୁବର୍ତ୍ତିତା ଜୀବନର ଗତିପଥ ବଦଳାଇ ଦେଇଥାଏ

ରାଉରକେଲା ଅଫିସ,୧୬।୯

ସେକ୍ଟର-୪ କନିଷ୍ଠ ମହାବିଦ୍ୟାଳୟ ପକ୍ଷରୁ ଶିକ୍ଷକ ଅଭିଭାବକ ବୈଠକ ଗତ ୧୩ ଓ ୧୪ ଦୁଇ ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଫେସର ସୁଜାତା ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ମହାବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ରଙ୍କ ଅଭିଭାବକ ଓ ଶିକ୍ଷକଙ୍କ ମଧ୍ୟରେ ସମନ୍ୱୟ ଅତ୍ୟନ୍ତ ଜରୁରୀ, ଏହା ଦ୍ୱାରା ଶିକ୍ଷା ସମ୍ବନ୍ଧୀୟ ସମସ୍ତ ସମସ୍ୟାର ସମାଧାନ କରାଯାଇ ପାରିବ। ଏହି ଭାବ ବିନିମୟ କାର୍ଯ୍ୟକ୍ରମରେ ଶ୍ରେଣୀ କକ୍ଷ ପାଠ୍ୟକ୍ରମ, ଶୃଙ୍ଖଳା, ୭୫ ପ୍ରତିଶତ ଉପସ୍ଥାନ ଆଦି ସମ୍ପର୍କରେ ଅଭିଭାବକଙ୍କୁ ଅବଗତ କରାଯାଇଥିଲା। କଲେଜ ୟୁନିଫର୍ମ ଓ ମୋବାଇଲ ବ୍ୟବହାର ଉପରେ ମଧ୍ୟ ଆଲୋଚନା କରାଯାଇଥିଲା। ଅର୍ଥନୀତି ପ୍ରାଧ୍ୟାପିକା ପ୍ରଫେସର ତପସ୍ୱିନୀ ମିଶ୍ର ନିଜ ବକ୍ତବ୍ୟରେ ଛାତ୍ରୀଛାତ୍ର ନିଜ ଭବିଷ୍ୟତ ଗଠନ ନିମନ୍ତେ ବେଳହୁଁ ସଚେତନ ରହିବା ଆବଶ୍ୟକ ବୋଲି କହିଥିଲେ। ସମୟାନୁବର୍ତ୍ତୀ ହୋଇ ଶିକ୍ଷା ଗ୍ରହଣ କଲେ ଏହା ଜୀବନର ଗତିପଥ ବଦଳାଇ ଦେଇଥାଏ ବୋଲି ମିଶ୍ର କହିଥିଲେ। ଦର୍ଶନ ବିଭାଗ ପ୍ରାଧ୍ୟାପିକା ଭାରତୀ ବାରୱା କହିଲେ, ଛାତ୍ରୀଛାତ୍ର କେବେ ନିଜ ମୂଲ୍ୟବାନ ସମୟକୁ ନଷ୍ଟ କରିବା ଅନୁଚିତ। ଶିକ୍ଷା ଓ ଶୈକ୍ଷିକ ବ୍ୟବସ୍ଥାକୁ ଆଦର କରିବା ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କ ଧ୍ୟେୟ ହେବା ଉଚିତ। ଓଡିଆ ଅଧ୍ୟାପକ ବନବିହାରୀ କିଶାନ କହିଥିଲେ ବହି କିଣିବା ଓ ଏହାର ସଦ୍‌ବ୍ୟବହାର ଏକ ଗୁରୁତ୍ୱ ପୂର୍ଣ୍ଣ ଦିଗ। ଏଥିପ୍ରତି କେବେ ଅବହେଳା କରାଯିବା ଅନୁଚିତ। ଆଦିବାସୀ, ହରିଜନ, ପଛୁଆ ବର୍ଗ ଓ ଶାରୀରିକ ଭିନ୍ନକ୍ଷମଙ୍କ ସହ ସଂଖ୍ୟାଲଘୁ ଛାତ୍ରୀଛାତ୍ରଙ୍କ ନିମନ୍ତେ ଉଦ୍ଦିଷ୍ଟ ଛାତ୍ର ବୃତି ନେଇ ଆଲୋଚନା କରିଥିଲେ। ଇଂଲିଶ ଅଧ୍ୟାପକ ଅନୁପ ଏକ୍କା ଛାତ୍ରୀଛାତ୍ରଙ୍କୁ ଶୃଙ୍ଖଳା ଜ୍ଞାନ ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ଇତିହାସ ଅଧ୍ୟାପକ ତାରିଣୀ ନାୟକ ମହାବିଦ୍ୟାଳୟର ସମସ୍ତ ଦ୍ରବ୍ୟର ସୁରକ୍ଷା ସହ କ୍ୟାମ୍ପସ ପରିମଳ ଉପରେ ଧ୍ୟାନ ଆକର୍ଷଣ କରିଥିଲେ। ହିନ୍ଦୀ ଅଧ୍ୟାପିକା ନାଗିନା ବାନୋ ଛାତ୍ରୀଙ୍କ ଆତ୍ମସୁରକ୍ଷା କୌଶଳ ଉପରେ ଆଲୋକପାତ କରିଥିଲେ। ଅଜିତ୍ ବେକ ଧନ୍ୟବାଦ ପ୍ରଦାନ କରିଥିଲେ। ଏଥିରେ ୩ଶହରୁ ଊର୍ଦ୍ଧ୍ୱ ଅଭିଭାବକ ଉପସ୍ଥିତ ଥିଲେ। ସେମାନଙ୍କ ମଧ୍ୟରୁ ଅନିଲ ନାୟକ, ଜଗବନ୍ଧୁ ବାରିକ, ବାସିଲ ଲାକ୍ରା, ଭାରତୀ କିଶାନ, ସୁଲୋଚନା ସାହୁ, ଅନୀତା କେର୍କେଟା, ଡମ୍ବରୁଧର ମହାନ୍ତି ପ୍ରମୁଖ ନିଜ ମତ ଉପସ୍ଥାପନ କରିଥିଲେ।




ଅନୁଷ୍ଠିତ ବୈଠକରେ ଅଧ୍ୟାପକ ଓ ଅଭିଭାବକମାନେ।



ଈଶ୍ୱର ନାମ ଆଗରେ ଜାତି ଧର୍ମର ବିଦ୍ୱେଷ ରହିବା ଉଚିତ୍ ନୁହେଁ।

- ଗୁରୁ ନାନକ



## ସଂକ୍ଷେପରେ

### ସୁସ୍ଥ ପରିବେଶ ବିନା ମାନବ ସମାଜ ତିଷ୍ଠିବା ଅସମ୍ଭବ

ରାଉରକେଲା ଅଫିସ,୧୬। ୯-ବାସନ୍ତୀ କଲୋନୀ ଚେତନା ଭବନଠାରେ ପରିବେଶ ସୁରକ୍ଷା ମଞ୍ଚ ପକ୍ଷରୁ ଏକ ବୈଠକ ରବିବାର ଅନୁଷ୍ଠିତ ହୋଇଥିଲା। ଉତ୍କଳ ସ୍ନେହୀ ମହିଳା ସମିତି ସଭାନେତ୍ରୀ ସବିତା ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ମଞ୍ଚ ଆବାହକ ଆଇନଜିବୀ ସଦାନନ୍ଦ ସାହୁ ସଙ୍ଗଠନର ଆଭିମୂଖ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ସେ କହିଥିଲେ ପରିବେଶ ସୁରକ୍ଷା ନେଇ ଗଠନ କରାଯାଇଥିବା ଏହି ସଙ୍ଗଠନ ସୁନ୍ଦରଗଡ ଜିଲା ସମେତ ଷ୍ଟିଲ ସିଟି ରାଉରକେଲାବାସୀଙ୍କ ସ୍ୱାର୍ଥ ପାଇଁ ସଂଗ୍ରାମ କରୁଛି। ସୁସ୍ଥ ପରିବେଶ ବିନା ମାନବ ସମାଜ ତିଷ୍ଠି ରହିବା ଅସମ୍ଭବ। ଏହି ବାର୍ତ୍ତା କିପରି ସାଧାରଣ ଲୋକଙ୍କ ପାଖରେ ପହଞ୍ଚିବ ଓ କଳକାରଖାନା ମାଲିକ ସଚେତନ ହେବେ ସେ ଦିଗରେ ମିଳିତ ସଂଗ୍ରାମ ଆବଶ୍ୟକ। ଏଥିରେ ଶକ୍ତିପ୍ରସାଦ ସାମାନ୍ତରାୟ, ଦୁର୍ଗାପ୍ରସାଦ ବାଗ, କୃଷ୍ଣଚନ୍ଦ୍ର ଆଚାର୍ଯ୍ୟ, ରଜନୀକାନ୍ତ ସ୍ୱାଇଁ, ଜେମ୍ସ ବାହାଲ, ଯସ୍ମିତା ପ୍ରଧାନ, ବାପିନା ବେହେରା, ସୁପ୍ରିୟା ମହାନ୍ତ ପ୍ରମୁଖ ବକ୍ତବ୍ୟ ପ୍ରଦାନକରି ପରିବେଶ ସୁରକ୍ଷା ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ମୋଟରଯାନ ଦ୍ୱାରା ସୃଷ୍ଟି ହେଉଥିବା ପ୍ରଦୂଷଣ ଉପରେ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଦାବି କରାଯାଇଥିଲା। ଆଗାମୀ ଦିନରେ ସଙ୍ଗଠନ ପକ୍ଷରୁ ଏ ନେଇ ସାଧାରଣରେ ସଚେତନତା ସୃଷ୍ଟି ସହ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ପରିବେଶ ସୁରକ୍ଷା ଅଭିଯାନରେ ସହରବାସୀ ବହୁ ସଂଖ୍ୟାରେ ସାମିଲ ହେବେ ବୋଲି ଆଶା ବ୍ୟକ୍ତ କରାଯାଇଥିଲା।

### ଯୁବ ଆଇଏନଟିୟୁସି ପକ୍ଷରୁ ଦାବି

# ଘରୋଇ ନିଯୁକ୍ତି କ୍ଷେତ୍ରରେ ୮୦ ପ୍ରତିଶତ ସଂରକ୍ଷଣ କର

ରାଉରକେଲା ଅଫିସ,୧୬। ୯–

ଆଦିବାସୀ ଅଧୁଷିତ ଶିଳ୍ପ ବହୁଳ ସୁନ୍ଦରଗଡ ଜିଲାରେ ସ୍ଥାନୀୟ ନିଯୁକ୍ତି ପ୍ରତି ଅଣଦେଖା କରାଯାଉଥିବା ଯୁବ ଆଇଏନଟିୟୁସି ପକ୍ଷରୁ ଅଭିଯୋଗ କରାଯାଇଛି। ଏନେଇ ସଙ୍ଗଠନ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି, ଜିଲାରେ ଭରପୁର ଖଣିଖାଦାନ ରହିଛି। ଏହା ସତ୍ତ୍ୱେ ଜିଲାର ବେକାର ଯୁବକ ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଉଛି। ଏହାଠୁ ବଳି ନିନ୍ଦନୀୟ ଘଟଣା ଆଉ କିଛି ନାହିଁ ବୋଲି କହିଛନ୍ତି ସଂଗଠନ ନେତୃମଣ୍ଡଳୀ। ରାଉରକେଲା ଇସ୍ପାତ୍ କାରଖାନାରେ ସ୍ଥାନୀୟ ଯୁବକଙ୍କ ନିଯୁକ୍ତି ନେଇ ଉପେକ୍ଷା କରାଯାଉଛି। ରାଜ୍ୟ ବାହାର ଶ୍ରମିକଙ୍କୁ ଏ କ୍ଷେତ୍ରରେ ପ୍ରୋତ୍ସାହିତ କରାଯାଉଛି। ପାଠଶାଠ ପଢି ନିଯୁକ୍ତି ଅଭାବରୁ ଜିଲାର ବେକାର ଯୁବକ ପଥ ହୁଡୁଛନ୍ତି। ନିଯୁକ୍ତି ନେଇ ରାଜ୍ୟ ସରକାରଙ୍କ ନୀତି ସ୍ପଷ୍ଟ ନୁହେଁ। ଘରୋଇ କ୍ଷେତ୍ରରେ ହାରାହାରି ୮୦ ପ୍ରତିଶତ ସ୍ଥାନୀୟ ଯୁବକଙ୍କୁ ସୁଯୋଗ ମିଳୁ। ଏ କ୍ଷେତ୍ରରେ ସରକାର ଅଗ୍ରାଧିକାର ଦେବାକୁ ସଂଗଠନ ପକ୍ଷରୁ ଦାବି କରାଯାଇଛି।

ଏନେଇ ରାଜ୍ୟ ସଭାପତି ସତ୍ୟବ୍ରତ ନାୟକ କହିଛନ୍ତି, ସରକାରଙ୍କ ଅବହେଳା ପାଇଁ ଆଜି ବିଭିନ୍ନ କଳ କାରଖାନାରେ ବାହାର ଯୁବକଙ୍କ ନିଯୁକ୍ତି ମିଳିଛି। ରାଜ୍ୟରେ ବେକାର ସଂଖ୍ୟା ହୁ ହୁ ବଢି ଚାଲିଛି। ତଥାପି ସରକାରଙ୍କ କୁମ୍ଭକର୍ଣ୍ଣ ନିଦ୍ରା ଭାଙ୍ଗୁନି। କୃଷି ହେଉଛି ଆମ ପରମ୍ପରାରେ ଆଦ୍ୟ ଶିଳ୍ପ। ଏ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ପ୍ରଚାର ସର୍ବସ୍ୱ ନୀତି ଅପଙ୍ଗ ପାଲଟିଛି। ସଭ୍ୟତାର ଆଦି ଶିଳ୍ପ ପ୍ରତି ଅବହେଳାକୁ କେବେ ବରଦାସ୍ତ କରାଯିବନି ବୋଲି ନାୟକ କହିଛନ୍ତି। ଏପରି ଅବସ୍ଥାରେ କୃଷି କଲ୍ୟାଣ ବୋର୍ଡ ଗଠନ ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ତୁରନ୍ତ ସରକାର ଏ ଦିଗରେ ପଦକ୍ଷେପ ନେବାକୁ ନାୟକ ଦାବି କରିଛନ୍ତି। ଏନେଇ ରାଉରକେଲାରେ ଆୟୋଜିତ ବୈଠକରେ କୋଷାଧ୍ୟକ୍ଷ କୃଷ୍ଣଚନ୍ଦ୍ର ସାହୁ, ଜିଲା ସଭାପତି ଅଜୟ ପାଇକରାୟ, ନିଖିଳ ଉତ୍କଳ ଗ୍ରାମୀଣ ଚାଷିମୂଲିଆ ସଂଘ କର୍ମକର୍ତ୍ତା ଯୋଶେଫ ଖେସ, ଯୁବ ଆଇଏନଟିୟୁସିର ରାଜ୍ୟ ମୁଖପାତ୍ର କୈଳାସ ସାହୁ ଓ ନିହାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଭିନ୍ନକ୍ଷମ ସାମାଜିକ ସୁରକ୍ଷା ମନ୍ତ୍ରୀଙ୍କ 'ଶ୍ରଦ୍ଧା' ପରିଦର୍ଶନ

ରାଉରକେଲା ଅଫିସ, ୧୬।୯

ସୋମବାର ଭିନ୍ନକ୍ଷମ ସାମାଜିକ ସୁରକ୍ଷା ଓ ସଶକ୍ତିକରଣ ମନ୍ତ୍ରୀ ଅଶୋକ ପଣ୍ଡା ରାଉରକେଲା ଗସ୍ତରେ ଆସିଥିଲେ। ଏହି ପରିପ୍ରେକ୍ଷୀରେ ମନ୍ତ୍ରୀ ପଣ୍ଡା ସେକ୍ଟର-୧୬ରେ ଥିବା ମାନସିକ ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କୁ ଭେଟିବା ପାଇଁ ଶ୍ରଦ୍ଧା ହୋମକୁ ପରିଦର୍ଶନରେ ଯାଇଥିଲେ। ଅନୁଷ୍ଠାନର ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ପାଣ୍ଡବ ସ୍ୱାଗତ ଭାଷଣ ଦେବା ସହିତ ଅନୁଷ୍ଠାନର ସମସ୍ୟା ଉପରେ ଆଲୋକପାତ କରିଥିଲେ। ଶ୍ରଦ୍ଧାର ସଭାପତି ପଶୁପତିନାଥ ଚାଟାର୍ଜୀ ଅନ୍ତେବାସୀ ମାନଙ୍କ ସମସ୍ୟା ସଂକ୍ରାନ୍ତରେ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ଅବସରରେ ଶ୍ରଦ୍ଧା ପକ୍ଷରୁ ମନ୍ତ୍ରୀ ପଣ୍ଡାଙ୍କୁ ୬ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏଥିରେ ଶ୍ରଦ୍ଧା ଅନୁଷ୍ଠାନ ଆର୍‌ଏସ୍‌ପିଠାରୁ ନେଇଥିବା ୨ଟି ଘରକୁ ଦେୟମୁକ୍ତ କରିବା କିମ୍ବା ସରକାରଙ୍କ ପକ୍ଷରୁ ଶ୍ରଦ୍ଧାକୁ ୧ଏକର ଜମି ଯୋଗାଇଦେବା, ସୁଗମ୍ୟ ଭାରତ ଯୋଜନାରେ ସବୁ ସରକାରୀ ଓ ବେସରକାରୀ କୋଠାକୁ ଭିନ୍ନକ୍ଷମଙ୍କ ପାଇଁ ଯାତାୟାତ ବନ୍ଦୋବସ୍ତ କରିବା, ରାଜ୍ୟର ସବୁ ଜିଲାରେ ବେସରକାରୀ ବସରେ ରିହାତି ମୂଲ୍ୟରେ ଯାତାୟାତ କରିବା, ୨୦୧୬ ଭିନ୍ନକ୍ଷମ ଅଧିକାର ଓ ଆଇନ ଅନୁଯାୟୀ ୨୧ ପ୍ରକାରର ଭିନ୍ନକ୍ଷମ ମାନଙ୍କୁ ଠିକ ଚିହ୍ନଟ ସହ ଜିଲା ଭିତ୍ତିକ ସାରଣୀ ପ୍ରସ୍ତୁତ କରିବା, ଭିନ୍ନକ୍ଷମମାନଙ୍କୁ ନିଯୁକ୍ତି ଓ ଥଇଥାନ କ୍ଷେତ୍ରରେ ସଂରକ୍ଷିତ ବ୍ୟବସ୍ଥା ପରିଚାଳନା ପାଇଁ ଦୃଷ୍ଟି ଦିଆଯିବା ସହ ୧୮ବର୍ଷରୁ ବେଶୀ ମାନସିକ ଭିନ୍ନକ୍ଷମମାନଙ୍କୁ ସ୍ୱାବଲମ୍ବୀ ହେବା ପାଇଁ ଅନ୍ୟୂନ ୧ଲକ୍ଷ ଟଙ୍କା ଋଣ ଦିଆଯିବା ସହିତ ମାତ୍ରାଧିକ ମାନସିକ ଭିନ୍ନକ୍ଷମ ପାଇଁ ଘରୋଇ ତାଲିମର ବନ୍ଦୋବସ୍ତ କରାଯିବା ଇତ୍ୟାଦି ଦାବି ଉପସ୍ଥାପନ କରାଯାଇଥିଲା। ମନ୍ତ୍ରୀ ପଣ୍ଡା ଦାବିପତ୍ର ଗ୍ରହଣ କରିବା ସହ ଏହାର ବିଚାର କରି କାର୍ଯ୍ୟକାରୀ କରିବେ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ଶ୍ରଦ୍ଧାର କେତୋଟି ଆଖିଦୃଶିଆ କାର୍ଯ୍ୟକ୍ରମ ଉପରେ ମନ୍ତ୍ରୀଙ୍କୁ ଅବଗତ କରିଥିଲେ। ଏହାସହ ମନ୍ତ୍ରୀ ପଣ୍ଡା ଶ୍ରଦ୍ଧା ପିଲାମାନଙ୍କ ସହ କିଛି ସମୟ କଥା ହୋଇଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ପେଟକୁ ଭାତ,
ପିଠିକୁ ନାତ।**

ପେଟପାଟଣା କଥା ବୁଝି ସାରି ପରେ କଷ୍ଟ ଦେଇ, ଗାଳିଗୁଲଜ କରି ଯେତେ କାମ ଆଦାୟ କଲେ ଦେହକୁ ସେତେ ବାଧି ନ ଥାଏ। ପରନ୍ତୁ ଲୋକର ଭଲମନ୍ଦ ନ ବୁଝି, ବାଧ କରି ଖଟେଇଲେ, ଜୋର କରି କାମ ଆଦାୟ କଲେ ଭାରି ବାଧିଥାଏ। ପେଟକୁ ମୁଠେ ଦାନା ଦେଇ ଗଧ ଖଟଣି ଖଟାଇବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ପୋଥି ବାଇଗଣ
ନା ବାଡ଼ି ବାଇଗଣ।**

ପୋଥି ବାଇଗଣ ବା ଚିତ୍ର ବାଇଗଣରେ ପେଟ ପୂରି ନ ଥାଏ। ବହିରୁ ବାଇଗଣ ଚାଷ ଶିଖି କାମରେ ନ ଲଗାଇଲେ ଲାଭ ମିଳି ନ ଥାଏ। ବାଇଗଣ ଚାଷପ୍ରଣାଳୀ କୌଶଳ ବହିରୁ ଶିଖି ବିଲବାଡ଼ିରେ ପ୍ରୟୋଗକରି ସେପରି ଅମଳ ଦେଖେଇଲେ ଜ୍ଞାନ କାମରେ ଲାଗିଲା ବୋଲି ଜଣାପଡ଼େ। ଅନ୍ୟଥା ସେସବୁ ମୂଲ୍ୟହୀନ ହୋଇଯାଇଥାଏ। ଅଭିଜ୍ଞତା ନ ଥିଲେ ଫଳ ମିଳି ନ ଥାଏ। ଚିତ୍ରଠାରୁ ବାସ୍ତବର ମୂଲ୍ୟ ଢେର୍ ଅଧିକ ବା ଶ୍ରେୟସ୍କର ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# 'ନିଜକୁ ଶୃଙ୍ଖଳିତ ନାଗରିକ ଭାବେ ଗଢିତୋଳ'

ବଣାଇଁ,୧୬।୯(ସ୍ୱ.ପ୍ର.)



ବଣାଇଁଗଡ଼ ମହାବିଦ୍ୟାଳୟର ୪୯ତମ ପ୍ରତିଷ୍ଠା ଉତ୍ସବରେ ମଞ୍ଚାସୀନ ଅତିଥି।

ସ୍ଥାନୀୟ ବଣାଇଁଗଡ଼ ମହାବିଦ୍ୟାଳୟର ୪୯ତମ ପ୍ରତିଷ୍ଠା ଉତ୍ସବ ମହାବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ଭାରପ୍ରାପ୍ତ ଅଧକ୍ଷ ପରେଶଚନ୍ଦ୍ର ଗିରିଙ୍କ ଅଧକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବଣାଇଁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସନ୍ତୋଷ କୁମାର ସାହୁ ଯୋଗ ଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଶୃଙ୍ଖଳିତ ନାଗରିକ ଭାବେ ଗଢି ତୋଳିବାକୁ ସେ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଅଧ୍ୟାପକ ଜେନାମଣି ସାହୁ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବଣାଇଁ ସହକାରୀ ଜିଲାପାଳ ରବୀନ୍ଦ୍ର କୁମାର ସେଠୀ, ବଣାଇଁ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିନୟ ପ୍ରକାଶ ସାଏ ଯୋଗ ଦେଇ ନିଜକୁ ଜଣେ ଲେଖାଏ ଆଦର୍ଶ ଛାତ୍ର ଭାବେ ପରିପ୍ରକାଶ କରିବାକୁ ପିଲାଙ୍କୁ ପରାମର୍ଶ ଦେଇଥିଲେ। ଏଥିରେ ବିଦ୍ୟାଳୟର କର୍ମଚାରୀ ମିଶ୍ର କୁମାର ମାହାନ୍ତ ମହାବିଦ୍ୟାଳୟର ନିଜର ୪୯ବର୍ଷର ଅଭିଜ୍ଞତା ବଖାଣିଥିବା ବେଳେ ଅନ୍ୟତମ ଅତିଥି ଅବସରପ୍ରାପ୍ତ ଅଧ୍ୟାପିକା ଆଶାଲତା ଗୁରୁ ନିଜର ମତାମତ ଦେଇଥିଲେ। ଶେଷରେ ଅଧ୍ୟାପିକା ଶୁଭ୍ରାସୁଦା ଦାଶ ଧନ୍ୟବାଦ ଦେଇଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।


# CLASSIFIED DISPLAY

MORE SPACE • SAME PRICE

TARIFF

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ASTROLOGY

ଫ୍ରି ସେବା କୌଣସି ଫିସ୍ ନାହିଁ
ଭଲ କାମର ପରିଣତି ଭଲ ହୋଇଥାଏ
MY PROMISE
ଅଘୋରୀ ତାନ୍ତ୍ରିକ ବାବା ଓମପ୍ରକାଶ ଶାସ୍ତ୍ରୀ
ବଶୀକରଣ, ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ମନ ଚାହୁଁଥିବା ପ୍ରେମ, ଗୃହକ୍ଲେଶ, ଚାକିରି, ବ୍ୟବସାୟ, ସ୍ୱାମୀ, ସ୍ତ୍ରୀ ମନୋମାଳିନ୍ୟ, ସଉତୁଣୀ, ଶତ୍ରୁ ମୁକ୍ତି, ବିବାହରେ ବାଧା
3 ଘଣ୍ଟାରେ ଘରେ ବସି ସମାଧାନ।
81 26 92 24 05
ହରିଦ୍ୱାର

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

FINANCE

ଲୋନ! ଲୋନ! ଲୋନ
୧ ରୁ ୫୦ ଲକ୍ଷ୍ୟ ଲୋନ
NRC FINANCE
ଗୃହଋଣ, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
99901-64008
99901-64236
nrcfinanceonline@gmail.com
Office no. 09 11th floor statesman House plot no. 48 Connaught Place N.D 110001

FINANCE
ଲୋନ ଧମାକା ପ୍ରଥମେ ଆସନ୍ତୁ ପ୍ରଥମ ପାଆନ୍ତୁ Vasundhara Capital ଭାରତର ଏକ ନମ୍ବର କମ୍ପାନୀ ପ୍ରପର୍ଟି, ମାର୍କସିଟ୍, ପର୍ସନାଲ, ଆଧାରକାର୍ଡ, ବିଜିନେସ, ଷ୍ଟାଟପ୍, କ୍ଷୁଦ୍ର ବ୍ୟବସାୟ ଏବଂ ଦୋକାନୀମାନେ ଋଣ ଘରେ ବସି ୩୬ ଘଣ୍ଟା ମଧ୍ୟରେ ପାଆନ୍ତୁ। କମ୍ ସୁଧ ଏବଂ ସହଜ କିସ୍ତି। କର୍ମଚାରୀ ଓ ମହିଳାଙ୍କ ପାଇଁ ବିଶେଷ ରିହାତି।
Office No. 2b/44, Indra Complex, Main Market Road, Ranchi, Jharkhand, 834001
9582606103
9654417419

ଋଣ
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ୍
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ 80,00,000 ପର୍ଯ୍ୟନ୍ତ ଋଣ
ଆଦର୍ଶ ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ, ରାଶନ କାର୍ଡ, ଆଧାର କାର୍ଡ, ଚାଷ, ଏଗ୍ରିକଲ୍ଚର
ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
7289999543
7289948952
SCO- 106, Second Floor, Vishal Tower, Cannaught Place, Delhi.

TIRUPATI FINANCE
ସମସ୍ତ ପ୍ରକାର ଲୋନ ମାତ୍ର ୪୮ ଘଣ୍ଟାରେ କମ୍ ସୁଦରେ ଦିଆଯାଉଛି। ତୁରନ୍ତ ଯୋଗାଯୋଗ କରନ୍ତୁ ଏବଂ ଘରେ ବସି ଲୋନ ପାଆନ୍ତୁ। ମହିଳା ଏବଂ ସିନିୟର ସିଟିଜନ୍‌ଙ୍କ ପାଇଁ ବିଶେଷ ସୁବିଧା।
HIMAYAT NAGAR, MAIN ROAD, HYDERABAD- 500029
8658503781
9667987587
9717166871
balajitrusty@gmail.com

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD.
(Reg. No. - U6519TN198PLC00855)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗ୍ରୁପ୍, ବ୍ୟବସାୟ।
ସମସ୍ତ ଋଣ 3-4 ଦିନରେ ଘରେ ବସି ପାଆନ୍ତୁ। 2% ସୁଧ 40% ରିହାତି।
7310644620
9499439810
VISHAL ENCLAVE, M. ROAD, UP

FINANCE
ବିଶ୍ୱାସର ପ୍ରତୀକ, ଲୋନର ଗ୍ୟାରେଣ୍ଟି SHREE FINANCE ଦ୍ୱାରା ପ୍ରପର୍ଟି, ପର୍ସନାଲ BPL ଆଧାରକାର୍ଡ଼ ଲୋନ 24 ଘଣ୍ଟାରେ ଘରେ ବସି ପାଆନ୍ତୁ।
Mob: 9351833615
Address - 12, Govt. Place (East), 2nd floor, Kolkata, west Bengal- 700069

BASUNDHAR FINANCE
ପର୍ସନାଲ, ବିଜିନେସ୍, ମାର୍କଶିଟ୍, ଗୃହ, ଶିକ୍ଷା, କୃଷି, ଗାଈ ଓ କୁକୁଡା ପାଳନ ଇତ୍ୟାଦି BASUNDHAR FINANCE ସମସ୍ତ ପ୍ରକାର LOAN ଯୋଗାଇ ଦେଉଛି।
ସୁଧ = 1%
CONTACT
7683914951
9658224887
Plot No.4720, Shahnajaf Rd, Chandigarh-226002, At- Hemamura, Luhapank, Rairakhol, Sambalpur-768106

KUBER FINANCE
Kuber ଋଣ ଲିମିଟେଡ୍ ଭରସାର ପ୍ରତିକ ସରକାରୀ ସ୍ୱୀକୃତିପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, କୃଷି ଆଧାରକାର୍ଡ ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ମାତ୍ର ୧ ଦିନରେ, 2% ସୁଧ 40% ଛାଡ। ଘରେ ବସି ପାଆନ୍ତୁ
ଖର୍ଚ୍ଚ ଲୋନ ପାସ ହେଲା ପରେ
Plot No-14/524, Chandini Chowk, Kolkata
8146524009
8146359004

REQUIRED / LOAN
HARI OM FINANCE
ସମଗ୍ର ଭାରତରେ କମ୍ପାନୀକୁ ଆବଶ୍ୟକତା ଅଛି, ଏଜେଣ୍ଟ, ଲୋନ୍ ଏଜେଣ୍ଟ, ଟିମ୍‌ଲିଡ଼ର।
୨୫,୦୦୦ - ୩୦,୦୦୦ ମାସିକ
ଆଧାରକାର୍ଡ଼, ପ୍ରପର୍ଟି, ପର୍ସନାଲ ଲୋନ୍
8394004932
8394004961
8394004898

CAPITAL FINANCE
ପାର୍ବଣ ଋତୁରେ ଲୋନ ମେଳା
୨୦ ବର୍ଷରୁ କ୍ୟାପିଟାଲ ଫାଇନାସ ଦ୍ୱାରା ନିଜର ମାର୍କସିଟ, ପଶୁପାଳନ, ଆଧାରକାର୍ଡ, ହୋମ୍, ମାଛଚାଷ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୪୮ ଘଣ୍ଟାରେ। ୨% ସୁଧ ୪୦%ଛାଡ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
8607237523

EDUCATION

ADMISSION OPEN
MAA TARA TARINI SCHOOL OF NURSING,
Neelachal Nagar, Berhampur
ANM/ Multipurpose Health Worker (Female) Training Programme Recognised by Govt. of Odisha H&FW Dept. Affiliated by INC, New Delhi. We also offered Course (OT Technician, DMLT X-ray Technician)
Contact No:
9437425759
8280476992
Email : maataratarinison@gmail.com

ADMISSION OPEN FOR 2019-21
B.Ed & M.Ed
Acharya Nagarjuna University
UGC & NCTE Approved
Equivalent to Govt. of Odisha
FREE Practical & Study Material
NIDT
B.Ed Academy Since 2001
B.J.B. Nagar, Lewis Road, Bhubaneswar
9338229373, 7978204082
9438286091

BUSINESS

Hi-Tech Telecom Company Ltd.
ଖାଲିଥିବା ଜମି ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 60,000,00/-, ଭଡା 40,000/- ଟଙ୍କା ପାଆନ୍ତୁ। ଜଣକୁ ଚାକିରି ମିଳିବ। ଦରମା - 20,000/- ଓ ଅନ୍ୟାନ ସୁବିଧା ମାତ୍ର ୭୨ ଘଣ୍ଟାରେ ଜମି ଯାଞ୍ଚ ଓ ଉପକରଣ ସ୍ଥାପନ କରନ୍ତୁ
ଠକ ମାନ କୁ ସାବଧାନ!
10, 2nd Floor, Subramanya Arcade. Tower D, Bannerghatta Main Road Banglore, Karnataka - 560029
Call or SMS Now
9728782718

Shinghania Tower
ନିଜର ଛାତ, ଜମି, କ୍ଷେତ, ଫ୍ଲାଟ୍ ଉପରେ ଡିଜିଟାଲ ଟାୱାର ଲଗାନ୍ତୁ। ଘରେ ବସି ରୋଜଗାର କରନ୍ତୁ। ଅଗ୍ରିମ 60 ଲକ୍ଷ + ଭଡ଼ା 45000/- + ବାଇକ୍
ଯୋଗାଯୋଗ: 8887232676
Add- Ashoka puram, Mysore, Karnataka- Pin Code 570008

ଆଗେ ଆସନ୍ତୁ, ଆଗେ ପାଆନ୍ତୁ
GOVT. APPROVED ପଞ୍ଜୀକୃତ କମ୍ପାନୀ
GLOBAL TOWER
ନିଜର ଖାଲି ଜମି, ଛାତ, କ୍ଷେତ୍ର, ପ୍ଲଟ୍‌ରେ ଡିଜିଟାଲ ମଲ୍ଟିମିଡିଆ ଟାୱାର ଲଗାନ୍ତୁ
ଅଗ୍ରିମ 90 ଲକ୍ଷ, ଭଡ଼ା + 75000 + 25,000ର ଅନ୍ୟାନ୍ୟ ସୁବିଧା + ରହିବା ଖାଇବା ଫ୍ରି + ବାଇକ୍
7325835499
B-36/7 A-Block Vijay Enclave Burari New Delhi 74

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day |
|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 |

GST 5% will be added extra
on every Tuesday & Friday


### ପାଠକଙ୍କ ପାଇଁ ସୂଚନା:

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଖରାପ ଲୋକ ନିଜର ଦୋଷ ସପକ୍ଷରେ ଯୁକ୍ତି ବାଢ଼ିଥାଏ,
କିନ୍ତୁ ଭଲ ଲୋକ ସେ ସବୁକୁ ଦୂରକୁ ଫିଙ୍ଗିଦିଏ।
- ବେନ୍ ଜନସନ

## ସଂକ୍ଷେପରେ

### ଟିକାୟତପାଲି ଷ୍ଟେଟବ୍ୟାଙ୍କ ଏଟିଏମ୍‌ରୁ ବାହାରୁଛି ଚିରାଫଟା ନୋଟ୍

ବଣାଇଁ,୧୬।୯(ସ୍ୱ.ପ୍ର.): ବଣାଇଁ ବ୍ଲକ ଅନ୍ତର୍ଗତ ଟିକାୟତପାଲି ଷ୍ଟେଟବ୍ୟାଙ୍କ ଏଟିଏମରୁ ସୋମବାର ଚିରାଫଟା ନୋଟ ବାହାରିଛି। ଏହା ଦେଖି ଗ୍ରାହକ ନିକଟରେ ଥିବା ଷ୍ଟେଟବ୍ୟାଙ୍କ ଶାଖାର ଦୃଷ୍ଟି ଆକର୍ଷଣ କରିଥିଲେ। ବୈରାଗି ଲୁହୁରା ନାମକ ଉପଭୋକ୍ତା ଟଙ୍କା ଉଠାଇବା ପରେ ଅନ୍ୟ ଉପଭୋକ୍ତାମାନେ ମଧ ଟଙ୍କା ଉଠାଇବାରୁ ଏପରି ନୋଟ ବହାରୁଥିବା ଦେଖିବାକୁ ମିଳିଥିଲା । ଏ ବିଷୟରେ ସେମାନେ ଶାଖାରେ ପଚାରିବାରୁ ଏଟିଏମରେ ଟଙ୍କା ଭର୍ତ୍ତି କରିବା କାମ ସିଏମ୍‌ଏସ୍ କମ୍ପାନି କରୁଥିବାରୁ ଏଥିରେ ବ୍ୟାଙ୍କର କୌଣସି ହାତ ନାହିଁ ବୋଲି ଉତ୍ତର ମଳିଛି।

### ବର୍ଷାରେ ଘର ଭାଙ୍ଗିଗଲା

ବଣାଇଁ,୧୬।୯(ସ୍ୱ.ପ୍ର.): ବଣାଇଁ ଅଞ୍ଚଳରେ ଗତ ଦୁଇଦିନ ହେବ ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁ ଝିର୍ଡାପାଲି ପଞ୍ଚାୟତର ବାସୁଡିହି ଗ୍ରାମରେ ଚମ୍ପା ଭୁମିଜଙ୍କ ଘର ଭାଙ୍ଗି ଯାଇଛି। ସେ ଅତ୍ୟନ୍ତ ଗରିବ ହୋଇଥିବା ବେଳେ ଦାରିଦ୍ର୍ୟ ସୀମାରେଖା ତଳେ ଥାଇ ମଧ ବିଜୁ ପକ୍କା ଘର କିମ୍ବା ଇନ୍ଦିରା ଆବାସ ଯୋଜାନରେ ସାମିଲ କରାଯାଇ ନାହିଁ। ପ୍ରଶାସନ ପକ୍ଷରୁ ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ସହାୟତା ମିଳି ନ ଥିବା ସେ ପ୍ରକାଶ କରିଛନ୍ତି। ତୁରନ୍ତ ତାଙ୍କୁ ବିଜୁପକ୍କା ଘର କିମ୍ବା ଇନ୍ଦିରା ଆବାସ ଯୋଜାନରେ ସହାୟତା ପ୍ରଦାନ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

### ନୂଆଗାଁରେ ସୁନ୍ଦରଗଡ ଜିଲାପାଳଙ୍କ ଜନଶୁଣାଣି

# ଅଭିଯୋଗର ଲମ୍ବାଫର୍ଦ୍ଦ, କାର୍ଯ୍ୟକାରିତା ନେଇ ପ୍ରଶ୍ନ

ନୂଆଗାଁ, ୧୬।୯ (ଡି.ଏନ.ଏ.)

ସୁନ୍ଦରଗଡ ଜିଲା ନୂଆଗାଁ ବ୍ଲକ ପରିସରରେ ସୋମବାର ସୁନ୍ଦରଗଡ ଜିଲାପାଳଙ୍କ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାପାଳ ନିଖିଳ ପବନ କଲ୍ୟାଣ ଅଧକ୍ଷତା କରିଥିଲେ। ବ୍ଲକର ୨୦ଟି ପଞ୍ଚାୟତରୁ ଶହ ଶହ ଲୋକେ ଉପସ୍ଥିତ ରହି ବ୍ୟକ୍ତିଗତ ଓ ସାମୂହିକ ଅଭିଯୋଗମାନ କରିଥିଲେ । ମୋଟାମୋଟି ଭାବରେ ୯୦ରୁ ଉର୍ଦ୍ଧ୍ୱ ଅଭିଯୋଗ ଆସିଥିଲା। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଭିଯୋଗ ପ୍ରଥମେ ନୂଆଗାଁ ସଦର ପଞ୍ଚାୟତରୁ ଆସିଥିଲା । ନୂଆଗାଁ ସଦର ପଞ୍ଚାୟତର ନିଜସ୍ୱ ଜମି ୧ ଏକର ୨୨ ଡିସିମିଲ ଜାଗା, ଯାହାର ଖାତା ନଂ. ୧୦୯ ଓ ପ୍ଲଟ ନଂ. ୭୦୧କୁ ନୂଆଗାଁ ତଥା ଆଖପାଖ ଅଞ୍ଚଳର ବିଭିନ୍ନ ଲୋକେ ଜବରଦଖଲ କରି ରଖିଛନ୍ତି । ଦୀର୍ଘ ବର୍ଷରୁ ଏହି ଜମି ଜବରଦଖଲରେ ଥିବା ବେଳେ ଏଠି ସାପ୍ତାହିକ ହାଟ ରାସ୍ତା ଉପରେ ବସୁଛି । ପଞ୍ଚାୟତର କୂଅ, ନଳକୂଅ ବି ଜବରଦଖଲକାରୀଙ୍କ କବଜାରେ ରହିଛି । ବାରମ୍ବାର ଏ ନେଇ ପଞ୍ଚାୟତରେ ରେଜ୍ୟୁଲେସନ୍ କରି ବିଭାଗୀୟ ଅଧିକାରୀମାନଙ୍କୁ ଅଭିଯୋଗ ହେଉଛି। ହେଲେ ଏ ନେଇ କୌଣସି କାର୍ଯ୍ୟକାରୀ ହେଉ ନ ଥିବା ଅଭିଯୋଗରେ ଉଲ୍ଲେଖ ରହିଛି। ସ୍ଥାନୀୟ





ନୂଆଗାଁ ବ୍ଲକ ଅଫିସ ପରିସରରେ ଲୋକେ ଅଧିକାରୀଙ୍କ ନିକଟରେ ଅଭିଯୋଗ କରୁଛନ୍ତି।

ସରପଞ୍ଚ, ୱାର୍ଡମେମ୍ବରଙ୍କ ସହ ଶତାଧିକ ଲୋକେ ଲିଖିତ ଭାବରେ ଜବରଦଖଲ ଉଚ୍ଛେଦ ପାଇଁ ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରିଛନ୍ତି। ସେହିଭଳି ବାଗଡେଗା ପଞ୍ଚାୟତର ସାପ୍ତାହିକ ହାଟଟି ରାସ୍ତା ଉପରେ ବସୁଥିବାରୁ ଏ ନେଇ ସାଧାରଣ ଲୋକେ ଅଭିଯୋଗ ଆଣିଛନ୍ତି। ପୂର୍ବରୁ ସରକାରୀ ଜାଗାରେ ଚାଲୁଥିବା ନବଜ୍ୟୋତି ସ୍କୁଲଟି ସ୍ଥାୟି ଭାବରେ ବନ୍ଦ ହୋଇଯାଇଛି। ଏଣୁ ସେହି ସରକାରୀ ଜମିରେ ବାଗଡେଗା ସାପ୍ତାହିକ ହାଟକୁ ବସିବା ପାଇଁ ଅନୁମତି ପ୍ରଦାନ ପାଇଁ ଲୋକେ ଅଭିଯୋଗ କରିଛନ୍ତି। ଗ୍ରାମର ମଙ୍ଗଳନାଥ ଓରାମ, ଜୋନ ଖାଲଖୋ, ହେରମାନ୍ ଯୋଯୋ ପ୍ରମୁଖ ଜିଲାପାଳଙ୍କୁ ଏ ନେଇ ନିବେଦନ କରିଛନ୍ତି । ସେହିଭଳି ନୂଆଗାଁ ଶିକ୍ଷା ବିଭାଗ ଉପରେ ମଧ ଗୁରୁତର ଅଭିଯୋଗ ଆସିଛି । ନିକଟରେ ପ୍ରତ୍ୟେକ ସ୍କୁଲରେ ଖେଳ ସାମଗ୍ରୀ ଯୋଗାଣ ହୋଇଛି। ହେଲେ ଏଥିରେ ବ୍ୟାପକ ଅନିୟମିତତା ହୋଇଥିବା ନେଇ ନୂଆଗାଁ ବ୍ଲକ ବିଜେଡି ଯୁବନେତା ପ୍ରଦୀପ ସାହୁ ଲିଖିତ ଅଭିଯୋଗ କରିଛନ୍ତି। ଶିକ୍ଷା କମିଟି ମାଧ୍ୟମରେ ସ୍କୁଲର ଆବଶ୍ୟକତା ଅନୁସାରେ ଖେଳ ସାମଗ୍ରୀ କିଣାଯିବାର ନିୟମ ରହିଛି। ହେଲେ ତାହାକୁ ବେଖାତିର କରା ଯାଇଛି। ନୂଆଗାଁ ବିଇଓ ଏବଂ କିଛି ଶିକ୍ଷା ବିଭାଗୀୟ ପଦାଧିକାରୀମାନେ ସୁନ୍ଦରଗଡର ଏକ ସଂସ୍ଥାରୁ ଖେଳ ସାମଗ୍ରୀଗୁଡିକୁ ଆଣି ନୂଆଗାଁ ବ୍ଲକର ସବୁ ସ୍କୁଲରେ ଯୋଗାଇଛନ୍ତି । ତାହା ସଂପୂର୍ଣ୍ଣ ନିମ୍ନମାନର। ବ୍ଲକ ଶିକ୍ଷା ବିଭାଗର ବିଭିନ୍ନ କାର୍ଯ୍ୟ ଉପରେ ମଧ ସାହୁ ଅଭିଯୋଗ ଆଣିଛନ୍ତି । ସେହିଭଳି ବ୍ଲକର ବିଭିନ୍ନ ଉନ୍ନୟନ କାର୍ଯ୍ୟର ବ୍ୟାପକ ଅନିୟମିତତା ନେଇ ମଧ ଅଭିଯୋଗ ହୋଇଛି । ବାଗଡେଗା ପଞ୍ଚାୟତ ଅନ୍ତର୍ଗତ ଗର୍ଦା ଗ୍ରାମରେ ୧୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ଆରମ୍ଭ ହୋଇଥିବା କାମ ଅଧପନ୍ତରିଆ ହୋଇ ପଡିରହିବା, ଗର୍ଦା ଓରାମବସ୍ତି ଡ୍ରେନ କାମରେ ବ୍ୟାପକ ଅନିୟମିତତା, ଡ୍ରେନ ଉପରେ ଢାଙ୍କୁଣି ନ ଥିବାରୁ ଦୁର୍ଘଟଣା ଭଳି ଅଭିଯୋଗ ହୋଇଛି । ସେହିଭଳି ବଡ ଯୋଜଦା ପଞ୍ଚାୟତରୁ ବିଦ୍ୟୁତ ବିଭାଗ ବିରୋଧରେ ଗୁରୁତର ଅଭିଯୋଗ ଆସିଛି । ବଡଯୋଜଦା ପଞ୍ଚାୟତର କେତେକ ଗାଁରେ ଲୋକମାନଙ୍କ ଘରେ ବିଦ୍ୟୁତ ସଂଯୋଗ ହୋଇନି । କେବଳ ମିଟର ବସିଛି । ହେଲେ ବିଲ୍ ଆସିଥିବା ଭଳି ଗୁରୁତର ଅଭିଯୋଗ ହୋଇଛି । ଏ ନେଇ ବିଭାଗୀୟ ଅଧିକାରୀମାନେ ଦୃଷ୍ଟି ଦେଉ ନ ଥିବା ସେମାନେ ଅଭିଯୋଗ କରିଛନ୍ତି । ହାତୀବାରି ମାଙ୍ଗରାଟୋଲି ଗ୍ରାମରୁ ୪ଜଣ ନାବାଳିକା ଓ ବାଳକ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇ ନ୍ୟାୟ ମାଗିଛନ୍ତି । ଗୋଟିଏ ପରିବାରର ୨ଜଣ ବାଳିକା ଓ ୨ଜଣ ବାଳକ ସେମାନଙ୍କର ବାପାଙ୍କ ମୃତ୍ୟୁ ଘଟିଥିବା ବେଳେ ମା' କେଉଁଆଡେ ଚାଲିଗଲେ । ୧୭ ବର୍ଷର ବଡ ଝିଅ ଅନ୍ୟ ୩ ଭଉଣୀ ଭାଇଙ୍କୁ ପୋଷୁଛନ୍ତି । ସେମାନଙ୍କ ମୁଣ୍ଡ ଗୁଞ୍ଜିବାକୁ ଘର ଖଣ୍ଡେ ନାହିଁ। ଏ ନେଇ ସେମାନେ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ । ତେବେ ଯୋଗାଣ ବିଭାଗ ବିରୋଧରେ ସବୁଠାରୁ ବେଶି ଅଭିଯୋଗ ଆସିଥିଲା। କାହାକୁ ରାସନକାର୍ଡ ମିଳିନି ତ କାହାର ରାସନକାର୍ଡ ମିଳି ବି ଚାଉଳ ମିଳୁନି। କାହାକୁ କମ୍ ଚାଉଳ ମିଳୁଛି। ଏହି ଭଳି ନାନା ଅଭିଯୋଗ ହୋଇଛି । ତେବେ ଏସବୁ ଅଭିଯୋଗ ଉପରେ କେତେଦୂର କାର୍ଯ୍ୟାନୁଷ୍ଠାନ ହେବ ସେ ନେଇ ଅଭିଯୋଗକାରୀ ଚାହିଁ ବସି ରହିଛନ୍ତି। ଏହି ଅଭିଯୋଗ ପ୍ରକୋଷ୍ଠରେ ଅନ୍ୟମାନଙ୍କ ମଧରେ ପିଡି ଡିଆରଡିଏ ଭୈରବ ସିଂ ପଟେଲ, ଜିଲାଶିକ୍ଷା ଅଧିକାରୀ ରଞ୍ଜନ କୁମାର ଗିରି, ଜିଲା ସ୍ୱାସ୍ଥ୍ୟ ଅଧିକାରୀ ପଙ୍କଜ ପଟେଲ, ସୁନ୍ଦରଗଡ ଅତିରିକ୍ତ ଏସ୍‌ପି ରବିନାରାଣ ବାରିକ, ବିଡିଓ ତୃପ୍ତି ବରାଇ, ବ୍ଲକ ଅଧକ୍ଷ ମଖଲୁ ଏକ୍କା, ଜିଲା ପରିଷଦ ଅଧକ୍ଷ ଏମ୍ମା ଏକ୍କା ପ୍ରମୁଖ ଉପସ୍ଥିତ ଥିଲେ ।



ଗୁରୁତର କୁଆଁରୀ ଓରାମ।

### ହାତୀ ଆକ୍ରମଣରେ ମହିଳା ଗୁରୁତର

ବଣାଇଁ,୧୬।୯(ସ୍ୱ.ପ୍ର.)

ବଣାଇଁ ବନଖଣ୍ଡ ଅନ୍ତର୍ଗତ ସରସରା ସେକ୍‌ସନର ବରଘାଟ ଗ୍ରାମରେ ହାତୀ ଆକ୍ରମଣରେ ଜଣେ ବିଧବା ମହିଳା ଗୁରୁତର ହୋଇଛନ୍ତି। ସେ ହେଲେ କୁଆଁରୀ ଓରାମ (୫୫) । ସେ ରାତିରେ ଘରେ ଶୋଇଥିଲାବେଳେ ହାତୀପଲ କାନ୍ଥ ଭାଙ୍ଗି ଘର ଭିତରେ ପଶିଥିଲେ। ଗୋଟିଏ ହାତୀ କୁଆଁରୀଙ୍କୁ ଶୁଣ୍ଢରେ ଠେଲି ଦେବାରୁ ତାଙ୍କ ଅଣ୍ଟା ଏବଂ ଛାତିର ପଞ୍ଜରା ଭାଙ୍ଗି ଯାଇଛି। ଘରେ ଥିବା ଚାଉଳ ଖାଇ ସେଠାରୁ ହାତୀପଲ ଚାଲିଯାଇଥିଲେ। ରାତି ପ୍ରାୟ ୩ଟାରେ ଖବର ପାଇ ବନ ବିଭାଗ ପହଞ୍ଚି ତାଙ୍କୁ ଉପଖଣ୍ଡ ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା କରାଇବା ପରେ ରାଉରକେଲା ପଠାଇଛି। ବଣାଇଁ ରେଞ୍ଜର ମନୋଜ ପାତ୍ର କହିଛନ୍ତି ଯେ, ତାଙ୍କୁ ସରକାରୀ ବ୍ୟବସ୍ଥା ଅନୁସାରେ ସହାୟତା ପ୍ରଦାନ କରାଯିବ।

## ଅଖଣ୍ଡ ଭୂୟାଁ ମହାସମାଜ ପକ୍ଷରୁ ନୂଆଁଖାଇ ଭେଟଘାଟ୍

ସୁନ୍ଦରଗଡ, ୧୬।୯ (ଡି.ଏନ୍.ଏ.)

ସର୍ବଭାରତୀୟ ଅଖଣ୍ଡଭୂୟାଁ ମହାସମାଜ ପକ୍ଷରୁ ସୁବଳୟା ମାଦ୍ରୀ କାଲୋ ସ୍ମୃତିସଦନଠାରେ ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହୋଇଯାଇଛି । ତଳସରାର ପୂର୍ବତନ ବିଧାୟକ ଡଃ ପ୍ରଫୁଲ୍ଲ କୁମାର ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ କୁଚିଣ୍ଡା ବିଧାୟକ କିଶୋର କୁମାର ନାଏକ, ସମ୍ମାନିତ ଅତିଥି ଭାବେ ତଳସରା ବିଧାୟକ ଭବାନୀ ଶଙ୍କର ଭୋଇ, ବଣାଇଁର ପୂର୍ବତନ ବିଧାୟକ ଭୀମସେନ ଚୌଧୁରୀ, ରଞ୍ଜିତ ଭିତ୍ରିଆ, ରବି ଦେହୁରୀ, ସର୍ବଭାରତୀୟ ଅଖଣ୍ଡ ଭୂୟାଁ ସମାଜର ସଂପାଦକ ଧ୍ରୁବ କାଲୋ ଯୋଗ ଦେଇଥିଲେ । ଆୟୋଜିତ ସମାରୋହରେ ନୂଆଁଖାଇର ମହତ୍ତ୍ୱ ଓ ଭୂୟାଁ ସମାଜର ଏକତା ଓ ଅଖଣ୍ଡତାକୁ ବଜାୟ ରଖିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ବାଲେଶ୍ୱର ପ୍ରଧାନ ସଭା ସଞ୍ଚାଳନ କରିଥିଲେ । ଦାମୋଦର ମାଝି ଧନ୍ୟବାଦ ଦେଇଥିଲେ। ସଂଗଠନର କର୍ମକର୍ତ୍ତା ପଦ୍ମିନୀ ଭିତ୍ରିଆ, ଜଗନ୍ନାଥ ନାଏକ, ରାଜେନ୍ଦ୍ର ମାଝି, ଦାମୋଦର ପ୍ରଧାନ, ନରହରି ନାଏକ, ଗୋବର୍ଦ୍ଧନ ନାଏକଙ୍କ ସମେତ ସମସ୍ତ ସଭ୍ୟାସଭ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।





ସର୍ବଭାରତୀୟ ଅଖଣ୍ଡଭୂୟାଁ ମହାସମାଜ ପକ୍ଷରୁ ସୁବଳୟା ମାଦ୍ରୀ କାଲୋ ସ୍ମୃତିସଦନଠାରେ ନୂଆଁଖାଇ ଭେଟଘାଟରେ ଅତିଥିମାନେ।





ଜିଲା ଫୁଟବଲ ଚମ୍ପିୟନଶିପ୍‌ର ନବମ ଦିବସରେ ଅତିଥି ଓ ଆୟୋଜକଙ୍କ ଗହଣରେ ଖେଳାଳିମାନେ।

### ଜିଲା ଫୁଟବଲ ଚମ୍ପିୟନଶିପ୍‌ର ନବମ ଦିବସ

## ନବଜୀବନ, ଏସ୍‌ଟି କ୍ଲବ ବିଜୟୀ

ସୁନ୍ଦରଗଡ,୧୬।୯ (ଡି.ଏନ୍.ଏ.)

ସୁନ୍ଦରଗଡ ଷ୍ଟାଡିୟମଠାରେ ଜିଲା କ୍ରୀଡାସଂସଦ ଆନୁକୂଲ୍ୟରେ ଜିଲା ଫୁଟବଲ ଚମ୍ପିୟନଶିପ୍ ଚାଲିଛି। ସୋମବାର ଥିଲ ନବମ ଦିବସ। ପ୍ରଥମ ମ୍ୟାଚ୍ ନବଜୀବନ କ୍ଲବ ମହାନ୍ତିପଡା ସହିତ ଯୁବଜ୍ୟୋତି କ୍ଲବ ମସ୍ନିକାନୀ ମଧରେ ଅନୁଷ୍ଠିତ ହୋଇଥିଲା। ସଂଘର୍ଷପୂର୍ଣ୍ଣ ଏହି ମ୍ୟାଚରେ ନବଜୀବନ କ୍ଲବ ୨-୧ ଗୋଲରେ ବିଜୟୀ ହୋଇଥିଲା । ଦ୍ୱିତୀୟ ମ୍ୟାଚ୍ ଏସ୍‌ଟି କ୍ଲବ ଟାଙ୍ଗରମୁଣ୍ଡା ସହିତ ଜୟଜଗନ୍ନାଥ କ୍ଲବ ଫୁଲଝୁଡି ମଧରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଏସ୍‌ଟି କ୍ଲବ ୪-୧ ଗୋଲରେ ଜୟଜଗନ୍ନାଥ କ୍ଲବ ଫୁଲଧୁଡିକୁ ପରାସ୍ତ କରିଥିଲା । ପୂର୍ବତନ ଫୁଟବଲ ଖେଳାଳି ସମାପ୍ତେନ୍ଦୁ ମେହେର ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଭାବେ ଜିଲା ବକ୍ସିଂ ସଂପାଦକ ଅନୀଲ କୁମାର ବହିଦାର ଯୋଗ ଦେଇଥିଲେ। ମ୍ୟାଚକୁ ରେଫରୀ ଅଶୋକ ପାଣ୍ଡବ, ମହମ୍ମଦ ସଫାରତ, ସୁଶାନ୍ତ ଷଣ୍ଡ, ସନ୍ନ୍ୟାସୀ ମୁଣ୍ଡା ପରିଚାଳନା କରିଥିଲେ। ମଙ୍ଗଳବାର ପ୍ରଥମ ମ୍ୟାଚ କନକତୁରା ଆକେଏମ୍ କ୍ଲବ ସହିତ ବାଲିଶଙ୍କରା ଫୁଟବଲ କ୍ଲବ ମଧ୍ୟରେ ଅନୁଷ୍ଠିତ ହେବ । ଦ୍ୱିତୀୟ ମ୍ୟାଚ ନିଉ ଜେନେରେସନ କ୍ଲବ କିଞ୍ଜିରିକେଲା ସହିତ କୁଣ୍ଡୁକେଲା ଆଥ୍‌ଲେଟିକ ଆସୋସିଏସନ୍ ମଧ୍ୟରେ ହେବ। ଜିଲା କ୍ରୀଡା ସଂସଦର ସାଧାରଣ ସଂପାଦକ ପ୍ରଭାତ କୁମାର ଭୋଳ, ଫୁଟବଲ ସଂପାଦକ ନିତ୍ୟ କୁମାର ବଳଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ମ୍ୟାଚରେ ସହସଂପାଦକ ଜୟଦେବ ପାତ୍ର, ଦିବ୍ୟସିଂ ନାଏକ, ବୀରମିତ୍ର କାଲୋ, ଅଜୟ ବହିଦାର ପ୍ରଶାନ୍ତ ନାଏକ,ସୁରଜ ଭୈଷାଁଲ, ଶିଶିର ପଟେଲ, ଆଶୀଷ ଦେ, ବିଶ୍ୱରଞ୍ଜନ ହୋତା, ରୋମାଞ୍ଚ ଭୈଷାଁଲ ପ୍ରମୁଖ ଉପସ୍ଥିତ ଥିଲେ।

## ବିଦ୍ୟାଧର, ବସୁମତୀଙ୍କୁ ଭତ୍ତା ମିଳୁନି

ସୁନ୍ଦରଗଡ,୧୫।୯ (ଡି.ଏନ୍.ଏ.)

ବିଦ୍ୟାଧର ଦଣ୍ଡସେନା । ବୟସ ୮୦ ଡେଇଁଲାଣି। ସ୍ତ୍ରୀ ବସୁମତୀଙ୍କୁ ମଧ ୭୦ ଡେଇଁଲାଣି । ହେଲେ ସରକାରଙ୍କ ବାର୍ଦ୍ଧକ୍ୟ ଭତ୍ତା ଯୋଜନା ଏମାନଙ୍କ ପାଇଁ ଅପହଞ୍ଚ ହୋଇପଡିଛି । ଲେଫ୍ରିପଡା ବ୍ଲକର ଅଁଲାବାହାଲ ବାଦିବାହାଲ ଗ୍ରାମର ଏହି ଦମ୍ପତ୍ତି ବଞ୍ଚିବା ପାଇଁ ଅସହାୟ ହୋଇ ପଡିଛନ୍ତି। ଟାଙ୍ଗରପାଲି ବ୍ଲକ ଅବନକେଲାର ମୂଳବାସିନ୍ଦା ବିଦ୍ୟାଧର ୪୦ବର୍ଷରୁ ଅଧିକ ହେବ ଶ୍ୱଶୁର ଘର ବାଦିବାହାଲରେ ରହି ଆସୁଛନ୍ତି। ଏମାନଙ୍କ ପିଲାପିଲା ନାହିଁ। ତେବେ ଭତ୍ତା ପାଇବା ପାଇଁ ଏହି ଦମ୍ପତ୍ତି ପଞ୍ଚାୟତ କାର୍ଯ୍ୟାଳୟଠାରୁ ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଦୌଡି ଦୌଡି ଥକି ପଡିଛନ୍ତି। ବସୁମତୀଙ୍କ କହିବା ଅନୁଯାୟୀ କୁଆଡେ ସରକାରୀ ବାବୁମାନେ ତାଙ୍କ ବୟସ ଆଧାର କାର୍ଡ ଓ ଭୋଟର ପରିଚୟ ପତ୍ରରେ ୪୦ବର୍ଷ ହୋଇଥିବାରୁ ଭତ୍ତା ମିଳିବ ନାହିଁ କହି ଫେରାଇ ଦେଉଛନ୍ତି। ମାତ୍ର ଭୋଟର ପରିଚୟ ପତ୍ର ଓ ଆଧାର କାର୍ଡ କେଉଁଠି କିଏ ତିଆରି କରୁଛି ତାହା ସେ ଜାଣନ୍ତି ନାହିଁ। ବର୍ଷେ ହେବ ୩୫ କେଜି ଚାଉଳ ଅବଶ୍ୟ ମିଳୁଛି। ଛେଳି ପୋଷି ଉଭୟ ଚଳୁଛନ୍ତି। ବିଦ୍ୟାଧର ମଧୁମେହରେ ପୀଡିତ। ତାଙ୍କ ହାତ ଗୋଡ ଫୁଲିଯିବା ସହ ପାଦରେ ହୋଇଥିବା ଘାଆ ଶୁଖୁନାହିଁ। ଏଣୁ ସୁନ୍ଦରଗଡ ଡାକ୍ତରଖାନାରେ ସପ୍ତାହେ ହେବ ଭର୍ତ୍ତି ହୋଇଛନ୍ତି। ପାଖରେ ବସୁମତୀ ଜଗି ରହିଛନ୍ତି। ଉଭୟଙ୍କୁ ଭତ୍ତା ମିଳିଲେ ଚଳିବାକୁ ସୁବିଧା ହୁଅନ୍ତା ବୋଲି ଏହି ଦମ୍ପତ୍ତି କହିଛନ୍ତି।



ସ୍ତ୍ରୀ ବସୁମତୀଙ୍କ ସହ ବିଦ୍ୟାଧର ଦଣ୍ଡସେନା

## ଜିଲାସ୍ତରୀୟ ସଂସ୍କୃତ ଦିବସ ପାଳନ ପ୍ରସ୍ତୁତି ବୈଠକ

ସୁନ୍ଦରଗଡ,୧୬।୯ (ଡି.ଏନ୍.ଏ.): ଜିଲା ସଂସ୍କୃତ ଶିକ୍ଷକ ସଂଘ ତରଫରୁ ଜିଲାସ୍ତରୀୟ ସଂସ୍କୃତ ଦିବସ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ କୁଆଁରମୁଣ୍ଡା ବାଳିକା ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଅଶୋକ କୁମାର ମାହାନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜିଲା ସଂପାଦକ ବିଭୀଷଣ ବାରିକ ସ୍ୱାଗତ ଅଭିଭାଷଣ ଓ ବିବରଣୀ ପାଠ କରିଥିଲେ । ଚଳିତ ବର୍ଷ ସଂସ୍କୃତ ଦିବସ ଅକ୍ଟୋବର ୨୧ରୁ ୨୪ ତାରିଖ ମଧ୍ୟରେ ପାଳନ କରିବା ପାଇଁ ବୈଠକରେ ସ୍ଥିର ହୋଇଥିଲା । ବୈଠକରେ ଓମପ୍ରକାଶ କିଶାନ, ସୂର୍ଯ୍ୟମଣି ଦାସ, ରବୀନ୍ଦ୍ର ନାଥ ପୋଥାଳ, ଗୁରୁ ଚରଣ ଅଧିକାରୀ, କନକଲତା ଜେନା, କିଶୋର ଚନ୍ଦ୍ର ଜେନା, ଅନୀଲ ପାଣିଗ୍ରାହୀ, ଗଣେଶ୍ୱର ବରୁଆ, ବିଶ୍ୱନାଥ ମିଶ୍ର, ମାନସ ରଞ୍ଜନ ମଲ୍ଲିକ, ରମେଶ ଲାକ୍ରା, ସୁଶୀଲ ଟପ୍ପୋ ପ୍ରମୁଖ ଉପସ୍ଥିତ ରହି ଏହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଆଗାମୀ ବୈଠକ ୨୨ ତାରିଖ ରବିବାର କୁତ୍ରାଠାରେ ଅନୁଷ୍ଠିତ ହେବ।

## ୧୫ ବର୍ଷ ହେଲା ଭଙ୍ଗାପୋଲ ନିର୍ମାଣ ହେଉନି

ବଡଗାଁ, ୧୬।୯ (ଡି.ଏନ.ଏ.)

ବଡଗାଁ ବ୍ଲକ ଅନ୍ତର୍ଗତ ତୁଡାଲଗା ପଞ୍ଚାୟତର ବାଉଁଶେନ ଗାଁ ନିକଟରେ ଥିବା ପୋଲଟି ୧୫ବର୍ଷ ପୂର୍ବେ ଭାଙ୍ଗି ଯାଇଛି। ଫଳରେ ଗାଡିମୋଟର ଚଳାଚଳ ସଂପୂର୍ଣ୍ଣ ବନ୍ଦ ହୋଇଯାଇଛି। ତୁଡାଲଗାରୁ ବାଉଁଶେନ ଦେଇ ଉକ୍ତ ରାସ୍ତା ଯାଇଛି। ବୁନଦା, ଟୁରିପୋଷ, ବିର୍ସୁ ଓ କୁତ୍ରା ବ୍ଲକର କାଦୋପଡା ଗ୍ରାମକୁ ଏହା ସଂଯୋଗ କରଛି। ବଡଗାଁ ଓ କୁତ୍ରା ବ୍ଲକର ପ୍ରାୟ ୮/୧୦ଟି ଗ୍ରାମର ଲୋକେ ଏହା ଉପରେ ଯାତାୟତ କରିଥାନ୍ତି। ହେଲେ ବିଭାଗୀୟ ଅଧିକାରୀ ଓ ଜନପ୍ରତିନିଧିମାନଙ୍କ ଉଦାସୀନତା ଯୋଗୁ ମରାମତି କିମ୍ବା ନୂତନ ପୋଲ ନିର୍ମାଣ ହୋଇପାରିନାହିଁ। ୧୫ ବର୍ଷ ମଧ୍ୟରେ ୩ଥର ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ହୋଇଛି । ହେଲେ କେହି ଜଣେ ବି ଜିଲା ପରିଷଦ ସଭ୍ୟ, ବ୍ଲକ ଅଧକ୍ଷ, ସମିତି ସଭ୍ୟ ଏହି ପୋଲ ନିର୍ମାଣ କିମ୍ବା ମରାମତି କିପରି ହେବ ସେ ଦିଗରେ ଉଦ୍ୟମ କରିନାହାନ୍ତି। ଆଖପାଖ ଗ୍ରାମବାସୀ ବହୁବାର ଜନପ୍ରତିନିଧି, ରାଜନୈତିକ ଦଳର ନେତା, ପ୍ରଶାସନିକ ଅଧିକାରୀଙ୍କୁ ଜଣାଇ ନିରାଶ ହୋଇଛନ୍ତି। ତୁଡାଲଗା ଓ ବାଉଁଶେନ ଗ୍ରାମବାସୀ ଗତ ସପ୍ତାହ ସୁନ୍ଦରଗଡ ସ୍ୱତନ୍ତ୍ର ବିକାଶ ପରିଷଦ ଅଧକ୍ଷ ବିନୟ ଟପ୍ପୋଙ୍କୁ ଏହା ଉପରେ ଲିଖିତ ଭାବେ ଜଣାଇଥିଲେ। ଅଧକ୍ଷ ଟପ୍ପୋ ବଡଗାଁ ବ୍ଲକ୍ କର୍ତ୍ତୃପକ୍ଷଙ୍କ ସହ ନୂତନ ପୋଲ ନିର୍ମାଣ କରାଇବାକୁ ଆଲୋଚନା କରିଛନ୍ତି। ବିଜେଡି ଜିଲା ଏସ୍‌ସି ସେଲ୍ ସାଧାରଣ ସମ୍ପାଦକ ଧନୁର୍ଯ୍ୟୟ ମହାନନ୍ଦ ଏହି ଭଙ୍ଗା ପୋଲ ବୁଲି ଦେଖିଲା ପରେ ବ୍ଲକ୍ କର୍ତ୍ତୃପକ୍ଷଙ୍କୁ ସମସ୍ୟା ସମ୍ପର୍କରେ ଜଣାଇଛନ୍ତି। ତେବେ ପଞ୍ଚାୟତ ସମିତି ବୈଠକରେ ପ୍ରସ୍ତାବ ଗୃହିତ କରି ଗ୍ରାମ୍ୟ ଉନ୍ନୟନ ବିଭାଗକୁ କାମ ପାଇଁ କୁହାଯିବ ବୋଲି ବିଡିଓ କ୍ଷମାନିଧି ଭୋଇ କହିଛନ୍ତି ।



୧୫ ବର୍ଷ ହେଲା ବିପଦସଂକୁଳ ଅବସ୍ଥାରେ ପୋଲ।

## ସୁନ୍ଦରଗଡ଼ରୁ ଝାରସୁଗୁଡ଼ା ଷ୍ଟେଶନକୁ ସିଟି ବସ୍ ଚଳାଅ

ସୁନ୍ଦରଗଡ,୧୬।୯ (ଡି.ଏନ୍.ଏ.)

ସ୍ୱାଧୀନତାର ୭୦ବର୍ଷ ପରେ ମଧ୍ୟ ସୁନ୍ଦରଗଡ ଜିଲା ସଦର ମହକୁମା ସିଧାସଳଖ ରେଳ ସଂଯୋଗରୁ ବଞ୍ଚିତ। ପ୍ରତିଦିନ ଶହ ଶହ ରେଳଯାତ୍ରୀ ଦୂରଦୂରାନ୍ତକୁ ଯାତ୍ରା କରିବା ପାଇଁ ଝାରସୁଗୁଡା କିମ୍ବା ରାଜଗାଙ୍ଗପୁର ରେଳ ଷ୍ଟେଶନ ଉପରେ ନିର୍ଭର କରୁଛନ୍ତି। ସୁନ୍ଦରଗଡରୁ ଝାରସୁଗୁଡା ରେଳ ଷ୍ଟେଶନକୁ ଏକ ସ୍ୱତନ୍ତ୍ର ସିଟି ବସ୍ ସେବା ଯୋଗାଇ ଦେବାକୁ ଦାବି କରି ସୋମବାର ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ସୁନ୍ଦରଗଡ ଜିଲାପାଳଙ୍କଠାରେ ଦାବି କରାଯାଇଛି । ସୁନ୍ଦରଗଡର ଏଭଳି ଏକ ମୌଳିକ ଓ ନାର୍ଯ୍ୟଦାବି ପ୍ରତି ଜିଲା ପ୍ରଶାସନ ଧ୍ୟାନଦେଇ ପଦକ୍ଷେପ ନେବେ ବୋଲି ଏକତା ମଞ୍ଚ ଆଶା ପ୍ରକାଶ କରିଛି। ମଞ୍ଚ ପକ୍ଷରୁ ଜିଲାପାଳଙ୍କୁ ଏହି ମର୍ମରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏଥିରେ ଦର୍ଶାଯାଇଛି ଯେ, ସୁନ୍ଦରଗଡ ଅଞ୍ଚଳରୁ ବିଶେଷ କରି ବିଭିନ୍ନ ସରକାରୀ, ବେସରକାରୀ କାମ, ଉଚ୍ଚଶିକ୍ଷା ଲାଭ ଓ ଉନ୍ନତମାନର ଚିକିତ୍ସା ସୁବିଧା ପାଇଁ ଶତାଧିକ ରେଳଯାତ୍ରୀ କଟକ, ଭୁବନେଶ୍ୱର, ରାୟପୁର, ଦିଲ୍ଲୀ ଆଦି ବିଭିନ୍ନ ସ୍ଥାନକୁ ଯାତ୍ରା କରିଥାଆନ୍ତି। ଝାରସୁଗୁଡାରୁ ସୁନ୍ଦରଗଡ ଓ ସୁନ୍ଦରଗଡରୁ ଝାରସୁଗଡାକୁ ଯାତାୟତ କରିବା ପାଇଁ ବେସରକାରୀ ବସ୍ ସୁବିଧା ଥିଲେ ହେଁ ସନ୍ଧ୍ୟା ପରେ ସୁନ୍ଦରଗଡ ଆସିବାକୁ ରେଳଯାତ୍ରୀ ସମେତ ଅନେକ ସାଧାରଣ ଯାତ୍ରୀ ମଧ୍ୟ ବିଶେଷ ହଇରାଣ ହେଉଛନ୍ତି। ପ୍ରଥମ କରି ତପସ୍ୱିନୀ ଏକ୍ସପ୍ରେସ୍ ଓ ରାଉରକେଲା-ଭୁବନେଶ୍ୱର ଇଣ୍ଟରସିଟି ଏକ୍ସପ୍ରେସରେ ଯାତ୍ରୀମାନଙ୍କୁ ଠିକ୍ ସମୟରେ ଝାରସୁଗୁଡା ରେଳ ଷ୍ଟେଶନରୁ ନେବା ଆଣିବା ପାଇଁ ତୁରନ୍ତ ସୁନ୍ଦରଗଡରୁ ଏକ ସ୍ୱତନ୍ତ୍ର ସିଟି ବସ୍ ଚଳାଚଳର ଆବଶ୍ୟକତା ଜରୁରୀ ହୋଇଛି। ଆବାହକ ଭବାନୀ ଶଙ୍କର ଭୋଇଙ୍କ ନେତୃତ୍ୱରେ ସଂଗଠନର ମୁଖ୍ୟ ସଂଯୋଜକ ମାନସରଞ୍ଜନ ବକ୍ସି, ଦେବାଶୀଷ ବେହେରା, ପଙ୍କଜିନୀ ମେହେର, କାନ୍ତି ମେହେର, ରୋଶନ ସାହୁ, ଡାଃ ହିମାଂଶୁ ଷଡଙ୍ଗୀ, ଗୌରାଙ୍ଗ ଧଳ, ଡମ୍ବରୁଧର ନାୟକ, ବିବେକ ନାୟକ, ସୌମ୍ୟରଞ୍ଜନ ମହାପାତ୍ର, ଶୁଭମ୍ ଶର୍ମା ପ୍ରମୁଖ ସୁନ୍ଦରଗଡ ଜିଲାପାଳଙ୍କ ଅନୁପସ୍ଥିତିରେ ସଦର ଉପଜିଲାପାଳ ଡୋଳାମଣି ପଟେଲଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ।

### ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ଜିଲାପାଳଙ୍କଠାରେ ଦାବି





ପଶ୍ଚିମାଞ୍ଚଳ ଏକତା ମଞ୍ଚ ସଦସ୍ୟ ଜିଲା ପ୍ରଶାସନକୁ ଭେଟିବାକୁ ଆସିଛି।